ବାର୍ଷିକ ସଂଖ୍ୟା

ଉତ୍କଳପ୍ରଭା

ବାରିପଦା, ଆଶ୍ୱିନ ୧୩୪୭



उत्तिष्ठत जाग्रत प्राप्य वरान्निबोधत

Digitized by srujanika@gmail.com

PHONE 2492 CAL.

GRAM "LAVATORY"

SANITATION

PLUMBING
DRAINAGE
& WATER-WORKS.

CONSULT

S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

Yearly Subscription	Rs. 3
Single Copy	As. 12

Postage Extra.

Manager—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

J. N. CHUNDER & BROS.

14/2 Old Chinabazar Street Room No. 105 CALCUTTA

CHEAPEST HOUSE FOR

PRINTING & STATIONERY GOODS

Please ask for Price List.

Bhanja Pradeepa

It is an illustrated Oriya quarterly quite independent of the English Edition of the Mayurbhanj Chronicle.

SUBSCRIPTION

Annual -	*Rs. 0-12-0*	*(post free)*
	1-4-0	*(with postage)*
Price per copy ,,	*0-3-0*	*(post free)*
	0-5-0	*(with postage)*

Manager— N. C. SANYAL, B.A.
BHANJA PRADEEPA

Digitized by srujanika@gmail.com

M·B·SIRKAR & SONS

Son and grandsons of Late **B. SIRKAR.**
MANUFACTURING JEWELLERS
DEALERS IN GUINEA (22 CT.) GOLD ONLY.
124 & 124/1, BOWBAZAR STREET, **CALCUTTA.**



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.



PHONE:-B.B.1761. **TEL:-BRILLIANTS.**

ସାଧନା ଔଷଧାଳୟ—ଢାକା (ବଙ୍ଗ)

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।

ଶାଖା ଅଫିସମାନ:— ଶ୍ୟାମବଜାର—କଲିକତା ([illegible] ନିକଟ) । (୨) ୨୧୩, ବଉବଜାର ଷ୍ଟ୍ରିଟ, କଲିକତା ।
(୩) ଏଣ୍ଡରକିଲ୍ଲା, ଚଟ୍ଟଗାଙ୍ଗ (୪) ପାଟୁଆଟୋଲି ଷ୍ଟ୍ରିଟ - ଢାକା । (୫) ଦିନାଜପୁର (୬) ୭୨/୪ ଷ୍ଟ୍ରାଣ୍ଡରୋଡ, ବୁରାବଜାର, କଲିକତା ।
ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହେଉଥିବା ପରମ ଶୁଦ୍ଧ ଔଷଧ ଗ୍ୟାରେଣ୍ଟି ଦିଆଯିବ ।
[illegible]:— ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରି ଯାଉଥାଏ ।

ମକରଧ୍ୱଜ (ସ୍ୱର୍ଣ୍ଣସିନ୍ଦୂର) ଏକ ତୋଲାକୁ —ଟ୪୮ଙ୍କା

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

ସାରିବାଦି ସାଲସା ଏକ ସେରକୁ—ଟ ୬ୟ ଅଣା

ଏହା [illegible] ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।

Digitized by srujanika@gmail.com

ଭଞ୍ଜପ୍ରଦୀପ

ଅଷ୍ଟମ ଭାଗ **୧ମ ସଂଖ୍ୟା**

ସୂଚି-ପତ୍ର

			ପୃଷ୍ଠା
୧ ।	ସାହିତ୍ୟ ଓ ତାହାର ପ୍ରୟୋଜନୀୟତା	ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ	୧
୨ ।	କ୍ଷଣିକତା (କବିତା)	ଶ୍ରୀ ଯୋଗେଶ ଚନ୍ଦ୍ର ଦେ, ଏମ୍. ଏ., ବି. ଇଡ୍.	୫
୩ ।	ପକ୍ଷି-ସମ୍ମୁଖ	ଶ୍ରୀ ଜଗତ୍ ମୋହନ ସେନ୍, ବି. ଏସ୍‌ସି., ବି. ଇଡ୍.	୬
୪ ।	ସହଜଜ୍ଞାନ ଓ ସ୍ୱଚ୍ଛନ୍ଦତା	ଶ୍ରୀ ଶଶିଭୂଷଣ ରାୟ	୯
୫ ।	ଦିବସ ଓ ସନ୍ଧ୍ୟା (କବିତା)	ଶ୍ରୀ ନିତ୍ୟାନନ୍ଦ ମହାପାତ୍ର	୧୨
୬ ।	ଯୌବନ ବୃଣିବ	ଶ୍ରୀ ପଦ୍ମଚରଣ ପଟ୍ଟନାୟକ, ବି. ଏଲ୍.	୧୨
୭ ।	ଶିମିଳିପାଳ	ଶ୍ରୀ ନବକିଶୋର ଦାସ, ବି. ଏ.	୧୫
୮ ।	ଶ୍ରାବଣେ (କବିତା)	ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ବି. ଏସ୍‌ସି., ଏମ୍. ଆର୍. ଏ. ଏସ୍., ଏଫ୍. ଆର୍. ଏ. ଆଇ.	୧୮
୯ ।	କାବ୍ୟ-ବିଶ୍ଳେଷଣ	ସୁଲଚ ଗୁପ୍ତ	୧୯
୧୦ ।	ଜଳାକ୍ରୁଷ୍ଟ କ୍ରିୟାକଳାପ	ଶ୍ରୀ କ୍ଷୀରୋଦଚନ୍ଦ୍ର ପାଲ, ଏଲ୍. ଏମ୍. ପି.	୨୪
୧୧ ।	ଝିରଙ୍ଗ (ପଦ୍ୟ)	ଶ୍ରୀ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ	୨୬
୧୨ ।	ଦେଶୀୟ-ରାଜ୍ୟ-ସମାଚାର		୨୭
୧୩ ।	ସମ୍ବାଦ ଓ ସଙ୍କେତ		୩୧

ଚିତ୍ର-ସୂଚି

୧ ।	ବାରିପଦା ଜେନାନା ହସ୍ପିଟାଲ		ପ୍ରଚ୍ଛଦପଟ
୨ ।	ସାଗର-ସଙ୍ଗମ	ଶିଳ୍ପୀ ଶ୍ରୀ ଜଗତ୍ ମୋହନ ସେନ୍	୧ମ ପୃଷ୍ଠାର ସମ୍ମୁଖ
୩ ।	କେତେ ଗୁଡ଼ିଏ ପକ୍ଷୀର ଗୋଡ଼		୭
୪ ।	କୌଶଲ୍ୟା ଓ ଦୁଇ ଭଉଣୀ	ଶିଳ୍ପୀ ଶ୍ରୀ ବିପିନ ଚୌଧୁରୀ	୨୦ଶ ପୃଷ୍ଠାର ସମ୍ମୁଖ
୫ ।	ବିଲ୍ୱାରଣ ଶୋଭାଯାତ୍ରା		୩୧
୬ ।	ବାରିପଦା ଜେନାନା ହସ୍ପିଟାଲ		୩୨

Digitized by srujanika@gmail.com

ସାଗର୍ ସଙ୍ଗମ

ଶିଳ୍ପୀ—ଶ୍ରୀ ଜଗତ୍ ମୋହନ ସେନ୍

Digitized by srujanika@gmail.com

ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ | ସହକାରୀ ସମ୍ପାଦକ—ଶ୍ରୀ ହରିହର ମହାପାତ୍ର

ବାର୍ଷିକ ସଂଖ୍ୟା

ଅଷ୍ଟମ ଭାଗ | ଆଶ୍ୱିନ, ସନ ୧୩୪୭ ସାଲ | ୧ମ ସଂଖ୍ୟା

ସାହିତ୍ୟ ଓ ତାହାର ପ୍ରୟୋଜନୀୟତା *

ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ

ସାହିତ୍ୟ କଅଣ ? ଏ ପ୍ରଶ୍ନର ଉତ୍ତର ଦେବା ସହଜ ନୁହେ । ମୁଖ୍ୟତଃ ଏହା ବୋଲି ଯାଇପାରେ ଯେ ଯେଉଁ ରଚନା କଳ୍ପନାର ରଞ୍ଜନ ସ୍ପର୍ଶରେ ରସମୟ ହୋଇ ଉଠିଛି ତାହାହିଁ ସାହିତ୍ୟ ନାମର ଯୋଗ୍ୟ । ପୃଥିବୀ ମଧ୍ୟରେ ନିତ୍ୟ ନିୟୁତ ଯେଉଁ ସକଳ ପୁସ୍ତକ ପ୍ରକାଶିତ ହେଉଅଛି ସେ ସବୁ ଗୁଡ଼ିକ ସାହିତ୍ୟ ନୁହେ । ପୃଥିବୀର ଜ୍ଞାନୀଲୋକମାନେ ନାନା ବିଷୟର ଗବେଷଣା କରି ଜ୍ଞାନର ଅନୁଶୀଳନ ପାଇଁ ଦର୍ଶନ, ବିଜ୍ଞାନ ଓ ଇତିହାସ ପ୍ରଭୃତି ବିଷୟରେ ଯେତେ ଯେତେ ଗ୍ରନ୍ଥ ଲେଖିଅଛନ୍ତି ସେ ସମୁଦାୟ ମଧ୍ୟରୁ ଅନେକ ଗୁଡ଼ିଏ ସାହିତ୍ୟ ନାମର ଅଯୋଗ୍ୟ । ବିଜ୍ଞାନର ଗବେଷଣାତତ୍ତ୍ୱ ସାହିତ୍ୟ ନୁହେ କିମ୍ବା ଦର୍ଶନର ଗୂଢ଼ତମ ତତ୍ତ୍ୱର ଆଲୋଚନା ମଧ୍ୟ ସାହିତ୍ୟ ନୁହେ । ଅଥଚ ଆମ୍ଭେମାନେ ଜାଣୁ ଯେ "ଡ଼ାମରିକାଉ କବିତା", "ଗଲଣି ତ ଗଲକଥା", "ଲହଇ ମନ ଆରେ ମୋ ବୋଲ କର......" ଇତ୍ୟାଦି ସାହିତ୍ୟର ଅଙ୍ଗ ବିଶେଷ । ଅତଏବ ଜ୍ଞାନର ବିସ୍ତୃତି ସଙ୍ଗେ ସାହିତ୍ୟର କୌଣସି ଘନିଷ୍ଠ ସମ୍ପର୍କ ଥିବାର ଦେଖାଯାଉ ନାହିଁ : ଏବଂ ଯାହା ଦ୍ୱାରା ମନୁଷ୍ୟର ଜ୍ଞାନ ବିସ୍ତାର ଲାଭ କରେ ତାହା ସାଧାରଣତଃ ସବୁ କ୍ଷେତ୍ରରେ ସାହିତ୍ୟ ବୋଲି ବିବେଚିତ ହୋଇ ପାରେ ନାହିଁ ।

କିନ୍ତୁ ଜ୍ଞାନର ଉଦ୍ଦେଶ୍ୟ ସତ୍ୟପ୍ରଚାର । ଯାହାର ସ୍ଥିତି ମୋତେ ଜଣା, ଯାହା ଅଛି ଓ ହେବ ବୋଲି ମୋର ବିଶ୍ୱାସ, ଯାହାର ସତ୍ତା ମୋଠାରେ ସୁସ୍ପଷ୍ଟ ପ୍ରତୀୟମାନ ତାହାହିଁ ମୋର ଜ୍ଞାନ ଓ ତାହାର ପ୍ରଚାର ମୋର ଶ୍ରେଷ୍ଠ କର୍ତ୍ତବ୍ୟ । ମାତ୍ର ମନୁଷ୍ୟର ଜ୍ଞାନ ସର୍ବଥା ସୀମାବଦ୍ଧ । ମନୁଷ୍ୟର ଜ୍ଞାନର ଏହି ଅଳ୍ପତା ମଧ୍ୟ ଦେଇ ଯେଉଁ ଅନୁବେଦନାର ଶକ୍ତି (feeling) ପ୍ରକାଶ ଲାଭ କରେ ତାହାରି ମଧ୍ୟରେହିଁ ସାହିତ୍ୟର ଉତ୍ପତ୍ତି । ମନୁଷ୍ୟ ପ୍ରଥମ ଅବସ୍ଥାରେ ସ୍ୱୀୟ ଜ୍ଞାନର ପ୍ରଖରତାରେ କିଛିକାଳ ଅଭିଭୂତ ଥାଇ ପାରେ, କିନ୍ତୁ ଏପରି ଏକ ସମୟ ତା ପ୍ରତି ଆସେ ଯେ ସେ ଭାବେ—ଜ୍ଞାନଦ୍ୱାରା ପୃଥିବୀର ସକଳ ବିଷୟରେ ଅଭିଜ୍ଞତା ଅର୍ଜନ କରିବା ଅସମ୍ଭବ ।

* ବାରିପଦା ସାହିତ୍ୟ ସମାଜର ଚତୁର୍ଥ ବାର୍ଷିକ ଅଧିବେଶନରେ ପଠିତ ।

Digitized by srujanika@gmail.com

ମନୁଷ୍ୟ ଯେତେବେଳେ ଦେଖେ ଯେ ସନ୍ୟାସୀର କଠୋରତା ବାଳକର ସରଳ ମଧୁର କଥାଲହରୀ ମଧ୍ୟରେ ନିଜର ସଂଯମ ଭୁଲିଯାଏ, ବେଦାନ୍ତକାରର "କା ତବ କାନ୍ତା କସ୍ତେ ପୁତ୍ରଃ... ..." ପ୍ରିୟଜନର ମୃତ୍ୟୁଶଯ୍ୟା ନିକଟରେ ନୀରବ ହୋଇ ହୃଦୟରେ ଏକ ହାହାକାର ସୃଷ୍ଟି କରେ, କର୍ମବୀରର ଅଟଳ ପ୍ରତିଜ୍ଞା ଅନ୍ୟର ଦୈନ୍ୟ ଦେଖି କ୍ଷଣକେ ବିଲୁପ୍ତ ହୁଏ, ସେତେବେଳେ ସେ ଭାବେ ଯେ କେବଳ ଜ୍ଞାନଦ୍ୱାରା ନିଜର ଚିତ୍ତବୃତ୍ତିକୁ ରୁଦ୍ଧ ରଖି କର୍ମ-ମାର୍ଗରେ ଅଗ୍ରସର ହେବା ଅସମ୍ଭବ । ଜୀବନର ପୁଞ୍ଜୀଭୂତ ଶୋକ ସନ୍ତାପ ସମ୍ମୁଖରେ ତର୍କଶାସ୍ତ୍ରର ସମସ୍ତ ଅସାରତା ମୁହୂର୍ତ୍ତି ମଧ୍ୟରେ ଉପଲବ୍ଧି କରି ମନୁଷ୍ୟ ହୃଦୟର ବ୍ୟାକୁଳତା ଦ୍ୱାରା ସମବେଦନାର ମୋହ ଦ୍ୱାରା ଜଗତକୁ ଦେଖିବାକୁ ଚେଷ୍ଟା କରେ । ମନୁଷ୍ୟର ଯେ ଗୋଟାଏ ହୃଦୟ ଅଛି, ସେହି ହୃଦୟ ଯେ ସଂସାରର ନାନା ଦୁଃଖ କଷ୍ଟ ଆବେଗ ଆନନ୍ଦର ତରଙ୍ଗର ଘାତ ପ୍ରତିଘାତ ଦ୍ୱାରା ପ୍ରତିକ୍ଷଣରେ ଉଦ୍‌ବେଳିତ ହୁଏ, ପ୍ରୀତି, ଆନନ୍ଦ, ଭକ୍ତି ଓ ବିଶ୍ୱାସ ଏ ଗୁଡ଼ିକ ଯେ ମନୁଷ୍ୟକୁ ତାହାର ଜୀବନର ପ୍ରତି ମୁହୂର୍ତ୍ତିରେ ନିୟନ୍ତ୍ରିତ କରେ ଓ ତାହାର ଜ୍ଞାନବୃତ୍ତି ଉପରେ ନିଜ ନିଜର ପ୍ରଭାବ ବିସ୍ତାର କରେ, ଏହି ଚିନ୍ତା ଯେତେବେଳେ ମାନବକୁ ଜୀବନମାର୍ଗରେ ପରିଚାଳିତ କରେ ଓ ଏହି ଚିନ୍ତାଦ୍ୱାରା ଅଭିଭୂତ ହୋଇ ମନୁଷ୍ୟ ଯେତେବେଳେ ଅପରକୁ ନିଜ ହୃଦୟର ଗୁପ୍ତ କଥାମାନ ଖୋଲି କହି ଦିଏ, ସମବେଦନାରେ ଅଭିଭୂତ ହୋଇ ଯେତେବେଳେ ସେ ଅନ୍ୟକୁ ନିଜ ହୃଦୟ ମଧ୍ୟରେ ପ୍ରତିଷ୍ଠିତ କରିବାକୁ ସଚେଷ୍ଟ ହୁଏ, ସେତେବେଳେ ସାହିତ୍ୟର ଉତ୍ପତ୍ତି ସାଧିତ ହୁଏ ।

ସାହିତ୍ୟ ସତ୍ୟ ସହିତ ଚିରକାଳ ସଂପୃକ୍ତ । ଦର୍ଶନର ନିରାଡ଼ମ୍ବର କଠୋର ସତ୍ୟ ସ୍ଥାନରେ ସାହିତ୍ୟ ନୂତନ ସତ୍ୟ ପ୍ରତିଷ୍ଠା କରେ । ବିଜ୍ଞାନର ଖଣ୍ଡ ଜ୍ଞାନ ଓ ବସ୍ତୁ ତତ୍ତ୍ୱ ଉପରେ ସାହିତ୍ୟ ମାନବ ଜୀବନର ପୂର୍ଣ୍ଣ ଜ୍ଞାନ ଓ ମାନବାତ୍ମା ସଙ୍ଗେ ପାର୍ଥିବ ପଦାର୍ଥର ସଂପର୍କ ନିରୂପଣରେ ସଚେଷ୍ଟ ହୁଏ । ଇତିହାସର ସ୍ଥାନ-କାଳନିବଦ୍ଧଘଟଣାସମାବେଶ ସ୍ଥାନରେ ସାହିତ୍ୟ ମାନବ ଜୀବନର ଚିରନ୍ତନ ଇତିହାସ ପ୍ରତିଷ୍ଠାରେ ବ୍ରତୀ ହୁଏ ।

କୋକିଳଟିଏ ସହକାର-କୁଞ୍ଜରେ ଗାଇଲା । ତାହାର ଉପାଦେୟତା ବିଭିନ୍ନ ଲୋକ ପକ୍ଷରେ ବିଭିନ୍ନ ପ୍ରକାର । ଜୀବତତ୍ତ୍ୱବିତ୍ ପକ୍ଷୀଟିର ରୂପ ଓ ତାହାର ସଙ୍ଗୀତର ସ୍ୱରୂପ ନିର୍ଣ୍ଣୟ କରି ତାହାର ପ୍ରକୃତ ସତ୍ତା ନିରୂପଣ କରି ଜଗତ ସଙ୍ଗେ ତାହାର ସମ୍ବନ୍ଧ ନିରୂପଣର ଚେଷ୍ଟା କଲା । ବୈଜ୍ଞାନିକ ତାହାର କୁହୁତାନକୁ ଯନ୍ତ୍ର ସାହାଯ୍ୟରେ ଧରି ଉପଭୋଗର ଏକ ଉପକରଣ ସୃଷ୍ଟି କଲା । ବ୍ୟାଧ ମନେ କଲା ଶୀକାର ପ୍ରତି ଶରସନ୍ଧାନ ପାଇଁ ଏହି କୁହୁତାନ ତାର ଏକ-ମାତ୍ର ସହାୟକ ... ... ଇତ୍ୟାଦି । କିନ୍ତୁ କୋକିଳର ସ୍ୱର-ଲହରୀ ଶୁଣି କବି ଅଭିଭୂତ ହୋଇ କହିଲା "ଆହା ! କି ମଧୁର ! ଏ କି ରହସ୍ୟମୟ !" ଅର୍ଥାତ୍ ତାର ସ୍ୱରଲହରୀ ଶୁଣିବା ସଙ୍ଗେ କବି ପ୍ରାଣରେ ଏକ ଅପୂର୍ବ ଆନନ୍ଦର ସୃଷ୍ଟି ହେଲା, ଏକ ନୂତନ ଭାବର ଆବିର୍ଭାବ ହେଲା । ପକ୍ଷୀଟିର ଜୀବନକଥା ଚିନ୍ତା ନ କରି କବି ତାର ସେହି 'କୁହୁ' ଦ୍ୱାରା ହୃଦୟରେ ଅନୁବେଦନା ଅନୁଭବ କରି ସେଥିରେହିଁ ବିମଳ ଆନନ୍ଦ ଉପଲବ୍ଧି କଲା । ଏହି ଆନନ୍ଦକୁ, ଏହି ଅନୁଭୂତିକୁ ପ୍ରକୃତ ଭାଷା ଦେଇ ଲୋକସମାଜରେ ପ୍ରଚାର କରିବାହିଁ ପ୍ରକୃତ ସାହିତ୍ୟ ଓ ମନୁଷ୍ୟ ପକ୍ଷରେ ଏହି ଆନନ୍ଦ ଚରମ ସତ୍ୟ । ପୁଣି ପକ୍ଷୀଟି ଯେତେବେଳେ ସହକାର କୁଞ୍ଜରୁ ଦୂରକୁ ଉଡ଼ିଗଲା, ଯେତେବେଳେ କବିହୃଦୟରେ କୋକିଳ ସଙ୍ଗୀତର ଯେଉଁ ମୂର୍ଚ୍ଛନା ଟିକକର ଗୁଞ୍ଜରଣ ହେଲା, ସେତିକିହିଁ, କେବଳ କବି ପକ୍ଷରେ ଅଦୃଶ୍ୟମାନ କୋକିଳ ଜୀବନର ଚରମ ସାର୍ଥକତା । ଜଗତରେ କବି ଅଛି ଓ କୋକିଳର କୁହୁ ଅଛି, କବିର ହୃଦୟ ଅଛି ଓ ସେହି ହୃଦୟ ଭିତରେ ଗୀତିମୁଖର କୋକିଳର ସଙ୍ଗୀତ-ପ୍ରବଣତାର ଛବି ବିମ୍ବିତ ହୋଇଅଛି, ଏହାହିଁ କବି ପକ୍ଷରେ ସତ୍ୟ ଓ ଏହାର ପ୍ରଚାର ସାହିତ୍ୟ ମଧ୍ୟଦେଇ ସମ୍ଭବ । ଏହି ଅନୁଭୂତିର ଭାଷାହିଁ ସାହିତ୍ୟର ଭାଷା ଓ ହୃଦୟରେ ସୁଖଦୁଃଖର ସମସ୍ତ ତରଙ୍ଗ ଦ୍ୱାରାହିଁ ସାହିତ୍ୟ ଗଠିତ ।

କଳ୍ପନା ସାହିତ୍ୟର ଚିର ସହଚର । ବିଜ୍ଞାନ, ଦର୍ଶନ ଓ ଇତିହାସରେ କଳ୍ପନାର ସ୍ଥାନ ନାହିଁ । ଗୋଟାଏ ପୁଷ୍ପର ଅବେକ୍ଷଣ ମଧ୍ୟରେ, ଦାର୍ଶନିକ, ବୈଜ୍ଞାନିକ ଓ ଐତିହାସିକମାନେ ଯେଉଁ ସତ୍ୟ ଉପଲବ୍ଧି କରିବେ ସେଥି ନିମନ୍ତେ ସେହି ବାସ୍ତବ ପୁଷ୍ପଟି ସେମାନଙ୍କର ଆବଶ୍ୟକ । କଳ୍ପନା ବଳରେ ଗୋଟିଏ ନୂତନ ପୁଷ୍ପ ସୃଷ୍ଟି କଲେ ତାହା ମଧ୍ୟରୁ ସେମାନେ ସତ୍ୟ ଗ୍ରହଣ କରିବାକୁ ଅକ୍ଷମ । କିନ୍ତୁ ଏ କ୍ଷେତ୍ରରେ କଳ୍ପନାରସିକ କବି-ପକ୍ଷରେ ପୁଷ୍ପର ସତ୍ତା ତାହାର ହୃଦୟରେ ପ୍ରତିଫଳିତ ପୁଷ୍ପର ବିରାଟତାରେ, ତାହାର ଅନ୍ତର ମଧ୍ୟରେ କଳ୍ପିତ ପୁଷ୍ପର ଐଶ୍ୱର୍ଯ୍ୟ-ସମ୍ଭାରରେ । ଏଣୁ କବିପକ୍ଷରେ ପୁଷ୍ପର ବିଶେଷ କୌଣସି ସତ୍ତା ଭିନ୍ନ ଏପରି ଏକ ମହନୀୟ ସତ୍ତା ଅଛି, ଯାହା ତାର ରୂପ ରସ ଗନ୍ଧ ଇତ୍ୟାଦିର ଅତୀତ ହୋଇ କବିର କଳ୍ପନା ମଧ୍ୟରେ ବିରାଜମାନ । ଏଣୁ ପୁଷ୍ପର ବର୍ଣ୍ଣନା ହେଲାବେଳେ କବି ନିଜର ଅନୁଭୂତିର ବର୍ଣ୍ଣନା ଦିଏ । କୌଣସି ବିଶେଷ ପୁଷ୍ପର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ଦେବା ନିଷ୍ପ୍ରୟୋଜନ ବୋଲି ସେ ମନେ କରେ । ଏଣୁ ଅରୂପକୁ ରୂପ ଦେବା ପାଇଁ ସମର୍ଥ କେବଳ କବି ।

ସାହିତ୍ୟିକ ନିଜ ହୃଦୟର କ୍ଷଣିକ ସ୍ପନ୍ଦନକୁ କଳ୍ପନା-ଚଳଚ୍ଚିତ୍ରରେ ରୂପଦେଇ ପାଠକମାନଙ୍କ ହୃଦୟ ସ୍ପନ୍ଦନ ସହିତ ମିଳାଇବାକୁ ଚେଷ୍ଟା କରିଥାଏ । କେବେ ଅବା ସୁଖମୟ ଜାଗ୍ରତ ସ୍ୱପ୍ନ ସୃଷ୍ଟି କରି ସେହି ସ୍ୱପ୍ନରେ ପାଠକମାନଙ୍କୁ ବିଭୋର କରି ଦେଇ-ଥାଏ । କେବେ ଅବା ପାଠକ ହୃଦୟରେ ଆଶା ଆକାଙ୍କ୍ଷାର ବୀଜ ରୋପଣ କରି ଐନ୍ଦ୍ରଜାଲିକ ପରି କ୍ଷଣକ ମଧ୍ୟରେ ଫଳପୁଷ୍ପରେ ମଣ୍ଡନ କରିଦିଏ । କେତେ ହୃଦୟର ରୁଦ୍ଧ ବ୍ୟଥା, ଆକୁଳ କ୍ରନ୍ଦନ, ତୀବ୍ର ମଧୁର ବିଷାଦ, କବିର ଲେଖନୀ ସ୍ପର୍ଶରେ ଜୀବନ ପାଇଥାନ୍ତି । ସାହିତ୍ୟର ମଧୁମୟୀ ମୂର୍ଚ୍ଛନା ସଂସ୍ପର୍ଶରେ ପାଠକ ହୃଦୟର କେତେ ଅଜଣା 'ସପ୍ତସ୍ୱର' ଜାଗ୍ରତ ହୋଇ ଉଠନ୍ତି । ସାହିତ୍ୟିକ ମଧ୍ୟ ମାନବ ହୃଦୟର ପରସ୍ପରବିରୋଧୀ ଭାବରାଜିକୁ,

ଧର୍ମବୁଦ୍ଧି ଓ ପାପବୁଦ୍ଧିର ସଂଗ୍ରାମକୁ, ଜ୍ୱଳନ୍ତ ଭାଷାରେ ଚିତ୍ରଣ କରି ଉନ୍ନତ ନୀତି-ଶିକ୍ଷା ଦେଇଥାଏ । ସୁଦକ୍ଷ କବି, ଔପନ୍ୟାସିକ ଓ ନାଟ୍ୟକାରମାନେ ଚରିତ୍ରଚିତ୍ରଣରେ ପ୍ରାକୃତିକତା, ଘଟଣାବଳୀ ସୃଜନରେ ବିଚିତ୍ରତା ଓ ନିସର୍ଗ ନିୟମାନୁଗତ୍ୟ ଦେଖାଇ ପାଠକ ହୃଦୟ ଆକର୍ଷଣ କରିଥାନ୍ତି ଏବଂ ତତ୍କାଳୀନ ଆବେଶଦ୍ୱାରା ତାହାକୁ ମୁଗ୍ଧ କରି ଦେଇଥାନ୍ତି । ସେମାନଙ୍କର ହୃଦୟୋଚ୍ଛ୍ୱସିତ ସତ୍ୟ ପାଠକମାନଙ୍କ ସତ୍ୟପ୍ରିୟତାକୁ ତୃପ୍ତ କରି ଦେଇ ମନୋରାଜ୍ୟର ଶୂନ୍ୟ ସ୍ଥାନ ବିଶେଷକୁ ପୂର୍ଣ୍ଣ କରିଦିଏ । ସେମାନଙ୍କ ଭିତରେ ପାଠକମାନେ ଯେତେବେଳେ ନିଜ ଅନୁଭୂତିର ପ୍ରତିବିମ୍ବ ଦେଖନ୍ତି, ସେତେବେଳେ ସେମାନେ ଭକ୍ତିନମ୍ର ହୃଦୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥାନ୍ତି । ସେମାନେ ବିଶୁଦ୍ଧ ନୀତି, ସୁରୁଚି ଓ କମନୀୟ ବସ୍ତୁର ଆଦର୍ଶ ଜନସମାଜକୁ ଅର୍ପଣ କରିଥାନ୍ତି । ସେମାନେ ସୁନ୍ଦର ମଧୁର ଶବ୍ଦାବଳୀ ଚୟନ କରି ସେମାନଙ୍କର ସମ୍ମିଳନଜାତ ସୁମଧୁର ସ୍ୱରରେ ପାଠକମାନଙ୍କୁ ମୁଗ୍ଧ କରିଥାଆନ୍ତି । କେବେ ଅବା ସୂକ୍ଷ୍ମଦୃଷ୍ଟିସମ୍ପନ୍ନ ସୁଦକ୍ଷ ମଣିକାର ପରି ପାଂଶୁଳ ସଂସାର ପଥରେ ଇତସ୍ତତଃ ବିକ୍ଷିପ୍ତ ଚିରଅପରିଚିତ ବସ୍ତୁକୁ ବହୁମୂଲ୍ୟ ମଣି ବୋଲି ଚିହ୍ନାଇ ଦେଇ ଥାଆନ୍ତି । ଅନ୍ତଃ ପ୍ରକୃତି ଓ ବହିଃ ପ୍ରକୃତିର ଚିତ୍ରଚିତ୍ରଣ ସେମାନଙ୍କର ପ୍ରଧାନ ଧ୍ୟେୟ । ବହିଃ ପ୍ରକୃତିର କୋମଳ-ମଧୁର, ରୁକ୍ଷ-କର୍କଶ, ବୀଭତ୍ସ-ଜଟିଳ, ଉନ୍ନତ-ଗମ୍ଭୀର ଚିତ୍ରଚିତ୍ରଣ ମଧ୍ୟ ସେମାନଙ୍କର ସର୍ବୋତ୍କୃଷ୍ଟ କର୍ତ୍ତବ୍ୟ । ସେମାନେ ବେଳେ ବେଳେ ବିଷୟ ବିଶେଷର ଉଲ୍ଲେଖ ଓ ଅନୁଲ୍ଲେଖ ଦ୍ୱାରା, ବେଳେ ବେଳେ ମୁଖରତା ଓ ନୀରବତା ଦ୍ୱାରା, ବେଳେ ବେଳେ ଆବୃତ ଓ ଅନାବୃତ ସୌନ୍ଦର୍ଯ୍ୟ ଦ୍ୱାରା, ପାଠକମାନଙ୍କୁ ମୁଗ୍ଧ କରିଥାଆନ୍ତି ।

ସାହିତ୍ୟରେ କବିହୃଦୟର ଏହି ପ୍ରାଧାନ୍ୟର ପ୍ରଭାବ ଥିବାରୁ, କବିର କଳ୍ପନା ଓ ଅନୁଭୂତି ଏଥିରେ ମିଶ୍ରିତ ହୋଇଥିବାରୁ, କବି ଜଗତ ସହିତ ସମବେଦନା ଦ୍ୱାରା ଅନୁପ୍ରାଣିତ ହୋଇ ଥିବାରୁ, ସାହିତ୍ୟ ଏକପକ୍ଷରେ ଜୀବନ ସମସ୍ୟାର ସମାଲୋଚନା । ସଂସାରର ଶୋକଦୁଃଖସମନ୍ୱିତ ଚିତ୍ର, ଅପର ପକ୍ଷରେ ପୁଣି ନିରବଚ୍ଛିନ୍ନ ନିର୍ମଳ ଆନନ୍ଦ ତଥା ଉଚ୍ଚ ଅଭିଳାଷ ଓ କର୍ମପ୍ରବୃତ୍ତି, ଏ ସମସ୍ତ ସାଧାରଣ ମନୁଷ୍ୟର ଚିତ୍ତକୁ ଅତି ତୀକ୍ଷ୍ଣ ଭାବରେ ଆଲୋଡ଼ିତ କରେ, ସାହିତ୍ୟିକ ନିଜେ ଏ ସକଳ ଦ୍ୱାରା ଅଭିଭୂତ ହୁଏ ଓ ସାହିତ୍ୟରେ ଏ ସକଳ ସ୍ଥାନ ପାଏ । ମନୁଷ୍ୟର ଜୀବନ ଏହି ସକଳ ଉପାଦାନ ଦ୍ୱାରା ଗ୍ରଥିତ, ମନୁଷ୍ୟର ହୃଦୟତନ୍ତ୍ରୀ ଏ ସମୁଦାୟ ଭାବର ଉଚ୍ଛ୍ୱାସରେ ଶବ୍ଦାୟମାନ ଏବଂ ତାହାର ଦୈନନ୍ଦିନ କାର୍ଯ୍ୟର ସମସ୍ତ ଅଂଶ ଏହା ଦ୍ୱାରା ନିୟନ୍ତ୍ରିତ । ଏଣୁ କବି ଯେତେବେଳେ ନିଜର ହୃଦୟର ଅନୁଭୂତିକୁ ରୂପ ଦେବାକୁ ଚେଷ୍ଟା କରେ, ସେତେବେଳେ ସେ ବାଧ୍ୟ ହୋଇ ନିଜର କବିତା ମଧ୍ୟ ଦେଇ ଏହି ସକଳ ଭାବରାଶି ପ୍ରକଟନ କରିଥାଏ । ସେ ମନୁଷ୍ୟ ଜୀବନକୁ ସ୍ପର୍ଶ କରିବାକୁ ଯାଇ ମନୁଷ୍ୟ ଜୀବନର ସହଜ ସାଧାରଣ ଅନୁଭୂତିକୁ ଉପାଦାନ ସ୍ୱରୂପ ଗ୍ରହଣ କରି ସ୍ୱତଃ ସେ ଗୁଡ଼ିକର ବିଶ୍ଳେଷଣ କରିବାକୁ ଚେଷ୍ଟା କରେ ଓ ମନୁଷ୍ୟ ସମାଜରେ ନିଜର ଅନୁଭୂତିରାଜି ପ୍ରଚାର କଲା ବେଳେ ମନୁଷ୍ୟଜୀବନର ଆଲୋଚନା କରିବାକୁ ଚେଷ୍ଟା କରେ । ଏଣୁ ଏକ ପକ୍ଷରେ ସାହିତ୍ୟ ମାନବ ଜୀବନର ସମାଲୋଚନା ଓ ଏହି ସମାଲୋଚନା ଦ୍ୱାରା ମନୁଷ୍ୟ-ସମାଜଗଠନକ୍ରିୟାରେ ଯଥେଷ୍ଟ ସହାୟତା ଲାଭ କରେ ବୋଲି ଏହା ମନୁଷ୍ୟ ପକ୍ଷରେ ଏକାନ୍ତ ପ୍ରୟୋଜନ ।

ମନୁଷ୍ୟକୁ ତାହାର ଜୀବନଯାପନରେ ସାହାଯ୍ୟ କରିବା, ତାହାର ମନରେ ଶକ୍ତି ଦେଇ ତାକୁ ଜଟିଳ ଜଗତର ପ୍ରବଳ ବାଧାବିଘ୍ନ ମଧ୍ୟ ଦେଇ ସ୍ଥିର ଭାବରେ ନେଇ ଯିବା, ସାହିତ୍ୟର ଏକ ପ୍ରଧାନ କାର୍ଯ୍ୟ ଓ ଏହି କାର୍ଯ୍ୟ ପାଇଁ ମଧ୍ୟ ମନୁଷ୍ୟର ଜୀବନରେ ସାହିତ୍ୟର ପ୍ରୟୋଜନ । ଦର୍ଶନ ଗ୍ରନ୍ଥରେ ମଧ୍ୟ ଏ ସକଳ ପ୍ରଶ୍ନର ମୀମାଂସା ହୁଏ । ମାତ୍ର ସାଧାରଣ ମନୁଷ୍ୟର ହୃଦୟକୁ ସ୍ପର୍ଶ କରିବାକୁ ତାହା ଅସମର୍ଥ । କିନ୍ତୁ ସାହିତ୍ୟରେ ସରସ କଳ୍ପନା ଓ ମୂର୍ତ୍ତି ବର୍ଣ୍ଣନରାଜି ପାଇଁ ସାହିତ୍ୟିକ ମନୁଷ୍ୟର ସାଧାରଣ ଦୈନନ୍ଦିନ ଜୀବନର ଅନୁଭୂତି ଆଦିରୁ ଉପାଦାନ ସଂଗ୍ରହ କରିଥିବାରୁ ତାହାର ଛବି କେବଳ ମନୁଷ୍ୟକୁ ଯୁଗପତ୍ ଆନନ୍ଦ ଓ ଶିକ୍ଷା ପ୍ରଦାନ ପାଇଁ ସମର୍ଥ ।

କବି ଯେତେବେଳେ ମନୁଷ୍ୟର ଦୈନନ୍ଦିନ ଜୀବନର ଅନୁଭୂତିରେ ଅଭିଭୂତ ହୋଇପଡ଼େ ଓ ନିଜର ହୃଦୟର ଭାବ-ଗୁଡ଼ିକ ଜଗତ ସମକ୍ଷରେ ସାହିତ୍ୟ ଆକାରରେ ପ୍ରକାଶ କରିବାକୁ ଚେଷ୍ଟା କରେ, ସେତେବେଳେ ତାହାକୁ କେତେଗୁଡ଼ିଏ ନିୟମର ବଶୀଭୂତ ହେବାକୁ ପଡ଼େ । ଏହିଠାରେହିଁ କଳାର ବିଶେଷତ୍ୱ ବିକାଶ ପାଏ । ଜ୍ଞାନର ସାଧାରଣ ପ୍ରଚାର ସମସ୍ତ ପୁସ୍ତକର ଲକ୍ଷ୍ୟ । ସ୍ୱୀୟ ଜ୍ଞାନକୁ ମନୁଷ୍ୟ ସମାଜରେ ପରିଚିତ କରାଇବା ସମସ୍ତ ଗ୍ରନ୍ଥ-କର୍ତ୍ତାଙ୍କର ଉଦ୍ଦେଶ୍ୟ । କିନ୍ତୁ ଅରୂପକୁ ରୂପ ଦେଇ ଆନନ୍ଦର ସୃଷ୍ଟି, ଅମୂର୍ତ୍ତି ଅନୁଭୂତିକୁ ମୂର୍ତ୍ତି ପ୍ରଦାନ କରି ଅନ୍ୟର ହୃଦୟରେ ସହାନୁଭୂତି ଜାତ କରିବାର ପ୍ରୟାସ କେବଳ ସାହିତ୍ୟିକ ପକ୍ଷରେ ସମ୍ଭବ । ପୀଡ଼ିତର ଦୁଃଖ ଦେଖି କବିହୃଦୟରେ ସମବ୍ୟଥା ଜାତ ହେଲା । ଏହି ସମବ୍ୟଥାର ଅଭିବ୍ୟକ୍ତିକୁ ହୃଦୟସ୍ପର୍ଶୀ ଭାବରେ, ଲୋକ ସାଧାରଣର ଗ୍ରହଣୀୟ ଭାବରେ ପ୍ରଚାର କରିବାକୁ ହେଲେ ସାହିତ୍ୟ-କଳାକୁ କେତେକ ବିଶେଷ ରୂପର ଆଶ୍ରୟ ନେବାକୁ ପଡ଼ିଥାଏ । କାରଣ ଶୃଙ୍ଖଳାର ବଶବର୍ତ୍ତିତାରେହିଁ ମନୁଷ୍ୟର ଆନନ୍ଦ । ଛନ୍ଦଲହରୀର ପ୍ରତ୍ୟେକ ସ୍ୱର ଅପର ସ୍ୱରମାନଙ୍କ ସହିତ ନିୟମିତ ଭାବରେ ସମ୍ବଦ୍ଧ ହୋଇ ଐକ୍ୟର ସୃଷ୍ଟି କରେ ବୋଲି, ବାଦ୍ୟରେ ପ୍ରତ୍ୟେକ ଯନ୍ତ୍ରର ବୋଲ, ପ୍ରତ୍ୟେକ ଶବ୍ଦର ବୈଚିତ୍ର୍ୟ, ଲୁପ୍ତ ହୋଇ ଏକ ସାମ୍ୟରେ ପରିଣତ ହୋଇ ଏକତାନର ଆବିର୍ଭାବ ହୁଏ ବୋଲି ସେସବୁ ମନୁଷ୍ୟର ଆନନ୍ଦ ସମ୍ୟକ ଭାବରେ ଉତ୍ପାଦନ କରିଥାଏ । ସେହିପରି ସାହିତ୍ୟ ମଧ୍ୟରେ କବିର ଅନୁଭୂତିକୁ ଜଗତ ଆଗରେ ପ୍ରକାଶ କରିବାର ପ୍ରୟାସରେ ସଂଯମ, ନିୟମାନୁବର୍ତ୍ତିତା ଓ ପ୍ରତ୍ୟେକର ବିକାଶରେ ପରସ୍ପରର ଅପେକ୍ଷା ଇତ୍ୟାଦିର ପ୍ରୟୋଜନ । କବିହୃଦୟରେ ଯେଉଁ ସକଳ ଭାବର ଆନ୍ଦୋଳନ ଉପସ୍ଥିତ, ସାହିତ୍ୟ ତାର ଭାଷା । କବିହୃଦୟରେ ଯେଉଁ ଅନୁଭୂତିର ଉଦ୍ଭବ ଉଦ୍‌ଭୂତ ସାହିତ୍ୟ ତାର ନିଦର୍ଶନ । କବି

ହୃଦୟର ଅନୁଭୂତିରାଜିର ଆନ୍ଦୋଳନ ସମୁଦ୍ର ଗର୍ଭର ଲହରୀମାଳା ପରି କେଉଁଠି ଆବେଗରେ ଫେନିଳ, କେଉଁଠି ଉଚ୍ଚ, କେଉଁଠି ନୀଚ, କେଉଁଠି ପ୍ରଚଣ୍ଡ ଅଥବା କେଉଁଠି ମୃଦୁ । କବିର ଅନ୍ତଃକରଣର ଆବେଗ ବାୟୁର ସ୍ରୋତ ପରି କେଉଁଠାରେ ଆବେଗର ଆଧିକ୍ୟରେ ପ୍ରଭଞ୍ଜନର ଭୀଷଣତା, ପୁଣି କେଉଁଠାରେ ବା ସତ୍ୟର ଉପଲବ୍ଧିରେ ବସନ୍ତର ହିଲ୍ଲୋଳନର ମୃଦୁଭାବ ଧାରଣ କରେ । ନଦୀର ପ୍ରବାହରେ ଯେପରି ନିୟମାନୁବର୍ତ୍ତିତାର ଅଭାବ, ସମୁଦ୍ରର ତରଙ୍ଗରେ ଯେପରି ଅନୈକ୍ୟର ପ୍ରାଦୁର୍ଭାବ, ବାୟୁର ସ୍ରୋତରେ ଯେପରି ବୈଚିତ୍ର୍ୟର ସମାବେଶ, କବିର କାବ୍ୟରେ ମଧ୍ୟ ସେହିପରି ନାନା ଭାବ, ନାନା ବୈଚିତ୍ର୍ୟ, ନାନା ବିଶେଷତ୍ୱ ସ୍ଥାନ ପାଇଥାଏ । କାବ୍ୟକୁ କବି ହୃଦୟର ତରଙ୍ଗରାଜି-ସଙ୍କୁଳ ବିରାଟ ସମୁଦ୍ରର ଛବି ସ୍ୱରୂପ ସମ୍ପୂର୍ଣ୍ଣ ଭାବରେ, ଗାଢ଼ ଅଭିନିବେଶ ସହକାରେ ଦେଖିବାକୁ ହେବ । ତେବେ ଯାଇ ତାର ପ୍ରକୃତ ଆସ୍ୱାଦ ସମ୍ଭବ । ପ୍ରତ୍ୟେକ କାବ୍ୟରେ ନୂତନ ନୂତନ ରୀତି ଅନୁସୃତ ହେବା ସ୍ୱାଭାବିକ । ପ୍ରତ୍ୟେକ ଚିନ୍ତାରେ କବି ନୂତନ ଛନ୍ଦରେ ନୂତନ ରାଗିଣୀରେ ସ୍ୱୀୟ ଅନୁଭୂତିକୁ ଜଗତ ସମକ୍ଷରେ ପ୍ରଚାର କରିବାକୁ ପ୍ରୟାସୀ । ସାହିତ୍ୟରେ ଏହି ବହୁମୁଖୀ ବିକାଶ ସମ୍ଭବ ବୋଲି ସମୂହ ଭାବରେ ଦେଖିବାକୁ ଗଲେ ଏ ସକଳ ଭିତର ଦେଇ ଅବସ୍ଥାନିର୍ବିଶେଷରେ ସମୂହ ଜଗତର ହୃଦୟ ସ୍ପର୍ଶ କରିବାପାଇଁ ସାହିତ୍ୟର ଚେଷ୍ଟା ଚିରନ୍ତନ ।

ଏହା ବ୍ୟତୀତ କବିତା ମଧ୍ୟରେ କବିର ଆତ୍ମ ଅଭିବ୍ୟକ୍ତି ମଧ୍ୟ ଦେଇ, ଉପନ୍ୟାସରେ ସାଧାରଣ ଜଗତର ଛବି ମଧ୍ୟ ଦେଇ, ନାଟକରେ ପ୍ରତ୍ୟେକ ଅଭିନେତାର କଥା ମଧ୍ୟ ଦେଇ କବି ଅରୂପକୁ ରୂପ ଦେବା ପାଇଁ ଚେଷ୍ଟା କରେ । କବି ଯାହା ଦେଖେ, ତାର ହୃଦୟରେ ଯେଉଁ ଛାପ ପଡ଼େ, ଯାହାର ଅନୁଭୂତିରେ ତାର ସମସ୍ତ ଅନ୍ତଃକରଣ ଅଭିଭୂତ ହୁଏ, ତାହାକୁ ଯଥାଯଥ ଭାବରେ, ତାହାର ପ୍ରତ୍ୟେକ କ୍ଷୁଦ୍ର କ୍ଷୁଦ୍ର ବିଷୟକୁ ସମ୍ପୂର୍ଣ୍ଣ ଭାବରେ ଛାୟାଯନ୍ତ୍ର ପରି ଜଗତ ଆଗରେ ପ୍ରକାଶ କରି, ସେହି ଦୃଶ୍ୟରୁ ନିଜ ହୃଦୟରେ ଯେଉଁ ଅନୁଭୂତିର ଉଦ୍‌ଭବ ହୋଇଅଛି ଅନ୍ୟର ହୃଦୟରେ ତାହାର ଛାୟାପାତ କରିବାର ଚେଷ୍ଟା ସେ ନିଜର ସାହିତ୍ୟ ମଧ୍ୟ ଦେଇ କରେ । କବି ପାଠକକୁ ଦରିଦ୍ର କୁଟୀରର ଦୀନତମ ପରିସ୍ଥିତିକୁ ନେଇ, ଅଭାବର ଭୀଷଣ ଛବି ତା ଆଖି ଆଗରେ ଧରି, ନିର୍ଯାତିତର ବିକଟ ମୂର୍ତ୍ତି ବିକାଶ କରି, ଅନଶନପୀଡ଼ିତ ମୃତ୍ୟୁର କଠୋର ସତ୍ୟ ଛବି ଅଙ୍କିତ କରି ପାଠକ ହୃଦୟରେ ଦରିଦ୍ର ପ୍ରତି ଯେଉଁ ସମବେଦନାର ଛବି ଧରେ, ଯେଉଁ ସହାନୁଭୂତିର ସୃଷ୍ଟି କରେ, ତାହାହିଁ ସାହିତ୍ୟର ଶ୍ରେଷ୍ଠ ସାର୍ଥକତା ।

ସାହିତ୍ୟକ ଏହିପରି ଉପାଦାନ ଗ୍ରହଣ କରି ଏହି ସମସ୍ତ ଅଭିବ୍ୟକ୍ତି ମଧ୍ୟ ଦେଇ ଯେଉଁ ସ୍ୱରୂପ ପ୍ରକାଶ କରେ, ମାନବ ଜୀବନରେ ଯେ ତାର ପ୍ରୟୋଜନ ଅଛି ତାହା ନିଃସନ୍ଦେହ । ସାହିତ୍ୟ ମନୁଷ୍ୟ ହୃଦୟର ପ୍ରତିବିମ୍ବ । ବାସ୍ତବ ଜଗତର ସୂକ୍ଷ୍ମତମ ପଦାର୍ଥର ଅନୁଭୂତି ଉପରେ ଏହା ପ୍ରତିଷ୍ଠିତ । ଏଣୁ ସାହିତ୍ୟ ମନୁଷ୍ୟର ଦୁଃଖ ଦୈନ୍ୟରେ ସମବେଦନା ପ୍ରକାଶ କରି ସାନ୍ତ୍ୱନା ଦେବାକୁ ସମର୍ଥ । ବନ୍ଧୁ ବନ୍ଧୁକୁ ଯେଉଁ ସାନ୍ତ୍ୱନା ଦିଏ ତାହା ସମବେଦନାର ସାନ୍ତ୍ୱନା, ବନ୍ଧୁ ବନ୍ଧୁକୁ ଯେଉଁ ପ୍ରକାର ଉତ୍ତେଜିତ କରେ ତାହା ଅନୁବେଦନାର ଉତ୍ତେଜନା । ଯେଉଁଠାରେ ଜୀବନର ସାନ୍ତ୍ୱନା ପ୍ରଦାନ ବ୍ୟର୍ଥ, "କାତବ କାନ୍ତା କସ୍ତେ ପୁତ୍ର..........." ନିଷ୍ଫଳ, ସେଠାରେ ମଧ୍ୟ ବନ୍ଧୁର ସାନ୍ତ୍ୱନା-ପ୍ରଦାନ କାର୍ଯ୍ୟକାରୀ । କାରଣ ଏହି ସାନ୍ତ୍ୱନା ମନୁଷ୍ୟର ହୃଦୟକୁ ସ୍ପର୍ଶ କରିପାରେ । ସମବେଦନାରେ ବ୍ୟଥା ଲଘୁ ହୁଏ । ସାହିତ୍ୟର ସାନ୍ତ୍ୱନା, ସାହିତ୍ୟର ଆଶ୍ୱାସନା, ସାହିତ୍ୟର ଅନୁବେଦନା ଠିକ୍ ଏହିପରି । ଜଗତର ଦୁଃଖ, ଦୈନ୍ୟ ଓ ନିର୍ଯାତନା କବିହୃଦୟରେ ଯେଉଁ ଆଘାତ ଦିଏ, ଯେଉଁ ସମବେଦନା ଜାଗ୍ରତ କରେ, ତହିଁରେ କବି ଅଭିଭୂତ ହୋଇ ଜଗତକୁ ଯେଉଁ ସାନ୍ତ୍ୱନା ଦେବାକୁ ସମର୍ଥ ହୁଏ, ତାହା ପ୍ରତ୍ୟେକ ମନୁଷ୍ୟ ବନ୍ଧୁର ସାନ୍ତ୍ୱନା ରୂପେ କିମ୍ବା ତାହାଠାରୁ ନିବିଡ଼ତର ରୂପେ ଗ୍ରହଣ କରିଥାଏ । ଏହି କାରଣରୁ ମନୁଷ୍ୟର ଜୀବନରେ ସାହିତ୍ୟର ସ୍ଥାନ, ଏହି କାରଣରୁ ତାହାଠାରେ ସାହିତ୍ୟର ଆଦର ଓ ଏହି କାରଣରୁ ତାର ଜୀବନର ସନ୍ଧିକ୍ଷଣରେ ସାହିତ୍ୟର ପ୍ରୟୋଜନ ।

କ୍ଷଣିକତା

ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ

କ୍ଷଣିକର ମୁହିଁ କବି,
ମୋ' ମନ-ମୁକୁରେ ପଡ଼େ ଅହରହ କ୍ଷଣିକର ଛାୟା'ଛବି ।
ବସି ମହାକାଳ-ମହାନଦୀ-ତୀରେ,
ଦେଖେଁ ତାର ଚିର ଚଞ୍ଚଳ ନୀରେ,
କେତେ ତରଙ୍ଗ, କେତେ ବୁଦ୍‌ବୁଦ, ଉଠେ ଭୁଚେ କ୍ଷଣେ କ୍ଷଣେ ;
କ୍ଷଣିକର ସେହି ନିମେଷକ ଦେଖା,
ଲେଖେ ମୋର ମନେ କେତେ ରୂପରେଖା,
ପଳାତକା ତାର ଚପଳ ରାଗିଣୀ ସଙ୍ଗୀତ ରଚେ ମନେ !

ଯହିଁ ପଡ଼େ ଆଖି, ତହିଁ ଦେଖେଁ ଗତି
ବିରାମ-ବିହୀନ ଉଦ୍ଦାମ ଅତି !
ଅଣୁ ପରମାଣୁ ନୃତ୍ୟପାଗଳ ଗତିର ମଦିରା ପିଇ
କ୍ଷଣିକର ନାଚ ଦେଖେଁ ସବୁଠାରେ
ବିଜୟିନୀ ତାର ଲୀଳା ଦୁନିଆରେ,
କ୍ଷଣିକ ଜୀବନ ଫୁଟୁଛି, ଝଡ଼ୁଛି, ଉଠୁଅଛି ପୁଣି ଜୀଇ !

କାହିଁ ହେ ନିତ୍ୟ, ଶାଶ୍ୱତ, ଧ୍ରୁବ,
କାହିଁ, ତମ ରୂପ କାହିଁ ?
ପରିବର୍ତ୍ତନମୟ ଏ ନିଖିଳେ
ତମକୁ ତ ଦେଖେ ନାହିଁ !

ପ୍ରତି କ୍ଷଣ ଆସେ ନୂଆ ରୂପ ଧରି,
ଚାଲିଯାଏ ନିଜ ଅଭିନୟ କରି,
ଆସେ ଯାଏ କେତେ ନୂଆ ନଟନଟୀ ନୂତନ ରଙ୍ଗଭୂମେ ;
ନବରୂପମୟୀ ଆଗୋ କ୍ଷଣିକତା
ଚିର ଅଭିନବ ତମ ଚପଳତା
ବିଶ୍ୱ ନିଖିଳେ ଶାଶ୍ୱତ ଧ୍ରୁବ ସତ୍ୟ ଏକାକୀ ତୁମେ !

ସେଥିପାଇଁ ସିନା ଭଲ ପାଏଁ ମୁହିଁ,
ଭଙ୍ଗୁର ଏହି ଭବକାମ ଭୂଇଁ,
କ୍ଷଣିକ ହାସ୍ୟ, କ୍ଷଣିକ ଅଶ୍ରୁ, କ୍ଷଣିକ ଏ ଜୀବନର,
ଚପଳ ଛନ୍ଦେ ସଙ୍ଗୀତ ରଚେ
ବେଣୀ ଦିନ କେହି ନ ଶୁଣୁ ତା' ପଛେ,
ଭାଷା-ତୁଳିକାରେ ଅଙ୍କନ କରେଁ ଛବି ମୁହିଁ କ୍ଷଣିକର ।

ସୁନ୍ଦର ସିନା, ଦିଶୁ ନ ଦିଶୁଣୁ,
ପୁଣି ଲୁଚିଯାଏ ବୋଲି,
ପଲ୍ଲୀବାଳାର ଚପଳ ଚାହାଣୀ
ଓଢ଼ଣା ଅଳପ ଖୋଲି !

ଅସ୍ଥିର ବୋଲି ସିନା ମନୋଲ୍ଲୋଭା
ଲଜ୍ଜାରକ୍ତିମ ଗଣ୍ଡର ଶୋଭା,
ଅଥବା ପ୍ରଥମ ମଧୁମିଳନର ଲଜ୍ଜାକ୍ତ ଚୁମ୍ବନ !
ସୁନ୍ଦର ସିନା ଅସ୍ଥିର ବୋଲି,
ସୁନାଭୁଲାଣ୍ଟିକି ଭୁଳ୍‌କୁମେ ବୋଲି
ସୁନ୍ଦରୀ ଜ୍ୟୋ ପ୍ରାଚୀନଭେ ଯେବେ କରେ ଛବି ଅଙ୍କନ !

ଶାଶ୍ୱତ-ଲୋଭେ ସବୁ ପରିହରି,
ତତ୍ତ୍ୱ-କୁହେଳି ପଛେଁ ପଛେଁ,
ପାଗଳ ଯେ'ମାନେ, ଦୂରରୁ ତାଙ୍କୁ ବିନୀତ ଜୁହାର ମୋର,
ଜଣା ମତେ ଜଣା ଖାଲି ଏତିକି,
ଚିର କ୍ଷଣିକର ମୁହିଁ ଉପାସକ,
କ୍ଷଣିକ ଧ୍ୱନିର ସଙ୍ଗୀତ ଗାଏ, କ୍ଷଣିକ ମୋହର ସ୍ୱର !

Digitized by srujanika@gmail.com

ପକ୍ଷି-ସାମୁଦ୍ରିକ *

ଶ୍ରୀ ଜଗତ୍ ମୋହନ ସେନ

କୀ ଖଣରେ କେ ଜାଣେ ଜଣେ ବନ୍ଧୁ ପାଖରୁ ହାତ-ଦେଖାଟା ଶିଖିଥିଲି । କିଏ ଜାଣିଥିଲା ଯେ ବିଦ୍ୟାଟା ଶେଷକୁ କଣ୍ଟା ପରି ମୋ ମୁଣ୍ଡକୁ ଚଢ଼ିବ । କାମ ଦାମ ତ ସବୁ ନାମ-ମାତ୍ରକେ ରହିଲା—ଅସଲ ହେଲା ହାତଦେଖା । ଲୋକେ କହନ୍ତି, ଭଣ୍ଡାମି ଦେଖିଲେ ଦାଢ଼ି ବଢ଼ିଯାଏ, ସେ କଥା ସତ କି ମିଛ ଜାଣେ ନା, ତେବେ ଏ କଥା ଧ୍ରୁବ ସତ୍ୟ ଯେ ନାହାକ ଦେଖିଲେ ହାତ କୁଣ୍ଡେଇ ହୁଏ । ଫଳାଫଳ ମାନ ବା ନ ମାନ, ହାତଟା ଥରେ ନ ଦେଖାଇଲେ ନ ଚଳେ ।

ଦିନ ନାହିଁ, ରାତି ନାହିଁ, ବେଳ ଅବେଳ ନାହିଁ,—ପରିଚିତ, ଅପରିଚିତ ଏବଂ ଅର୍ଦ୍ଧ-ପରିଚିତ ଯେ ଯେତେ ଥିଲେ ଆସି ଆମ ଘର ଦୁଆର ସରଗରମ କରିବାକୁ ଲାଗିଲେ । ବାଟ ଘାଟରେ ଦେଖା ହେଲେ ହାତ ଦେଖିବା ପାଇଁ ତାଗିଦ ଆରମ୍ଭ ହେଲା । ହାତ-ଦେଖାଟା ଯେ ମୋର ପେଷା ନୁହେ—ନିଶା ମାତ୍ର, ଏବଂ ହାତ ଦେଖି ବସିବା ମାନେ ଯେ ମୋ ପକ୍ଷରେ ସମୟର ଅତି ଛିଡ଼କର ଅପବ୍ୟବହାର ଏ କଥା ଲୋକେ ଭୁଲିଗଲେ । ତାଙ୍କୁ ଅବା ଦୋଷିବି କଣ,—ନିଶାଟା ତ ମୋର । ବଡ଼ ମଜା ଲାଗୁଥାଏ ହାତ ଦେଖିବାକୁ ।

ମଜାଟା କିନ୍ତୁ ବେଶି ଦିନ ରହିଲା ନାହିଁ । ନିରବଚ୍ଛିନ୍ନ ପ୍ରଶଂସା ଅଭାବରୁ,—ନିନ୍ଦା ବି ସହିବାକୁ ପଡ଼ିଲା । ଅପ୍ରିୟ ସତ୍ୟ ହେଲେ କହିବାକୁ ଅଛୁଆଁ, ସୁତରାଂ ଚଳାଏଁ ଅନ୍ଧାରୁଆ ତେଲ—ଯାହାର ବାଜିଗଲା ସେ ତ ବିସ୍ମୟରେ ଆଖି ଠେକିଲା,—ଯାହାର ନ ବାଜିଲା ସେ ଠେକିଲା ନାକ ।

ଏମିତି ଦିନ କଟୁଥାଏ । ଭାବିଲି ସବୁ ଦେବି ଛାଡ଼ି । ଧକ୍କା ଖାଇ ସମୟ ନଷ୍ଟ କରି ଲୋକର ନାକଟେକା ଦେଖିବାକୁ କିଏ ଚାହେଁ । ସେ ଦିନ ଥାଏ ରବିବାର । ଖାଇ ପିଇ ସାରି ଗୋଟାଏ ନିଛାଟିଆ ଘରେ ଏକୁଟିଆ ଖଣ୍ଡେ ବହି ଧରି ଆରାମ ଚଉକିରେ ବସିଗଲି । ଦକ୍ଷିଣ ପଟ ଝରକା ବାଟେ ସୁଲୁସୁଲିଆ ପବନ ଆସୁଥାଏ । ଆଖି ଦିଟା ଆସ୍ତେ ଆସ୍ତେ ବୁଜି ହୋଇଗଲା—ଅକ୍ଷରଗୁଡ଼ାକ ଧୀରେ ଧୀରେ ମିଳେଇ ଗଲା ଆଖି ଆଗରୁ ।

—ମୋ ହାତଟା ଟିକିଏ ଦେଖନ୍ତୁ ନା ।

ଚମକି ପଡ଼ି ଚାହିଁ ଦେଲି,—ଗୋଟାଏ ପକ୍ଷୀର ଗୋଡ଼ । ମୋ ଆଖି ଆଗକୁ ଖଣ୍ଡେ ପକ୍ଷୀ-ଗୋଡ଼ ମାଡ଼ି ଆସୁଛି । ଆଉ କିଛି ଦିଶୁ ନ ଥାଏ,—ଖାଲି ଗୋଡ଼ ଖଣ୍ଡେ । ମାନେ ? ପକ୍ଷୀ ଗୋଡ଼ଟା ପୁଣି ହାତ ହେଲା କେବେ ? ପଚାରିଲି, ହାତ କାହିଁ, ଏ ତ ଗୋଡ଼ ଖଣ୍ଡେ ।

—ହଁ, ହଁ, ସେଇ ହାତ ହେଲା ଯେ । ଆପଣମାନେ ସିନା ହାତ କହନ୍ତି । ଆମର ହାତ କହିଲେ ସେଇ, ଗୋଡ଼ କହିଲେ ବି ସେଇ । ଚାଲିବାକୁ ସେଇ, ମୁଠେଇ ଧରିବାକୁ ସେଇ । ଡେଣା ତ ଖାଲି ଉଡ଼ିବାକୁ, ନାହିଁ ତ ଲଢ଼ିବାକୁ ଦରକାର । ଦେଖନ୍ତୁ ନା ହାତଟା ଥରେ ।

ମଲା ! ମଣିଷ ହାତ ସିନା ଦେଖିଲେ ପଦେ ଅଧେ କହିପାରିବି, ପକ୍ଷୀ-'ହାତ' ଦେଖିବ କିଏ ? 'ହାତ'ର ମାଲିକେ ତ ଅଦୃଶ୍ୟ ଥାଆନ୍ତି,—ତାଙ୍କୁ ଲକ୍ଷ୍ୟ କରି କହିଲି, ମୁଁ ଆଉ ହାତ ଦେଖିବି ନାହିଁ ଠିକ୍ କରିଛି ।

—ଆଜ୍ଞା, ଏଟା ହେଲା ଆପଣଙ୍କର ରାଗର କଥା । ଅନ୍ଧାରୁଆ ତେଲ ଠିକ୍ ଠିକ୍ ଚଳେଇ ନ ପାରି ଆପଣ ଚିଡ଼ିମିଡ଼ି ଏ କଥା କହୁଛନ୍ତି । ମୋ ହାତରେ ଏକା ଅଲଗା ଅଛି—ଦେଖିଲେ ଆପଣଙ୍କୁ ଭଲ ଲାଗିବ । ଦେଖନ୍ତୁ ନା ଥରେ ।

ଅନେଇ ଦେଖିଲି, ଗୋଡ଼ର ଜବରଦସ୍ତ ଚାରୋଟି ଆଙ୍ଗୁଠି ଅଗରେ ଚାରୋଟି ବଙ୍କା ମୁନିଆ ନଖ ମୁହେଁଇ ରହିଛି । ତିନୋଟି ଆଙ୍ଗୁଠି ସାମନାକୁ,—ପଛ ପଟକୁ ଗୋଟିଏ । ଜୋରରେ ମୁଠେଇ ଧରିବାକୁ ସୁବିଧା ହେବ ବୋଲି ଆଙ୍ଗୁଠି ପବମାନଙ୍କରେ ମାଂସ ଗଦ ଗଦ ଫୁଲି ରହିଛି । 'ହାତ' କହୁଛି, ଖାଲି ଶୀକାରଟିଏ ପାଇଲେ ହେଲା ।

କହିଲି—ହଁ ଦେଖିଲି 'ହାତ' । ଥରେ ଥଣ୍ଟ ଦୁଇଟା ଦେଖେଁ ।

ଜବାବ ଆସିଲା, ହାତ ଦେଖିଲେ ଥଣ୍ଟ ବି ଦେଖନ୍ତି ପରା ?

—କଥା କଣ କି, ଲଲାଟ-ରେଖାରୁ ଅନେକ କଥା ଜଣା ପଡ଼େ । ହାତରୁ ଯେବେ ଗୋଡ଼କୁ ଖସିଲି, ତେବେ କପାଳରୁ ଥଣ୍ଟକୁ ଖସିଲେ କ୍ଷତି କଅଣ ? ହଉ, ତୁମର ଯଦି ଆପତ୍ତି ଥାଏ ତ ଥଣ୍ଟ ଦେଖିବାର ମୋର ଦରକାର ନାହିଁ, ମୁଁ କହୁଛି ତୁମ ଥଣ୍ଟ କଥା,—ତୁମେ କହିବ, ମୋ କଥା ସତ କି ମିଛ ।

—ହଉ, ଜବାବ ମିଳିଲା ।

କହିଲି, ଦେଖ ବାବୁ, ସତ କହିବି ଏକା, ଚିଡ଼ିବ ନାହିଁ । ତୁମେ ଭଲ 'ଲୋକ' ନୁହ,—ଜାତିରେ କଂସେଇ କି କେଳା ତୁମେ, ଜୀବହତ୍ୟା ତୁମର ବୃତ୍ତି । ଶୀକାର କରି ତୁମର ପେଟ ଚଳେ । ଶୀକାରକୁ ଧରି ତାର ମାଂସ ଟାଣି ଛିଣ୍ଡାଇବାକୁ ପଡ଼େ ବୋଲି ତୁମର ଥଣ୍ଟ ଦୁଇଟା ବି ନଖ ପରି ମଜବୁତ,—ସେହିପରି ମୁନିଆଁ, ଅଗ ବି ବଙ୍କା । ଠିକ୍ ତ ?

* ବାରିପଦା ସାହିତ୍ୟ ସମାଜର ୩୧-୭-୩୮ ତାରିଖ ଅଧିବେଶନରେ ପଠିତ ।

Digitized by srujanika@gmail.com

—ଅଚ୍ଛା ହିଁ, ଖୁବ ଠିକ୍ । ତା' ପରେ ?

—ତୁମେ ମାଟିରେ ଚାଲିବୁଲି ପସନ୍ଦ କର ନାହିଁ, କାଳେ ତୁମର ନଖର ମୁନ ଘସିଯିବ, ସେହି ଭୟରେ । ସୁତରାଂ ଶିକାର ଧରିବାକୁ ପବନରେ ତୁମକୁ ଚଲା-ବୁଲାଟା ବେଶି କରିବାକୁ ପଡ଼େ । ଏଥିରୁ ଜଣା ପଡ଼ୁଛି ଡେଣା ଦୁଇଟା ତୁମର ବଡ଼ ଜବର । ତୁମେ ଉଡ଼ିବାରେ ଓସ୍ତାଦ । ଆଖି ଦୁଇଟା ବି ତୁମର ଖୁବ୍ ତୀକ୍ଷ୍ଣ ହୋଇଥିବ, ଅନେକ ଦୂରରୁ ଦେଖି ପାରୁଥିବ ତୁମେ ।



ବାମରୁ ଦକ୍ଷିଣକୁ—

ଉପର ଧାଡ଼ି—ଉଟ ପକ୍ଷୀର ଗୋଡ଼, ଦୌଡ଼ିବାର ଉପଯୋଗୀ । ଭାର ବହିବା ନିମନ୍ତେ ମଧ୍ୟମା ଅଙ୍ଗୁଳିଟି ମାତ୍ର ପୁଷ୍ଟ ହୋଇଛି, ଅନ୍ୟ ଅଙ୍ଗୁଳିଗୁଡ଼ିକ କ୍ଷୁଦ୍ର, ଲୁପ୍ତ ଅଥବା ଲୁପ୍ତପ୍ରାୟ । ତତ୍‌ପରେ ପେଚାର ଗୋଡ଼—ବକ୍ର ଶାଣିତ ନଖ ଶିକାରବୃତ୍ତି ଏବଂ କୋମଳ ପରର ଆବରଣ ଗୁପ୍ତବୃତ୍ତି ସୂଚିତ କରୁଛି । ତା'ପରେ ଶୁଆର ଗୋଡ଼,—ଅଗ୍ରପ—ଶାଖା ମୁଠାଇ ଧରିବା ପାଇଁ ଅଙ୍ଗୁଳିମାନଙ୍କରୁ ଗୋଟିକୁ ଇଚ୍ଛାନୁଯାୟୀ ଅଙ୍ଗୁଷ୍ଠ ପରି ବ୍ୟବହାର କରନ୍ତିଏ ।

ତଳଧାଡ଼ି—ଜଳଚର ପକ୍ଷୀର ଗୋଡ଼, ପହଁରିବାର ଉପଯୋଗୀ ହୋଇ ଗଠିତ । ତତ୍‌ପରେ "ଅବାବିଲ"ର (Swift ସାଧାରଣତଃ ଏହିକି ନାମରେ ପରିଚିତ) ଗୋଡ଼,—ଗଛଡ଼ାଳ ମୁଠାଇ ଧରିବାର ବନ୍ଦୋବସ୍ତ ନାହିଁ । ତା ପାଖକୁ ଆଉ ଏକ ପ୍ରକାର ଜଳଚର ପକ୍ଷୀର ଗୋଡ଼,—ଏମାନେ ପଦ୍ମପତ୍ର ଉପରେ ଚଲାବୁଲା କରିପାରନ୍ତି,—ଗୋଡ଼ର ଗଠନରେ ବିଶେଷତ୍ୱ ହେତୁ ପଙ୍କ ଏମାନଙ୍କ ଭାରରେ ବୁଡ଼ିଯାଏ ନାହିଁ । ତଳକୁ ଶିକାରୀ ପକ୍ଷୀର ଗୋଡ଼—ଶକ୍ତ ଓ ବକ୍ରନଖ ଏବଂ ଶିକାରକୁ ଜୋରରେ ଧରିବା ନିମନ୍ତେ ଅଙ୍ଗୁଳିମାନଙ୍କର ପାଦୁଲିରେ ମାଂସପିଣ୍ଡ ଲକ୍ଷ୍ୟ କରିବେ ।

—ଠିକ କହିଛନ୍ତି, ମୁଁ ଛଞାଣ । ଆଉ କିଛି କହି ପାରିବେ ?

—ହିଁ, ତୁମର ପୂର୍ବ—

—ହୁଁ । ଥାଉ ସେତିକି । ଏଥର ମୋର ପାଳି ।

ଠିକ୍ ମୋର କାନ୍ଧ ପାଖରେ ଗୋଟାଏ ମୋଟା ଗମ୍ଭୀର ସ୍ୱର ଶୁଣାଗଲା । ଆଉ ଖଣ୍ଡେ ହାତ—ମାନେ, ଗୋଡ଼ ମୋ ଆଖି ଆଗକୁ ମାଡ଼ି ଆସିଲା । ନଖ ବୁଡ଼ିଥିବା ଛଡ଼ା ତାର ଗୋଟାଯାକ ନରମ ପରିଛଅଣି । ଅଙ୍ଗୁଠି ଗୁଡ଼ିକରେ ଟିକିଏ ବଶିଷ୍ଟତା ମଧ୍ୟ ଦେଖାଗଲା । ସାମନାକୁ ଯେଉଁ ତିନୋଟି ଅଙ୍ଗୁଠି, ସେଥିରୁ ଗୋଟିକୁ ଇଚ୍ଛା ମୁତାବକ ଆଗ ପଛ କରିଯାଇ ପାରେ । କାରଣ ମୁଠେଇ ଧରିବାକୁ ଅଙ୍ଗୁଷ୍ଠଟା ବେଶି କାମରେ ଲାଗେ । କାଳେ ଗୋଟିଏ ଅଙ୍ଗୁଷ୍ଠରେ ଯଥେଷ୍ଟ ଜୋର ନ ହେବ, ସେଥିଲାଗି ଡବଲ ଅଙ୍ଗୁଷ୍ଠର ବନ୍ଦୋବସ୍ତ ।

ପକ୍ଷୀର ମୁହଁଟା ଦିଶୁ ନ ଥାଏ, କିନ୍ତୁ ସେ ମୁହଁ ଯେ ଅତି ଭୟଙ୍କର ସେ କଥା ବେଶ ବୁଝାଗଲା । ଛଞାଣର ମୁନିଆଁ ନଖ ଗୁଡ଼ାକ ଥରେ ମାତ୍ର ରାଗରେ ଠାଣି ହୋଇ ପର ମୁହୂର୍ତ୍ତରେ ନରମ ପଡ଼ିଗଲା ।

ଛଞାଣକୁ ଟିକିଏ ଚମକେଇବାକୁ କହି ମୋର ନଜର ଗରାଣ 'ହାତ' ଉପରେ ଆଖିଟା ବୁଲେଇଦେଲି । ପ୍ରଶ୍ନ ଆସିଲା, 'କଣ ଦେଖିଲ କହ ।'

କହିଲି, ତୁମେ ଗୁପ୍ତ-ଘାତକ । ଅନ୍ଧାର ରାତିରେ ଛିଟ ମାରିବା ତୁମର କାମ । ଯେଉଁମାନଙ୍କୁ ଛକି ଛକି ଅନ୍ଧାରରେ ବୁଲୁଥାଅ, ତାଙ୍କର ଦାନ୍ତରୁ ଦାଢ଼ ଏଡ଼ିବାକୁ ତୁମେ ପରରେ ଗୋଡ଼ ଘୋଡ଼େଇଛ । ଏ କଥା ଯଦି ସତ ହୁଏ, ତେବେ ତୁମର ଆଖି କାନ ଦୁହେଁଯାକ ତୀକ୍ଷ୍ଣ । ନ ହେଲେ ଅନ୍ଧାରରେ ଦେଖା-ଶୁଣା କରିବ କିପରି ? ଆଉ ଗୋଡ଼ ଉପରେ ଯେଉଁ ପରର ନମୁନା ଦେଖୁଛି, ଏହି ପରକା ପର ତୁମର ଦେହଟା ଯାକ ଥିବ । ସୁତରାଂ ତୁମେ ଅତି ନିଃଶବ୍ଦରେ ଉଡ଼ିପାର,—ଶିକାରକୁ ଅତର୍କିତ ଭାବରେ ଝାମ୍ପି ନେବା ତୁମର ଅଭ୍ୟାସ । ତୁମେ ପକ୍ଷି-କୁଳର ବରଗଡ଼ । ତୁମର ଥଣ୍ଟ ମାଂସ ଛିଣ୍ଡାଇବା ପାଇଁ ବଙ୍କା ଏବଂ ମୁନିଆ ମଧ୍ୟ ହୋଇଥିବ ।

ତୁମର ଦେହର ରଙ୍ଗ କଅଁରା କିମ୍ବା କଳା, କଅଁରା ହେବା ବେଶି ସମ୍ଭବ,—ଅନ୍ଧାର ରାତି ବା ଜହ୍ନରାତିରେ ଲକ୍ଷ୍ୟ କରି ହେବ ନାହିଁ । ରାତି ଅନ୍ଧାରରେ ପଛପଟରୁ ଶତ୍ରୁ-ଭୟ ତୁମର ନାହିଁ । ତେଣେ ଅନ୍ଧାରରେ ଶିକାର କରିବା ତୁମର ପେଶା । ଏଥିରୁ ମନେ ହେଉଛି, ସାଧାରଣ ପକ୍ଷୀ ପରି ତୁମର ଆଖି ଦୁଇଟା ମୁଣ୍ଡର ଦୁଇ କଡ଼େ ନାହିଁ,—ଅଛି ସାମନାକୁ । ସୁତରାଂ ତୁମ ଚେହେରାଟା ଅତି ଭୟଙ୍କର ହୋଇଥିବ । ଭୟଙ୍କର ହେବାରେ ଲାଭ ଏତିକି ଯେ ଦିନ ଆଲୁଅରେ ଶତ୍ରୁ ତୁମର ପାଖ ମାଡ଼ିବ ନାହିଁ । ଆଖି ଦୁଇଟା ଅନ୍ଧାରରେ ଦେଖିବା ପାଇଁ ଖୁବ୍ ବଡ଼ ବଡ଼ ହୋଇଥିବ,—

Digitized by srujanika@gmail.com

ଦିନ ଆଲୁଅ ତୁମ ଆଖିରେ ସହ୍ୟ ହେଉ ନ ଥିବ। ସେହେତୁ ଭୟଙ୍କର ହୋଇ ନ ଥିଲେ ଦିନ ଆଲୁଅରେ ତୁମେ ନିରାପଦ ହୋଇ ପାରିବ ନାହିଁ। ଠିକ ତ?

—ହିଁ, ଠିକ କହୁଛ, ଆଉ କିଛି କହି ପାରିବ?

—ହିଁ, ଶୁଣ କହୁଛି। ଅନ୍ୟ ପକ୍ଷୀ ଯଦି ଭୟରେ ତୁମ ପାଖ ନ ମାଡ଼ନ୍ତି, ତାହେଲେ ଅଣ୍ଡା ମଧ୍ୟ ତୁମର ବେଶି ହଜୁ ନ ଥିବ। ତୁମ ପକ୍ଷି-ବଂଶର ଏ ନିୟମଟା ମୋତେ ମାଲୁମ ଅଛି ଯେ, ଡିମ୍ବ ନଷ୍ଟ ହେବାର ଭୟ ଯେତେ ବେଶି ଥାଏ, ତୁମମାନଙ୍କ ଡିମ୍ବର ସଂଖ୍ୟା ମଧ୍ୟ ସେହି ହିସାବରେ ବେଶି ହୁଏ। ତୁମର ତ ସେ ଭୟ ନାହିଁ, ସୁତରାଂ ବେଶି ଡିମ୍ବ ଦେବାର ବାଜେ ଖର୍ଚ୍ଚଟା ତୁମର ବଞ୍ଚି ଯାଉଥିବ।

—ଠିକ୍, ଠିକ୍, ହଉ, ଗଲିଲି। ମୁଁ ପେଚା।

ପେଚା ଯେମିତି ଆସିଥିଲା, ସେହିପରି ନିଃଶବ୍ଦରେ ଉଡ଼ିଗଲା। ମୁଁ ଛଅଆଣର 'ହାତଟା' ଆଉ ଥରେ ଦେଖିଲି ବେଳକୁ ଏକ ତୁମୁଳ କାଣ୍ଡ। ମୋ ଆଖି ଆଗରେ ଅସଂଖ୍ୟ ପକ୍ଷୀ-ଗୋଡ଼। ସମସ୍ତେ ଗର୍ବରେ,—'ହାତ' ଦେଖାଉଛନ୍ତି। ଏ କହୁଛି, ଆଗେ ମୋର, ସେ କହୁଛି ଆଗେ ମୋର। ନାଗର ହୋଇ ସମସ୍ତଙ୍କୁ ଧାଡ଼ି ଧାଡ଼ି ହୋଇ ରହିବାକୁ କହିଲି। କହିଲି, ସ୍ଥିର ହୁଅ। ମୁଁ ସବୁଯାକ ହାତ ଦେଖି ନେଇ ଯାହା କହିବାର ସଂକ୍ଷେପରେ କହୁଛି। ଗୋଟି ଗୋଟି କରି ଦେଖିବାକୁ ମୋତେ ବେଳ ନାହିଁ।

—ଅଚ୍ଛା, ବେଶ।

ମୁଁ କହିଲି ଦେଖ, ମୁଁ ସତ କହିବ, ତୁମେମାନେ ବିରକ୍ତ ହେବ ନାହିଁ ଏକା। ଅବଶ୍ୟ ଏ କଥା ସତ ଯେ, ମୋ କଥାଗୁଡ଼ାକ ତୁମକୁ ସୁଖ ଲାଗିବ ନାହିଁ। ତୁମର 'ହସ୍ତରେଖା' ଦେଖି ମୁଁ ବାଧ୍ୟ ହୋଇ କହୁଛି ଯେ ତୁମର ଆଦିପୁରୁଷ ଥିଲେ ସରୀସୃପଜାତୀୟ—କୁମ୍ଭୀର ଇତ୍ୟାଦି ପରି କୌଣସି ଜୀବ।

—ଏ କି କଥା। କଦାପି ନୁହେଁ,—ଅସମ୍ଭବ, ବୋଲି ସମସ୍ୱରରେ କିଚିର କିଚିର ଧ୍ୱନିର ପ୍ରତିବାଦ ଉଠିଲା।

କହିଲି, ଏତେ ବ୍ୟସ୍ତ କାହିଁକି? ସ୍ଥିର ହୁଅ। ମୁଁ ପ୍ରମାଣ ଦେବି। ସରୀସୃପର କାତି ବଦଳାଇ ତୁମେ ପର ଯୋଡ଼ି ହୋଇଛ,—କାରଣ ତୁମକୁ ଉଡ଼ିବାକୁ ହେବ। କିନ୍ତୁ ତୁମମାନଙ୍କର ପୂର୍ବ-ପୁରୁଷମାନଙ୍କର ଯେ ସରୀସୃପର କାତି ପରି କାତି ଥିଲା, ତାହାର ସାକ୍ଷୀ ତୁମମାନଙ୍କର ଗୋଡ଼। ଅଦ୍ୟାପି ତୁମ କେତେ ଗୋଡ଼ ମାନଙ୍କରେ କାତିର କଟା କଟା ଦାଗ ରହିଛି। ପୁଣି ସରୀସୃପମାନଙ୍କ ପରି ଅଣ୍ଡା ଦେବାର ଅଭ୍ୟାସ ମଧ୍ୟ ତୁମମାନଙ୍କର ଅଛି। ଠିକ୍ କି ନୁହେଁ?

କିଛି ନ ଦେଖି ସୁଦ୍ଧା ବେଶ ଅନୁଭବ କଲି ଯେ ସେମାନେ ବିସ୍ମିତ ହୋଇ ପରସ୍ପରର ମୁହଁକୁ ଚାହୁଁଛନ୍ତି। କିଏ ଜଣେ କହିଲା, ତା'ହେଲେ ଯେ ବିନତା ଓ କଶ୍ୟପର ଗଳ୍ପ ଅଛି,—ସେ କଣ ଭୁଲ?—ଭୁଲ ବୋଲି କହିଲା କିଏ? ତୁମେମାନେ କଦ୍ରୁଙ୍କ କଥା ପାସୋରି ଯାଉଚ ଯେ! ସାପ ତ ସରୀସୃପ, ପୁରାଣରେ ତାକୁ ତୁମର ମାଉସୀ ପୁଅ, କି ସାବତ ମା'ର ପୁଅ ଭାଇ ବୋଲି କହିଛନ୍ତି।

ସରୀସୃପ-ବଂଶ ତ ଏ ପର୍ଯ୍ୟନ୍ତ ଲୋପ ପାଇ ନାହିଁ। ସେମାନଙ୍କୁ ତୁମର ଭାଇ କହିଲେ ଦୋଷ କଣ?

—ହିଁ, ସେଟା ଠିକ୍।

—ଏଥର ଶୁଣ। ଏଇ ଯେ ଯୋଡ଼ିଏ ଗୋଡ଼—ଏଟା ଟିକିଏ ବେଶି ଅସାଧାରଣ। ତାର କଥା ଆଗେ କହିବ। ଚାରୋଟି ଯାକ ଅଙ୍ଗୁଠି ସ୍ୱାର ଆଗକୁ ଅଛି। ଅଙ୍ଗୁଷ୍ଠର ବନ୍ଦୋବସ୍ତ ଏ ପାଦରେ ନାହିଁ; ଅର୍ଥାତ ଗଛର ଡାଳ ମୁଠାଇ ଧରିବାର କ୍ଷମତା ଏ ପାଦର ମାଲିକଙ୍କର ନାହିଁ। ଏ ପକ୍ଷୀର ମାଟିରେ ବସିବାର ସୁଦ୍ଧା ବଡ଼ ଅସୁବିଧା,—ଚାଲିବୁଲି ତ ଦୂରର କଥା। ତେଣୁ ମୁଁ କହୁଛି ଯେ ଏ ଥାନ୍ତି ଘରର କାର୍ନିସ ଦେହରେ, କଡ଼ି-ବରଗାର ଫାଙ୍କରେ, ନଈର ଉଚ୍ଚ କନାରରେ ବା ସେହିପରି ଅନ୍ୟ କୌଣସି ସ୍ଥାନରେ। ଯେଉଁଠି ଥାଆନ୍ତି ସେଠାରେ ତାଙ୍କର ଖାଦ୍ୟ ଯେ ମିଳେ ନାହିଁ, ଏକଥା ଠିକ। ମାଟି ଉପରେ, ଗଛ ଡାଳରେ, ମିଳିବାର କଥା ତ ନୁହେଁ,—ପାଣିରେ ମଧ୍ୟ ନୁହେଁ। ସୁତରାଂ ଯାଙ୍କର ଖାଦ୍ୟ ପବନରେ ମିଳେ। ଉଡ଼ନ୍ତା ପତଙ୍ଗ ଇତ୍ୟାଦି ଯାଙ୍କର ଖାଦ୍ୟ।

ଶୀକାର ଧରିବା ପାଇଁ ଯାଙ୍କୁ ଦିନ ତମାମ ପବନରେ ଉଡ଼ି ବୁଲିବାକୁ ହୁଏ,—ବାଟରେ ବସି ବିଶ୍ରାମ ନେବାର ଉପାୟ ନାହିଁ, ତେଣୁ ସେ ଜଣେ ଓସ୍ତାଦ ବୈମାନିକ। ଉଡ଼ି ବୁଲିବା ଅବସ୍ଥାରେ କୀଟ ପତଙ୍ଗ ପରି ଛୋଟ ଛୋଟ ଜୀବ ମୁହଁରେ ଧରିବାକୁ ହେଲେ (କାରଣ ମୁଠେଇ ଧରିବାର କ୍ଷମତା ଯାଙ୍କର ନାହିଁ) ପାଟିର ମେଲଟା ବଡ଼ ଥିବା ଦରକାର, ନ ହେଲେ ଶୀକାର ଖସିଯିବ। ଦଳ ବାନ୍ଧି ଶୀକାର କରିବାଟା ମଧ୍ୟ ଯାଙ୍କ ପକ୍ଷରେ ସୁବିଧାଜନକ।

ପକ୍ଷୀମାନଙ୍କ ମଧ୍ୟରେ କଳରବ ଉଠିଲା—ଅବାବିଲ୍,—ଅବାବିଲ ଯା କହୁଛନ୍ତି ସବୁ ଠିକ୍। ଆମେ ଜାଣୁ ସେ ଘଣ୍ଟାକୁ ଶହେ ମାଇଲ ପର୍ଯ୍ୟନ୍ତ ଉଡ଼ିପାରେ।

ମୁଁ କହିବାକୁ ଲାଗିଥାଏଁ—ହେଇଟି ଆଉ ଏକ ପ୍ରକାର ଗୋଡ଼,—ନଖ ଗୁଡ଼ିକ ମୁଣ୍ଡା ହୋଇ ଯାଇଛି, ଗୋଡ଼ରେ ଦୁଇଟି କି ତିନୋଟି ଲେଖାଏଁ ଅଙ୍ଗୁଠି,—ପ୍ରୟୋଜନ ନାହିଁ ବୋଲି ଅଙ୍ଗୁଷ୍ଠ ଏବଂ ଅନ୍ୟ ଅଙ୍ଗୁଠି ଗୁଡ଼ିକ ଛୋଟ ଛୋଟ,—କେହି ବା ଚିହ୍ନରେ ପର୍ଯ୍ୟବସିତ। ଏପରି ଗୋଡ଼ର ମାଲିକମାନେ ଦୌଡ଼ିବାରେ ଦକ୍ଷ। ଉଡ଼ିବାକୁ ସେମାନେ ଚାହାନ୍ତି ନାହିଁ। ପବନ ଅପେକ୍ଷା ମାଟି ସେମାନଙ୍କର ବେଶୀ ପସନ୍ଦ। ଏ କଥାର ଏପରି ଅର୍ଥ ମଧ୍ୟ ହୋଇପାରେ ଯେ ଏମାନେ ଯେଉଁଠାରେ ଥାଆନ୍ତି ସେଠାରେ ଗଛ ପତ୍ର ବେଶୀ ନାହିଁ। ଫାଙ୍କା ଜମିରେ ଏମାନେ ଦୌଡ଼ି ବୁଲନ୍ତି। ଯାଙ୍କ ପୂର୍ବପୁରୁଷମାନଙ୍କ ଗୋଡରେ ପାଞ୍ଚୋଟି ଲେଖାଏଁ ଅଙ୍ଗୁଠି ଥିଲା ବୋଲି ପ୍ରମାଣ ମିଳୁଛି, କିନ୍ତୁ ଅପ୍ରୟୋଜନୀୟ ହେବାରୁ ଅନ୍ୟ ଅଙ୍ଗୁଠିଗୁଡ଼ିକ କ୍ରମେ ଲୁପ୍ତ ହୋଇ ଯାଉଛି, କେବଳ ମଧ୍ୟମାଟି ଷଠି-ଠାକୁରାଣୀଙ୍କ ଦୟାରୁ ଶୁକ୍ଳ ପକ୍ଷର ଶଶିକଳା ପରି ଦିନକୁ ଦିନ ବିବର୍ଦ୍ଧମାନ, ଦୌଡ଼ିବା ବେଳେ ସବୁ ଚାପଟ ତାରି ଉପରେ ପଡେ।

Digitized by srujanika@gmail.com

ଏମାନଙ୍କର ଅନ୍ୟ ଜାତି ଭାଇ ହେଲେ କୁକୁଡ଼ା ଜାତି । ତାଙ୍କ ଗୋଡ଼ରେ ଅଙ୍ଗୁଷ୍ଠ ଛଡ଼ା ଅନ୍ୟ ଅଙ୍ଗୁଠିଗୁଡ଼ିକ କୌଣସି ପ୍ରକାରେ ରହି ଯାଇଛନ୍ତି । ହେଉଛି କୁକୁଡ଼ା ଜାତୀୟ ଗୋଡ଼,—ଏମାନେ ଡେଣା ଅପେକ୍ଷା ଗୋଡ ଉପରେ ବେଶୀ ନିର୍ଭର କରନ୍ତି ଏବଂ ଦରକାର ବେଳେ ଅଙ୍ଗୁଠିକୁ ମାଟି ଖୋଳିବା କାମରେ ଲଗାନ୍ତି ।

ଏଣେ ଆଉ ଏକପ୍ରକାର ଦେଖା ଯାଉଛି—ପେଚା ପରି ଏମାନଙ୍କ ଗୋଡ଼ରେ ମଧ୍ୟ ଦୁଇଟି ଅଙ୍ଗୁଠି ସାମନାକୁ, ପଛକୁ ତିନିଟି ଅଙ୍ଗୁଷ୍ଠ । ଏପରି ଗୋଡର ମାଲିକମାନେ ଗଛ-ଚଢ଼ାଳି । କାହାର ପୁଚ୍ଛ, କାହାର ବା ଥଣ୍ଟ, ଗଛ ଚଢ଼ିବାରେ ସାହାଯ୍ୟ କରିଥାଏ ।

ଏଇ ଯେ ପର୍ଦ୍ଦାବାଲା ଗୋଡ, ଯହିଁରେ ଅଙ୍ଗୁଠିଗୁଡ଼ିକ ପର୍ଦ୍ଦା ଦେଇ ଯୋଡା ହୋଇଅଛି, ସେସବୁ ଜଳଚରମାନଙ୍କର । ଜଳଚର ଜୀବମାନଙ୍କୁ କାଦୁଅ ସମେତ ଏମାନେ ପାଟିକୁ ନିଅନ୍ତି । ସବୁଯାକ ଗିଳିବାର କଥା ନୁହେଁ, ସୁତରାଂ ଏମାନଙ୍କ ପାଟିରେ ଛାଣିବାର ବନ୍ଦୋବସ୍ତ ଅଛି । କାଦୁଅ ଧାଣ୍ଡିବା ପାଇଁ ପ୍ରାୟ ସମସ୍ତଙ୍କ ଥଣ୍ଟରେ କୋଣର ବ୍ୟବସ୍ଥା କରାଯାଇଛି ।

ଯେଉଁମାନଙ୍କର ଲମ୍ବା ଗୋଡ ସେମାନେ ପାଣିରେ ପହଁରନ୍ତି ନାହିଁ, କୂଳରେ ରହି ଜଳଚର ଜୀବକୁ ଥଣ୍ଟରେ ଉଠାଇ ନିଅନ୍ତି । ଏମାନଙ୍କ ମଧ୍ୟରୁ କାହାର ବେକ, କାହାର ଥଣ୍ଟ ଖୁବ ଲମ୍ବା । ଆଉ—

ବାବୁ—

ନିଦ ଭାଙ୍ଗିଗଲା । ସାଧୁ ଡାକୁଛି, ଗୃହୀ ଉଠ । ବଡ଼ ସୁନ୍ଦର ସାମୁଦ୍ରିକ ଚର୍ଚ୍ଚାଟା ନଷ୍ଟ ହୋଇଗଲା; ନୋହିଲେ ଚିଡ଼ିଆଖାନାରେ ଗୋଟାଏ ସ୍ଥାୟୀ ଉଚ୍ଚାସନ ମିଳିବାର ଆଶା ଥିଲା ।

ସହଜଜ୍ଞାନ ଓ ସ୍ୱଚ୍ଛନ୍ଦତା

ଶ୍ରୀ ଶଶିଭୂଷଣ ରାୟ

କିପରି ଜାଣିବ କଏ ପାପ ଓ କଏ ପୁଣ୍ୟ ? ଧର୍ମ ଓ ଅଧର୍ମ କି ପ୍ରକାରରେ ବୁଝିବ ? ଏଭଳି ଗୋଟିଏ ପ୍ରଶ୍ନ ସକଳ କାଳରେ ସକଳ ଅବସ୍ଥାରେ ମନୁଷ୍ୟର ମନରେ ଉଠିଥାଏ । ସକଳ ମନୁଷ୍ୟ ମନରେ ଯେ ଧର୍ମାଧର୍ମର ତର୍କ ଉଠିବ, ଏଭଳି କୌଣସି କଥା ନାହିଁ । ପଶୁବତ୍ ଅସଭ୍ୟ ମାନବ ଧର୍ମାଧର୍ମର କୌଣସି ସମ୍ବନ୍ଧ ରଖନ୍ତି ନାହିଁ । ସଭ୍ୟତାଭିମାନୀ ଅନେକ ଲୋକ ପ୍ରବଳ ନାସ୍ତିକତା ବଶତଃ ଧର୍ମାଧର୍ମର ବିଚାର ବିସ୍ମୃତ ହୁଅନ୍ତି । ଅନେକ ଭକ୍ତ, ଯେଉଁମାନେ ହୃଦୟର ଗୂଢ଼ତମ ପ୍ରକୋଷ୍ଠରୁ ବିଶ୍ୱାସ କରନ୍ତି ଯେ "ତ୍ୱୟା ହୃଷୀକେଶ ! ହୃଦି ସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି", ସେମାନଙ୍କର ଧର୍ମାଧର୍ମ ବିଚାର କରିବାର ପ୍ରୟୋଜନ ନ ଥାଏ । ଏଭଳି ବିଶେଷ ବିଶେଷ ଶ୍ରେଣୀ କଥା ଛାଡ଼ି ଦେଇ ସ୍ଥୂଳତଃ ଜଣାଯାଏ ଯେ ଧର୍ମାଧର୍ମର ଗୋଟିଏ ପ୍ରଶ୍ନ ପ୍ରାୟ ସକଳ ମାନବର ମନରେ ଉଠିଥାଏ । ପ୍ରଶ୍ନ ଉଠିଲେ ମୀମାଂସା ସକାଶେ ଆଗ୍ରହ ହେବାହିଁ ସ୍ୱାଭାବିକ ।

ଯେଉଁମାନେ ଶାସ୍ତ୍ରବାଦୀ, ଅନେକ ସ୍ଥଳରେ ଧର୍ମାଧର୍ମର ବିଚାର ସେମାନଙ୍କ ପକ୍ଷରେ ସହଜସାଧ୍ୟ ହୋଇଥାଏ । ଶାସ୍ତ୍ରରେ ଲେଖା ଅଛି, ସୁତରାଂ ଏ କାର୍ଯ୍ୟ କରିବାକୁ ହେବ; ସେ କାର୍ଯ୍ୟରେ ନିଷେଧ ରହିଅଛି, ସେ କାର୍ଯ୍ୟ କରିବା ଉଚିତ ନୁହେଁ । ଶାସ୍ତ୍ରର ବଚନ ପାଳନ କରି ପାରନ୍ତୁ ନ ପାରନ୍ତୁ, ଧର୍ମାଧର୍ମର ବିଚାରରେ ଶାସ୍ତ୍ର ହିଁ ଯେ ଏକମାତ୍ର ବିଚାରକ, ଏହା ଅନେକଙ୍କର ଧାରଣା ।

ଇଉରୋପରେ ପ୍ରୋଟେଷ୍ଟାଣ୍ଟ Protestant) ଧର୍ମର ଅଭ୍ୟୁଦୟରେ ସାଧାରଣ ମାନବ ମନରୁ ଯେପରି ଶାସ୍ତ୍ରବାଦ ବିଚ୍ଛିନ୍ନ ହେଲା, ଏହା ସଙ୍ଗେ ସଙ୍ଗେ ଧର୍ମାଧର୍ମର ବିଚାର କିପରି ହେବ, ଏହି ପ୍ରଶ୍ନର ଘୋର ଆନ୍ଦୋଳନ ହେଲା । "ଶାସ୍ତ୍ର ଦ୍ୱାରା ଧର୍ମାଧର୍ମର ମୀମାଂସା ହେବ" ଏ କଥାରେ ଲୋକର ମନ ମାନିଲା ନାହିଁ, ସୁତରାଂ କାହିଁରେ କଅଣ ହେବ, ଏହି ପ୍ରଶ୍ନର ଜଳ୍ପନା ଚାଲିଲା ।

ଇଉରୋପରେ ଯେଉଁମାନେ ଶାସ୍ତ୍ରବାଦ ନଷ୍ଟ କରିବାର ପ୍ରଧାନ ଉଦ୍ୟୋଗୀ, ସେମାନେ ଅସ୍ତି-ମତାରେ ଈଶ୍ୱରବାଦୀ ଥିଲେ । ଈଶ୍ୱରଙ୍କର କର୍ତ୍ତୃତ୍ୱ ଓ କୃପା ସେମାନଙ୍କର ମୂଳମନ୍ତ୍ର । ଧର୍ମାଧର୍ମ କିରୂପେ ବୁଝାଯିବ ଏହି ଆନ୍ଦୋଳନ ଉପସ୍ଥିତ ହେବାରୁ ସମସ୍ତେ ଈଶ୍ୱରବାଦୀ ଧର୍ମଯାଜକବର୍ଗଙ୍କୁ ପ୍ରଶ୍ନକଲେ ଈଶ୍ୱର ଯେବେ ପରମ ଦୟାଳୁ ଏବଂ ସର୍ବମୟ କର୍ତ୍ତା ତେବେ ମନୁଷ୍ୟ ଯହିଁରେ ସହଜରେ ଧର୍ମାଧର୍ମର ବିଭେଦ କରି ପାରିବ, ତାହାର କୌଣସି ପ୍ରକାର ଉପାୟ ସେ କଅଣ କରି ନାହାନ୍ତି ? ମନୁଷ୍ୟ କଅଣ ଏହା ଯେନି ସର୍ବଦା ଗଣ୍ଡଗୋଳରେ ପଡ଼ି ଥିବ ? ଏହା ଈଶ୍ୱରଙ୍କର କିଭଳି କର୍ତ୍ତୃତ୍ୱ ଓ କି ପ୍ରକାର ଦୟା ? ସେତେବେଳେ ଈଶ୍ୱରଙ୍କର କର୍ତ୍ତୃତ୍ୱବାଦୀମାନେ ଉତ୍ତର ଦେଲେ "ଈଶ୍ୱର କଅଣ ମନୁଷ୍ୟଙ୍କୁ ଅନ୍ଧକାରରେ ରଖିଅଛନ୍ତି ? କେବେହେଁ ନୁହେଁ । ପ୍ରତ୍ୟେକ ମନୁଷ୍ୟ ହୃଦୟରେ ଏଭଳି ଗୋଟିଏ ଆଲୋକ ଅଛି, ଏଭଳି ଗୋଟିଏ କଷଟି ପଥର ଅଛି, ଏବଂ ଏଭଳି ଜଣେ ଶିକ୍ଷାଗୁରୁ ଅଛନ୍ତି ଯେ, ମନୁଷ୍ୟ ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ଯିବ, ସେତେବେଳେ ସେହି ଆଲୋକରେ ଦେଖି ବୁଝି ପାରିବ, ସେ କାର୍ଯ୍ୟଟି ଭଲ କିମ୍ବା ମନ୍ଦ; ସେହି କଷଟି ପଥରରେ ବୁଝି ପାରିବ କାର୍ଯ୍ୟଟି ଭଲ କିମ୍ବା ହେଲା, ଏବଂ ସେହି ଶିକ୍ଷାଗୁରୁ ଯେବେ ଭଲ

Digitized by srujanika@gmail.com

କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୁଅ ତେବେ କହିଦେବେ, ଧନ୍ୟ ଧନ୍ୟ ଏବଂ ଯେବେ ମନ୍ଦ କାର୍ଯ୍ୟ କର ତେବେ କହିବେ, ସାବଧାନ, ଏ କାର୍ଯ୍ୟ କର ନାହିଁ । ଗୋଟିଏ ଅଲ୍ପଅ ଭଲ, ଗୋଟିଏ କପଟି ଭଲ, ଗୋଟିଏ ଗୁରୁ ଭଲ ତିନୋଟି ପଦାର୍ଥ ଅଛି, ଏହା ନୁହେ । ପ୍ରତ୍ୟେକ ମନୁଷ୍ୟ ହୃଦୟରେ ଈଶ୍ୱର ପ୍ରଦତ୍ତ ଏକାଳ ଗୋଟିଏ ପଦାର୍ଥ ରହିଅଛି ଯେ ସେହି ପଦାର୍ଥ ଦ୍ୱାରା ମନୁଷ୍ୟ ଭଲ ମନ୍ଦ ସମସ୍ତହିଁ ଦେଖିଥାଏ, ଭଲ ମନ୍ଦର ତାରତମ୍ୟ କରିପାରେ ଏବଂ ସେହି ପଦାର୍ଥହିଁ ହୃଦୟର ଅଭ୍ୟନ୍ତରରୁ ସତ୍ କାର୍ଯ୍ୟରେ ଉତ୍ସାହ ଦିଏ, ମନ୍ଦ କାର୍ଯ୍ୟରେ ପୁନଃ ପୁନଃ ନିଷେଧ କରେ ଏବଂ ମନ୍ଦ କାର୍ଯ୍ୟ ସମ୍ପନ୍ନ ହେଲେ ତାହାର ମନୋମଧ୍ୟରେ ଗ୍ଲାନି ଉତ୍ପାଦନ କରେ । ଏହିରୂପେ ସହଜ-ଜ୍ଞାନବାଦ ଅଥବା Conscience ର ପ୍ରଚଳନ ଇଉରୋପରେ ହୋଇଥିଲା ।

ଏଥିରୁ କ୍ରମଶଃ ଏହା ପ୍ରତିପନ୍ନ ହେଲା ଯେ ଏହି ସହଜଜ୍ଞାନ ନିର୍ମଳ, ବିଶୁଦ୍ଧ ଓ ପବିତ୍ର । ସର୍ବ ହୃଦୟରେ ରହନ୍ତି, ସର୍ବଦା ସତର୍କ ଥାଆନ୍ତି ଏବଂ ସମସ୍ତଙ୍କୁ ସ୍ପଷ୍ଟ ଭାଷାରେ ଉପଦେଶ ଦିଅନ୍ତି । ସୁତରାଂ ଏ ସତ୍ୟ ସ୍ୱରୂପ, ଜ୍ୟୋତି ସ୍ୱରୂପ ଓ ଜ୍ଞାନ ସ୍ୱରୂପ । ସହଜ-ଜ୍ଞାନ ଧୀର, ସ୍ଥିର, ଶାନ୍ତ ଏବଂ ଅଭ୍ରାନ୍ତ । ଈଶ୍ୱର ମହାଗୁରୁ, ସହଜଜ୍ଞାନ ଉପଗୁରୁ । ଏହି ସହଜଜ୍ଞାନଙ୍କୁ ମାନି ଚଳିଲେ, ସହଜ ଜ୍ଞାନ କର୍ତ୍ତୃକ ନିର୍ଦ୍ଦିଷ୍ଟ ମାର୍ଗରେ ନ ଯାଇ ସହଜଜ୍ଞାନର ପ୍ରଦର୍ଶିତ ମାର୍ଗରେ ମନୁଷ୍ୟ ଚାଲିଲେ ଅନାୟାସରେ ସଦ୍‌ଧର୍ମ ପାଳନ କରି ପାରିବ । ସୁତରାଂ ଏହି ସହଜଜ୍ଞାନ ଶାସ୍ତ୍ର, ଗୁରୁ, ପିତା, ମାତା, ଭାଇ, ବନ୍ଧୁ, ସ୍ତ୍ରୀ, ପରିବାର, ସମାଜ, ସ୍ୱଦେଶ ପ୍ରଭୃତି ସମସ୍ତଙ୍କ ଉପରେ ଆସନ ଲାଭ କଲା । ଏହି ସମସ୍ତଙ୍କୁ ବଳି ଦେଇ ସହଜଜ୍ଞାନର ପୂଜା ଆରମ୍ଭ ହେଲା । ଅମୁକ ଲୋକ Conscience ଅଥବା ସହଜଜ୍ଞାନର ଗୌରବ ରକ୍ଷାର୍ଥ ସମାଜ ତ୍ୟାଗ କଲେ ; ଅମୁକ ଜ୍ୱଳନ୍ତ ଚିତାରେ ଆରୋହଣ କଲେ ; ଅମୁକ ସହଧର୍ମିଣୀକୁ ପରିତ୍ୟାଗ କଲେ; ଅମୁକ ଶାସ୍ତ୍ର ସମସ୍ତ ଦଗ୍ଧ କରି ଭସ୍ମରାଶି ନଦୀ-ଗର୍ଭରେ ନିକ୍ଷେପ କଲେ—ଏହିପରି ସହଜଜ୍ଞାନର ସେବା ହେଲା । ଏହି ସହଜ ଜ୍ଞାନରେ ସର୍ବ ସାଧାରଣଙ୍କର ବିଶ୍ୱାସ—ବାର୍ତ୍ତା ଇଉରୋପର ସପ୍ତଦଶ ଏବଂ ଅଷ୍ଟାଦଶ ଶତାବ୍ଦୀର ଇତିହାସ, ଦର୍ଶନ ଏବଂ ନୀତିଶାସ୍ତ୍ରରେ ଜ୍ୱଳନ୍ତ ଅକ୍ଷରରେ ସୁପରିସ୍ଫୁଟ ରହିଅଛି । ହୃଦୟ ହୃଦୟସ୍ଥିତ ହୃଷୀକେଶ ନିୟୋଗକର୍ତ୍ତା—ଭକ୍ତ ସେହି ନିୟୋଗ ଅନୁସାରେ କାର୍ଯ୍ୟ କରନ୍ତି ; କିନ୍ତୁ ଏହି ହୃଦୟସ୍ଥିତ ଉପଗୁରୁ ନିୟୋଗ କରିବାକୁ ଯେପରି, ନିଷେଧ କରିବାକୁ ମଧ୍ୟ ସେହିପରି । ସୁତରାଂ ସହଜଜ୍ଞାନ ହସ୍ତରେ ଇଉରୋପୀୟମାନେ କ୍ରୀଡ଼ା-ପୁତ୍ତଳୀ ଭଳି ଅଗ୍ର ପଶ୍ଚାତ୍ ଉଭୟ ଦିଗରେ ଚାଳିତ ହେଲେ । ଏଥିରେ ମନୁଷ୍ୟ ଅନେକ ପରିମାଣରେ ଅସ୍ଥିର ହୋଇ ଉଠିଲେ ।

ଏହି ବିଂଶ ଶତାବ୍ଦୀରେ ଇଉରୋପର ରାଜନୈତିକ ଇତିହାସରେ ସହଜ-ଜ୍ଞାନର କୌଣସି ପ୍ରଭୁତ୍ୱ ନାହିଁ,—ଦର୍ଶନ ଶାସ୍ତ୍ରରେ ମଧ୍ୟ ସହଜ-ଜ୍ଞାନର ପ୍ରଭୁତ୍ୱ ବହୁ ପରିମାଣରେ କମି ଯାଇଅଛି ; କିନ୍ତୁ ଈଶ୍ୱରବାଦୀମାନଙ୍କର ନୀତିଶାସ୍ତ୍ରରେ ସହଜ-ଜ୍ଞାନର ପ୍ରତାପ ପ୍ରାୟ ଅକ୍ଷୁଣ୍ଣ ରହିଅଛି କହିଲେ ଚଳେ । ଏହି ହେତୁରୁ ସେହି ନୀତି-ଶାସ୍ତ୍ରର ଛାୟାବଲମ୍ବୀ ଉଦାରମତ ଭାରତୀୟ ଯୁବକ ସେହି କନ୍‌ଶେନ୍ସର ଦୋହାଇ ଦେଇ ପିତାମାତା ତଥା ସମାଜରୁ ଇଚ୍ଛା ପୂର୍ବକ ବିଚ୍ଛିନ୍ନ ହୋଇଥାଆନ୍ତି ।

ଉଦାରମତ ହେଉନ୍ତୁ ଅଥବା ଗାଢ଼ମତ ହେଉନ୍ତୁ ସକଳ ଇଂରାଜୀ ଭାଷାଭିଜ୍ଞ ଜାଣନ୍ତି ଯେ ଇଉରୋପର ଈଶ୍ୱରବାଦମୂଳକ ନୀତିଶାସ୍ତ୍ର ଈଶ୍ୱର କୃପାର ପ୍ରତ୍ୟକ୍ଷ ସାକ୍ଷୀସ୍ୱରୂପ ଏହି ସହଜଜ୍ଞାନ ଉପରେ ପ୍ରତିଷ୍ଠିତ । ସହଜଜ୍ଞାନ-ବାଦ ଈଶ୍ୱରବାଦର ଭିତ୍ତି ଓ ଚୂଡ଼ା ।

ଧର୍ମର ମୂଳ, ପ୍ରମାଣ ଏବଂ ପରିଣାମ କଣ ଏହି ତିନୋଟି ବିଷୟର ବିଚାର ସମୟରେ ଆତ୍ମତୁଷ୍ଟି ଏବଂ ଆତ୍ମଗ୍ଲାନିର ସ୍ଥାନ-ନିର୍ଦ୍ଦେଶ ଭାରତୀୟ ଧର୍ମଶାସ୍ତ୍ରରେ ରହିଅଛି । ଏହି ଆତ୍ମତୁଷ୍ଟି ଏବଂ ଆତ୍ମଗ୍ଲାନିର ସମଷ୍ଟି ଅଥଚ ଆଧାରସ୍ୱରୂପ ପଦାର୍ଥହିଁ କ'ଣ ଇଉରୋପର କନ୍‌ଶେନ୍ସ ନୁହେ ? ମନୁଙ୍କର ମତରେ :—

"ବେଦୋଽଖିଲୋ ଧର୍ମମୂଳଂ ସ୍ମୃତିଶୀଲେ ଚ ତଦ୍ୱିଦାଂ
ଆଚାରଶ୍ଚୈବ ସାଧୂନାମାତ୍ମନସ୍ତୁଷ୍ଟିରେବ ଚ ।"

ଅଖିଳ ବେଦ, ବେଦବିଦ୍‌ଗଣର ସ୍ମୃତି ଓ ଶୀଳ, ସାଧୁଗଣଙ୍କର ଆଚାର ଏବଂ ଆତ୍ମତୁଷ୍ଟି ଏହି ଗୁଡ଼ିକହିଁ ଧର୍ମର ମୂଳ । ଧର୍ମର ଲକ୍ଷଣ ସମ୍ବନ୍ଧରେ ମଧ୍ୟ ଉକ୍ତ ହୋଇଅଛି :—

"ବେଦଃ ସ୍ମୃତିଃ ସଦାଚାରଃ ସ୍ୱସ୍ୟ ଚ ପ୍ରିୟମାତ୍ମନଃ
ଏତଚ୍ଚତୁର୍ବିଧଂ ପ୍ରାହୁଃ ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣଂ ।"

ବେଦ, ସ୍ମୃତି, ସଦାଚାର ଓ ଆତ୍ମତୁଷ୍ଟି ଏହି ଚାରୋଟି ଧର୍ମର ସାକ୍ଷାତ୍-ଲକ୍ଷଣ ।

ଏଥିରୁ ଏତିକି ସ୍ପଷ୍ଟୀକୃତ ହେଉଅଛି, ଧର୍ମର ମୂଳ ଅନୁସନ୍ଧାନରେ ହେଉ କିମ୍ବା ପ୍ରମାଣ ଅନୁସନ୍ଧାନରେ ହେଉ, ବେଦ, ସ୍ମୃତି ଓ ସଦାଚାର ଉପରୁ ଆତ୍ମତୁଷ୍ଟିର ସ୍ଥାନ । ଯେବେ ଏପରି ଦେଖିବ ଯେ କୌଣସି ଗୋଟିଏ କାର୍ଯ୍ୟ ବେଦ-ବିହିତ, ସ୍ମୃତି-ସମ୍ମତ ଏବଂ ସଦାଚାର-ସମ୍ମତ ; କିନ୍ତୁ ସେଥିରୁ ଗୋଟିକରେ ତୁମ୍ଭର ଆତ୍ମତୁଷ୍ଟି ହେବ ଅନ୍ୟଟିରେ ହେବ ନାହିଁ, ଏ ସ୍ଥଳରେ ଯହିଁରେ ଆତ୍ମତୁଷ୍ଟି ହେବ ତାହା କରିବାହିଁ ତୁମ୍ଭର ଧର୍ମ ।

ବେଦ ଜାଣିବାର ଉପାୟ ଥିଲେ ବେଦକୁ ଜାଣି ଧର୍ମ-କର୍ମ କରିବା ସହଜ ; ମାତ୍ର ବେଦ ଦୁର୍ବୋଧ ଏବଂ ଅବୋଧ । ସୁତରାଂ ବେଦବିଦ୍‌ଗଣଙ୍କର କୃତ ସ୍ମୃତିରୁ ଧର୍ମଶିକ୍ଷା କରିବାକୁ ହୋଇଥାଏ । କୋଡ଼ିଏ ଜଣ ମହର୍ଷିଙ୍କର ସ୍ମୃତି ମଧ୍ୟରୁ ମନୁଙ୍କର ସ୍ମୃତିହିଁ ସର୍ବାପେକ୍ଷା ଅଧିକ ପ୍ରାମାଣ୍ୟ । ଅନ୍ୟ କୌଣସି ସ୍ମୃତିକାରଙ୍କ ସହିତ ମନୁଙ୍କର ବିରୋଧ ଉପସ୍ଥିତ ହେଲେ ମନୁଙ୍କୁହିଁ ମାନ୍ୟ କରିବାକୁ ହେବ । ସ୍ମୃତି ଉପରୁ ସଦାଚାରର ପ୍ରାମାଣ୍ୟ । ଯେଉଁମାନଙ୍କର ସ୍ମୃତି ଜାଣିବାର ଉପାୟ ନାହିଁ, ସେମାନେ ସଦାଚାର-ସମ୍ମତ ଜାଣି କୌଣସି କାର୍ଯ୍ୟ କଲେ ତାହା ଧର୍ମକାର୍ଯ୍ୟରେ ପରିଗଣିତ ହେବ । ଏହା ଉପରୁ ଯେଉଁଠାରେ ସଦାଚାର କଅଣ ତାହା ଜାଣିବାର

Digitized by srujanika@gmail.com

ଉପାୟ ନାହିଁ, ସେଠାରେ ଆତ୍ମତୁଷ୍ଟି ହିଁ ବଳବତ୍ତର। ଆତ୍ମତୁଷ୍ଟିକୁ ଅଗ୍ରାହ୍ୟ କରିବା ହିଁ ଅଧର୍ମ।

ମନୁ ମଧ୍ୟ ଚତୁର୍ଥ ଅଧ୍ୟାୟର ୧୬୧ ଶ୍ଳୋକରେ କହିଅଛନ୍ତି:—

"ଯତ୍ କର୍ମ କୁର୍ବତୋଽସ୍ୟ ସ୍ୟାତ୍ ପରିତୋଷୋଽନ୍ତରାତ୍ମନଃ
ତତ୍ ପ୍ରଯତ୍ନେନ କୁର୍ବୀତ ବିପରୀତନ୍ତୁ ବର୍ଜ୍ଜୟେତ୍।"

ଯେଉଁ କର୍ମର ଅନୁଷ୍ଠାନ କରୁଁ କରୁଁ ଅନୁଷ୍ଠାତାଙ୍କର ଅନ୍ତରାତ୍ମାର ପରିତୋଷ ହୁଏ, ସେହି କର୍ମ ଯତ୍ନପୂର୍ବକ କରିବ, ତାହାର ବିପରୀତ ଯହିଁରେ ହେବ ତାହା ତ୍ୟାଗ କରିବ।

ଇଉରୋପର ନୀତିଶାସ୍ତ୍ର, ଶାସ୍ତ୍ରବାଦ ପରିତ୍ୟାଗ କରିବାକୁ ଯାଇ ଯେରୂପ ସହଜ-ଜ୍ଞାନବାଦର ସୃଷ୍ଟି କରିଅଛି, ସେହିପରି ଇଉରୋପର ଧର୍ମନୀତି ଶାସ୍ତ୍ର ରାଜନୀତି ଶାସ୍ତ୍ରର ପ୍ରାଧାନ୍ୟ ବଳରୁ **Liberty, Individuality, Independence** ନାମରେ ସ୍ୱେଚ୍ଛାଚାରବାଦର ସୃଷ୍ଟି କରିଅଛି। ଯେଉଁ ସମସ୍ତ ଦେଶରେ ବିଭିନ୍ନ ରାଜ୍ୟ ମଧ୍ୟରେ କ୍ରମାଗତ ବିଦ୍ରୋହ ହୁଏ ଏବଂ ରାଜା ପ୍ରଜା ମଧ୍ୟରେ ଅନବରତ ବିଦ୍ରୋହ ଚାଲେ, ସେ ସକଳ ଦେଶରେ ଆପଣାର୍ଥ ହିଁ ପ୍ରବଳ। ଆତ୍ମରକ୍ଷା ହିଁ ସେଠାରେ ପ୍ରଧାନ ଧର୍ମ। ପରାଧୀନତା ମହାପାପ ବୋଲି ଗଣ୍ୟ। ଏହିରୂପେ ସ୍ଥିର ହୋଇଅଛି ଶାସ୍ତ୍ରବାଦ, ଶିକ୍ଷାଚାର ପ୍ରଭୃତି ହିଁ ନୀଚତା—ନିରଙ୍କୁଶ ସ୍ୱେଚ୍ଛାଚାର ହିଁ ସୁଖ। ଏ ଦେଶରେ ମଧ୍ୟ ଏହି ବିଷମ ମତବାଦର ଛାୟା ପଡ଼ିଅଛି। ଏହା ଫଳରୁ ଯେଉଁ ସମସ୍ତ ତର୍କ ହେଉଅଛି ତାହାର ଫଳ ନିମ୍ନଲିଖିତ ଅନୁସାରେ ଆତ୍ମପ୍ରକାଶ କରିଥାଏ—

"କୃପାସିନ୍ଧୁ ବାବୁ ଅତ୍ୟନ୍ତ ସ୍ୱାଧୀନ ପ୍ରକୃତିର ଲୋକ, କାହାରିକୁ ଖାତିର କରନ୍ତି ନାହିଁ।" ମାତ୍ର ଏଭଳି ଲୋକ କିପରି ପ୍ରଶଂସାପାତ୍ର ହୁଅନ୍ତି ତାହା ବୁଝିବା ହିଁ କଠିନ। ଅନ୍ୟାୟ ଅଧର୍ମ କରିବାକୁ କେହି ଅନୁରୋଧ କଲେ କୃପାସିନ୍ଧୁ ବାବୁ ତାହା ଶୁଣନ୍ତି ନାହିଁ, ଏହା ଭଲ। କିନ୍ତୁ ସତ୍ ଅସତ୍ କୌଣସି କାର୍ଯ୍ୟରେ ହିଁ ସେ କାହାରି ଖାତିର ରଖନ୍ତି ନାହିଁ ଏବଂ ତାହା ତାହାଙ୍କର ଗୁଣ ମଧ୍ୟରେ କିପରି ସ୍ଥାନ ଗ୍ରହଣ କରି ପାରିବ, ଏହା ବୁଝି ହୁଏ ନାହିଁ। ତେବେ ମୋଟରେ ବୁଝିବାକୁ ହେଲେ ଏତିକି ବୁଝାଯିବ, କୃପାସିନ୍ଧୁ ବାବୁ ଇଉରୋପୀୟ ଗୋଟିଏ ବିକୃତ ମତବାଦର ଅହଂକୃତ ଅନୁକରଣ କରିଥାଆନ୍ତି।

ଯେଉଁ ସମସ୍ତ କାର୍ଯ୍ୟରେ ଅନ୍ତରାତ୍ମାର ପରିତୋଷ ହେବ, ତାହା ହିଁ କରିବ, ଯହିଁରେ ଆତ୍ମଗ୍ଳାନି ହେବ ତାହା କରିବ ନାହିଁ—ଏ କଥା ଯେଉଁତେବେଳେ ଆମ୍ଭମାନଙ୍କ ଶାସ୍ତ୍ରରେ ରହିଅଛି ସେତେବେଳେ ଆମ୍ଭମାନଙ୍କ ଶାସ୍ତ୍ରରେ ଯେ ସ୍ୱଚ୍ଛନ୍ଦାନୁବର୍ତ୍ତିତାର (**Liberty** ଅଥବା **Individuality**) ଯଥେଷ୍ଟ ସ୍ଥାନ ରହିଅଛି, ଏହା ଭଲରୂପେ ବୁଝିବାକୁ ହେବ। ମାତ୍ର ଶାସ୍ତ୍ରାଚାର ଏବଂ ସଦାଚାର ଅକ୍ଷୁଣ୍ଣ ରଖି ସ୍ୱଚ୍ଛନ୍ଦାଚାର କରିବାକୁ ହେବ। ଏହି ସ୍ୱଚ୍ଛନ୍ଦାଚାରର ଇଉରୋପୀୟ **Individuality** ଠାରୁ ପ୍ରଭେଦ ଏତିକି ଯେ ଇଉରୋପୀୟ ସ୍ୱେଚ୍ଛାଚାର ସ୍ୱପ୍ରଧାନ; ମାତ୍ର ଭାରତର ଧର୍ମର ସ୍ୱଚ୍ଛନ୍ଦାଚାର ଶାସ୍ତ୍ରାଚାର ଓ ସଦାଚାରର ମୁଖାପେକ୍ଷା କରିଥାଏ।

ସ୍ୱଚ୍ଛନ୍ଦାଚାରର ମୂଳମନ୍ତ୍ର ମନୁଙ୍କର ନିମ୍ନଲିଖିତ ଶ୍ଳୋକରେ ଆତ୍ମପ୍ରକାଶ କରୁଅଛି:—

"ଯଦ୍ୟତ୍ ପରବଶଂ କର୍ମ ତତ୍ତଦ୍ ଯତ୍ନେନ ବର୍ଜ୍ଜୟେତ୍
ଯଦ୍ୟଦାତ୍ମବଶନ୍ତୁ ସ୍ୟାତ୍ ତତ୍ ତତ୍ ସେବେତ ଯତ୍ନତଃ।
ସର୍ବଂ ପରବଶଂ ଦୁଃଖଂ ସର୍ବମାତ୍ମବଶଂ ସୁଖଂ
ଏତଦ୍ବିଦ୍ୟାତ୍ ସମାସେନ ଲକ୍ଷଣଂ ସୁଖଦୁଃଖୟୋଃ।"

ଯେଉଁ ସମସ୍ତ ପରବଶ କର୍ମ, ସେ ସମସ୍ତ ଯତ୍ନପୂର୍ବକ ବର୍ଜ୍ଜନ କରିବ, ଯେଉଁ ସମସ୍ତ ଆତ୍ମବଶ କର୍ମ ସେହି ସମସ୍ତ ଅନୁଷ୍ଠାନ କରିବ। କୌଣସି ପ୍ରକାର ପରବଶ ହେବା ହିଁ ଦୁଃଖ, ସକଳ ପ୍ରକାର ଆତ୍ମବଶ କାର୍ଯ୍ୟରେ ହିଁ ସୁଖ। ସଂକ୍ଷେପରେ ଏହା ହିଁ ସୁଖଦୁଃଖର ଲକ୍ଷଣ।

ପରର ଉପାସନା ନ କରି ଆତ୍ମବଶରେ ରହିବାର ଶକ୍ତି ଓ ସୁଖ ଆମ୍ଭମାନଙ୍କ ମଧ୍ୟରୁ କ୍ରମଶଃ କମି ଯାଉଅଛି। ଗାଡ଼ି, ଘୋଡ଼ା, ମୋଟର ନ ହେଲେ ପାଦୁଣ୍ଡେ ବାଟ ଚାଲିବାର ଶକ୍ତି ନାହିଁ, ଭୃତ୍ୟ ସଙ୍ଗରେ ନ ଥିଲେ ସବୁ ଅନ୍ଧାର। ଦଶ ଜଣ କରତାଳି ନ ଦେଲେ କୌଣସି ସତ୍‌କାର୍ଯ୍ୟରେ ପ୍ରବୃତ୍ତି ହୁଏ ନାହିଁ। ପରବଶତା ଆମ୍ଭମାନଙ୍କ ସମାଜରେ ନାନା ଭାବରେ ସକଳ ଶ୍ରେଣୀ ମଧ୍ୟରେ ପ୍ରବେଶ କରୁଅଛି, ଏଭଳି ପରବଶତା ହିଁ ଆମ୍ଭମାନଙ୍କ ଦୁଃଖର ନିଦାନ ସ୍ୱରୂପ। ଶାସ୍ତ୍ରୋକ୍ତ ଆତ୍ମତୁଷ୍ଟିର ନିତାନ୍ତ ବିକୃତବାଦରୂପ ଇଉରୋପୀୟ ସହଜଜ୍ଞାନର ଦୋହାଇ ଦେଇ ଶାସ୍ତ୍ର ଏବଂ ସଦାଚାର ଉଲ୍ଲଙ୍ଘନ କରି ନିଜର ଆତ୍ମବଶତା (**Individuality or Independence**) ରକ୍ଷା କରିବା ଶାସ୍ତ୍ରବିରୁଦ୍ଧ, ନୀତିବିରୁଦ୍ଧ ଓ ଦର୍ଶନ ବିରୁଦ୍ଧ। ଏଭଳି ଆଚରଣ ମୂଳରେ ଯୋଡ଼ିଏ ଦ୍ରବ୍ୟ ଥାଏ। ପ୍ରଥମତଃ ଇଉରୋପୀୟ ବିକୃତ ନୀତିବାଦର ଅନ୍ଧ ଅନୁକରଣ, ଦ୍ୱିତୀୟରେ ଇଂରାଜି ବିଦ୍ୟାର ସହଜାତ ସଂସ୍କାରର ଅହଙ୍କାର। କୌଣସି ବିଷୟ ନ ମାନି ଛିନ୍ନ-ମିନ୍ନ-ଧ୍ୱନ୍ନ-କଳଙ୍କକୁ ଅନବରତ ଅନାସ୍ଥାର ଦୃଷ୍ଟାନ୍ତ ଦେଇ, ଦୀର୍ଘ ଛନ୍ଦରେ ଅହ୍ଲାଦର ସମ୍ବନ୍ଧରେ ବକ୍ତୃତା କରି କ୍ରମଶଃ ପକ୍ଷୃତ ଜୀର୍ଣ୍ଣ କରି, ଅକାଳରେ ମହାପ୍ରସ୍ଥାନ କଅଣ ପରମ ପୁରୁଷାର୍ଥ ?

Digitized by srujanika@gmail.com

ଦିବସ ଓ ସନ୍ଧ୍ୟା

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ଦିନ ଯାଏ—ଦିନ ଯାଏ—
ମୁହୂର୍ତ୍ତେ ସେ ନ ପାରିବ ରହି
ଅଧୀର ବିରହୀ ।

ଦୂରେ—ଦୂରେ—
ବହୁ ଦୂର ଦେଶେ—
ହୁଏ ତ ସେ ଜାଣେ ନାହିଁ କେବଣ ଉଦ୍ଦେଶ୍ୟେ—
ନ ଦେଖି ସେ ପାରି ଥାଏ
ଯହିଁ ଯାଏ ;
ତଥାପି ପାଗଳ
ହେର—ହେର—
କି ଚଞ୍ଚଳ କରେ ଅସ୍ତାଚଳ ।
କ୍ଷଣକ ଅନ୍ତରେ
ଆକାଶର ପ୍ରତି ସ୍ତରେ ସ୍ତରେ
ଏବେ ଯାହା ରହିଅଛି ଭରି
ଆନନ୍ଦ ପ୍ରସରି,
ନ ଥିବ ତା' ଅବଶେଷ—
ଗନ୍ଧ-ବର୍ଣ୍ଣ ଲେଶ ।

ସନ୍ଧ୍ୟା ତାରେ କହେ ଡାକି,—
" ଜୀବନରେ ଯଦି କିଛି ବାକି
" ଥାଏ କରିବାକୁ, କହ !
" ପୂର୍ଣ୍ଣ ତାହା କରିବ ନିଶ୍ଚୟ ! "
ଶୁଷ୍କ ହାସ ହସି
ଧୀରେ ଧୀରେ ପଡ଼େ ସେହି ଖସି
ଅନନ୍ତ ଗର୍ଭରେ—।
ନୋହେ ସ୍ପଷ୍ଟ, କହେ ଧୀର ସ୍ୱରେ—

"ସୁନ୍ଦରୀ ଅନିନ୍ଦ୍ୟା—
" ତ୍ରିଭୁବନ ବନ୍ଦ୍ୟା—
"ସନ୍ଧ୍ୟା !
" ପ୍ରଥମ ଏ ଶେଷ ମୋ ମିନତି:—
" ଅନୁରୋଧ ନ କରିବ ସତି,
" ଶେଷ ଅଭିଳାଷ ମୋର
" ପ୍ରଶ୍ନ ଯାହା ତୋର
"କହିବାକୁ କାହାରି ଅଗ୍ରତେ ।
" ଗୋପନେ ଯା ରହିଅଛି ରହିଯାଉ ଚିର ସେ ଗୁପତେ
" ଥାଉ—ଥାଉ—
"ଗୋପନହିଁ ନାହିଁ ସ୍ପୃହା ଆଉ ।"

ଯେପରି ବୁଣିବ *

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

"ଭାଗ୍ୟ ବୋଲି ଯାହା ବିଚାରଇ ନର
ଆନ ନୁହେ ତାହା, ଚିନ୍ତା ନାମାନ୍ତର ।
ବାଛି ନିଅ ଭାଗ୍ୟ ରହିଥାଅ ଚାହିଁ,
ଭଲ ମନ୍ଦ ଫେରେ ତିଳେ ଭ୍ରମ ନାହିଁ ।

ସ୍ନେହ ପାଇଁ ସ୍ନେହ, ଘୃଣା ପାଇଁ ଘୃଣା
ଆସେ ଏହି ନୀତି ନୁହେ କେବେ ଊଣା ।
ପୋତି ଦେଲେ ଆମ୍ବ, ଅମ୍ଳିକା ନ ଫଳେ,
କର୍ମ ଅନୁସାରେ ସଦା ଫଳ ଧରେ ।"
— ଏଲା ହ୍ୱିଲର ଉଇଲକକ୍ସ ।

* O. S. Mardenଙ୍କ " Peace, Power and Plenty "ରୁ " As you sow "ର ଅନୁବାଦ

"ସୁନ୍ଦର ଚିନ୍ତାସବୁ ଦୟା, ଦାକ୍ଷିଣ୍ୟ ଓ ମାଧୁର୍ଯ୍ୟର ସଦଭ୍ୟାସରେ ପରିଣତ ହୁଏ ଏବଂ କାଳକ୍ରମେ ସମୁଜ୍ଜ୍ୱଳ ସୁନ୍ଦର ଅବସ୍ଥା ସୃଷ୍ଟି କରେ ।"

ପୃଥିବୀରେ ସବୁଦିନ ଲୋକେ ଯାହା ବୁଣନ୍ତି ବା ରୋଇଅନ୍ତି ଠିକ୍ ତାହାହିଁ ଫସଲରୂପେ ପାଆନ୍ତି ; ଧାନ ବୁଣି ସେଥିରୁ ଗହମ କେବେ ଅମଳ କରନ୍ତି ନାହିଁ । ବାସ୍ତବ ରାଜ୍ୟରେ 'ଯେପରି ରୋଇବ, ସେପରି ଖାଇବ' ଏ କଥା ଧ୍ରୁବସତ୍ୟରୂପେ ଜାଣିବା ସତ୍ତ୍ୱେ ଲୋକେ ଅନେକ ମନେ କରନ୍ତି ଯେ ମନୋରାଜ୍ୟରେ ଏହି ପ୍ରାକୃତିକ ନିୟମର ବ୍ୟତିକ୍ରମ ହୁଏ ।

କେଉଁ ରୀତିରେ ମନୁଷ୍ୟ ସୁଖ ଓ ସନ୍ତୋଷର ଫଳଭୋଗୀ ହେବାକୁ ସାହସ କରେ, ଯଦି ସେ ଦିନ ମାସ ବର୍ଷ ଧରି ସୁଖ-ସନ୍ତୋଷର ବିରୋଧାତ୍ମକ ଚିନ୍ତା ମନ ମଧ୍ୟରେ ରୋପଣ କରୁଥାଏ । କିପରି ସେ ସ୍ୱାସ୍ଥ୍ୟସୁଖର ଫଳ ଲାଭ କରିବାକୁ ଆଶା କରିବ, ଯଦି ନିୟମିତ ଭାବରେ ସେ ରୋଗଚିନ୍ତାର ବୀଜ ମାନସ-କ୍ଷେତ୍ରରେ ବପନ କରୁଥିବ ।

ଯଦି କୌଣସି କୃଷକ ବାଇଗଣ ଗୁଡ଼ିଏ ବିଲରେ ବୁଣି ଧାନ ଫସଲ କାଟିବାକୁ ଆଶା କରି ବସେ, ନିଶ୍ଚୟ ସେ କୃଷକକୁ ଲୋକେ ବିକୃତମସ୍ତିଷ୍କ ବୋଲି ଭାବନ୍ତି ! ପକ୍ଷାନ୍ତରେ ଆମ୍ଭେମାନେ ସଦା ସର୍ବଦା ଭୟର ଚିନ୍ତା, ବ୍ୟସ୍ତତାର ଚିନ୍ତା, ଉଦ୍‌ବେଗର ଚିନ୍ତା, ସନ୍ଦେହର ଚିନ୍ତାରେ ମନକୁ ପୂର୍ଣ୍ଣ କରି ଚକିତ ହେଉଁ ଯେ କାହିଁକି ସୁଖ-ସନ୍ତୋଷ ଆସିଲା ନାହିଁ । କୃଷୀର ବୁଣିବା କାଟିବା ଏବଂ ଆମ୍ଭର ଚିନ୍ତା ଓ ଫଳ ଏକ ନିୟମର ଅଧୀନ । ଶସ୍ୟର ବୀଜ ଏକା ଶସ୍ୟ ଉତ୍ପାଦନ କରିବାକୁ ସମର୍ଥ । ମନୁଷ୍ୟର କାର୍ଯ୍ୟର ଫଳାଫଳ, କ୍ଷୁଦ୍ର ବୃହତ୍, ସୁନ୍ଦର ଅସୁନ୍ଦର, ପ୍ରଚୁର ଅପ୍ରଚୁର ହୁଏ; ତାହାର ନିଜର ଚିନ୍ତାର ଧର୍ମ ଅନୁସାରେ ।

କୃଷୀ ବାଇଗଣ ବିହନ ବିଲଯାକ ବୁଣି ଯେପରି ଧାନ ଫସଲ ପାଇ ନ ପାରେ, କୌଣସି ଲୋକ ସବୁବେଳେ ମନରେ ଅକୃତ-କାର୍ଯ୍ୟତାର ଚିନ୍ତା ପୂର୍ଣ୍ଣ କରି କେବେହେଲେ କୃତକାର୍ଯ୍ୟତାର ସୁଖ ଅନୁଭବ କରିବାକୁ ସମର୍ଥ ହୋଇପାରେ ନାହିଁ । ଯଦି କେହି ଆଶାର ମଞ୍ଜିରୂପେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ସତ୍ୟ, ପବିତ୍ରତା ସୁଖସମୃଦ୍ଧି, ଦୃଢ଼ତା ଓ ବିଶ୍ୱାସର ଚିନ୍ତା ପୋଷଣ କରେ, ସେ ନିଶ୍ଚୟ ତଦନୁରୂପ ଫଳ ଲାଭ କରିବ; କିନ୍ତୁ ସେ ଯଦି ବିବାଦ ବିସମ୍ବାଦ ବା ଅନର୍ଥର ବୀଜ ବପନ କରିବ, ତାହାର ସ୍ୱାଭାବିକ ଫଳ ସ୍ୱରୂପ ସେ ଅନୈକ୍ୟ ବା ଅନର୍ଥ ଲାଭ କରିବ ।

ଦୁଶ୍ଚିନ୍ତା ଘାସ ବାଇଗଣ ପରି; ଘାସ ବାଇଗଣ ଫସଲକୁ ସମୂଳରେ ନଷ୍ଟ କଲାପରି ଏହା ସତ୍ ଚିନ୍ତାକୁ ଫଳପ୍ରଦ କରିଏ ନାହିଁ ।

ବାହ୍ୟ ଜଗତର ପ୍ରାକୃତିକ ନିୟମ ଗୁଡ଼ିକ ଯେପରି ବନ୍ଧନ-ଧୃତ; ଅନ୍ତର୍ଜଗତର ନିୟମ ଗୁଡ଼ିକ ମଧ୍ୟ ତଦ୍ରୂପ; ଏକଥା ଠିକ୍ ରୂପେ ବୁଝିବାର ଶକ୍ତି ଯଦି ଆମ୍ଭମାନଙ୍କର ଥାଆନ୍ତା, ତେବେ ଜୀବନର ସମସ୍ୟାଗୁଡ଼ିକ କେତେ ସରଳ ହୋଇଯାଆନ୍ତା । ମସ୍ତିଷ୍କର ପ୍ରତି ଚିନ୍ତା ବୀଜରୂପେ ଠିକ୍ ତାହାର ସମଜାତୀୟ ଫଳ ଉତ୍ପାଦନ କରନ୍ତା । କଣ୍ଟାର ଚିନ୍ତା କଣ୍ଟା ଫସଲ ଆଣନ୍ତା, ଗୋଲାପର ଚିନ୍ତା ଗୋଲାପ ଫୁଲ ଆଣନ୍ତା, ବାଇଗଣର ଚିନ୍ତା ବାଇଗଣ ଆଣନ୍ତା, ଗହମର ଚିନ୍ତା ଗହମ ଆଣନ୍ତା ।

ପ୍ରତ୍ୟେକ ଜୀବନର ଗତି ତାର ମାନସିକ ବପନ-କ୍ରିୟାର ଫସଲ ମାତ୍ର । ଗୋଟିଏ ବୀଜରୁ ସହସ୍ର ଫଳ ହୁଏ । ଯଦି ବାୟୁ ବୁଣୁଁ, ତେବେ ଫସଲ ରୂପେ ଆମ୍ଭେମାନେ ଘୂର୍ଣ୍ଣିବାୟୁ ପାଇବୁଁ । ମନରେ ସୁଖସମୃଦ୍ଧି ଓ ପ୍ରାଚୁର୍ଯ୍ୟର ଚିନ୍ତାକୁ ସ୍ଥାନ ଦେଲେ ଆମ୍ଭେମାନେ ତଦ୍ରୂପ ଫଳଭୋଗୀ ହେବୁଁ । ପକ୍ଷାନ୍ତରେ ନୀଚ କ୍ଷୁଦ୍ର ବା ଅକୃତକାର୍ଯ୍ୟତାର ଚିନ୍ତା ରୋପଣ କଲେ, ଫଳରେ ଦାରିଦ୍ର୍ୟ ଫସଲ ପାଇବାକୁ ଆମ୍ଭେମାନେ ହକ୍‌ଦାର । ଜୀବନର ସାଫଲ୍ୟ ଚିନ୍ତାର ଅନୁଗାମୀ ହେବ । ଆମ୍ଭେମାନେ ଯେତେବେଳେ ଗୋଟିଏ ନିର୍ଜୀବ ସ୍ୱାର୍ଥପର ମୁଖମଣ୍ଡଳ ଅବଲୋକନ କରୁଁ, ସେତେ-ବେଳେ ଭାବୁଁ ଯେ ଲୋକଟିର ମନ କପରି ନୀଚ, କ୍ଷୁଦ୍ର ଓ ସ୍ୱାର୍ଥପର ଚିନ୍ତାରେ ପୂର୍ଣ୍ଣ । ପକ୍ଷାନ୍ତରେ ଯେତେବେଳେ ଆମ୍ଭେମାନେ ଧୀର ଗମ୍ଭୀର ଆଶାପ୍ରଫୁଲ୍ଲ ମୁଖଟିଏ ଦେଖୁଁ, ସେତେବେଳେ ଠିକ୍ କରି ନେଉଁ ଯେ ଲୋକଟିର ମନରେ ଆଶା, ଆନନ୍ଦ, ଉତ୍ସାହର ବୀଜ ଅବଶ୍ୟ ବପନ କରା ହୋଇଅଛି ।

ଯଦି କୌଣସି ବ୍ୟକ୍ତି ଖଣ୍ଡିଏ ତୀକ୍ଷ୍ଣ ଛୁରୀ ଧରି ନିଜ ଦେହର ଚମଡ଼ାକୁ ଚିରି ରକ୍ତ ବାହାର କରେ, ଲୋକେ ତାକୁ ଅବଶ୍ୟ ପାଗଳ ବୋଲି କହିବେ । ମାତ୍ର ଆମ୍ଭେମାନେ ଯେ ପ୍ରତି ମୁହୂର୍ତ୍ତରେ କ୍ରୋଧ, ଘୃଣା, ହିଂସା, ଦ୍ୱେଷ, ପ୍ରତିହିଂସା ରୂପ ସୁତୀକ୍ଷ୍ଣ ଚିନ୍ତାଛୁରିକାଦ୍ୱାରା ଆମ୍ଭମାନଙ୍କର ମନକୁ ଖଣ୍ଡ ଖଣ୍ଡ କରି କାଟି ରକ୍ତାକ୍ତ କରୁଅଛୁଁ, ଏକଥା ଭୁଲେ ହେଲେ ମନେ କରୁନାହୁଁ ; ଅଥଚ ଏପରି କରି ମଧ୍ୟ ଆମ୍ଭେମାନେ ଆପଣାକୁ ସୁବିଚାରକ ପ୍ରକୃତିସ୍ଥ ପୁରୁଷ ବୋଲି ମନେ କରୁଥାଉଁ ।

ପ୍ରତି ଚିନ୍ତା କ୍ଷୁଦ୍ର ବୀଜ ରୂପେ ସମଜାତୀୟ ମାନସିକ ବୃକ୍ଷଗଛଟିଏ ସୃଷ୍ଟି କରେ । ଯଦି ସେ ବୀଜରେ ବା ଚିନ୍ତାବୃକ୍ଷରେ କିଛି ବିଷାକ୍ତ ପଦାର୍ଥ ଥାଏ ତେବେ ସେ ଗଛର ଫଳ ଅବଶ୍ୟ ବିଷମୟ ହେବ । ସେ ବିଷ ମାନବର ଜୀବନକୁ ନଷ୍ଟ କରିବ: ସବୁ ସୁଖ ସବୁ ଶକ୍ତିର ବିନାଶର କାରଣ ହେବ ।

ମନୁଷ୍ୟ ବାସନାର ଦାସ ହେଲେ ତାହାଠାରେ ବାସନାର ଫଳ ଫଳିବ । ଯେଉଁ ଲୋକ ଅତି ସ୍ୱାର୍ଥପର ଜୀବନ ଯାପନ କରେ, କେବଳ ନେବା କଥା ଜାଣେ କାହାକୁ କିଛି ଦେବାର ଅଭ୍ୟାସ କରେ ନାହିଁ, ସେ ପରିଣାମରେ କଣ୍ଟାର ଫସଲ ପାଏ, ସେଥିରେ ତାର ଦୁଃଖ କରିବାର କିଛି କାରଣ ଥାଇ ନ ପାରେ । ଜୀବନ ଆମ୍ଭମାନଙ୍କ ପ୍ରତି ବଡ଼ ନ୍ୟାୟପର । ଆମ୍ଭେମାନେ ଯେତିକି ଦେଉଁ, ପ୍ରତିଦାନରେ ଠିକ୍ ସେତିକି ପାଉଁ । ଏହାର କାରଣ ହେଉଛି ଯେ ଆମ୍ଭେମାନେ ଯାହା ପାଇବାକୁ ମନେକରୁଁ ତାହାର ଉପଯୁକ୍ତ ମୂଲ୍ୟ ନ ଦେଇ ନେଇଯିବାକୁ ଇଚ୍ଛାକରୁଁ ; କିନ୍ତୁ

Digitized by srujanika@gmail.com

ଆମ୍ଭେମାନେ ଯେତିକି ମୂଲ୍ୟ ଦେଉଁ, ସେହି ଅନୁପାତରେ ପଦାର୍ଥ ଲାଭ କରୁଁ । ପ୍ରକୃତି ଜାଣିରେ କେବେହେଲେ ସଉଦା ଦିଏ ନାହିଁ—ସେ ସର୍ବଦା ବ୍ୟବସାୟରେ ନଗଦ କାରବାର କରେ । ସେ ଠିକ୍ ଆମ୍ଭର ମୂଲ୍ୟ ଅନୁସାରେ ମାଲ ଦେଇଥାଏ—ତାହାର କାରବାରର ଏପରି ବନ୍ଦୋବସ୍ତ ଯେ ମୂଲ୍ୟଟିକ ନ ଦେଲେ କୌଣସି ମାଲ ତା ଗୋଦାମରୁ ଫାଟକ ଡେଇଁ ବାହାରକୁ ଯାଇପାରେ ନାହିଁ ।

ସୁଖସମୃଦ୍ଧିର ଫସଲ ପାଇବାକୁ ଇଚ୍ଛା ଥିଲେ, ଭବିଷ୍ୟତ୍ ମାନବ ଅକୃତକାର୍ଯ୍ୟତାର, ଦାରିଦ୍ର୍ୟର, ସନ୍ଦେହ ବା ନିରୁତ୍ସାହର ବୀଜ ବପନ କରିବ ନାହିଁ । ସେ ଯେପରି ଫସଲ ପାଇବାକୁ ଇଚ୍ଛା କରିବ, ସେହିପରି ବୀଜ ସେ ବପନ କରିବ । ସେ ଯଦି ସୌନ୍ଦର୍ଯ୍ୟ ମାଧୁର୍ଯ୍ୟ ବା ଲଳିତ୍ୟରେ ଚରିତ୍ର ଗଠନ କରିବାକୁ ଇଚ୍ଛା କରିବ, ତେବେ ସ୍ନେହ, ପ୍ରୀତି, ଦୟାଦାକ୍ଷିଣ୍ୟର ବୀଜ ବପନ କରିବ ଏବଂ ମନେ ରଖିବ ଯେ ସେ ଯଦି ହିଂସା, ଦ୍ୱେଷ, ଘୃଣା, ପ୍ରତିହିଂସାର ବୀଜ ବପନ କରିବ, ତାହାହେଲେ ସେହିପରି ଫସଲ ଅମଦାନି କରିବ—ତାହା ଅସୁନ୍ଦର, କୁତ୍ସିତ, କଦାକାର ବାଳୁଙ୍ଗା ଛଡ଼ା ଆଉ କିଛି ହେବ ନାହିଁ ।

ଭବିଷ୍ୟତ ମାନବ ବିଜ୍ଞାନସମ୍ମତ ଭାବରେ ଜୀବନ ଯାପନ କରିବ । ସେ ବୁଝିବ ଯେ ଶାରୀରିକ ସ୍ୱାସ୍ଥ୍ୟ, ଶକ୍ତି ଓ ସୌନ୍ଦର୍ଯ୍ୟ ଆଣିବାର ଗୋଟିଏ ମାତ୍ର ଉପାୟ ଅଛି—ତାହା ହେଉଛି, ସେ ଯେଉଁ ସ୍ୱାସ୍ଥ୍ୟ ଲୋଡ଼ୁଅଛି ସେହି ସ୍ୱାସ୍ଥ୍ୟ-ଚିନ୍ତା-ବୀଜ ବପନ କରିବା । କୃଷକ ଯେପରି ଯେଉଁ ମଞ୍ଜି ବୁଣେ ସେହି ଫସଲ ପାଇବ ବୋଲି ନିଃସନ୍ଦେହରେ ମନେ କରିପାରେ, ସେ ସେହିପରି ଯେଉଁ ଚିନ୍ତା କରିବ ସେହି ଚିନ୍ତାର ଅନୁରୂପ ଫସଲ ଜୀବନରେ ଅବଶ୍ୟ ପାଇବ !

ଶରୀର ମନର ପ୍ରତିବିମ୍ବ ମାତ୍ର; ଏହା ଆଉ କିଛି ହୋଇ ନ ପାରେ । ଯେ ମନରେ ସ୍ନେହର, କରୁଣାର, ପ୍ରେମର, ସୌନ୍ଦର୍ଯ୍ୟର ଚିନ୍ତା ପୋଷଣ କରନ୍ତି ତାଙ୍କର ଶରୀର ଏହି ମାନସିକ ଚିନ୍ତା ଅନୁସାରେ ଅବଶ୍ୟ ଗଠିତ ହେବ । ଏହା ସମୟସାପେକ୍ଷ, କିନ୍ତୁ ହେବା ବିଷୟରେ କିଛି ଅନିଶ୍ଚିତତା ବା ସନ୍ଦେହ ନାହିଁ । ଏହା ଗୋଟିଏ କଠିନ ନିର୍ଭର ସତ୍ୟ । ସମ ପଦାର୍ଥ ଅବଶ୍ୟ ସମ ପଦାର୍ଥ ସୃଷ୍ଟି କରିବ ।

ଦସ୍ୟୁ ଅନ୍ୟର ପଦାର୍ଥ ଅପହରଣ କରି ଅପହୃତର ଯେତିକି କ୍ଷତି କରେ, ତାଠାରୁ ଅଧିକ ପରିମାଣରେ ନିଜର କ୍ଷତି କରେ । ଯାହାର ମାଲ ଯାଏ ସେ ଅବଶ୍ୟ କିଛି ଅସୁବିଧାରେ ପଡ଼େ, କିନ୍ତୁ ଦସ୍ୟୁ ନିଜେ ନିଜର ମନୋବୃତ୍ତି ଉପରେ ଦାରୁଣ ଆଘାତ କରି ନିଜର ସର୍ବନାଶ ସାଧନ କରେ । ଆମ୍ଭେମାନେ ଏପରି ଭାବରେ ଗଠିତ ଯେ ଇଚ୍ଛା କରି ଅନ୍ୟର କ୍ଷତି କରିବାକୁ ଗଲେ ସେଥି ସଙ୍ଗେ ସଙ୍ଗେ ନିଜର ନିଶ୍ଚୟ କ୍ଷତି କରୁଁ । ଆମ୍ଭେମାନେ ଯଦି ନିଜ ପ୍ରତି ଭଲ କରୁଁ, ସେଥି ସଙ୍ଗେ ସଙ୍ଗେ ଅନ୍ୟର ଅବଶ୍ୟ ଭଲ କରୁଁ ।

ଆମ୍ଭର ପ୍ରତିବେଶୀର କିଛି କ୍ଷତି କରିବାକୁ ଗଲେ ଆମ୍ଭର ନିଜର ସେଥି ସଙ୍ଗେ ସଙ୍ଗେ ଅବଶ୍ୟ କ୍ଷତି ହେବ । ନବ ଯୁଗର ଏ ନୂତନ ଦର୍ଶନଶାସ୍ତ୍ର ଯିଶୁଖ୍ରୀଷ୍ଟ ଶିକ୍ଷା ଦେଇଅଛନ୍ତି । ତାଙ୍କର ଆଗମନ ପୂର୍ବରୁ ପାଶ୍ଚାତ୍ୟ ଖଣ୍ଡରେ ବିଧାନ ଥିଲା "ଆଖି ପାଇଁ ଆଖି, ଦାନ୍ତ ପାଇଁ ଦାନ୍ତ" ଅର୍ଥାତ୍ ଗୃପ୍ତଡ଼ାକୁ ଗୃପୁଡ଼ା, ବିଧାକୁ ବିଧା ବିଧାନ କରିବା ଉଚିତ । କିନ୍ତୁ ସେ ଶିକ୍ଷା ଦେଲେ, କେହି ଆଘାତ କଲେ ତାହାର ପ୍ରତିଘାତ କର ନାହିଁ । ଯିଶୁଖ୍ରୀଷ୍ଟ କହିଲେ, "ଏହା ପ୍ରଚଳିତ ବିଧାନ ଅଛି ଯେ ଆଖି ପାଇଁ ଆଖି, ଦାନ୍ତ ପାଇଁ ଦାନ୍ତ; କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି ଯେ ତୁମ୍ଭେମାନେ ମନ୍ଦ କାର୍ଯ୍ୟକୁ ବାଧା ଦିଅ ନାହିଁ; କିନ୍ତୁ ଯଦି କେହି ତୁମ୍ଭର ବାମ ଗାଲରେ ଚପେଟାଘାତ କରେ ତାକୁ ଡାହାଣ ଗାଲ ମଧ୍ୟ ଦେଖାଇ ଦିଅ ।" ଅନ୍ୟତ୍ର ମଧ୍ୟ ସେହି ଯିଶୁଖ୍ରୀଷ୍ଟ କହିଅଛନ୍ତି, "ଏପରି କଥା ପ୍ରଚଳିତ ଯେ ତୁମ୍ଭେ ତୁମ୍ଭର ପ୍ରତିବେଶୀଙ୍କୁ ସ୍ନେହ କରିବ ଏବଂ ଶତ୍ରୁଙ୍କୁ ଘୃଣା କରିବ । ମାତ୍ର ମୁଁ ତୁମ୍ଭଙ୍କୁ କହୁଅଛି ଯେ ତୁମ୍ଭେ ତୁମ୍ଭର ଶତ୍ରୁଙ୍କୁ ସ୍ନେହ କରିବ । ଯେଉଁମାନେ ତୁମ୍ଭଙ୍କୁ ଭର୍ତ୍ସନା କରିବେ ସେମାନଙ୍କୁ ଆଶୀର୍ବାଦ କରିବ । ଯେଉଁମାନେ ତୁମ୍ଭଙ୍କୁ ଘୃଣା କରିବେ ତୁମ୍ଭେ ସେମାନଙ୍କର ଉପକାର କରିବ । ଯେଉଁମାନେ ତୁମ୍ଭଙ୍କୁ ତିରସ୍କାର କରି ତୁମ୍ଭ ବିରୁଦ୍ଧରେ ନାନାଦି ମିଥ୍ୟା ଅଭିଯୋଗ କରିବେ, ସେମାନଙ୍କ ମଙ୍ଗଳ ସକାଶେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବ ।" ଏ ବାକ୍ୟଗୁଡ଼ିକ ରସାୟନ ଶାସ୍ତ୍ର ଅଥବା ଗଣିତ ଶାସ୍ତ୍ରର ନିୟମ ପରି ପୂର୍ଣ୍ଣ ବିଜ୍ଞାନସମ୍ମତ ।

ଭବିଷ୍ୟତ ମାନବ ଏହି କଥା ବୁଝିବ ଯେ କେହି କିଛି କ୍ଷତି କଲେ ତାହା ବିରୁଦ୍ଧରେ ପ୍ରତିହିଂସା ନେବାର ପ୍ରବୃତ୍ତି କିମ୍ବା ଅନ୍ୟ ପ୍ରତି ଘୃଣା ନିଜର ଶକ୍ତିର ଅପବ୍ୟୟ କରି ମହତ୍ତ୍ୱ ହ୍ରାସ କରିଦିଏ ।

ନିଆଁରେ ହାତ ପୋଡ଼ିଯାଏ । ଏ କଥା ଶିକ୍ଷା କରିବା ପର୍ଯ୍ୟନ୍ତ ଶିଶୁ ନିଆଁଖୁଣ୍ଟାକୁ ହାତ ବଢ଼ାଇଥାଏ । ଆମ୍ଭେମାନେ କୁଚିନ୍ତା ଦ୍ୱାରା ନିଜର କ୍ଷତି କରି ସାରି, ନିଜେ ରକ୍ତାକ୍ତ ହୋଇ ସାରି ଶେଷରେ ଏହି ଅଭିଜ୍ଞତା ଲାଭ୍ କରିବା ଯେ ଅନ୍ୟର ମନ୍ଦ ଆଚରଣର ପ୍ରତିଦାନରେ ମନ୍ଦ ଆଚରଣ କରିବା ଗୋଟିଏ ବଡ଼ ବ୍ୟୟସାଧ୍ୟ କାର୍ଯ୍ୟ ଏବଂ ତାହାର ଆଶ୍ରୟ ନେବା ନିଜର ହିତ ଦୃଷ୍ଟିରୁ ଆଦୌ ଉଚିତ ନୁହେଁ । ଆମ୍ଭମାନଙ୍କର ଯେତେ ଅଭିଜ୍ଞତା ବଢ଼ିବ ଆମ୍ଭେମାନେ ଏକଥା ଉତ୍ତମରୂପେ ଶିକ୍ଷା କରି ପାରିବା ଯେ ଏ ଉପାୟ ଆତ୍ମରକ୍ଷା ବା ଆତ୍ମୋନ୍ନତି ପକ୍ଷରେ ଆଦୌ ଉଚିତ ନୁହେଁ ।

ଆମ୍ଭେମାନେ ନିଜ ନିଜର ଭାଗ୍ୟ ବା ଅବସ୍ଥା ବିଷୟରେ ନାନା ଆପତ୍ତି ଉତ୍ଥାପନ କରି ଦୁଃଖିତ ହୋଇପାରୁଁ; କିନ୍ତୁ ଦୁଃଖର କିଛିମାତ୍ର କାରଣ ନାହିଁ । ଗତ କାଲି ଯାହା ବୁଣିଥିଲୁଁ ଆଜି ତାହାହିଁ କାଟୁଅଛୁଁ । ଆଗାମୀ କାଲି ଯଦି ଭଲ ଫସଲ ପାଇବାକୁ ଆଶା କରୁଁ ତାହାର ଏକମାତ୍ର ଉପାୟ ଭଲ ପ୍ରକାର ମଞ୍ଜି ବୁଣିବା । ଆମ୍ଭେମାନେ ଯାହା କାର୍ଯ୍ୟ କରୁଅଛୁଁ ବା ଯାହା ଚିନ୍ତା କରୁଅଛୁଁ ତାହାର ପ୍ରତ୍ୟେକ ଅଂଶ କ୍ଷୁଦ୍ର ବୀଜ ପରି, ତାହାର କିଛିମାତ୍ର ନଷ୍ଟ

ହୋଇ ନାହିଁ; ଏ ବିଶ୍ୱସଂସାର କ୍ଷେତ୍ରରେ ସେ ବୀଜଗୁଡ଼ିକ ବୁଣି ହୋଇ ଯାଇ ତାହାର ସମରୂପ ଫସଲ ଆଣୁଅଛି। ଅନେକ ଲୋକ ଓଜର ଆପତ୍ତି କରିବାର ଶୁଣାଯାଏ ଯେ ସେମାନେ ଭଲ ଫସଲ ପାଇଲେ ନାହିଁ; ଶସ୍ୟ ପରିବର୍ତ୍ତିରେ ସେମାନଙ୍କର କ୍ଷେତ୍ର ବାଲୁଙ୍ଗାରେ ପରିପୂର୍ଣ୍ଣ ହୋଇଗଲା। କିନ୍ତୁ ସେମାନେ ଯଦି ସେମାନଙ୍କର ଜୀବନର କାର୍ଯ୍ୟାବଳୀକୁ ବିଶ୍ଳେଷଣ କରିବେ, ବୁଝି ପାରିବେ ଯେ ସେମାନେ ନିଜ କ୍ଷେତ୍ରରେ ହିଂସା, ଦ୍ୱେଷ, ସ୍ୱାର୍ଥ-ପରତାର ବୀଜ ବପନ କରିଥିଲେ ଏବଂ ଫଳ ତଦନୁରୂପ ହୋଇଅଛି। ସେମାନେ ଯଦି ନିସ୍ୱାର୍ଥପରତା, ଉଦାରତା, ଦୟା, ସ୍ନେହ ଓ ଆନନ୍ଦର ବୀଜ ବପନ କରିଥାନ୍ତେ, ସେମାନଙ୍କର ଫସଲ ନିଶ୍ଚୟ ଅନ୍ୟ ପ୍ରକାରର ହୋଇଥାନ୍ତା।

ସମୟ ଆସିବ, ଯେତେବେଳେ ବୁଦ୍ଧିମାନ ମାନବ ଅଗ୍ନିରେ ହାତ ଦେଲା ପରି ଆଉ ହିଂସା, ଦ୍ୱେଷ, କ୍ରୋଧ, ଘୃଣା, ପ୍ରତିହିଂସା ପ୍ରଭୃତି ଦୁଷ୍ଟିନ୍ତାରେ ମନ ଦେବ ନାହିଁ।

ଭବିଷ୍ୟତ ମାନବ ପାପାତ୍ମକ ଚିନ୍ତାରେ ନିଜକୁ ଉତ୍ତ୍ୟକ୍ତ କରିବ ନାହିଁ। ସେ ହିଂସା, ଦ୍ୱେଷ, ଘୃଣାର ଚିନ୍ତାରେ ଲିପ୍ତ ହୋଇ ଆତ୍ମଘାତୀ ହେବ ନାହିଁ; କାରଣ ଶିଶୁ ଅଗ୍ନିରେ ହାତ ଥୋଇଲେ ହାତ ପୋଡ଼ିଯିବ ଏହା ଜାଣି ଯେପରି ଆଉ ହାତ ଦିଏ ନାହିଁ; ସେହିପରି ସେ କୁଚିନ୍ତାରେ ମଗ୍ନ ହେଲେ ତାହାର ଫଳ ବିଷମୟ ହେବ ଏହା ଜାଣି ସେଥିରୁ ବିରତ ହେବାକୁ ସର୍ବଦା ଯତ୍ନବାନ ହେବ।

ଶିମିଳିପାଳ

ଶ୍ରୀ ନବକିଶୋର ଦାସ

(୧)

"କେତେ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ,
ତୋତେ ଦେଖି ଆଜି ଭୁଲିଛି ସକଳ
ଶିମିଳିପାଳ।"

କବି କାଳିନ୍ଦୀଚରଣଙ୍କର ଏହି କବିତା ଶ୍ଳୋକଟି ମୋର ମନେ ଥିଲା। ମୟୂରଭଞ୍ଜ ଗଲେ ଶିମିଳିପାଳ ଦେଖିବି। ଉତ୍କଳ ଯୁବ-ସମ୍ମିଳନୀକୁ ଗଡ଼ିଲା ବେଳେ ଥରେ ବାରିପଦା ଯାଇଥିଲି। କିନ୍ତୁ ଶିମିଳିପାଳ ଦେଖିବାର ସୁଯୋଗ ମିଳିଲା ନାହିଁ। ଧନେ ସନ୍ଧ୍ୟାପୂର୍ବରୁ ରାଣୀବାଗରେ ଛିଡ଼ାହୋଇ ଉଦ୍ୟାନର ଶ୍ୟାମ ଶୋଭା ମଧ୍ୟରେ ପ୍ରାଣ ହଜାଇ ଦେଇ ଥରେ ଅନାଇ ଦେଖିଥିଲି, ପଶ୍ଚିମ ଦିଗର ସେହି ନୀଳ ପାହାଡ଼ ଶ୍ରେଣୀ, ଆଉ ତାହାର କୋଳରେ ରକ୍ତିମ ଅସ୍ତଭାନୁଙ୍କୁ। ଏହା ଶିମିଳିପାଳ! କବି ଏହାକୁ ଦେଖି ସିନା 'ପ୍ରିୟ ସ୍ମୃତି' ପାଶୋରି ଦେଲେ। କିନ୍ତୁ କବିଙ୍କ ସଙ୍ଗେ ସେତେବେଳେ ମନ ମିଳାଇ କବିତାଟିର ମାଧୁରୀ ବୁଝିବା ପାଇଁ ଶିମିଳିପାଳ ବିଷୟରେ ମୋର ଅନୁଭୂତି ନ ଥିଲା!

(୨)

କାଳ ବହି ଯାଇଅଛି। କେତେ ବର୍ଷ ପରେ ପୁଣି ଗଡ଼ଜାତ ଭ୍ରମଣ ସମ୍ପର୍କରେ ଆସି ଶିମିଳିପାଳ ଦେଖିଯିବା ପାଇଁ ମୟୂରଭଞ୍ଜର ଦେଓ୍ୱାନ ମହୋଦୟଙ୍କୁ ଅନୁରୋଧ କଲି। ବାଧା ବହୁତ ଥିଲା। ରାସ୍ତା ଭଲ ନୁହେଁ। ସେଠାରେ ହାତୀ ବହୁତ। ଘନ-ବଣ ଗିରିମାଳ! ମୋଟ ଉପରେ ଶିମିଳିପାଳ କବିଚକ୍ଷୁରେ ଏତେ ସୁନ୍ଦର କେବଳ ଦୂରରୁ। ଦୂର ପାହାଡ଼ ସୁନ୍ଦର ପରା! ମୁଁ କିନ୍ତୁ ଶିମିଳିପାଳ, ବିଶେଷତଃ ଏହାର ମଧ୍ୟସ୍ଥିତ 'ବରେହିପାଣି' ପ୍ରପାତ ଦେଖିଯିବାକୁ ଚାହେଁ। ଅଜଣା-ଅଗମ୍ୟ ବନସ୍ଥ, ପକ୍ଷୀର ଅଣ୍ଟ ନାହିଁ କି କୁଆର ବେଣ୍ଟା ନାହିଁ। କିନ୍ତୁ ମୋ ମନରେ ଆକର୍ଷଣ ଥିଲା ଖୁବ୍! କାଟଣ୍ଡାର 'ପ୍ରଧାନପାଟ', କେଉଁଝରର 'ଖଣ୍ଡାଧାର', ପାଟଣା ଓ କଳାହାଣ୍ଡିର ମଧ୍ୟସ୍ଥଳରେ ଗନ୍ଧମାର୍ଦ୍ଦନ ପର୍ବତର 'କପିଳଧାର' ଓ 'ନୃସିଂହନାଥ' ପ୍ରଭୃତି ଦେଖି ଆସିଅଛି। ତାହା ସଙ୍ଗେ 'ବରେହିପାଣି'ର ଏକ ତୁଳନାତ୍ମକ ପଠନ ହୋଇ ପାରିବ। ଉତ୍କଳ ମାତାଙ୍କ ପ୍ରାକୃତିକ ଶୋଭାସମ୍ପଦର ବର୍ଣ୍ଣନା ସାହିତ୍ୟରେ ଚିରକାଳ ପାଇଁ ସ୍ଥାୟୀ କରି ଦେଇଯିବି, ଏଥିପାଇଁ ସବୁ ବାଧାବିଘ୍ନକୁ ଏଡ଼ାଇବାକୁ ହେବ। ବରିପଣ୍ଡୁରରେ ଜାମ ସାର ଶିମିଳିପାଳ ଯିବାର ଉପାୟ ବିଷୟରେ ସମ୍ବାଦ ସଂଗ୍ରହ କଲି। ବୁଝି ଦଶିଗଲି। ଯଶିପୁର ଅଭିମୁଖରେ ଯିବା ପାଇଁ ବାଦାମପାହାଡ଼ ଷ୍ଟେସନ୍ ଯାଏ ଟିକେଟ କାଟିଲି। ଏଠାରେ ଏକ ଲୁହାଖଣି ଅଛି। ସେଠାରୁ ମଟର ଯାନରେ ଯଶିପୁର ଓ ଯଶିପୁରରୁ ଗୁଡ଼ୁଗୁଡ଼ିଆ ଦେଇ ଶିମିଳିପାଳ ଗଡ଼ ଯାଏ ଗଲି। ସେଠାରୁ ବରେହିପାଣି ଯାଇ ହେବ ବୋଲି ସମ୍ବାଦ ମଧ୍ୟ ସଂଗ୍ରହ କରିଥିଲି।

ଶିମିଳିପାଳ ଯାତ୍ରାର ଏକ ବର୍ଣ୍ଣନା ଦିଏଁ। ଯଶିପୁରରୁ ଦିନ ବାରଟାରେ ଗୁଡ଼ୁଗୁଡ଼ିଆ ଅଭିମୁଖରେ ଯାତ୍ରୀ ହେଲି। ଡାକ ବଙ୍ଗଳାରେ ମଟରଟ୍ରକ ଡ୍ରାଇଭର 'ବାବୁବାବୁ' ଡାକ ଦେଇଗଲା। ନିଦଟା ହଠାତ୍ ଭାଙ୍ଗିଗଲା। ସଙ୍ଗେ ସଙ୍ଗେ ମୋର ଅଳ୍ପ ବିଛଣା, କାଗଜ ପ୍ରଭୃତି ବନ୍ଧାବାନ୍ଧି ହେଲା। ମୁଁ ଯାଇ ଡ୍ରାଇଭର ପାଖରେ ବସିଲି। ଅନୁଚରଟି ବିଛଣା ପ୍ରଭୃତି ନେଇ ଟ୍ରକ ପଛଆଡ଼େ ଛିଡ଼ା ହେଲା। ଯଶିପୁରରୁ ଶିମିଳିପାଳ ଗଡ଼ ବାଟ ଡିରିଶ ମାଇଲ। ମଝିରେ

Digitized by srujanika@gmail.com

ଗୁଜୁଗୁଡ଼ିଆ ପଡ଼ିବ । ଏହା ଯଶିପୁରଠାରୁ ତେର ମାଇଲ ଦୂରରେ ଅବସ୍ଥିତ ।

ଘନ ନିଶୀଥ । ନୀଳ ଆକାଶରେ ତାରା, ଟିକି ଝିକ୍ ଝିକ୍ କରୁଅଛନ୍ତି । ଡ୍ରାଇଭର ଜଣକ ପେଶଓ୍ୱାରୀ ପଠାଣ । ଆଉ ଟ୍ରକ ପଛରେ କେତେଜଣ କୁଲି ଓ ମୋର ଅନୁଚରଗଣ । ରାସ୍ତା ଅତି ଘନ ଜଙ୍ଗଲ ମଧ୍ୟରେ । ରାତିରେ ବେଶୀ କିଛି ଦେଖି ପାରୁ ନଥିଲି । ଯାହା ଟ୍ରକର ଆଲୁଅରେ ବାଟ ଦୁଇ ପାଖରେ ଦେଖା ଯାଉଥିଲା । ତହିଁରୁ ଜାଣୁଥିଲି ଯେ ଏକ ଘୋର ବଣ ମଧ୍ୟରେ ଆମର ଗତି ହେଉଥିଲା । ରାସ୍ତାର ଦୁଇ ପାଖରେ ପ୍ରକାଣ୍ଡ ପ୍ରକାଣ୍ଡ ଗଛ । ଗଛର ଦୀର୍ଘକାୟ ଗୁଡ଼ିକ ଆଲୁଅରେ ସୁସ୍ପଷ୍ଟଭାବରେ ଦେଖା ଯାଉଥିଲା । ପଥ ଜନଶୂନ୍ୟ । ବନଦେବୀଙ୍କର ନିର୍ଜନ ଲୀଳାଭୂମି । ନିଶୀଥରେ କେହି କୁଆଡ଼େ ନାହାନ୍ତି । କେବଳ ଟ୍ରକ ଏକ ଏକ ପ୍ରକାଣ୍ଡ ଉଚ୍ଚ ପାହାଡ଼ ଉପରକୁ ଉଠି ପୁଣି ନିମ୍ନ ଭୂମିକୁ ଖସି ପଡୁଥାଏ । ଯେପରି ଏହା ଏକ ଗମ୍ଭୀର ଗର୍ଭ ଭେଦମୁଖୀ ! କାହିଁ ପଥ ଖୁବ୍ ବାଙ୍କି ବାଙ୍କି ଯାଇଅଛି । ପେଶାଓ୍ୱାରୀ ପଠାଣଟି ନୀରବରେ ମଟର ଚଳାଉଥାଏ । ତାହାର ଟିକିଏ ଅସାବଧାନରେ ସବୁ ବିପତ୍ତିଙ୍କ ଘଟଣ ହୋଇ ଯାଇପାରେ । ତଥାପି ଲୋକଙ୍କୁ ବିଶ୍ୱାସ କରି ବସିଛି । ବିଶ୍ୱାସରେ ପୃଥିବୀ ଚାଲୁଛି । ଏହିସବୁ ମୂକ ହୋଇ ବନଦେବୀଙ୍କର ନୈଶ ଦୃଶ୍ୟାବଳୀ ଯେତିକି ଦେଖି ପାରୁଛି, ଦେଖୁଛି । ଦେଖିବା ଅପେକ୍ଷା ବେଶୀ ଅନୁମାନ କରୁଅଛି । ଏହା ଅତି ଭୀଷଣ ଓ ବିପଦପୂର୍ଣ୍ଣ ଜଙ୍ଗଲ । ଶୀତଭାବ ଖୁବ୍ । ରାସ୍ତା ଅତି ଦୁର୍ଗମ । ତଥାପି ଦେଖି ଆଶ୍ଚର୍ଯ୍ୟ ହେଲି ଯେ ବଳଦଗାଡ଼ିସବୁ ଏହି ପାହାଡ଼ ଘେରି ବଣ ଭିତରେ ଉପରକୁ ଯିବା ଆସିବା କରି ପାରୁଅଛି । ଠାଏ ଠାଏ ଖୋଲା ସ୍ଥାନରେ ଅନେକଗୁଡ଼ିଏ ବଳଦ ଗାଡ଼ି ଛିଡ଼ା ହୋଇ ଥିବା ହେବାର ଦେଖିଲି । କାହିଁ ଅବା ଦୁଇ ତିନୋଟି ଶଗଡ଼ ଆଗପଛ ହୋଇ କାଠ ଲଦି ଫେରୁଅଛନ୍ତି । ଧନ୍ୟ ଏ ଲୋକଙ୍କର ସାହସ ! କାହିଁ ଶଗଡ଼ିଆମାନେ ଏହି ରାତିରେ ମଧ୍ୟ କାଠ ଆଣିବା ପାଇଁ ଉପରକୁ ଶଗଡ଼ ନେଇ ଯାଉଅଛନ୍ତି ।

ଶିମିଳିପାଲ ପାହାଡ଼ ଓ ବଣ ମଧ୍ୟରେ କାଠସବୁ କଟା ହୋଇ ବାଦାମପାହାଡ଼ ଷ୍ଟେସନକୁ ଚାଲାଣ ହେଉଅଛି । ଏଠାରୁ ଏହା ବାହାରକୁ ରପ୍ତାନି ହେଉଅଛି । ଏହା ଏକ ଲାଭଜନକ ବ୍ୟବସାୟ । ରେଲଓ୍ୱେ ଲାଇନରେ ଯେଉଁସବୁ କାଠଖଣ୍ଡମାନ ପଡ଼ିଥାଏ, ତାହା ସବୁ ଏହି ଜଙ୍ଗଲରୁ ଆମଦାନି ହୁଏ ।

ଆମ ଦୁଇ କଡ଼ରେ ବଣ, ବଣ......... । ମଝିରେ ମଝିରେ ପାଣିର ଶବ୍ଦ ଶୁଣା ଯାଉଅଛି । ଦେହରେ ଶୀତ ପବନ ଲାଗୁଛି । 'ଅମ୍ବଦରହା' ଓ 'ଭଞ୍ଜନ ନଈ'ର ଶବ୍ଦ ବୋଲି ପରେ ଜାଣିଲି । ପାହାଡ଼ ମଝିରେ କାହିଁ କେତେଗୁଡ଼ିଏ କୁଡ଼ିଆର ସମଷ୍ଟି ଦେଖା ଯାଏ । ଏହା ଗ୍ରାମ । ଘରର ଛାତ ରାତିର ଅନ୍ଧାରରେ ଏକ ବିଚିତ୍ର ରୂପ ଧାରଣ କରିଅଛି । କେଉଁଠି ବଳଦଗାଡ଼ି ରାସ୍ତା ରୁନ୍ଧ କରିଥିଲେ, ପେଶଓ୍ୱାରୀ ପଠାଣ ତୁଣ୍ଡରୁ ଖାଲି ହୁଏ ଗାଳି-ଅଗ୍ନି-ବୃଷ୍ଟି ! ଶିମିଳିପାଲର ଶୀତଳତା ସଙ୍ଗେ ଏହି ଉଷ୍ଣତା ବେଶ ମନ ଆକର୍ଷକ ! ଆହା ! ଯଦି ମନୁଷ୍ୟ ଟିକିଏ ସଂଯମୀ ହୁଅନ୍ତା, ତେବେ ସଂସାରଟା କି ସୁଖପ୍ରଦ ନ ହୁଅନ୍ତା ! ଗୁଜୁଗୁଡ଼ିଆରେ ଟ୍ରକ ବନ୍ଦ ହେଲା । ଲୋକମାନଙ୍କର କଥାବାର୍ତ୍ତା ହେଲା । ପୁଣି ଶିମିଳିପାଲ ଅଭିମୁଖରେ ଗାଡ଼ି ଚାଲିଲା । ଅତି ପ୍ରତ୍ୟୁଷରୁ ସେଠାରେ ଟ୍ରକ ପହଞ୍ଚିଲା । ଏଠାରୁ ବରେହିପାଣି ମାତ୍ର ପାଞ୍ଚ, ଛଅ ମାଇଲ । ଥାନାର ସମ୍ମୁଖରେ ଶ୍ୟାମ-ବନ-ଆଚ୍ଛାଦିତ ପର୍ବତମାଳ । ପାଖରେ କେତେଗୁଡ଼ିଏ 'ହୋ'ଙ୍କ କୁଡ଼ିଆ ମାତ୍ର । ଯେଉଁଆଡ଼େ ଚାହୁଁଛି କେବଳ ବଣ । ମାଳ ମାଳ ହୋଇ ଶ୍ୟାମତରୁ-ଆଚ୍ଛାଦିତ ଗିରିଶ୍ରେଣୀ । ସ୍ଥାନର ଜଳବାୟୁ ସ୍ୱାସ୍ଥ୍ୟକର ନୁହେ । ଜଳରେ ଲୁହା ଅଂଶ ବେଶୀ ଅଛି । ଚାରିଆଡ଼େ ନିର୍ଜନତା । ମନୁଷ୍ୟଙ୍କ ସଂଖ୍ୟା ଅତି କମ୍ । ତେଣୁ ଯେ କେତୋଟି ରାଜକର୍ମଚାରୀ ଅଛନ୍ତି, ସେମାନଙ୍କୁ ଏହା ଅତି ଯନ୍ତ୍ରଣାଦାୟକ ହୁଏ । ନିର୍ଜନରେ କେତେ ଜଣ ମନୁଷ୍ୟ ଏକକାଳୀନ କେତେ ଦିନ ପାଇଁ ଆନନ୍ଦ ପାଇ ପାରିବେ ! ମନୁଷ୍ୟ ସାମାଜିକ ଜୀବ । ତେଣୁ ଶିମିଳିପାଲର ଶ୍ୟାମ ବନାବୃତ ଗିରିଶ୍ରେଣୀ କେତେ ଦିନ ଏହି କର୍ମଚାରୀମାନଙ୍କୁ ମୁଗ୍ଧ କରି ରଖିବ ?

(୩)

ଶିମିଳିପାଲ ରହଣୀ ମଧ୍ୟରେ ବରେହିପାଣି ପ୍ରପାତ ଦେଖିବା ବ୍ୟତୀତ 'ଅଠର ଦେଉଳ' ନାମକ ଏକ ଐତିହାସିକ ସ୍ଥାନ ଦେଖିବାକୁ ଯାଇଥିଲି । ଆମ ଚାରିଆଡ଼େ ବଣ, ପାହାଡ଼ । ଦୁଇ ପାହାଡ଼ ମଧ୍ୟସ୍ଥଳରେ ଚାଷ ଜମି । ଖରା ଦିନେ ଚାଷ ଜମିର କି କୌଣସି ଚିହ୍ନ ନାହିଁ । ପାହାଡ଼ ତଳେ ଖଣ୍ଡିଏ ଖଣ୍ଡିଏ ଗାଁ-- କେତୋଟି କୁଡ଼ିଆର ସମଷ୍ଟି ମାତ୍ର । ଶିମିଳିପାଲଠାରୁ ଏହି 'ଅଠର ଦେଉଳ' ପାଞ୍ଚ ମାଇଲ ଦୂରରେ ଅବସ୍ଥିତ । ମୋ ସଙ୍ଗରେ ଆଉ ଦୁଇ ଜଣ ମାଝୀ (ସାନ୍ତାଳ) ଗଲେ । ପ୍ରଥମେ 'ଅସ୍ତକୁମାରୀ' ବୋଲି ଏକ ଗ୍ରାମ ପଡ଼େ । ତାପରେ ସବୁ ବଣ ମଧ୍ୟ ଦେଇ ଏକ ପାହାଡ଼ ଡେଇଁଲୁଁ । ରାସ୍ତା ଆମର ସର୍ବଦା ବଣ ମଧ୍ୟରେ । ମଣିଷ କେହି ବାଟରେ ନାହାନ୍ତି । ହାତୀ ନୁଏତ ଭେଟି ପାରୁଁ ! ଏହି ଆଶଙ୍କା ସଭିଙ୍କ ମନରେ ଥିଲା । ମଣିଷଙ୍କ ହାତକାମର ଚିହ୍ନ କିଛି ବଣରେ ଅଛି । କାଠସବୁ କଟାତ ହୋଇ କେଉଁଠାରେ ଜମା ହୋଇଅଛି । ଗଲାବେଳେ ମାଝୀମାନଙ୍କ ସଙ୍ଗେ ସେମାନଙ୍କ 'ସମାଜ-ଜୀବନ' ବିଷୟରେ କଥାବାର୍ତ୍ତା ହେଉଥିଲା । ସେମାନେ ସେମାନଙ୍କ 'ଖିଲ' (ଗୋତ୍ର) ରେ ବିବାହ କରନ୍ତି ନାହିଁ ।

ବଣ ପାହାଡ଼ ଡେଇଁ ଆମେ ଆଗକୁ ଚାଲିଲୁଁ । ସେମାନଙ୍କ ନାଚ ଗୀତ ବିଷୟ ମଧ୍ୟ ପଡ଼ିଲା । ସେମାନଙ୍କ ସମାଜରେ ବିବାହିତା ନାରୀର ସମ୍ମାନ ସମସ୍ତେ ରଖିବାକୁ ଯତ୍ନବାନ୍ ହୁଅନ୍ତି । ଅବିବାହିତ ଯୁବକ ଯୁବତୀ ମଧ୍ୟରେ ନାଚରୁ ପ୍ରେମ ଜାତ ହୁଏ । ତାହା ମଧ୍ୟ ବାପ ମା ମାନେ ଲୋଡ଼ୁଥାଆନ୍ତି । ପ୍ରେମିକ ପ୍ରେମିକା ବିଭା ହୁଅନ୍ତି । କିନ୍ତୁ 'ପଣ' କନ୍ୟାପିତା ନିଏ । 'ପଣ' ରୂପରେ

Digitized by srujanika@gmail.com

ହୁଏତ ଅନେକ ଯୁବକ ଯୁବତୀ ବିଭାହୋଇ ପାରନ୍ତି ନାହିଁ। ବିବାହିତ ନାରୀ ମଧ୍ୟ ନିଜ ସ୍ୱାମୀକୁ ଛାଡ଼ି ବେଳେ ବେଳେ ଅନ୍ୟ ସ୍ୱାମୀ ବରଣ କରେ।

କ୍ରମେ ଆମ୍ଭେମାନେ 'ଲେମ୍ବୁଗଡ଼ା ଗାଁ' ପାଖରେ ପହଞ୍ଚିଲୁ। ଏଠାରେ ମଧ୍ୟ ଦୁଇ, ତିନୋଟି କୁଡ଼ିଆ। ଗାଈ ମଇଁଷି ଲୋକଙ୍କର ଅଛି। କାଠଡାଲା ସବୁ କରତି ହୋଇ ଗାଦି ମରା ଯାଇଅଛି। ଏଠାରୁ 'ଅଠର ଦେଉଳ' ଖୁବ୍ ନିକଟ। କ୍ରମେ ଆମ୍ଭେମାନେ ବଣ ମଧ୍ୟରେ ଯାଇ ଗୋଟିଏ ଦେଉଳ ପାଖରେ ପହଞ୍ଚିଲୁଁ। ଦେଉଳରେ ଗୋଟିଏ ଭଗ୍ନ ମୂର୍ତ୍ତି ଅଛି। ମୂର୍ତ୍ତିଟିର ଆକୃତି ଭାଙ୍ଗି ଯାଇଥିବାରୁ ତାହା ଚିହ୍ନି ହେଲି ନାହିଁ। ଏହା ମୋତେ ବୌଦ୍ଧମୂର୍ତ୍ତି ଭଳି ଜଣାପଡ଼ିଲା। ଦେଉଳଟି ଛୋଟ। ଦେଉଳ ଉପରେ ଏକ ବଡ଼ 'ଦଧିନଉତି' ଅଛି। ଏହି ମନ୍ଦିର ପାଖରେ ଏକ ପୋଖରୀ ଅଛି। ଖରା ଦିନ, ପୋଖରୀରେ ପାଣି ନାହିଁ। ଏହି ପୋଖରୀ ହୁଡ଼ାରୁ ଛିଡ଼ା ହୋଇ ଚାହିଁଲେ ପାହାଡ଼ ଉପରେ ଗୋଟିଏ, ଦୁଇଟି ଦେଉଳ ଦେଖାଯାଏ। ଏହି ପାହାଡ଼କୁ ମଧ୍ୟ 'ଅଠର ଦେଉଳ' କହନ୍ତି। ଏଠାରେ 'ମକର' ଯାନାରେ 'ବାଟୁଡ଼ି'ମାନେ ନାଚ କରନ୍ତି। ସେମାନେ ବି ଏହାର ପୂଜା କରନ୍ତି। ଶୁଣିଲି ଯେ ଏହି ଅଭେଦ୍ୟ ବଣ ମଧ୍ୟରେ ଅଠରଟି ଦେଉଳ ଅଛି। ହୋଇ ପାରେ! କିଏ କହିବ? ଅନୁସନ୍ଧାନ ଲୋଡ଼ା।

ଅପରାହ୍ଣ। ପୁଣି ମାଝୀମାନଙ୍କ ସଙ୍ଗେ କଥାବାର୍ତ୍ତା ହୋଇ ଶିମିଳିପାଳ ଗଡ଼ ଥାନାକୁ ବାହୁଡ଼ିଲି। 'ସିଠକା' ନାମକ ଏକ କୋଳି ବାଟରେ ଖାଇଲି। ସନ୍ଧ୍ୟା ପୂର୍ବରୁ ଶିମିଳିପାଳ ଗଡ଼ରେ ପହଞ୍ଚି ବିଶ୍ରାମ ନେଲି। ବରେହିପାଣି ପ୍ରପାତର ପୂର୍ଣ୍ଣରୂପଦର୍ଶନ ଆୟାସସାଧ୍ୟ। ଦୂରରୁ ଏହାର ଖଣ୍ଡରୂପ ଦର୍ଶନ ହୋଇ ସାରିଲିଣି। ତଥାପି ମନ ମାନୁ ନାହିଁ। ଶେଷରେ ବରେହିପାଣି ଗ୍ରାମକୁ ଗଲି। ସେଠାରେ ବିଶ୍ରାମ ନେଲି। ସେଠାରୁ ଅନ୍ୟ ଲୋକ ସଂଗ୍ରହ କରି ବରେହିପାଣି ପ୍ରପାତ ଅଭିମୁଖରେ ପ୍ରାତଃକାଳରେ ଅଭିଯାନ ଆରମ୍ଭ କଲି। ସଙ୍ଗରେ ଚଉଦ ଜଣ ଲୋକ ଗଲେ। ଆମ ଚଉଆଡ଼େ ଘନ ବନସ୍ତ। ହାତୀଙ୍କ ଭୟ ଖୁବ୍ ବେଶୀ। କାହା ହାତରେ ଟାଙ୍ଗି, ଧନୁଶର, ବାଡ଼ି। ମୁଁ କିନ୍ତୁ ନିରସ୍ତ୍ର ଥିଲି। ଅହିଂସା ମୋର ଅସ୍ତ୍ର। ମୁଁ ଏକ ଅନନ୍ତ ସର୍ବବ୍ୟାପୀ ଶକ୍ତି ଉପରେ ଗଭୀର ଭାବରେ ବିଶ୍ୱାସ କରେଁ। ସେ ଶକ୍ତି ଚାହିଁଲେ କ୍ଷଣକେ ମୋତେ ମାରିଦେବ। ସେତେବେଳେ କୌଣସି ଶକ୍ତି ମୋତେ ରକ୍ଷା କରିପାରିବ ନାହିଁ। ଆମ୍ଭେମାନେ ସେହି ଶକ୍ତି ଉପରେ ପୂର୍ଣ୍ଣ ଆସ୍ଥା ରଖୁନାହୁଁ ବୋଲି, ଅନ୍ୟାନ୍ୟ ପାର୍ଥିବ ଶକ୍ତିର ପ୍ରୟୋଜନ ପଡ଼େ। ଯେଉଁମାନେ ପୂରା ଭଗବତ୍ ବିଶ୍ୱାସ କରି ନ ପାରିବେ, ସେମାନେ ତ ଅନ୍ୟ ଶକ୍ତିର ସାହାଯ୍ୟ ନେବାକୁ ବାଧ୍ୟ। ବରେହିପାଣି ଦେଖିବା ପାଇଁ ଆଜି ପ୍ରାଣରେ ମହା ଆନନ୍ଦ। କଥାବାର୍ତ୍ତା ହୋଇ ଆମ୍ଭେମାନେ ଅଗ୍ରସର ହେଲୁଁ। ଦୁଇ କଡ଼ରେ ଘନ ଜଙ୍ଗଲ। ଶାଳଗଛର ବଣ। ଆମ୍ଭେମାନେ ଉପର ଦିଗରୁ ପ୍ରପାତର ନିକଟବର୍ତ୍ତୀ ହେଲୁଁ।

ଶାଳବଣ। ଗଛତଳେ ଅନାମନା ବୁଦାଗଛ। ଗମ୍ଭାରିଫଳ ସବୁ ଝଡ଼ି ତଳେ ପଡ଼ିଅଛି। ଏହି ବଣ ମଧ୍ୟରେ ଏକ ଉଚ୍ଚ ସ୍ଥାନରେ ଛିଡ଼ା ହୋଇ ଆମ୍ଭେମାନେ ପ୍ରପାତ ଦେଖିଲୁଁ। ପ୍ରପାତର ଦୃଶ୍ୟ ଏଠାରେ ସୁସ୍ପଷ୍ଟ। ଏକ ଉଚ୍ଚ ପର୍ବତ ଦେହରେ ବୁଢାବଳଙ୍ଗ ନଦୀ ବହି ଆସି ନିମ୍ନକୁ ଖସି ପଡୁଅଛି। ଏହା ପ୍ରପାତ। ଆମ ଛିଡ଼ା ହୋଇଥିବା ସ୍ଥାନ ଓ ପ୍ରପାତ ମଧ୍ୟରେ ଏକ ଗଭୀର ଗିରିଗର୍ତ୍ତ ଅଛି। ଏହି ଲମ୍ବ ଗର୍ତ୍ତ ମଧ୍ୟଦେଇ ନଦୀ ବହିଯାଇଅଛି। ଏହାର ଗଭୀରତା ଆମ ଛିଡ଼ା ହେବା ସ୍ଥାନରୁ ପ୍ରାୟ ପାଞ୍ଚଶ ଫୁଟ ହେବ। ପାଣି ପ୍ରଥମେ ଏକଧାର ହୋଇ ବହି ଆସି ଦୁଇଧାର ହୋଇ ଏକ ପ୍ରସ୍ତର କୁଣ୍ଡରେ ପଡ଼ିଅଛି। ସେଠାରୁ ପୁଣି ଦୁଇଧାର ହୋଇ ନିମ୍ନକୁ ବହି ଆସିଅଛି। ପାହାଡ଼ ମଧ୍ୟସ୍ଥ ପ୍ରସ୍ତର-କୁଣ୍ଡ ବାହାରୁ ଦେଖାଯାଏ ନାହିଁ। କ୍ରମେ ଆମ୍ଭେମାନେ ପ୍ରପାତର ନିମ୍ନ ଦେଶକୁ ଗଲୁଁ। ପଥ ଗଡ଼ାଣିଆ। ଦୁଇ କଡ଼ରେ 'ପାଞ୍ଚୁଆଁ' ବୁଦା ଜଙ୍ଗଲ। ପାଞ୍ଚୁଆଁ ଗଛ ଶୁଖି ଯାଇଅଛି। ଏହି ଗଛର ଫୁଲରେ ମହୁ ବେଶୀ ଥାଏ। ଲଜ୍ଜା ଫୁଲ ନାମକ ଏକ ନୂଆ ଫୁଲ ମଧ୍ୟ ଦେଖିଲି। ଫୁଲଟି ତେଲ-ଗୁଣି ପୋକ ଭଳି ଗନ୍ଧଯୁକ୍ତ। ବାଟ ପାଖରେ ଗଛରେ ସବୁ ଶିଆଳି ଲଟାର ଦୋଳି ଝୁଲିଅଛି। ଏହି ଲଟାର ପତ୍ରରେ ଠୋଲା ତିଆରି ହୁଏ। କ୍ରମେ ଆମ୍ଭେମାନେ ନିମ୍ନଦେଶକୁ ଖସିଲୁଁ। ପାଣି କୁଳୁକୁଳୁ ଶବ୍ଦ କରି ପ୍ରସ୍ତର-ଶଯ୍ୟାରେ ବହି ଯାଉଅଛି। ଛାୟାଯୁକ୍ତ ପ୍ରସ୍ତର ଖଣ୍ଡ ଉପରେ ଆମ୍ଭେମାନେ ବସି ଗିରି-ଅବରୋହଣର କ୍ଳାନ୍ତି ହରଣ କଲୁଁ। ଏଠାରେ ବସି ଅନାଇଲେ ଗୋଟିଏ ଆଡ଼େ ରୁକ୍ଷ, ଟାଖଭଳି ପର୍ବତର ଧାର, ଅନ୍ୟ ଆଡ଼େ ମଧ୍ୟ ରୁକ୍ଷ ବୃକ୍ଷ-ଲତାହୀନ ପାହାଡ଼ ଦେହରୁ 'ବରେହିପାଣି' ପ୍ରପାତ ଖସି ପଡୁଅଛି। କି ଶୁଭ୍ର! ଅସଂଖ୍ୟ ଜଳକଣା କ୍ଷଣକରେ ସୃଷ୍ଟି ହୋଇ ଅସଂଖ୍ୟ ଇନ୍ଦ୍ରଧନୁ ଖେଳାଇ ପୁଣି ପରକ୍ଷଣରେ ବିଲୀନ ହୋଇ ଯାଇଅଛି,—ପରମାତ୍ମା ସମୁଦ୍ରରେ ଜୀବାତ୍ମା-ବୁଦ୍ବୁଦର ଲୀଳା ଭଳି।

ଏଠାରେ ଟିକିଏ ବିଶ୍ରାମ ନେଇ ପୁଣି ଆମ୍ଭେମାନେ ବରେହିପାଣି ପ୍ରପାତ ପାଖେ ପାଖେ ପାହାଡ଼ ଉପରକୁ ଚଢ଼ିଲୁଁ। ପ୍ରପାତର ଉଚ୍ଚତା ତେରଶ ଆଠ ଫୁଟ। ଆମ୍ଭେମାନେ ପାହାଡ଼ ଦେହରେ ଥିବା କୁଣ୍ଡ ନିକଟକୁ ଗଲୁଁ। ଏଠାରେ ଉଚ୍ଚରୁ ପାଣି ଖସି ପଡୁଅଛି। ତେଣୁ ସ୍ନାନ ପାଇଁ ଅତି ସୁନ୍ଦର। ଲୋଭ ସମ୍ବରଣ କରି ନପାରି ମୁଁ ଗାଧୋଇବାକୁ ଆରମ୍ଭ କଲି। ଅନ୍ୟମାନେ ମଧ୍ୟ ମୋ ସଙ୍ଗରେ ଯୋଗଦେଲେ। ସଭିଙ୍କର ମହା ଆନନ୍ଦ। ପ୍ରକୃତିର କି ମନୋଭୁଲାଣିଆ ପ୍ରଭାବ ଅଛି। ଏହାର ପରମ ସ୍ପର୍ଶରେ ମନୁଷ୍ୟ ଦୁଃଖ, ଦୈନ୍ୟ, ଜଞ୍ଜାଳ, କ୍ଳାନ୍ତି ଭୁଲିଯାଏ। ଜଳ କି ସ୍ୱଚ୍ଛ ଓ ଶୁଭ୍ର। ଏଠାରୁ ଛିଡ଼ା ହୋଇ ଅନାଇଲେ ଆମ ସମ୍ମୁଖରେ [illegible] ପାହାଡ଼ର ଦାଢ଼। ଏହା ବୃଷଦ୍ୱାର ଅଛିଲା। ସେଠାରେ ପୁଣି ଆମ୍ଭମାନଙ୍କ ମଧ୍ୟରୁ ଦୁଇ ଜଣ ଆଦିମ ଅଧିବାସୀ ମୋର ଚଛଣା ପ୍ରକୃତ ଖେଳ ଅପେକ୍ଷା କରି ବସିଅଛନ୍ତି। ତାହାଙ୍କୁ ଦେଖିବା ଆମ୍ଭମାନଙ୍କର ଏକ ବେଶ ଆନନ୍ଦ-ଦାୟକ କ୍ରୀଡ଼ା ହୋଇଗଲା। ଏତିକି ବେଳେ ମୋର ଗୋଡ଼ ଖସି ଗଲା, ମୁଁ ପାହାଡ଼ ଦେହରୁ ଗଡ଼ ଗଡ଼ ଆସି ସେହି କୁଣ୍ଡରେ ପଡ଼ିଲି।

Digitized by srujanika@gmail.com

ସାଥି ଲୋକମାନେ ଭୟ ଓ ବିସ୍ମୟରେ ସ୍ତବ୍ଧ ରହିଲେ । ମୋର ଅଙ୍ଗରେ ମଧ୍ୟ ପୀଡ଼ା ଲାଗିଲା । ତଥାପି ମନରେ ଆନନ୍ଦ ଊଣା ହୋଇ ନ ଥିଲା । ଏହି ପାହାଡ଼ରେ ଅଭ୍ର ଓ ଲୁହା ଅଂଶ ବେଶୀ ଅଛି ବୋଧହୁଏ ।

ଫେରିବାର ଆୟୋଜନ ହେଲା । ମୋର ପତନରେ ଅନ୍ୟମାନେ ବ୍ୟସ୍ତ । ବୃଥା ବ୍ୟସ୍ତ ହେବାର କାରଣ ନାହିଁ । ଭାଙ୍ଗିଲା ପାଣି ମାଠିଆ ପାଇଁ ବ୍ୟସ୍ତତା ବୃଥା । ପଡ଼ି ତ ସାରିଲିଣି । ହୁଏତ ମୃତ୍ୟୁ ଘଟିଥାଆନ୍ତା । ସେଥିରେ ମୁଁ ବ୍ୟସ୍ତ ନୁହେ । କିନ୍ତୁ ବରେହିପାଣି ଅଭିଯାନରେ ଆଜି ମୁଁ ଜୟୀ । ଏହା ମଣିଷର ଜୟ । ସାହିତ୍ୟରେ ବରେହିପାଣି ଅମର ହୋଇ ରହିଲା । ଏହା ଏକ ଅତି ବୃହତ ପ୍ରପାତ । ଓଡ଼ିଶାର ଅନ୍ୟ ଗଡ଼ଜାତ ମାନଙ୍କରେ ଏତେ ଉଚ୍ଚ ପ୍ରପାତ ନାହିଁ । ଆମ୍ଭେମାନେ ଦିନ ଏଗାରଟା ବେଳେ 'ବରେହିପାଣି'କୁ ବିଦାୟ ଦେଇ 'ନଅଣା' ଅଭିମୁଖରେ ଯାତ୍ରୀ ହେଲୁଁ । ଲୋକମାନେ ମଧ୍ୟ ଆମ୍ଭମାନଙ୍କଠାରୁ ବିଦାୟ ନେଇ ବରେହିପାଣି ଗ୍ରାମକୁ ଗଲେ । ଅଳ୍ପ କେତେଜଣ 'ନଅଣା' ଆସିଲେ । ବିଶ୍ରାମ ନେଇ ଅପରାହ୍ଣରେ ଶିମିଳିପାଳ ଗଡ଼କୁ ଫେରିଆସିଲୁଁ । ଏଠାରୁ ଗୁରୁଗୁଡ଼ିଆ ଦେଇ ପୁଣି ପଶ୍ଚିମର-ଯାତ୍ରୀ ହେଲି ; ଏବଂ ଶିମିଳିପାଳକୁ କିଛି ଦିନ ପାଇଁ ବିଦାୟ ଦେଲି । ଶିମିଳିପାଳ ମୟୂରଭଞ୍ଜର ଏକ ସୁବିସ୍ତୀର୍ଣ୍ଣ ଗିରିମାଳା । ଏହାର ଖେଦଫଳ ୧, ୧୦୧ ବର୍ଗ ମାଇଲ । କିନ୍ତୁ ଏହାର ଲୋକ ସଂଖ୍ୟା ଅତି କମ୍ । 'ମେଘାସନ' ମଧ୍ୟ ଏହି ପର୍ବତମାଳାର ଦକ୍ଷିଣ-ପୂର୍ବ ଅଂଶରେ ଅବସ୍ଥିତ । ତାହାର ବର୍ଣ୍ଣନା ଓ ଭ୍ରମଣାନୁଭୂତି ପର ସଂଖ୍ୟାରେ ବର୍ଣ୍ଣିତ ହେବ ।

ଶ୍ରାବଣେ

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ଝର ଝର ଝରେ ବାରିଧାର
ଅନ୍ଧାରିତ ଗଗନ,
ଶୀତ ସ୍ନିଗ୍ଧ ଶୀକର କଣିକା
ବହି ଆଣେ ପବନ ।
ନାଚି ଉଠେ ଅନ୍ତର ପ୍ରଫୁଲ୍ଲ ନର୍ତ୍ତନେ
ଗୀତିଭରା ହୃଦୟ ଭାବ ଭୋଳ କୀର୍ତ୍ତନେ ।
ଧରରେ ତାନ ଧର, ଧର ସେହି ତାନ,
ଗାଅରେ ଉଚ୍ଚ ସ୍ୱରେ ଉଦ୍ଧାତ ସେ ଗାନ,
ଶ୍ରାବଣର ଧାରା ସହ ଫୁଟାଇ ଦେ ଜୋରେ
ଗୂଢ଼ ଗୀତି ଧାରା
ମୁଗ୍ଧ ହେଉ ମାନସ, ଭାଙ୍ଗୁ ମୋହକାରା ।
ପୂରିଅରେ ଅଭିଳାଷ ପୂରିଅ ଏଖଣି,
ମେଲାଇ ଦେ ଗରଜିକୁ ମାନସ-ଛପଣି ।
ଏହି ତ ଦଣ୍ଡକ ତୋର ମାହେନ୍ଦ୍ର-ଅମୃତ,
ବାଣୀ ପୂଜା କର ଆରେ ଭକ୍ତ ପରିପ୍ଲୁତ ।
ଶ୍ରାବଣର ଧାରା ସହ କାଟି ଦେ'ରେ ବେଢ଼
ମେଲାଇଦେ ମହାନନ୍ଦେ ତୋ ହୃଦୟ-ସେଜ ।
ଏହି ତ ଦଣ୍ଡକ ତୋର ମାହେନ୍ଦ୍ର-ଅମୃତ ।
ଏ ଦଣ୍ଡକ ଖୋଲି ଦେ'ରେ ହୃଦୟ ନିଭୃତ ।
ଏ ଦଣ୍ଡକ ଗାଅ ବସି ଉଲ୍ଲସିତ ଚିତ୍ତେ
ଏ ଦଣ୍ଡକ ଭଲ ବସି ତାହାର ନିମିତ୍ତେ
ଏ ଦଣ୍ଡକ ପୂରାଇବ ମନ କାମନା
ଏ ଦଣ୍ଡକ ଦୂରାଇବ ହୃଦ ବେଦନା
ଏ ଦଣ୍ଡକ ହରିନେବ ଅବସାନ କ୍ଳାନ୍ତ
ଏ ଦଣ୍ଡକ ଆଣିଦେବ ପ୍ରଫୁଲ୍ଲତା ଶାନ୍ତ
ଏହି ତ ଦଣ୍ଡକ ତୋର ମାହେନ୍ଦ୍ର-ଅମୃତ
ଏ ଦଣ୍ଡକେ କରିବୁ ତୁ ଅଶ୍ରୁତ-ଅକୃତ
ଏ ଦଣ୍ଡକେ ଆଣିପାରୁ ସ୍ୱର୍ଗ ମର୍ତ୍ତ୍ୟପୁରେ
ଏ ଦଣ୍ଡକେ ରହିପାରୁ ଜଗତରୁ ଦୂରେ
ଏ ଦଣ୍ଡକ ଜାଣିଥିବୁ ଏ ଜୀବନେ ସାର
ଏ ଦଣ୍ଡକ ଲାଗି ଆଉ କି କରୁ ବିଚାର ।
ଉଠ ଉଠ ବେଗେ
ଭାଙ୍ଗି ମୋହ ଭ୍ରାନ୍ତ ।
ଜାଗରୂକ ରୁହ
ଲୁପ୍ତ ଶ୍ରାନ୍ତ କ୍ଳାନ୍ତ ।
ପକ୍ଷ ଝାଡ଼ି ବୁଲିଆରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ
ମଧୁରସ ପିଆଇରେ କର ସର୍ବେ ମାତାଲ
ଆପେ ମାତି ମତାଅରେ ଆଉ ସାତ ପାଞ୍ଚ
ଗଢ଼ୁଥାଅ ବସି ବସି ନିତ୍ୟ ନବ ଛାଞ୍ଚ
ଏହି ତ ଦଣ୍ଡକ ତୋର ମାହେନ୍ଦ୍ର-ଅମୃତ ।
ଏ ଦଣ୍ଡକ ତୋ ଜୀବନେ ଅଶ୍ରୁତ-ଅକୃତ ॥

Digitized by srujanika@gmail.com

କାବ୍ୟ-ବିଶ୍ଳେଷଣ *

ସ୍ଥବର୍ ଗୁପ୍ତ

"ସଂସାର ବିଷବୃକ୍ଷସ୍ୟ ଦ୍ୱେ ଫଲେ ଅମୃତୋପମେ ।" ଏହି ଯୋଡ଼ିକ ମଧ୍ୟରୁ ଗୋଟିଏ ହେଲା କାବ୍ୟାମୃତ-ରସାସ୍ୱାଦ । ଏ ରସାସ୍ୱାଦ ପ୍ରସଙ୍ଗରେ ସଂସ୍କୃତ ଆଲଙ୍କାରିକ କହିଛନ୍ତି ଯେ ଏହା ବ୍ରହ୍ମାସ୍ୱାଦ-ସୋଦର । ବ୍ରହ୍ମଜ୍ଞ କହନ୍ତି ବ୍ରହ୍ମ-ବସ୍ତୁକୁ ବାକ୍ୟରେ ପ୍ରକାଶ କରିହୁଏ ନାହିଁ, ତାହା ଅନୁଭୂତିର ବିଷୟ । ଅନଧିକାରୀ ନିକଟରେ ସେଥିପାଇଁ ବ୍ରହ୍ମବିଷୟ ବର୍ଣ୍ଣନା କରିବାକୁ ଶାସ୍ତ୍ରରେ ନିଷେଧ ଅଛି । ରସସମ୍ବନ୍ଧରେ ରସଜ୍ଞ ସୁଧୀମାନଙ୍କର ମତ ମଧ୍ୟ ଏହିପରି । ସେମାନେ କହନ୍ତି ରସ କେବଳ ମାତ୍ର ଅନୁଭୂତିର ବିଷୟ । ତାହା ବାକ୍ୟ ଏବଂ ବୁଦ୍ଧିର ଅତୀତ । ରସାନୁଭୂତି ରସିକଚିତ୍ତରେ ନିଜ ସମ୍ବିତର ଆନନ୍ଦମୟ ଚର୍ବଣରୁ ଜାତ ହୁଏ । ଏହାକୁ ଯଦି ଆମର ଘରୁଆ କଥାରେ ପ୍ରକାଶ କରିବାକୁ ହୁଏ ତେବେ ମୁଁ ଆଖୁ ଦୋରୁଅ ପିଇବା ଓ ଆଖୁକୁ ଚୋବାଇ ଚୋବାଇ ଖାଇବାରେ ଯେ ପାର୍ଥକ୍ୟ ତାହାର ଉଦାହରଣ ଦେବି । ଆଖୁ ଦୋରୁଅ ଏକା ନିଶ୍ୱାସରେ ପିଇ ଦେଇ ହୁଏ । କିନ୍ତୁ ଆଖୁରୁ ରସ ଗ୍ରହଣ କରିବାଟା ଟିକିଏ ସ୍ୱତନ୍ତ୍ର କଥା । ଯଥାର୍ଥ ରସିକ ଜାଣନ୍ତି ଯେ ଏହି ଚୋବାଇ ଚୋବାଇ ଅଳ୍ପେ ଅଳ୍ପେ ରସ ଶୋଷଣ କରିବାର ଆନନ୍ଦ ଏବଂ ସେ ସ୍ୱାଦ ଆଖୁ-ଦୋରୁଅରୁ ମିଳେ ନାହିଁ । ରସକୁ ବୁଝାଇବାର ଡାଗିଦ୍ ହେଲେ ସୁଦ୍ଧା ରସିକଚିତ୍ତ କହେ "ଅରସିକେ ରସସ୍ୟ ନିବେଦନଂ ଶିରସି ମା ଲିଖ ମା ଲିଖ ମା ଲିଖ ।"

କାବ୍ୟ ପାଠକରି ଆମକୁ ଏ ରସ ଆସ୍ୱାଦନ କରିବାକୁ ମିଳେ କି ନାହିଁ ? ଯଦି ମିଳେ ତେବେ କି ପରିମାଣରେ ମିଳେ ? ଏ ରସର ସ୍ୱରୂପ କଣ ? ଏହି ସମସ୍ତ ବିଷୟ ଆଲୋଚନାର ପ୍ରୟୋଜନ ଅଛି ।

ଭାବ୍ୟ ବିଚାରର ଆଧୁନିକ ଆଦର୍ଶ:—କାବ୍ୟଟିଏ ପାଠ କରି କହିଲି ସୁନ୍ଦର ! ଯଦି ପଚାରନ୍ତି, କାହିଁକି ସୁନ୍ଦର କହିଲ ? ତେବେ ସମ୍ଭବତଃ ଉତ୍ତର ହେବ ଯେ, କେଡ଼େ ସୁନ୍ଦର ଛନ୍ଦ ! କି ମଧୁର ପଦ-ବିନ୍ୟାସ ! ଅଥବା କି ଉଚ୍ଚ ଭାବ ଅର୍ଥାତ୍ idea ! ଇତ୍ୟାଦି ଇତ୍ୟାଦି । ଆଧୁନିକ ପାଠକ-ସମାଜରେ କାବ୍ୟ-ବିଚାରର ଆଦର୍ଶ ଏହିପରି । ଅମୁକ କବି ମୋର ପ୍ରିୟ ; କାରଣ ତାଙ୍କର କାବ୍ୟରେ ଭାବର ଗାମ୍ଭୀର୍ଯ୍ୟ ଅଛି । ଅମୁକ କବିଙ୍କର ରଚନା ମୋତେ ସୁଖ ଲାଗେ, ଯେହେତୁ ତାଙ୍କର ରଚନା proletarian-ଗନ୍ଧୀ । ଅମୁକ ଲେଖକଙ୍କ ଲେଖନୀ ବିଦ୍ରୋହ ପ୍ରଚାର କରେ, ଅମୁକ ରଚନାରେ ଯଥେଷ୍ଟ ନୂତନତ୍ୱ ବା ମୌଳିକତା ଦେଖାଇଛନ୍ତି ; ଅମୁକ ସାହିତ୍ୟିକଙ୍କର ପ୍ରକାଶଭଙ୍ଗୀରେ ପୌରୁଷର ପ୍ରାଚୁର୍ଯ୍ୟ ଅଛି—ଏହି ହେଲା ଆମର ସାହିତ୍ୟ-ବିଚାରରେ ଆଦର୍ଶ । ଏଥିରେ ରସ-ବିଚାର କି ପରିମାଣରେ ହୁଏ ଏବଂ କେତେଜଣ କରିଥାନ୍ତି, ସେ କଥା କହିବା କଠିନ ।

କିନ୍ତୁ ରସାନୁଭୂତିର ଆଦର୍ଶରୁ ଯେ କାବ୍ୟର ବିଚାର ଆମେ କରୁନାହିଁ ସେ କଥା ନ କହିଲେ ମଧ୍ୟ ବୁଝିବା କଠିନ ନୁହେଁ । ବିଚାରର ଆଦର୍ଶ ଏହିପରି ହୋଇଥିବାରୁ କାବ୍ୟ-ରଚନାର ଆଦର୍ଶ ମଧ୍ୟ ତଦନୁରୂପ ହୋଇଛି । ଫଳରେ ଆମର ସାହିତ୍ୟ-ସୃଷ୍ଟିର ପ୍ରାଣ-ପ୍ରତିଷ୍ଠା ହୋଇ ପାରୁନାହିଁ । ଏ କଥାର ପ୍ରମାଣ ପରେ ମିଳିବ ।

ପ୍ରଶଂସା-ଲିପ୍ସୁ ଯଶଃପ୍ରାର୍ଥୀ ସାହିତ୍ୟିକ ସ୍ୱଭାବତଃ ଗଣନାଥ ବା ଜନନାଥଙ୍କର ଉପାସକ । ଶାସ୍ତ୍ରରେ ସବୁ ଦେବତାଙ୍କର ପୂଜା ପୂର୍ବରୁ ଗଣେଶଙ୍କର ପୂଜା ବିହିତ ହୋଇଛି, କାରଣ ସେ ବିଘ୍ନ-ବିନାଶନ ଏବଂ ସିଦ୍ଧିଦାତା । ଯେଉଁ ତ୍ରିକାଳଦର୍ଶୀ ଋଷିଶ୍ରେଷ୍ଠ ଏ ବିଧାନ ଦେଇଛନ୍ତି ଏବଂ ଗଣନାଥଙ୍କର କରିମୁଣ୍ଡଟିର ପରିକଳ୍ପନା କରିଛନ୍ତି ତାଙ୍କୁ ଶତକୋଟି ସଶ୍ରଦ୍ଧ ପ୍ରଣିପାତ ନିବେଦନ କରେଁ ।

ଅନ୍ୟ ଦେବତାମାନଙ୍କର କାହାରି ସହିତ ଆମର ପ୍ରତ୍ୟକ୍ଷ ପରିଚୟ ନାହିଁ । କିନ୍ତୁ ଏକଦନ୍ତ ମହାକାୟ ଗଜାନନ ଯେ ଅତି-ପ୍ରତ୍ୟକ୍ଷ ଏବଂ ସେ ଯେ ଯଥାର୍ଥରେ ସିଦ୍ଧିଦାତା ଓ ବିଘ୍ନବିନାଶନ ଏ କଥା ଏ **democratic** ଯୁଗରେ ବୁଝାଇବାର ପ୍ରୟୋଜନ ଅଛି ବୋଲି ମୋର ମନେହୁଏ ନାହିଁ । କିନ୍ତୁ ମଜା ଏତିକି ଯେ ଆମେ କାହାରି ଚରମ ମୂର୍ଖତ୍ୱ ବ୍ୟକ୍ତ କରିବାକୁ ହେଲେ ତାକୁ ଲକ୍ଷ୍ୟକରି ମୂର୍ଖ ପୂର୍ବରେ 'ଗଜ' ଶବ୍ଦଟି ଯୋଡ଼ି ଦେଇଥାଉଁ, ଗଣେଶ ମହା-ପ୍ରଭୁଙ୍କର ଶ୍ରେଷ୍ଠାଙ୍ଗ ସମ୍ବନ୍ଧରେ ଆମର ଧାରଣା ଏତେ ଉଚ୍ଚ । ଖାଲି ସେତିକି ନୁହେଁ । ମହାପ୍ରଭୁଙ୍କର ହସ୍ତରେ ଯେ ଖସା ଲଡ଼ୁଟି ଥୋଇ ଦେଇଥାଉଁ, ତାହା ଯଦି ନିରର୍ଥକ ଖିଆଲ ବୋଲି କେହି ମନେ କରିବେ ତେବେ ତାଙ୍କର ଶ୍ରେଷ୍ଠାଙ୍ଗଟିର ଗଜତ୍ୱ ପ୍ରାପ୍ତିର ଯେ ବିଳମ୍ବ ନାହିଁ ଏ କଥା ନିର୍ଭୟରେ ମନରେ କୁହାଯାଇ ପାରେ । ଖସା ଲଡ଼ୁରେ ଗଭୀର ବ୍ୟଞ୍ଜନା ନିହିତ ଅଛି । ବାଖ୍ୟା ଦରକାର ? ତେବେ ଶୁଣନ୍ତୁ, "ହେ ମହାପ୍ରଭୁ, ଭବତ୍ ପ୍ରସାଦାତ୍ ମୋର ନିବେଦିତ ଏ ତିଳଗୁଡ଼ିକ ତାଳପ୍ରମାଣ ହୋଇଉଠୁ, ମୋର ଏତିକି ମାତ୍ର ପ୍ରାର୍ଥନା । ମୋର ଅନୁଷ୍ଠାନ ଯତ୍‌ସାମାନ୍ୟ ହେଉ ପଛକେ ପ୍ରତିଷ୍ଠାର ମାଲିକ ତ ଆପଣ । ଶ୍ରୀକୃଷ୍ଣ ଦ୍ରୌପଦୀଙ୍କର ପାକପାତ୍ରରୁ ଶାକକଣିକା ମାତ୍ର ଗ୍ରହଣ କରି ଷଷ୍ଟିଶିଷ୍ୟ ଦୁର୍ବାସା ସହିତ ସମଗ୍ର ବିଶ୍ୱଂସାରର ଉଦର ପୂର୍ଣ୍ଣ କରି ଦେଇଥିଲେ । ଆପଣଙ୍କର କୃପା

* ବାରିପଦା ସାହିତ୍ୟ-ସମାଜର ସାଧାରଣ ଅଧିବେଶନରେ ପଠିତ ।

Digitized by srujanika@gmail.com

ହେଲେ ମୋର ଏ ଶଙ୍ଖେ ପାଣି ଯେ ସମୁଦ୍ର ପୂର୍ଣ୍ଣ କରିବ, ଏହା କି ଖୁବ୍ ବଡ଼ କଥା ହେଲା ?"

ଏ ପ୍ରକାରେ ଗଣ-ଦେବତା ପ୍ରସନ୍ନ ହୁଅନ୍ତି କି ନାହିଁ ତାହା ମୁଁ କହିବି ନାହିଁ, ଅଥବା କହିବାର ଚେଷ୍ଟା ମଧ୍ୟ କରିବି ନାହିଁ । ଏତିକି ମାତ୍ର କହି ପାରେଁ ଯେ ଅଧିକାଂଶ ସାହିତ୍ୟିକଙ୍କୁ Training ବିଦ୍ୟାଳୟମାନଙ୍କରେ ଗଣ-ମନସ୍ତତ୍ତ୍ୱର training ଗ୍ରହଣ କରିବାକୁ ପଡ଼େ,—ଏହା ଉପାସନାର ସୋପାନ-ବିଶେଷ ହୋଇଥିବ ।

ଥାଉ ସେ କଥା । ମୂଳ ବକ୍ତବ୍ୟରୁ ବାହି ହୁଡ଼ି ବହୁ ଦୂର ଚାଲି ଆସିଛି । କିନ୍ତୁ ଏତେ କଥା କହିବାର ପ୍ରୟୋଜନ ନ ଥିଲା ବୋଲି ମଧ୍ୟ କହି ପାରୁ ନାହିଁ ।

କାବ୍ୟରେ ସଂଜ୍ଞା ନିର୍ଦ୍ଦେଶ—କହୁଥିଲି ଯେ, ରସ ଯେ କି ପଦାର୍ଥ ତାହା ବୁଝାଇ କହିବା ଅସମ୍ଭବ । କାବ୍ୟକୁ ବୁଝିବା କିମ୍ବା ବୁଝାଇବା ଚଳି ପାରେ, କିନ୍ତୁ ରସବସ୍ତୁ ବୋଧାତୀତ । ବ୍ରହ୍ମବସ୍ତୁ ପରି ଏହା ମଧ୍ୟ ଅବାଙ୍ମନସୋଗୋଚରମ୍ ବୋଲି ରସଜ୍ଞମାନେ କହିଛନ୍ତି । କେଉଁ କାବ୍ୟରେ କି ପରିମାଣ ରସ ଅଛି ତାହା ମଧ୍ୟ ମାପି ଦିଆ ଯାଇ ପାରେ ନା । ସୁତରାଂ ସେ ଚେଷ୍ଟା କରି ବାତୁଳତାର ପରିଚୟ ଦେବି ନାହିଁ । କିନ୍ତୁ ରସ ଯେ କାହିଁକି ବୁଦ୍ଧିର ଗୋଚର ହୁଏ ନାହିଁ, ଏ ପ୍ରଶ୍ନର ଆଲୋଚନା ଯଦି କରାଯାଏ ତେବେ ପ୍ରକାରାନ୍ତରେ ରସର ବିଷୟ ଆଲୋଚିତ ହେବ ।

କାବ୍ୟ ଏବଂ ରସ ଏ ଦୁହିଙ୍କ ମଧ୍ୟରେ ଯଥାର୍ଥ ସମ୍ବନ୍ଧ କଣ ତାହା ସହସା କହି ହେବ ନାହିଁ । କାବ୍ୟ ରସର ଆଧାର ଅଥବା ରସ କାବ୍ୟର ପ୍ରସୂତି ତାହା ସ୍ଥିର କରିବା ଆଲୋଚନା-ସାପେକ୍ଷ । ଏତିକି ମାତ୍ର ଆମେ ନିଶ୍ଚିତ ରୂପେ ଜାଣୁଁ ଯେ ରସଜ୍ଞ ପାଠକ କାବ୍ୟରୁ ହିଁ ରସର ଆସ୍ୱାଦ ପାଇଥାନ୍ତି । ସୁତରାଂ କାବ୍ୟକୁ ପ୍ରଥମେ ବିଶ୍ଳେଷଣ କରି ଦେଖିବାର ପ୍ରୟୋଜନ ଅଛି ।

ପ୍ରତ୍ୟେକ ଶିଳ୍ପ-ସୃଷ୍ଟି ତିନୋଟି ବିଷୟ ଆଶ୍ରୟ କରି ସମ୍ପୂର୍ଣ୍ଣ ହୋଇଥାଏ । ପ୍ରଥମ ସ୍ରଷ୍ଟା, ଦ୍ୱିତୀୟ ସୃଷ୍ଟି ଏବଂ ତୃତୀୟ ଭୋକ୍ତା । କାବ୍ୟ ସମ୍ବନ୍ଧରେ ମଧ୍ୟ ଏ କଥା ଖଟେ । ପୂର୍ବୋକ୍ତ ତିନି ଗୋଟି factor ବା ମୌଳିକ ଗୁଣଗ୍ରାହକ ସାହାଯ୍ୟରେ ଯଦି କାବ୍ୟର ଗୋଟିଏ ସଂଜ୍ଞା ନିର୍ଦ୍ଦେଶ କରିବାକୁ ହୁଏ ତେବେ ମୁଁ କହିବି ଯେ ସୃଷ୍ଟି ଅର୍ଥାତ୍ କାବ୍ୟ ତାହାର ସ୍ରଷ୍ଟା କବି ଏବଂ ଉପଭୋକ୍ତା ପାଠକର ଚିତ୍ତର ମିଳନ-କ୍ଷେତ୍ର । କବି, କାବ୍ୟ ଓ ପାଠକ ଏହି ତିନିଙ୍କର ଅନ୍ତରାଳରେ ରସର ସୁଧା-ସିନ୍ଧୁ ଆପଣାର ଅନବଗାହ ଗମ୍ଭୀରତା ଓ ଅପାର ବିସ୍ତୃତି ଲୁଚାଇ ରଖେ ।

କାବ୍ୟର ଭିତ୍ତି—କାବ୍ୟ କବି-ଚିତ୍ତର ସୃଷ୍ଟି । ସୁତରାଂ କାବ୍ୟର ଯଥାର୍ଥ ପରିଚୟ ଲାଭ କରିବାକୁ ହେଲେ କବିଚିତ୍ତ-ଧାରାର ଅନୁସରଣ କରିବାକୁ ହେବ । ଯଦି ଆମ୍ଭେମାନେ ବିପରୀତ ପ୍ରଣାଳୀର ଅନୁସରଣ କରୁଁ ଅର୍ଥାତ୍ କାବ୍ୟକୁ ପରୀକ୍ଷା କରି ଓଲଟା ପଥରେ କବିଚିତ୍ତର ଉତ୍ସମୁଖରେ ଉପନୀତ ହେବାର ଚେଷ୍ଟା କରୁଁ ତେବେ ଅଧିକ ସମୟ ଲାଗିବ ନାହିଁ । ଉତ୍ସମୁଖରୁ କବିଚିତ୍ତର ଗତିପଥ ଧରି ଧରି ଯଦି ଆମ୍ଭେମାନେ କାବ୍ୟକୁ ଫେରି ଆସି ପାରୁଁ ତେବେ ସଞ୍ଚିତ ଅଭିଜ୍ଞତା ଆମର ପରୀକ୍ଷାରେ ଅନେକ ସହାୟତା କରିବ ।

ଆମର ଆଦିମ କବିତାର ଜନ୍ମ ହୋଇଥିଲା ଏହି ସ୍ଥୁଳ ବସ୍ତୁ-ଜଗତର ବିଷୟ ଗୋଟିକୁ ଅବଲମ୍ବନ କରି । "ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ ।"—ଏ କାହାଣୀ ନୂତନ କରି କହିବାର ଦରକାର ନାହିଁ । ଲକ୍ଷ୍ୟ କଲେ ଦେଖାଯିବ ପ୍ରତ୍ୟେକ କବିତାର ମୂଳ ଏହି ସ୍ଥୁଳ ବସ୍ତୁ-ଜଗତରେ ନିବଦ୍ଧ । ଏହି ବସ୍ତୁ-ଜଗତ କାବ୍ୟର ସ୍ରଷ୍ଟା । ମାନବର ବାସଭୂମି ଏବଂ ମାନବର ପ୍ରଥମ ଓ ଶେଷ ପରିଚୟ ଏହି ବସ୍ତୁ-ଜଗତ ସହିତ ହୋଇଥାଏ । ସୁତରାଂ କାବ୍ୟର ଭିତ୍ତି ମଧ୍ୟ ଏହି ବସ୍ତୁ-ଜଗତରେ ପ୍ରତିଷ୍ଠିତ ।

ଭାବ—ବସ୍ତୁ-ଜଗତର ଘାତପ୍ରତିଘାତ ମାନବ ମନରେ ଭାବ ଉତ୍ପନ୍ନ କରେ । ଏହି 'ଭାବ' କଥାଟିର ଅର୍ଥ ପ୍ରଥମେ ବୁଝିବା ଦରକାର । କାରଣ 'ଭାବ' ଶବ୍ଦଟିକୁ ଆମେ ଅନେକ ସମୟରେ ଭାବାର୍ଥ ବା idea ଅର୍ଥରେ ବ୍ୟବହାର କରିଥାଉଁ । କିନ୍ତୁ ବର୍ତ୍ତମାନ ବ୍ୟବହୃତ ଆଲଙ୍କାରିକ ପରିଭାଷାରେ 'ଭାବ' ଅର୍ଥ idea ନୁହେ, emotion ବା ଭାବାବେଗ । ଭାବ ବହିର୍ଜଗତରୁ ପ୍ରାପ୍ତ stimulus ବା ଉଦ୍ଦୀପନାର response ବା ପ୍ରତିକ୍ରିୟା ରୂପେ ଜାତ ହୋଇଥାଏ । ଏହି ଭାବକୁ ସଂସ୍କୃତ ଆଲଙ୍କାରିକ ପ୍ରଧାନତଃ ନଅ ଭାଗରେ ବିଭକ୍ତ କରିଛନ୍ତି, ଯଥା ରତି, ହାସ, ଶୋକ, କ୍ରୋଧ, ଭୟ, ବିସ୍ମୟ, ଜୁଗୁପ୍ସା, ଉତ୍ସାହ ଓ ଶମ । ସଂସ୍କୃତ ଆଲଙ୍କାରିକ ଏମାନଙ୍କୁ ସ୍ଥାୟୀଭାବ ବୋଲି ବର୍ଣ୍ଣନା କରିଅଛନ୍ତି । ଏହି ନଅଗୋଟି ଭାବକୁ ଅବଲମ୍ବନ କରି ସେମାନେ ନବବିଧ ରସ ନିର୍ଦ୍ଦିଷ୍ଟ କରିଦେଇଛନ୍ତି । ଏମାନଙ୍କ ଭିନ୍ନ ଅନ୍ୟ କେତେଗୁଡ଼ିଏ ଅପ୍ରଧାନ ଭାବ ଏମାନଙ୍କ ସହକାରୀ ବା ସହଚର ରୂପେ ମାନବ ମନରେ ଗତାୟାତ କରିଥାନ୍ତି । ସଂସ୍କୃତ ଆଲଙ୍କାରିକଙ୍କ ମତାନୁଯାୟୀ ଏମାନଙ୍କ ସଂଖ୍ୟା ତେତିଶ । ଔଦାସୀନ୍ୟ ବା ନିର୍ବେଦ, ଆବେଗ, ଦୈନ୍ୟ, ଜଡ଼ତା, ଉଗ୍ରତା ଇତ୍ୟାଦି ସଞ୍ଚାରୀ ଭାବ ବୋଲି ପରିଚିତ । ଆଧୁନିକ ରସଜ୍ଞସମାଜ ଅନେକ ଗୁଡ଼ିଏ ସଞ୍ଚାରୀ ଭାବକୁ ସ୍ଥାୟୀ ବୋଲି ନିର୍ଦ୍ଦେଶ କରନ୍ତି । ପ୍ରାଚୀନ ଆଲଙ୍କାରିକମାନଙ୍କର ଅନେକେ ମଧ୍ୟ ଏହି ପ୍ରକାର ମତ ପୋଷଣ କରୁଥିଲେ । ଏମାନଙ୍କ ମତ ଗ୍ରହଣ କରିବାକୁ ହେଲେ ସ୍ଥାୟୀଭାବର ସଂଖ୍ୟା ନଅଗୋଟି ଅପେକ୍ଷା ଅନେକ ବେଶୀ । ସୁତରାଂ ରସର ସଂଖ୍ୟା ମଧ୍ୟ ନଅ ଗୋଟିରେ ଆବଦ୍ଧ ନୁହେ । ଆଧୁନିକ ରସଜ୍ଞ ସଞ୍ଚାରୀ ଭାବମାନଙ୍କୁ ମଧ୍ୟ ଅସଂଖ୍ୟ ବୋଲି କହିବେ । ପ୍ରାଚୀନ ଆଲଙ୍କାର ଶାସ୍ତ୍ରର ମତାନୁଯାୟୀ ନଅ ଗୋଟି ସ୍ଥାୟୀ ଭାବ ମାତ୍ର ସ୍ୱତନ୍ତ୍ରଭାବରେ ରସରେ ପରିଣତ ଲାଭ କରି ପାରନ୍ତି । ସଞ୍ଚାରୀ-ଭାବଗୁଡ଼ିକର ସେ କ୍ଷମତା ନାହିଁ । ସେମାନେ କେବଳ ସ୍ଥାୟୀ

Digitized by srujanika@gmail.com

କୌତୂହଳ
ଶିଳ୍ପୀ—ଶ୍ରୀ ବିପିନ ଚୌଧୁରୀ

ଦୁଇ ଭଉଣୀ
ଶିଳ୍ପୀ—ଶ୍ରୀ ବିପିନ ଚୌଧୁରୀ

Digitized by srujanika@gmail.com

ଭାବଗୁଡ଼ିକୁ ରସରେ ପରିଣତ ହେବାକୁ ସାହାଯ୍ୟ କରନ୍ତି । ମୂଳତଃ ସେମାନଙ୍କର ବକ୍ତବ୍ୟ ଏହି ଯେ ସ୍ଥାୟୀ ଭାବ ନଅଟି କାବ୍ୟର ଭିତ୍ତି ସ୍ୱରୂପ । ଅନ୍ୟ ଭାବଗୁଡ଼ିକ ସେମାନଙ୍କର ଆନୁଷଙ୍ଗିକ ସମ୍ପୋଷକ ମାତ୍ର ।

ପ୍ରାଚୀନ ଓ ଆଧୁନିକ ରସିକ ସମାଜ ମଧ୍ୟରେ ଏହି ବିରୋଧର ଗୋଟିଏ ମନସ୍ତତ୍ତ୍ୱସମ୍ମତ ସଙ୍ଗତ କାରଣ ଥିବାର ଜଣାପଡ଼େ । ସଭ୍ୟତାର ପ୍ରସାର ଓ ଉନ୍ନତି ସଙ୍ଗେ ସଙ୍ଗେ ମନୁଷ୍ୟର ମନ କ୍ରମେ ଜଟିଳରୁ ଜଟିଳତର ହୋଇଯାଉଛି । ପ୍ରାଚୀନ ଆଳଙ୍କାରିକ ଯେଉଁ ମାନବ ମନର ବିଶ୍ଳେଷଣ କରିଥିଲେ ତାହା ଏ ଯୁଗ ତୁଳନାରେ ଆଦିମ କହିଲେ ଚଳେ । ତାହାର କ୍ରିୟା ଅପେକ୍ଷାକୃତ ସରଳ ଓ ସହଜବୋଧ୍ୟ ଥିଲା । ତେଣୁ ତାର ବିଶ୍ଳେଷଣ ମଧ୍ୟ ସହଜସାଧ୍ୟ ଥିଲା । ପ୍ରାଚୀନ ଆଳଙ୍କାରିକ ଆଦିମ ମାନବ ମନକୁ ବିଶ୍ଳେଷଣ କରି ଯେ ନଅଗୋଟି ମୌଳିକ ଭାବଦ୍ୱାରା ହୃଦୟର ଗଠନ ନିର୍ଦ୍ଦେଶ କରିଥିଲେ, ଏ ଯୁଗର ପରିଣତ ମନ ତାହା ମାନି ନେବାକୁ ରାଜି ନୁହେଁ । ଆଧୁନିକ ମାନବ ମନ ନିଜର ଜଟିଳତା ବିଷୟରେ ସମ୍ପୂର୍ଣ୍ଣ ସଚେତନ ।

ମାନବ ମନରେ ଭାବୋତ୍ପତ୍ତିର କାରଣ ମଧ୍ୟ ଜଟିଳ । ମନୁଷ୍ୟ ମନର କେଉଁ ସ୍ତରରେ କେଉଁ ବସ୍ତୁ ବା ବିଷୟର ସୂକ୍ଷ୍ମ ସଂଘାତରେ କେଉଁ ଭାବର ଉତ୍ପତ୍ତି ହୁଏ ତାହା ଜାଣିବା ସହଜ ନୁହେଁ । ମନେ କରନ୍ତୁ ଜଣେ ସୁନ୍ଦରୀ ନାରୀ ମୋର ନେତ୍ରପଥ-ବର୍ତ୍ତିନୀ ହେଲେ ଏବଂ ତାହା ଫଳରେ ମୋ ମନରେ ରତିଭାବ ଜାଗ୍ରତ ହେଲା । ବର୍ତ୍ତମାନ ପ୍ରଥମ ପ୍ରଶ୍ନ ଏହି ଯେ ସର୍ବଦା ସବୁ ସୁନ୍ଦରୀଙ୍କର ଦର୍ଶନ ରତିଭାବର କାରଣ ହୋଇପାରେ କି ନା ; ଯଦି ତାହା ହୁଏ ତେବେ ଦୁନିଆ ସାରା ସୁନ୍ଦରୀର ତ ଅଭାବ ନାହିଁ । ଅନ୍ୟ ସୁନ୍ଦରୀଙ୍କୁ ଦେଖି ମୋର ରତିଭାବ ଜାଗ୍ରତ ନ ହୁଏ କାହିଁକି । କେବଳ ମନୁଷ୍ୟ ନୁହେଁ, ଇତର ପ୍ରାଣୀ ସମ୍ବନ୍ଧରେ ମଧ୍ୟ ଏ କଥାର ସତ୍ୟ ପରୀକ୍ଷା କରିଯାଇପାରେ । ଯେଉଁମାନେ ଲକ୍ଷ୍ୟ କରିଛନ୍ତି ସେମାନେ ଦେଖିଥିବେ ଯେ ଇତର ପ୍ରାଣୀମାନେ ବିହାର ସମୟରେ ସ୍ତ୍ରୀବିଶେଷ ପ୍ରତି ଆସକ୍ତ ହୁଅନ୍ତି । ସେ ଅବସ୍ଥାରେ ବାଞ୍ଛିତା ବ୍ୟତୀତ ଅନ୍ୟ ସ୍ତ୍ରୀ ବନ୍ଧୁ ସ୍ଥଳରେ ତାଙ୍କର ବିରାଗର ପାତ୍ରୀ କହିଲେ ଚଳେ ।

ଏଠାରେ ଟିକିଏ ଅବାନ୍ତର ବିଷୟ ଆଲୋଚନା କରିବାର ପ୍ରୟୋଜନ ହୋଇପାରେ । କେହି କେହି ହୁଏ ତ ପ୍ରଶ୍ନ କରିବେ, ସୁନ୍ଦରୀ ବିଶେଷର ଦର୍ଶନ ଯେ ରତିଭାବର ପ୍ରସୂତି ଏ କଥା କହିବାର ଅର୍ଥ କ'ଣ ? ତାହାହିଁ ଯଦି ହୁଅନ୍ତା ତେବେ "ସବୁ ସୁନ୍ଦରୀଙ୍କ ଚିବୁକ ଧରି, ବୁଲନ୍ତି ସବୁ ମୁଁ ରସିକ ପରି"—ଏ ଧରଣର ରଚନା କବିଙ୍କର କଲମରୁ ବାହାରନ୍ତା କିପରି ?

ଆଧୁନିକ ଯୁଗର କବିଶ୍ରେଷ୍ଠ ରବୀନ୍ଦ୍ର ନାଥ ମଧ୍ୟ ଲେଖିଛନ୍ତି—
"ଯାଦେର ସଙ୍ଗେ ହୟନି ମିଲନ ସେ ସବ ବରାଙ୍ଗନା,
ବିଚ୍ଛେଦେର ଦୁଃଖେ ଆମାୟ କରଛେ ଅନ୍ୟମନା ।"

ଏସବୁ ସ୍ଥଳରେ ରତିଭାବର କାରଣ ସୁନ୍ଦରୀ ବିଶେଷରେ ଆବଦ୍ଧ ହୋଇ ରହି ନାହିଁ ତ ।

କଥାଟା ଠିକ । କିନ୍ତୁ ସେହି ସଙ୍ଗେ ଏ କଥା ମଧ୍ୟ ଲକ୍ଷ୍ୟ କରିବା ଉଚିତ ଯେ ଏ କ୍ଷେତ୍ରରେ ସୁନ୍ଦରୀ ଗୋଟିଏ ଗୌଣ କାରଣ । ପ୍ରଧାନ କାରଣ କବିଙ୍କର "ମୁଁ" । କବି ବର୍ତ୍ତମାନ ସୁନ୍ଦରୀଙ୍କୁ ଲକ୍ଷ୍ୟ କରୁ ନାହାନ୍ତି, ସେ ଦେଖୁଛନ୍ତି ନିଜର ବିଶେଷ ଗୋଟିଏ ଅବସ୍ଥାକୁ । ଉଦ୍ଧୃତ ଅଂଶ ଗୁଡ଼ିକ ଯେଉଁ କବିତାମାନଙ୍କର ସେ ଗୁଡ଼ିକ ସମ୍ପୂର୍ଣ୍ଣ ପାଠକଲେ ଏକଥା ଟିକିଏ ସ୍ପଷ୍ଟ ହୋଇପାରେ । ଏ କ୍ଷେତ୍ରରେ ସୁନ୍ଦରୀ ସହିତ ରତିଭାବର ଯଦି କିଛି ସମ୍ପର୍କ ଥାଏ ତେବେ ତାହା metamorphosed ହୋଇ ବିଶ୍ୱ ସୁନ୍ଦରୀଙ୍କର ଗୋଟିଏ ମାନ ସମ୍ଭୂତ ରୂପ କବିଙ୍କର କଳ୍ପନାକୁ ଆଶ୍ରୟ କରିଛି ।

ବର୍ତ୍ତମାନ ବକ୍ତବ୍ୟ ବିଷୟକୁ ଫେରି ଆସିବା । ଯଦି ସୁନ୍ଦରୀ ବିଶେଷର ଦର୍ଶନ ବା ସ୍ପର୍ଶ ମୋର ମନର ରତିଭାବର କାରଣ ହୁଏ ତେବେ ତାହା ସୁନ୍ଦରୀଙ୍କର କେଉଁ ବିଶେଷ ଅଙ୍ଗରୁ ଜାତ ତାହା ମଧ୍ୟ ଦେଖିବା ଦରକାର ।

ଆସି ? ଅଚ୍ଛା ସେଇ ଘନପକ୍ଷ୍ମ-ବିଶିଷ୍ଟ ଅଞ୍ଜନରଞ୍ଜିତ ନୟନ ଦୁଇଟି କାଟି ନେଇ ଡାକ୍ତରଖାନାରେ dissection table ଉପରେ ରଖି ଦେଇ ଦେଖିଲେ ? ତେବେ ବାହ ? ଦୁଇଟି ମାଂସ ପିଣ୍ଡକୁ ପାଖେ ପାଖେ ରଖି ଖଣ୍ଡେ ଚୀନାଂଶୁକ ଘୋଡ଼ାଇ ଦେଲେ କିପରି ଲାଗିବ ? ତେବେ କବରୀ ? ଥିଏଟରର ଘରଘରରେ ସେହିପରି କବରୀ ଅନେକ ଦେଖିବାକୁ ମିଳିପାରେ ! ତାକୁ ଦେଖି ରତିଭାବ ଜାଗ୍ରତ ହୁଏ କି ? ଏହିପରି ବିଶ୍ଳେଷଣଭାବରେ ଦେଖିବାକୁ ଗଲେ ଜଣାପଡ଼ିବ ଯେ ସୁନ୍ଦରୀର କୌଣସି ବିଶେଷ ଅଙ୍ଗ ବିଶ୍ଳିଷ୍ଟଭାବରେ ମୋର ରତିଭାବର କାରଣ ହୋଇପାରେ ନା । ସୁନ୍ଦରୀର ସମଗ୍ର ଅବୟବର ଗୋଟିଏ ବିଶେଷ ଅବସ୍ଥାର ସୁସମଞ୍ଜସ ଓ ସୁଷ୍ଠୁ ପ୍ରକାଶ ମୋର ରତିଗ୍ରନ୍ଥିଳାର କାରଣ ଏବଂ ସେ ବିଶେଷ ଅବସ୍ଥା ଯେ କଣ, ତାହା ମଧ୍ୟ ମୋର ସମ୍ପୂର୍ଣ୍ଣ ଜଣା ନାହିଁ । ଏହି ସୁନ୍ଦରୀ ଯେ ସବୁବେଳେ ସବୁ ଅବସ୍ଥାରେ ମୋର ଚିତ୍ତ ହରଣ କରିବେ ତାହା ମଧ୍ୟ ହୋଇ ନ ପାରେ । ମୋର ରତିଭାବର କାରଣ ଯେ ସୁନ୍ଦରୀର ରୂପରେ ନିହିତ ତାହା ମଧ୍ୟ ନିଶ୍ଚିତରୂପେ କହିହେବ ନାହିଁ । ତାଙ୍କର ଯେଉଁ ବର୍ତ୍ତମାନ ମୋର ମନରେ ଭାବୋନ୍ମେଷ ଘଟାଇଛି ତାହା ସହିତ ମୁଁ ସମ୍ପୂର୍ଣ୍ଣ ପରିଚିତ ମଧ୍ୟ ନୁହେଁ । ସୁତରାଂ ଏ କ୍ଷେତ୍ରରେ ଭାବ କାହିଁକି ଜାଗ୍ରତ ହେଲା ତାହା କହିବାର ଉପାୟ ନାହିଁ । ତାହା ଜାଣିବାକୁ ହେଲେ **Psycho-analysis**ର ଆଶ୍ରୟ ନେବାକୁ ହେବ ।

କିନ୍ତୁ ସର୍ବଦା ଯେ ଏହି ଜଟିଳତା ବିଦ୍ୟମାନ ତାହା ମୁଁ ମନେ କରି ପାରୁ ନାହିଁ । ଆଦିକବିଙ୍କର ସଂକଳନ-ପରିଚିତ ପ୍ରଥମ ଶ୍ଳୋକଟିର ମୂଳ ବିଶ୍ଳେଷଣ କରିଯାଉ ।

ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ
ଯତ୍ କ୍ରୌଞ୍ଚ ମିଥୁନାଦେକ ମବଧୀଃ କାମ ମୋହିତମ୍ ॥

ଚ

Digitized by srujanika@gmail.com

ଏହାର ଆଖ୍ୟାନଭାଗ ସହିତ ସମସ୍ତେ ପରିଚିତ । ମହର୍ଷିଙ୍କ ମନରେ ଯୁଗପତ୍ ଶୋକ ଏବଂ କ୍ରୋଧଭାବ ଜାଗ୍ରତ ହେବାର କାରଣ ଏଠାରେ ସ୍ପଷ୍ଟ । ଅନ୍ତତଃ ତାହାହିଁ ମନେକରି ପାରନ୍ତି କେହି । କିନ୍ତୁ ଟିକିଏ ଭାବିଲେ ଦେଖାଯିବ ଯେ ଆପାତ ଦୃଷ୍ଟିରେ ଯାହା ପ୍ରତୀୟମାନ ହେଉଥିଲା, ତାହା ଅପେକ୍ଷା ଅନେକ ଗମ୍ଭୀର କାରଣ ଏଥିରେ ବର୍ତ୍ତମାନ ଅଛି । ମୁଁ କାରଣଗୁଡ଼ିକୁ ଗୋଟି ଗୋଟି କରି ନମ୍ବର ଓ୍ୟାରି ସଜାଇ ଦେଲି:—

୧ । ପ୍ରଥମ ଅଟି ସ୍ଥୂଳ କାରଣ, ବ୍ୟାଧ ପକ୍ଷୀଟିକୁ ହତ୍ୟା କଲା । ହତ୍ୟା ଅତି ନୃଶଂସ କାର୍ଯ୍ୟ, ନିରୀହ ପକ୍ଷୀଟିର ହତ୍ୟା ଅତି ନୃଶଂସ ।

୨ । ଯଦିବା ହତ୍ୟା କଲା, ସେ ଗୋଟିଏ ପକ୍ଷୀକୁ ମାରିଲା, ଅନ୍ୟଟିକୁ ଜୀବନ୍ମୃତ କରି ରଖିଦେଲା । ସେ ବର୍ତ୍ତମାନ ଆର୍ତ୍ତନାଦ କରି ଉଡ଼ିବୁଲୁଛି,—ଗୋଟିଏ ଅପୂର୍ଣ୍ଣ ଆକାଙ୍କ୍ଷା-ତାଡନାରେ ।

୩ । ଯେଉଁ ଅବସ୍ଥାରେ ହତ୍ୟା କଲା ତାହା ମଧ୍ୟ ଶୋଚନୀୟ । ମୈଥୁନରତ ପକ୍ଷୀଟି ଯେତେବେଳେ ଅତି ବିହ୍ୱଳ ଓ ଆତ୍ମବିସ୍ମୃତ ଅବସ୍ଥାରେ ଥିଲା ସେତିକିବେଳେ ତାକୁ ହତ୍ୟା କରିଦେଲା, ଆତ୍ମରକ୍ଷା କରିବାର କୌଣସି ସୁଯୋଗ ସେ ପାଇ ପାରି ନାହିଁ ।

୪ । ମୈଥୁନକ୍ରିୟାଟିର ଗମ୍ଭୀରତର ଅର୍ଥ ଖୋଜିଲେ ଦେଖାଯିବ ଯେ ତାହା ପ୍ରଜନନର ପୂର୍ବ ସୋପାନ । ପ୍ରଜନନକ୍ରିୟା ପ୍ରାଣୀର ଅମରତ୍ୱର ସୂଚନା କରେ । ଏହି କ୍ରିୟା ମଧ୍ୟ ଦେଇ ମର ଜଗତର ପ୍ରତ୍ୟେକ ଜୀବ ନିଜର ବଂଶଧାରାକୁ ଅପ୍ରତିହତ ରଖି ନିଜର ଅମରତ୍ୱ ସୁପ୍ରତିଷ୍ଠିତ କରେ । ଅଥଚ ପକ୍ଷୀଟି ସେ ସୁଯୋଗ ମଧ୍ୟ ପାଇ ପାରିଲା ନାହିଁ । ଯେତେବେଳେ ସେ ନିଜର ଏବଂ ଅପର ସାଥୀଟିର ଅମରତ୍ୱ ଲାଭ ସାଧନାରେ ନିଯୁକ୍ତ ଥିଲା, ସେତିକିବେଳେ ତାର ସାଧନାରେ ବାଧା ପଡ଼ିଲା, ଅମୃତ ଆଶା କରି ତାର ଅଦୃଷ୍ଟରେ ଗରଳ ଲାଭ ଘଟିଲା । ଜୀବନର ସମ୍ପୂର୍ଣ୍ଣ ବିପରୀତ ଧର୍ମୀ ମୃତ୍ୟୁର କରକବଳିତ ହେବାକୁ ପଡ଼ିଲା ତାକୁ ।

ଏହି ଭାବରେ ଚିନ୍ତାକଲେ ଉତ୍ତରୋତ୍ତର ଯେତେ ଚିନ୍ତା କରାଯିବ ଘଟନାଟି ସେତିକି ଅଧିକ ପରିମାଣରେ କାରୁଣ୍ୟଯୁକ୍ତ ହୋଇ ଉଠିବ । କିନ୍ତୁ ଆଦିକବିଙ୍କର ଚିତ୍ତରେ କରୁଣଭାବ ଉଦ୍‌ବୋଧନ ଯେ କେଉଁଟି ତାହା କହିବା କଠିନ । ଏସବୁ ଗୁଡ଼ିକ ମିଶି ତାଙ୍କର ହୃଦୟକୁ ଶୋକାକୁଳ କରିଥିବା ସମ୍ଭବ, ନଚେତ ବ୍ୟାଧ ପ୍ରତି ସେ ଏତେ ଦାରୁଣ ଅଭିଶାପ ବାଣୀ ଉଚ୍ଚାରଣ କରି ନ ଥାନ୍ତେ ।

ଭାବୋନ୍ମେଷର ଅବ୍ୟବହିତ ପରବର୍ତ୍ତୀ ଅବସ୍ଥାରେ କାବ୍ୟ ରଚିତ ହେବା ସମ୍ଭବ କି ନା—ବର୍ତ୍ତମାନ ଦେଖାଯାଉ ଭାବ ଜାଗ୍ରତ ହେଲେ ମାନବେ କିପରି କଣ କରନ୍ତି । ଶିଳ୍ପୀ-ଚିତ୍ତର ଗୋଟିଏ ବିଶେଷ ଗୁଣ ଏହି ଯେ ତାହା ଭାବକୁ ଉପଭୋଗ୍ୟ କରି ପ୍ରକାଶ କରିଥାଏ । ଯେ କୌଣସି ଉପାୟରେ ଭାବାବେଗର ଅଭିବ୍ୟକ୍ତି ମାନକୁ ଶିଳ୍ପ-ସୃଷ୍ଟି କୁହାଯାଇ ନପାରେ । କ୍ରୌଞ୍ଚ-ମିଥୁନରୁ ଗୋଟିଏ ଯେତେବେଳେ ପ୍ରିୟ-ବିୟୋଗ-ବ୍ୟଥାରେ କାତର ହୋଇ ଆର୍ତ୍ତନାଦ କରି ବୁଲୁଥିଲା, ସେତେବେଳେ ସେଥିରେ ଭାବର ଅଭିବ୍ୟକ୍ତି ଥିଲା, କିନ୍ତୁ କାବ୍ୟ ନ ଥିଲା । କ୍ରୌଞ୍ଚର ଆର୍ତ୍ତନାଦ ଶୋକଭାବର ଉଦ୍ଦୀପକ, କିନ୍ତୁ ତାହା ଉପଭୋଗ୍ୟ ନୁହେଁ । କିନ୍ତୁ ସେହି ବିରହର ବେଦନା ଯେତେବେଳେ ଆଦି-କବିଙ୍କର ଚିତ୍ତରେ ପ୍ରତିଫଳିତ ହେଲା, ସେତେବେଳେ ଯାଇ ତାହାର ଅନ୍ତର୍ନିହିତ କାବ୍ୟ—ରସ ନିସ୍ସାରିତ ହେବାର ଅବକାଶ ପାଇଲା ।

ମନରେ ଭାବାବେଗ ଜାଗ୍ରତ ହେଲେ ମାନବେ ତାହା ପ୍ରକାଶ କରିବାକୁ ଗଲେ ମନୁଷ୍ୟ ଯାହା କରିବ, ସେଥିରେ କାବ୍ୟର ଛଳେ ମାତ୍ର ସମ୍ପର୍କ ନାହିଁ । ତାହା ଅଟି ସ୍ଥୂଳ, ତାହାର ପଶୁ ପ୍ରକୃତିର ବିକାଶ ମାତ୍ର । କାବ୍ୟ-ରଚନାର ଭାବାବେଶ ବୋଲି ଯାହା ପରିଚିତ, ତାହା ଯଥାର୍ଥରେ ଭାବ ନୁହେଁ, ଭାବ-ସ୍ମୃତିର ଆବେଶ । ଏ ବିଷୟ ପରେ ଆଲୋଚିତ ହେବ । ଭାବାବେଗର ଆବେଶ-ମାନବେ ଉତ୍ତମ କାବ୍ୟ ରଚିତ ହୋଇଥିବାର ଉଦାହରଣ ମଧ୍ୟ ଅଛି । କିନ୍ତୁ ତାହାର ଯଥାର୍ଥ ବ୍ୟାଖ୍ୟାର ଅବସର ଏପର୍ଯ୍ୟନ୍ତ ଆସି ନାହିଁ । ଏ କାରଣ ମଧ୍ୟ କ୍ରମେ ଜଣା ପଡ଼ିବ ।

ଭାବର ଆବେଶ ମାନବେ ଯେ କାବ୍ୟ ରଚିତ ହେବା ସମ୍ଭବ ନୁହେଁ ସେ କଥା କାବ୍ୟର ଗଠନ ପରୀକ୍ଷା କଲେ ଜଣାପଡ଼ିବ । କେତୋଟି ଉଦାହରଣ ନେଇ ଦେଖାଯାଉ—

ଶୃଙ୍ଗାର ଓ ଶୋକ ଭାବ ପରସ୍ପର-ବିରୋଧୀ । ଶୋକାକୁଳ ମନରେ ଶୃଙ୍ଗାର ଭାବର ପ୍ରକାଶ ମନସ୍ତତ୍ତ୍ୱସମ୍ମତ ବୋଲି କେହି କହିବେ ନାହିଁ । ଅଥଚ ଏହି ଦୁଇଟି ବିପରୀତଧର୍ମୀ ଭାବକୁ ଅବଲମ୍ବନ କରି ମେଘଦୂତପରି ଶ୍ରେଷ୍ଠ କାବ୍ୟ ରଚିତ ହୋଇଛି ।

ଅଳକା ହର୍ମ୍ମ୍ୟେ ରାଜେ ନବ-ଯୋଷିତ,
ତୋ ଅଙ୍ଗେ ଯାରଧର ସ୍ୱର୍ଣ୍ଣ ତଡ଼ିତ;
ଅଳକା-ସୌଧେ ଚିତ୍ର ମୋହେ ନୟନ,
ଇନ୍ଦ୍ର-କୋଦଣ୍ଡ ତୋର ଅଙ୍ଗେ ଯେସନ ।
ତୋ ସ୍ନିଗ୍ଧ ମନ୍ଦ୍ର ନାଦ ପରାୟେ ତହିଁ
ମୁରଜ ମନ୍ଦ୍ର ନାଦ ନିତ୍ୟ ସ୍ଫୁରଇ;
ଉଜ୍ଜ୍ୱଳ ମଣି-ରଶ୍ମି ପ୍ରାଙ୍ଗଣେ ତାର,
ଯେସନେ ଗର୍ଭେ ତୋର ଶୁକ୍ଳ-ଆସାର ।
ପୁଷ୍ପ ଭୂଷଣ ପ୍ରିୟ ନାଗରୀ ଦଳ—
କରେ ଶୋଭଇ ଯହିଁ ଲୀଳା କମଳ,
ଅଳକେ କୁନ୍ଦକଳୀ ରାଜେ ମୋହନ,
ଲୋଧ୍ର ପରାଗେ ପାଣ୍ଡୁ ଦିଶୁ ଆନନ ।
ରମ୍ୟ ଶିରୀଷେ ଶୋହେ ଶ୍ରବଣ ମୂଳ,
ସୀମନ୍ତେ ଶୋହେ ନବ କଦମ୍ବ ଫୁଲ,
ବକୁଳମାଳଶୋଭ-ଘନ ଜଘନ,
ମନ୍ଦାରଶୋଭି-କେଶ ଚୁମ୍ବେ ଚରଣ ।
(ଛିନ୍ନର ମେଘଦୂତର ଅନୁବାଦ—ରାଧାନାଥ)

Digitized by srujanika@gmail.com

ଏ ରୂପ ଦେଖିବାର, ଏ ଶୋଭା ସମ୍ଭୋଗ କରିବାର ଅବକାଶ ଶୋକାକୁଳ ଚିତ୍ତରେ କାହିଁ ? ଅଥଚ ଏ ରୂପକୁ ବାଦ ଦେଲେ ଅବିମିଶ୍ର ଶୋକ-ପ୍ରକାଶ ଦ୍ୱାରା କାବ୍ୟ ରଚିତ ହୋଇ ପାରେ ନା । ରତିବିଳାପ ଓ ଅଜ-ବିଳାପ ମଧ୍ୟ ଏହି ପ୍ରକାର ଭାବର ତଥା ରସର ସଙ୍କରତ୍ୱରୁ ଜନ୍ମିଛି ।

ଜୟଦେବଙ୍କ କାବ୍ୟରୁ ଖଣ୍ଡିତା ନାୟିକା ଶ୍ରୀରାଧାଙ୍କର ଉକ୍ତିର ଅନୁବାଦକୁ ପରୀକ୍ଷା କରି ଦେଖିବା :—

" ରଜନୀ-ଜନିତ ଗୁରୁ ଜାଗର ରାଗରେ ଅଳସ ନୟନେ
ତବ ଅରୁଣ ଲେଖା,
କାହା ପ୍ରୀତି ଅନୁରାଗ ନୟନ ତଡ଼ାଗେ କହ ଯୁଗଳ
କମଳ ରୂପେ ଦେଉଛି ଦେଖା ।
ଯାଅରେ କେଶବ, ଯାଅ କପଟୀ ମାଧବ, ଆଉ କହନା
କହନା ହରି କପଟ କଥା,
କମଳ ଲୋଚନ ଧରି ଅନୁସର ତା ସରଣୀ ଯେଉଁ
ସୁଲୋଚନା ତବ ହରିବ ବ୍ୟଥା ।
ହରି, ଚୁମ୍ବିଲ କାହାର କଳା-କଜଳ ଆଖି,
ଅରୁଣ ଅଧରେ ତବ ଦେହର ବରଣ କେଉଁ ମିଳନ-ସୁଖରେ
ମାତି ରହିଲା ଲାଗି ॥
ତୁମ ଶ୍ୟାମ କଳେବରେ ନଖର ମାରିଲା ଖରେ ସୁରତ-ସମରେ
କେଉଁ ଅପ୍ସରବାଳା
ମରକତ ଫଳାରେ କେ ଲେଖିଲା ହରଣ-ଗାରେ ରତିଜୟ
ଲିପିର ଏ ବର୍ଣ୍ଣମାଳା ।"

ଅବମାନିତା ନାୟିକାର କ୍ରୋଧାବିଷ୍ଟ ଚିତ୍ତରୁ ଏ ଶ୍ରେଣୀର ସୌନ୍ଦର୍ଯ୍ୟ ବର୍ଣ୍ଣନା ସମ୍ଭବ ନୁହେ । ଅଥଚ ଏହି ସଙ୍କର-ଭାବ-ସମାବେଶ ଫଳରେ ଏଠାରେ ଅପୂର୍ବ ଶିଳ୍ପସୃଷ୍ଟି ହୋଇଛି ।

ଭଞ୍ଜକବିଙ୍କର ଶ୍ଳେଷାତ୍ମକ କାବ୍ୟ ବହୁ ସ୍ଥଳରେ କଷ୍ଟ କଳ୍ପିତ ହେଲେ ମଧ୍ୟ ଏ ଶ୍ରେଣୀର ଭାବ-ସଙ୍କରତ୍ୱର ଉତ୍ତମ ଉଦାହରଣ ।

ବନ୍ୟା ଶିଖରୀର ତହିଁ ବିପ୍ରଲବ୍ଧା ପ୍ରାୟ ହୋଇ ରହିବାର
ପ୍ରବର୍ତ୍ତାଇ ଅଛି ଯେ ।
ବିଟପ-ପ୍ରକମ୍ପକର ସଙ୍ଗତି ସହଚରୀର ପୁରି ଅଭିମୁଖର
ହୋଇଛି ଯେ ॥
ବିରସ-କମ୍ପିତା ସେହି ପିକ-ବାଣୀରେ ଛଳଇ ପ୍ରବୃଦ୍ଧି
କରାଇ ମଦନକୁ ଯେ ।
ଚମ୍ପରଣ କର-ସଙ୍ଗ ପୟୋଧର ଫଳ ତୁଙ୍ଗ ପୁରୁଷ ପ୍ରକାଶି
ରଞ୍ଜନକୁ ଯେ ॥

ଏ ଅଭିବ୍ୟକ୍ତିରେ ଉପାଦେୟତା ନାହିଁ, ଏ କଥା କେହି କହିବେ ନାହିଁ । କିନ୍ତୁ ଏ ଅଭିବ୍ୟକ୍ତି ଯେ ଭାବାବେଶର ଫଳ ନୁହେ, ତାହା ବୁଝିବା ଅତ୍ୟନ୍ତ ସହଜ । ଶାନ୍ତରସାତ୍ମକ ରହିର ଆଶ୍ରମ କବିଙ୍କର ପ୍ରମାଣ ଭଙ୍ଗୀର କୌଶଳରେ ଖଣ୍ଡିତା ନାୟିକାର ରୂପ ଧରିଛି । କ୍ଲିଷ୍ଟତା ଦୋଷ ଥିଲେ ମଧ୍ୟ ଅଭିବ୍ୟକ୍ତି କୌଶଳରେ ଏହା ଗୋଟିଏ ନୂତନ ଧରଣର ଶିଳ୍ପସୃଷ୍ଟି ।

ବିଦଗ୍ଧଚିନ୍ତାମଣିର ଯେଉଁ ଅଂଶ ତଳେ ଉଦ୍ଧୃତ ହେଲା ତାହାର ଉପାଦେୟତା ବିଷୟରେ କୌଣସି ପ୍ରକାର ପ୍ରଶ୍ନ ଉଠିପାରେ ନା । ଲକ୍ଷ୍ୟ କଲେ ସେଥିରେ ମଧ୍ୟ ପରସ୍ପର-ବିରୋଧୀ ରତି ଓ ଶୋକ ଭାବର କ୍ରିୟା ଦେଖାଯିବ । ରତି ବା ଶୋକ ଭାବଦ୍ୱାରା ଆବିଷ୍ଟ ଚିତ୍ତରୁ ଏହାର ଜନ୍ମ ସମ୍ଭବ କି ?

ଶୁଣି ସେ ରଚିତ ବୋଇଲେ ହରି ରହା ହା ଲୁହ
ମନୁଯାଏଁ ବନ୍ଧୁ ।
ତୋ ପ୍ରୀତି-ପଣକୁ, ମୋ ନିଜ ପଣକୁ ଶିକା ହେବି ସତେ
କୃପାସିନ୍ଧୁ ।
ଆରେ ଗୁଣଗ୍ରାହୀ । କି କି କରି ନ ପାରିଲି ବନ୍ଧୁ ।
ମୁଁ ଅତି ଦାରୁଣ ତବ ପ୍ରେମରଣ କୋଟି ଜନ୍ମେ ସୁଝା ଯିବ ନାହିଁ ।
ତୋ ଗୁଣ ସୁମରି ଯେବେ ଯିବ ମନ ସଂସାରେ ପ୍ରଶଂସା
ସାରି ହେବ ।
ଦାସ ବତ୍ସଳୀକି ପ୍ରଣୟ-ସ୍ଥଳୀକି ବାଧିବା ତରେ ରହିଛି ଜୀବ ।

ଉଦାହରଣ ସ୍ୱରୂପ ଆଉ ଗୋଟିଏ ବିଷୟ ଦେଖାଯାଉ । ଦାତାକର୍ଣ୍ଣର ଉପାଖ୍ୟାନକୁ କବି କାବ୍ୟ ଉପାଦାନ କରି ନେଇଛନ୍ତି । ବିଷୟର ଐତିହାସିକତା ବା କାଳ୍ପନିକତା କିମ୍ବା ଦାତାକର୍ଣ୍ଣଙ୍କର ମହତ୍ତ୍ୱ ଇତ୍ୟାଦି ବିଷୟରେ ମୁଁ କିଛି କହିବାକୁ ଯାଉନାହିଁ । କେବଳ ଏଥିମଧ୍ୟରୁ କାରୁଣ୍ୟର ମୂଳ ଉତ୍ସଟି ଉଦ୍‌ଘାଟିତ କରି ଦେଖାଯାଉ । ପିତା-ମାତା ଉଭୟେ ମିଳି କାଟିବେ ନିଜର ସନ୍ତାନକୁ,—ମୁଣି କରତରେ ଚିରିବେ,—ଅଥଚ ଆଖିରୁ ଲୁହ ବୋହିବ ନାହିଁ । ସେ ମାଂସ ରାନ୍ଧିବେ ସ୍ୱୟଂ ଜନନୀ ଏବଂ ଖାଇବ ସେହି ବ୍ରାହ୍ମଣ, ଯାହାର ନିର୍ଦ୍ଦେଶରେ ଏହି ନୃଶଂସ ହତ୍ୟାକାଣ୍ଡର ଅନୁଷ୍ଠାନ ହେଲା । ଏହାର ନିଷ୍ଠୁର ବୀଭତ୍ସତା ଯେ ଉପଭୋଗ୍ୟ ହୋଇପାରେ ସେ କଥା ପାଠକ ସାଧାରଣର ଚିନ୍ତାର ଅତୀତ । କିନ୍ତୁ ଆମେ ଆଖିରୁ ଲୁହ ବୋହାଇ ଏହି କାହାଣୀ ଉପଭୋଗ କରୁଁ ଏବଂ କବିଙ୍କ ଅଭିବ୍ୟକ୍ତି-କୌଶଳରୁ ଏହି ଅସମ୍ଭବ ସମ୍ଭବ ହୋଇଥାଏ ।

ଏ ସବୁ ଆଲୋଚନା କଲେ ଏ କଥା ସ୍ୱତଃ ମନକୁ ଆସିବ ଯେ କାବ୍ୟ-ରଚନା ସମୟରେ କବିଙ୍କର ଚିତ୍ତ ବସ୍ତୁ-ଜଗତର ବହୁ ଊର୍ଦ୍ଧ୍ୱରେ ବିଚରଣ କରେ ଏବଂ ସେହି ଉଚ୍ଚ ଭୂମିରୁ ନିମ୍ନସ୍ଥିତ ଭାବ-ଜଗତର ସବୁ ବିରୋଧିତା, ବୈପରୀତ୍ୟ ଓ ବୈଷମ୍ୟ ଏକାକାର ହେଲେ ହୋଇ କାବ୍ୟରେ ଭାବର ଇଚ୍ଛାନୁରୂପ ପ୍ରୟୋଗ ସେ କରିପାରନ୍ତି । ସୁଦକ୍ଷ ମାଳାକର ପରି ବିଭିନ୍ନ ବର୍ଣ୍ଣର ଓ ଗନ୍ଧର ପୁଷ୍ପମାନଙ୍କର ସମନ୍ୱୟରେ ସେ ଯେଉଁ ଅପୂର୍ବ ମାଲ୍ୟ ରଚନା କରନ୍ତି ସେଥିରେ କଣ୍ଟକର ତୀକ୍ଷ୍ଣତା ମଧ୍ୟ ମଧୁର ହୋଇ ଶୋଭା ପାଏ । ମଧୁକର ପରି ବିଭିନ୍ନ ପୁଷ୍ପରୁ ରସ ଆହରଣ କରି ସେ ଯେଉଁ ମଧୁଚକ୍ର ରଚନା କରନ୍ତି, ତାହାର ଲୋଭରେ ଶିଳ୍ପୀର ଯାତନା ମଧ୍ୟ ଆମେ ଅଗ୍ରାହ୍ୟ କରିବାକୁ ପ୍ରସ୍ତୁତ ଥାଉଁ ।

ପରବର୍ତ୍ତୀ ସଙ୍ଖ୍ୟାରେ କାବ୍ୟ ରଚନାର ଅନ୍ୟାନ୍ୟ ସୋପାନ-ଗୁଡ଼ିକ ବିଷୟ ଆଲୋଚନା କରିବାର ବାସନା ରହିଲା ।

Digitized by srujanika@gmail.com

କଳାକୃଷ୍ଣ କ୍ରିୟାକଳାପ

ଶ୍ରୀ କ୍ଷୀରୋଦଚନ୍ଦ୍ର ପାଲ

ନାରିକେଳ କୃପାଂଠଯୋଜ କେଶରବଂଶ-କଳାକୁଶଳା କଲ୍ଲୋଳିନୀ କାଠଯୋଡ଼ି—କଳୌକିକଳ୍ପ-ପାଳନୀ ମହାନଦୀକୋଳସ୍ଥ—କୀର୍ତ୍ତିମୟୀ କଟକପୁ—କେଶରୀଭଞ୍ଜକର୍ଣ୍ଣଧାର କୃଷ୍ଣଚନ୍ଦ୍ରକୁଳାମ୍ବକ କାଳଜୟୀ ରାମଚନ୍ଦ୍ର ଭବନରେ—କୋକିଳ କୂଜିତ କବନ୍ଧ ଉତ୍କଳର କୋଦଦକୁଳ—କସ୍ତୁରୀଫୁଲ କର୍ଣ୍ଣରେ—କୁମୁଦ କହ୍ଲାର-କେତକୀ—କଞ୍ଜକରେ, କଳହଂସ ବାହିନୀ କାବ୍ୟ-ଦାୟିନୀ ବୀଣାପାଣିଙ୍କ କୃପାକଣିକା ଭିକ୍ଷା କାରଣ—'କୋଣାର୍କ' କର୍ତ୍ତା କୃତବିଦ୍ୟ ନୀଳକଣ୍ଠଙ୍କୁ କାଣ୍ଡାରୀ କରିଛନ୍ତି ।

କସ୍ତୁରୀକାନ୍ତ କଙ୍କାଳାନ୍ତକ କରମଗୃହ ଗାନ୍ଧି,—କୋଟିକଥା-କବିତାକାରକ, କାବ୍ୟକଳା-କାନ୍ତିବାର୍ଯ୍ୟ କବୀନ୍ଦ୍ର ରବୀନ୍ଦ୍ର—କଳାମୟୀ ଉତ୍କଳ କୃପର କଂଗ୍ରେସ କର୍ତ୍ତା କଟକର ସୁଭାଷ—କର୍ମକ୍ଷେତ୍ର-କେଶରୀ ଜବାହରଲାଲ—କୋମଳପ୍ରାଣ କାକା କେଲକାର—କର୍ମୀ-କଥକ ରମାନନ୍ଦପତି କେତେ କୃତୀ ତାଙ୍କର କରୁଣା କଟାକ୍ଷ କରିଛନ୍ତି । ପୁଣି କେତେ କୃତବିଦ୍ୟ, କୋବିଦଙ୍କ କାଦମ୍ବରୀ-କାବ୍ୟ-କବିତା-କୋକନଦରେ କି କମନୀୟ ! କାହିଁ ବା ନାଏ କେତେ କଉତୁକିଆ କାଁଳିଆ ନାତାପ କଥାରେ କୋଳାହଳ କରୁଛନ୍ତି । କାପରି କାରଣ ପରି ମୁଁ କେଉଁଠି କାହା କଳାକୃଷ୍ଣ ଅଫିମ କୁହୁଆ ଦେଇ କଦର୍ଯ୍ୟ କରିବି, କଲ୍‌ବିଷ କଣିବି । କି କଥା ! କା କଥା !! କାଳୁ ନ କହିଲେ କୃତବିଦ୍ୟ କଲ୍‌ବିଷ ବା କମତ କୁପୋକାତ୍ ହେବ । କରୁଣା କରି କୋବିଦମାନେ କ୍ଷମା କରିବେ !

କଳାକୃଷ୍ଣ କେତେ କାଳରୁ କାପୁ କାଢ଼ି କେତେ କୃତବିଦ କାମ କଲାଣି—କଳାକୃଷ୍ଣର କୋପକୁ କାହା ମାରିବା କାରଣ—କାଳୁଡ଼ି କରି ତାର କ୍ରିୟାକଳାପ କହୁଛି । କଳାକୃଷ୍ଣ କେତେ କାଳରୁ କରକାକ୍ଷି ଦକ୍ଷିଣ ୟୁରୋପ, କନ୍‌ଷ୍ଟାଣ୍ଟିନୋପଲ ନିକଟ ପଶ୍ଚିମ ଏସିଆରେ କାଳ କଟାଇଛି । କାଳକ୍ରମେ କମିଆଁ କରି କର୍କଟ କ୍ରାନ୍ତିର ଦୁଇ କଡ଼ କୋଳାଗ୍ରତ କଲା । Clinician Dioseo-rides ଖ୍ରୀଷ୍ଟାବ୍ଦ ୭୭ରେ କହିଲେ କଳାକୃଷ୍ଣ Capsule କୁ କଡ଼ିରୁ କଢ଼ାଯିବେ କ୍ଷରେ । ଖ୍ରୀଷ୍ଟାବ୍ଦ ୧୨ ଶତାବ୍ଦିକାଳ କେବଳ କନିଷ୍ଠ ଏସିଆରେ (Asiaminor) କଳାକୃଷ୍ଣ କାରବାରରେ କଟୁଥିଲା । ଖ୍ରୀଷ୍ଟାବ୍ଦ ୧୩ ଶତାବ୍ଦୀରେ କର୍ଣ୍ଣଧାର Pope Nicholes IV ଙ୍କ କବିରାଜ Simon Januensis କଳାକୃଷ୍ଣର କ୍ରିୟା କର୍ଣ୍ଣଗୋଚର କରାଇଲେ । ଖ୍ରୀଷ୍ଟାବ୍ଦ ୧୬ ଶତାବ୍ଦୀରେ କର୍ମିଷ୍ଠ Pyres କଳାକୃଷ୍ଣ Kingdom of cous (Kuch-behar)ର କୃତ କାହ୍ନୁ କାଗଜ କଲମରେ କାର୍ଯ୍ୟମାତ କରିଛନ୍ତି । କରିବାଲକର ମୋଗଲକରକବଳରେ କଳାକୃଷ୍ଣ କୌଶଳୀ ମୁସଲମାନ କାରବାରୀ କାଉଁରୀ ହାଡ଼ ଧରି କଳକଳ କଲ୍ଲୋଳିନୀ ଗଙ୍ଗା କୂଳେ କୂଳେ ଯାଇ କମନୀୟ ଦନାଜପୁର, କାମ କାରାଗାର ଆଗ୍ରା, କରମତି କରି ଗୋରଖପୁରକୁ କୋଣେ କୋଣେ ଗଲା । ତହୁଁ କଳାକୃଷ୍ଣ କରମଣ୍ଡଳ Cost ରେ କେରଳ, କାଶୀ ହୋଇ କ୍ରମେ କ୍ରମେ କୁମାଉଁକା, କାଠିଆବାଡ଼, କାଶ୍ମୀର, କୁଲୁ Kashtwar କୁ ଗଲା । କ୍ଲାଇବ ପଲାଶୀ କବଳିତ କଲା ପରେ Company (East India Company) କଳାକୃଷ୍ଣ କୃଷି କବଳିତ କଲେ । କନ କନ ହୋଇ କଳାକୃଷ୍ଣ କାଠିଆବାଡ଼, କରାଚୀ, କଟକର କାଳିଗଳି—କାଠଗଡ଼ା ସାହି—କେନ୍ଦ୍ରାପଡ଼ା, କେଉଁଝର—କେଶରୀଭଞ୍ଜର କଉଡ଼ିଖଣିରେ କଠାଳ କରି କେରମବୋର୍ଡ, କେନ୍ଦ୍ରା, କଠଉ, କଉଚ, କ୍ଲାରିଓନେଟ, କଣ୍ଟଚ, କୋରଡ଼ା, କଟୁରୀ, କରୀନ୍ଦ୍ରରଦନ କଙ୍କଣ, କପଟପାଶାକାଠି, Casket, 'କାଙ୍ଗା', କାରୁକାର୍ଯ୍ୟ ବିଶିଷ୍ଟ କରପତ୍ରି କାରକ କାଠ କାରବାରୀ Company କ୍ଷେତ୍ରମୋହନଙ୍କ, କେତେ କ ଅକ୍ଷର କଂସ, କାଣି କଉଡ଼ିହାନ, କମନୀୟ କୃତୀକର୍ମୀ ବିଶିଷ୍ଟ କାଠ କାରଖାନାରେ କରାଡ଼ ହୋଇ କରଡ଼ା ଖାଇ କାଞ୍ଜିଭାଟିରେ କଡ଼ା କାଞ୍ଜି ପିଇ କାନ୍ଦିଲା । କାଳୁ କଲ୍ଲୋଳିତ କୋଟି କୋଠା କୁଟୀରମୟ କାଲେଶ୍ୱରକୁ କେଉଁ କାଳରୁ କୃଷିଗତ କରି କଙ୍କାଳସାର କରିଅଛି । କେତେଣ Kaempfer କହନ୍ତି ପାରସ୍ୟର Kirman, Khonsar Kermanshah ର କଳାକୃଷ୍ଣ କରାଳ ଚୀନା ପ୍ରାଚୀରକୁ କୁଦି Kweichaw, Kwanglung, Kwangse ଓ Canton କରଗତ କଲା । ୧୭୯୬ ଖ୍ରୀଷ୍ଟାବ୍ଦରେ Keaking କଳାକୃଷ୍ଣ କାରବାରରେ କବାଟ କିଳିଲେ । Commissoner Lin କଳାକୃଷ୍ଣକୁ କବର କରିବା କାରଣ କଳାକୃଷ୍ଣ କାରବାରୀଙ୍କୁ କାରାଗାରରେ କାଳ—କଳାକୃଷ୍ଣ କୋଠିରେ କାଳାଗ୍ନି ଦେଇ କି କଲେ ? କାଳେ କଳାକୃଷ୍ଣ କୃଷ୍ଣ-ସାଗରରେ କେଳି କରିବା ଭବି କନଷ୍ଟାଣ୍ଟିନୋପଲ କବାଟ କିଳି କିଛି କରିପାରିଲା କାହିଁ ? ତହୁଁ Kennchରୁ କୁଅକୁଅ ନଦୀ କୂଳରେ କୁଅକୁଆ କରି clermat କଡରେ କୁବେର ରାଜ୍ୟର California ପହଞ୍ଚିଲା କାଳୁ କବାଟ କାଳ ହେବୁ କୀଟକ ପରି କୁଞ୍ଚିତ ନାସାରେ କାଇବେରୁ କେଉଁଠି କାମରୂପୀ, କାହିଁ କର୍ଣ୍ଣେଲପ କରପକ୍ଷ ହୋଇ, କେଉଁଠି ବା କପଟାଗ୍ରଣୀ ହୋଇ କଳୁଷିତ କରିଛି । କର୍ମକ୍ଷେତ୍ରରେ କଦଳ କନ୍ଧାରେ କଣିକା, କାଇଞ୍ଚ, କାସ୍‌ମିସ୍ କୋଳ କାନ୍ଥ କନ୍ଦୁକାକାରରେ କଳାପାଣି ରୂପେ କଳସ କଳସ କଣ୍ଠାଗତ ହେଉଛି । କୋଳ କଳେବରରେ ମଦତ୍ ଖଣିରେ କୋଠରୀ କୁହୁଳାଉଛି । କଳାକୃଷ୍ଣର Composition complex, କଳା-କୃଷ୍ଣର କର୍ମିଷ୍ଠ କାର୍ଯ୍ୟୀ Morphia କାଳୁ Codein, Cryptopine, Codamine, Colarmine ଆଦି କାଣ୍ଡି ହୋଇଛି ।

Creta aromate Cum opio, (Pulp) Kino Co (Pulp) Camphor Co. (Tincture) ଆଦି କୋଡ଼ିଏ ଦୁଇ କିସମରେ କେତେ କେତେ କଠିନ ରୋଗର କାଳାନ୍ତକ ହେଉଛି । କାୟକ୍ଲେଶରେ, ଯଡଭେ କମେ କ୍ଳାନ୍ତ କାଳେ କଷ୍ଟ, କବ୍‌ଜା, କଫ-କଷ୍ଟ, କାନ-କଟକଟ, କଠିନ ମଳକଣ୍ଟକ, Cancer-କଷାଘାତ, କଣ୍ଠଫୁଲରେ କନ୍ଦନ କମାଇବାରେ କାରସାଦି କରେ । କଳାକଳେବର କଷ୍ଟାର କ୍ଳାନ୍ତ-କଷ୍ଟ, କୁତ୍ସିତ ଉତ୍ତେଜନା, କଣନଖୀ କଷ୍ଟରେ, Carries tooth, କୋମଳ ପାକସ୍ଥଳରେ, କ୍ରୁର Cancerରେ କୃମକଣ୍ଠ-କନ୍ଦ୍ରା କରାଇ କେତେ କଲ୍ୟାଣ କରେ । କଲେରା, Colic pain କାରେତକଥା କଷ୍ଟଦାଅ ପେଟକଥା, କାଉଳକର ଅନ୍ତିକ କରରେ, କ୍ରୁର ଷୟକାଶ-କଫରେ, କଟସ କଟସ କଳାକଲ୍କ କାଢ଼ି ହେଲେ କି କାମ କରେ କହି ହେବ ନାହିଁ । Kidney କଷ୍ଟରେ କଟୀ-କଥାରେ, କଦର୍ଯ୍ୟ କହୁମୂତ୍ରରେ Codein କଗ୍ରମରେ କାମ କରି କସ୍ତିମାତ୍ କରେ । କୁଳବୃଦ୍ଧା ଗର୍ଭସ୍ରାବରେ, କମେ କୃଶ କାଳେ ମେଲେରିଆରେ, କଳାକୃଷ୍ଣ କି କାମ ନ କରେ । କିନ୍ତୁ କୃଷ୍ଣକାୟାକୁ କଣିକାଏ କଳପାଣିରେ କାଦୁଅ ହୋଇ, କୋଟିପତି କମ୍ପା କାଙ୍ଗାଳଅ ପେଟକୁ ଗଲେ, କାଣ୍ଡଜ୍ଞାନ ହଜାଇ କି ନ କରେ ? କାଙ୍ଗାଳ କୋଟିନିଧି ପାଏ, କୃଷିମୂର କୁଞ୍ଜରପରି କଂକର୍ତ୍ତବ୍ୟ-ବିମୂଢ଼ ହୁଏ, କାଳନକ କଥା କଥୋପକଥନ କରେ—କୃମକଣ୍ଠ ହୁଏ—କଣ୍ଠତାଳୁ, କମଳ କଭ କେତେ ଶୁଷ୍କ ହୁଏ । କଡ଼ା ପାଚକ ରସ କମିଯିବାରୁ କମ ହଜମ ହୁଏ—କ୍ଷୁଧା କେତେ କମିଯାଏ କାହାର କୋଷ୍ଠ କଠିନ ହୁଏ । କ୍ରିୟାରତ କୁଡପିଣ୍ଡ କୋରଡ଼ା ଖାଇ କୋପଭରେ କମ୍ପିତ କୋକଶିଆଳ ପରି କୁଦେ କମ୍ପିତଷଣ କଷ୍ଟିଲେ କେଳା କଢରେ କାକୋଦର ପରି କାଇଲ୍ଲ ହୁଏ—କେବେ କେବେ କାଳକବଳରେ ପଡ଼େ । କଳାକୃଷ୍ଣ କମାଗତ କ୍ରିୟାରତ ଶ୍ୱାସ ଯନ୍ତ୍ରର କାଳବିଷ କାଳରାତ୍ରି; କଲିଜାର କୋକୁଆ—କାନ୍ତ ମସ୍ତିଷ୍କର କରାଳ କାଳଚକ୍ର, Kidneyର କାଳନେମି, କାର୍ଯ୍ୟକ ଉପର କାଳଗ୍ରାସ ।

ଏ କାଳକୂଟ କବଳିତ, କ୍ଷଣକାଳ କୁଅକୁଥା କରେ—କାଳବିଷ କ୍ରିୟାରେ କମଶଃ କାବୁ ହୁଏ—କାକତାଳୀୟ କାର୍ଯ୍ୟ କରି କାବୁତ କରେ—କଂକର୍ତ୍ତବ୍ୟବିମୂଢ଼ କୁଦେ କାନ୍ଦେ—କହିଁ କହିଁ କାଳ-କନ୍ଦ୍ରା କାହିଁ ଗ୍ରାସ କରେ—କଳେବର କାଇଲ୍ଲ ହୁଏ—କଣିକାଏ କାଣ୍ଡଜ୍ଞାନ କାହିଁ ଯାଏ—କେଞ୍ଚା କେଞ୍ଚି କରି, କାୟାକ୍ଲେଶ ଦେଇ କାଳନନ୍ଦ୍ରା କହାଇ ହୁଏ ନାହିଁ । କ୍ଷୀଣ ଖର—କୋପନ କୁନ୍ତନ ଶ୍ୱାସ ଗୃହଲେ—କୃତ୍ରିମ ଶ୍ୱାସକ୍ରିୟା କାଷ୍ଟ କରି ପାରେ ନାହିଁ । କମନୀୟ କାନ୍ତ ମୁଖ କଳା ପଡ଼େ—କାୟା କାକର ସ୍ୱେଦମୟ ହୁଏ—କଳା ଡୋଳା କଟାକ୍ଷହୀନ—ତାରକା କ୍ଷୁଦ୍ରତମ କଣ୍ଟା ମୁନରେ କଣ୍ଟି ହୁଏ । କୁଚଲା-ବେଲ୍ଲଡୋନା-କଫିରେ କଷ୍ଟ ହୁଏ ନାହିଁ । କଳେବର କରକା ଶୀତଳ ହୋଇ କାଳକବଳରେ ପଡ଼େ । କାଠପାଣି, କୁକୁର-କୋକବେଷ୍ଟା, କମ୍ବଳ-କେଶ ଧୂଆଁ, କମ୍ପା କଇଁଆ କଷ୍ଟ କାମର ହୁଏ ନାହିଁ ।

କଳାକୃଷ୍ଣର କୁକ୍ରିୟାକଳାପ କହିଲେ କତିପୟ କଳାପ ହେବ । କଳାକୃଷ୍ଣ କୁହୀ, କର୍ତ୍ତବ୍ୟହୀନ, କର୍ମକୁଣ୍ଡ, କୃଷିମୂର୍ଖ, କୁଳକଳଙ୍କ, ଖଣ୍ଟ, କପର୍ଦ୍ଦହୀନ କାଳେ କାଳେ ଦରିଦ୍ର କରାଏ । କୁବେରର କୋଟି ସୌଧ, କୋଟି ସମ୍ପତ୍ତି କୁଅଡ଼େ କର୍ପୂର ଭଳି ଉଡ଼ିଯାଏ; କନାଭଳି କୁଟୀର ବି ରହେ ନାହିଁ । କାଶିକଉଡ଼ି ମିଳେ ନାହିଁ—କୌପୀନ ସାର ହୁଏ । କନକକାନ୍ତ, କୁରଙ୍ଗନୟନା, କୃଷ୍ଣ-ବେଣୀ କ୍ଷୀଣକୋଟୀ ହୋଇ କୁରୁପ ହୁଏ । କେଶଗୁ, କୁକୁଚା—କୁଳବଧୀ କାକବନ୍ଧ୍ୟା, କି ବନ୍ଧ୍ୟା, କମ୍ପା କୁଳବୃଦ୍ଧା ହୁଏ । କୋଟୀ-ବ୍ରହ୍ମାଣ୍ଡ-ସୁନ୍ଦରୀ କାନ୍ତ କୋଣରେ ଏକାନ୍ତରେ କୃଷ୍ଣପ୍ରେମ କରି କାନ୍ତି କାନ କାଟି କନ୍ଥା ପିନ୍ଧେ । କାପୁରୁଷ କାଳନକ କଥା କହି କନ୍ଦର୍ପ କଦଳ ଖାଇ କତିପୟ କିଶୋର କିଶୋରୀଙ୍କୁ କବଳ କରି କୁତ୍ସିତ କର୍ମ କରେ—କଦର୍ଥନ ଭୋଗେ । କୁସଙ୍ଗ କୁସହବାସ କରି କମେ କାରାଗାରରେ କଏଦ ହୁଏ । କୋଡ଼ କାଙ୍କରେ କୁଅ ଖୋଳେ—କାରାକ୍ଲେଶରେ କବଳିତ ହୁଏ ।

କୁମର କୁଆଁ କନ୍ୟାଠାରୁ—କିଶୋର କିଶୋରୀ ଓ କୁଳବୃଦ୍ଧ ହୋଇ କୋଳେଇରେ କାଠଯୋଡ଼ି ବା କଲ୍ଲୋଳିନୀ କୂଳକୁ, କଫିନରେ କବର କୋଳକୁ ଗଲା ଉକ୍ତ କଳାକୃଷ୍ଣ ଛାୟା ପରି କାୟାରେ କ୍ଲେଶ ଦେଉଛି । କୁମାର କୁମାରୀ, କିଶୋର କିଶୋରୀ, କେତେ କେତେ କେଦାରଗୌରୀ, କାନ୍ତ-କଳହ-କ୍ଳିଷ୍ଟା, କଳହାନ୍ତରିତା, କଳହୁଡ଼ ଶାଶୁ—କୁବ୍‌ଜା ଙ୍କର କଥା କ୍ଳିଷ୍ଟା ବନ୍ଧ୍ୟା କଳାକୃଷ୍ଣ କଣ୍ଠାଗ୍ରତ କରୁଛନ୍ତି । ଏ କର୍ମନାଶାର କଲ୍ଲୋଳରେ କୁଳକିନାର ନ ପାଇ କୋଦମା କୃଶ ଜଣକୁ କୋଡ଼ିଏ ସାତ କପର୍ଦ୍ଦକ ଖର୍ଚ୍ଚ କରୁଛନ୍ତି । କୋଟି ଦୁଇ କଉଡ଼ି କେବଳ ଅସୁକରରେ କୋଷକୁ ରହୁଛି । କଲ୍ଲୋଳିନୀ କୂଳସ୍ଥ-ପାଠନାରେ କୋଡ଼ି ପାଞ୍ଚରୁ ୩୭ ଜଣ, କାଠଯୋଡ଼ି କୂଳସ୍ଥ ଓଡ଼ଶାରୁ କୋଡ଼ିଏ ଅଠ କୃଷ୍ଣଭକ୍ତ ! କିନ୍ତୁ କାର୍ତ୍ତିକୁଣଲା ବାଲେଶ୍ୱରରେ କଳାକୃଷ୍ଣ କୃପା-କରଣ-ପିପାସୁ କପୋତ କୋଡ଼ି ଛକ ।

ଏ କୁପ୍ରଥାର କବଳ ପାଇଁ କଂ କର୍ତ୍ତବ୍ୟ ? କେବଳ କଷ୍ଟ-ଦାୟକ ରୋଗର କଣ୍ଠାଗ୍ରରୂପେ କାକରେଣାରେ କଳାକୃଷ୍ଣ କାଢ଼ ହେବା ଉଚିତ । କୁଆଁ କୁଆଁ କାନ୍ଦବା କୁମରଠାରୁଁ କବଳ କି କେହି କଣିକାଏ ଖାଇବେ ନାହିଁ— କାଉଳ କାକୁତି କଲେ ବି କଳାହୀନ ଅଣ୍ଟି ନାକ, କଞ୍ଚାପାଣି କଲ୍ଲୋଳରେ କଲ୍ଲୋଳିତ କଲେ ମଧ କଣିକାଏ କଳାକାଣ୍ଟୁ କଅଁଥିବ ନାହିଁ । କେତେ କଠଣା କଲେ ଏ କାଳସର୍ପ କେଞ୍ଚେ ପାଇବ ତାହା କର୍ତ୍ତାବାନେ କହିବେ । କୃଷ୍ଣ କପଡ଼ା କାଢ଼ିବା କାଳେ କୃଷ୍ଣାଙ୍କ କରୁଣ କାକୁତିରେ କେତେ କୌଶଳରେ କି ନ କଲ! କାନ୍ତ କୁଟିଳ ଅମ୍ପେନକୁ କଳାକୃଷ୍ଣ କହିଲ୍ଲରୁ କି କୁଟିଳତା କରି କାମିନୀ, କୁଳକଳଙ୍କ କ୍ଷୁପୁରୁଷଙ୍କୁ କୃଷ୍ଣା କରୁଛି । କଳାଡୋଳା, କରାଳୀକାଳୀ—କଳାରଙ୍ଗର କି

Digitized by srujanika@gmail.com

ଶାନ୍ତି ! କେହି ହତ୍ୟା କଲ ନାହିଁ—କାଳୀୟ ଦଳନ କଲ ନାହିଁ !— କଟକଚଣ୍ଡୀ, କଦମ୍ବରସୁଲ—କାହିଁ ତୁମ୍ଭର କ କଥମତ ! କରୁଣାକର Christ- ଏ କରୁଣ କାହାଣୀ କରୁଣ ହୃଦୟରେ କି କଥିତ କୋହ ଉଠାଇ ପାରିଲ ନାହିଁ । କେଣସ୍ତିକୁ କ କଲ ।

କିନ୍ତୁ କି ଆଶ୍ଚର୍ଯ୍ୟ, କୁଆଡ଼ରୁ କନକ କରଣ କୀର୍ତ୍ତି କାହାର କରସ୍ପର୍ଶରେ କଳାକୃଷ୍ଣର କାଳଚକ୍ର ପଡ଼ିଥିଇଲା । କର୍ମଯୋଗ କଂଗ୍ରେସର କାର୍ଯ୍ୟକାରୀ କମିଟିର କମନୀୟ କାନ୍ତ କାନନ୍‌ଗୋ ପ୍ରମୁଖ କର୍ମିମାନେ କରବାଳ କରରେ କାହ୍ନୁ ବାଲେଶ୍ୱରରେ କଣବାଂଶ୍ରୀଠରେ କଳାକୃଷ୍ଣକୁ କାଟିବେ କମ୍ପା କାଦୁଅ କଳାକୁ କଳାପାଣିରେ କାରାରୁଦ୍ଧ କରିବେ । କଲେ କଅଣ ହେବ—କୃଷ୍ଣବିରହ-କାତର କାହ୍ନୁ କାମ୍ବାକେଲ୍କିଙ୍କୁ **Capital punishment** ହେଲା ପିନା । ସେଥିପାଇଁ କାହ୍ନୁ କାତର କଣ୍ଠରେ କୁରନସ୍ କର କଳାକୃଷ୍ଣଙ୍କୁ କହ କାନ୍ଦୁଛନ୍ତି :—

"କୃଷ୍ଣଃ କରୋତୁ କଲ୍ୟାଣଂ କଂସ କୁଞ୍ଜର କେଶରୀ
କାଳିନ୍ଦୀ ଜଳ-କଲ୍ଲୋଳ କୋଳାହଳ କୁତୂହଳ"
କିନ୍ତୁ କହିଲେ କଅଣ ହେବ ?

କୁଳର କୁଶଳ ପାଇଁ କାହ୍ନୁକୁ କଙ୍କାଳ ନ କରି କୃଷ୍ଣଭକ୍ତକୁ କଣ୍ଠା-ବଣରେ କରୁଣ୍ଡ ଦେଇ ଆଁସ କକାକାକା, କନଷ୍ଟେବଲ୍ୟେଷ୍ଟ କ୍ଲିଷ୍ଟ ଭାଇ କାତର ଭଉଣୀମାନେ, କରୁଣ କଣ୍ଠରେ କାଳକଣ୍ଠଙ୍କୁ କାକୁତି କରିବା । କାଳକଣ୍ଠ କଳାକୃଷ୍ଣ କାଳକୁ କଣ୍ଠରେ ନେଇ କଲ୍ୟାଣ କରିବେ ।

"କଲ୍ୟାଣ କୁରୁ କେଳିଃ କତୁକଦନକରଃ କୁନ୍ଦକର୍ପୂରକାନ୍ତିଃ
କ୍ରୀଡ଼ନ କୈଳାସକୂଟେ କଳିତ କୁମୁଦିନୀ କାମୁକଃ କାନ୍ତକାୟଃ ॥
କଙ୍କାଳ କ୍ରୀଡ଼ନୋତ୍କଳିତ କଳ କଳ କାଳ କାଳିକଳନଃ
କାଳିନ୍ଦୀ କାଳକଣ୍ଠଃ କଳୟତୁ କୁଶଳଂ କୋଽପି କାପାଳିକୋନଃ"*

ଝିଟିଙ୍ଗ

ଶ୍ରୀ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ

(ପୂର୍ବାନୁବୃତ୍ତି)

ମୂକ ସାକ୍ଷୀ ମାତ୍ର ଅଛ ରାଜଗୁରୁ†
ସମୟ ନ ସହେ ଯାର ଟୁଲୁ ଟୁଲୁ । ୧୫୭ ।
ଦନ୍ତୁ ଦନ୍ତୁ କାଣ୍ଡ ଶୀର୍ଣ୍ଣ କରେ ଅଙ୍ଗ
ସୁମରି ଅତୀତ ସୁଷମା ତରଙ୍ଗ । ୧୫୮ ।
ଚମ୍ପକ ବରଣୀ ଚପଳ ହାସିନୀ
ଗଜେନ୍ଦ୍ର ଗତିରେ ଗଜ ସୀମନ୍ତିନୀ ; ୧୫୯ ।
ଆସି ଯେବେ କ୍ରୀଡୁ ଥିଲେ ତୀର ଜଳେ
କଳଙ୍କିତ ଦେଖି କମଳ ସକଳେ ; ୧୬୦ ।
ସର ନେଇ ସେହି ନାରୀଙ୍କ ବଦନେ
କମ୍ପି ଯାଉଥିଲେ ଲହରୀ-କମ୍ପନେ । ୧୬୧ ।
ମୋତିମାଳ ପିନ୍ଧି ପ୍ରକୃତି ସୁନ୍ଦରୀ
ନବ ବଧୂ ସମ ଥାଏ ଲୁଚି କରି । ୧୬୨ ।
ରବି ଅନ୍ତେ ଯେବେ ଆସନ୍ତି ତପନ
ପିନ୍ଧଇ ସେ ନେଇ ସୁବର୍ଣ୍ଣ ଭୂଷଣ । ୧୬୩ ।
ସାଇତି ରଖଇ ଯତ୍ନେ ମୋତିମାଳା
ରଙ୍ଗେ ନବବେଶ ସାଜିବାକୁ ବାଳା । ୧୬୪ ।
ଏଣେ ରାଜଗୁରୁ ହେଲେହେଁ ଅବ୍ରାଜ
ଫୁଟନ୍ତି ସେ ମନୋହର ବେଶ ସାଜି । ୧୬୫ ।

ସେହି କାଳେ ଜଳେ ପ୍ରବେଶି ଛଇଳା
ଅବଗାହ ଅର୍ଥେ ଆରମ୍ଭନ୍ତି ଲୀଳା । ୧୬୬ ।
ଫୁଟି ଯାଆନ୍ତି ବା ଆଚମ୍ବିତେ ଆସି
ଅପୂର୍ବ ପଙ୍କଜ ହୋଇ ରାଶି ରାଶି । ୧୬୭ ।
ତାଙ୍କୁ ଜଳେ ଦେଖି କମଳ ସରବ
ମନରୁ ମାରନ୍ତି ସୌନ୍ଦର୍ଯ୍ୟ-ଗରବ । ୧୬୮ ।
ଉଷା ଉପରୁରେ ରତ ହୋଇ ବାତ
ଦୋହଲଉ ଥାଏ ଶତଦଳବ୍ରାତ । ୧୬୯ ।
ରସା ମଣ୍ଡନାଙ୍କ ଅଳତା ରଞ୍ଜିତ
ପଦ୍ମରକୁ ସତେ ନ ହୋଇ କମ୍ପିତ । ୧୭୦ ।
ପୂଜ୍ୟ ଜାଣି ଅବା ସଧୀର ସମୀରେ
ଏକ କାଳେ ତାଙ୍କୁ ନମୁ ଥିଲେ ଧୀରେ । ୧୭୧ ।
କିନ୍ତୁ ଅହା, ଆଜ ନାହିଁ ସେ ସରବ
ହତାଶେ ସରସୀ ହୋଇଛି ନୀରବ । ୧୭୨ ।
ଏତେ ଭଗ୍ୟ ଯାର ଥିଲା ଅଧିକାର
ସେ କି ସହି ପାରେ ଦୁର୍ଭାଗ୍ୟ ପ୍ରହାର । ୧୭୩ ।
ଦୁଃଖୀ ପ୍ରାଣେ ଦୁଃଖ ନ ବାଧେ ଅଧିକ
ସୁଖୀ ହେଲେ ଦୁଃଖୀ ତା ଜୀବନ ଧିକ । ୧୭୪ ।

* ଗତ ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ ନିମନ୍ତେ ଲିଖିତ ।

† ରାଜଗୁରୁ—ନିକଟ ଗଡ଼ର ପଶ୍ଚିମ ଦିଗସ୍ଥ ପୁଷ୍କରିଣୀ ବିଶେଷ ।

Digitized by srujanika@gmail.com

ଦେଶୀୟ ରାଜ୍ୟ ସମାଚାର

ହାଇଦ୍ରାବାଦ

ବେତାର ବିଭାଗର ଉନ୍ନତି

ହାଇଦ୍ରାବାଦ ରାଜସରକାର ବେତାର ବିଭାଗର ଉନ୍ନତି ନିମନ୍ତେ ଗୋଟିଏ ନୂତନ ଯୋଜନା କରିଅଛନ୍ତି । ବ୍ରିଟିଶ ଭାରତର ଅନୁକରଣରେ ବେତାର-ଯନ୍ତ୍ର-ବିଭାଗ ଏବଂ ବେତାର-ବାର୍ତ୍ତା-ବିଭାଗ ନାମକ ଦୁଇଟି ସ୍ୱତନ୍ତ୍ର ବିଭାଗ ସ୍ଥାପିତ ହୋଇଅଛି । ଦୁଇଜଣ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଉପରେ ଉକ୍ତ ବିଭାଗଦ୍ୱୟର ଭାର ନ୍ୟସ୍ତ ହୋଇଅଛି । ସେମାନଙ୍କୁ ପ୍ରଥମେ ଟ୍ରେନିଙ୍ଗ ନିମନ୍ତେ ପଠାଯିବ । ହାଇଦ୍ରାବାଦ ନଗରର ଛ ମାଇଲ ଦୂରରେ ବେତାର ବାର୍ତ୍ତା ପ୍ରେରଣ ନିମନ୍ତେ ଗୋଟିଏ ଷ୍ଟେଶନ ନିକଟରେ ପ୍ରତିଷ୍ଠିତ ହୋଇଅଛି । ଷ୍ଟେଶନ ଗୃହଟିର ଆୟତନ ପ୍ରାୟ ୬୦୦୦ ବର୍ଗ ଫୁଟ । ଗୃହଟି ଆଧୁନିକ ବିଜ୍ଞାନାନୁମୋଦିତ ରୀତିରେ ନିର୍ମିତ ଏବଂ ତହିଁରେ ବେତାର ଯନ୍ତ୍ର ଚାଳନାର ସବୁ ପ୍ରକାର ସୁବ୍ୟବସ୍ଥା ରହିଅଛି । ଆରଙ୍ଗାବାଦଠାରେ ରାଜ୍ୟର ଦ୍ୱିତୀୟ ବେତାର ଷ୍ଟେଶନ ସ୍ଥାପିତ ହୋଇଅଛି ।

କାଶ୍ମୀର

ମାଲେରିଆ ନିବାରଣ

କାଶ୍ମୀର ରାଜସରକାରଙ୍କର ଗ୍ରାମୋନ୍ନତି ବିଭାଗ ମାଲେରିଆ ନିବାରଣ ନିମନ୍ତେ ପ୍ରବଳ ଉଦ୍ୟମ କରୁଅଛନ୍ତି । ବର୍ତ୍ତମାନ ଗୃହୋନ୍ନତି କେନ୍ଦ୍ରରେ ଏ କାର୍ଯ୍ୟ କରି ଯାଉଅଛି । ଉକ୍ତ କେନ୍ଦ୍ର-ମାନଙ୍କରେ ବିନା ମୂଲ୍ୟରେ କୁଇନାଇନ୍ ବିତରିତ ହେବ । ବିଶେଷ ଅପରିଷ୍କୃତ ଜଳାଶୟମାନ ପୋତିବା, ସାମାନ୍ୟ ଅପରିଷ୍କୃତ ପୁଷ୍କରିଣୀମାନଙ୍କରେ କିରସିନ ତେଲ ଢାଳିବା, ସନ୍ତସନ୍ତିଆ ଜମି-ମାନଙ୍କ ଉପରେ ପାରିସ ଗ୍ରିନ୍ ଛିଞ୍ଚିବା, ଗ୍ରାମମାନଙ୍କର ଚତୁଃପାର୍ଶ୍ୱର ବଣଜଙ୍ଗଲ ସଫା କରିବା, ତୁଳସୀ ଓ 'ନିଆଜଭାଯ଼ୁ' ବୃକ୍ଷ ରୋପଣ କରିବା ପ୍ରଭୃତି କାର୍ଯ୍ୟମାନଙ୍କରେ ବିଭାଗୀୟ କର୍ମଚାରୀମାନେ ବ୍ରତୀ ହୋଇଅଛନ୍ତି । ଏ କାର୍ଯ୍ୟରେ ରାଜସରକାରଙ୍କର ଡାକ୍ତରୀ ବିଭାଗର କର୍ମଚାରୀମାନେ ବିଶେଷ ସାହାଯ୍ୟ ଦେବେ । ରାଜସ୍ୱ ବିଭାଗର କର୍ମଚାରୀମାନଙ୍କର ସାହଚର୍ଯ୍ୟ ଓ ସହାନୁଭୂତି ମଧ୍ୟ ମିଳିବ । ମେଲେରିଆ ନିବାରଣ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ବିଶେଷ ଭାବରେ ପ୍ରଚାର କରି ଯାଉଅଛି । ବକ୍ତୃତା, ମାଜିକ ଲଣ୍ଠନ ଓ ବିଜ୍ଞାପନ-ବିତରଣଦ୍ୱାରା ମେଲେରିଆର ଉତ୍ପତ୍ତି, ବିସ୍ତୃତି ଓ ନିବାରଣ ସମ୍ବନ୍ଧରେ ଲୋକମାନଙ୍କୁ ବୁଝାଇ ଦିଆଯାଉଅଛି ।

ଶାସନ ରିପୋର୍ଟ

କାଶ୍ମୀର ରାଜ୍ୟର ଗତ ବର୍ଷର ଶାସନ ରିପୋର୍ଟ ପ୍ରକାଶିତ ହୋଇଅଛି । ଆୟ ଏବଂ ବ୍ୟୟ ଯଥାକ୍ରମେ ୨,୫୦,୭୦,୦୦୦ ଏବଂ ୨,୫୯,୧୬,୦୦୦ ଟଙ୍କା । ପୂର୍ବ ବର୍ଷ ତୁଳନାରେ ଆୟ ତଥା ବ୍ୟୟ ବେଶୀ ହୋଇଅଛି । ଖାଦ୍ୟ-ଦ୍ରବ୍ୟ-ସଞ୍ଚାଳନା ବିଭାଗର ଅତି ସାଧାରଣ ଆୟରୁ ହେବାରୁ ପଡ଼ିବାରୁ ଆୟରୁ ବ୍ୟୟ ବେଶୀ ହୋଇ-ଗଲା । ବର୍ଣ୍ଣିତ ବର୍ଷ ମଧ୍ୟରେ ପ୍ରଜାସଭାର ଦୁଇଟି ବୈଠକ ହୋଇଥିଲା । ଶ୍ରୀନଗର ବୈଠକରେ ରାଜସରକାର ପ୍ରଜାସଭାରେ ଷ୍ଟେଟର ବଜେଟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ଆଠ ଦିନ କାଳ ବଜେଟ ଆଲୋଚନା ହୋଇଥିଲା । ଗ୍ରାମୋନ୍ନତି ଏବଂ ସମାଜୋନ୍ନତି ନିମନ୍ତେ ରାଜସରକାର ବିଶେଷ ଯତ୍ନଶୀଳ ଅଛନ୍ତି । ସମବାୟ ଋଣ ସମିତିମାନଙ୍କର ସଂଖ୍ୟା ବଢ଼ିଅଛି । ସମିତିଗୁଡ଼ିକର ମୋଟ ସଭ୍ୟ ସଂଖ୍ୟା ମଧ୍ୟ ଅନେକ ବେଶୀ ହୋଇ-ଅଛି । କୃଷିବିଭାଗ କୃଷକମାନଙ୍କ ମଧ୍ୟରେ ପ୍ରାୟ ୧୨୦୦ ମହଣ ଉତ୍କୃଷ୍ଟ ଧରଣର ବୀଜ ବିତରଣ କରିଥିଲେ । ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନମାନଙ୍କରେ କୃଷିଜାତ ଦ୍ରବ୍ୟର ପ୍ରଦର୍ଶନୀମାନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏକ ଲକ୍ଷ ସତୁରି ହଜାର ଫଳବୃକ୍ଷର ଚାରା ଲୋକମାନଙ୍କ ମଧ୍ୟରେ ବିତରିତ ହୋଇଥିଲା । ଗୃହପାଳିତ ପଶୁ-ମାନଙ୍କର ଚିକିତ୍ସା ନିମନ୍ତେ ଜାମୁଠାରେ ଗୋଟିଏ ଚିକିତ୍ସାଳୟ ପ୍ରତିଷ୍ଠିତ ହୋଇଅଛି । ରାଜସରକାର ୩୦ଟି ଉତ୍କୃଷ୍ଟ ଷଣ୍ଢ କ୍ରୟ କରି ରାଜ୍ୟର ବିଭିନ୍ନ କେନ୍ଦ୍ରମାନଙ୍କରେ ବିତରଣ କରିଅଛନ୍ତି । ଶିକ୍ଷାନୁଷ୍ଠାନମାନଙ୍କର ସଂଖ୍ୟା ବୃଦ୍ଧି ହୋଇଅଛି । ୧୨ଟି ନୂତନ ମଧ୍ୟ-ଇଂରାଜୀ ବିଦ୍ୟାଳୟ ଏବଂ ୩୦ଟି ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ଶିକ୍ଷା-ବିଭାଗର ମୋଟ ଖର୍ଚ୍ଚ ପ୍ରାୟ ସାଢ଼େ ସତର ଲକ୍ଷ ଟଙ୍କା । ଭୂତପୂର୍ବ ସମ୍ରାଟଙ୍କ ରାଜତ୍ୱର ରୌପ୍ୟ-ଜୟନ୍ତୀ-ଉତ୍ସବ ପାଣ୍ଠିରୁ ଜାମୁ ଓ ଶ୍ରୀନଗରରେ ଦୁଇଟି ନୂତନ ଚିକିତ୍ସାଳୟ ସ୍ଥାପିତ ହୋଇଅଛି । ଜାମୁରେ ଗୋଟିଏ ନୂତନ ରେଲରାସ୍ତା ଖୋଲାଯିବାର ପ୍ରସ୍ତାବ ହେଉଅଛି । ଉକ୍ତ ରେଲରାସ୍ତାଟି ଖୋଲାଗଲେ କାଠ-କାରବାର ଏବଂ ଅନ୍ୟାନ୍ୟ କାରବାରର ବିଶେଷ ସୁବିଧା ହେବ ।

ରେଶମର ଦାମ ଟିକିଏ ବଢ଼ିଅଛି । ଆମେରିକାକୁ ବର୍ଣ୍ଣିତ ବର୍ଷ ବେଶୀ ରେଶମ ରପ୍ତାନି କରିଗଲା । ଆଉ ମଧ୍ୟ ବଜାରର ସବୁ ଜିନିଷର ମୂଲ୍ୟ ଟିକିଏ ବଢ଼ିଛି । ରେଶମ ମୂଲ୍ୟ ବଢ଼ିବାର ଏହି ଦୁଇଟି ପ୍ରଧାନ କାରଣ । କାଶ୍ମୀର ରେଶମ କାରଖାନାରେ

LIBRARY

Digitized by srujanika@gmail.com

୧୬୬୦୦ ପାଉଣ୍ଡ କଞ୍ଚା ରେଶମ ପ୍ରସ୍ତୁତ ହୋଇଥିଲା । ଜାମୁ ରେଶମ କାରଖାନାରେ ମୋଟ ୩୮୭୦୦ ପାଉଣ୍ଡ ରେଶମ ପ୍ରସ୍ତୁତ ହୋଇଥିବାର ଜଣାଯାଏ । କାଶ୍ମୀରର ଗାଲିଚା (କାର୍‌ପେଟ୍) କାରଖାନାମାନଙ୍କର ସମୋନ୍ନତି ହେଉଅଛି । ରାଜସରକାରଙ୍କର ଉକ୍ତ କାରଖାନାମାନଙ୍କରୁ ଅନେକ ଗାଲିଚା ପ୍ରସ୍ତୁତ ହୋଇ ରାଜ୍ୟ ମଧ୍ୟରେ ତଥା ରାଜ୍ୟ ବାହାରେ ବିକ୍ରି ହୋଇଥାଏ । କାଶ୍ମୀରର ପଶମ ତଥା ତସରର ରାଜ୍ୟ ବାହାରେ କ୍ରମେ ବେଶୀ ଆଦର ହେଉଅଛି । ଉକ୍ତ ଜିନିଷଗୁଡ଼ିକର ଦର ମଧ୍ୟ ବଢ଼ୁଅଛି । ଧାଆଁରିଲ କାରଖାନାର ବ୍ୟବସାୟ ଭଲ ଚାଲିଛି । ତନ୍ତୀମାନଙ୍କ ମଧ୍ୟରେ ନୂତନ ଧରଣର ତନ୍ତ ପ୍ରଚଳିତ କରିବା ନିମନ୍ତେ ଶିଳ୍ପ-ବିଭାଗ ଚେଷ୍ଟା କରୁଅଛନ୍ତି । ସୀମାନ୍ତ ଜିଲ୍ଲାମାନଙ୍କରେ ଫ୍ଲାଇ-ଶଟଲ୍ ତନ୍ତ ସାହାଯ୍ୟରେ ଲୁଗା ବୁଣିବା ଲୋକମାନଙ୍କୁ କାର୍ଯ୍ୟଦ୍ୱାରା ବୁଝାଇ ଦିଆ ଯାଉଅଛି । ନୂଆ ନକ୍ସାରେ ଲୁଗା ବୁଣିବାପାଇଁ ପ୍ରଚୁର କରା ଯାଇଥିବାର ପ୍ରକାଶ । ୧୯୩୭ ଖ୍ରୀଷ୍ଟାବ୍ଦର ଅଗଷ୍ଟ ୩୦ ତାରିଖଠାରୁ ସେପ୍ଟେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ଜାମୁକାଶ୍ମୀର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ସରକାରୀ ଶିଳ୍ପ-ବିଭାଗ ଉକ୍ତ ପ୍ରଦର୍ଶନୀରେ ତସର, ରେଶମ, କାଠ ଓ ସୁନାରୁପାର ଅନେକ ଉତ୍କୃଷ୍ଟ ଧରଣର ଦ୍ରବ୍ୟ ପ୍ରଦର୍ଶନ କରିଥିଲେ ।

ଓ୍ୟାର୍ଦ୍ଧା ଶିକ୍ଷା ପଦ୍ଧତି

ଶିକ୍ଷା-ସଂସ୍କାର ସମିତିଙ୍କର ସୁପାରିଶ ଅନୁଯାୟୀ ରାଜ ସରକାର ଓ୍ୟାର୍ଦ୍ଧା ଶିକ୍ଷା ପଦ୍ଧତି କାଶ୍ମୀରରେ ପ୍ରଚଳନ କରିବା ନିମନ୍ତେ ସ୍ଥିର କରିଅଛନ୍ତି । ଏହି ନୂତନ ଶିକ୍ଷା ପଦ୍ଧତିର ପ୍ରଚଳନ ବାବଦରେ ଖର୍ଚ୍ଚ ପାଇଁ ଚଳିତ ବର୍ଷ ବଜେଟରେ ଏକ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଅଛି ।

ଗ୍ରାମୋନ୍ନତି

ଗ୍ରାମୋନ୍ନତି ବିଭାଗ ଅନେକ ଲୋକହିତକର କର୍ମର ଯୋଜନା କରିଅଛନ୍ତି । ରାସ୍ତାର ଉନ୍ନତି ପାନୀୟ-ବ୍ୟବସ୍ଥା, ସେତୁ-ନିର୍ମାଣ, ଜଳସରବରାହ-ସ୍ଥାପନ, ରାସ୍ତା-ପରିଷ୍କାର, ସାଧାରଣ ମିଳନ-ଗୃହ-ସ୍ଥାପନ ପ୍ରଭୃତି କର୍ମରେ ଉକ୍ତ ବିଭାଗ ବର୍ତ୍ତମାନ ନିପୃତ ଅଛନ୍ତି । ରାଜସରକାର ଚଳିତ ବର୍ଷ ଗ୍ରାମୋନ୍ନତି ନିମନ୍ତେ ଚାଳିଶ ଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି ।

ମହୀସୁର

ପୟଃ ପ୍ରଣାଳୀ-ଯୋଜନା

ମହୀସୁର ରାଜସରକାର ଅର୍କାବତୀ ନଦୀରେ ପାଣି ଅଟକା ପାଇଁ ଗୋଟିଏ ବନ୍ଧ କରିବାର ସ୍ଥିର କରିଅଛନ୍ତି । ଉକ୍ତ ବନ୍ଧ ନିର୍ମାଣ ପାଇଁ ଛ ଲକ୍ଷ ଟଙ୍କା ମଞ୍ଜୁର ହୋଇଅଛି । ଏହିବନ୍ଧଟି ନିର୍ମିତ ହୋଇଗଲେ କନକପୁରା ତାଲୁକର ୨୨୦୦ ଏକର ଜମି କୃଷି ନିମନ୍ତେ ଯଥା ସମୟରେ ଯଥେଷ୍ଟ ଜଳ ପାଇପାରିବ । ବର୍ତ୍ତମାନ ଉକ୍ତ ଜମିମାନଙ୍କରେ ଜଳାଭାବବଶତଃ ଭଲ ଫସଲ ହୁଏ ନାହିଁ । ବନ୍ଧ-ନିର୍ମାଣଦ୍ୱାରା ଉକ୍ତ ଜମିମାନଙ୍କରେ ଭଲ ମାଲବାଣ୍ଡି ଚାଷ ହେବାର ଆଶା କରାଯାଏ ।

ରେଲ୍-ରାସ୍ତା-ବୃଦ୍ଧି

ମହୀସୁର ରାଜସରକାର ଦଶ ମାଇଲ ନୂତନ ରେଲରାସ୍ତା କରିବାର ଯୋଜନା କରିଅଛନ୍ତି । ଏଥିରେ ପ୍ରାୟ ସାତ ଲକ୍ଷ ଟଙ୍କା ଖରଚ ହେବ । ଏହି ରେଲରାସ୍ତାଟି ସମ୍ପୂର୍ଣ୍ଣ ହୋଇଗଲେ ଗରସୋପା ଜଳପ୍ରପାତ ରେଲ ଷ୍ଟେଶନଠାରୁ ଆଠ ମାଇଲ ଦୂରରେ ରହିବ । ୨.୬ ଲକ୍ଷ ଟଙ୍କା ବ୍ୟୟରେ ଜଗ ଜଳପ୍ରପାତରୁ ବୈଦ୍ୟୁତିକ ଶକ୍ତି ବାହାର କରିବାର ଯେଉଁ ଯୋଜନା ହୋଇଅଛି, ନୂତନ ରେଲରାସ୍ତା ତାହାର ସାହାଯ୍ୟକାରୀ ହେବ । ଉକ୍ତ ରେଲ-ରାସ୍ତା ସାହାଯ୍ୟରେ ନୂତନ ବୈଦ୍ୟୁତିକ-ଶକ୍ତି-କାରଖାନାରେ କାମ କରିବା ନିମନ୍ତେ ଶ୍ରମଜୀବୀମାନେ ଅନାୟାସରେ ଯାଇପାରିବେ, ଅତ୍ୟଧିକ ଓଜନର ବୈଦ୍ୟୁତିକ ସରଞ୍ଜାମମାନ ମଧ୍ୟ ନିଆଯାଇ ପାରିବ । କାଷ୍ଠ ଏବଂ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟମାନଙ୍କର ରପ୍ତାନି ଓ ବିକ୍ରୟ ପକ୍ଷରେ ମଧ୍ୟ ନୂତନ ରେଲରାସ୍ତା ବିଶେଷ ସହାୟକ ହେବ ।

ଖାଦ୍ୟର ଉନ୍ନତି

ମହୀସୁର ରାଜସରକାର ଖାଦ୍ୟର ଉନ୍ନତି ସମ୍ବନ୍ଧରେ ରିପୋର୍ଟ କରିବା ନିମନ୍ତେ ଗୋଟିଏ କମିଟି ବସାଇ ଅଛନ୍ତି । ସ୍ୱାସ୍ଥ୍ୟବିଭାଗର ଡିରେକ୍ଟର ମହୋଦୟ ଉକ୍ତ କମିଟିର ସଭାପତି । ୧୯୩୭ ଖ୍ରୀଷ୍ଟାବ୍ଦର ଅଗଷ୍ଟ ମାସରେ ଗ୍ରାମ୍ୟ ସ୍ୱାସ୍ଥ୍ୟର ଉନ୍ନତି ସମ୍ପର୍କରେ ଜାଭାଠାରେ ଯେଉଁ ଆନ୍ତର୍ଜାତିକ ସମ୍ମିଳନୀ ବସିଥିଲା ତାହାର ପ୍ରସ୍ତାବ ଫଳରେ ଉକ୍ତ କମିଟି ନିଯୁକ୍ତ ହୋଇଅଛି । କମିଟି ଲୋକ ସାଧାରଣଙ୍କର ଖାଦ୍ୟ ଏବଂ ପଥାପଥ୍ୟ ସମ୍ବନ୍ଧରେ ଆଲୋଚନା କରିବେ ଏବଂ ଏ ଦିଗରେ କି ପ୍ରକାରେ ଉନ୍ନତି କରାଯାଇ ପାରେ ଏ ବିଷୟରେ ରାଜସରକାରଙ୍କୁ ସୁପାରିଶ କରିବେ ।

ତ୍ରିବାଙ୍କୁଡ଼

ସ୍ୱାସ୍ଥ୍ୟ-ବିଭାଗର ଉନ୍ନତି

ତ୍ରିବାଙ୍କୁଡ଼ ରାଜସରକାରଙ୍କର ସ୍ୱାସ୍ଥ୍ୟବିଭାଗର ବାର୍ଷିକ ରିପୋର୍ଟ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ଗତ ବର୍ଷ ଥେଙ୍ଗାପଟନମ୍-ଠାରେ ଗୋଟିଏ ନୂତନ ସରକାରୀ ଚିକିତ୍ସାଳୟ ସ୍ଥାପିତ ହୋଇଅଛି; ଡାକ୍ତରଖାନା ସାହାଯ୍ୟରେ ଚିକିତ୍ସିତ ରୋଗୀମାନଙ୍କର ସଂଖ୍ୟା ବଢ଼ିଅଛି, ଅସ୍ତ୍ର-ଚିକିତ୍ସା-ପ୍ରାପ୍ତ ରୋଗୀ-ସଂଖ୍ୟା ମଧ୍ୟ ଅଧିକ ହୋଇଅଛି ଏବଂ କୁଷ୍ଠ ରୋଗୀମାନଙ୍କ ନିମନ୍ତେ ଗୋଟିଏ ନୂତନ ଉପନିବେଶ ସ୍ଥାପିତ ହୋଇଅଛି । ତ୍ରିବାନ୍ଦ୍ରମଠାରେ କୁଷ୍ଠରୋଗୀମାନଙ୍କ ପାଇଁ ଯେଉଁ ଡାକ୍ତରଖାନା ଥିଲା ତାହା ନୁରନାଦ ନାମକ ସ୍ଥାନକୁ ସ୍ଥାନାନ୍ତରିତ ହୋଇଅଛି ଏବଂ ସେଠାରେ ପ୍ରାୟ ୧୪୦ ଏକର ଆୟତନ-ବିଶିଷ୍ଟ ଜମିରେ ଉକ୍ତ ନୂତନ କୁଷ୍ଠ-ଉପନିବେଶ ସ୍ଥାପିତ ହୋଇଅଛି । ଉକ୍ତ ଜମିରେ ପ୍ରାୟ ସାଢ଼େ ତିନି ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହମାନ ନିର୍ମିତ ହୋଇଅଛି । ଉକ୍ତ ଉପନିବେଶରେ ପ୍ରାୟ ପାଞ୍ଚ ଶହରୁ ଅଧିକ ରୋଗୀଙ୍କର ରହିବାର ସ୍ଥାନ ଅଛି । ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ରୋଗୀମାନଙ୍କ ପାଇଁ ପୃଥକ

Digitized by srujanika@gmail.com

ଉପାସନା ଗୃହମାନ ନିର୍ମିତ ହୋଇଅଛି । ଉପନିବେଶରେ ବାଳକ ଓ ବାଳିକାମାନଙ୍କ ପାଇଁ ଦୁଇଗୋଟି ପୃଥକ ବିଦ୍ୟାଳୟ ଏବଂ ରୋଗୀମାନଙ୍କ ପାଇଁ ଗୋଟିଏ ପଠନାଗାର ଓ ଗୋଟିଏ ଛୋଟ ପୁସ୍ତକାଗାର ମଧ୍ୟ ସ୍ଥାପିତ ହୋଇଅଛି । ରୋଗୀମାନେ ଲୁଗା-ବୁଣା, ଜୋତାତିଆରି, ଉଦ୍ୟାନ-କର୍ମ ପ୍ରଭୃତି ଶିଖିବା ଏବଂ ନାନା ପ୍ରକାର କ୍ରୀଡ଼ା-କୌତୁକରେ ଯୋଗଦେବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରି ଯାଇଅଛି । ବର୍ଷ ମଧ୍ୟରେ ସେଠାରେ ୫୪୭ ଜଣ ରୋଗୀ ଚିକିତ୍ସା ଲାଭ କରିଅଛନ୍ତି । ପ୍ରସ୍ତାବିତ ଯକ୍ଷ୍ମା-ଚିକିତ୍ସାଳୟ ପାଇଁ ମଧ୍ୟ ଜମିଣ ସକାଶେ ବ୍ୟବସ୍ଥା ହେଉଅଛି ଓ ସେଥିପାଇଁ ୨୯ ମାଣ ଜମି ବିଶିଷ୍ଟ ଗୋଟିଏ ସ୍ଥାନ ଠିକ କରି ଯାଇଅଛି ।

କୁଇଲନ୍‌ଠାରେ ୨୦ ଜଣ ଛାତ୍ରୀଙ୍କୁ ନେଇ ଗୋଟିଏ ଧାତ୍ରୀ-ବିଦ୍ୟା-ଶ୍ରେଣୀ ଖୋଲି ଯାଇଅଛି ଏବଂ ପ୍ରଥମ ଆଠ ଜଣ ଛାତ୍ରୀଙ୍କୁ ମାସିକ ଆଠ ଟଙ୍କା ଲେଖାଏଁ ବୃତ୍ତି ଦିଆ ଯାଉଅଛି । ବର୍ଣ୍ଣିତ ବର୍ଷ ମଧ୍ୟରେ ମ୍ୟାଲେରିଆରେ ଆକ୍ରାନ୍ତ ରୋଗୀ ଓ ତହିଁରେ ମୃତ ରୋଗୀଙ୍କର ସଂଖ୍ୟା ଗତ ଦୁଇ ବର୍ଷର ଆକ୍ରାନ୍ତ ଓ ମୃତ ରୋଗୀଙ୍କର ସଂଖ୍ୟାଠାରୁ କମ ଥିବାର ଜଣାଯାଏ ।

ଡାକ୍ତରୀ ବିଭାଗଠାରୁ ସାଧାରଣସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପୃଥକ ହୋଇଅଛି । ବର୍ଣ୍ଣିତ ବର୍ଷମଧ୍ୟରେ ଷ୍ଟେଟ୍‌ମଧ୍ୟରେ କୌଣସି ପ୍ରକାର ସଂକ୍ରାମକ ରୋଗ ଦେଖା ଯାଇ ନ ଥିଲା । ମଶା ଏବଂ ପ୍ଲେଗ ନିବାରଣ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ କାର୍ଯ୍ୟ ପନ୍ଥାର ସମୋନ୍ନତି ହୋଇଅଛି । ସାଧାରଣ ସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରଚାର କାର୍ଯ୍ୟ ଯଥାବିଧି ପରିଚାଳିତ ହୋଇଥିଲା ଏବଂ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟରକ୍ଷା ବିଷୟରେ ବକ୍ତୃତାମାନ ଦିଆଯାଇଥିଲା ।

ଆୟୁର୍ବେଦପ୍ରତି ବିଶେଷ ଦୃଷ୍ଟି ବାର୍ଷିକ ରିପୋର୍ଟର ଅନ୍ୟତମ ଉଲ୍ଲେଖଯୋଗ୍ୟ ବିଷୟ । ଷ୍ଟେଟ୍ ଗୋଟିଏ ଆୟୁର୍ବେଦୀୟ କଲେଜ ପରିଚାଳନା କରନ୍ତି ଏବଂ ଆଉ ଚାରୋଟି ଆୟୁର୍ବେଦୀୟ ବିଦ୍ୟାଳୟକୁ ସାହାଯ୍ୟ କରିଥାନ୍ତି । ଉକ୍ତ ଅନୁଷ୍ଠାନମାନଙ୍କରେ ମୋଟ ଛାତ୍ରସଂଖ୍ୟା ୨୫୩ । ଆୟୁର୍ବେଦ ବିଷୟରେ ସାଧାରଣ ପରୀକ୍ଷାମାନ ଷ୍ଟେଟ୍‌ରେ ଅନୁଷ୍ଠିତ ହୁଏ ଏବଂ ବିଭିନ୍ନ ଚାରି ଶ୍ରେଣୀର ଉପାଧି ଦିଆଯାଏ । କଲେଜର ଛାତ୍ରମାନଙ୍କୁ ସରକାରୀ ଆୟୁର୍ବେଦୀୟ ଡାକ୍ତରଖାନାରେ ବ୍ୟାବହାରିକ ବିଷୟମାନଙ୍କରେ ଶିକ୍ଷା ଦେବାର ମଧ୍ୟ ବ୍ୟବସ୍ଥା ଅଛି । ଉକ୍ତ ଡାକ୍ତରଖାନାର ସମୋନ୍ନତି ଦେଖା ଯାଉଅଛି ଏବଂ ତାହା କ୍ରମେ କ୍ରମେ ଲୋକପ୍ରିୟ ହୋଇ ଉଠୁଛି । ରୋଗୀଙ୍କର ସଂଖ୍ୟା ମଧ୍ୟ କ୍ରମେ ବଢୁଥିବାର ଦେଖାଯାଏ । ଅନୁଷ୍ଠାନର ଲୋକପ୍ରିୟତା ବୃଦ୍ଧିରେ ସରକାର ହସ୍ପିଟାଲରେ ଛ ଜଣ ଅଧିକ ରୋଗୀ ରହି ପାରିବାର ବନ୍ଦୋବସ୍ତ କରିଅଛନ୍ତି । ଆୟୁର୍ବେଦୀୟ ଉଦ୍ୟାନରେ କେତେଗୁଡ଼ିଏ ଦୁର୍ଲଭ ଔଷଧ ବୃକ୍ଷ ରୋପଣ କରି ଯାଇଅଛି । ରାଜସରକାର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ କରିବା ପାଇଁ ଗୋଟିଏ କାରଖାନା ମଧ୍ୟ ପରିଚାଳନ କରୁଅଛନ୍ତି ।

କାଉନ୍‌ସିଲ୍ ଗୃହ

ନୂତନ କାଉନ୍‌ସିଲ ମନ୍ଦିରର ନିର୍ମାଣକାର୍ଯ୍ୟ ଶେଷ ହୋଇ ଆସିଲାଣି । ମନ୍ଦିର-ନିର୍ମାଣରେ ଅନୁମାନିକ ମୋଟ ଖର୍ଚ୍ଚ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା । ଏଥିରେ ଦୁଇଗୋଟି ବ୍ୟବସ୍ଥାପକ ସଭା ପାଇଁ ଗୃହ, ଗୋଟିଏ ପୁସ୍ତକାଗାର ଏବଂ ସଭ୍ୟମାନଙ୍କର ବସିବା ପାଇଁ ଗୋଟିଏ ସାଧାରଣ କକ୍ଷ ରହିବ । ଏହା ଛଡ଼ା ସେଠାରେ କାଉନ୍‌ସିଲ ସେକ୍ରେଟାରୀଙ୍କର ଅଫିସ ଏବଂ କାଉନ୍‌ସିଲ-ସମ୍ପର୍କୀୟ ବିଭାଗମାନଙ୍କର ଅଫିସମାନ ସ୍ଥାପିତ ହେବ ।

ଉକ୍ତ ଗୃହରେ ପ୍ରଥମେ ତ୍ରିବାଙ୍କୁଡ଼ ବ୍ୟବସ୍ଥାପକ ସଭାର ସ୍ୱର୍ଣ୍ଣ-ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବ । ଉକ୍ତ ବ୍ୟବସ୍ଥାପକ ସଭା ପ୍ରଥମେ ୧୮୮୮ ସାଲରେ ସ୍ଥାପିତ ହୋଇଥିଲା । ଦେଶୀୟ ରାଜ୍ୟ-ମାନଙ୍କ ମଧ୍ୟରେ ତ୍ରିବାଙ୍କୁଡ଼ରେ ହିଁ ପ୍ରଥମେ କାଉନ୍‌ସିଲ ସ୍ଥାପିତ ହୁଏ ।

ଗୋୟାଲିୟର

ଶାସନ-ସଂସ୍କାର-କମିଟି-ନିଯୁକ୍ତି

ସିନ୍ଧିଆର ଶ୍ରୀମନ୍ ମହାରାଜା ମହୋଦୟ ତାଙ୍କର ମଜ୍‌ଲିସ୍‌-ଇ-ଆମ୍ ବା ବ୍ୟବସ୍ଥାପକ ସଭାର ନୂତନ ଗଠନ ପାଇଁ ବ୍ୟବସ୍ଥା କରିବା ସକାଶେ ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି । ଉକ୍ତ କମିଟିରେ ଚାରି ଜଣ ସରକାରୀ ଓ ତିନି ଜଣ ବେସରକାରୀ ସଭ୍ୟ ଅଛନ୍ତି । ରାଜ୍ୟର ଜନ-ସାଧାରଣ ସେମାନଙ୍କର ମତ ଏହି କମିଟିରେ ସ୍ୱାଧୀନ ଭାବରେ ପ୍ରକାଶ କରି ପାରିବେ ଓ ପ୍ରଜାମାନଙ୍କର ନ୍ୟାଯ୍ୟ ଦାବି ସମ୍ବନ୍ଧରେ ଗଭୀର ବିଚାର କରାଯିବ । ମଜଲିସ୍‌ର ପରବର୍ତ୍ତୀ ଅଧିବେଶନ ନୂତନ ଶାସନ-ତନ୍ତ୍ରର ବିଧାନ ଅନୁଯାୟୀ ହେବା ମହାରାଜା ମହୋଦୟଙ୍କର ବିଶେଷ ଇଚ୍ଛା । ସେଥିପାଇଁ କମିଟି ତାଙ୍କର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ବିଶେଷ ଯତ୍ନଶୀଳ ଅଛନ୍ତି ।

ଜଳସେଚନ-ବ୍ୟବସ୍ଥା

ପାର୍ବତୀ ଜଳସେଚନ-ଭଣ୍ଡାର ଖୋଲିହେବାଦ୍ୱାରା ଗୋୟାଲିୟର ରାଜ୍ୟର ଉତ୍ତରାଞ୍ଚଳର କୃଷକମାନେ ସେମାନଙ୍କର ଅନୁର୍ବର ଓ ଶୁଷ୍କ ଜମିଗୁଡ଼ିକୁ ଉର୍ବର ଓ ଶସ୍ୟଶାମଳ କରି ପାରିଅଛନ୍ତି ଏବଂ ତହିଁ ସଙ୍ଗରେ ସେମାନଙ୍କର ଆର୍ଥିକ ଅବସ୍ଥାର ମଧ୍ୟ ଉନ୍ନତି ହୋଇଅଛି । ଉକ୍ତ ଜଳଭଣ୍ଡାର ନିର୍ମାଣରେ ଷ୍ଟେଟ୍ ଏକ କୋଟି ପଚିଶ ଲକ୍ଷ ଟଙ୍କା ବ୍ୟୟ କରିଅଛନ୍ତି ଏବଂ ତାହାର ଯୋଜନା ତଥା ନିର୍ମାଣରେ ବହୁତ ବର୍ଷ ଅତିବାହିତ ହୋଇଅଛି । ଏହି ଜଳଭଣ୍ଡାର ବର୍ତ୍ତମାନ ପ୍ରାୟ ଦେଢ଼ ଲକ୍ଷ ମାଣ ଜମିରେ ଜଳ ଯୋଗାଇପାରିବ ।

ଶିକ୍ଷାର ଉନ୍ନତି

ଗୋୟାଲିୟରର ଗତ ବର୍ଷର ଶିକ୍ଷା-ରିପୋର୍ଟରୁ ଜଣାଯାଏ ଯେ ରାଜ୍ୟର ଶିକ୍ଷାନୁଷ୍ଠାନ ଏବଂ ଛାତ୍ରସଂଖ୍ୟା ବଢ଼ିଅଛି; ହରିଜନ-ମାନଙ୍କର ଶିକ୍ଷା ନିମନ୍ତେ ବିଶେଷ ବ୍ୟବସ୍ଥା କରି ଯାଇଅଛି; ସ୍ତ୍ରୀ

Digitized by srujanika@gmail.com

ଶିକ୍ଷାର ବିଶେଷ ଉନ୍ନତି ହୋଇଅଛି ଏବଂ ଛାତ୍ରମାନଙ୍କର ସ୍ୱାସ୍ଥ୍ୟୋନ୍ନତି ନିମନ୍ତେ ବିଶେଷ ଦୃଷ୍ଟି ଦିଆ ଯାଉଅଛି । କମଳା ବାଳିକା ବିଦ୍ୟାଳୟକୁ ଇଣ୍ଟରମିଡ଼ିଏଟ୍ କଲେଜରେ ପରିଣତ କରି ଯାଇଅଛି । ମହାରାଜା ମହୋଦୟ ତାଙ୍କର ନିଜ ଧନରୁ ଛାତ୍ରମାନଙ୍କର ସ୍ୱାସ୍ଥ୍ୟୋନ୍ନତି ନିମନ୍ତେ ଏକ ଲକ୍ଷ ଟଙ୍କା ଦାନ କରିଅଛନ୍ତି ।

ରାମପୁର

ଲୁଗାବୁଣା କାରଖାନା

ରାମପୁର ଠାରେ ଖଣ୍ଡା ଲୁଗାକଳ ସ୍ଥାପନ କରିବା ସମ୍ବନ୍ଧରେ ସବୁପ୍ରକାର ବ୍ୟବସ୍ଥା ହୋଇଅଛି । ରାମପୁର ରେଲ ଷ୍ଟେସନ ନିକଟରେ ୫୦ ମାଣ ପରିମିତ ଗୋଟିଏ ଉପଯୁକ୍ତ ସ୍ଥାନ କାରଖାନା-ନିର୍ମାଣ ନିମନ୍ତେ ନିର୍ବାଚିତ ହୋଇଅଛି ଓ ନିର୍ମାଣ କାର୍ଯ୍ୟ ନିକଟରେ ଆରମ୍ଭ ହେବ । ଅନେକ ପ୍ରକାର ଆଧୁନିକ କଳ ଓ ସରଞ୍ଜାମ ଅଣା ଯାଉଅଛି ଏବଂ ଆଶା କରାଯାଏ ଯେ ୧୯୩୯ ଜୁଲାଇ ମାସରେ କାରଖାନାର କାର୍ଯ୍ୟ ଆରମ୍ଭ ହେବ । ଏହାଦ୍ୱାରା ରାମପୁର ଷ୍ଟେଟ କୃଷକମାନଙ୍କର ବିଶେଷ ଉପକାର ହେବ । ସେମାନେ ରାଜ୍ୟ ମଧ୍ୟରେ ଉତ୍ପନ୍ନ ହେଉଥିବା ପ୍ରଚୁର ତୁଳା ବାହାରେ ବିକ୍ରି କରିବାପାଇଁ ସୁବିଧା ପାଇବେ । ଏତଦ୍ଭିନ୍ନ ଏହାଦ୍ୱାରା ରାମପୁର ସହରର ବେକାର ସମସ୍ୟାର ଅନେକ ପରିମାଣରେ ସମାଧାନ ହୋଇ ଯିବ ।

କୋହ୍ଲାପୁର

ବାର୍ଷିକ ରିପୋର୍ଟ

କୋହ୍ଲାପୁର ରାଜ୍ୟର ଗତ ବର୍ଷର ବାର୍ଷିକ ରିପୋର୍ଟରୁ ଜଣାଯାଏ ଯେ ରାଜ୍ୟର ଆୟ ୪ ଲକ୍ଷ ଟଙ୍କା ବଢ଼ିଅଛି ଏବଂ ଷ୍ଟେଟ୍‌ର ଅନେକ ବିଭାଗରେ ବିଶେଷତଃ ଶିକ୍ଷାବିଭାଗରେ ଉଲ୍ଲେଖଯୋଗ୍ୟ ଉନ୍ନତି ହୋଇଅଛି । ପ୍ରଧାନ ମନ୍ତ୍ରୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷାବିଭାଗର ସଂଗଠନ କରାଯାଉଅଛି । ସ୍ୱୟଂ ପ୍ରଧାନ ମନ୍ତ୍ରୀ ଶିକ୍ଷା ବିଭାଗର ଡିରେକ୍ଟରର କାର୍ଯ୍ୟ ନିର୍ବାହ କରୁଥାନ୍ତି । ଶିଳ୍ପ ଓ କୃଷି ଶିକ୍ଷା ସମ୍ବନ୍ଧରେ ମଧ୍ୟ ସୁବ୍ୟବସ୍ଥା ହେଉଅଛି । ସାଧାରଣ ଶିକ୍ଷା ଓ ଆଇନ ଶିକ୍ଷାର ମଧ୍ୟ ବନ୍ଦୋବସ୍ତ ଅଛି । ସ୍ତ୍ରୀଶିକ୍ଷା ଓ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କୁ ଶିକ୍ଷା ଦେବା ପାଇଁ ଯଥାଯୋଗ୍ୟ ବ୍ୟବସ୍ଥା ହେଉଅଛି । ଅସ୍ପୃଶ୍ୟ ଜାତିର ପିଲାମାନେ ଅନ୍ୟ ଶ୍ରେଣୀର ଛାତ୍ରମାନଙ୍କ ସଙ୍ଗରେ ଅବାଧରେ ମିଳାମିଶା କରି ପଢ଼ୁଅଛନ୍ତି । ଷ୍ଟେଟରେ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ବୈଦିକ, ଆରବୀୟ ଏବଂ ଶିଳ୍ପ ବିଦ୍ୟାଳୟମାନଙ୍କର ନାମ ବିଶେଷ ଉଲ୍ଲେଖଯୋଗ୍ୟ ।

ପାଟିଆଲା

ମହାରାଜାଙ୍କର ଦଶହରା ଘୋଷଣା

ଗତ ଦଶହରା ଉପଲକ୍ଷରେ ମହାରାଜାଙ୍କର ଯେଉଁ ଦରବାର ବସିଥିଲା, ସେଥିରେ ମହାରାଜା ମହୋଦୟ ଏକ ଘୋଷଣା କରିଥିଲେ । ମାତୃମଙ୍ଗଳ ଓ ଚଳନଶୀଳ ଚିକିତ୍ସାନୁଷ୍ଠାନ (Travelling Dispensary) ସାଧାରଣ ସ୍ୱାସ୍ଥ୍ୟବିଭାଗର ଗଠନ ଓ ସାଧାରଣ ସ୍ୱାସ୍ଥ୍ୟ ସମ୍ବନ୍ଧରେ ତତ୍ତ୍ୱାବଧାନ ପ୍ରଭୃତି ବିଷୟରେ ଉକ୍ତ ଘୋଷଣାରେ ମହାରାଜା ମହୋଦୟ ତାଙ୍କର ସ୍ୱୀକୃତି ଜ୍ଞାପନ କରିଥିଲେ ।

ରାଜ୍ୟ ମଧ୍ୟରେ ଗୋଟିଏ ସିମେଣ୍ଟ କାରଖାନା ବିସ୍ତୃତ ଆକାରରେ ସ୍ଥାପନ କରିବାର ଅନୁମତି ମଧ୍ୟ ଏହି ଘୋଷଣାରେ ଦିଆ ଯାଇଥିଲା ।

ଶାସନତନ୍ତ୍ର-ସଂସ୍କାରସମ୍ବନ୍ଧରେ ରିପୋର୍ଟ କରିବାପାଇଁ ଗୋଟିଏ ବିଶେଷ କମିଟି ନିଯୁକ୍ତ କରି ଯାଇଅଛି ଏବଂ ଏହି କମିଟି ଉକ୍ତ ବିଷୟର ଅନୁସନ୍ଧାନରେ ଗତ କେତେକ ମାସ ହେଲା ନିଯୁକ୍ତ ଅଛନ୍ତି ।

ହିନ୍ଦୋଳ

ହିନ୍ଦୋଳର ରାଜା ସାହେବ ଭାରତର ଅନ୍ୟାନ୍ୟ ବଡ଼ ଦେଶୀୟ ରାଜ୍ୟ ସଙ୍ଗେ ତୁଳନୀୟ ହେବା ଭଳି କେତେକ ସୁବିଧା ତାଙ୍କର ପ୍ରଜାମାନଙ୍କୁ ଦେଇଅଛନ୍ତି । ରାଜ୍ୟର ପ୍ରଜାମାନେ ସେମାନଙ୍କର ସମସ୍ତ ଅଭାବ ଦରଖାସ୍ତ ଦ୍ୱାରା ଜଣାଇବା ଫଳରେ, ମହାରାଜା ସାହେବ ପ୍ରଜାମାନଙ୍କର ଏକ ପ୍ରତିନିଧି ସଭାରେ ଉକ୍ତ ସୁବିଧା ଘୋଷଣା କରିଅଛନ୍ତି । ରାଜା ସାହେବ ବେଠି, ରସଦ ଓ ମାଗଣ ପ୍ରଥା ଉଠାଇ ଦେଇଛନ୍ତି ଏବଂ ପ୍ରଜାମାନଙ୍କୁ ପୂର୍ଣ୍ଣ ନାଗରିକ କ୍ଷମତା ଦେଇଛନ୍ତି । ପ୍ରଜାମାନେ ଅଧିକା କର ନ ଦେଇ ଗୃହ ନିର୍ମାଣ ଓ କୃଷି ସରଞ୍ଜାମ ପାଇଁ ଜଙ୍ଗଲରୁ କାଠ ଆଣିବାର ସୁବିଧା ପାଇଛନ୍ତି । କିରୋସିନତେଲ ଓ ଲବଣ ଉପରେ ଥିବା କର ଉଠାଇ ଦିଆ ଯାଇଅଛି । ପରବର୍ତ୍ତୀ ସଭାରେ ଜଙ୍ଗଲ ଆଇନ, ଘାସ କର ଓ ବେଠି ଟିକସ ସମ୍ବନ୍ଧରେ ବିଚାର କରିବା ପାଇଁ ପ୍ରଜାମାନଙ୍କୁ ଆଶ୍ୱାସନା ଦିଆ ଯାଇଅଛି । ଏତଦ୍ଭିନ୍ନ ଆହୁରି ମଧ୍ୟ ସ୍ଥିରୀକୃତ ହୋଇଅଛି ଯେ ରାଜ୍ୟ-ଶାସନର ସମସ୍ତ ଆଇନ ଓ ନିୟମାବଳୀ ଓଡ଼ିଆରେ ଅନୁବାଦିତ ହୋଇ ଲୋକମାନଙ୍କ ମଧ୍ୟରେ ବଣ୍ଟାଯିବ । ଆହୁରି ମଧ୍ୟ ମହାରାଜା ସାହେବ ଆଶ୍ୱାସନା ଦେଇଅଛନ୍ତି ଯେ ଷ୍ଟେଟର ଆୟବ୍ୟୟତାଲିକା (ବଜେଟ୍) ପ୍ରସ୍ତୁତ କଲାବେଳେ ଲୋକ ପ୍ରତିନିଧିମାନଙ୍କର ମତାମତ ନିଆଯିବ ।

ପାଟନା

ଗୃହପାଳିତ ପଶୁମାନଙ୍କର ଉନ୍ନତି-ବିଧାନ ନିମନ୍ତେ ରାଜ୍ୟର ଦଶ ଗୋଟି ସ୍ଥାନରେ ଗୋଟିଏ ଗୋଟିଏ କେନ୍ଦ୍ର କରାଯାଉଅଛି । ଉକ୍ତ କେନ୍ଦ୍ରଗୁଡ଼ିକୁ ସିନ୍ଧି ଷଣ୍ଢ ଓ ମହିଷ ଷଣ୍ଢ ଷ୍ଟେଟ ଡାଇରି ଫାର୍ମରୁ ଯୋଗାଇ ଦିଆଯିବ । ଷ୍ଟେଟ ଡାଇରି ଓ କୃଷି ବିଭାଗ ଉକ୍ତ ଷଣ୍ଢ ଗୁଡ଼ିକର ରକ୍ଷଣାବେକ୍ଷଣ ଓ କାର୍ଯ୍ୟକଳାପ ସମ୍ବନ୍ଧରେ ତତ୍ତ୍ୱାବଧାନ କରିବେ । ମ୍ୟାଜିକ ଲଣ୍ଠନ ସାହାଯ୍ୟରେ ଓ ପୁସ୍ତିକା-ବିତରଣଦ୍ୱାରା ଲୋକମାନଙ୍କୁ ଗୋ-ଜାତିର ଉନ୍ନତି ଓ ସୁପାଳନ ସମ୍ବନ୍ଧରେ ଶିକ୍ଷା ଦିଆଯିବ ।

Digitized by srujanika@gmail.com

ସମ୍ବାଦ ଓ ସଙ୍କେତ

ମୟୂରଭଞ୍ଜରେ ଦଶହରା-ଉତ୍ସବ

ଗତ ବର୍ଷ ଦଶହରା ଉପଲକ୍ଷେ ବାରିପଦାଠାରେ ବିଶେଷ ଆନନ୍ଦ-ଉତ୍ସବ ହୋଇଥିଲା । ରାଜପ୍ରାସାଦର ଅଧିଷ୍ଠାତ୍ରୀ ଦେବୀ କୀଚକେଶ୍ୱରୀଙ୍କର ପୂଜା କୌଳିକ ପ୍ରଥାନୁଯାୟୀ ଯଥାରୀତି ଅନୁଷ୍ଠିତ



ବିଲ୍ୱବରଣ ଶୋଭାଯାତ୍ରା

ହୋଇଥିଲା । ଶ୍ରୀମନ୍ ମହାରାଜା ସାହେବ ଉକ୍ତ ପୂଜା ଓ ଲକ୍ଷବଳୀ ତଥା ବିଲ୍ୱବରଣ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ।

ଦେଓଆନ

ମୟୂରଭଞ୍ଜର ଦେଓଆନ ଶ୍ରୀଯୁକ୍ତ କ୍ଷିତୀଶ ଚନ୍ଦ୍ର ନିୟୋଗୀ ଗତ ଅଗଷ୍ଟ ମାସରେ ସରାଇକଲାରେ ଅନୁଷ୍ଠିତ ହୋଇଥିବା ପୂର୍ବାଞ୍ଚଳ ଦେଶୀୟରାଜ୍ୟ ମନ୍ତ୍ରୀମାନଙ୍କ ସଭାରେ ଯୋଗ ଦେଇଥିଲେ । ଗତ ଅକ୍ଟୋବର ୧୮ ଏବଂ ୧୯ ତାରିଖରେ କଲିକତାଠାରେ ଦେଶୀୟ ରାଜ୍ୟ ରାଜାମାନଙ୍କର ଯେଉଁ ବୈଠକ ହୋଇଥିଲା, ତହିଁରେ ମଧ୍ୟ ଦେଓଆନ ମହୋଦୟ ଷ୍ଟେଟ୍ ପକ୍ଷରୁ ଉପସ୍ଥିତ ଥିଲେ । ଦେଶୀୟ-ରାଜ୍ୟ-ସମ୍ପର୍କୀୟ କେତେକ ଗୁରୁତର ସମସ୍ୟା ଉକ୍ତ ବୈଠକରେ ଆଲୋଚିତ ହୋଇଥିଲା । ବର୍ତ୍ତମାନ ହେଡ଼େକ ଓଡ଼ିଶା ଗଡ଼ଜାତରେ ଚାଲିଥିବା ଅଶାନ୍ତି, ନରେନ୍ଦ୍ରମଣ୍ଡଳୀର ସଂସ୍କାର, ବିଭିନ୍ନ ଗଡ଼ଜାତ ମଧ୍ୟରେ ଶିକ୍ଷା ସଭ୍ୟତା ତଥା ଶିଳ୍ପ-ବାଣିଜ୍ୟରେ ସାହଚର୍ଯ୍ୟ-ସ୍ଥାପନ ବିଷୟ ଉକ୍ତ ଆଲୋଚ୍ୟ ବିଷୟମାନଙ୍କ ମଧ୍ୟରେ ବିଶେଷ ଉଲ୍ଲେଖଯୋଗ୍ୟ ।

ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କ

ଷ୍ଟେଟ୍ ବ୍ୟାଙ୍କର ତ୍ରୈମାସିକ ରିପୋର୍ଟରୁ ଜଣାଯାଏ ଯେ ଗତ ତିନି ମାସରେ ବ୍ୟାଙ୍କର ସମସ୍ତ ଖର୍ଚ୍ଚ ଯାଇ ଟ ୧୩୬।୭।୧୧ ପାହୁଲ ଲାଭ ହୋଇଅଛି । ବ୍ୟାଙ୍କର ପ୍ରାଥମିକ ବ୍ୟୟ ନିମନ୍ତେ ଷ୍ଟେଟ ଯେଉଁ ୬୪୪୦ ଟଙ୍କା ଦେଇଥିଲେ, ତାହା ଖର୍ଚ୍ଚ ହେବା ଆବଶ୍ୟକ ପଡ଼ିଲା ନାହିଁ ଏବଂ ଉକ୍ତ ଧନ ରକ୍ଷିତ ପାଣ୍ଠିରେ ଜମା ରହିଲା । ବ୍ୟାଙ୍କ ମାନେଜରଙ୍କର ରିପୋର୍ଟର କେତେକାଂଶ ନିମ୍ନରେ ଉଦ୍ଧୃତ ହେଲା ।

"ଆର୍ଥିକସ୍ୱଚ୍ଛଳତା-ଦୃଷ୍ଟିରୁ ଗତ ପାଞ୍ଚ ମାସ ମଧ୍ୟରେ ବ୍ୟାଙ୍କର ବେଶ ଉନ୍ନତି ହୋଇଅଛି ଏବଂ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ହେବାର ଆଶା କରାଯାଏ । ବ୍ୟାଙ୍କ ସ୍ଥାପନ ଷ୍ଟେଟ ପକ୍ଷରେ ନୂତନ ।

Digitized by srujanika@gmail.com

ଲୋକମାନେ ଏ ପର୍ଯ୍ୟନ୍ତ ସଞ୍ଚିତ ଧନ ଘରେ ରଖିବାରେ ଅଭ୍ୟସ୍ତ । ସେ ଅଭ୍ୟାସ ଦୂର କରାଇବାକୁ ହେବ । ମୟୂରଭଞ୍ଜରେ ବ୍ୟାଙ୍କ ପ୍ରତି ଲୋକମାନଙ୍କର ଦୃଷ୍ଟି ପଡ଼ିଅଛି । ଗତ ପାଞ୍ଚ ମାସର ଅଭିଜ୍ଞତାରୁ ଏହା ନିଶ୍ଚିତଭାବରେ କୁହାଯାଇ ପାରେ ଯେ ମହାରାଜାଙ୍କର ପୃଷ୍ଠପୋଷକତା, ଦେୱାନଙ୍କର ନିର୍ଦ୍ଦେଶ, ଷ୍ଟେଟ କର୍ମଚାରୀମାନଙ୍କର ସହଯୋଗ ତଥା ଲୋକ ସାଧାରଣଙ୍କର ସହାନୁଭୂତି ଲାଭ କରି ବ୍ୟାଙ୍କ ଉତ୍ତରୋତ୍ତର ଉନ୍ନତି ଲାଭ କରିବ ।"

କୃଷକ ଋଣ ଆଦେଶ

ଅନେକ ସମୟରେ ଦେଖାଯାଏ ଋଣଗ୍ରସ୍ତ କୃଷକମାନଙ୍କର ଋଣ-ପରିଶୋଧ ପାଇଁ ସବୁ କୃଷି ଜମି ନିଲାମ ହୋଇଯାଏ । କୃଷକମାନଙ୍କର ଏ ଦୁରବସ୍ଥାର ଲାଘବ ନିମନ୍ତେ ମୟୂରଭଞ୍ଜ ରାଜସରକାର ଗୋଟିଏ ନୂତନ ଆଦେଶ ଜାରି କରିଅଛନ୍ତି । ଏହି ଆଦେଶଫଳରେ କୃଷକର ଋଣ ପାଇଁ ନିଲାମ ହୋଇଯାଉଥିବା ଜମିକୁ ଷ୍ଟେଟ ଇଚ୍ଛା କଲେ କିଣି ନେଇ ପାରେ ଏବଂ ପରେ ଉପଯୁକ୍ତ ଟଙ୍କା ନେଇ ଜମି ଉକ୍ତ କୃଷକକୁ ଫେରାଇ ଦେଇପାରେ । କୃଷକର କୌଣସି ଜମି ଯଦି ଋଣ ବା ରାଜସ୍ୱ-ବାକୀ ନିମନ୍ତେ ନିଲାମଯୋଗ୍ୟ ହୁଏ, ତାହାହେଲେ ଜମି ନିଲାମ କରିବା ପୂର୍ବରୁ ପ୍ରଥମେ ବିଚାରାଳୟର ମାଜିଷ୍ଟ୍ରେଟ ଉକ୍ତ ଜମିର ଆନୁମାନିକ ମୂଲ୍ୟ ନିର୍ଦ୍ଧାରଣ କରିବେ । ପଞ୍ଚମାନଙ୍କର ଜବାନବନ୍ଦୀ ଓ ସାକ୍ଷ୍ୟ ଏବଂ ସ୍ଥାନୀୟ ରାଜସ୍ୱ କର୍ମଚାରୀଙ୍କର ରିପୋର୍ଟ ବିଚାର କରି ଏ ଜମିର ମୂଲ୍ୟ ସ୍ଥିର କରିବାକୁ ହେବ । ଯଦି ଉକ୍ତ ମୂଲ୍ୟର ଅନ୍ତତଃ ଶତକଡ଼ା ପଞ୍ଚସ୍ତରୀ ଦାମରେ କେହି ନିଲାମ ନ ଧରନ୍ତି, ତାହାହେଲେ ଉକ୍ତ ଜମିର ନିଲାମ ଚୂଡ଼ାନ୍ତ ହେବ ନାହିଁ । ଷ୍ଟେଟର ଉକ୍ତ ଜମି ଖରିଦ କରିବାର ଅଧିକାର ରହିବ । ଯଦି ଷ୍ଟେଟ ଉକ୍ତ ଜମି ଖରିଦ କରିବାକୁ ପ୍ରସ୍ତୁତ ହୁଏ, ତାହାହେଲେ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ଆଉ ସେ ଜମି ପାଇପାରିବେ ନାହିଁ । ଯେଉଁ ସ୍ଥଳରେ ଷ୍ଟେଟ ଉକ୍ତ ଜମି କ୍ରୟ କରିବ, ସେ ସ୍ଥଳରେ ପ୍ରଥମେ ଜମିର ପୂର୍ବ ଅଧିକାରୀଙ୍କୁ ଉକ୍ତ ଜମି ସଞ୍ଜା ଭିତ୍ତିରେ ଚାଷ କରିବାକୁ ଦିଆଯିବ । ପୂର୍ବ ଅଧିକାରୀ ଷ୍ଟେଟ ଜମି କିଣିବାର ପାଞ୍ଚ ବର୍ଷ ମଧ୍ୟରେ ଉକ୍ତ ଜମି ଷ୍ଟେଟ କିଣିଥିବା ଦାମ ଏବଂ ଜମିର ଉନ୍ନତି ନିମନ୍ତେ ଖର୍ଚ୍ଚ ହୋଇଥିବା ଟଙ୍କା ଦେଇ ଷ୍ଟେଟଠାରୁ କିଣି ନେଇ ପାରିବେ ।

ସୁନିଆଁ-ଉତ୍ସବ

ଗତ ସେପ୍ଟେମ୍ବର ୬ ତାରିଖରେ ବାରିପଦାରେ ସୁନିଆଁ-ଉତ୍ସବ ପ୍ରତିପାଳିତ ହୋଇଥିଲା । ରାଜବାଟୀରେ ବର୍ଷାରମ୍ଭର କୌଳିକ କ୍ରିୟାମାନ ଯଥାବିଧି ଅନୁଷ୍ଠିତ ହୋଇଥିଲା । ସେ ଦିନ ଷ୍ଟେଟର ସମସ୍ତ ଅଫିସ ବନ୍ଦ ଥିଲା ।

ହାଇକୋର୍ଟ ନିମନ୍ତେ ନୂତନ ଗୃହ

ମୟୂରଭଞ୍ଜ ହାଇକୋର୍ଟ ନିମନ୍ତେ ଏକ ଲକ୍ଷ ଟଙ୍କା ବ୍ୟୟରେ ଗୋଟିଏ ନୂତନ ଗୃହ ନିର୍ମିତ ହେଉଅଛି । ଏହି ଗୃହ ନିର୍ମାଣ କାର୍ଯ୍ୟର ଭାର ବ୍ରିଟାନିଆ କମ୍ପାନିକ ଉପରେ ନ୍ୟସ୍ତ ଅଛି । ମୟୂରଭଞ୍ଜ ଷ୍ଟେଟ ସେକ୍ରେଟେରିଏଟର ସୁରମ୍ୟ ପ୍ରାସାଦ ଏବଂ ନୂତନ ଜନାନା ହସପିଟାଲର ଗୃହ ମଧ୍ୟ ଉକ୍ତ କମ୍ପାନିକ ଦ୍ୱାରା ନିର୍ମିତ ହୋଇଥିଲା ।

ବାରିପଦାରେ ଫୁଟବଲ ପ୍ରତିଯୋଗିତା

ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନ ପକ୍ଷରୁ ଏ ବର୍ଷ ମଧ୍ୟ ଫୁଟବଲ ପ୍ରତିଯୋଗିତାର ଆୟୋଜନ ହୋଇଥିଲା ଏବଂ ମୟୂରଭଞ୍ଜକୁ ତଥା ମୟୂରଭଞ୍ଜ ବାହାରୁ ବହୁ ଫୁଟବଲ ଟିମ ଏଥିରେ ଯୋଗ ଦେଇଥିଲେ । ଇଣ୍ଟର-ସ୍କୁଲ ଫୁଟବଲ ଚ୍ୟାଲେଞ୍ଜ ଶିଲ୍ଡ ପ୍ରତିଯୋଗିତାରେ ବାରିପଦା ହାଇସ୍କୁଲର ଛଅଗୋଟି ଟିମ ଏବଂ ବାହାରୁ ପୁରୀ, କଟକ, ବାଲେଶ୍ୱର ଏବଂ ସମ୍ବଲପୁରର ସ୍କୁଲଟିମମାନ ଯୋଗ ଦେଇଥିଲେ । ଶେଷ ଖେଳରେ ପୁରୀ ଜିଲ୍ଲା ସ୍କୁଲ କଟକ ମିସନ ହାଇସ୍କୁଲ ଦେହ୍ଣାଗ୍ୱାରକୁ ହରାଇ ଶିଲ୍ଡ ପାଇଲେ । ଖେଳ ଶେଷରେ ଖଣ୍ଡପଡ଼ାର ରାଜା ମହୋଦୟ ପୁରୀ ଜିଲ୍ଲା ସ୍କୁଲକୁ ଶିଲ୍ଡ ପ୍ରଦାନ କରିଥିଲେ ।

ମାନ ଇଣ୍ଟାର-ସ୍କୁଲ-ଚ୍ୟାଲେଞ୍ଜ ଶିଲ୍ଡ ପ୍ରତିଯୋଗିତାଠାରୁ ରାମଚନ୍ଦ୍ର-ସ୍ମୃତି ଫୁଟବଲ ପ୍ରତିଯୋଗିତାରେ ବେଶୀ ଉତ୍ସାହ ଦେଖା ଯାଇଥିଲା । ଏହି ପ୍ରତିଯୋଗିତାରେ ଏ ବର୍ଷ କଟକ, ବାଲେଶ୍ୱର, ଖଣ୍ଡପଡ଼ା, ବ୍ରହ୍ମପୁର, ଚାଇବସା, ଜାମସେଦପୁର ଏବଂ ଖଡ଼ଗପୁରର ଫୁଟବଲ ଟିମମାନ ଏବଂ ମୟୂରଭଞ୍ଜର ସ୍ଥାନୀୟ ଫୁଟବଲ ଟିମମାନ ଯୋଗ ଦେଇଥିଲେ । ଶେଷ ଖେଳରେ ଖଡ଼ଗପୁର 'ଡି' କମ୍ପାନୀ, ଖଡ଼ଗପୁର ଇଣ୍ଡିଆନ୍ ସ୍ପୋର୍ଟିଂଙ୍କୁ ହରାଇ ଶିଲ୍ଡ ପାଇଲେ । ମୟୂରଭଞ୍ଜର ରାଜଜେମାଇ ସାହେବ ଶ୍ରୀଦାମ ଚନ୍ଦ୍ର ଭଞ୍ଜ ଦେଓ ବିଜେତା ମାନଙ୍କୁ ଶିଲ୍ଡ ଓ ଏଗାରଟି ପଦକ ଏବଂ ଅନ୍ୟ ଟିମକୁ ରନର୍ସ କପ୍ ପ୍ରଦାନ କରିଥିଲେ ।

ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନ୍ ଗୋଟିଏ ପ୍ରଦର୍ଶନୀ ମ୍ୟାଚର ମଧ୍ୟ ଆୟୋଜନ କରିଥିଲେ । ଇଷ୍ଟ ବେଙ୍ଗଲ ଖେଳାଳି ଏବଂ ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଉକ୍ତ ପ୍ରଦର୍ଶନୀ ମ୍ୟାଚ ହୋଇଥିଲା । ପ୍ରଥମେ ଓଡ଼ିଶା ଖେଳାଳିମାନେ ଗୋଟିଏ ଗୋଲ ଦେଲେ ; ମାତ୍ର ଇଷ୍ଟ ବେଙ୍ଗଲ ଖେଳାଳିମାନେ ସେହି ଗୋଲଟି ଶୁଝାଇ ଦେଇ ଆଉ ଗୋଟିଏ ଗୋଲ ଦେଲେ । ଫଳରେ ଇଷ୍ଟ ବେଙ୍ଗଲ ଖେଳାଳିମାନଙ୍କର ଜୟ ହେଲା । ଦର୍ଶକମାନେ ମଧ୍ୟ ବିଜେତାମାନଙ୍କର ଖେଳକୁ ବିଶେଷ ପସନ୍ଦ କରିଥିଲେ ।

ନିରକ୍ଷରତା-ଦୂରୀକରଣ

ମୟୂରଭଞ୍ଜର ଶିକ୍ଷା-ବିଭାଗ ରାଜ୍ୟର ବୟସ୍କ ଲୋକମାନଙ୍କର ନିରକ୍ଷରତା-ଦୂରୀକରଣ ନିମନ୍ତେ ବିଶେଷ ଯତ୍ନ କରୁଅଛନ୍ତି । ଏଥିନିମନ୍ତେ ୩୨୫ ନୈଶ ବିଦ୍ୟାଳୟ ସ୍ଥାପିତ ହୋଇଅଛି । ଗ୍ରାମ୍ୟ ପ୍ରାଥମିକ ବିଦ୍ୟାଳୟ ଗୃହମାନଙ୍କରେ ବୟସ୍କମାନଙ୍କୁ ଶିକ୍ଷା ଦିଆଯାଉଅଛି । ପ୍ରାଥମିକ ବିଦ୍ୟାଳୟମାନଙ୍କର ଶିକ୍ଷକମାନଙ୍କ ଦ୍ୱାରା ଅଧ୍ୟାପନା-କର୍ମ ସମ୍ପାଦିତ ହେଉଅଛି ; ଏ କାର୍ଯ୍ୟ ନିମନ୍ତେ ଶିକ୍ଷକମାନେ ଅଧିକ ଭତ୍ତା ପାଉଥାନ୍ତି । ଏତଦ୍‌ବ୍ୟତୀତ ଷ୍ଟେଟ ପକ୍ଷରୁ ପ୍ରତ୍ୟେକ ନୈଶ ବିଦ୍ୟାଳୟକୁ ଗୋଟିଏ ଲଣ୍ଠନ, କିରୋସିନ

Digitized by srujanika@gmail.com

ତେଲ ପାଇଁ ମାସିକ ଖର୍ଚ୍ଚ ଏବଂ ବହି, ସ୍ଲେଟ ପ୍ରଭୃତି କିଣିବା ନିମନ୍ତେ ବାର୍ଷିକ ଅର୍ଥ-ସାହାଯ୍ୟ ଦିଆଯାଉଅଛି । ବର୍ତ୍ତମାନ ପ୍ରାୟ ୯୦୦ ଜଣ ବୟସ୍କ ବ୍ୟକ୍ତି ଉକ୍ତ ବିଦ୍ୟାଳୟମାନଙ୍କରେ ଶିକ୍ଷାଲାଭ କରୁଅଛନ୍ତି ଏବଂ ଆସନ୍ତା ବର୍ଷ ବିଦ୍ୟାଳୟ ସଂଖ୍ୟା ବଢ଼ିବାର ଆଶା କରାଯାଏ ।

ଉକ୍ତ ବୟସ୍କ ବ୍ୟକ୍ତିମାନଙ୍କ ପଠନ ନିମନ୍ତେ ଷ୍ଟେଟ ପକ୍ଷରୁ କେତେଗୁଡ଼ିଏ ପୁସ୍ତକ ପ୍ରକାଶିତ ହେବାର ପ୍ରସ୍ତାବ ହୋଇଅଛି । ଉକ୍ତ ପୁସ୍ତକମାଳାର ପ୍ରଥମ ଖଣ୍ଡ ନିକଟରେ ପ୍ରକାଶିତ ହେବ ।

ଜନାନା ହସପିଟାଲର ଦ୍ୱାରୋଦ୍‌ଘାଟନ

ବାରିପଦା ଡାକ୍ତରଖାନାରେ ସ୍ତ୍ରୀଲୋକମାନଙ୍କର ଚିକିତ୍ସା ନିମନ୍ତେ ଗୋଟିଏ ନୂତନ ଜନାନା ହସପିଟାଲ ସ୍ଥାପିତ ହୋଇଅଛି । ଗତ ସେପ୍ଟେମ୍ବର ୬ ତାରିଖ ଗୁରୁବାର ଦିନ ଉକ୍ତ ହସପିଟାଲର ଦ୍ୱାରୋଦ୍‌ଘାଟନ-ଉତ୍ସବ ମୟୂରଭଞ୍ଜର ଜନନୀ ବିଧବା ମହାରାଣୀଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା । ସହରର ପ୍ରାୟ ଦୁଇ ହଜାର ଭଦ୍ର ମହିଳା ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ । ନୂତନ ହସପିଟାଲ ନିମନ୍ତେ ଗୋଟିଏ ସୁବୃହତ୍ ସୁରମ୍ୟ ଅଟ୍ଟାଳିକା ନିର୍ମିତ ହୋଇଅଛି । ଏହା ସିଲଭର ଜୁବିଲି ଜନାନା ହସପିଟାଲ ନାମରେ ଅଭିହିତ । ସ୍ୱର୍ଗତ ସମ୍ରାଟ ପଞ୍ଚମ ଜର୍ଜଙ୍କର ରୌପ୍ୟଜୟନ୍ତୀ-ଉତ୍ସବ ଉପଲକ୍ଷେ ମୟୂରଭଞ୍ଜ ଷ୍ଟେଟରୁ ପ୍ରାୟ ୧୦,୧,୨୦୦ ଟଙ୍କା ଆଦାୟ ହୋଇଥିଲା । ସେଥିମଧ୍ୟରୁ ଆମ୍ଭମାନଙ୍କର ମହାରାଜା ମହୋଦୟ ଏକ ଲକ୍ଷ ଟଙ୍କା ଦାନ କରିଥିଲେ । ଉକ୍ତ ସଂଗୃହୀତ ଅର୍ଥର ଶତକରା ସତୁରି ଅଂଶ ମୟୂରଭଞ୍ଜର କୌଣସି ଲୋକହିତକର କର୍ମରେ ଖର୍ଚ୍ଚ ହେବା ପାଇଁ ଷ୍ଟେଟ୍‌କୁ ଫେରାଇ ଦିଆଗଲା । ସେହି ଫେରନ୍ତ ଧନରେ ନୂତନ ଜନାନା ହସପିଟାଲ ନିର୍ମିତ ହୋଇଅଛି ।

ଏହି ରମଣୀୟ ଦ୍ୱିତଳ ସେବା-ସଦନଟି ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ନିର୍ମିତ । ଏଥିରେ ୫୨ ଜଣ ସ୍ତ୍ରୀରୋଗୀ ରହି ପାରିବାର ବ୍ୟବସ୍ଥା ଅଛି ।



ବାରିପଦା ଜେନାନା ହସ୍‌ପିଟାଲ

ଭାରତୀୟ ଇତିହାସ କଂଗ୍ରେସ

ଗତ ଅକ୍ଟୋବର ୬ ତାରିଖରେ ଏବଂ ପରବର୍ତ୍ତୀ ଦିବସମାନଙ୍କରେ ଏଲାହାବାଦଠାରେ ଭାରତୀୟ ଇତିହାସ କଂଗ୍ରେସର ଅଧିବେଶନ ହୋଇଥିଲା । ମୟୂରଭଞ୍ଜ ଷ୍ଟେଟ୍ ପକ୍ଷରୁ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ ଉକ୍ତ ଅଧିବେଶନରେ ଯୋଗ ଦେଇଥିଲେ । ଅଧିବେଶନର ସଭାପତି ଡକ୍ଟର ଭଣ୍ଡାରକାର ସ୍ୱୀୟ ଅଭିଭାଷଣରେ ଇତିହାସ-ଅନୁଶୀଳନ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରିଥିଲେ । ସଭାପତି ମହୋଦୟ ଏହା ମଧ୍ୟ ଦୃଢ଼ଭାବରେ କହିଥିଲେ ଯେ ଭାରତର ଇତିହାସ ଭାରତୀୟ ପଣ୍ଡିତମାନଙ୍କ ଦ୍ୱାରା ପ୍ରଣୀତ ହେବା ଆବଶ୍ୟକ ଏବଂ ତାହା ସମ୍ପୂର୍ଣ୍ଣ ତଥା ଯଥାର୍ଥରୂପେ ଆମ୍ଭମାନଙ୍କର

Digitized by srujanika@gmail.com

ପୂର୍ବପୁରୁଷମାନଙ୍କର ଗୌରବ ପ୍ରକାଶ କରିବା ଉଚିତ ।

ସୁବିସ୍ତୃତ ଭାରତ-ଇତିହାସ ପ୍ରଣୟନ କରିବାର ଉପାୟ ସ୍ଥିର କରିବା ନିମନ୍ତେ କଂଗ୍ରେସ ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି । କଂଗ୍ରେସ ସମସ୍ତ ପ୍ରାଦେଶିକ ସରକାର ତଥା ଦେଶୀୟ-ରାଜ୍ୟ-ସରକାରମାନଙ୍କୁ ଅନୁରୋଧ କରିଅଛନ୍ତି ଯେ ସେମାନେ ଐତିହାସିକ ଯାଦୁଘରମାନ ସ୍ଥାପନ କରି ଐତିହାସିକ ଗବେଷଣାର ପଥ ସୁଗମ କରନ୍ତୁ ।

ଇତିହାସ କଂଗ୍ରେସ ସମ୍ପର୍କରେ ଗୋଟିଏ ଐତିହାସିକ ପ୍ରଦର୍ଶନୀ ମଧ୍ୟ ଏଲାହାବାଦଠାରେ ହୋଇଥିଲା । ଯୁକ୍ତ ପ୍ରଦେଶର ଶିକ୍ଷାମନ୍ତ୍ରୀ ମାନ୍ୟବର ସମ୍ପୂର୍ଣ୍ଣାନନ୍ଦ ଉକ୍ତ ପ୍ରଦର୍ଶନୀର ଦ୍ୱାରୋଦ୍‌ଘାଟନ କରିଥିଲେ । ପ୍ରଥମେ ପ୍ରଦର୍ଶନୀର ପ୍ରଧାନ ଉଦ୍‌ଯୋକ୍ତା ଶ୍ରୀଯୁକ୍ତ ବ୍ୟାସ ଉକ୍ତ ପ୍ରଦର୍ଶନୀ ସମ୍ପର୍କରେ ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଇଥିଲେ । ଶ୍ରୀଯୁକ୍ତ ବ୍ୟାସ ଲକ୍ଷ୍ନୌ ତଥା ମୟୂରଭଞ୍ଜର ମିଉଜିୟମ୍‌ମାନଙ୍କୁ ପ୍ରଦର୍ଶନୀକୁ ଭଲ ଐତିହାସିକ ଦ୍ରବ୍ୟମାନ ପଠାଇଥିବାରୁ ବିଶେଷ ଧନ୍ୟବାଦ ଦେଇଥିଲେ । ଶ୍ରୀଯୁକ୍ତ ବ୍ୟାସ ପ୍ରଦର୍ଶନୀର ମୂଲ୍ୟବାନ ଦ୍ରବ୍ୟକୁ ବିଶେଷ ଭାବରେ ଉଲ୍ଲେଖ କରିଥିଲେ । ମୟୂରଭଞ୍ଜ ଷ୍ଟେଟରୁ ପ୍ରେରିତ ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ପ୍ରାଚୀନ ତାଳପତ୍ର ପୋଥି ତନ୍ମଧ୍ୟରୁ ଏକତମ । ମାନ୍ୟବର ସମ୍ପୂର୍ଣ୍ଣାନନ୍ଦ ତାଙ୍କର ବକ୍ତୃତାରେ କହିଥିଲେ ଯେ ଇତିହାସ-ଗବେଷଣା ଜାତୀୟ ଦୃଷ୍ଟିରୁ ହେବା ଆବଶ୍ୟକ । ଐତିହାସିକ ପ୍ରଦର୍ଶନୀମାନ ଇତିହାସ-ଗବେଷଣା ଦିଗରେ ଯଥେଷ୍ଟ ସାହାଯ୍ୟ କରିପାରିବେ ବୋଲି ସେ ମତ ବ୍ୟକ୍ତ କରିଥିଲେ ।

ଅମଲା ସହଯୋଗ ଋଣ-ସମିତି

ମୟୂରଭଞ୍ଜ ଷ୍ଟେଟ୍ ଅମଲା ସହଯୋଗ ଋଣ-ସମିତିର ବାର୍ଷିକ ଉତ୍ସବ ଗତ ସେପ୍ଟେମ୍ବର ୧୧ ତାରିଖ ଦିନ ସ୍ଥାନୀୟ ହାଇସ୍କୁଲ ହଲରେ ଅନୁଷ୍ଠିତ ହୋଇଥିଲା । ସହଯୋଗ ବିଭାଗର ରେଜିଷ୍ଟ୍ରାର ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ ସଭାପତି ହୋଇଥିଲେ । ସମ୍ପାଦକଙ୍କ ଦ୍ୱାରା ପଠିତ ବାର୍ଷିକ ରିପୋର୍ଟରୁ ଜଣାଗଲା ଯେ ସମିତିର ସଭ୍ୟ ସଂଖ୍ୟା, ଚଳନ୍ତି ପାଣ୍ଠି ଓ ସଞ୍ଚିତ ଧନର ବୃଦ୍ଧି ହୋଇଅଛି; ଗତ ବର୍ଷ ଅଂଶ ଉପରେ ଶତକରା ପାଞ୍ଚ ଟଙ୍କା ଲାଭ ଦିଆ ଯାଇଅଛି । ଚଳିତ ବର୍ଷ ନିମନ୍ତେ ଶ୍ରୀଯୁକ୍ତ ଦୈତ୍ୟାରି କାରକ ସମିତିର ସଭାପତି ଏବଂ ଶ୍ରୀଯୁକ୍ତ କ୍ଷେତ୍ରବାସୀ ସ୍ୱାଇଁ ସମ୍ପାଦକ ନିଯୁକ୍ତ ହେଲେ । ସମିତିର ଉପବିଧିର ମଧ୍ୟ କେତେକ ପରିବର୍ତ୍ତନ ସଭାରେ ମଞ୍ଜୁର ହେଲା ।

ଶ୍ରୀଯୁକ୍ତ ଇନ୍ଦୁଭୂଷଣ ଘୋଷଙ୍କର ବିଦାୟ

ବାରିପଦା ହାଇସ୍କୁଲର ଆସିଷ୍ଟାଣ୍ଟ ହେଡମାଷ୍ଟର ଶ୍ରୀଯୁକ୍ତ ଇନ୍ଦୁଭୂଷଣ ଘୋଷ ଦୀର୍ଘ ପଚିଶ ବର୍ଷ ଶିକ୍ଷକତା କର୍ମ କରି ଗତ ଜୁଲାଇ ମାସରେ ଅବସର ଗ୍ରହଣ କରିଅଛନ୍ତି । ତାଙ୍କ ବିଦାୟୋପଲକ୍ଷେ ସ୍କୁଲର ଶିକ୍ଷକ ଏବଂ ଛାତ୍ରମାନଙ୍କର ଗୋଟିଏ ସଭା ହୋଇଥିଲା । ଶିକ୍ଷକ ତଥା ଛାତ୍ରମାନେ ଇନ୍ଦୁ ବାବୁଙ୍କର ବହୁ ସଦ୍‌ଗୁଣ ବର୍ଣ୍ଣନା କରି ତାଙ୍କ ବିଦାୟରେ ଦୁଃଖ ପ୍ରକାଶ କରିଥିଲେ ଏବଂ ସେ ସୁଖ-ଶାନ୍ତିରେ ବହୁ ବର୍ଷ ପେନ୍‌ସନ୍ ଭୋଗ କରନ୍ତୁ, ଭଗବାନଙ୍କ ନିକଟରେ ଏହି ପ୍ରାର୍ଥନା କରିଥିଲେ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

ଉତ୍କଳ ପ୍ରଭା

ବାରିପଦା, ପୌଷ ୧୩୪୭



ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ

Digitized by srujanika@gmail.com

PHONE 2492 CAL.

GRAM "LAVATORY"

SANITATION

PLUMBING
DRAINAGE
& WATER-WORKS.

CONSULT.

S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

Yearly Subscription	Rs. 3
Single Copy	As. 12

Postage Extra.

Manager—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

PRINTING & STATIONERY GOODS

Please ask for Price List.

Bhanja Pradeepa

It is an illustrated Oriya quarterly quite independent of the English Edition of the Mayurbhanj Chrcnicle.

SUBSCRIPTION

Annual -	*Rs. 0-12-0*	*(post free)*
	1 4-0	*(with postage)*
Price per copy ,,	*0-3-0*	*(post free)*
	0-5-0	*(with postage)*

Manager—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com

M·B·SIRKAR & SONS

Son and grandsons of Late **B. SIRKAR.**

MANUFACTURING JEWELLERS

DEALERS IN GUINEA (22 CT.) GOLD ONLY.

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.



PHONE:-B.B.1761. TEL:-BRILLIANTS.

ସାଧନା ଔଷଧାଳୟ—ଢାକା (ବଙ୍ଗ)

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ **ଅଧ୍ୟାପକ** ।

ଶାଖା **ଅଫିସମାନ:**—(ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ) । (୨) ୨୧୩, ବହୁବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲା, ଚଟ୍ଟଗ୍ରାମ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୬୨/୪ ଷ୍ଟ୍ରାଣ୍ଡରୋଡ଼, ବଡ଼ବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

ମକରଧ୍ୱଜ (ସ୍ୱର୍ଣ୍ଣସିନ୍ଦୂର) ଏକ ତୋଳାକୁ—ଟ୪ଙ୍କା

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରିରିକ ପୁଷ୍ଟିସାଧକ ।

ସାରିବାଦି ସାଲସା ଏକ ସେରକୁ—ଟ ୨୲ ଅଣା

ଏହା ଚର୍ମରୋଗନାଶକ, ରସାୟନିକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।

Digitized by srujanika@gmail.com

ଭଞ୍ଜ ପ୍ରଦୀପ

ଅଷ୍ଟମ ଭାଗ **୨ୟ ସଂଖ୍ୟା**

ସୂଚୀ-ପତ୍ର

			ପୃଷ୍ଠା
୧ ।	ନାରୀ-ସମସ୍ୟା	ଶ୍ରୀ ଶଶିଭୂଷଣ ରାୟ	୧
୨ ।	ମେଘାସନ	ଶ୍ରୀ ନବକିଶୋର ଦାସ, ବି. ଏ.	୭
୩ ।	ପଞ୍ଚଶର (କବିତା)	ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ, ଏମ୍. ଏ., ବି. ଇଡ୍.	୧୩
୪ ।	ଯାହା ଆଖିରେ ପଡ଼େନା	ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ, ବି. ଏସ୍ ସି., ଆଇ. ଏସ୍. ଆର୍. ଏସ୍.	୧୩
୫ ।	ମାତୃ ଓ ଶିଶୁମଙ୍ଗଳ	ଶ୍ରୀ ଯୋଗେନ୍ଦ୍ରଚନ୍ଦ୍ର ପାଲ, ଏଲ୍. ଏମ୍. ପି.	୧୫
୬	ଓଡ଼ିଆ ପାଠ୍ୟ ପୁସ୍ତକ ସମସ୍ୟା	ଶ୍ରୀ ପଦ୍ମଚରଣ ପଟ୍ଟନାୟକ, ବି. ଏଲ୍.	୨୦
୭ ।	'ସରସ୍ୱତୀ ବିଳାସ' ଓ ତଦୀୟ ପ୍ରଣେତା ଗଜପତି ପ୍ରତାପରୁଦ୍ର ଦେବ (୧୪୯୭-୧୫୪୧ ଖ୍ରୀ:)	ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ବି. ଏସ୍‌ସି., ଏମ୍. ଆର୍. ଏ. ଏସ୍., ଏଫ୍. ଆର୍. ଏ. ଆଇ.	୨୨
୮ ।	ବାତାୟନ (କବିତା)	ଶ୍ରୀ କ୍ଷିତୀଶଚନ୍ଦ୍ର ଦେ, ଏମ୍. ଏ., ଡି. ଇଡ୍.	୨୪
୯ ।	ଦେଶୀୟ-ରାଜ୍ୟ-ସମାଚାର		୨୫
୧୦ ।	ଖିଲଙ୍ଗ (ପଦ୍ୟ)	ଶ୍ରୀ ଗିରୀଶ ଚନ୍ଦ୍ର ପାଣିଗ୍ରାହୀ	୨୮
୧୧ ।	ସମ୍ବାଦ ଓ ସଙ୍କେତ		୨୯

ଚିତ୍ର-ସୂଚୀ

୧ ।	ବାରିପଦା ରାଜଭବନସ୍ଥ ଦରବାର ହଲର ବାହାର ଦୃଶ୍ୟ	ପ୍ରଚ୍ଛଦପଟ
୨ ।	ମୟୂରଭଞ୍ଜର ପୋଲିସ ଫୌଜ	୨୯
୩ ।	ବାରିପଦା ରାଜଭବନସ୍ଥ ଦରବାର ହଲର ବାହାର ଦୃଶ୍ୟ	୩୦
୪ ।	ଆୟୁର୍ବେଦ ଔଷଧାଳୟ	୩୧

Digitized by srujanika@gmail.com

ସହକାର

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ   ସହକାରୀ ସମ୍ପାଦକ—ଶ୍ରୀ ହରିହର ମହାପାତ୍ର

ମକର ସଂଖ୍ୟା

ଅଷ୍ଟମ ଭାଗ | ପୌଷ, ସନ ୧୩୪୭ ସାଲ | ୨ୟ ସଂଖ୍ୟା

ନାରୀ-ସମସ୍ୟା

ଶ୍ରୀ ଶଶିଭୂଷଣ ଗୁପ୍ତ

ହଠାତ୍ ଯେବେ ଏହି ଦେଶରେ କୌଣସି ବୁଦ୍ଧିମାନ ବ୍ୟକ୍ତିଙ୍କୁ ପଚରାଯାଏ ଯେ ଜଗତରେ କେଉଁ କେଉଁ ପ୍ରକାର ଜ୍ଞାନ-ଲାଭର, କେଉଁ କେଉଁ ନିର୍ମଳ-ଆନନ୍ଦ ଉପଭୋଗର, କେଉଁ କେଉଁ ରାଜପଥ, ଜଳଯାନ ଓ ଦେଶ ଭ୍ରମଣର ଏବଂ ନିଜ ଜୀବନର କେଉଁ କେଉଁ କାର୍ଯ୍ୟରେ ସ୍ୱମତ ପ୍ରତିଷ୍ଠାର ଅଧିକାର ମନୁଷ୍ୟର ରହିବା ଉଚିତ, ତାହାହେଲେ ସେ ସମ୍ଭବତଃ କହିବେ ଜଗତର ସମସ୍ତ ପ୍ରକାର ଜ୍ଞାନଲାଭର, ସକଳ ନିର୍ମଳ-ଆନନ୍ଦ-ଉପଭୋଗର ସର୍ବ-ଦେଶ-ଭ୍ରମଣର ଏବଂ ପ୍ରାପ୍ତବୟସ୍କ ହେଲେ ନିଜ ଜୀବନର ସମସ୍ତ କାର୍ଯ୍ୟରେ ସ୍ୱମତ-ପ୍ରତିଷ୍ଠାର ଅଧିକାର ମନୁଷ୍ୟର ଥିବାହିଁ ଉଚିତ । ସେହି ବୁଦ୍ଧିମାନ ବ୍ୟକ୍ତିଙ୍କୁ ଯେବେ "ମନୁଷ୍ୟ" ଶବ୍ଦର ସଂଜ୍ଞା ପଚରାଯାଏ, ତାହାହେଲେ ଆମ୍ଭେମାନେ ତାହାର ଉତ୍ତରରେ ଯାହା ଶୁଣିବୁଁ ସେଥିରେ ନାରୀକୁ ମନୁଷ୍ୟ-ପର୍ଯ୍ୟାୟ-ଭୁକ୍ତ ନ କରିବାର କୌଣସି କାରଣ ନାହିଁ । କିନ୍ତୁ ଦୁର୍ଭାଗ୍ୟର କଥା ନ୍ୟାୟଶାସ୍ତ୍ରରେ ଏହି ପ୍ରକାର ଲୋକମାନଙ୍କର ଜ୍ଞାନ ଯଥେଷ୍ଟ ଥିଲେହେଁ ନାରୀର ଶିକ୍ଷା, ନାରୀର ସ୍ୱାଧୀନତା, ନାରୀର ବିବାହ ଓ ବୈଧବ୍ୟର କଥା ପଡ଼ିଗଲେ ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ବୁଦ୍ଧିଭ୍ରଂଶ ହୋଇଯାଏ । ସୁତରାଂ 'ନର-ସମସ୍ୟା' ବୋଲି କୌଣସି କଥାର ସୃଷ୍ଟି ନ ହେଲେହେଁ, 'ନାରୀ-ସମସ୍ୟା'ର କଥା ସବୁ ସ୍ଥାନରେ ଶୁଣିଥାଉଁ ।

ଉକ୍ତାଙ୍ଗ ଯୌଣିସ୍ୱାର ଯେ ପ୍ରୟୋଜନ ରହିଅଛି, ସ୍ୱାଧୀନତା ଯେ ସକଳ ମାନବର ଅର୍ଥାତ୍ ନାରୀ ଓ ନରଙ୍କର ସମ୍ପତ୍ତି ଏବଂ ବାଲ୍ୟବିବାହର ବିଶେଷତଃ ବାଲ୍ୟମାତୃତ୍ୱର ଫଳରୁ ଯେ ନାରୀର ଦେହ, ମନ ଏବଂ ଭବିଷ୍ୟତ୍ ବଂଶର ବହୁ କ୍ଷତି ହୁଏ, ଏ ସମସ୍ତ କଥା ଏ ଦେଶରେ ଆଉ ନୂତନ ନୁହେଁ । ଯାହାଙ୍କ ମସ୍ତିଷ୍କରେ କିଛି ମାତ୍ର ପଦାର୍ଥ ଅଛି, ହୃଦୟରେ ସ୍ନେହ, ପ୍ରେମ ରହିଅଛି ଏବଂ ନିଜ ହିତ ଓ ପର ହିତ ଆଡ଼କୁ ଦୃଷ୍ଟି ରହିଅଛି, ସେ ଏ ସମସ୍ତ କଥାର ସତ୍ୟତା ମନେ ମନେ ସ୍ୱୀକାର କରନ୍ତି । କିନ୍ତୁ ମନେ ମନେ ଯେଉଁମାନେ ସ୍ୱୀକାର କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ କେହି ଦେଶାଗ୍ରର ଭୟରେ, କେହି ଅବା ଶାରୀରିକ ଓ ମାନସିକ ଜଡ଼ତା ଓ ଆଲସ୍ୟବଶତଃ, କେହି ଅବା ଅନ୍ଧ ଗତାନୁଗତିକ ହେବା ଫଳରୁ, କେହି ସ୍ୱାର୍ଥ ହେତୁରୁ, କେହି ଅବା ସନାତନପନ୍ଥୀ ବୋଲି ପ୍ରଶଂସିତ ହେବା ଲୋଭରୁ, କେହି ଅବା ଦେଶର ଜନମତପ୍ରକୃତି

Digitized by srujanika@gmail.com

ଦେଶଭକ୍ତର ଆତ୍ମଣସ୍ୟରେ ଶିରୋଧାର୍ଯ୍ୟ କରିବାର ଉତ୍ସାହରୁ, ମୂର୍ଖି ଏବଂ ଜ୍ଞାନୀରେ ଉନ୍ନତ ମାର୍ଗରେ ଅଗ୍ରସର ହୋଇ ପାରନ୍ତି ନାହିଁ । ପରନ୍ତୁ ବହୁ ଅର୍ଦ୍ଧ-ଶିକ୍ଷିତ ଓ ଅଳ୍ପ-ଶିକ୍ଷିତ ନରନାରୀ ସ୍ୱକୀୟ ଅଜ୍ଞାନକୁ ଜ୍ଞାନ ବୋଲି ମନରେ ଭଲ କାଗଜ କଲମରେ ସ୍ୱତନ୍ତ୍ରହୀନ ଏଣୁ ତେଣୁ ଲେଖି ନାରୀ-ସମସ୍ୟାର ସମାଧାନରେ ବ୍ରତୀ ରହିଅଛନ୍ତି ।

ବଙ୍ଗଦେଶ ଏ ବିଷୟରେ ଅଗ୍ରଣୀ । ବଙ୍ଗଦେଶର ମାସିକପତ୍ର ସମୂହରେ ପ୍ରତି ମାସରେ ଏହିରୂପ ଭ୍ରମ-ପ୍ରମାଦପୂର୍ଣ୍ଣ ପ୍ରବନ୍ଧ ସମୂହ ଦୃଷ୍ଟ ହୁଏ ଏବଂ ତାହାର ଅନୁକରଣରେ ଉତ୍କଳ ପଶ୍ଚାତ୍ପଦ ନୁହେ । ସେହି ସମସ୍ତ ଲେଖକ ଲେଖିକାମାନଙ୍କର ରଚନା ଦେଖିଲେ ବୋଧହୁଏ ବଙ୍ଗଦେଶରେ ପ୍ରାୟ ୭।୮ ଲକ୍ଷ ସ୍ତ୍ରୀ ରୋଷାଇଶାଳର ହାଣ୍ଡି ଛାଡ଼ିଦେଇ ଟୋପି ପଗଡ଼ି ପିନ୍ଧି ଓକିଲ, ବାରିଷ୍ଟର, ଜଜ୍, ମାଜିଷ୍ଟ୍ରେଟ୍ ହୋଇ ବସିଅଛନ୍ତି, ପ୍ରାୟ ୨୦।୩୦ ହଜାର ଅନ୍ତଃପୁରିକା ବୁଟ୍ ଜୋତା ପିନ୍ଧି ରାଜପଥରେ ଦଉଡ଼ିବାକୁ ଟହଲୁ ଅଛନ୍ତି, ଦେଶ-ବ୍ୟାପୀ ସ୍କୁଲ ଓ କଲେଜରେ ସ୍ତ୍ରୀମାନେ ଅସଂଖ୍ୟ ଓ ଅପର୍ଯ୍ୟାପ୍ତ, ସୁତରାଂ ଅଧିକାଂଶ ଗୃହରେ ମାତୃସ୍ନେହ ବଞ୍ଚିତ ଶିଶୁମାନେ ଦଉଡ଼ିବାକୁ ମୁଖବ୍ୟାଦାନପୂର୍ବକ କ୍ରନ୍ଦନ-ନିରତ । ଏହି ହେତୁରୁ ସହୃଦୟହୃଦୟ ଲେଖକଲେଖିକାମାନେ ଦେଶର ଏହି ଘୋର ଦୁର୍ଗତି ଦୂର କରିବା ସକାଶେ କଲମ ଦେଇ ସବ୍ୟସାଚୀ ରୂପେ ସମରରେ ଅବତୀର୍ଣ୍ଣ । ସ୍ତ୍ରୀଶିକ୍ଷା, ସ୍ତ୍ରୀ-ସ୍ୱାଧୀନତା ଯୌବନ-ବିବାହ, ବିଧବା-ବିବାହ ପ୍ରଭୃତି କେତୋଟି ସମସ୍ୟା ନେଇ ଏହି ସମସ୍ତ ଲେଖକ ଲେଖିକାଙ୍କର ଆହାର ନିଦ୍ରା ନାହିଁ । ସବୁ ଗୁଡ଼ିକର ସପକ୍ଷ-ଯୁକ୍ତି-ପ୍ରଦର୍ଶନ ଏବଂ ବିପକ୍ଷ-ଯୁକ୍ତି-ଖଣ୍ଡନ ଏକାଧାରରେ ଅସମ୍ଭବ ।

ସଭ୍ୟ ଜଗତରେ ମନୁଷ୍ୟ ଜନ୍ମାବଧି ନାନା ଶିକ୍ଷା ମଧ୍ୟରେ ବଢ଼ିଥାଏ । ଏକାବେଳକେ ଶିକ୍ଷାବିହୀନ ହୋଇ ଆଧୁନିକ ଜଗତରେ କୌଣସି ମନୁଷ୍ୟର ଜୀବନଯାତ୍ରା ନିର୍ବାହିତ ହୋଇ ନ ପାରେ । ଶିକ୍ଷା ସୁ ଅଥବା କୁ ହେଉ, ଅଳ୍ପ କିମ୍ବା ଅଧିକ ହେଉ, ମନୁଷ୍ୟ ଜୀବନର ଗୋଟିଏ ଅଙ୍ଗ ରୂପେ ପରିଗଣିତ । ସୁତରାଂ ସ୍ତ୍ରୀମାନେ ଯେତେବେଳେ ମନୁଷ୍ୟ, ସେତେବେଳେ ସଂସାରରେ ବିଚରଣ କରିବା ସକାଶେ ସେମାନଙ୍କର ମଧ୍ୟ କିଛି ଶିକ୍ଷାର ପ୍ରୟୋଜନ, ଏହା ଅତି ବଡ଼ ସନାତନପନ୍ଥୀ ମଧ୍ୟ ସ୍ୱୀକାର କରିବେ । ବର୍ତ୍ତମାନ କେବଳ ଶିକ୍ଷାର ମାତ୍ରା ଓ ପ୍ରକାର ନେଇ ତର୍କ ହେଉଅଛି । ଏକର ମତରେ ଯାହା ଅଳ୍ପ ଶିକ୍ଷା, ଅନ୍ୟ ମତରେ ତାହାହିଁ ଅତିରିକ୍ତ ; ଜଣକ ନିକଟରେ ଯାହା ସୁ, ଅନ୍ୟ ନିକଟରେ ତାହା କୁ ।

ଶିଶୁକୁ ହାତ ଧରି ଚଳାଇବାକୁ ଶିଖାଇବା, ଅବୃତ୍ତି କରି କଥା କୁହାଇବାକୁ ଶିଖାଇବା, ଗୁରୁଜନମାନଙ୍କଠାରୁ ଦେଖି ଆଗୃର ବ୍ୟବହାର, ଭଲ ମନ୍ଦର ବିଗୃର ଶିଖାଇବା ପ୍ରଭୃତି ସବୁହିଁ ଶିକ୍ଷା । ଯେ କୌଣସି ଉପାୟ ଅବଲମ୍ବନ କରି ମନୁଷ୍ୟର ମନୋଲୋକର ସୁପ୍ତ ପ୍ରବୃତ୍ତି ଗୁଡ଼ିକୁ ଜାଗ୍ରତ କରି ଅସ୍ଫୁଟ ଗୁଣସମୂହ ବିକଶିତ କରି, ନବ ନବ ଚିନ୍ତାର ଧାରା ମନରେ ଆଣି, ଅନ୍ତର୍ଦୃଷ୍ଟି, ଦୂରଦୃଷ୍ଟି ଓ ଜ୍ଞାନସମ୍ଭାର ବୃଦ୍ଧି କରି ବୋଧ ଓ ବିଗୃର ଶକ୍ତି ଶାଣିତ ଓ ମାର୍ଜିତ କରି, ସୁରୁଚି ଗଠନ କରି, ଏବଂ ବ୍ୟବହାରିକ ଜୀବନରେ ମନୁଷ୍ୟକୁ ସଂଯତ, ଶୋଭନ ଏବଂ ଆତ୍ମନିର୍ଭରଶୀଳ ହେବାକୁ କ୍ଷମ କରିବାର ଯତ୍ନର ନାମହିଁ ଶିକ୍ଷା । କିନ୍ତୁ ଏ ଜଗତରେ ଶିକ୍ଷାର ବିଷୟ ଏତେ ଅସଂଖ୍ୟ ଓ ବିରାଟ ଯେ ପ୍ରତ୍ୟେକ ମନୁଷ୍ୟକୁ ମୁହଁରେ ମୂଳତଃ ସମସ୍ତ ଶିକ୍ଷା ଦେବାକୁ ହେଲେ ଛଅପ୍ରତି ୫।୧୦ ହଜାର ଗୁରୁର ପ୍ରୟୋଜନ ହୋଇଥାଏ । ଏହା ବ୍ୟତୀତ ଦେଶ-ବିଦେଶରୁ ସେହି ସମସ୍ତ ଗୁରୁ ସଂଗ୍ରହ କରିବାକୁ ମନୁଷ୍ୟ ପ୍ରାଣାନ୍ତ ଓ ସର୍ବସ୍ୱାନ୍ତ ହୋଇଯାଏ । ଯେଉଁ ସମସ୍ତ ଗୁରୁ ପାର୍ଥିବ ଜଗତରୁ ଚିର ବିଦାୟ ଗ୍ରହଣ କରିଅଛନ୍ତି, ସେମାନଙ୍କର ଶିକ୍ଷାର ସ୍ୱାଦରୁ ମନୁଷ୍ୟକୁ ଆଜୀବନ ବଞ୍ଚିତ ରହିବାକୁ ହୋଇଥାଏ । ଅତୀତର ଜ୍ଞାନ-ସମ୍ଭାରକୁ ସଭ୍ୟ ମନୁଷ୍ୟ ଯୁଗଯୁଗାନ୍ତରରୁ ବ୍ୟବହାର କରି ଆସୁଅଛି ଏବଂ ବର୍ତ୍ତମାନର ମନୁଷ୍ୟ ଭବିଷ୍ୟତ ସକାଶେ ତାହାକୁ ଅଧିକ ସମୃଦ୍ଧ କରି ବଂଶଧରମାନଙ୍କୁ ଦାନ କରିଯାଉଅଛି । ମନୁଷ୍ୟ ଯେବେ ଗୁରୁରୂପେ ଅତୀତକୁ ଦିନକ ସକାଶେ ସୁଦ୍ଧା ଅସ୍ୱୀକାର କରନ୍ତା, ତେବେ ଜଗତ୍‌ବ୍ୟାପୀ ଏହି ସଭ୍ୟତା ଏକ ନିମିଷରେ ଧୂଳିସାତ୍ ହୁଅନ୍ତା । ଏହି ସଭ୍ୟତାର ଧାରା ଅକ୍ଷୁଣ୍ଣ ରଖିବା ସକାଶେ ଓ ଶିକ୍ଷାକୁ ସହଜ କରିବାପାଇଁ ଅକ୍ଷର-ପରିଚୟ ଏବଂ ପୁସ୍ତକ ପଠନ ଓ ଲିଖନ ଏବଂ କ୍ରମଶଃ ନାନା ନୂତନ ବୈଜ୍ଞାନିକ ଉପାୟକୁ ବର୍ତ୍ତମାନ ଜଗତ ଶିକ୍ଷାର ବାହନରୂପେ ବ୍ୟବହାର କରୁଅଛି । ସୁତରାଂ ବର୍ତ୍ତମାନ କାଳରେ ଯେବେ ପୁସ୍ତକ-ପାଠ ଓ ଶିକ୍ଷା ଶବ୍ଦ ଯୋଡ଼ିଏ ଏକହିଁ ଅର୍ଥରେ ବ୍ୟବହୃତ ହୁଏ, ତେବେ ମଧ୍ୟ ପ୍ରଚ୍ଛନ୍ନରୂପେ ଏହି କଥାଟିକ ମନୁଷ୍ୟର ମନରେ ସର୍ବଦା ରହିଥାଏ ଯେ ଲିଖନ ଓ ପଠନ ବ୍ୟାପାରଟିକ ପ୍ରକୃତ ଶିକ୍ଷାର ସୋପାନ ମାତ୍ର । ମନୁଷ୍ୟ ମନୁଷ୍ୟ ନିକଟରୁହିଁ ଶିକ୍ଷା ପାଇଥାଏ; ଅକ୍ଷର ଓ ପୁସ୍ତକ କେବଳ ଏକ ନିକଟରୁ ଆଉ ଏକଜଣ ନିକଟରେ ତାହା ପହଞ୍ଚାଇ ଦିଏ ମାତ୍ର । ଅବଶ୍ୟ ପ୍ରକୃତି ନିକଟରୁ ମନୁଷ୍ୟ ନାନା ରୂପେ ଶିକ୍ଷା ପାଇଥାଏ ।

ଆମ୍ଭମାନଙ୍କ ଦେଶରେ ଏକ ଦଳ ମନୁଷ୍ୟ ଅଛନ୍ତି, ଆତ୍ମୀୟ ସ୍ୱଜନଙ୍କ ନିକଟରୁ କିମ୍ବା ନାଟମେଳ ଓ ଯାତ୍ରା ପ୍ରଭୃତିରୁ ମୌଖିକ ଶିକ୍ଷାରେ ଯେଉଁମାନଙ୍କର ଆପତ୍ତି ନାହିଁ, କିନ୍ତୁ ଅକ୍ଷର ପରିଚୟରେ ବିଷମ ଆପତ୍ତି । ଏ ଦୁଇଟି ମଧ୍ୟରେ ବାସ୍ତବିକ ଐକାନ୍ତିକ ଆକାଶ-ପାତାଳ ପ୍ରଭେଦ କଅଣ, ତାହା ସେମାନେ ସ୍ୱୟଂ ବୁଝନ୍ତି ନାହିଁ, ଅପରକୁ ମଧ୍ୟ ବୁଝାଇବାକୁ ଅସମର୍ଥ । କର୍ଣ୍ଣେନ୍ଦ୍ରିୟ ସାହାଯ୍ୟରେ ଯେଉଁ ଶିକ୍ଷା ହୁଏ ତହିଁରେ ଦୋଷ ନାହିଁ, କିନ୍ତୁ ଦର୍ଶନେନ୍ଦ୍ରିୟ ବେଳକୁ ସମସ୍ତ ଗଣ୍ଡଗୋଳ । ପୁସ୍ତକ-ପ୍ରଗୃର ପରିବର୍ତ୍ତିରେ ଭବିଷ୍ୟତରେ ଯେବେ ଘରେ ଘରେ ଗ୍ରାମୋଫୋନର ରେକର୍ଡ଼ ବଣ୍ଟାହୁଏ, କିମ୍ବା ରେଡ଼ିଓ ସାହାଯ୍ୟରେ ଲୋକଙ୍କୁ ଘରେ ବସିବା ବେଳେ ବକ୍ତୃତା, ଉପଦେଶ ଏବଂ ଗୀତ ଶୁଣାଇବାର ବ୍ୟବସ୍ଥା ହୁଏ ତାହାହେଲେ ସେହି ଲୋକମାନେ କଅଣ ଏଭଳି ବନ୍ଦୋବସ୍ତ

Digitized by srujanika@gmail.com

ଅନୁମୋଦନ କରିବେ ? ବାୟୋସ୍କୋପ କିମ୍ବା ଟକି ଯନ୍ତ୍ରର ସାହାଯ୍ୟରେ ଶିକ୍ଷା ଓ ଚକ୍ଷୁର ସାହାଯ୍ୟରେ ଶିକ୍ଷା ; ଅନେକ ନିରକ୍ଷର ମହିଳା ଟକି ଓ ବାୟୋସ୍କୋପ ଦେଖି ଥାଆନ୍ତି ।

ଭାରତବର୍ଷର ନାରୀର ପ୍ରକୃତ-ଅବସ୍ଥା-ବର୍ଣ୍ଣନାରେ ଗୌରବ କିମ୍ବା ଆନନ୍ଦ ନାହିଁ । ମିଥ୍ୟା କଳ୍ପନାର ଆବରଣରେ ତାହା ଘୋଡ଼ାଇ ରଖିବାର ଚେଷ୍ଟା ଅଧିକତର ଲଜ୍ଜା ଓ ଦୁଃଖର ବିଷୟ ।

କୌଣସି କୌଣସି ପ୍ରକୃତ-ଶିକ୍ଷିତା ଭଦ୍ରନାରୀ ସ୍ୱୀକାର କରିଅଛନ୍ତି ଯେ ରମଣୀମାନଙ୍କର କାର୍ଯ୍ୟ ସନ୍ତାନସନ୍ତତିମାନଙ୍କୁ ସଠିକ ଭାବରେ ଗଠନ କରି ଜୀବନ-ଯୁଦ୍ଧର ଉପଯୋଗୀ କରିବା, ବୃଦ୍ଧ ବୃଦ୍ଧାମାନଙ୍କର ଏବଂ ପୀଡ଼ିତ ଆତ୍ମୀୟଙ୍କର ପରିଚର୍ଯ୍ୟା କରିବା, ସ୍ୱାମୀର ଚିତ୍ତ-ବିନୋଦନ କରିବା, ଗୃହସ୍ଥାଳୀର କାର୍ଯ୍ୟ ଦେଖିବା, ଏହା ସହିତ ଦେଶୀୟ ଶିଳ୍ପର ପ୍ରସାର ଏବଂ ଅବସର କ୍ରମରେ କାବ୍ୟ ସାହିତ୍ୟ ପ୍ରଭୃତିର ଚର୍ଚ୍ଚା ଓ ଆଲୋଚନା । ସ୍ତ୍ରୀମାନଙ୍କର କର୍ତ୍ତବ୍ୟ ସ୍ୱରୂପ ଯେବେ ଏଗୁଡ଼ିକ ନିର୍ଦ୍ଦିଷ୍ଟ ହୁଏ ଏବଂ ଏଗୁଡ଼ିକରେ ସେମାନଙ୍କର ସମସ୍ତ ଆନନ୍ଦ ନିହିତ ରହିଥାଏ, ତାହାହେଲେ ଏତିକି ବୁଝିବାକୁ ହେବ ଯେ ଏକ କଥାରେ ଗୃହହିଁ ସେମାନଙ୍କର ସମସ୍ତଙ୍କ ଜୀବନର ଏକମାତ୍ର କେନ୍ଦ୍ର ।

ରମଣୀର ପ୍ରଥମ କର୍ତ୍ତବ୍ୟ ସନ୍ତାନମାନଙ୍କୁ ଜୀବନ-ଯୁଦ୍ଧର ଉପଯୋଗୀ କରି ଗଠନ କରିବା । ଏହି ସନ୍ତାନ ଯେତେବେଳେ ମାତୃଗର୍ଭରେ ଥାଏ, ସେତେବେଳଠାରୁ ତାହାର ଯତ୍ନର ଆବଶ୍ୟକ । ମାତା କଅଣ ଖାଇଲେ, କିପରି ଅବସ୍ଥାରେ ରହିଲେ, କେତେ ପରିଶ୍ରମ କଲେ, ମାନସିକ କେଉଁ କେଉଁ ଉତ୍ତେଜନାରେ ପଡ଼ିଗଲେ, କେଉଁ ପରିମାଣରେ ବିଶୁଦ୍ଧ କିମ୍ବା ବଦ୍ଧ ବାୟୁରେ ଶ୍ୱାସ ପ୍ରଶ୍ୱାସ ଗ୍ରହଣ କଲେ, କେଉଁ ବୟସର ହେଲେ ଏବଂ କି ପ୍ରକାର ଚିନ୍ତା ପ୍ରଭୃତି କଲେ ଗର୍ଭସ୍ଥ ସନ୍ତାନର କେଉଁ କେଉଁ ହିତ ଅହିତ ହେବ, ପ୍ରତ୍ୟେକ ଭାବୀ ମାତାଙ୍କର ତାହା ଜାଣିବା ଉଚିତ । କିନ୍ତୁ ସାଆନ୍ତ ମା ଓ ଆଈ ପ୍ରଭୃତି ବର୍ଷୀୟସୀ ମହିଳାମାନଙ୍କ ଦ୍ୱାରା ଶିକ୍ଷିତା କେତେ ଜଣ ରମଣୀ ତାହା ଜାଣନ୍ତି ?

ସନ୍ତାନ ଭୂମିଷ୍ଠ ହେବା ପୂର୍ବରୁ କେଉଁଠାରେ ସୂତିକା-ଗୃହ ହେବ, କେଉଁ କେଉଁ ଶୋଧକ ଦ୍ରବ୍ୟ ଲାଗିବ, କେଉଁ ଯନ୍ତ୍ରର ଅବଶ୍ୟ ପ୍ରୟୋଜନ, ଲୋକ ନ ପାଇଲେ କି ଉପାୟ ଅବଲମ୍ବନ କରିବାକୁ ହେବ, ଭୂମିଷ୍ଠ ହେବା ପରଠାରୁ କେଉଁ ପ୍ରକାରରେ ତାହାକୁ ପରିଚ୍ଛନ୍ନ ରଖିବାକୁ ହେବ, ତାହାକୁ କେଉଁ ପ୍ରକାର ଶୀତ ଓ ଆତପରେ ରଖିବା ଉଚିତ, କେଉଁ ପ୍ରକାରରେ ସ୍ତନ୍ୟଦାନ ଓ ସ୍ନାନାଦି କରାଇବା ଉଚିତ ; ମାଙ୍କର ଶାରୀରିକ ଓ ମାନସିକ ଅବସ୍ଥା କେଉଁ ପ୍ରକାର ହେବା ସଙ୍ଗତ ଏହା ମଧ୍ୟ ଜାଣିବା ଆବଶ୍ୟକ । ଏ ଯୁଗର ଅବସ୍ଥାକୁ ଦୃଷ୍ଟି କେତେ ଜଣ ସାଆନ୍ତ ମା ଓ ଆଈ ପ୍ରଭୃତି ଏହିସବୁ ଶିକ୍ଷା ଦେଇପାରନ୍ତି ? ଆଖିରେ ଦେଖୁଁ, ଅଧିକାଂଶ ସାଆନ୍ତ ମା ଓ ଆଈମାନେ ପ୍ରସବ ପୂର୍ବରୁ ପ୍ରସୂତିଙ୍କୁ ପୋଡ଼ା ଝାଡ଼ ଓ ଢାଲକ ମାଟି ପ୍ରଭୃତି ଖୁଆଇ, ଅପର୍ଯ୍ୟାପ୍ତ ଆହାର ଦେଇ, ଓଦା ମାଟି ଓ ଜୀର୍ଣ୍ଣ ଛିନ୍ନ ମଳିନାରେ ଶୁଆଇ, ଶାମୁକା କିମ୍ବା ବାଉଁଶ ପାତିଆରେ ସଦ୍ୟଜାତ ଶିଶୁର ନାଭିଚ୍ଛେଦନ କରି, ତାହାକୁ ଅଶୋଧିତ ଛିନ୍ନ ଦୁର୍ଗନ୍ଧଯୁକ୍ତ କନାରେ ଗୁଡ଼ାଇ, ଧନୁଷ୍ଟଙ୍କାର କିମ୍ବା ପିଲ୍ଲିହା, ଅଳଙ୍ଗ ଓ ଚଉଆ ରୋଗରେ ଏବଂ ଷଠୀଗୁଣି ଓ ପିତାଶୁଣୀ ପ୍ରଭୃତି ଦେବତାଙ୍କୁ ଆମନ୍ତ୍ରଣ କରି ସନ୍ତାନ ଓ ମାତାଙ୍କୁ ଯମାଳୟକୁ ପ୍ରେରଣ କରୁଅଛନ୍ତି । ଷଠୀଗୁଣି ଓ ପିତାଶୁଣୀ ନାମ ଦେଇ ସେମାନେ ନିଶ୍ଚିନ୍ତ ହୁଅନ୍ତି, କିନ୍ତୁ ସେହି ଦେବତାମାନଙ୍କୁ ସେମାନେ ସ୍ୱୟଂ ଡକାଇ ଆଣି ସନ୍ତାନ ଉତ୍ସର୍ଗ କରିଦିଅନ୍ତି ଏହା ସେମାନେ ଜାଣନ୍ତି କି ? ଲୋକଗଣନା-ବିବରଣୀରୁ ଶିଶୁ ଏବଂ ପ୍ରସୂତିଙ୍କ ମୃତ୍ୟୁ ସଂଖ୍ୟା ଅପର୍ଯ୍ୟାପ୍ତରୂପେ ଲିପିବଦ୍ଧ ।

ଶିଶୁର ଯେତେବେଳେ ବୟସ ବଢୁଥାଏ, ସେତେବେଳେ ମାତାହିଁ ତାହାର ସର୍ବପ୍ରଧାନ ସଙ୍ଗୀ । ସେହି ସମୟରେ ଜ୍ଞାତ-ସାରରେ ଓ ଅଜ୍ଞାତସାରରେ ମାତାହିଁ ତାହାକୁ ବହୁ କୁ ଓ ସୁ ଶିକ୍ଷା ଦିଅନ୍ତି । ମାତାଙ୍କର ନିଜର ଯେବେ କୌଣସି ଶିକ୍ଷା ନ ଥାଏ, ତାହାହେଲେ ସୁଶିକ୍ଷା ଦେବା କଠିନ । ଶିଶୁର ମନର କୌତୂହଳ ଅଦମ୍ୟ । ଏହି କୌତୂହଳ ଚରିତାର୍ଥ କରି ଶିଶୁର ଜ୍ଞାନ-ପିପାସା ବୃଦ୍ଧି କରିବାକୁ ଏବଂ ତାହାର ବୁଦ୍ଧିର ବିକାଶରେ ସାହାଯ୍ୟ କରିବାକୁ ହେଲେ ମାତାଙ୍କୁ ଅସଂଖ୍ୟ ସାନ ବଡ଼ ବିଷୟ ଜାଣିବାକୁ ହେବ । କିନ୍ତୁ ପୂର୍ବକାଳର ମାତାମାନେ କଅଣ ତାହା ଜାଣନ୍ତି ? ସେମାନେ ଯେଉଁ ପ୍ରଶ୍ନର ଉତ୍ତର ସ୍ୱୟଂ ଜାଣନ୍ତି ନାହିଁ, ତାହା ଶିଶୁକୁ କଅଣ ବୁଝାଇବେ ? ପୁଅଙ୍କୁ "ଅନ୍ଧ ଗେଲବସର" "ଅଲକ୍ଷଣା ଝିଅ" "ମୋତେ ଜଳେଇ ପୋଡ଼େଇ ମାରୁଛୁ" ଏବଂ ଝିଅଙ୍କୁ "ଅଣ୍ଡିରଚଣ୍ଡୀ", "ଉଦଣ୍ଡି", "ହାତଗୋଡ଼ଖାଇ" ପ୍ରଭୃତି ସୁମଧୁର ଉତ୍ତରରେ ସେମାନେ ଶିଶୁର କୌତୂହଳ ଚରିତାର୍ଥ କରି ଅଜ୍ଞାତସାରରେ ଚିରଦିନ ସକାଶେ ତାହାର ଜ୍ଞାନସ୍ପୃହା ଦୂର କରିବାର ଚେଷ୍ଟା କରିଥାଆନ୍ତି । ଜୀବନ-ଯୁଦ୍ଧର ଉପଯୋଗୀ ସନ୍ତାନ ଗଢ଼ିବାକୁ ଗଲେ ମାତାଙ୍କୁ ଯେ ଦେହମନର କେତେ ବର୍ଷ, କେତେ ଆୟୁଧ ଅନୁକ୍ଷଣ ସନ୍ତାନ ପାଇଁ ଯୋଗାଇବାକୁ ହେବ, କେବଳ ମାତ୍ର ସ୍ତନ୍ୟଦାୟିନୀ ମାତାମାନେ ତାହାର ଅନୁସନ୍ଧାନ କରନ୍ତି କି ?

ରମଣୀର ଦ୍ୱିତୀୟ କର୍ତ୍ତବ୍ୟ ଆତ୍ମୀୟ ସ୍ୱଜନ, ବୃଦ୍ଧ-ବୃଦ୍ଧା ଏବଂ ପୀଡ଼ିତର ସେବା ଓ ଯତ୍ନ । କିନ୍ତୁ କେଉଁ ବୟସର ମନୁଷ୍ୟର ଦିନରେ କେତେ ଥର କେଉଁ ଖାଦ୍ୟ ଖାଇବାକୁ ହେବ, କେଉଁ ରୋଗରେ କି ପଥ୍ୟ, କିପରି ନାନାବିଧ ପଥ୍ୟ ରନ୍ଧନ କରିବାକୁ ହେବ, ନାନାରୂପ ରୋଗୀର ଶୁଶ୍ରୂଷା କିପରି କରିବାକୁ ହୋଇଥାଏ, ପାଖରେ ଚିକିତ୍ସକ ନ ଥିଲେ ରୋଗୀଙ୍କୁ ଯେବେ କେତେବେଳେ କଅଣ କରିବାକୁ ହେବ, ଜୀର୍ଣ୍ଣ ଶୀର୍ଣ୍ଣ ମନୁଷ୍ୟଙ୍କୁ କଅଣ ଖାଇବାକୁ ଦିଆଯିବ, ଅଜୀର୍ଣ୍ଣ ଦୌର୍ବଲ୍ୟବହୁଳ ମନୁଷ୍ୟଙ୍କୁ କି କି ଖାଦ୍ୟ ଦେବାକୁ ହେବ, ଏହାର ସଠିକ ସମ୍ବାଦ କେତେଜଣ ରମଣୀ ରଖିଥାନ୍ତି ? ଅନ୍ନପ୍ରାଶନର ଦିବସରୁ ଶ୍ମଶାନ-ଯାତ୍ରାର ଦିବସ ପର୍ଯ୍ୟନ୍ତ ସେହି ମାନ୍ଧାତା-ପ୍ରବର୍ତ୍ତିତ ଖାଦ୍ୟହିଁ ସୁସ୍ଥ, ଅସୁସ୍ଥ ସମସ୍ତ ଓଡ଼ିଆ ଖାଉଅଛନ୍ତି, ସେଥିରେ ସେମାନଙ୍କର

Digitized by srujanika@gmail.com

ଦେହର କି ଯତ୍ନ ଏବଂ ବୃଦ୍ଧି ହେଉଅଛି, ଗୃହିଣୀମାନେ ତାହାର ଅନୁସନ୍ଧାନ କରନ୍ତି କି ? କେବଳ ସ୍ନେହସ୍ପର୍ଶରେ ବାନ୍ଧି ଶୁଆଇ ଗଲଦ୍‌ଘର୍ମ ହେଲେ ଚଳିବ ନାହିଁ ; ପ୍ରିୟଜନଙ୍କୁ ଅମୃତ-ଜ୍ଞାନରେ ଆବର୍ଜ୍ଜନା କାମ୍ୟ ବିଷ ଦେଉଅଛନ୍ତି କି ନାହିଁ, ଏହିକ ଜାଣିବା ମଧ୍ୟ ଆବଶ୍ୟକ । ପୀଡ଼ିତର ସେବା କରିବା ପୂର୍ବରୁ ଆତ୍ମୀୟମାନେ ଯହିଁରେ ପୀଡ଼ିତ ନ ହେବେ ଏହାର ବ୍ୟବସ୍ଥା ଆବଶ୍ୟକ । ସୁତରାଂ ଗୃହରେ ସମସ୍ତେ ସ୍ୱାସ୍ଥ୍ୟତତ୍ତ୍ୱର ନିୟମ ପାଳନ କରୁଅଛନ୍ତି କି ନାହିଁ, ଏବଂ ପାନୀୟ, ଆହାର୍ଯ୍ୟ, ପରିଚ୍ଛଦ, ଶୟନ ଓ ନିଦ୍ରାର ସଠିକ ଭାବରେ ସ୍ୱାସ୍ଥ୍ୟକର ବ୍ୟବସ୍ଥା ହେଉଅଛି କି ନାହିଁ ତନ୍ନ ତନ୍ନ କରି ଦେଖିବାକୁ ହେବ । ଉତ୍କଳୀୟ ନାରୀ କଏଣ ପ୍ରତି ଘରରେ ଏହା ଦେଖୁଅଛନ୍ତି ?

ତୃତୀୟ କର୍ତ୍ତବ୍ୟ—ସ୍ୱାମୀର ଚିତ୍ତ-ବିନୋଦନ । ଯାହାଙ୍କର ସୁକଣ୍ଠ ଅଛି କିମ୍ବା ବାଦ୍ୟାଦିର ଅନ୍ୟ କୌଣସି ଗୁଣ ଅଛି, ସେ ଅଳ୍ପ ଆୟାସରେ ଏ କାର୍ଯ୍ୟର କୌଣସି ଅଂଶ କରି ପାରିବେ । କିନ୍ତୁ ଯେ ଏ ସମସ୍ତ ସମ୍ପଦରୁ ବଞ୍ଚିତ ତାହାଙ୍କୁ କଥା, କାର୍ଯ୍ୟ, ବ୍ୟବହାର, ଗଳ୍ପ, ଆଦର ଓ ଯତ୍ନରେ ସ୍ୱାମୀଙ୍କୁ ଆନନ୍ଦ ଦେବାର ଚେଷ୍ଟା କରିବାକୁ ହୋଇଥାଏ । ସ୍ୱାମୀ ଯେ ଇତିହାସ, ଦର୍ଶନ, ସାହିତ୍ୟ, ବିଜ୍ଞାନ, ବ୍ୟବସାୟ, ବ୍ୟାୟାମ, କ୍ରୀଡ଼ା କିମ୍ବା ଭ୍ରମଣରେ ଆନନ୍ଦ ଲାଭ କରନ୍ତି, ସାଥିନୀ ବା ଅଥବା ଅଙ୍ଗଙ୍କର ଛାୟା-ସ୍ୱରୂପା ସ୍ତ୍ରୀ ଯେବେ ତହିଁରୁ କିଛି ନ ବୁଝନ୍ତି, ତେବେ ସ୍ୱାମୀଙ୍କ ମନରେ ଗୋଟିଏ ଦାଗ ତାହାଙ୍କ ନିକଟରେ ଚିରଦିନ ରହିଯାଏ ; ସ୍ୱାମୀଙ୍କର ପ୍ରିୟ ଉପାୟରେ ତାହାଙ୍କର ଚିତ୍ତବିନୋଦନ କରିବାକୁ ସ୍ତ୍ରୀ ଅସମର୍ଥ ହୁଅନ୍ତି, ପରନ୍ତୁ ଯେଉଁ ସ୍ୱାମୀଙ୍କ ସଙ୍ଗରେ ତାହାଙ୍କର ଅଭିନ୍ନହୃଦୟ ହେବାର କଥା, ତାହାଙ୍କ ହୃଦୟର ଗୋଟିଏ କନ୍ଦର୍ପ ତାହାଙ୍କର ଅଜଣା ରହିଯାଏ । ଚିତ୍ତ-ବିନୋଦନର ଆଉ ଗୋଟିଏ ଉପାୟ ସାନ ବଡ଼ ସବୁ ଦିଗରୁ ମନୁଷ୍ୟର ଚକ୍ଷୁକର୍ଣ୍ଣାଦି ଇନ୍ଦ୍ରିୟକୁ ଆନନ୍ଦ-ଦାନ । ଯେଉଁ ସ୍ତ୍ରୀଙ୍କର ରେଖା ଓ ବର୍ଣ୍ଣ-ବିନ୍ୟାସର ଜ୍ଞାନ ଅଛି, ସେ ନିଜର ଓ ସନ୍ତାନସନ୍ତତିର ପରିଚ୍ଛଦସମ୍ବନ୍ଧରେ ଏବଂ ଗୃହ ସଜ୍ଜାରେ ତାହା ନିୟୁକ୍ତ କରି ସ୍ୱାମୀର ଚକ୍ଷୁକୁ ଆନନ୍ଦ ଦାନ କରି ପାରନ୍ତି । ଯାହାଙ୍କର ସ୍ୱର-ଜ୍ଞାନ ଅଛି, ସେ କଣ୍ଠ ଓ ଯନ୍ତ୍ର-ସଙ୍ଗୀତରେ କର୍ଣ୍ଣକୁ ତୃପ୍ତି ଦେଇ ପାରନ୍ତି ; ଯାହାଙ୍କର ଆତିଥ୍ୟ-ବିଦ୍ୟା ଜଣାଅଛି, ବାକ୍ୟ-ବିନ୍ୟାସର କ୍ଷମତା ଅଛି, ସେ ଅତିଥି ଅଭ୍ୟାଗତ ଆଣି ଗୃହକୁ ଆନନ୍ଦମୟ କରି ପାରନ୍ତି । କିନ୍ତୁ ଏହି ସମସ୍ତ ବିଦ୍ୟା ହିଁ ଶିକ୍ଷା-ସାପେକ୍ଷ ।

ଚତୁର୍ଥ କର୍ତ୍ତବ୍ୟ—ଗୃହସ୍ଥାଳୀର କାର୍ଯ୍ୟ ଦେଖିବା ଓ ଶିଖିବା ଉପରେ ନିର୍ଭର କରେଥାଏ । ଯେଉଁ ଗୃହରେ ଧନ ଏବଂ ଐଶ୍ୱର୍ଯ୍ୟ ରହିଅଛି ତାହାର ଗୃହିଣୀଙ୍କୁ ଦାସଦାସୀ-ନିର୍ବାଚନ ଓ ସେମାନଙ୍କୁ ଶିକ୍ଷାଦାନ କରିବାକୁ ହୋଇଥାଏ । ସବୁବେଳେ ଦାସର ଦାସ ରୂପେ ଅନେକ ଧନୀ ଗୃହିଣୀ ଦାସଦାସୀଙ୍କ ପଛରେ ଲାଗି ଯେ ଦିନ କଟାନ୍ତି ଅଥବା ସେମାନଙ୍କ ହାତରେ ସବୁ ପକାଇ ଦେଇ ଲୁଣ୍ଠନ ଏବଂ ବିଶୃଙ୍ଖଳାର ଚୂଡ଼ାନ୍ତ ଦୃଷ୍ଟାନ୍ତ ଦେଖାନ୍ତି, ଦାସଦାସୀଙ୍କୁ ଶିକ୍ଷା ଦେବାକୁ ଜାଣିଲେ ତାହା ହୁଅନ୍ତା ନାହିଁ । ମାତ୍ର ପରମ ବିଶ୍ୱାସୀ ଦାସଦାସୀଙ୍କର କଥା ସ୍ୱତନ୍ତ୍ର । ସେ ଭଳି ଦାସଦାସୀ-ଲାଭ ଏ ସଂସାରରେ ବହୁଭାଗ୍ୟର କଥା ।

ନିପୁଣା ଗୃହିଣୀଙ୍କର ଅର୍ଥନୀତି, ହିସାବ-ସଂରକ୍ଷଣ-ପ୍ରଣାଳୀ, ଭବିଷ୍ୟତ୍ ଖରଚର ଖସଡ଼ା-ତିଆରି, ଉଦ୍ୟାନ-ପାଳନ, ଗୋ-ପାଳନ, ଦୁଗ୍ଧ-ସଂରକ୍ଷଣ, ଅଳ୍ପ ଆୟରେ ସଂସାର-ଚାଳନ, ବିନା ଭୃତ୍ୟରେ ମଧ୍ୟ ଅବସର-ସୃଷ୍ଟି, ଏକ ଉପାୟରେ ଦୁଇକାର୍ଯ୍ୟ-ସିଦ୍ଧି, ନଷ୍ଟ ଦ୍ରବ୍ୟର ପୁନରୁଦ୍ଧାର, ଅପଚୟ-ନିବାରଣ ପ୍ରଭୃତି ନାନା ବିଦ୍ୟାରେ ପାରଦର୍ଶିନୀ ହେବାର ଆବଶ୍ୟକ । ଗୃହଧର୍ମ୍ମ ପିଲା-ଖେଳ ନୁହେ, ତହିଁରେ ବୈଜ୍ଞାନିକ ଭଳି ସାଧନାପୂର୍ବକ ଶିକ୍ଷା କରିବାର ବହୁ ଦ୍ରବ୍ୟ ରହିଅଛି । ସାଂସାରିକ ବ୍ୟବହାରର ସକଳ ଦ୍ରବ୍ୟର ଉତ୍କର୍ଷ-ଅପକର୍ଷ, ବଜାରଭାଉ, ଗୃହନିର୍ମିତ ଓ କ୍ରୀତ ଦ୍ରବ୍ୟାଦିର ପ୍ରଭେଦ ମଧ୍ୟ ଜାଣିବାକୁ ହୋଇଥାଏ । ବୁଦ୍ଧି ମାର୍ଜ୍ଜିତ ଓ ଶାଣିତ ନ ହେଲେ ଏହି ସମସ୍ତ ବିଦ୍ୟା ଶିକ୍ଷା ଏବଂ ଅନୁଶୀଳନ ନ କଲେ ଏବଂ ନାନା ସ୍ଥାନକୁ ଯିବା ଆସିବା ନ ଥିଲେ ଏତେ ଜ୍ଞାନ ଅର୍ଜ୍ଜନ କରିବା ସମ୍ଭବପର ନୁହେ । ଆଦର୍ଶ ଗୃହକର୍ତ୍ତ୍ରୀଙ୍କର ଅନ୍ତତଃ ୩୦।୪୦ ପ୍ରକାର ବିଦ୍ୟା ଜାଣିବା ଆବଶ୍ୟକ । ଯେଉଁ ସମସ୍ତ ବିଦ୍ୟାର ଉଲ୍ଲେଖ ହେଲା, ଏହା ବ୍ୟତୀତ ଖାଦ୍ୟର ପୁଷ୍ଟି ଓ ମୂଲ୍ୟର ତୁଳନାମୂଳକ ଜ୍ଞାନ, ପଚନଶୀଳ-ଖାଦ୍ୟ-ନିର୍ବାଚନ-କ୍ଷମତା, ମୋଟରେ ଦ୍ରବ୍ୟାଦି କିଣିବାର ସୁବିଧା ଓ ଉପାୟ ସମ୍ବନ୍ଧରେ ଜ୍ଞାନ, ଉପାୟ ଓ ଯନ୍ତ୍ରର ସାହାଯ୍ୟରେ ଅଳ୍ପ ଶ୍ରମରେ ଅଧିକ କାର୍ଯ୍ୟ କରିବାର ଜ୍ଞାନ, ସମୟର ଫଳସମୂହ ଅକାଳ ସକାଶେ ଟଟକା ଅବସ୍ଥାରେ ସଞ୍ଚୟ କରିବାର ଜ୍ଞାନ, ରନ୍ଧନର ସୁପ୍ରଣାଳୀ, ଖାଦ୍ୟ ଓ ବସ୍ତ୍ରାଦିର ଭେଳ ଧରିବାର କ୍ଷମତା, ଗରମ ଓ ଥଣ୍ଡା ଲୁଗାର ସୁବିଧା, ଅସୁବିଧା ଓ ସୌନ୍ଦର୍ଯ୍ୟ, ଲୁଗା କାଚିବା, ଇସ୍ତ୍ରୀ କରିବା, ଲୁଗାରୁ ଦାଗ ଉଠାଇବା, ଲୁଗା ରଙ୍ଗ କରିବା ଓ ଚିରି ଯାଇଥିବା ଲୁଗା ମରାମତି କରିବା, ତୁଳା ପ୍ରଭୃତିର କନା କାଟିବା ପ୍ରଭୃତି ବହୁଜ୍ଞାନ ଏ ଯୁଗରେ ଗୃହିଣୀଙ୍କର ନିତ୍ୟକାର୍ଯ୍ୟରେ ଆବଶ୍ୟକ ହୋଇଥାଏ ।

ସ୍ତ୍ରୀ, ବୃଦ୍ଧ ଓ ଶିଶୁସନ୍ତାନଗଣ ଜୀବନର ଅଧିକାଂଶ ସମୟ ଗୃହରେ କଟାଇଥାଆନ୍ତି, ସୁତରାଂ ବାସଗୃହ କି ଭଳି ପଲ୍ଲୀରେ, କି ଭଳି ବାୟୁ ଓ ଆଲୋକ ଚଳାଚଳର ଉପଯୁକ୍ତ ସ୍ଥାନରେ ହେବା ଉଚିତ, ତାହା ମଧ୍ୟ ସ୍ତ୍ରୀଲୋକର ଜାଣିବା ଆବଶ୍ୟକ । ଗୃହସଜ୍ଜା ଓ ସଂସ୍କାରର ଜ୍ଞାନ, ଗୃହର ଭଡ଼ା ଓ ସୁବିଧାର ତୁଳନାମୂଳକ ଜ୍ଞାନ, ମନୁଷ୍ୟର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ଗୃହର ବାୟୁ-ମଣ୍ଡଳର ପ୍ରଭାବ କିପରି, ଏହା ମଧ୍ୟ ଜାଣିବାକୁ ହେବ । ପରିବାରର ଆୟର କେତେ ଅଂଶ ଖାଇବା ପିନ୍ଧିବା, ଶିକ୍ଷା, ଆମୋଦ-ପ୍ରମୋଦ, ଦାନ-ଧ୍ୟାନ, ସଞ୍ଚୟ ଓ ଭ୍ରମଣ ପ୍ରଭୃତିରେ ବ୍ୟୟ କଲେ ପ୍ରକୃତ ବୁଦ୍ଧିମାନର କାର୍ଯ୍ୟ ହେବ ତାହା ମଧ୍ୟ ଗୃହିଣୀଙ୍କୁ ସ୍ଥିର କରିବାକୁ ହେବ ।

କେବଳ ଗୃହଧର୍ମ-ପାଳନ ସକାଶେ ସ୍ତ୍ରୀମାନଙ୍କର ଏଭଳି ନାନା ଜ୍ଞାନର ପ୍ରୟୋଜନ । ପରିବାର ଓ ପ୍ରତିବେଶୀ ୨।୪ ଜଣ

Digitized by srujanika@gmail.com

ସାଆନ୍ତ ମା ଏବଂ ଅଈମାନଙ୍କ ନିକଟରୁ ଏତେ ଶିକ୍ଷା ସମ୍ଭବପର ନୁହେଁ। ସେମାନେ ଯାହା ଶିଖାଇ ପାରିବେ ତାହା ଅବହେଳେୟ ନୁହେଁ; ମାତ୍ର ଯଥେଷ୍ଟ ନୁହେଁ। ଏହି ବୈଜ୍ଞାନିକ ଯୁଗରେ ଯେତେବେଳେ କୋଟି କୋଟି ମନୁଷ୍ୟର ଶିକ୍ଷା ଓ ଅଭିଜ୍ଞତାକୁ ବିଜ୍ଞାନ, ପୁସ୍ତକ-ପ୍ରଚୁର, ବାୟୋସ୍କୋପ, ରେଡ଼ିଓ ପ୍ରଭୃତି ଉପାୟ ଦ୍ୱାରା ଅତି ସୁଲଭ କରି ଦେଉଅଛି. ସେତେବେଳେ କେବଳ କେତେକ ବର୍ଷୀୟସୀ ମହିଳାମାନଙ୍କର ମୁଖରୁ ଅନାଡ଼ି ସ୍ତ୍ରୀମାନଙ୍କର ସଂସାର-ଧର୍ମ-ପାଳନ ଏ ଯୁଗରେ ଅସମ୍ଭବ। ଯେଉଁମାନେ ସ୍ତ୍ରୀମାନଙ୍କର ସ୍କୁଲଶିକ୍ଷାର ବିରୋଧୀ ସେମାନେ କହିବେ ଉପରୋକ୍ତ ବିଦ୍ୟାସମୂହ ସ୍କୁଲରେ ଶିକ୍ଷା ହୁଏ ନାହିଁ, ସୁତରାଂ ସେଠାରେ ଶିକ୍ଷା-ଲାଭ ବୃଥା। ଅଶିକ୍ଷାଠାରୁ ସାମାନ୍ୟ ଶିକ୍ଷାହିଁ ଭଲ, ଏହା ସମସ୍ତେ ସ୍ୱୀକାର କରିବେ। ଦୁର୍ଭିକ୍ଷପୀଡ଼ିତ ମନୁଷ୍ୟ ଦୁଗ୍ଧ ଓ ପାଚିଲା କଦଳୀ ନ ପାଇଲେ ସୁଦ୍ଧା ଖୁଦକୁଣ୍ଡା ପକାଇ ଦେବ କି? ଆଧୁନିକ ଶିକ୍ଷା ଆଉ କିଛି ନ ଶିଖାଇ ସୁଦ୍ଧା କେବଳ ଓଡ଼ିଆ, ବଙ୍ଗଳା, ସଂସ୍କୃତ ଓ ଇଂରାଜୀ ଶିଖାଇ ସୁଦ୍ଧା ମନୁଷ୍ୟର ପ୍ରଭୂତ ଉପକାର କରିଅଛି। ସ୍କୁଲ କଲେଜରେ ଯେ ଓଡ଼ିଆ ଇଂରାଜୀ ପଢ଼ିବାକୁ ଶିଖିଅଛି, ସେ ଇଚ୍ଛା କଲେ ଏବଂ ସୁଯୋଗ ଲାଭ କଲେ ସ୍ୱାସ୍ଥ୍ୟନୀତି, ଅର୍ଥନୀତି, ଚିକିତ୍ସା, ବ୍ୟବହାରିକ ବିଜ୍ଞାନ ପ୍ରଭୃତି ବହୁ ପ୍ରୟୋଜନୀୟ ବିଦ୍ୟା ସ୍ୱଚେଷ୍ଟାରେ ଆୟତ୍ତ କରିପାରେ। ମନୁଷ୍ୟ ଯେ କୌଣସି ଭାଷା ଓ ବିଦ୍ୟା ଶିକ୍ଷା କରୁ, ତହିଁରେ ତାହାର ଅପକାର ଅପେକ୍ଷା ଉପକାରର ମାତ୍ରା ଅଧିକ। ତାହାର ଜ୍ଞାନ ଓ ଆନନ୍ଦଲାଭର କ୍ଷେତ୍ର ପ୍ରତ୍ୟେକ ନବାର୍ଜିତ ବିଦ୍ୟା ସହିତ ବିସ୍ତୃତ ଲାଭ କରିଥାଏ।

ସଂସାର-ଧର୍ମ ପାଳନ ଉତ୍ତାରୁ ବହୁ ସ୍ତ୍ରୀଙ୍କର ଅବସର ଥାଏ। ଏହି ଅବସର କାଳ ନିଜର ପରିବାର ପରିଜନଙ୍କ ପକ୍ଷରେ ସୁଖକର ଓ ଆନନ୍ଦମୟ କରିବାର ଜ୍ଞାନ ସ୍ତ୍ରୀମାନଙ୍କର ଥିବାହିଁ ଉଚିତ। ଯେଉଁ ପରିବାରରେ ଅର୍ଥାଭାବ, ସେଠାରେ ଅବସର କାଳରେ ଅର୍ଥକରୀ ବିଦ୍ୟାର ଚର୍ଚ୍ଚାହିଁ ବୁଦ୍ଧିର କାର୍ଯ୍ୟ। ଯେଉଁଠାରେ ତାହା ନାହିଁ, ସେଠାରେ ଶିଳ୍ପ ଓ ସାହିତ୍ୟର ଚର୍ଚ୍ଚା କଲେ ଚଳିବ। ଅନେକଙ୍କର ମତରେ କୁଟୀର-ଶିଳ୍ପ ଅର୍ଥାତ୍ ସୂତାକଟା, ତନ୍ତବୁଣା, ମୌଜା, ଗେଞ୍ଜି ପ୍ରଭୃତି ବୁଣିବା, କାଇଁଚ ଓ ତାଳପତ୍ରର ନାନା ଦ୍ରବ୍ୟାଦି ପ୍ରସ୍ତୁତ କଲେ ସ୍ତ୍ରୀମାନେ ସହଜରେ କିଛି ଅର୍ଥାର୍ଜନ ଓ ସତ୍‌କାର୍ଯ୍ୟରେ ଅବସର ଯାପନ କରିପାରିବେ। ଏ କଥା ସତ୍ୟ। ସମସ୍ତ ପ୍ରକାର ଗୃହଶିଳ୍ପରେ ଶିକ୍ଷାର ପ୍ରୟୋଜନ ରହିଅଛି।

ଅବରୋଧ-ପ୍ରଥା ହେତୁରୁ ଦରଜି, ବଢ଼େଇ, ତନ୍ତୀ, ଗୁଡ଼ିଆ, ବଣିଆ, ଧୋବା ପ୍ରଭୃତିଙ୍କ ନିକଟରୁ କାର୍ଯ୍ୟ ଶିଖିବା ସ୍ତ୍ରୀମାନଙ୍କ ପକ୍ଷରେ ଏକପ୍ରକାର ଅସମ୍ଭବ। ତେଣେ ପ୍ରାୟ ସକଳ ପ୍ରକାର ଗୃହଶିଳ୍ପହିଁ ବୈଜ୍ଞାନିକ ଯୁଗରେ ପୂର୍ବାପେକ୍ଷା ସହଜ ଓ ସୁଲଭ ହୋଇଅଛି, କଳର ପ୍ରତିଯୋଗିତାରେ ଶସ୍ତାରେ କାମ ନ ହେଲେ ବିକ୍ରୟ ହେବାହିଁ କଠିଣ। ଯେଉଁ ସମସ୍ତ କାର୍ଯ୍ୟରେ କେବଳ ଶିଳ୍ପୀର ନୈପୁଣ୍ୟର ହିଁ ମୂଲ୍ୟ, ତହିଁରେ ପୁଣି ଶିକ୍ଷାର ପ୍ରୟୋଜନ ଅତ୍ୟନ୍ତ ଅଧିକ। କିନ୍ତୁ ଏହି ସମସ୍ତ ଶିଳ୍ପ ସମ୍ବନ୍ଧରେ ଦେଶୀୟ ଭାଷାର ପୁସ୍ତକ ପ୍ରାୟ ନାହିଁ, ଅଥଚ ଇଂରାଜୀ ପୁସ୍ତକ ଅନେକ ଅଛି। ସୁତରାଂ ଇଂରାଜୀ ଶିକ୍ଷା କରି ମାପ ପ୍ରଭୃତି ସକାଶେ କିଛି ଅଙ୍କଶାସ୍ତ୍ର ଏବଂ ବ୍ୟବହାରିକ ବିଜ୍ଞାନ ଜାଣିଥିଲେ ଏ କ୍ଷେତ୍ରରେ ସୁବିଧା। ନ ଜାଣିଲେ ପ୍ରତିଯୋଗିତାରେ ଟେକି ରହିବ ନାହିଁ, ଅସମ୍ପୂର୍ଣ୍ଣ ଶିକ୍ଷା ଫଳରୁ ଅପଟୁ ହାତର ଦ୍ରବ୍ୟ କେହି କିଣିବେ ନାହିଁ, ଶିଳ୍ପ-ଚର୍ଚ୍ଚା ଫଳରୁ ଲାଭଠାରୁ କ୍ଷତି ଅନିବାର୍ଯ୍ୟ। ମନୁଷ୍ୟର ବହିରିନ୍ଦ୍ରିୟ ଓ ଅନ୍ତରିନ୍ଦ୍ରିୟ ଯେତେ ଜାଗ୍ରତ ଓ ପର୍ଯ୍ୟବେକ୍ଷଣପଟୁ ହୁଏ, ସକଳ କର୍ମକ୍ଷେତ୍ରରେ ସେ ସେତିକି ସଫଳତା ଲାଭ କରେ। ଏହି ହେତୁରୁ ବୁଦ୍ଧି, ଚକ୍ଷୁ, କର୍ଣ୍ଣ, ହସ୍ତ ପ୍ରଭୃତିକୁ ଦକ୍ଷ କରିବାକୁ ହେଲେ ବହୁ ବିଦ୍ୟାର ସାଧନା ପ୍ରୟୋଜନ।

ଆମେରିକାରେ ସ୍ତ୍ରୀଶିକ୍ଷାର ଯେଉଁକାଳ ପ୍ରସାର, ପୃଥିବୀର ଅନ୍ୟ କୌଣସି ଦେଶରେ ବୋଧହୁଏ ତାହା ନାହିଁ। କିଛି କାଳ ପୂର୍ବେ ଲେଖକ ଆମେରିକାର **Women Citizen** ନାମକ ସମ୍ବାଦ ପତ୍ରରେ ଯେଉଁ ମନ୍ତବ୍ୟ ଦେଖିଥିଲି, ତାହାର ମର୍ମାନୁବାଦ ଏଠାରେ ପ୍ରକାଶ କରିବାକୁ ସାହସୀ ହେଲି :—"ପଚିଶ ବର୍ଷ ଉତ୍ତାରୁ ଆମେରିକାର ଗୃହ-ସଂସାର ଆଧୁନିକ ଗୃହର ତୁଳନାରେ ଅତ୍ୟନ୍ତ ଅଧିକ ଚିତ୍ତାକର୍ଷକ ଓ କାର୍ଯ୍ୟକର ହେବ। ଭବିଷ୍ୟତ୍‌ରେ ସ୍ତ୍ରୀମାନେ ସ୍ୱ ସ୍ୱ ସଂସାରର କାର୍ଯ୍ୟରେ ଅନେକ ଅଧିକ ସମୟ ଦେବେ। ଗୃହକର୍ମ ଆଉ ନୀଚ କାର୍ଯ୍ୟ ହୋଇ ରହିବ ନାହିଁ। ଭବିଷ୍ୟତ୍‌ରେ ଗୃହ-କର୍ମକୁ ମନୁଷ୍ୟ ଶ୍ରଦ୍ଧା ଓ ସମ୍ମାନ ଚକ୍ଷୁରେ ଦେଖିବେ। ବିବାହିତା ରମଣୀମାନଙ୍କ ମଧ୍ୟରୁ ଅଧିକାଂଶ ହିଁ ଜୀବନର ଗୋଟିଏ ବିଶେଷ କାଳର ସମସ୍ତ ସମୟ ଘର ସଂସାର ଗଢ଼ିବାକୁ ବ୍ୟୟ କରିବେ। ସନ୍ତାନ ସନ୍ତତିର ଜନ୍ମ ଓ ପାଳନର କାଳଟିରେ ପ୍ରାୟ ସମସ୍ତ ଚିନ୍ତା ଓ ସମୟହିଁ ଗୃହଧର୍ମ ସକାଶେ ବ୍ୟୟ କରିବେ। ମାନସିକ ଆର୍ଥିକ ଓ ଶାରୀରିକ ସକଳ ଦିଗ ଆଡ଼ରୁ ସ୍ତ୍ରୀମାନେ ଜୀବନର ସନ୍ତାନ-ଧାରଣ ଯୁଗରେ ଗୃହର ଅନୁରକ୍ତ ହୁଅନ୍ତି। ସ୍ତ୍ରୀମାନେ ନିଜର କାର୍ଯ୍ୟ ଓ ସନ୍ତାନର ଯତ୍ନ ନିଜେ କରିବେ, ଆବଶ୍ୟକାନୁସାରେ ଗୃହକର୍ମ, ରନ୍ଧନ, ସନ୍ତାନପାଳନ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଶିକ୍ଷିତ ବିଶେଷଜ୍ଞମାନଙ୍କର ସାହାଯ୍ୟ ନେବେ।"

ଆମେରିକା ପରି ଜଗଦ୍‌ବନ୍ଦ୍ୟ ଦେଶରେ ଯେତେବେଳେ ଏ ଭଳି ମନ୍ତବ୍ୟ, ସେତେବେଳେ ଭାରତବର୍ଷର ସ୍ତ୍ରୀଶିକ୍ଷାରେ ଏତେ ଆପତ୍ତି ଉଠିଥାଏ କାହିଁକି?

ବିବାହ ପୂର୍ବରୁ ଏବଂ ସନ୍ତାନ ସନ୍ତତି ବଡ଼ ହେଲାରୁ ସ୍ତ୍ରୀମାନେ ଯେବେ ଗୃହ ବାହାରେ କୌଣସି ଅର୍ଥକରୀ ବିଦ୍ୟାର ଅନୁସରଣ କରନ୍ତି କିମ୍ବା ଦେଶ ଓ ସମାଜ ହିତକର କାର୍ଯ୍ୟ କରନ୍ତି ତହିଁରେ ଦେଶର କ୍ଷତି ଅପେକ୍ଷା ଲାଭହିଁ ଅଧିକ ହେବ। ବିବାହିତ ଜୀବନରେ ସୁଦ୍ଧା ଅବସର କାଳରେ ଅର୍ଥ ଉପାର୍ଜନ ସ୍ତ୍ରୀମାନଙ୍କ ପକ୍ଷରେ ସମ୍ଭବପର। ଶିକ୍ଷା ଓ ବିବେଚନା ଥିଲେ ସଂସାରର କ୍ଷତି ନ କରି ତରୁଣୀମାତାମାନେ ଯେ ଅର୍ଥ ଉପାର୍ଜନ କରି ପାରନ୍ତି, ଏହାର ବହୁ

Digitized by srujanika@gmail.com

ଦୃଷ୍ଟାନ୍ତ ଭାରତବର୍ଷରେ ଦୃଷ୍ଟ ହୋଇଥାଏ । ଭବିଷ୍ୟତରେ ବୈଜ୍ଞାନିକ ପ୍ରଣାଳୀରେ ଗୃହକର୍ମ କଲେ ଗୃହିଣୀମାନଙ୍କର ଅବସର କାଳ ବଢ଼ିଯିବ, ସୁତରାଂ ବାହାରେ କାର୍ଯ୍ୟ କରିବାର ଅଧିକ ସୁବିଧା ମଧ୍ୟ ହେବ ।

ଅନେକ ଲୋକେ ଏହି ବୃତ୍ତିକାରୀ-ସମସ୍ୟା ଏବଂ କର୍ମପ୍ରାର୍ଥୀ-ସମସ୍ୟା ଦିନରେ ଶିକ୍ଷିତା ରମଣୀମାନଙ୍କୁ ପୁରୁଷମାନଙ୍କ ସହିତ ପ୍ରତିଯୋଗୀ ହୋଇ ସମସ୍ୟାକୁ ଜଟିଳତର କରିବାର ବିରୋଧୀ । ଆମ୍ଭମାନଙ୍କର ଦେଶରେ ଯେଉଁ କ୍ଷେତ୍ରରେ ବୃତ୍ତିକାରୀ-ସମସ୍ୟା, ସେହି କିରାଣୀ-କୁଳ-ଶୋଭିତ ଅଫିସ ସମୂହରେ ସ୍ତ୍ରୀମାନଙ୍କର ପ୍ରବେଶ ଏ ପର୍ଯ୍ୟନ୍ତ ନାହିଁ, ଏଣିକି ହେବାର ସମ୍ଭାବନା । ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦହିଁ ଶିକ୍ଷିତା ଭଦ୍ରମହିଳାମାନେ ଅଧିକାର କରିଅଛନ୍ତି । ଏହି କାର୍ଯ୍ୟରେ ଅଧିକ ରମଣୀଙ୍କର ଯେ ପ୍ରୟୋଜନ ଏ କଥା ସମସ୍ତେ ସ୍ୱୀକାର କରନ୍ତି । ସ୍ତ୍ରୀଡାକ୍ତର ଓ ଶିକ୍ଷିତା ଧାତ୍ରୀ ତଥା ଶୁଶ୍ରୂଷାକାରିଣୀର କାର୍ଯ୍ୟକ୍ଷେତ୍ର ଯେ ସମସ୍ତ ଦେଶବ୍ୟାପୀ ଏହା କିଏ ସ୍ୱୀକାର ନ କରିବେ ? ଯେଉଁ ସମସ୍ତ କାର୍ଯ୍ୟରେ କେବଳ ସ୍ତ୍ରୀମାନଙ୍କର ପ୍ରୟୋଜନୀୟତା ଉପଲବ୍ଧ ହୁଏ ଏବଂ ଉପଯୁକ୍ତା ସ୍ତ୍ରୀମାନଙ୍କର ଅଭାବରୁ ଯେଉଁ ସମସ୍ତ କାର୍ଯ୍ୟ ଆମ୍ଭମାନଙ୍କ ଦେଶରେ ଉତ୍ତମରୂପେ ହୋଇ ପାରୁ ନାହିଁ, ଶିକ୍ଷିତା ମହିଳାମାନେ ସ୍ୱଭାବତଃ ସେହି ସବୁ କାର୍ଯ୍ୟକୁ ଅଧିକ ସଂଖ୍ୟାରେ ଗଲେ ପୁରୁଷମାନଙ୍କର ବୃତ୍ତିକାରୀ-ସମସ୍ୟା ଜଟିଳତର ନ ହୋଇ ଦେଶ ଓ ସମାଜର ପ୍ରକୃତ ଶ୍ରୀବୃଦ୍ଧି ହେବ । ଶୁଶ୍ରୂଷା-ଧାତ୍ରୀବିଦ୍ୟା ଦନ୍ତ ଓ ଚକ୍ଷୁରୋଗର ବିଶେଷ ଚିକିତ୍ସା, ସ୍ୱାସ୍ଥ୍ୟତତ୍ତ୍ୱାବଧାନ, ଚିତ୍ରଶାଳାଗାର-ପରିଦର୍ଶନ, ଶିଶୁ-ଶିକ୍ଷା, ବ୍ୟାୟାମ-ଶିକ୍ଷା, ଫଟୋଗ୍ରାଫି, ପୋଷାକ-ପରିଚ୍ଛଦର ନକ୍ସା-ପ୍ରସ୍ତୁତକରଣ, ନାରୀ-ଶିଳ୍ପ-ଭଣ୍ଡାର-ସ୍ଥାପନ, ନାରୀହିତୈଷୀ-ପତ୍ର-ପରିଚାଳନ, ଅନାଥାଶ୍ରମ ଓ ଆତୁରାଶ୍ରମ ଗଠନ, ସଙ୍ଗୀତ ଓ ବାଦ୍ୟଯନ୍ତ୍ର ବାଦନର ଶିକ୍ଷା, ଭଦ୍ର ଓ ଉଚ୍ଚାଙ୍ଗର ହୋଟେଲ ପରିଚାଳନ, ଗୋଶାଳା-ପ୍ରତିଷ୍ଠା, ସ୍ଥାପତ୍ୟ, ଉଦ୍ୟାନ-ରଚନା, ଅଳଙ୍କାର-ନିର୍ମାଣ ଓ ନକ୍ସା-ପ୍ରସ୍ତୁତକରଣ, ଦୋକାନରେ ମହିଳା କ୍ରେତାମାନଙ୍କର ଦ୍ରବ୍ୟ-ପରିବେଷଣ, ବାଳ-ଅପରାଧୀର ତତ୍ତ୍ୱାବଧାନ, ମହିଳାମାନଙ୍କର ଓକାଲତି, ସମାଜ-ହିତସାଧନ, ପତିତୋଦ୍ଧାର, ଉନ୍ମାଦର ସେବା ପ୍ରଭୃତି ଅସଂଖ୍ୟ କାର୍ଯ୍ୟ ସ୍ତ୍ରୀମାନଙ୍କର ସାହାଯ୍ୟାଭାବରୁ ହୋଇ ପାରୁନାହିଁ । ଏ ସମସ୍ତ କାର୍ଯ୍ୟ ବିଶେଷ ଭାବରେ ସ୍ତ୍ରୀମାନଙ୍କର କାର୍ଯ୍ୟ ।

ଧାତ୍ରୀବିଦ୍ୟା ଓ ଶିକ୍ଷାଦାନ ପୂର୍ବକାଳରେ ମହିଳାମାନଙ୍କର କାର୍ଯ୍ୟ ଥିଲା ବୋଲି ଅନେକଙ୍କର ସେଥିରେ ଆପତ୍ତି ନାହିଁ । କିନ୍ତୁ ପୂର୍ବକାଳରେ ତ ମହିଳାମାନେ ମାସିକ ପତ୍ରରେ ଗଳ୍ପ, ଉପନ୍ୟାସ ଲେଖୁ ନ ଥିଲେ ଅଥବା ପ୍ରବନ୍ଧ ଲେଖି ପୁରୁଷଙ୍କର ପ୍ରତିଯୋଗିତା କରୁ ନ ଥିଲେ । ଅତୀତରେ ଏ ଭଳି ଦିନ ଥିଲା ଯେତେବେଳେ ପୁରୁଷ ଓ ନାରୀ କଞ୍ଚା ମାଂସ ଖାଉଥିଲେ, ବୃକ୍ଷ-ବଲ୍କଳ ପରିଧାନ କରୁଥିଲେ, ମାତ୍ର କାଳର ଗତି ସହିତ ଏ ସମସ୍ତ ନିୟମ ବଦଳି ଯାଇଅଛି । ଉନ୍ନତ ମନୁଷ୍ୟ ପରିବର୍ତ୍ତନକୁ ଭୟ କରନ୍ତି ନାହିଁ । ସଂସ୍କୃତ ନୀତିଶାସ୍ତ୍ର ମଧ୍ୟ କହୁଅଛନ୍ତି:—

“ନ ଦର୍ପଂ ନୋ ଦୈନ୍ୟଂ ସ୍ପୃଶତି ବହୁସତ୍ତ୍ୱଂ ପତିରପାଂ,
ଅବସ୍ଥାନାଂ ଭେଦାତ୍ ଭବତି ବହୁଧା ନୈବ ମହତାଂ ।”

ଅତୀତରେ ମହିଳା ଓକିଲ ନ ଥିଲେ ବୋଲି ଏ କାଳରେ ମହିଳା ଓକିଲ ହେବେ ନାହିଁ ଏଭଳି ଯୁକ୍ତି ନିରର୍ଥକ । ନାରୀର ଇଜ୍ଜତ୍ ରକ୍ଷା ନାରୀର କାର୍ଯ୍ୟ, ଏ କଥା ଯେଉଁମାନେ କହନ୍ତି, ସେମାନଙ୍କ ରୁଚି ପକ୍ଷରେ ମହିଳା ଓକିଲ ହେବା କ୍ଷତି କଅଣ ? ମହିଳାର ମାନସମ୍ଭ୍ରମରକ୍ଷା ସକାଶେ, କାପୁରୁଷ-ହସ୍ତର ଲାଞ୍ଛନାରୁ, ସ୍ୱାମୀ ଓ ଶ୍ୱଶୁରାଳୟର ଯନ୍ତ୍ରଣାରୁ ଉଦ୍ଧାର କରିବା ସକାଶେ ମହିଳାର ସ୍ୱାର୍ଥର ମର୍ଯ୍ୟାଦା ରକ୍ଷାକରିବାକୁ ମହିଳା ଓକିଲହିଁ ଅଧିକ ପରିମାଣରେ କ୍ଷମ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ସ୍ତ୍ରୀଶିକ୍ଷା ମଧ୍ୟରେ କେଉଁ ଅଂଶ ହିନ୍ଦୁଜନୋଚିତ ଏବଂ କେଉଁ ଅଂଶ “ମେମ୍ ସାହେବୀ” ଏହାର ପ୍ରକୃତ ସଂଜ୍ଞା ସ୍ଥିର କରିବାହିଁ ସୁକଠିଣ । ତେବେ ଭାରତବର୍ଷୀୟ ଭାବଧାରାକୁ ଅକ୍ଷୁଣ୍ଣ ରଖି ନାରୀ-ଶିକ୍ଷାର ପରିକଳ୍ପନା ଓ ବ୍ୟବସ୍ଥାହିଁ ଆବଶ୍ୟକ ଏବଂ ସର୍ବତୋ-ଭାବରେ ପ୍ରୟୋଜନୀୟ । ସ୍କୁଲ ଓ କଲେଜରେ ନାରୀମାନେ ସଚରାଚର ଇତିହାସ, ଭୂଗୋଳ, ଅଙ୍କ, ସାହିତ୍ୟ, ଦର୍ଶନ ପ୍ରଭୃତି ପଢ଼ନ୍ତି ଯାହା ବାସନମଜା କମ୍ବା ଘର ଓଲାଇବା ଭଳି ବିଦ୍ୟା ନୁହେ । ମାତ୍ର ଶେଷୋକ୍ତ ବିଦ୍ୟାରେ ପୁରୁଷଙ୍କର ମୁଦ୍ରା ମୁଦ୍ରିତ ହୋଇ ନାହିଁ, ଏଣୁ ଅସଂଖ୍ୟ ପୁରୁଷ ରନ୍ଧାବଢ଼ା, ବାସନ ମଜା ଓ ଘର ଓଲେଇବାର କାର୍ଯ୍ୟ କରିଥାଆନ୍ତି । ମହାଭାରତ, ରାମାୟଣ ଓ ଭାଗବତ ପ୍ରଭୃତି ଅଂଶତଃ ଇତିହାସ, ମାତ୍ର ଏହା ନାରୀପାଠ୍ୟରୂପେ ପ୍ରତ୍ୟେକ ହିନ୍ଦୁହିଁ ସମର୍ଥନ କରନ୍ତି । ହିସାବ-କିତାବ ରଖିବାକୁ ହେଲେ ଯେତେବେଳେ ଅଙ୍କର ପ୍ରୟୋଜନ ହୁଏ, ସେତେବେଳେ ଉଚ୍ଚ ଗଣିତର ଶିକ୍ଷା କଲେ କଅଣ ସ୍ତ୍ରୀ ପୁରୁଷ ହୋଇଯିବେ ନାହିଁ ? ବେଦ, ବେଦାନ୍ତ, ଭାଷ୍ୟ, ପାତଞ୍ଜଳ, ସ୍ମୃତି,ଶ୍ରୁତି ପ୍ରଭୃତି ପଢ଼ିଲେ ଯେବେ ସ୍ତ୍ରୀମାନେ ପୁରୁଷ ହୋଇ ନ ଯାଆନ୍ତି ତେବେ ହେଗେଲଙ୍କର ଇଂରାଜୀ ଭାଷାର ଦର୍ଶନ ଶାସ୍ତ୍ର ପଢ଼ିଲେ ପୁରୁଷ ହୋଇଯିବେ ନାହିଁ ।

ନାରୀ-ସମସ୍ୟା ଯେତେ ବହୁ କ୍ଷେତ୍ରରେ ଯୁକ୍ତିତର୍କ ଉଠୁଅଛି । ଫଳତଃ ସମସ୍ତ ଭାରତୀୟ ଭଲ ଏ ସମସ୍ୟାକୁ ଆଧୁନିକ-ଯୁଗୋପଯୋଗୀ ସମାଧାନ କରି ସେଥି ସଙ୍ଗରେ ଭାରତୀୟ ଭାବଧାରାକୁ ଅକ୍ଷୁଣ୍ଣ ରଖି ଚଳେଇବାକୁ ହେବ । ଯୁଗଧର୍ମର ଅନୁକରଣ ସହିତ ଭାରତୀୟ ପ୍ରଥାର ଅନୁସରଣ ମିଶ୍ରିତ ହେଲେ ଫଳୋପଧାୟକ ହେବ ଏହା ଲେଖକଙ୍କର ଅକୃତ୍ରିମ ମନ୍ତବ୍ୟ ।

Digitized by srujanika@gmail.com

ମେଘାସନ

ଶ୍ରୀ ନବକିଶୋର ଦାସ

ସମିବୃକ୍ଷ:—

"ସ୍ୱଭାବେ ଗିରୀନ୍ଦ୍ର ହୋଇ ମେଘାସନ
ଲଭ ନାହିଁ ଗିରି-ସମାଜେ ଆସନ ।"

କବି ରାଧାନାଥଙ୍କ ଏହି ଷୋଡ଼ଶୀ 'ଚିଲିକା' ପାଠକ-ପାଠିକାମାନଙ୍କର ମନେଥିବ । ମୟୂରଭଞ୍ଜ-ଭ୍ରମଣ ବେଳେ ମେଘାସନର ଏକ ଚିରସ୍ଥାୟୀ ସ୍ଥାନ ସାହିତ୍ୟରେ ଦେବା ମୋର ଇଚ୍ଛା ଥିଲା । ତେଣୁ ମେଘାସନ ଅଭିମୁଖରେ ମୋର ଯାତ୍ରା । ମେଘାସନ ମୋର ମୟୂରଭଞ୍ଜ-ଭ୍ରମଣର ଶେଷ ସ୍ମୃତି । ଏହା ମୋ ଜୀବନର ଏକ ଶ୍ରେଷ୍ଠ ପରୀକ୍ଷାସ୍ଥଳୀ । କାରଣ ଶିମିଳିପାଳ ଭଳି ଏଠାରେ ମଧ୍ୟ ମୁଁ ଅତି ଅଳ୍ପକରେ ମୃତ୍ୟୁମୁଖରୁ ବର୍ତ୍ତିଗଲି । ପରେ ତାହା ବର୍ଣ୍ଣିତ ହେବ ।

ମେଘାସନ ମୟୂରଭଞ୍ଜର କପ୍ତିପଦା ସବ୍-ଡିଭିଜନରେ ଅବସ୍ଥିତ । ଉଦଳା ଏହି ସବ୍-ଡିଭିଜନର ରାଜକାର୍ଯ୍ୟ କେନ୍ଦ୍ର । ଉଦଳାରୁ ଦଶ ମାଇଲ ପଶ୍ଚିମରେ ପୋଡ଼ାଡ଼ିହା ନାମକ ଏକ ଗ୍ରାମ ଅବସ୍ଥିତ । ଏହି ଗ୍ରାମ ପାଖରେ ପ୍ରସିଦ୍ଧ ସମିବୃକ୍ଷ । ଏଠାରୁ ମେଘାସନ ଉପରକୁ ଯିବାର ବନ୍ଦୋବସ୍ତ କରିବାକୁ ହୋଇଥିଲା ।

ମେଘାସନ ଅନ୍ୱେଷଣ ପାଇଁ ଉଦ୍ୟୋଗ-ପର୍ବ କିଛି ଥିଲା; ଅର୍ଥାତ୍ ଖଟିଆ, କୋଲ୍ଡ଼ (ହୋ) କେତେଜଣ, ପୁଣି ଖାଦ୍ୟ-ସାମଗ୍ରୀ ସଙ୍ଗରେ ନେବାକୁ ହେବ । ଏହିସବୁ ଆୟୋଜନ ହେବା ପାଇଁ କିଛି ସମୟ ଲାଗିବ । ଉଦଳାର ରାଜକର୍ମଚାରୀମାନେ ମୋ ଭଳି ନିରୀହ ସାହିତ୍ୟିକକୁ ସାହାଯ୍ୟ କରିବାକୁ ବ୍ୟଗ୍ର । ରାଜପୁରୁଷର ଶାସନ, ଓ କବି-ଲେଖକଙ୍କ ଶାସନର ପାର୍ଥକ୍ୟ ଏହିଠି । ରାଜପୁରୁଷଙ୍କୁ ପ୍ରଜାମାନେ ଭୟ ଚକ୍ଷୁରେ ଦେଖନ୍ତି, ସାହିତ୍ୟିକଙ୍କୁ ଭୟ କରିବାର କାରଣ କିଛି ନାହିଁ । ମୋର ପ୍ରାଣ ସାରା ପୃଥିବୀ ପାଇଁ ପ୍ରସାରିତ । ପ୍ରାଣଟା ଏକ ସ୍ପର୍ଶମଣି । ଏହି ସ୍ପର୍ଶମଣିରେ ପୃଥିବୀର ଯେ କୌଣସି ପ୍ରାଣ-ଲୁହା ମଧ୍ୟ ସୁନା ପାଲଟି ପାରେ । ହଁ, ସମିବୃକ୍ଷର ଟିକିଏ ବର୍ଣ୍ଣନା ଦିଏଁ । ପୋଡ଼ାଡ଼ିହାଠାରୁ ସମିବୃକ୍ଷ ପାଖକୁ ଯିବାକୁ ଦୁଇଟି ବାଟ । ଗୋଟିଏ ସଡ଼କ ରାସ୍ତା, ମାଇଲ ତିନି । ଅନ୍ୟଟି ଗାଉଁଲି ରାସ୍ତା । ରାସ୍ତାର ଦୁଇ କଡ଼ରେ ଅଳ୍ପ ଜଙ୍ଗଲ । ମୁଁ ନିଜେ ଗ୍ରାମବାସୀ । ତେଣୁ ଗ୍ରାମ-ପଥ ବାଛିନେଲି । 'ସମିବୃକ୍ଷ' ମଧ୍ୟ ଦୂରରୁ ନୟନରେ ପଡ଼େ । 'ବୃକ୍ଷ' ଶବ୍ଦ ଶୁଣି ମୟୂରଭଞ୍ଜ-ଇତର ପାଠକ ପାଠିକାମାନେ ଭାବୁଥିବେ—ଏହା ପ୍ରାୟ କୌଣସି ପ୍ରକାର ବନ୍ୟଗଛ । ମାତ୍ର ଏହା ଗଛ ନୁହେଁ । ଏହା ଏକ ପାହାଡ଼ ବା ମୁଣ୍ଡିଆ ମାତ୍ର । ଏକ ପ୍ରକାଣ୍ଡ ବୃକ୍ଷ ସଦୃଶ ଢିପି ବା ପାହାଡ଼ର ନାମ ସମିବୃକ୍ଷ । ଏହାର ପାଖରେ 'କୁଲିଅଳମ' ଗ୍ରାମ ଓ 'କୁଶଭଦ୍ରା' ଗିରିନଦୀ । ଗ୍ରାମରେ ସାନ୍ତାଳ, ଭୂୟାଁ ବ୍ୟତୀତ ବ୍ରାହ୍ମଣ ପ୍ରଭୃତି ଅନେକ ନରନାରୀ ଅଛନ୍ତି । ବାଟରେ 'କୁଶଭଦ୍ରା'କୁ ଥରେ ପାର ହେବାକୁ ପଡ଼େ ।

'ସମିବୃକ୍ଷ' ପାହାଡ଼ ତଳେ ଏକ ମଠ ଅଛି । ମଠରେ ଜଣେ ବାଲେଶ୍ୱରର ବାବାଜୀ ଥାଆନ୍ତି । ଏହି ମଠବାଟ ଦେଇ ମୁଁ ସମିବୃକ୍ଷ ପାଖକୁ ଗଲି । କ୍ରମେ ମୁଁ ଢିପି ଉପରକୁ ମଧ୍ୟ ଆରୋହଣ କଲି । ଢିପିଟି ସିଲିଣ୍ଡରାକାର ହୋଇ କ୍ରମେ ଶୀର୍ଷ ଆଡ଼କୁ ସୂକ୍ଷ୍ମ ହୋଇ ଯାଇଅଛି । ଦୂରରୁ ଏହାକୁ "ବୌଦ୍ଧ-ସ୍ତୂପ" ବୋଲି ମଧ୍ୟ ଭ୍ରମ ହୋଇପାରେ । କିନ୍ତୁ ଏହା 'ବୌଦ୍ଧ-ସ୍ତୂପ' ନୁହେଁ । ଏକ ଢିପି ପ୍ରାକୃତିକ ଅବସ୍ଥାରେ ଏହିପରି ହୋଇଅଛି । ଏହାର ଉଚ୍ଚତା ୩୭୦ ଫୁଟ ଯାଏଁ ହେବ । ପ୍ରବାଦ ଅଛି ଯେ ଅର୍ଜ୍ଜୁନ ଏହିଠାରେ ତାହାଙ୍କ 'ଗାଣ୍ଡୀବ-ଧନୁ' ରଖି 'ବୈରାଟଗଡ଼'ରେ ଅଜ୍ଞାତ ନିବାସ କରିଥିଲେ । ବିରାଟ-କଟକର ଅବସ୍ଥାନ—କପ୍ତିପଦା ; ଏହା ପ୍ରବାଦ । ଏହି ସମିବୃକ୍ଷର ଆଉ ଏକ ଅଂଶ "ପୃଥ୍ୱୀମାଣିକାଣୀ" ବୋଲି ଏଠାରେ ଲୋକମୁଖରେ ଶୁଣାଯାଏ । ତାହା କପ୍ତିପଦା ମଫସଲରେ ଅଛି । ସେ ମଧ୍ୟ ଏହିପରି ଅନ୍ୟ ଏକ ଭଗ୍ନ ଢିପିର ଅଂଶ ବିଶେଷ । ଏହି ସମିବୃକ୍ଷର ନିମ୍ନଦେଶରେ ଦୁଇଟି ଗୁମ୍ଫା ଅଛି । ଚାରିଆଡ଼େ ଅସଂଖ୍ୟ କ୍ଷୁଦ୍ର ବୃହତ୍ ପ୍ରସ୍ତରଖଣ୍ଡ ପଡ଼ିଅଛି । ପୂର୍ବ ଓ ଦକ୍ଷିଣ ଦିଗରେ ଶ୍ୟାମ-ବନାନୀର ଶୋଭା ଅତି ମନମୁଗ୍ଧକର । ଶ୍ୟାମଳତା କି ସୁନ୍ଦର ! ଏଥିରେ କ୍ଳାନ୍ତି ନାହିଁ । ଯେତେ ଅନାଇବ ; ଅନାଉ ଥାଅ ; ଚକ୍ଷୁରେ କଷ୍ଟ ବୋଧ ହୁଏ ନାହିଁ । ସ୍ୱରଚିତ ଗୋଟିଏ ଗୀତ ସ୍ୱତଃ ମନେ ପଡ଼ିଲା :—

ଶ୍ୟାମଳ ବନେ
ଶ୍ୟାମ ସ୍ୱପନେ
ରତ ମୋର ନିତ୍ୟ ହିଜେ ଶ୍ୟାମ-ଭୁବନେ

ଯେତେ ଦୂର ମୋର ଆଖି ପାଉଛି ; ମୁଁ ଦେଖୁଅଛି କେବଳ ବଣ, ବଣ । ମୁଁ ଓ ଆଉ ଜଣେ ଚୌକିଦାର 'ସମିବୃକ୍ଷ' ଉପରକୁ ଉଠିଲୁଁ । ଆମ୍ଭେମାନେ ଅଧାଯାଏଁ ଗଲୁଁ । ପଥର ବଡ଼ ମସୃଣ । ଟିକିଏ ଅସାବଧାନତାରେ ମୃତ୍ୟୁ । ପାଣି ପଡ଼ି ପଡ଼ି ପଥର ଏପରି ସମତଳ ହୋଇ ଯାଇଅଛି । ଏହି ସମିବୃକ୍ଷର ମଧ୍ୟ ଭାଗରେ ଛିଡ଼ା ହୋଇ ଚାହିଁଲେ ଉତ୍ତରରେ 'ପାଟମୁଣ୍ଡାଇ' ଓ ତାହା ଉପରକୁ 'କୁବେରପାହାଡ଼' ଦେଖାଯାଏ । ପାହାଡ଼ ସବୁ ଶ୍ୟାମ-ଗୁଳ୍ମାଚ୍ଛାଦିତ । ପାହାଡ଼ର ନିମ୍ନ ଭୂମିର ବଣର ଶ୍ୟାମ-ବୃକ୍ଷଚୂଳ କେବଳ ନୟନରେ ଭାସି ବୁଲେ । ଦୂର ପାହାଡ଼ ନୀଳ, ପାଖ ପାହାଡ଼ ଶ୍ୟାମଳ । ପୁଣି ଶାଗୁଆ ବଣର ପତ୍ରଗହଳରେ ରକ୍ତ-କୃଷ୍ଣଚୂଡ଼ାର ଫୁଲ ଗୁଡ଼ିକ କି ମନମୁଗ୍ଧକର ! ପ୍ରଥମବାର ଏହି ସାମାନ୍ୟ ଶୋଭା ଦେଖୁଁ ଦେଖୁଁ ମୁଁ ଅନ୍ୟମନସ୍କ ହୋଇ ବସେ । ବଣ, ପାହାଡ଼କୁ ଏତେ ଦେଖିଲିଣି;

Digitized by srujanika@gmail.com

ତଥାପି ଏହା ବଡ଼ ସୁନ୍ଦର । ମୋ କବି-ଅନ୍ତରର ଏହା ଏକ ଲୋଭନୀୟ ବସ୍ତୁ ।

ସମିବୃକ୍ଷରେ ଅନେକ ଗୁଡ଼ିଏ ଦାଗ ପଡ଼ିଅଛି । ଗୋଟିଏ ଦାଗକୁ 'ସାପଚକ୍ଷୁ' ବୋଲି କହନ୍ତି । ଅନେକ ଦର୍ଶକ ସମିବୃକ୍ଷ ଦେହରେ ସେମାନଙ୍କ ନାମ ଖୋଦନ କରି ଯାଇଅଛନ୍ତି । ମଣିଷ ବଞ୍ଚିବାକୁ ଚାହେଁ । ହୁଏତ ଭସ୍ମୀଭୂତ ଶ୍ମଶାନ-ଧୂଳିରେ ମଣିଷର ଏହି ଆଶା ରହିଯାଏ । ସେଥିପାଇଁ ମଣିଷ ମରଣକୁ ଡେଇଁ ପୁଣି ମର୍ତ୍ତ୍ୟକୁ ଆସେ । ଜନ୍ମ ପରେ ଜନ୍ମ । ମୃତ୍ୟୁ କେବଳ କ୍ଷଣିକ । ମୁକ୍ତି ଅତି ଅଳ୍ପ ଲୋକେ ଚାହାଁନ୍ତି । ମୁଁ ମୁକ୍ତି ଚାହେଁ ନାହିଁ । କିନ୍ତୁ ବନ୍ଧନର ମୋହଟା ମଧ୍ୟ ମୋ ପ୍ରାଣରେ ନାହିଁ । ମୁଁ ଦ୍ରଷ୍ଟା ଈଶ୍ୱର ଲୀଳା ଦର୍ଶନରେ ଗମ୍ଭୀର ଆନନ୍ଦ ଅଛି । କିନ୍ତୁ ମୂକଦର୍ଶକ ହେବାରେ ମଧ୍ୟ ଟିକିଏ କୌଶଳ ଲୋଡ଼ା । ଜୀବନ ଏକ କୌଶଳ । ଯେଉଁମାନେ ଜୀବନ ଯାପନର ଏହି କୌଶଳ ଠିକ ଜାଣନ୍ତି; ସେମାନେ ଆନନ୍ଦ ଉପଭୋଗ କରନ୍ତି । ମୋର ଆଜି ବ୍ୟକ୍ତିଗତ ଦୁଃଖ ନାହିଁ । ମୁଁ ଆନନ୍ଦରୁ ଜାତ, ଆନନ୍ଦରେ ମୋର ସ୍ଥିତି; ଆନନ୍ଦରେ ମୋର ପରିଣତି । ଆନନ୍ଦହିଁ ମୋର ଦର୍ଶନ । ଦୁଃଖ ଭ୍ରମରୁ । ଶୋକ, ଶୋଚନା ଅଜ୍ଞାନରୁ । ସେ ଯାହାହେଉ ସମିବୃକ୍ଷର ମଧ୍ୟ ଭାଗରେ ବସି ମୁଁ ଈଶ୍ୱର ଏହି ଶ୍ୟାମ-ଲୀଳା-ସ୍ୱପ୍ନରେ ମଗ୍ନ । ମୋ ପ୍ରାଣରୁ ମୟୂରଭଞ୍ଜ, ଉତ୍କଳ, ଭାରତବର୍ଷ ଲିଭି ଯାଇଅଛି । ମୁଁ ବିଶ୍ୱବ୍ୟାପୀ । ମୁଁ କ୍ଷୁଦ୍ର ହୋଇ ବୃହତ୍, ବିରାଟ । ସାଧାରଣ ମନୁଷ୍ୟ ଯେ—କୌଣସି ରାଜା, ମହାରାଜାଙ୍କଠାରୁ ବିଶାଳ, ମହତ୍; ଏତିକ ମଣିଷ ବୁଝିଲେ ହେଲା । ବିଶ୍ୱବ୍ୟାପୀ ଚେତନା ଯେ ଥରେ ଗମ୍ଭୀର ଭାବରେ ଅନ୍ତରରେ ଉପଲବ୍ଧି କରିଛି, ତାହାର ଭୟ ନାହିଁ । ମୁଁ ଅମୃତ, ଅଜୟ, ଅପରିବର୍ତ୍ତନୀୟ, ମୁଁ କଅଣ ଏହି ଦେହ, ମାଂସ, ଅସ୍ଥି, ରକ୍ତ ନା ଆଉ କିଛି ? ତାହାହିଁ ବିଚାର୍ଯ୍ୟ !

ସେ କଥା ଏତିକିରେ ଥାଉ । ସମିବୃକ୍ଷ ବର୍ଷା ଦିନେ ଏକ ସୁନ୍ଦର ରୂପ ଧାରଣ କରେ । ଅଜସ୍ର ବର୍ଷାଧାର ତାହାର ଅଙ୍ଗରେ ଝରିପଡ଼େ ! ସମିବୃକ୍ଷର କିମ୍ବଦନ୍ତୀଟି ମଧ୍ୟ ଅସାଧାରଣ । ବୃକ୍ଷଟି ଭାଙ୍ଗି ଯାଇ ତିନିଖଣ୍ଡ ହୋଇ ଯାଇଅଛି । ଖଣ୍ଡିଏ ଏଠାରେ, ଅନ୍ୟଖଣ୍ଡ ପୃଥ୍ୱୀମାଣିକାଣୀ; ଶେଷ ଖଣ୍ଡ ସମୁଦ୍ରରେ—ସ୍ଥଳରେ ବୋଧହୁଏ ଅନ୍ୟ କେଉଁଠାରେ ମନୁଷ୍ୟ ଠାବ ପାଇଲେ ନାହିଁ । ଏଠାରେ 'ମକର ପର୍ବ' ଆଡ଼ମ୍ବରରେ ହୁଏ ବୋଲି ଶୁଣିଲି । ଅନେକ ଯାତ୍ରୀ ମେଳ ହୁଅନ୍ତି । ଆଦିମ ଅଧିବାସୀମାନଙ୍କର ନାଚ ହୁଏ । ମିଳନ ସନ୍ଧ୍ୟା ମଧୁର । କିନ୍ତୁ ବିରହ-ବେଦନାରେ ଏକ ମଧୁରତା ଅଛି । ବେଦନାର ଏକ ଗମ୍ଭୀର ଆନନ୍ଦ ଅଛି ।

ମିଳନରେ ପ୍ରେମର ପରିଣତି ହେଲେ, ବିରହରେ ଏହାର ପରୀକ୍ଷା । ଏଠାରୁ ବିଦାୟ ନେଇ ମୁଁ ପୁଣି 'ପୋଡ଼ାହାଡ଼ା' ଡାକବଙ୍ଗଳାକୁ ଫେରି ଆସିଲି । ଏଠାରେ 'ଭୁଇଁଅଲମ' ଗ୍ରାମରେ ଦେଖିଲି ଯେ 'ସାନ୍ତାଳ', 'ଭୂୟାଁ'ମାନେ କ୍ରମେ ହିନ୍ଦୁ-ପଦ୍ଧତି ଗ୍ରହଣ କରି ନେଇଅଛନ୍ତି । କେନ୍ଦୁଝରରେ ମଧ୍ୟ ମୁଁ ଦେଖି ଆସିଥିଲି ଯେ ଭୂୟାଁମାନେ କ୍ରମେ ସଭ୍ୟ ହୋଇ ଯାଉଅଛନ୍ତି । ସେମାନଙ୍କ ଗଢ଼ଣ ମଧ୍ୟ ଶୀଘ୍ର ହେଉଅଛି । 'ଡାଲବନ୍ଧାଣ' ଏମାନଙ୍କର ଏକ ନୂଆ ଉତ୍ସବ । ଚୈତ୍ର ମାସରେ ନୂଆ ଆମ୍ବ ଖାଇଲା ବେଳେ ଏହି ପର୍ବ ହୁଏ । ସିଂହଭୂମିରେ 'ଓରାଂ'ମାନଙ୍କ ମଧ୍ୟରେ ଏହି ପର୍ବକୁ 'ଡାଲଭଙ୍ଗୁଣି' କହନ୍ତି । କୋଲ୍ହାଣର 'ହୋ' (କୋଲ୍ହ)ମାନେ ଏହି ପର୍ବ ପାଳନ୍ତି । ଭୂୟାଁ, ସାନ୍ତାଳ କ୍ରମେ ଗୁଙ୍ଗୁମାଡ଼ ଛାଡ଼ ଦେଉ ଅଛନ୍ତି । ହାଣ୍ଡିଆପିଆ ମଧ୍ୟ କମି ଆସୁଅଛି । ଏମାନଙ୍କ ବିବାହ-ପଦ୍ଧତି ହିନ୍ଦୁମାନଙ୍କ ଭଳି ହୋଇଗଲାଣି । 'ବ୍ରାହ୍ମଣ' ସେମାନଙ୍କ ଆସନ ମାଡ଼ି ବସିଲେଣି । ଆଦିମ ଜୀବନର ଏହି ସାମାନ୍ୟ ଘଟନା, ପ୍ରକାଶ ମଧ୍ୟରେ ମୁଁ ବିଶ୍ୱ-ଲୀଳାର ଏକ ବୃହତ୍-ଖେଳ ଦେଖିଅଛି । ପ୍ରାଣଟା କବିର ନାନା ସ୍ୱପ୍ନରେ ମଗ୍ନ । କବି-କଣ୍ଠରେ ମଧ୍ୟ ଆଜି ବହୁତ କବିତା ।

ଭଞ୍ଜବସାଃ—

ପ୍ରାତଃ କାଳରୁ ସଜହୋଇ ମୁଁ ମେଘାସନ ଅଭିଯାନରେ ବାହାରି ପଡ଼ିଲି । ଖଟିଆଟିଏ ଆସି ଡାକବଙ୍ଗଳା ପିଣ୍ଡାରେ ଥୁଆ ହେଲା । ଦୁଇଟି ଗଜା ଶାଳଗଛ କଟାଯାଇ ଖଟିଆରେ ଭିଡ଼ାହେଲା । ଖଟିଆଟି ଓଲଟାଇ ଦିଆ ଯାଇଥିଲା; ଅର୍ଥାତ ଗୋଡ଼ ଚାରିଟି ଉପରକୁ । ଯେଉଁ ପାଦ ଗୁଡ଼ିକ ସବୁବେଳେ ଭୂମି ସଙ୍ଗେ ବନ୍ଧୁତା ବାନ୍ଧିଥିଲେ; ସେଗୁଡ଼ିକ ଆଜି ଆକାଶ ସଙ୍ଗେ 'ମୈତ୍ର' ବସିବାକୁ ଉପରକୁ ଚାହିଁଛନ୍ତି ପରା ! ଖଟିଆର ଗୋଡ଼ ତଳମୁହାଁ ହେଲେ କେଉଁଠାରେ ପାହାଡ଼ ଦେହରେ ବାଜି ହୋଇଯିବ । ଲୋକେ ଅଶିକ୍ଷିତ ହେଲେ; କାର୍ଯ୍ୟରେ ଶୃଙ୍ଖଳା ଥାଏ ନାହିଁ । ସାମାନ୍ୟ କାମ ଲାଗି ବୃଥାରେ ଖୁବ୍ ହାଲ୍ଲା ହୁଏ । କିନ୍ତୁ କାମ ଅପେକ୍ଷା ପାଟି ହୁଏ ଖୁବ୍ ବେଶୀ । ତାହାହିଁ 'ହୋ'ମାନେ ମୋ ଚାରିଆଡ଼େ ଘଟାଉଥିଲେ । ଖଟିଆରେ ଭ୍ରମଣକାରୀ ବିଜେ ହେଲେ । ବାହକ ମାନଙ୍କ କାନ୍ଧରେ ଖଟିଆ ବିମାନରେ ମୁଁ ଗତି କଲି । ଭଞ୍ଜବସା ମେଘାସନ ପାହାଡ଼ ମଧ୍ୟରେ ଏକ ବିଶ୍ରାମ ନେବା ସ୍ଥାନ । ସେଠାରେ ମଧ୍ୟ ଡାକବଙ୍ଗଳା ଅଛି । ତେଣୁ ଆମ୍ଭମାନଙ୍କର ରହିବାକୁ ଖୁବ୍ ସୁବିଧା ହେବ । ଏହା ପୋଡ଼ାହାଡ଼ାଠାରୁ ନଅ ମାଇଲ ମାତ୍ର । ଏହାର ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ ବାଟ ଯାକ କେବଳ ବଣ, ବୁଦା । ଦୁଇଟି ଘାଟୀ ଡେଇଁବାକୁ ପଡ଼ିବ । ରାସ୍ତାର ଦୁଇକଡ଼ରେ ବଣ । ଗଛ କେତେକ ପତ୍ର-ଶୂନ୍ୟ । ବେଳେବେଳେ କୌଣସି ବନ୍ୟ-ଫୁଲ ଦୃଷ୍ଟି ଆକର୍ଷଣ କରେ । ନୋହିଲେ ମୁଁ ମୋର ସ୍ୱପ୍ନ-ମଗ୍ନ ଥାଏଁ । ଶୁଭ୍ର କୁରୁଡ଼ (କରି) ଫୁଲ ଆଖିରେ ପଡ଼ୁଅଛି । କେଉଁଠି ବୋଲ ପାଚି ଝଡ଼ି ପଡ଼ୁଛି । ଆମ୍ଭେମାନେ କ୍ରମେ ଗ୍ରାମ ଛାଡ଼ିଲୁଁ । କର୍ଷିତ କ୍ଷେତ୍ରରେ କୃଷକମାନେ ବ୍ୟସ୍ତ । ଗ୍ରାମ-ବଧୂମାନେ ଜଳ-କଳସୀ ନେଇ ସେମାନଙ୍କ ଗନ୍ତବ୍ୟ ପଥରେ ଧାଡ଼ି ଧାଡ଼ି ହୋଇ ଗତିକରି, ଏକ ଦୃଶ୍ୟ ସୃଷ୍ଟି କରିଅଛନ୍ତି ।

Digitized by srujanika@gmail.com

କିଛି ଦୂର ଗଲା ପରେ 'ଠକ୍‌ଠକ୍' ନଦୀ ପଡ଼ିଲା । ନଦୀରେ ପାଣି ସେତେ ନାହିଁ । ତଥାପି ହୋମାନେ ସେମାନଙ୍କ ପ୍ରାତଃ-ଭୋଜନ ପାଇଁ ସେହି ନଦୀକୂଳରେ ବିଶ୍ରାମ ନେଲେ । ଶିଆଳୀ ପତ୍ର ପଟୁଆରେ ପଖାଳ ଭାତ ଓ ଲୁଣ ବାନ୍ଧି ଆଣିଥିଲେ । ତହିଁରେ ସେମାନଙ୍କ ଭୋଜନ ସମାପ୍ତ ହେଲା । ସେମାନେ ପତ୍ର-ପଡ଼ା-ପଚା ପାଣିରୁ ପେଟେ ପେଟେ ପିଇଲେ । ଏହି ସ୍ଥାନକୁ 'ଖଡ଼ାଖାଲ' କହନ୍ତି । 'ଠକ୍‌ଠକ୍' ନଦୀର ବିଭିନ୍ନ ସ୍ଥାନରେ ବିଭିନ୍ନ ନାମ ଅଛି; ଯଥାः—ଦେଦର୍. (ଦର=ଗର୍ତ୍ତ) 'କନଆବର' 'ଧାଙ୍ଗଡ଼ାଧାଙ୍ଗାଡ଼ି', 'ଘୃମଅଣ୍ଡି', 'ବାଘଅଣ୍ଡି'; ଇତ୍ୟାଦି ।

ଶାଳଗଛରୁ ଝୁଣା ବାହାରେ । ଯେଉଁ ଗଜା ଶାଳଗଛରେ ମୋର ଖଟିଆ ବନ୍ଧା ଯାଇଥିଲା; ତାହାର ଦେହରେ ଝୁଣା ଥିବାର ଦେଖିଲି । ବାଟରେ ଶାଳଗଛ ପଡ଼ିଲେ, ମୁଁ ଅନାଏ । ଝୁଣା କେତେକ ଗଛରେ ବାହାରି ଥିବାର ଦେଖେଁ । ମନୁଷ୍ୟ ଦ୍ରବ୍ୟ-ଲୋଭୀ । ଝୁଣା-ସଂଗ୍ରହ କରିବାକୁ ଇଚ୍ଛା ହେଉଥିଲା; କିନ୍ତୁ ଚୋର ହେବି ଭାବି ପୁଣି ଆଗକୁ ଅଗ୍ରସର ହେଲି । ଉଜିଆମାନେ (ଖଡ଼ିଆଙ୍କ ଭଳି ଏକ ପ୍ରକାର ଆଦିମ ଅଧିବାସୀ) ବଣରୁ ଝୁଣା, ପାଳୁଅ ଓ ମହୁ ପ୍ରଭୃତି ସଂଗ୍ରହ କରନ୍ତି । ବାଟରେ ଏକ ମହୁଫେଣା ଦେଖି ମହୁ ଭାଙ୍ଗିବାକୁ ହୋମାନଙ୍କର ଇଚ୍ଛା । ତହିଁରୁ ସେମାନଙ୍କୁ କ୍ଷାନ୍ତ କଲି । ରାସ୍ତା ବଡ଼ ଅଙ୍କାବଙ୍କା—କାହିଁ ଉଚ୍ଚ, କାହିଁ ଖାଲ । ଦୁଇ କଡ଼ରେ ବଣ, ବଣ ମଝିରେ ଗଛ କଟାଯାଇ ରାସ୍ତା କରାଯାଇଅଛି । ତଥାପି ରାସ୍ତା ସମତଳ କରାଯାଇ ନାହିଁ । ତେଣୁ ଖଟିଆଟା କେତେବେଳେ ଉପରକୁ କେତେବେଳେ ତଳକୁ ହୋଇ ଯାଉଥାଏ । ଖଟିଆରେ ଆଉ ଏକ ବିପଦ ଥାଏ । କେତେବେଳେ ରାସ୍ତା ଦୁଇ କଡ଼ରୁ ଗଛଡାଳ ଆସି ଆଖିକାନରେ ବାଜିଯିବ । ତେଣୁ ମୁଁ ସବୁବେଳେ ସାବଧାନ ଥାଏ । ଆଗରେ ଗୋଟିଏ ଟେକିଆକୁ ଏହି ଡାଳକଟା କାମରେ ଲଗାଇ ଦେଇଥାଏ । ବଣରେ ଠାଏ ଠାଏ ଫୁଲ ଫୁଟି-ଅଛି । ଫୁଲ ଦେଖିଲେ ନାମ ପଚାରେ । "ପଟୁଆ ଫୁଲ" ବୋଲି ଏକ ଫୁଲ ଜାଣିଲି । ରାସ୍ତା ଦୁଇ କଡ଼ରେ ବାଙ୍କିରିଆ ଗଛ । ଏହାର ଫଳ, ଗୋଟା ଗୁଡ଼ିକ ମଧ୍ୟ ଶକ୍ତ । ରାସ୍ତାରେ ସ୍ଥାନେ ସ୍ଥାନେ ଏଗୁଡ଼ିକ ଜମା ହୋଇଅଛି । କାହିଁ ଶିଆଳୀ-ଲଟାର ସୁନ୍ଦର ଦୋଳି ହୋଇଅଛି । ବନଦେବୀଙ୍କର ଏହି ଲୀଳା-ଭୂମିରେ ବୃକ୍ଷ, ଲତା ପରସ୍ପର ପ୍ରେମ-ବନ୍ଧନରେ ନିବିଡ଼ ଭାବରେ ଜଡ଼ିତ । ପ୍ରେମ କେବଳ ନର ଓ ନାରୀଙ୍କ ମଧ୍ୟରେ ଆବଦ୍ଧ ନାହିଁ । ଏହା ଏକ ବିଶ୍ୱବ୍ୟାପୀ କ୍ଷୁଧା । ପଶୁ, ପକ୍ଷୀ, ବୃକ୍ଷ, ଲତା, ମନୁଷ୍ୟ ସମସ୍ତେ ଏହାର ଅଧୀନ । ପ୍ରେମହୀନ ସୃଷ୍ଟି ସମ୍ଭବ ନୁହେଁ । ସୃଷ୍ଟିର ମୂଳରେ ପ୍ରେମ । ପ୍ରେମ ନ ଥିଲେ ସୃଜନ ଅସମ୍ଭବ । ଦେହରେ ଏହା କେବଳ ଆବଦ୍ଧ ନୁହେଁ । ଗଛ, ଲତାଙ୍କର ଏହି ପ୍ରେମ-ବନ୍ଧନ ଅବା ବେଳେ ବେଳେ ପଥିକମାନଙ୍କ ଗତିରୋଧର ଦ୍ୱାର ହୁଏ । ଏହା ସେମାନଙ୍କର ମୃତ୍ୟୁ । ପୁଣି ପ୍ରକୃତି ତାହାର ନିୟମାନୁଯାୟୀ ସୃଷ୍ଟି-ପ୍ରକ୍ରିୟାରେ ବ୍ୟସ୍ତ । ଜନ୍ମ, ମୃତ୍ୟୁ, ବିକାଶ, ବିନାଶ, ଏକ ସୃଷ୍ଟିର । ଗଛ ହଣାଯାଏ, ନୂଆ ଗଛ ଲାଗି କ୍ଷେତ୍ର ପ୍ରସ୍ତୁତ ହୁଏ । ପତ୍ର ଝଡ଼େ, ନବ ପତ୍ରର ବିକାଶ ଲାଗି । ଯେଉଁମାନେ ସୃଷ୍ଟିର ଏହି ଦୁଇ ଦିଗର ସଠିକ ସମ୍ବାଦ ରଖନ୍ତି; ସେମାନେ ଦ୍ରଷ୍ଟା । ସେମାନେ ଦୁଃଖରେ ବିଚଳିତ ହୁଅନ୍ତି ନାହିଁ, ସୁଖରେ ସେମାନଙ୍କର ଅନ୍ତର ମଧ୍ୟ ଶୂନ୍ୟ-ବଢ଼ମାରେ ସ୍ଫୀତ ହୁଏ ନାହିଁ । ମୁଁ ବିଚ୍ଛେଦରେ ବ୍ୟସ୍ତ ନୁହେଁ, ବିରହରେ ବିଚଳିତ କିମ୍ବା ମୃତ୍ୟୁରେ ମର୍ମାହତ ହୁଏ ନାହିଁ । ଏହା ବୋଲି ମୋର ପ୍ରାଣଟା ପଥର ନୁହେଁ । ବିଚାର ଲୋଡ଼ା; ବ୍ୟସ୍ତତା ନୁହେଁ । ଏହି ବଣ ଉଦ୍ଭିଦ-ବିଜ୍ଞାନ ଛାତ୍ରମାନଙ୍କ ପାଇଁ ଏକ ଉପଯୁକ୍ତ କ୍ଷେତ୍ର । କେହି ଓଡ଼ିଆ ବୈଜ୍ଞାନିକ ଏହାର ସଦ୍-ବ୍ୟବହାର କରିବା ଉଚିତ । ରାସ୍ତା ପାଖେ ପାଖେ ନାନା ପ୍ରକାର ଫଳ, ପତ୍ର, ଫୁଲ ଆଖିରେ ପଡ଼ୁଅଛି । କିନ୍ତୁ ମୋର ଜାଣିବାର ଅବସର ନାହିଁ । ଗୀତ ଗାଇବା ମୋର କାମ । ବାଟରେ ଠାଏ ବସିଲି; ହୋମାନେ ବଣଆଳୁ ଖୋଳିବାରେ ବ୍ୟସ୍ତ ରହିଲେ । 'ବାଘଆଳୁ' ବୋଲି ଆଉ ଏକପ୍ରକାର ଆଳୁ ମିଳେ । ଏହା ଦେଖିବାକୁ ଧଳା; ଖାଇଲେ, ବଡ଼ କଷା ଲାଗେ । କ୍ରମେ ଆମ୍ଭେମାନେ 'ବାଉଁଶଘାଟୀ' ନିକଟବର୍ତ୍ତୀ ହେଲୁଁ । 'ବାଉଁଶଘାଟୀ' ତାହାର ନାମ ସାର୍ଥକ କରିଅଛି । ଘାଟୀରେ ବାଉଁଶ ବୁଦା ଅନେକ । ବଣୁଆ ହାତୀ ଖାଉ ନ ଥିଲେ, ଏଠାରେ ବାଉଁଶ ବଣ ହୋଇ ଯାଆନ୍ତା । ସୃଷ୍ଟି ସଙ୍ଗେ ସଙ୍ଗେ ସଂହାର । ସଂହାର ପୁଣି ସୃଷ୍ଟି ପାଇଁ ଅଭିପ୍ରେତ । ସୃଜନ ଓ ପ୍ରଳୟ ପରସ୍ପର ବନ୍ଧୁ । ଘାଟୀରେ ଗଲାବେଳେ ମୁଁ ଖଟିଆରୁ ଓହ୍ଲାଇଲି ।

ଏହାପରେ 'ତେଲୁଣିଗଡ଼ା' ବୋଲି ଏକ ଘନବନ-ଆଚ୍ଛାଦିତ ପାହାଡ଼ ପଡ଼ିଲା । ଯେପରି ବନଦେବୀ ଏଠାରେ ଧ୍ୟାନମଗ୍ନ । ଏକ ଛାୟା ତଳେ ବସି ଏହି ବନାଚ୍ଛାଦିତ ଗିରିମାଳାର ଶ୍ୟାମଶୋଭା ଦେଖୁଁ ଦେଖୁଁ ମୁଁ ଧ୍ୟାନମଗ୍ନ ହେଲି । କି ସୁନ୍ଦର ଏହି ଶ୍ୟାମରୂପ ! ମୋତେ କେନ୍ଦ୍ର କରି ଏହି ଚାରୁ ଶୋଭା ଚାରିଦିଗରେ ପରିବ୍ୟାପ୍ତ । ମୁଁ ଓ ଶୋଭା ଏକ । ମୁଁ କିଏ ? ସନ୍ଦେହୀର ସନ୍ଦେହର ପୂର୍ବରୁ—ମୁଁ । ବେଦାନ୍ତରେ ଶଙ୍କର ଏହି 'ମୁଁ'କୁ 'ଆତ୍ମା' ବିଶ୍ୱାସର ପ୍ରମାଣ ବାଢ଼ି ଅଛନ୍ତି । ଆତ୍ମା କେବଳ ମୋଠାରେ ନୁହେଁ; ସମଗ୍ର ସୃଷ୍ଟିରେ ପରିବ୍ୟାପ୍ତ । ଶୋଭା ମଧ୍ୟରେ ସେହି ଆତ୍ମସତ୍ତା ବିରାଜିତ । ତେଣୁ ମଣିଷ ଶୋଭାରୁ ଆନନ୍ଦ ପାଏ । ଜଳ, ସ୍ଥଳ, ପାଣି, ପବନ ମଣିଷକୁ କାହିଁକି ଏତେ ଭଲ ଲାଗେ ? କାରଣ ମନୁଷ୍ୟ ସେହି ସବୁ ଦୃଶ୍ୟ ମଧ୍ୟରେ ତାହାର ଆତ୍ମ-ସତ୍ତା ଖୋଜି ପାଇଅଛି । ଆତ୍ମ-ଉପଲବ୍ଧି ହିଁ ଆନନ୍ଦ । ପୁତ୍ର ମଧ୍ୟରେ ପିତା, ପ୍ରିୟା ପ୍ରାଣରେ ପ୍ରିୟ ଏହି ଆତ୍ମଉପଲବ୍ଧି କରେ ବୋଲି ସଂସାରରେ ପୁତ୍ର, କନ୍ୟା, ପତ୍ନୀ ଏତେ ପ୍ରାଣର ନିକଟତମ ପଦାର୍ଥ । ତେଣୁ ଏହି ମେଘାସନ ଗିରିମାଳାର ଶୋଭା-ସନ୍ଦର୍ଶନରେ ମୁଁ ମଗ୍ନ । ଯେପରି ବହୁଯୁଗରୁ ଆମ୍ଭମାନଙ୍କ ପ୍ରାଣରେ ଏକ ଅଚ୍ଛେଦ୍ୟ ସମ୍ପର୍କ ଅଛି । ଏହି 'ତେଲୁଣିଗଡ଼ା' ପାହାଡ଼କୁ ଆମ୍ଭମାନଙ୍କୁ ଡେଇଁବାକୁ ହେବ । ଏହି ପାହାଡ଼ ଉପରେ ଘାଟୀରାସ୍ତା ଯାଇଅଛି । ପଥ ଛାୟାଯୁକ୍ତ, ସୁଶୀତଳ । କ୍ରମେ ଆମ୍ଭେମାନେ ବହୁତ ଉପରକୁ ଉଠି ଆସିଲୁଣି ।

Digitized by srujanika@gmail.com

'ଢେଲୁଣିଗଡ଼ା' ପାହାଡ଼ ବଣର ଶୋଭା ଦେଖିଲା ବେଳେ, ପଶ୍ଚିମ-ଉତ୍ତରରେ ଅନ୍ୟ ଏକ ପାହାଡ଼ର ଦୃଶ୍ୟ ଦେଖା ଯାଉଅଛି । ତାହାର ନାମ—"ହୁକା ହଣ୍ଡାର" । ଏଠାରୁ ଆଦିମ ଅଧିବାସୀମାନେ ଅନେକ "ଫୁଲ ଝାଡ଼ୁଣି" କାଟି ନିଅନ୍ତି । ଏଠାରୁ ଗ୍ରାମବାସୀମାନେ ଫଳ, ମୂଳ, ଫୁଲ, ପତ୍ର ସଂଗ୍ରହ କରନ୍ତି । କେହି ମହୁ, ଝୁଣା ସଂଗ୍ରହ କରନ୍ତି । ଏଥିରେ ସେମାନେ ଜୀବିକା ଅର୍ଜନ କରନ୍ତି । 'କୁମ୍ଭଗଛ'ର ବଡ଼ ବଡ଼ ଫଳ ମୋର ଦୃଷ୍ଟି ଆକର୍ଷଣ କରିଅଛି । ଅଁଳାଗଛ ଦେଖି କୋଳି ଖାଇବାକୁ ଇଚ୍ଛା ହେଲେ ମଧ; ଗଛରେ କୋଳି ନାହିଁ । ବଣ ଶାଗ କେଉଁଠି ଦେଖିଲେ; 'ହୋ'ମାନଙ୍କର ତାହା ତୋଳିବାକୁ ଲୋଭ । ବାଟରେ ଖୁବ୍ 'କୁମ୍ଭୁରି' ଶାଗ ବୁଦାମାନ ଦେଖିଲି । ପଥ ବେଶ୍ ଛାୟାବୃତ । ହଳଦୀବସନ୍ତ କାହିଁ ମଧୁର କାକଳୀ ତାଳୁଅଛି ! ବଣ-ହାତୀ ଏହି ବାଟରେ ଯାଆନ୍ତି । ବାଟରେ ସେମାନଙ୍କ ଗନ୍ଧର ଚିହ୍ନ ସୁସ୍ପଷ୍ଟ । ବଣରେ ବଣ-ପଶୁଙ୍କୁ କେଉଁ ବାଟ କିଏ ମନା କରିବ ? ଏହି ରାସ୍ତା ବଙ୍କୁଆ କମ୍ପାନୀ କାଠ କାଟିଲା ବେଳେ ଗଢ଼ିଥିଲା । ରାସ୍ତା କ୍ରମେ ଉପରକୁ ଉଠି ଯାଉଛି । ନିମ୍ନରେ ବନାବୃତ ପାହାଡ଼; କିମ୍ବା ଖାଲି ବଣ । ବଣରେ ଏକ କଦଳୀ ଗଛ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା । ଚିହ୍ନା ପକ୍ଷୀଙ୍କୁ ଅନେକ ଅଜଣା ପକ୍ଷୀଙ୍କ ମଧ୍ୟରେ ଦେଖିଲି ହଳ "ହେଇ-ହେଇ" ସମସ୍ତେ ପାଟି କରି ଉଠିଲେ । ଚାରିଆଡ଼େ ବଣ, ପାହାଡ଼ । ରାସ୍ତାରେ ଏହି କେତୋଟି ପକ୍ଷୀ ! କ୍ରମେ ଆମ୍ଭେମାନେ ଏହି ବଡ଼ ଘାଟୀ ପାର ହୋଇ "ଚଢ଼େଇଚୂଆ" ନାମକ ଏକ ସ୍ଥାନକୁ ଆସିଲୁଁ । ସ୍ଥାନଟିର ନାମ 'ଚଢ଼େଇଚୂଆ' ହେବାର ଏକ କାରଣ ଅଛି । ଗୋଟିଏ କେନ୍ଦୁଗଛ ମୂଳେ ଗୋଟିଏ ପାଣିଚୂଆ ଅଛି । ତାହାକୁହିଁ 'ଚଢ଼େଇଚୂଆ' କହନ୍ତି । ସାଥି ଲୋକମାନେ ପାଣି ପିଇବା ପାଇଁ ଶିଆଳି ପତ୍ର ଆଗରୁ ସଂଗ୍ରହ କରିଥିଲେ । ଚୂଆ ପାଖରେ ପହଞ୍ଚିଲା ମାତ୍ରେ ପାଣି ପିଇବା ଆରମ୍ଭ କରିଦେଲେ । କିନ୍ତୁ ମୁଁ ଦେଖିଲି ଯେ ପାଣି ପଚା । ଏମାନଙ୍କୁ ଏହି ପାଣିର ଅପକାରିତା ବୁଝାଇଲେ ମଧ୍ୟ ଏମାନେ ଏହା ବୁଝିବାକୁ ନାରାଜ ।

କ୍ରମେ ରାସ୍ତା ସମତଳ ଭୂଇଁରେ ଗତି କଲା । ପୁଣି ଖଟିଆ-ବାହନରେ ଭଂଜବସା ଅଭିମୁଖୀ ହେଲି । ବାଟରେ ଧଳା 'ଝିଙ୍କଫୁଲ' ଓ 'ଶାଗ' ଦେଖି ହୋମାନେ ମହାଖୁସି । ଏଗୁଡ଼ିକ ଏମାନଙ୍କର ଖାଦ୍ୟ; ତରକାରି ଚଳାଇବ । ବାଟ ଦୁଇ କରରେ ବଡ଼ ବଡ଼ ଶାଳ ଗଛ । ଜଙ୍ଗଲ ମଝିରେ ଗଛ କଟାଯାଇ ରାସ୍ତା ଚିହ୍ନିତ ହୋଇଅଛି ମାତ୍ର । ଅଳ୍ପ ସମୟ ପରେ ମୁଁ ଭଂଜବସା ଡାକବଙ୍ଗଲାରେ ପହଞ୍ଚିଗଲି । ଏହା ଗୋଟିଏ ପାହାଡ଼ର ନାମମାତ୍ର । ଏହାର ଉଚ୍ଚତା ଦୁଇ ହଜାର ଛଅସ୍ତରି (୨୦୭୬) ଫୁଟ । ପହଞ୍ଚିଲା ମାତ୍ରେ ରେଷେଇର ବନ୍ଦୋବସ୍ତ ଲାଗିଗଲା । ଦୁନିଆରେ ଯେପରି ପେଟ ପାଇଁ ସବୁ ନାଟ ! ତେଣୁ ସବୁ ପ୍ରକାର ଜିନିଷ ସଙ୍ଗରେ ଆସିଥିଲା । ଏଠାରେ କିଛି ମିଳେ ନାହିଁ । ମିଳିବ କାହୁଁ ? ଚାରିଆଡ଼େ କେବଳ ବଣ—ଶାଳଗଛ । ମଝିରେ ଏହି ଡାକବଙ୍ଗଳା । ସ୍ଥାନ ନିର୍ଜନ, ଡାକବଙ୍ଗଳାର କିଛି ଦୂରରେ ଏକ ଗିରିଝର ବହି ଯାଉଅଛି । ଏଠାରେ ଏହାକୁ "ଚିତିରଝାଟ" କହନ୍ତି । ପାଣିରେ ପ୍ରଚୁର ଲୁହା ଅଂଶ ଥିବାରୁ ଗୁରୁପାକ । ଏହି ବଣରୁ ଲୋକମାନେ ପାଚୁଅ, ମହୁ, ଆମ୍ବ, ଝିଙ୍କିରିଫୁଲ ଓ ଅନ୍ୟାନ୍ୟ ପ୍ରକାର ଫଳମୂଳ ସଂଗ୍ରହ କରି ଖାଦ୍ୟ ରୂପେ ବ୍ୟବହାର କରନ୍ତି ।

ଭଂଜବସା କୋଠା ଡାକବଙ୍ଗଳାରେ ମୁଁ ବିଶ୍ରାମ ନେଲି । ଏଠାରେ ବିଶେଷ ଥଣ୍ଡା; ଦିନରେ ମଧ । ତେଣୁ ମୁଁ ଗରମ ପୋଷାକ ବ୍ୟବହାର କଲି । ଡାକବଙ୍ଗଳା ପାଖରେ ଲମ୍ବା ଚୁଲଘରଟିଏ ଅଛି । ଦୁଇଟି ଜଗୁଆଳ ପୋଡ଼ାହାଡ଼ାରୁ ଆସି ଏଠାରେ ରହନ୍ତି । ସେମାନେ ସପ୍ତାହରେ ଥରେ ନିମ୍ନ ଭୂମିକୁ ଯାଆନ୍ତି ମାତ୍ର । ବଣ କଟାଯାଇ କିଛି ଫାଙ୍କାସ୍ଥାନ କରାଯାଇଅଛି । ଡାକବଙ୍ଗଳା ଚାରିପାଖରେ ପ୍ରଚୁର ଗୋଲାପ ଫୁଲ ଫୁଟି ଅଛି, ସ୍ୱରଚିତ ଗୋଟିଏ କବିତାର କେତୋଟି ପଂକ୍ତି ମନେ ପଡ଼ିଗଲା—

ଝଡ଼ିଇ କେତେ ଫୁଲ ବନଗହନେ
ଜଡ଼ିଛି ତାର ସ୍ମୃତି ମୋର ସ୍ୱପନେ ।

ହୁଏତ ମୟୂରଭଞ୍ଜର ରାଜବଂଶଙ୍କ ନାମାନୁଯାୟୀ ସ୍ଥାନର ନାମ 'ଭଂଜବସା' ହୋଇଅଛି । ଚାରିଆଡ଼େ ବୃକ୍ଷର ଓ ନିମ୍ନରେ ତୃଣ-ରାଜିର ଶ୍ୟାମଳତାର ପ୍ରଚ୍ଛଦପଟ ମଧ୍ୟରେ ଏହି ନାଲି ଗୋଲାପ ଫୁଲ ଗୁଡ଼ିକ କି ନୟନ-ପ୍ରାଣ-ଆକର୍ଷକ ! ଏଠାରୁ ମେଘାସନ ଉପରକୁ ଯିବାକୁ ତିନି ଘଣ୍ଟା ଲାଗିବ । ବାଟ ପ୍ରାୟ ପାଞ୍ଚ ମାଇଲ । ଭଂଜବସାରେ ବିଶ୍ରାମ ନେଲି ।

ମେଘାସନ:—

ମେଘର ଆସନ ଯେଉଁଠି, ତାହା ମେଘାସନ । ମେଘାସନ ପାହାଡ଼ଟି ମୟୂରଭଞ୍ଜର ଏକ ଉଚ୍ଚ ପାହାଡ଼ । ପାହାଡ଼ର ଉଚ୍ଚତା ତିନି ହଜାର, ଆଠଶ, ତେଇଶି ଫୁଟ (୩୮୨୩) । ଆମ୍ଭେମାନେ ମେଘାସନଠାରୁ ପ୍ରାୟ ପାଞ୍ଚ ମାଇଲ ଦୂରରେ ଭଂଜବସାରେ ଥିଲୁଁ । ଏହା ମଧ୍ୟ ସେହି ମେଘାସନ ଗିରିମାଳାର ଅଂଶବିଶେଷ ।

ଆମ୍ଭେମାନେ ପୁଣି ଗତି କଲୁଁ । ଚାରିଆଡ଼େ ବଣ ; ବଣ ମଝିରେ ବନ୍ୟ-ବାଘଙ୍କ ଦ୍ୱାରା ଚିହ୍ନିତ ପଥମାନ । ସହର-ମାନଙ୍କରେ ଏହି ଶ୍ୟାମ-ଶୋଭାର କେଡ଼େ ଅଭାବ ; କିନ୍ତୁ ଏଠାରେ କି ପ୍ରଚୁର ! ରାସ୍ତାଧାରରେ "ମାଛରଙ୍କା ଫୁଲ" ପୁଣି ଆଖିରେ ପଡ଼ୁଛି । ଏହି ଫୁଲ ଗୁଡ଼ିକ ଧଳା, ପେଣ୍ଡା ପେଣ୍ଡା ହୋଇଥାଏ । ବାଟରେ କେତେ ଅଜଣା ଗଛ, ଲତା, ଫୁଲ, ଫଳ । ମୁଁ ଜଣା, ମୋ ଚାରିଆଡ଼େ ଅଜଣା । ଜୀବନଟା ଏହି ଜଣା-ଅଜଣା ମଧ୍ୟରେ ଏକ ଦୋଳି । 'ଗୋହିରୁଣୀ' ଗଛ ଚେରକୁ ବାଟି ଗୋରୁଙ୍କ ଦେହରେ ଲଗାଇଦେଲେ ; ଟିଙ୍କ ମରିଯାଆନ୍ତି । ଏହି ଗୋହିରୁଣୀ ଗଛର ଚେରକୁ ବାଟି ପାଣିକି ଫୋପାଡ଼ ଦିଅନ୍ତି । ମାଛମାନେ ତାହା ଖାଇଲେ, ମରିଯାଆନ୍ତି । 'ଅଗ୍ନିକାଳା ନାମକ ଏକ ଗଛର ଚେରକୁ ବାଟି ହଜମି ଔଷଧ ରୂପେ ଖାଆନ୍ତି । ସଙ୍ଗରେ ଥିବା ହୋମାନେ ଏହିସବୁ ଦେଖାଇ ଦେଉଥାଆନ୍ତି ।

Digitized by srujanika@gmail.com

ବାଟରେ ଠାଏ ଠାଏ ଆମ୍ବଗଛ । ପାକଲ ଆମ୍ବ ଝଡ଼ି ତଳେ ଜମା ହୋଇଛି । ସଙ୍ଗୀ ଲୋକମାନେ ଆଉ ଆମ୍ବ ଲୋଭ ସମ୍ଭାଳି ପାରିଲେ ନାହିଁ । ପାକଲ ଆମ୍ବ ସାଉଣ୍ଟିବା ସଙ୍ଗେ ସଙ୍ଗେ ଖାଇବାକୁ ଆରମ୍ଭ କରିଦେଲେ । ହୋ ଭାଷାରେ ପାକଲ ଆମ୍ବକୁ— "ଓଲ ଇସିନଆନା" କହନ୍ତି । ଗୋଟିଏ ଟୋକା ଡାକି କହିଲା, " ହାଙ୍ଗ କେଲୁ ଜମେୟା"—(ପାରି କରି ଖାଇବା) । କ୍ରମେ ଆମ୍ଭେମାନେ ଆନନ୍ଦରେ ବଣରେ ଗତି କରିଗଲୁଁ । 'ବାଇଦାଡ଼ୀ' ଗଛ ଶୁଖି ଯାଇଛି । ଗୋଟିଏ ସ୍ଥାନରେ 'ଜ୍ୟେଷ୍ଠମଧୁ' ଗଛ ଦେଖିଲି । ନାନା ସ୍ଥାନରେ ଫୁଲସବୁ ଝଡ଼ି ବହୁପରିମାଣରେ ବଣରେ ପଡ଼ି ରହିଛି—ଯେପରି ବନଦେବୀଙ୍କର ଏହା ପୁଷ୍ପ-ଶଯ୍ୟା । ଲୋକ-ଲୋଚନ-ଅନ୍ତରାଳରେ କେତେ କଅଣ କାହିଁ ଝଡ଼ି ଲୁଚିଯାଉଛି । ହୁଏତ କେତେ ଭାବ, କେତେ ସ୍ୱପ୍ନ ଏହି ବଣ-ଫୁଲ ଭଳି ବିଶ୍ୱ-କାନନରେ ଫୁଟି ଝଡ଼ି ପଡ଼ୁଛି । ଏହି ବ୍ୟର୍ଥ-ଜୀବନର କାହାଣୀ ଯେଉଁ କବି ତା କବିତାରେ ଫୁଟାଇ ପାରିଛି ; ସେ ବିଶ୍ୱକୁ ଏକ ମହାଦାନ ଦେଇଅଛି ।

ଆମ୍ବଗଛର ସୁଶୀତଳ ଛାୟା ତଳେ ପୁଣି ଶିଆଳି ଲଟାର ଦୋଳି ସବୁ ଝୁଲୁଅଛି । ଗୋଟିଏ ଦୋଳିରେ ବସି ଆନନ୍ଦରେ ବିଶ୍ରାମ ନେଲି । ବଣଭୋଜି ବା ବନ-ବିହାର ପାଇଁ କି ସୁନ୍ଦର ଏ ସ୍ଥାନ । ଆମ୍ବତୋଟାମାନଙ୍କରେ ସାଥି ଲୋକମାନେ ଆମ୍ବ ଗୋଟାଇବା ଓ ଖାଇବାରେ ବ୍ୟସ୍ତ । ନିମ୍ନରୁ ମଧ୍ୟ ଅନେକ ଗ୍ରାମବାସୀ ଆମ୍ବ ନେବା ନିମିତ୍ତ ଏଠାକୁ ଆସନ୍ତି । ରାତି ହୋଇ-ଗଲେ; ଏହି ବଣ ମଧ୍ୟରେ କୌଣସି ପଥର ତଳେ ମଧ୍ୟ ଆଶ୍ରା ନିଅନ୍ତି । ରାତିରେ ନିଆଁ ଲଗାଇ ଏହି ଘୋର ବନସ୍ତରେ ଆନନ୍ଦରେ କାଳ କଟାନ୍ତି । ଧନ୍ୟ ଏମାନଙ୍କ ସାହସ ! ଦେଖିଲି ଆଦିମ ଅଧିବାସୀଙ୍କ ମନରେ 'ଈଶ୍ୱର'ଙ୍କ ବିଷୟରେ ସ୍ପଷ୍ଟ ଧାରଣା ନ ଥିଲେ ମଧ୍ୟ, ଏମାନଙ୍କ ପ୍ରାଣରେ ଭଗବତ୍-ବିଶ୍ୱାସ ପୂର୍ଣ୍ଣ ରହିଅଛି । ଏମାନେ ବନ୍ୟପଶୁଙ୍କ ଆଗମନର ବାର୍ତ୍ତା ଆଗରୁ ପାଇପାରନ୍ତି । 'ଟମିଡ଼' ଓ 'ରାଇ' ନାମକ ଦୁଇଟି ଫଳ ଚାଖିଲି ।

କ୍ରମେ ଆମ୍ଭେମାନେ ମେଘାସନଘାଟି ଉପରକୁ ଉଠିଲୁଁ । ହଠାତ୍ ଜଣେ ହୋ ପାଟି କରି କହି ଉଠିଲା, "ହାତୀ-ହାତୀ !" । ସମସ୍ତେ ଉପରକୁ ଚାହିଁଲେ; ମୁଁ ମଧ୍ୟ । ଦେଖିଲି ମେଘାସନ ପାହାଡ଼ ଉପରେ ବଣ ହାତୀଟିଏ ଜଙ୍ଗଲଟା ଭାଙ୍ଗି ଖାଉଅଛି । ହାତୀଟି ପ୍ରାୟ ୩୮୨୩ ଫୁଟ ଉଚ୍ଚରେ ଥିଲା; ଏହା ମେଘାସନର ଶୀର୍ଷ ସ୍ଥାନ । ଆମ୍ଭେମାନେ ଏହାର ଅଭିମୁଖରେ ଯାତ୍ରୀ । ବଣ ମଝିରେ ଏହିପରି ବନ୍ୟ ହାତୀ ମୁଁ ଆଗରୁ ଦେଖି ନ ଥିଲି । ତେଣୁ ପଚାରିଲି, "ଆମ୍ଭେମାନେ କଅଣ ସେଠାକୁ ଯିବା ?" ସାଥିରେ ଥିବା ଲୋକେ କହିଲେ, "କିଛି ଭୟ ନାହିଁ, ହାତୀ ପଳାଇବ ।" କ୍ରମେ ଆମ୍ଭେମାନେ ମେଘାସନ ପାହାଡ଼ର ଉପରକୁ ଆସିଲୁଁ । ଶୀର୍ଷ ସ୍ଥାନରେ ସେତେ ପାହାଡ଼ ନାହିଁ । ଦୁଇ କୋଣରେ ଦୁଇଟି ପାହାଡ଼ର ଶୀର୍ଷ ସ୍ଥାନ ମଧ୍ୟରେ ମାଟି ଜମି ଅଛି । ଏଠାରେ ଶାଳ ଜଙ୍ଗଲ ନାହିଁ । ସବୁ ବୁଦା । ଦେହରେ ଖୁବ୍ ଶୀତଳ ପବନ ବାଜିଲା । ଆମ୍ଭମାନଙ୍କର କ୍ଳାନ୍ତି କ୍ଷଣକେ ଦୂର ହୋଇଗଲା । ଆମ୍ଭେମାନେ ପ୍ରଥମେ ଉତ୍ତରାଭିମୁଖୀ ହୋଇ ମେଘାସନ ବଙ୍ଗଳାକୁ ଗଲୁଁ । ଏହି ବଙ୍ଗଳା ଘର ପ୍ରାୟ ଭାଙ୍ଗି ସରିଅଛି । ମାକଡ଼ା ପଥରରେ ଏହା ତିଆରି । କୋଠରୀ ଗୁଡ଼ିକର ତିଆରି ଶେଷ ହୋଇଅଛି; ଛାତ ମଧ୍ୟ ପିଟା ଯାଇଅଛି । ଗୋଟିଏ ଲମ୍ବ କୋଠରୀରେ ମାତ୍ର ଛାତ ପିଟା ଯାଇନାହିଁ । ସେହି ଘରେ ବସି ବିଶ୍ରାମ ନେଲୁଁ । ଏହି ଡାକବଙ୍ଗଳାର ପରିକଳ୍ପନା ସ୍ୱର୍ଗୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କର । କିନ୍ତୁ ଆଉ ବଙ୍ଗଳା ପ୍ରତି ଆଗ୍ରହ, କାହାରି ଥିଲା ପରି ଦେଖା ଯାଉନାହିଁ । କିଛି ଟଙ୍କା ଖର୍ଚ୍ଚ କଲେ, ବଙ୍ଗଳାଟି ପୂର୍ଣ୍ଣ ହୁଅନ୍ତା । ଏହାକୁ ହୁଏ ତ ଲକ୍ଷ୍ୟ କରି କବି ରାଧାନାଥ ଚିଲ୍କାରେ ଲେଖିଥିଲେ,

"ଶ୍ରୀମାନ ଶ୍ରୀରାମଚନ୍ଦ୍ର-ଅଖ୍ୟାଧାରୀ,
ଉତ୍କଳ-ଅଜ୍ଞାନ-ତମ-ଧ୍ୱଂସକାରୀ;
"ସୌଦାମିନୀ-ବିଳସେ-ସମୁଜ୍ଜ୍ୱଳଶିଖ—
ମେଘାସନ-କୁଞ୍ଜ-ବିହାର-ରସିକ ।"

ବଣ କପାକାଠି ଦୁଇଟି ଘସି ହୋମାନେ ନିଆଁ କାଢ଼ି ପିକା ଲଗାଇଲେ । ଗୋଟିଏ କାଠିକୁ ଭୂମିରେ ରଖି, ପାଦରେ ମାଡ଼ି ବସି; ଅନ୍ୟ ଗୋଟିଏ କାଠିକୁ ସିଧା ଭାବରେ ନିମ୍ନସ୍ଥ କାଠି ଉପରେ ରଖି ଦୁଇ ହାତ ଚକରେ ହୋମାନେ ଘୁରାନ୍ତି । କିଛି ସମୟ ପରେ ନିଆଁ ବାହାରି ପଡ଼େ । ମୁଁ ମଧ୍ୟ ଶୁଣିଲି 'ମାଷୁଣ୍ଡି', 'ବାରିକାନା' ଓ ଓସ୍ତଗଛ କାଠିରୁ ମଧ୍ୟ ନିଆଁ ବାହାରେ ।

ସମସ୍ତେ ଆନନ୍ଦିତ । ମୁଁ ମୁଗ୍ଧ । କ୍ଳାନ୍ତି ଅପସରି ଗଲା । ଶୀତଳ ପବନ ବହୁଅଛି । କୋଠ ର ଛାତ ଉପରକୁ ଯିବା ପାଇଁ ଏକ ଅସ୍ଥାୟୀ ଶେଡ଼ ନିର୍ମାଣରେ ହୋମାନେ ବ୍ୟସ୍ତ । ଗୋଡ଼ରୁ ଯୋତା କାଢ଼ି ଦେଖିଲି ଯେ ପାଦର ଆଙ୍ଗୁଳିରୁ ଲହୁ ବହୁଅଛି । କାରଣ ମୋତେ ଅଜଣା ଥିଲା । ପରେ ଜାଣିଲି ଯେ ଏହା ଜୋକଙ୍କ କାର୍ତ୍ତି । କୋଠା ଅଗଣାରେ ଏକ ଦୁଇ କେନ୍ଦୁଅ ଗଛ ଥିଲା । ସେହି ଗଛରେ ଶିଆଳୀ ଲଟାରେ ଡାଳ ବାନ୍ଧି ଢେଡ଼ଫଳ ତିଆରି ହେଲା । ମୁଁ ଛାତ ଉପରକୁ ଗଲି । ଚାରିଆଡ଼େ ମୋର ମେଘାସନ । ଏହା ଶିମିଳିପାଳ ଗିରିମାଳାର ଅଂଶ ବିଶେଷ । ପାହାଡ଼ଗୁଡ଼ିକ ଶ୍ୟାମଗୁଳ୍ମ-ଶୀର୍ଷାଚ୍ଛାଦିତ ।

ଏଠାରୁ ଓହ୍ଲାଇ ଆମ୍ଭେମାନେ ଅନ୍ୟ ସ୍ଥାନ ବୁଲି ଦେଖିବାକୁ ବାହାରିଲୁଁ । ଏଠାରେ ଗୋଟିଏ କୂଅ ଖୋଳା ଯାଇଥିଲା । ସେହି କୂଅ ଅଭିମୁଖରେ ଆମର ଯାତ୍ରା । ଗୋଡ଼ର ରକ୍ତ ଧୋଇବା ଦରକାର । କୂଅକୁ ଯାଉଁ ଯାଉଁ ଦେଖିଲି ପ୍ରାୟ ଦୁଇଶ ହାତ ଦୂରରେ ଏକ ବଡ଼ ଦନ୍ତା ହାତୀ ଚଲୁଅଛି । ହାତୀଟିକୁ ପୁରା ଆମ୍ଭେମାନେ ଦେଖି ପାରୁଥିଲୁଁ । ଆମ ଭିତରୁ କେତେକ ଗୋଳମାଳ ଆରମ୍ଭ କରି ଦେଇଥିଲେ । ମୁଁ ଗୋଳମାଳ ବନ୍ଦ କରାଇ ଦେଲି । ହାତୀଟି ଆମ ଆଡ଼କୁ ଚାହିଁଲା । ତାହାହିଁ ମୋ ଜୀବନର ଏକ ଭୀଷଣ ପରୀକ୍ଷା ସମୟ । ମୁଁ ଅହିଂସାରେ ପୂର୍ଣ୍ଣ ବିଶ୍ୱାସ କରେଁ । ମୁଁ ପୂର୍ଣ୍ଣ ଅହିଂସାବ୍ରତ ପାଳି ସାରା ଗଡ଼ଜାତର

Digitized by srujanika@gmail.com

ବଣ, ପାହାଡ଼ ବୁଲିଅଛି । କେଉଁଠି କୌଣସି ପଶୁ ମୋର ଆଘାତ କରି ନାହାଁନ୍ତି । ଏଠାରେ ମୋ ସମ୍ମୁଖରେ ବନ୍ୟପଶୁ—ପୁଣି ଦନ୍ତାହାତୀ । ଲୋକଗୁଡ଼ିକ ଭୀତ ; ପଳାଇବାକୁ ବ୍ୟସ୍ତ । ମୁଁ ଧୀର ସ୍ଥିର ହୋଇ ସେଠାରେ ଛିଡ଼ା ହୋଇ ରହିଲି । ମନେ ମନେ ଭାବିଲି ଯେଉଁ ଶକ୍ତି ମୋତେ ବଞ୍ଚାଇଅଛି, ଯଦି ସେ ଇଚ୍ଛାକରେ ମୋତେ ମାରିବାକୁ, ଦୁନିଆରେ କିଏ ରକ୍ଷା କରିପାରିବ ? ଏହି ବିଶ୍ୱାସ ଗମ୍ଭୀର ହେବା ଉଚିତ । ଅହିଂସା ଏକ ବଡ଼ ବଳ । ମୁଁ ଯଦି ମନରେ କାହା ପ୍ରତି ହିଂସା, ଦ୍ୱେଷ ଭାବ ପୋଷଣ ନ କରିବି; ସାରା ଦୁନିଆରେ ଏପରି କେହି ନାହାନ୍ତି, ଯେ ମୋର ଅନିଷ୍ଟ କରି ପାରିବେ । ସବୁ ମନର ଖେଳ । ଯଦି ମୋ ମନ ହିଂସା ଦ୍ୱେଷ ଦ୍ୱାରା ବିଚଳିତ ନୁହେଁ ତେବେ ମନରେ ମୁଁ ଏକ ଅସୀମ ଶକ୍ତି ସଞ୍ଚୟ କରିବି । ଏହା ଏକ ବୈଜ୍ଞାନିକ ପରୀକ୍ଷିତ ସତ୍ୟ । ଏଠାରେ ପୁଣି ସେହି ପରୀକ୍ଷା । ହାତୀ ପୁଣି ଚାଲିଲା । ମୁଁ ନିର୍ବିଘ୍ନରେ କୂଅ ପାଖକୁ ଗଲି । ଆମ୍ଭେମାନେ ସେଠାରୁ ପୁଣି ମେଘାସନର ଶୀର୍ଷ ସ୍ଥାନ ଅଭିମୁଖେ ଗଲୁଁ । କୂଅଟି ପୋତି ହୋଇ ଗଲାଣି; ପାଣି କେବଳ ଗୋଟିଏ କୂଅ ଭଳି ସ୍ଥାନରେ କିଛି ଅଛି । ଏଠାରେ ଚୌପିତ ଜଙ୍ଗଲକାଟପାଇ ଘର ଖୁବ୍ ଭଲ ହୋଇଅଛି ।

ମେଘାସନର ଶୀର୍ଷ ସ୍ଥାନରେ ଏକ ପ୍ରସ୍ତର ବେଦୀ ଅଛି । ଏହା ବୋଧହୁଏ ଅଖିଳ ଭାରତୀୟ ସର୍ଭେ ପାର୍ଟି (All India Survey Party) ଦ୍ୱାରା ନିର୍ମିତ । ଦେଖିଲି ଗୋଟିଏ ପଥରରେ ମିସ୍ତ୍ରୀମାନଙ୍କ ନାମ ଖୋଦିତ । ଗୋଟିଏ ପଥରରେ ଇଂରାଜୀ ତାରିଖ ମଧ୍ୟ ଦିଆ ଯାଇଅଛି । ୮-୧୯—ମାତ୍ର ଥାଇଲା । ବର୍ଷ ପଢ଼ି ପାରିଲି ନାହିଁ । ମନେ ବୁଝିଲି ଯେ ୧୯୨୭-୨୮ରେ ଏହି ସର୍ଭେ କାମ ହୋଇଥିଲା । "ବାଳପଦାର ନନ୍ଦନ ମିସ୍ତ୍ରୀ, ବିଶ୍ୱନାଥ ମିସ୍ତ୍ରୀ, ନଭ ମିସ୍ତ୍ରୀ, ଗୁନ୍ଦୁ ମିସ୍ତ୍ରୀ, ହାମିନ ମିସ୍ତ୍ରୀ ଓ ବାଚ ମିସ୍ତ୍ରୀ" ଏହା ନିର୍ମାଣ କରିଥିଲେ । ସେମାନଙ୍କ ନାମ ସବୁ ଇଥରେ ଖୋଳା ଯାଇଅଛି । ମନୁଷ୍ୟ ବଞ୍ଚିବାକୁ ଚାହେଁ; ଏହା ତାହାର ପ୍ରତ୍ୟେକ କାମରେ ପରିସ୍ଫୁଟ । ଏହି ପ୍ରସ୍ତର ବେଦୀ ଉପରେ ଛିଡ଼ା ହୋଇ ମୁଁ ବନାବୃତ ଶ୍ୟାମ ଗିରିମାଳାର ଶୋଭା ନିରୀକ୍ଷଣରେ ମଗ୍ନ । ସମୁଦ୍ର ତରଙ୍ଗ ଭଳି ଗୋଟିଏ ଗିରିଶ୍ରେଣୀ ପରେ ଅନ୍ୟ ଏକ ଗିରିଶ୍ରେଣୀ । ସବୁ ଶ୍ୟାମଳ । କ୍ଷଣକେ ଏହି ଶ୍ୟାମଶୋଭା ଦେଖୁଁ ଦେଖୁଁ ମୋର ଅଙ୍ଗ ରୋମାଞ୍ଚିତ ହୋଇଗଲା ! ମାଳ ମାଳ ଗିରିଶ୍ରେଣୀ ଶ୍ୟାମବନ ଦ୍ୱାରା ଆବୃତ । ଯେଉଁଆଡ଼େ ଚାହିଁବ ଖାଲି ବଣ—ବଣ—ବଣ...... । ଅସଂଖ୍ୟ ଗଛର ଶ୍ୟାମ ଶୀର୍ଷରେ ମୋର ଆଖି ଲାଖି ଯାଇଅଛି । କାହିଁ ମେଘର ଛାଇ ପାହାଡ଼ ଉପରେ ପଡ଼ିଅଛି । ମୁଁ ମେଘ ଉପରେ । ଏହି ଅପୂର୍ବ ଶ୍ୟାମ-ମୂର୍ତ୍ତି ଦର୍ଶନରେ ମୁଁ ତନ୍ମୟ ହୋଇଗଲି । ଏପରି ଦୀର୍ଘ ବନାବୃତ ଗିରିମାଳ ଉତ୍କଳ ଗଡ଼ଜାତ ଭ୍ରମଣରେ ମୁଁ ଅନ୍ୟତ୍ର କାହିଁ ଦେଖି ନାହିଁ । 'କେନାଲି', 'ଡାରିଣୀବାଲି', 'ବାରାକାମୁଣ୍ଡା' ସ୍ଥାନମାନ ସାଥି ଲୋକମାନେ କଣ୍ଢଥିଲେ ବ୍ୟସ୍ତ ! ମୁଁ କିନ୍ତୁ ଶ୍ୟାମ-ମୂର୍ତ୍ତି ଦେଖି ଧ୍ୟାନମଗ୍ନ । ଏଠାରେ କୌଣସି କଣ୍ଠସ୍ୱର ପ୍ରୟୋଜନ ନାହିଁ । ଏହା ଏକ ଅଖଣ୍ଡ ଦୃଶ୍ୟ । ଖଣ୍ଡ ମଧ୍ୟରେ କଳହ, କନ୍ଦନ । ଯେଉଁମାନେ ଅଖଣ୍ଡ ଚିନ୍ତାରେ ମଗ୍ନ, ସେମାନଙ୍କ ଆନନ୍ଦ ମଧ୍ୟ ଅସୀମ ଓ ଅଖଣ୍ଡ । ଉଚ୍ଚରୁ ନିମ୍ନକୁ ଅନାଇବାରେ ଏକ ଗମ୍ଭୀର ଆନନ୍ଦ ଅଛି । ଆମ୍ଭେମାନେ ନିମ୍ନ ଦୃଷ୍ଟିରେ ବିଶ୍ୱ ଦେଖୁଁ ବୋଲି, ମନରେ ନାନା ଦ୍ୱନ୍ଦ୍ୱ, ନାନା ହିଂସା ଦ୍ୱେଷ । ଉଚ୍ଚରୁ ବିଶ୍ୱ ଏକ ମହାସାମ୍ୟରେ ପରିଣତ ହୁଏ । ସେଠାରେ ଆଉ ଭେଦାଭେଦ ନାହିଁ । ବସ୍ତୁସକଳକୁ କେବଳ ପାଖରୁ ନୁହେଁ, କେବଳ ଦୂରରୁ ନୁହେଁ, ଏପାଖ, ସେପାଖରୁ ଦେଖି ଶିଖିବା ଉଚିତ । ଏହାହିଁ ଦାର୍ଶନିକର ଦୃଷ୍ଟି । କିନ୍ତୁ ଏଠାରେ ଏହି ମେଘାସନ ଚୂଡ଼ାରେ ଛିଡ଼ା ହୋଇ ଶ୍ୟାମ-ବନାବୃତ-ଗିରିମାଳ-ତରଙ୍ଗ ଦର୍ଶନରେ ମୁଁ ସ୍ତବ୍ଧ । ଅନ୍ୟ ପାର୍ଥିବ ଚିନ୍ତା ପ୍ରାଣକୁ ସ୍ପର୍ଶ କରୁ ନାହିଁ । 'ଶ୍ୟାମ'ଙ୍କୁ ଯେଉଁମାନେ ଦେଖିବାକୁ ଚାହାନ୍ତି; ସେମାନେ 'ମେଘାସନ'ର ଏହି ଶିଖର ଦେଖିବାକୁ ଆସନ୍ତୁ । ଶ୍ୟାମଙ୍କର ଅପୂର୍ବ କମନୀୟ ବିରାଟ ଶ୍ୟାମରୂପ ଶିମିଳିପାଳର ଏହି ବନାବୃତ ଗିରିଶିଖରରାଜିମାଳାରେ ପ୍ରସାରିତ । ନୟନ ଏଠାରେ ସାର୍ଥକ ହୋଇଯିବ । ଏଠାରେ ଚକ୍ଷୁର ମହାନନ୍ଦ । ଯେଉଁଆଡ଼େ ମୋର ଆଖି ପଡ଼ୁଛି, କେବଳ ଶ୍ୟାମ......ଶିର ଉପରେ ନୀଳ ଆକାଶ—କାହିଁ ଅବା ଧଳା ବଉଦ ଖଣ୍ଡ ଉଡ଼ିଯାଇ ଗିରି ଶିଖରରେ ପଡ଼ିଛି । ଏଠାରେ ଅନ୍ୟ କୌଣସି ସତ୍ତାର ଚିହ୍ନ ନାହିଁ । ଆମ୍ଭେମାନେ ଛଅଟି ମଣିଷ ! ବାରିଆଡ଼େ ମେଘାସନର ଏହି ମହନୀୟ ପ୍ରକୃତି ପରିବ୍ୟାପ୍ତ । ମୁଁ ମଣିଷ; ଏହା ପ୍ରକୃତି ଏହି ଭାବ ମୋର ହଜି ଯାଇଥିଲା । ପୁଣି ପରକ୍ଷଣରେ ମୁଁ ମଣିଷର ଏକ ସ୍ୱତନ୍ତ୍ର ସତ୍ତା ଅନୁଭବ କଲି । ପ୍ରାଣରେ ମାନବର ଚିର ଜୟ-ଗାଥା ଶୁଣିଗଲି । ମଣିଷ ପ୍ରକୃତି-ଜୟୀ ? କିନ୍ତୁ ପୁଣି ପ୍ରକୃତିର ସାମାନ୍ୟ କମ୍ପନରେ ମଣିଷର କି ପରିଣତି ? ଏହା ଲୀଳା—! ଏହା ଲାଗିଥିଲା, ଲାଗିଅଛି ଓ ଲାଗିବ ।

ଫେରିଲି । ଏହି ପାହାଡ଼ରେ ଅବସ୍ଥାନ ବେଳେ ଜାଣିଲି ଯେ ଏଠାରେ ସହଜରେ ଖାଦ୍ୟ ହଜମ ହୁଏ ନାହିଁ । ଏପରି କି ଥରେ ଖାଇଲେ ପନ୍ଦର, ଷୋହଳ ଘଣ୍ଟାରେ ହଜମ ହୁଏ । ଯେଉଁମାନେ ଖାଇ, କେବଳ ବସି ରହନ୍ତି; ସେମାନେ ସର୍ବଦା ଜ୍ୱର ଭୋଗ କରନ୍ତି । ଏହି ସବୁ ସ୍ଥାନରେ ଯେଉଁମାନେ ରହୁଅଛନ୍ତି, ସେମାନେ ପ୍ରଚୁର ଶାରୀରିକ ପରିଶ୍ରମ କରିବା ଉଚିତ । ଶିମିଳିପାଳର ସବୁ ବନକର୍ମଚାରୀଙ୍କ ତୁଣ୍ଡରେ ଏକ କଥା—ଜ୍ୱର । କିନ୍ତୁ ମୁଁ ପ୍ରାୟ ଶିମିଳିପାଳ ଗିରିମାଳା ପ୍ରଦେଶରେ ପନ୍ଦର ଦିନରୁ ଅଧିକ କାଳ ରହିଲି, ଦିନେ ହେଲେ ମୋର ଦେହ ଅସୁସ୍ଥ ହୋଇ ନାହିଁ । ଶାରୀରିକ-ପରିଶ୍ରମ ମନୁଷ୍ୟର ପ୍ରଥମ କର୍ତ୍ତବ୍ୟ ।

କ୍ରମେ ମେଘାସନକୁ ବିଦାୟ ଦେଇ ପୁଣି ପୋଡ଼ାଗଡ଼ିଆକୁ ଫେରି ଆସିଲି । କିନ୍ତୁ ମେଘାସନ-ସ୍ମୃତି ପ୍ରାୟ ମୋର ଜୀବନର ଶେଷ କାଳ ଯାଏ ମନରେ ଗମ୍ଭୀର ରେଖାପାତ କରି ରହିବ ।

ପଞ୍ଚଶର

ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ

ପଞ୍ଚଶର ! ଜାଣ ନାହିଁ ଅଛୁ ଇକ୍ଷୁଶର ?
ସେ ପରମ ଅସ୍ତ୍ର ତୁମ ତହୁଁ ଗରୀୟତର !

ସେ ଅସ୍ତ୍ର-ପ୍ରହାରେ ଯେବେ ଜୀବନର ବ୍ୟାଧି
ଭଜେ ଆତ୍ମା ନିର୍ବିକଳ୍ପ ପରମ ସମାଧି !

କୌଣି ଗୁଣ ଉଦ୍ଧର୍ଷେ ଭରେ ସନ୍ଧ୍ୟା ନବ
ନୋହ ଦାହ ଶାନ୍ତି-ପ୍ରୀତି ପ୍ରାଣେ ଅନୁଭବ ।

ମୋହାକାଙ୍କ୍ଷା ହୁଏ ପ୍ରାଣ ପରମ ଅମୃତେ
ପ୍ରୀତି-କୌମୁଦୀ-ପ୍ଲାବନ ବକ୍ଷ-ପ୍ରାଣେ ଗୁପ୍ତେ ।

ନୁହଇ ସେ ସ୍ୱାର୍ଥ-ପ୍ରୀତି ନାହିଁ ଅଣୁବାର
ସେ ପ୍ରୀତି-ପରଶେ ନର ଶୂନ୍ୟ-ପଥଗୃସ୍ତ ।

ଅସରନ୍ତ ସଦା ଅନ୍ତରେ ସ୍ମିତହାସ,
ଭରେ ଶତେ ଆକଳନ କୁସୁମ ସୁବାସ ।

ତୁମେ ମଧ୍ୟେ ଅଟକିଲେ ପଥ ଦଏ କାହ୍ନୁ,
ଅନ୍ଧାରେ ଆଲୋକ ସ୍ରୋତେ ! ନ ଯାଏ ସେ ଦାହ !

ସେ ଶରେ କନ୍ଦର୍ପ ଥରେ ହୋଇଛି ଦଗଧ,
ସେ ବଳେ ଜିଣିଛ ମୁନି ତୁମ୍ଭେ ସ୍ମୃତି ଲବ୍ଧ ?

ଏ ସୃଷ୍ଟି-ରହସ୍ୟେ ମେଳ ଅତୁଳ ସମ୍ପତ୍ତି,
ତା ବିନେ ଏ ପଥିକର କାହିଁ ମିଳେ ଗତି ?

ମଉଳଛ ତୁମ ଫୁଲ ! ମ୍ଳାନ ସନ୍ଧ୍ୟାଲୋକ !
ତୃଷାର୍ତ୍ତ ଏ ମାନବର ମେଣ୍ଟିବ କେ ଶୋକ ?
ଭସ୍ମେ ଆଜ କେ କରିବ ଜୀବନ-ସଞ୍ଚାର ?
ନିର୍ଜୀବେ ସମ୍ଭବ କାହୁଁ ରତି-ଅଭିସାର ?

ଯାହା ଆଖିରେ ପଡ଼େ ନା

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ

ରେଳବାଇ ଷ୍ଟେସନ ଫାଟକରୁ ବାହାରିଲାକ୍ଷଣି ଗୋଡ଼ ବୁଡ଼ିଯାଏ ଗୋଟିଏ ବହଳ ଧୂଳିରେ । ରାସ୍ତାର ପଞ୍ଜର-ବାହାର-କରା ରୂପ ସେ ଧୂଳି ତଳେ ଛପି ଥାଏ ; ଆଖିକୁ ଦିଶେ ନା, କିନ୍ତୁ ଗୋଡ଼ ତଳପାଖୁ ତା' ବୋଲି କିଛି କମ୍ ପରସ ଲାଗେ, ତା' ନୁହେ । ଝୁଣ୍ଟି ପଡ଼ୁ ପଡ଼ୁ କୌଣସିମତେ ସମ୍ଭାଳି ନେଇ ଆଗକୁ ଅନାଇଲାକ୍ଷଣି ଆଖିରେ ପଡ଼େ ଗୋଟାଏ ଉଚ୍ଚ ଦୋମହଲା ପକ୍କା କୋଠା । ଉପରେ ହିନ୍ଦି ଓ ଇଂରେଜୀରେ ଲେଖା "ଧର୍ମଶାଳା" ।

ଧର୍ମଶାଳା ପ୍ରକାଣ୍ଡ ବଡ଼ । ଏଡ଼ିକି ଛୋଟିଆ ସହରର ମଝିରେ, ଆଉ ଏମିତି ପଞ୍ଜର-ବାହାର-କରା ରାସ୍ତା ଉପରେ ଏଡ଼େ ବଡ଼ ଧର୍ମଶାଳା ଶୋଭା ପାଏ ନା ।

କିନ୍ତୁ ଧର୍ମ କରିବାକୁ ଲାଳାୟିତ ହୋଇ ଯେଉଁ ହିନ୍ଦୁସ୍ଥାନୀ ଶେଠଜୀ ଏ ଧର୍ମଶାଳା ତୋଳାଇଛନ୍ତି ତାଙ୍କ ମତ ହୁଏତ ଅନ୍ୟ ପ୍ରକାର ଥିଲା । ସେ ଧର୍ମଶାଳା ତିଆରି କରିଥିଲେ ତାଙ୍କର ଜମା-ପୁଞ୍ଜିକ ବୃଦ୍ଧି ; ତାଙ୍କର ଧର୍ମ-ସଞ୍ଚୟ କରିବାର ମୋଟା ଇଚ୍ଛାକୁ ରୂପ ଦେବା ଲାଗି । ତେଣୁ ଏ ଧର୍ମଶାଳାର ଏଡ଼େ ପ୍ରକାଣ୍ଡ ଆୟତନ । ତେଣୁ, ସହରର ଆୟତନ ସହିତ ଆଉ ରାସ୍ତାର ଜୀର୍ଣ୍ଣତା ସହିତ ଧର୍ମଶାଳାର କଳେବରର ଏତ ଅସାମଞ୍ଜସ୍ୟ ।

ଲଲ୍ଲ ଲକ୍ଷ୍ମୀଚାନ୍ଦ କଳା କି ଗୋରା, ମୋଟା କି ରୋଗା, ସରଳ କି କପଟୀ, ଦୟାଳୁ କି ନିର୍ଦ୍ଦୟ, ନିଃସ୍ୱାର୍ଥପର କି ଆତ୍ମସର୍ବସ୍ୱ, ଧର୍ମଭୀରୁ କି ପାଷଣ୍ଡ ଲମ୍ପଟ, ସେସବୁ ଖବର ଆମର ଜାଣିବାର ଦରକାର ନାହିଁ । ବାଟୋଇ ହିସାବରେ ଆମେ ଚାହୁଁ ଧର୍ମଶାଳାର ଭିତରଟା କିପରି, ତାର ପରିଚାଳନାର ବ୍ୟବସ୍ଥାଟା କିପରି, ତାହାହିଁ ଜାଣିବା ପାଇଁ ।

ଧୋତି ବା ଚଦରରେ ବନ୍ଧା ଲୋଟା-କମ୍ବଳ-ଖାଦ୍ୟ-ପରିଧେୟ-ଥାଳିଗିନା-ପାନବଟା-ନାନା-ବସ୍ତୁ-ସମ୍ବଳିତ ବୋଝକୁ ନେଇ ଯେଉଁ ବାଟୋଇ ଆସି ଏ ଧର୍ମଶାଳା ଆଗରେ ପହଞ୍ଚି ଭିତରର ଆଶ୍ରୟ ଲାଗି ଉତ୍କଣ୍ଠିତ ହୋଇଉଠେ, ସେ ସାଧାରଣତଃ ନମ୍

Digitized by srujanika@gmail.com

ଭିତରେ ଯାଇ ଧର୍ମଶାଳାର କର୍ମଚାରୀଙ୍କ ପାଖରୁ ତଳ ମହଲାର ଖଣ୍ଡେ କୋଠରୀର ବ୍ୟବସ୍ଥା ଯଥାକଥା ବନ୍ଦୋବସ୍ତ କରନିଏ। ଉପର ମହଲାକୁ ଉଠିବା କଥା, ଟିକିଏ ଅଧିକା ଆରାମ ବା ଆଲୁଅ-ହାଓ଼ୟା କଥା ତା' ମନକୁ ପ୍ରାୟ ଛୁଏଁନା। ସେ ଗରିବ ତଳ ମହଲାର, ସମାଜର ତଳ ଥାକର ଲୋକ; ସେ ତେଣୁ ସହଜ ମନରେ ନିଶ୍ଚିନ୍ତ ହୋଇ ତଳ ମହଲାରେହିଁ ନିଜର ଥାଳି-ତାଟିଆ-ଲୋଟା-ବିଛଣା ସବୁ ଅଜାଡ଼ି ଦ'ଦିନିଆ ଗୃହସ୍ଥାଳୀ ସଜାଡ଼ି ବସେ।

କିନ୍ତୁ ସମାଜର ଉପର ଥାକର ଲୋକ ଯେଉଁମାନେ ସେମାନେ ଆସନ୍ତି ପ୍ରଭୁ ପରି, କର୍ମଚାରୀଙ୍କୁ ପ୍ରଶ୍ନ କରି, ଅଧିକାର ଜ୍ଞାପନ କରି; ଉପର ମହଲାର ଘର ମାଡ଼ି ବସନ୍ତି କର୍ମଚାରୀର ଅନୁମତିର ପ୍ରାୟ ଅପେକ୍ଷା ନ ରଖି। ବିଚରା ଧର୍ମଶାଳାର କର୍ମଚାରୀ ଏ ଜାତୀୟ ମୁସାଫିରଙ୍କ କିଣାକିଙ୍କର ହୋଇଥାଏ। ସବୁ ସୁବିଧା ସବୁ ବନ୍ଦୋବସ୍ତ କରିଦେଇ ସୁଦ୍ଧା ତାର ମନରେ ଶାନ୍ତି ନ ଥାଏ, କେଜାଣି କେତେବେଳେ ଅବା କିଛିର ଅସୁବିଧା ହୋଇଯିବ। ଏତେ ବନ୍ଦୋବସ୍ତ ସତ୍ତ୍ୱେ ଯଦି କୌଣସି କାରଣରୁ ଉପର ମହଲାର ମୁସାଫିର ବିରକ୍ତ ହୋଇଯିବେ।

କିନ୍ତୁ ମୋର ଏତେ ସବୁ ଭାବିବାର ବେଳ ନ ଥିଲା। ଯେଉଁଠି ଇଚ୍ଛା ସେଇଠି ହାତବ୍ୟାଗଟା ଥୋଇଦେଇ, ଦୁଆରରେ ତାଲା ଚାବି ନ ଲଗାଇ ବାହାରି ପଡ଼ିଥାଏଁ ବୁଲି ଆସିବି ବୋଲି ଢେରିଏ।

ସାନ ସହର। ନିତାନ୍ତ ସାନ। ଛୋଟ ବଜାରଟିଏ। ଆଠ ଦଶ ଖଣ୍ଡ ଦୋକାନ ଅଛି କି ନାହିଁ—ତା' ପରେ ବଜାର ଶେଷ! ଖୋଲା ପଡ଼ିଆରେ ଖଣ୍ଡ-ପନ୍ଦର ପରିବା ଦୋକାନ। କି ପରିବା ଅବା ମିଳେ ସେଥିରେ? ଦରଶୁଖିଲା ବାଇଗଣ, ଦୁଇ ତିନି ଜାତିର ଶିମ୍ବ, ଧଣିଆପତ୍ର, ପାଳଙ୍ଗ ଶାଗ, ଆଳୁ, ପିଆଜ, ଟମାଟୋ, ଆଉ ଠାଏ ଠାଏ କିଛି ଫୁଲକୋବି। କଞ୍ଚା ମଟର ଆଉ କଞ୍ଚା ବୁଟ ଗଛ ମଧ୍ୟ ରହିଛି।

ପରିବା କିଣିବା ତ ମୋର ଉଦ୍ଦେଶ୍ୟ ନୁହେ—ଉଦ୍ଦେଶ୍ୟ ବଜାର ବୁଲି ଦେଖିବା। ଦୋକାନୀମାନଙ୍କର ଢଙ୍ଗରଙ୍ଗ ଲକ୍ଷ୍ୟ କରିବା, ପରିବାବାଲାମାନଙ୍କର ପରିବା ବିକିବାର କୌଶଳ, ଗରାଖଙ୍କୁ ଡାକି ନେବାର ଫନ୍ଦିଫିକର—ଏଇସବୁ ଦେଖିବା।

ପାନ ଦୋକାନ, ଚା ଦୋକାନ, ସାନ ସାନ ମନିହାରୀ ଦୋକାନ—ବେଶ୍ ଫୁର୍ତ୍ତିରେ କିଣା ବିକା ଚାଲିଛି। ହିନ୍ଦୁ ଚା, ମୁସଲମାନ ଚା—ସମ୍ପୂର୍ଣ୍ଣ ପୃଥକ୍! ସେଇ ଲୁହାର ଚୌକି, ସେଇ ଲୁହାର ବଡ଼ ପଥର କୋଇଲା ଚୁଲ୍ଲୀ, ସେଇ ଅପରିଷ୍କାର କଳା ଝୁଲମଖା ବିଶାଳକାୟ କେଟ୍‌ଲି, ସେଇ ସାନ ସାନ କାଠର ନଡ଼ବଡ଼ିଆ ଟେବୁଲ—ସବୁ ସେଇପରି—କିନ୍ତୁ ହିନ୍ଦୁମାନେ ଖାଆନ୍ତି ହିନ୍ଦୁ ଚା, ଆଉ ମୁସଲମାନମାନେ ଖାଆନ୍ତି ମୁସଲମାନ ଚା। ଶସ୍ତା ଜାପାନୀ ପିଆଲା, ପତଳା କେଉଁଟା, କେଉଁଟା ମୋଟା। ପିରିଚ ଗୁଡ଼ାକର ହୁଏତ ଗୋଟାଏ ମଝିରୁ ଟିକିଏ ଭାଙ୍ଗି ଝଡ଼ି ପଡ଼ିଛି। ପିଆଲା ଆଉ ପିରିଚ ଦେହରେ ନାନା ଫୁଲଲତା, ଆଉ ପକ୍ଷୀଙ୍କର ଚିତ୍ର। ସେଇ ଶସ୍ତା ବିଦେଶୀ ପିଆଲାରେ ତାଠାରୁ ଆହୁରି ଅଧିକ ଶସ୍ତା ଗୁଣ୍ଡ ଚା ପତ୍ରର ଘଣ୍ଟାଘଣ୍ଟାଧରି ସିଝା ହୋଇଥିବ। ଗାଢ଼ ଲାଲ ରସକୁ ଲୋକେ ହିନ୍ଦୁ-ମୁସଲମାନ-ନିର୍ବିଶେଷରେ ଉପାଦେୟ ପାନୀୟ ବୋଲି ଅକାତରରେ ପଇସା ଦେଇ ପିଇ ଯାଉଅଛନ୍ତି।

ଆଚ୍ଛା, ପିଇଲେ ପିଇଲେ; ଯଦି ଏକାଠି ବସି ନିଜ ନିଜର ମନର ମେଳ ଘଟାଇ ମୌଜମଜଲିସ ଭିତରେ ସେ କାମଟି ସମାଧା କରନ୍ତେ, ତେବେ ହୁଏତ ଗୋଟାଏ ଲାଭ ଅନ୍ତତଃ ହୁଅନ୍ତା। ଏ ଦେଶର ମାଟିରୁ "ଛୁଆଁ ହୋଇଯିବ" "ଛୁଆଁ ହୋଇଯିବ" ଏଇ ଛୁଆଁ ରୋଗଟା ଲୋପ ପାଆନ୍ତା। କିନ୍ତୁ ତା' ହେବାର ଜୁ' କାହିଁ? ହିନ୍ଦୁ ରହିଲେ ହିନ୍ଦୁଙ୍କ ଦଳରେ, ମୁସଲମାନ୍ ରହିଲେ ମୁସଲମାନ ଦଳରେ। ଫଳରେ, ଚା-ବିଷ ଅକାତରରେ ଉଭୟ ପକ୍ଷ ଗଳାଧଃକରଣ କଲେ, କିନ୍ତୁ ଯେଉଁ ହିନ୍ଦୁ-ମୁସଲମାନ୍-ମିଳନ-ଅମୃତଟିକକ ଅବଲୀଳାକ୍ରମେ ସେମାନେ ସେବନ କରି ପାରି-ଥାଆନ୍ତେ ସେଥିରୁ ବଞ୍ଚିତ ହୋଇରହିଲେ। ଧନ୍ୟ ହିନ୍ଦୁ ମହାସଭା! ଧନ୍ୟ ମୁସ୍‌ଲିମ୍ ଲିଗ୍!!

କିନ୍ତୁ ଅସଲ ମଜା ହେଉଛି ସେତିକିବେଳେ, ଯେତେବେଳେ କୋଟପେଣ୍ଟାଲୁନ୍-ପିନ୍ଧା ଅଧା ଇଂରେଜ ଆସି ପହଞ୍ଚିଯାନ୍ତି! ତାଙ୍କ ପକ୍ଷରେ ହିନ୍ଦୁ ଚା' ଯାହା, ମୁସଲମାନ୍ ଚା' ସେଇଆ। ଆଉ ଚା'ର ଅନ୍ତତଃ ଏତିକି କରାମତି ଅଛି ଯେ ହିନ୍ଦୁ ଚା'ବାଲା ବି କୋଟ୍‌ପେଣ୍ଟାଲୁନ୍‌କୁ ସହଜରେ ହାତଛଡ଼ା ହେବାକୁ ଦିଏ ନା। କି ଜାତି, କି ଗୋତ୍ର ସେକଥା ଚା'ବାଲା ପଚାରେ ନାହିଁ—ତା' ସେ ହୋଟେଲ ସାମ୍‌ନାରେ ଯେତେ "ବିଶୁଦ୍ଧ ହିନ୍ଦୁ" ବା "ପବିତ୍ର ହିନ୍ଦୁ" ହୋଟେଲ୍ ବୋଲି ଲେଖାଥାଉ ନା କାହିଁକି। ଦୁରବସ୍ଥାରେ ପଡ଼ି ଯେଉଁସବୁ ଅଧା (ବା ପୁରା) ସାହେବଙ୍କୁ ଏ ଜାତୀୟ ହିନ୍ଦୁ ବା ମୁସଲ୍‌ମାନ୍ ଚା' ହୋଟେଲକୁ ଯିବାକୁ ପଡ଼େ, ସେମାନେ ଅମ୍ଳାନ ବଦନରେ ସେଇ ମଇଳା ଅଧାଧୁଆ ଦରଭଙ୍ଗା ପିଆଲା-ପିରିଚରେ ଚା ବୋଲି ବିଶୁଦ୍ଧ ଟାନିନ୍‌ରସ (Tannin extract) ପିଅନ୍ତି। ଦାନ୍ତ ନିଫାଡ଼ି ପଇସା ଗଣି ଦିଅନ୍ତି ଏବଂ ଚାବାଲା ଓ ତାର "ଛୋକ୍‌ରା" ଠାରୁ ବିଦାୟ ସଲାମ ପାଇ ଫଟା ଜୋତାର ଢିଲା ଫିତାକୁ କଷି ବାନ୍ଧିଦେଇ, ପୁଣି ସେଇ ଧୂଳି-ବହଳ ରାସ୍ତାରେ ବାହାରି ପଡ଼ନ୍ତି। ମ୍ଳେଚ୍ଛସ୍ପର୍ଶରେ "ବିଶୁଦ୍ଧ" ବା "ପବିତ୍ର" ହିନ୍ଦୁ ହୋଟେଲର ବିଶୁଦ୍ଧତା ବା ପବିତ୍ରତା କିଛି ମାତ୍ର କ୍ଷୁଣ୍ଣ ହୁଏ ନାହିଁ। କିନ୍ତୁ ପାଖ-ପଡ଼ିଶା ମୁସଲମାନ ଯଦି ଯାଇ ହିନ୍ଦୁ ହୋଟେଲର ଚୌକି ଉପରେ ବସେ, ତେବେ—ସର୍ବନାଶ। ତତ୍‌କ୍ଷଣାତ୍ ମୁଣ୍ଡ ଫାଟିବାର ଯୋଗାଡ଼—କମ୍ୟୁନାଲ୍ ରାଏଟ୍। ଲାଠିଶୋଟା, ହାତ ଗୋଡ଼ ଜଖମ, ପୁଲିସ, ଅଦାଲତ, ଜେଲ୍,—ହିନ୍ଦୁ ମହାସଭାରେ ଆନ୍ଦୋଳନ, ମୁସ୍‌ଲିମ୍ ଲିଗ୍‌ରେ ବିଷମ ଲମ୍ଫଝମ୍ଫ।।

ଛାଡ଼, ଚା' ହୋଟେଲ୍ କଥା।

ପାନ ଦୋକାନରେ ହିନ୍ଦୁ ମୁସଲମାନ ବାଛ ବିଚାର ସେତେ ନାହିଁ, କାରଣ ଛୁଆଁ ଛୁଇଁ ସେତେ ହୁଏ ନାହିଁ। ଏ ହାତରେ

Digitized by srujanika@gmail.com

ପାନ ନିଅ, ସେ ହାତରେ ପଇସା ଦିଅ, ବାସ୍, ମାମ୍‌ଲା ଖତମ୍ । ବଡ଼ଜୋର ଟିକିଏ ଚୂନ କି ଟିକିଏ ଗୁଣ୍ଡି କି ସୁପାରି ଦରକାର ପଡ଼ିଲେ ପାନବାଲା ଅମ୍ଳାନବଦନରେ ଆପଣଙ୍କୁ ପାନଦାଣ୍ଠିରେ କିମ୍ବା ହାତରେ ଦେଇଦେବ । ସେ କୁଆଁରେ କିଛି "ମାରି" ଯିବାର ଭୟ ନାହିଁ, "ବଣୁଛ" ହୁନ୍ଦୁ ମତ ଏତେ ସହଜରେ "ମାରି" ଯାଏ ନାହିଁ ।

ମନିହାରି ଦୋକାନ କଥା ନିଅର । ସେଠି ବୋମ୍ବି ଭାଇ ଦାଢ଼ିରେ ହାତ ବୁଲାଇ ତମଠୁଁ ଦ'ପଇସା ଜାଗାରେ ଛପଇସା ମାରିନେବେ, କି ବୁଢ଼ା ଧୂପକାଠି-ଜଳାଇ-ସନ୍ଧ୍ୟା-ଦେଉଥିବା ହିନ୍ଦୁ ବଣିଆ ଆପଣଙ୍କୁ ଦୁଇଟା ଜିନିଷ ଦେଖାଇ ଗୋଟାଏ ଜିନିଷ ବିକି କରି ବସିବ, ତା ଆପଣଙ୍କର ଭଲମନ୍ଦ ଆଉ ଦୋକାନଦାରର ମର୍ଜି ଉପରେ ନିର୍ଭର କରେ । ଆପଣ ପାନିଆ-ସିନ୍ଦୂର-ମହଣ କିଣିବେ, କି ଜାପାନୀ କଣେଇ କିଣିବେ ; ସ୍ନୋ ବାସନା-ତେଲରେ ଆପଣଙ୍କ ମନ ଅଛି, କି ଆଠ-ଅଣିଆ ବିଜୁଳି ବତୀଟାଏ ଖରିଦ କରିବାକୁ ଅନେକ ଦିନ ହେଲା ଆପଣ ଇଚ୍ଛା କରିଛନ୍ତି, ଯେସବୁ ଆପଣଙ୍କ ମନ-ମୁତାବକ୍ ଫରମାସ୍ । ଆପଣଙ୍କ ପକେଟ ଅନୁମତି ଦେଲେ ଆପଣ କିଣି ପାରନ୍ତି । ଆମର ବୋମ୍ବି ଭାଇ ଅବା ସନ୍ଧ୍ୟାରତି-ଅନୁରକ୍ତ ହିନ୍ଦୁ ଦୋକାନୀଙ୍କର ତହିଁରେ ସସ୍ମିତ ସମ୍ମତି ଛଡ଼ା ଅନ୍ୟ କିଛି କହିବାର ନାହିଁ ।

ସାନ ଝିଅ ଖଣ୍ଡେ ଝୁମୁର୍ ଝୁମୁର୍ କରି ଗୋଡ଼ର ରୂପା ଅଳଙ୍କାରଟିକୁ ସଞ୍ଜ ଅନ୍ଧାରରେ ବଜାଇ ବଜାଇ ସେଇ ମନିହାରି ଦୋକାନ ଆଗରେ ଆସି ଛିଡ଼ା ହେଲା । ସେ କଣ ନେବ ତାହା ଦେଖିବାକୁ ଆପଣ ଝୁଙ୍କି ପଡ଼ିଲେ—ଦୋକାନୀ କିନ୍ତୁ ସେତେ ଉତ୍ସାହିତ ହେଲା ବୋଲି ଦେଖା ପଡ଼ିଲାନି । ଛୋଟ ରୂପାଘଣ୍ଟିଟିର ଶବ୍ଦ ହେଲା ଆଉ ସେଇ ସାନ ଝିଅଟିର ତରତର କଣ୍ଠସ୍ୱର ଦୋକାନୀକୁ ପଚାରିଲା—"ହେ, ଟିକିଲି ଅଛି, ମୁଣ୍ଡରେ ନାଇବାର ଟିକିଲି ? ଲାଲ୍ ଟିକିଲି ମୋର ଦରକାର ।"

ଦୋକାନୀ ଗୋଟାଏ ଥାକ ସଜାଡ଼ିବାରେ ବ୍ୟସ୍ତ । ତା କାନକୁ ଝିଅର କଥା କେଉଁଠା ଯାଇ ନ ଥିବ ପରି ।

କିନ୍ତୁ ଝିଅର ଦେରି ସହିବ ନା ! ସେ ଭାରି ଚଞ୍ଚଳ ହୋଇ ପଡ଼ୁଚି । କହୁଚି—"ହେଇଟି, ଶୁଣୁଚ ନା ? ହୋ, ଦୋକାନୀ, ତମ ପାଖରେ ଟି-କିଲି ଅଛି—ଟିକିଲି ?" ଦୋକାନୀ ତା ଆଡ଼କୁ ଥରେ ମୁହଁ ଫେରାଇ କହିଲା—"କି ରଙ୍ଗର ? କେତେ ପଇସାର ?"

"ପଇସାଟାକର ମ' । ଲାଲ ଟିକିଲି ।"

"ଲାଲ ଟିକିଲି ନାହିଁ, ସରିଯାଇଚି । ନୀଳ ଅଛି, ସାବୁଜା ଅଛି ନବୁ ?"

"ନା, ନା,—ଲାଲ ଦରକାର, ଲାଲ !"

"ନାଇଁ ନାହିଁ" କହି ଦୋକାନୀ ନିଜ କାମରେ ମନ ଦେଲା ।

ସାନ ଝିଅଟି ମୁହଁ ଫୁଲାଇ ସେ ଦୋକାନରୁ ଝମର ଝମର କରି ଗୋଡ଼ର ଅଳଙ୍କାର ବଜାଇ ଆଉ ଗୋଟାଏ ସାନ ଦୋକାନକୁ ଗଲା । ଏ ଦୋକାନର ଦୋକାନୀର ବୟସ ଅଳ୍ପ—ଟେରି ଅନେକ ଯତ୍ନରେ କାଟିଛି । ନିଶର ରେଖା ଉଠିଲା । ଝିଅଟି ତାକୁ ହସହସ ହୋଇ ପଚାରିଲା—"ଲାଲ ଟିକିଲି ଅଛି, ଲା-ଲି ଟିକିଲି ।"

"ହଁ, ଅଛି" କହି ଦୋକାନୀ ଗୋଟାଏ ଟିଣଡ଼ବା ବାହାର କରି ଝିଅଟି ଆଗରେ ଲାଲ, ନୀଳ, ଶାଗୁଆ, ବାଇଗଣୀ ନାନା ରଙ୍ଗର ଟିକିଲି ମେଲି ଧରିଲା । ଝିଅର ଆନନ୍ଦ କହିଲେ ନ ସରେ । ସେ ପଇସାଟାକର ଟିକିଲି ନେଇ ଯେତେବେଳେ ସେଇ ଧୂଳି-ଧୂସରିଆ ରାସ୍ତା ଉପରେ ଝମର ଝମର କରି ଦଉଡ଼ି ଫେରି ଚାଲିଲା, ସେତେବେଳେ ସେଇ ନିତାନ୍ତ ପୁରୁଣା, ନିତାନ୍ତ ମାମୁଲି ରାସ୍ତା ଉପରେ କେତେ ଅଣାର, କେତେ ଟଙ୍କାର ଆନନ୍ଦ ଯେ ବିଞ୍ଚି ଦେଇ ଗଲା, ତା' ସେ ନିଜେ, ସେଇ ଟିକିଲିବାଲା ଦୋକାନୀ, ବା ରାସ୍ତାର ଲୋକେ କେହି ଅନ୍ଦାଜ୍ କରି ପାରିଲେ ନାହିଁ ।

ମୁଁ ମଳିଆ ରାସ୍ତା ଉପରେ ପଡ଼ିଥିବା ମଳିଆ ଜଳ-ଆଲୁଅରେ ସେଇ ଟିକିଲି-ପିନ୍ଧା ସାନ ଝିଅଟିର ଝଲମଲ ମୁହଁର ଛବି ମନ-ଶ୍ଚକ୍ଷୁରେ ଦେଖୁଥିଲି । ବଜାରର ଭେର ଶେଷ ହୋଇ ଯାଉଥିଲା ।

ମାତୃ ଓ ଶିଶୁ ମଙ୍ଗଳ

ଶ୍ରୀ କ୍ଷୀରୋଦଚନ୍ଦ୍ର ପାଲ

"ମାତୃଣାଂ ସେବୟା ମର୍ତ୍ତ୍ୟଃ ସର୍ବଂଫଲମବାପ୍ନୁୟାତ୍
ଯତସ୍ତାଃ ସର୍ବ-ଭୂତାନାଂ ପ୍ରାଣଦା ଭୁବାନନ୍ଦୟେ"

ନାରୀ-ଜାତିର ଉନ୍ନତି ନ ହେଲେ ମାନବ-ଜାତିର ସମୂହ ଉନ୍ନତି ଅସମ୍ଭବ । ନାରୀ-ଜାତିର ସର୍ବାଙ୍ଗୀନ ମଙ୍ଗଳରେ ମାନବ-ଜାତିର ପ୍ରଗତି ସନ୍ନିଷ୍ଟ । ସେମାନଙ୍କ ଅମଙ୍ଗଳରେ ସଦ୍‌ବଂଶ ବୃଦ୍ଧିର ସମ୍ଭାବନା ନାହିଁ । କାରଣ

"ଶୋଚନ୍ତି ଜାମୟୋ ଯତ୍ର ବିନଶ୍ୟତ୍ୟାଶୁ ତତ୍‌କୁଳମ୍
ନ ଶୋଚନ୍ତି ତୁ ଯତ୍ରୈତା ବର୍ଦ୍ଧତେ ତଦ୍ଧି ସର୍ବଦା"

ଏ ଜାତିର ମଙ୍ଗଳ ମୂଳରେ ସେମାନଙ୍କ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟରକ୍ଷା ହିଁ

Digitized by srujanika@gmail.com

ପ୍ରଧାନ । ସେଥିପାଇଁ ନାରୀକୁ ଯେତେ ପ୍ରକାର ବିପଦ ସମ୍ମୁଖୀନ ହେବାକୁ ପଡ଼େ ତନ୍ମଧ୍ୟରେ ରୋଗ ଓ ସନ୍ତାନ-ଜନ୍ମହିଁ ସର୍ବ ପ୍ରଧାନ । ଏଥିପାଇଁ ଆଜକାଲି ଚତୁର୍ଦ୍ଦିଗରେ ଘୋର ଆନ୍ଦୋଳନ ଲାଗିଅଛି । ସମସ୍ତେ ହୃଦୟଙ୍ଗମ କରିଅଛନ୍ତି ଯେ ନାରୀର ଯତ୍ନ ନ ନେଲେ,—ସେମାନଙ୍କ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟର ଉନ୍ନତି ନ ହେଲେ—ମାନବ ଜାତିର ବର୍ତ୍ତମାନ ଓ ଭବିଷ୍ୟତ ଅନ୍ଧକାରମୟ ହେବ । ନାରୀ ସ୍ୱାସ୍ଥ୍ୟବତୀ ହୋଇ ନରର ସମକକ୍ଷ ନ ହେଲେ ଦେଶର ସମୂହ ଉନ୍ନତି ହେବ ନାହିଁ; ଦେଶ ବା ସମାଜର ପକ୍ଷାଘାତ ହେବା ଅନିବାର୍ଯ୍ୟ । ଦେଶ-ଭକ୍ତ, ସାହସୀ, ମେଧାବୀ, ଦୀର୍ଘାୟୁ, ଶାନ୍ତିପ୍ରିୟ, ନିରୋଗ, ସୁସ୍ଥସବଳ ସନ୍ତାନ ଜନ୍ମିବେ ନାହିଁ । ସୁପ୍ରଜନନ ଓ ସନ୍ତାନ-ପାଳନ ନ ହେଲେ ଜନସଂଖ୍ୟାର ବୃଦ୍ଧି ହେବ ନାହିଁ । ଏହି ସମସ୍ତ ବିଷୟ ହୃଦୟଙ୍ଗମ କରି ଅନ୍ୟାନ୍ୟ ଦେଶମାନଙ୍କରେ କୃତବିଦ୍ୟ ଚିକିତ୍ସକମାନେ ନାରୀ-ଜାତିର ଉନ୍ନତି-କଳ୍ପେ ନାରୀ-ରୋଗମାନଙ୍କର ସୁଫଳପ୍ରଦ ଚିକିତ୍ସା ଉଦ୍ଭାବନ କରିବା ସଙ୍ଗେ ସଙ୍ଗେ ପ୍ରସୂତି-ପରିଚର୍ଯ୍ୟାର ବିଶେଷ ବିଧାନ କରୁଛନ୍ତି । କିନ୍ତୁ ଅନ୍ୟ ଦେଶର ସ୍ତ୍ରୀମାନଙ୍କ ଅବସ୍ଥା ସହିତ ଭାରତର ନାରୀମାନଙ୍କର ବର୍ତ୍ତମାନ ଅବସ୍ଥା ତୁଳନା କଲେ ମ୍ରିୟମାଣ ହେବାକୁ ପଡ଼େ; ଆମ୍ଭେମାନେ ସେମାନଙ୍କୁ ହତାଦର କରି, ଉପଯୁକ୍ତ ଶିକ୍ଷା ନ ଦେଇ, ଶାରୀରିକ, ମାନସିକ, ଆଧ୍ୟାତ୍ମିକ ଓ ଆର୍ଥିକ ଅବନତିରେ ରଖି, ସେମାନଙ୍କ ଜୀବନ ଅଶାନ୍ତିମୟ କରିଅଛୁଁ । ସେମାନେ ଅସୂର୍ଯ୍ୟଂପଶ୍ୟା ହୋଇ ପରାଧୀନ ଭାବରେ ଜୀବନ-ଭାର ବହନ କରୁଅଛନ୍ତି ମାତ୍ର । ଯେ ମୁଷ୍ଟିମେୟ ପ୍ରଗତିଶୀଳା ରମଣୀ ଅଛନ୍ତି ସେମାନେ ବା କଅଣ କରିବେ ? କିନ୍ତୁ ଭାରତର ନାରୀଜାତିର ଏ ଶୋଚନୀୟ ଅବସ୍ଥା କି ସବୁ ଯୁଗରେ ରହିଅଛି ? ନା, ପ୍ରାଚୀନ ଭାରତରେ ନାରୀଜାତିର ଏ ଅଧଃପତନ ହୋଇ ନ ଥିଲା । ସେତେବେଳେ ଗୁଣବତୀ କନ୍ୟା, ଗୁଣବତୀ ପତ୍ନୀ, ଜ୍ଞାନମୟୀ ଜନନୀ ମାତୃମୂର୍ତ୍ତି ରମଣୀରେ ସ୍ୱାଧୀନ ଚିନ୍ତାରେ ଉଦ୍‌ବୁଦ୍ଧ ହୋଇ ଦେଶରେ ନୂତନ ଚିନ୍ତାଧାରା ବିସ୍ତାର କରୁଥିଲେ । ସେତେବେଳେ ଋଷି କହିଥିଲେ "ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟା" କିନ୍ତୁ ପୁରୁଷମାନେ ଅନ୍ଧଭାବରେ କୁସଂସ୍କାରାଚ୍ଛନ୍ନ ହୋଇ ନାରୀ-ଜାତିକୁ ସୁଖ-ସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ କରୁଛନ୍ତି—ସେମାନେ ଭୁଲି ଯାଉଛନ୍ତି ଯେ:—

ନାରୀ ନ ଥିଲେ ପୁଂସକୁ କାହିଁରେ ନ ଗଣି,
ନାରୀ ଲାଗି ସଂସାରରେ ଜନମନ୍ତି ପ୍ରାଣୀ,
ନାରୀ ଦୟା-ଲକ୍ଷ୍ମୀ ମୂର୍ତ୍ତି କରେ କୁଳୋଦ୍ଧାର,
ପିତୃଲୋକେ କରନ୍ତି ସ୍ତ୍ରୀ ଲାଗି ପିଣ୍ଡାହାର"

ନାରୀଜାତି ପ୍ରତି ସମ୍ମାନ-ପ୍ରଦର୍ଶନ ବହୁ ପୁରାତନ କଥା । ଏହା ଆଧୁନିକ ସଭ୍ୟତାରୁ ଉତ୍ପନ୍ନ ବୋଲି ଭାବିବା ଭ୍ରମାତ୍ମକ । ନାରୀ-ଜାତିର ପୁନରୁତ୍ଥାନ ପାଇଁ ପ୍ରଚେଷ୍ଟା ବର୍ତ୍ତମାନ ଜାଗ୍ରତ ହୋଇଅଛି । ସେମାନଙ୍କ ସକଳ ପ୍ରକାର ଉନ୍ନତି ସଙ୍ଗେ ସଙ୍ଗେ ସୁପ୍ରଜନନ ଓ ସନ୍ତାନ-ପାଳନର ସୁବ୍ୟବସ୍ଥାରେ ବେଶୀ ପ୍ରୟାସ କରୁଅଛି । ଅନ୍ୟାନ୍ୟ ଦେଶମାନଙ୍କରେ କୃତବିଦ୍ୟ ଚିକିତ୍ସକମାନେ ନାରୀ-ମାନଙ୍କର ନାନାପ୍ରକାର ରୋଗର ବିଶେଷତଃ ଗର୍ଭାବସ୍ଥାଠାରୁ ସନ୍ତାନ-ପାଳନ ପର୍ଯ୍ୟନ୍ତ ସମସ୍ତ ରୋଗର ଚିକିତ୍ସା ନିମନ୍ତେ ସୁବନ୍ଦୋବସ୍ତ କରୁଛନ୍ତି । ଆଜି ଭାରତରେ ଚତୁର୍ଦ୍ଦିଗରେ ନାରୀ-ଜାତିର ଉନ୍ନତିକଳ୍ପେ ମାତୃ ଓ ଶିଶୁ-ମଙ୍ଗଳ ଅନୁଷ୍ଠାନମାନ ପ୍ରତିଷ୍ଠିତ ହେଉଅଛି । ମୟୂରଭଞ୍ଜ ମଧ୍ୟ ସମକକ୍ଷ ଅନୁଷ୍ଠାନ ପ୍ରତିଷ୍ଠାରେ ସମ୍ଭବରେ ତାହାର ବଦାନ୍ୟ ହସ୍ତ ପ୍ରସାରଣ କରିଅଛି । ସ୍ୱର୍ଗତ ସମ୍ରାଟ ପଞ୍ଚମ ଜର୍ଜଙ୍କ ପଞ୍ଚ-ବିଂଶତି ବର୍ଷ ଶୁଭ ରାଜତ୍ୱର ଶୁଭ୍ର ରୌପ୍ୟ ଜୟନ୍ତୀ ଉତ୍ସବ ଉପଲକ୍ଷେ ମୟୂରଭଞ୍ଜର ବଦାନ୍ୟ ମହାରାଜା ଓ ପ୍ରଜାସାଧାରଣ ଟ ୧୦୧୧୯୩୮୯ ପାହୁଲ ଅର୍ଥଦାନ କରିଥିଲେ, ସେହି ଦତ୍ତ ଧନରୁ ୭୦୮୩୫ ଟଙ୍କା ବ୍ୟୟରେ ମହିଳାମାନଙ୍କ ଚିକିତ୍ସା ପାଇଁ ବିଶେଷତଃ ମାତୃ ଓ ଶିଶୁ-ମଙ୍ଗଳ ନିମିତ୍ତ, କାରୁକାର୍ଯ୍ୟ-ବିମଣ୍ଡିତ ସୁବୃହତ୍ ସୁରମ୍ୟ ଅଟ୍ଟାଳିକା ନିର୍ମିତ ହୋଇଅଛି; ତାହା ସିଲ୍‌ଭର ଜୁବ୍ଲି ଜନାନା ହସ୍ପିଟେଲ ନାମରେ ଅଭିହିତ । ଏହି ରମଣୀୟ ଦ୍ୱିତଳ ସେବା-ସଦନଟି ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ନିର୍ମିତ । ଉପର ଅଂଶ କେବଳ ଆସନ୍ନପ୍ରସବା ପ୍ରସୂତି, ନବ-ଜାତ ଶିଶୁ ଓ ଅସ୍ତ୍ରଚିକିତ୍ସା-ଅଭିପ୍ରେତ ଅନ୍ୟାନ୍ୟ ରୋଗିଣୀ-ମାନଙ୍କ ପାଇଁ ନିର୍ଦ୍ଦିଷ୍ଟ । ତଳଭାଗରେ ସାଧାରଣ ରୋଗଗ୍ରସ୍ତା ରୋଗିଣୀମାନଙ୍କ ଅବସ୍ଥାନର ବ୍ୟବସ୍ଥା ଓ "ଆଉଟ୍ ଡୋରରେ" ଅନ୍ୟ ରୋଗିଣୀମାନଙ୍କୁ ନିତ୍ୟ ଔଷଧ ଦାନର ବନ୍ଦୋବସ୍ତ ହୋଇଅଛି ।

ଏହି ଆଧୁନିକ ରୁଚିସମ୍ପନ୍ନ ପ୍ରାସାଦଟି ଏପରି ଭାବରେ ନିର୍ମିତ ଯେ ମହିଳାମାନେ ଅନ୍ତଃପୁରଚାରିଣୀ ପରି ପରଦାନାଶୀନ୍ ରହି ନିଃସଂକୋଚରେ ଆଧୁନିକ ରୀତିରେ ସୁଖ-ସ୍ୱାଚ୍ଛନ୍ଦ୍ୟରେ ବିଚରଣ କରିପାରିବେ । ସେଥିରେ କିଛିମାତ୍ର ଅସୁବିଧା ହେବ ନାହିଁ । ଏଥିରେ ୫୨ ଜଣ ରୋଗିଣୀ ରହିବାର ସୁବନ୍ଦୋବସ୍ତ ହୋଇଅଛି । ତହିଁ ମଧ୍ୟରୁ ଗୃହଗୋଟି "କେବିନ୍" ।

ନାରୀ-ଜାଗରଣର ସର୍ବ କାର୍ଯ୍ୟରେ ଅଗ୍ରବର୍ତ୍ତିନୀ ମୟୂରଭଞ୍ଜର ପ୍ରଗତିଶୀଳା ମହାରାଣୀମାନଙ୍କ ଏହି ଅନୁଷ୍ଠାନ ପ୍ରତି ବିଶେଷ ସହାନୁଭୂତି ରହିଅଛି । ସେଥିପାଇଁ ଉଦାର-ହୃଦୟ ଜନସ୍ନ-ବିଧବା ମହାରାଣୀ ମହୋଦୟା ସେବାସଦନର ଦ୍ୱାର-ଉଦ୍‌ଘାଟନ-କର୍ମ ସମ୍ପାଦନ କରିଥିଲେ ।

ଗତ ସେପ୍ଟେମ୍ବର ୬ ତାରିଖ ସୁକାଳ ଦିନ ଏହି ଦ୍ୱାରୋଦ୍‌ଘାଟନ-ଉତ୍ସବ ଅନୁଷ୍ଠିତ ହୋଇଥିଲା । ବାରିପଦାର ପ୍ରାୟ ସବୁ ମହିଳା ଉତ୍ସବରେ ଯୋଗ ଦେଇଥିଲେ । ଶୁଭ-ଶଙ୍ଖଧ୍ୱନି ଓ ହୁଳହୁଳିର ଆନନ୍ଦ କୋଳାହଳ ମଧ୍ୟରେ ମହାରାଣୀ ମହୋଦୟା ନୂତନ ହସପିଟାଲଟି ଖୋଲିଥିଲେ । ପାଠା ସୁସ୍ଥ ଶରୀରରେ ସ୍ୱାମୀଙ୍କରେ ସୁସ୍ଥ ସବଳ ଶିଶୁ ପ୍ରସବ କରି ଧନଜନ ଦେହରେ ପୂର୍ଣ୍ଣ ଶକ୍ତି

ସଞ୍ଚାର କରୁ, ଅନ୍ୟାନ୍ୟ ଉନ୍ନତ ଦେଶ ପରି ମାତା ଓ ଶିଶୁର ଆନନ୍ଦଜ୍ୟୋତି ଆମ୍ଭମାନଙ୍କ ଦେଶର ଜନନୀ ଓ ସନ୍ତାନର ଶରୀରରେ ପ୍ରତିଫଳିତ ହେଉ ଏହି ଆଶାରେ ସେ ଦିନ ମହାରାଣୀ ମହୋଦୟା ତଥା ଉପସ୍ଥିତ ଭଦ୍ରମହିଳାମାନେ ବିଶେଷ ଆଶାନ୍ୱିତ ହୋଇଥିଲେ ।

ଆଜିକାଲି ଚତୁର୍ଦ୍ଦିଗରେ ପ୍ରସୂତି ଓ ସନ୍ତାନ-ମୃତ୍ୟୁ ସଂଖ୍ୟା କ୍ରମେ ବର୍ଦ୍ଧିତ ହେଉଅଛି, ତାହାର ପ୍ରତିକାର ନିମିତ୍ତ ସବୁ ଦେଶରେ ତଥା ଭାରତର ଚତୁର୍ଦ୍ଦିଗରେ ତୁମୁଳ ଆନ୍ଦୋଳନ ଚାଲିଅଛି—ସେହି ମାତୃ ଓ ଶିଶୁ-ମଙ୍ଗଳ ନିମିତ୍ତ ଏହି ଜେନାନା ହସ୍ପିଟାଲ୍ ଉଦ୍ଦିଷ୍ଟ । ସୁତରାଂ ବର୍ତ୍ତମାନ ସେହି ସମ୍ବନ୍ଧରେ ସଂକ୍ଷେପରେ କିଛି କୁହାଯାଉଅଛି । ଭାରତବର୍ଷରେ ପ୍ରତିବର୍ଷ ପ୍ରାୟ ୧୦୦୦ ପ୍ରସୂତି ମଧ୍ୟରେ ୨୪.୫ ଜଣ ମୃତ୍ୟୁମୁଖରେ ପଡ଼ୁଛନ୍ତି । ମାତ୍ର ଇଂଲଣ୍ଡରେ କେବଳ ୪ ଜଣ ମରନ୍ତି । ପୁଣି ଏତିକି ମଧ୍ୟ ଯେପରି ନ ମରନ୍ତି ସେଥିପାଇଁ ଚେଷ୍ଟା ଲାଗିଅଛି । ଡାକ୍ତର ଅର୍କନି (Dr. Orkney) କହନ୍ତି, ଯେଉଁ ପ୍ରସୂତିମାନେ ମୃତ୍ୟୁମୁଖରେ ପଡ଼ନ୍ତି ସେମାନେ ଜଞ୍ଜାଳରୁ ଉଦ୍ଧାର ପାଇଛନ୍ତି । ଆଉ ଯେଉଁମାନେ ଉଦ୍ଧାର ପାଉଛନ୍ତି ସେମାନଙ୍କ ମଧ୍ୟରୁ ୧୦୦୦ରେ ପ୍ରାୟ ୨୮୦ରୁ ୩୫୦ ଜଣ ପ୍ରସୂତ ପ୍ରସବ ପରେ ଅକର୍ମଣ୍ୟ ହୋଇ କଷ୍ଟମୟ ଜୀବନ ଧରି ସଂସାର ଅଶାନ୍ତିମୟ କରୁଅଛନ୍ତି । ସମଗ୍ର ଭାରତର ସାଧାରଣ ସ୍ୱାସ୍ଥ୍ୟ-କମିଶନର (Public Health Commissioner) କର୍ଣ୍ଣେଲ ରସେଲ (Col. Russel) କହନ୍ତି, ୧୯୩୩ ସାଲରେ ୧୬୬୦୦୦୦୦୦ ଶିଶୁ ମାତୃକୋଳ ଶୂନ୍ୟ କରି ମୃତ୍ୟୁମୁଖରେ ପଡ଼ିଅଛନ୍ତି । ଏହାପରେ ୧୦୦୦ ଶିଶୁ ଜନ୍ମ ହେଲେ ପ୍ରାୟ ୧୭୦.୫ ଅକାଳରେ ମରୁଛନ୍ତି ।

ଦୈନିକ ୨୨୦୦୦ ଶିଶୁ ଜନ୍ମ ହୋଇ ୬୬୦୦ କାଳକବଳରେ ପଡ଼ୁଛନ୍ତି ।

୧୯୩୩ ଖ୍ରୀଷ୍ଟାବ୍ଦରେ

ବମ୍ବେ ପ୍ରଦେଶରେ	ହଜାରରେ		୨୧୮
ମାନ୍ଦ୍ରାଜ	,,	,,	୧୮୪
ବଙ୍ଗ	,,	,,	୨୦୦
ପଞ୍ଜାବ	,,	,,	୧୯୨
ମଧ୍ୟ	,,	,,	୨୦୦
ବିହାର ଓ ଓଡ଼ିଶା	,,	,,	୧୩୫

ଶିଶୁ ଅକାଳରେ ମାତୃ-ଅଙ୍କ ଶୂନ୍ୟ କରିଅଛନ୍ତି । ମୟୂରଭଞ୍ଜରେ ମୋଟ ସ୍ତ୍ରୀସଂଖ୍ୟା ୪୬୨୨୫, ତନ୍ମଧ୍ୟରୁ ୧୮୮୨୪୬ ଜଣ ବିବାହିତା ; ଏହିମାନଙ୍କ ଗର୍ଭରୁ ଗତ ବର୍ଷ ୩୦୧୩୨ ଜଣ ଶିଶୁ ଜନ୍ମ ହୋଇ ୩୯୬୧ ଜଣ ମୃତ୍ୟୁମୁଖରେ ପଡ଼ିଅଛନ୍ତି । ମାତ୍ର କେତେ ପ୍ରସୂତି ମରିଛନ୍ତି ତାହାର ଠିକ୍ ହିସାବ ନାହିଁ । ପୃଥିବୀର ବିଭିନ୍ନ ପ୍ରଦେଶରେ କେତେ ଶିଶୁ ମରିଅଛନ୍ତି ତାହାର ବିବରଣ ନିମ୍ନରେ ପ୍ରଦତ୍ତ ହେଲା ।

ପ୍ରଦେଶ	ସାଲ	ସଂଖ୍ୟା
ନିଉଜିଲେଣ୍ଡ	୧୯୨୩-୨୭	୪୦
ଅଷ୍ଟ୍ରେଲିଆ	୧୯୨୨-୨୬	୫୬
ନରୱେ	୧୯୧୯-୨୩	୫୬
ସ୍ୱିଡେନ୍	୧୯୨୨-୨୬	୫୮
ନେଦାରଲେଣ୍ଡସ୍	୧୯୨୩-୨୭	୫୯
ସୁଇଜରଲେଣ୍ଡ	୧୯୨୨-୨୬	୬୨
ଇଂଲଣ୍ଡ ଓ ୱେଲସ୍	୧୯୨୩-୨୭	୭୨
ଆମେରିକା ଯୁକ୍ତ ପ୍ରଦେଶ	୧୯୨୧-୨୫	୭୪
ଡେନମାର୍କ	୧୯୨୧-୨୫	୮୫
ସ୍କଟ୍ଲେଣ୍ଡ	୧୯୨୨-୨୬	୯୦
ଫ୍ରାନ୍ସ୍	୧୯୨୨-୨୬	୯୧
କାନାଡା	୧୯୨୨-୨୬	୯୮
ବେଲଜିଅମ୍	୧୯୨୧-୨୫	୧୦୦
ଜରମାନି	୧୯୨୨-୨୬	୧୧୫
ଇଟାଲି	୧୯୨୦-୨୪	୧୩୨
ସ୍ପେନ୍	୧୯୨୨-୨୬	୧୩୮
ଅଷ୍ଟ୍ରିଆ	୧୯୨୦-୨୪	୧୪୬
ଜାପାନ	୧୯୨୨-୨୬	୧୫୨
ହଙ୍ଗେରି	୧୯୨୨-୨୬	୧୮୬
ଭାରତବର୍ଷ	୧୯୨୬-୩୦	୧୭୮

ଗତ ୫୦ ବର୍ଷ ମଧ୍ୟରେ (୧୮୮୧ ରୁ ୧୯୩୧) ଭାରତବର୍ଷରେ ଜନ୍ମହାର ଇଂଲଣ୍ଡ ହାରର ପ୍ରାୟ ଦୁଇଗୁଣ । ମାତ୍ର ଜନ-ସଂଖ୍ୟା-ବୃଦ୍ଧିହାର ଇଂଲଣ୍ଡଠାରୁ ଅନେକ କମ୍ । ଏଥିରୁ ପ୍ରତିପନ୍ନ ହେଉଅଛି ଆମ୍ଭେମାନେ କି ଅଭାଗ୍ୟ—ଆମ୍ଭମାନଙ୍କ ଦେଶରେ ପ୍ରସୂତି ଓ ଶିଶୁ ଏତେ ମରୁଛନ୍ତି କାହିଁକି ?

ଲଜ୍ଜା, ଅଜ୍ଞତା, କୁସଂସ୍କାର, ବାଲ୍ୟବିବାହ ବା ଅକାଳ-ମାତୃତ୍ୱ, ଅପରିଚ୍ଛନ୍ନତା ଓ ଅସ୍ୱାସ୍ଥ୍ୟକର ଜନ-ଗହଳ ସ୍ଥାନରେ ଅବସ୍ଥାନ, ଅଯତ୍ନ, ଦାରିଦ୍ର୍ୟ, ଯୌନରୋଗ (ଗର୍ମି ଓ ଧାତୁ) ଇତ୍ୟାଦି, ଗର୍ଭାବସ୍ଥାରେ ଆଳସ୍ୟ ଓ ଅତି ପରିଶ୍ରମ, ମାଦକ-ଦ୍ରବ୍ୟ-ସେବନ, ଅନିଦ୍ରା, ରକ୍ତହୀନତା, ହୃତ୍ପିଣ୍ଡର ଦୁର୍ବଳତା, ରକ୍ତସ୍ରାବ, ବନ୍ଧ୍ୟପ୍ରସବ, ମୂର୍ଚ୍ଛା (Eclampsia), ସନ୍ତାନର ଅସ୍ୱାଭାବିକ ଅବସ୍ଥାନ ଓ ମୃତ୍ୟୁ, ବିକଳାଙ୍ଗ ସନ୍ତାନ-ଜନ୍ମ, ଶୋଥ ଅପରିଷ୍କୃତ ଅପରିଚ୍ଛନ୍ନ ଧାତ୍ରୀ, ସାମାଜିକ-ନିନ୍ଦା-ଭୟ-ଜନିତ ଗର୍ଭସ୍ରାବ ଯୋଗୁଁ ଶତ ଶତ ମାତା ଓ ସନ୍ତାନର ମୃତ୍ୟୁ ଘଟୁଅଛି । ଏହାର ପ୍ରତିକାର ସ୍ୱରୂପ ଗର୍ଭାବସ୍ଥାରେ ପ୍ରସବ ସମୟରେ ଓ ପ୍ରସବ ପରେ ମାତା ଓ ଶିଶୁର ଯତ୍ନ ନେଲେ ପ୍ରସୂତି ଓ ଶିଶୁ-ମୃତ୍ୟୁର ସଂଖ୍ୟା ନିଶ୍ଚୟ ହ୍ରାସ ହେବ—ଏହି ଉଭୟ ଅବସ୍ଥାରେ ପ୍ରସୂତି-ପରିଚର୍ଯ୍ୟା ଓ ଶିଶୁ-ପାଳନ ନିମିତ୍ତ ଆଧୁନିକ ବୈଜ୍ଞାନିକ ରୀତିରେ ଏହି ଜେନାନା-ହସ୍ପିଟାଲରେ ସକଳ ପ୍ରକାର ସୁବନ୍ଦୋବସ୍ତ ହୋଇଅଛି । ପ୍ରସୂତିମାନେ ଇଚ୍ଛା

Digitized by srujanika@gmail.com

କଲେ ନିଃସଙ୍କୋଚରେ ପରିଷ୍କାର-ପରିଚ୍ଛନ୍ନ ଶଯ୍ୟାବିଶିଷ୍ଟ ନିର୍ମଳ-ବାୟୁ-ସଂଚାଳିତ ଆଲୋକିତ ସ୍ଥାନରେ ରହି ସୁଖ ପ୍ରସବ ପରେ ଆନନ୍ଦ-ପ୍ରତିମା କୋଳରେ ଧରି ସହାସ୍ୟ ବଦନରେ ଗୃହକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି । ମାତ୍ର ଏଥିରେ କୁଣ୍ଠା ପ୍ରକାଶ କରିବାର କୌଣସି କାରଣ ନାହିଁ । କେହି କେହି ମନେ କରିପାରନ୍ତି ଏହା ଏକ ନୂତନ ପ୍ରଥା—ଏଥିରେ ସାମାଜିକ ଆଧ୍ୟାତ୍ମିକ ବାଧା ଥାଇ-ପାରେ । ମାତ୍ର ଏହା କିଛି ନୂତନ ନୁହେଁ, ଚିର ପୁରାତନ । ଆମ୍ଭମାନଙ୍କର କୁସଂସ୍କାର ଯୋଗୁଁ ଏ ଭ୍ରାନ୍ତ ଧାରଣା ହୋଇଅଛି ମାତ୍ର । ଦିନ ଥିଲା—ଯେବେ ଭାରତର ଏହି ପ୍ରସୂତି-ପରିଚର୍ଯ୍ୟାର ଧାତ୍ରୀବିଦ୍ୟାରେ, ରୋଗର ଚିକିତ୍ସା ଓ ଅସ୍ତ୍ରୋପଚାରରେ ଜଗତ ମୁଗ୍ଧ ହୋଇଥିଲା । ଏ ବିଷୟରେ କଲିକତାର ଭୂତପୂର୍ବ ଧାତ୍ରୀବିଦ୍ୟା-ବିଶାରଦ ପୂଜ୍ୟ Lt. Col V. B. Green Arinytage ଗତ ବର୍ଷ ଧାତ୍ରୀବିଦ୍ୟା ମହାସଭାରେ ମୁକ୍ତକଣ୍ଠରେ ପ୍ରାଚୀନ ଭାରତର ଧାତ୍ରୀ-ବିଦ୍ୟାକୁ, ପ୍ରଶଂସା କରି ଚରକ, ଶୁଶ୍ରୁତ ଓ ବାଗ୍‌ଭଟ୍ଟ ପ୍ରମୁଖଙ୍କୁ ଯଥେଷ୍ଟ ସମ୍ମାନ ଦେଖାଇଥିଲେ । ଆଜି ପାଶ୍ଚାତ୍ୟ ଧାତ୍ରୀ-ବିଜ୍ଞାନ କହୁଛି—ଗର୍ଭାରମ୍ଭରୁ ପ୍ରସବ ପର୍ଯ୍ୟନ୍ତ ମାତାର ଓ ପ୍ରସବଠାରୁ ଶିଶୁ ଓ ମାତା ଉଭୟଙ୍କର ସମଧିକ ଯତ୍ନ ନେବାକୁ । ସଗର୍ଭା ପ୍ରଫୁଲ୍ଲଚିତ୍ତରେ କାଳହରଣ କରିବା ଉଚିତ, ପରିମିତ-ସୁଖାଦ୍ୟ-ଆହାର, ନିରଳସ-ବିହାର, ନିର୍ମଳପରିଚ୍ଛଦ-ପରିଧାନ ଓ ପୂର୍ଣ୍ଣ ସ୍ୱାସ୍ଥ୍ୟ-ରକ୍ଷାହିଁ ନବାଗତର ପୂର୍ଣ୍ଣବିକାଶର ପନ୍ଥା । ଏଥି ନିମିତ୍ତ ସତେଜ ଫଳମୂଳ, ଦୁଗ୍ଧ ଓ ଖାଦ୍ୟପ୍ରାଣ ବା Vitamin ବିଶିଷ୍ଟ ଉପାଦେୟ ଖାଦ୍ୟହିଁ ଆବଶ୍ୟକ । କାରଣ ମାତା ଓ ଶିଶୁ ଉପରେ ପଥ୍ୟର ଯଥେଷ୍ଟ ପ୍ରଭାବ ରହିଅଛି, ଏହି ପଥ୍ୟ ଅକ୍ଳେଶରେ ପରିପାକ ହୋଇ ଯକୃତରେ ବାଧା ନ ଦେଇ ରକ୍ତରେ ମିଶି ମୂତ୍ରକୋଷ ଦେଇ ଶରୀରରୁ ବାହାରିଯାଏ । କିନ୍ତୁ ଦୂଷିତ ଖାଦ୍ୟ ପଦାର୍ଥ (ଯଥା —ପଖାଳ, ଶୁକୁଆ, ବାସୀ ତରକାରୀ ଇତ୍ୟାଦି) ସ୍ୱାସ୍ଥ୍ୟହାନିକର ଗୁରୁପାକ ଖାଦ୍ୟ ପଦାର୍ଥ ନ ଖାଇବା ଉଚିତ । କାରଣ ଏହା ମାତା ଓ ଗର୍ଭସ୍ଥ ସନ୍ତାନର ଜୀବନଶକ୍ତି ନଷ୍ଟ କରେ । କିନ୍ତୁ ଏ ସମସ୍ତ ଅତି ପ୍ରାଚୀନ କଥା, ଆୟୁର୍ବେଦରେ ଅଛି ।

ଗର୍ଭିଣୀ ପ୍ରଥମାଦାହ ପ୍ରହୃଷ୍ଟା ଭୂଷିତା ଶୁଚିଃ
ଭବେଚ୍ଛୁକ୍ଳାମ୍ବରଧରା ଗୁରୁବିପ୍ରାର୍ଚ୍ଚନେ ରତା ।
ଭୋଜ୍ୟନ୍ତୁ ମଧୁରପ୍ରାୟଂ ସ୍ନିଗ୍ଧଂ ହୃଦ୍ୟଂ ଦ୍ରବଂ ଲଘୁ
ସଂସ୍କୃତଂ ଦୀପନୀୟଞ୍ଚ ନିତ୍ୟମେବୋପଯୋଜୟେତ୍ ।

* * * *

ଗୁର୍ବିଣୀ ନଚ୍ଚ କୁର୍ବୀତ ବ୍ୟାୟାମମତିତର୍ପଣଂ
ବ୍ୟବାୟଞ୍ଚ ନ ସେବେତ ନ କୁର୍ଯ୍ୟାଦତିତର୍ପଣଂ
ରାତ୍ରୌ ଜାଗରଣଂ ଶୋକଂ ଯାନସ୍ୟାରୋହଣଂ ତଥା
ରକ୍ତମୋକ୍ଷଂ ବେଗରୋଧଂ ନକୁର୍ଯ୍ୟାଦ୍ଦୁତ୍କଟାସନଂ ।

* * * *

ନୋଚ୍ଚୈର୍ବ୍ରୂୟାନ୍ନ ତତ୍କୁର୍ଯ୍ୟାଦ୍ ଯେନ ଗର୍ଭୋ ବିନଶ୍ୟତି ।

ଘର ସମ୍ବନ୍ଧରେ ମଧ୍ୟ ଲିଖିତ ଅଛି:—

ଦଶହସ୍ତାୟତଂ ଗୃହଂ ପଞ୍ଚହସ୍ତ ବିଶାଳକମ୍
ପ୍ରାଗ୍‌ଦ୍ୱାରମ୍ ଦକ୍ଷିଣଦ୍ୱାରଂ ବା କୁର୍ଯ୍ୟାଦ୍ ସୂତିକା ଗୃହମ୍

ଆମ୍ଭମାନଙ୍କର ଏହି ଜନାନା ହସ୍ପିଟେଲ ସୂତିକା ଗୃହଟି ଅତି ବୃହତ ହେଲେ ମଧ୍ୟ ଏହି ନିୟମରେ ପ୍ରସ୍ତୁତ । ପ୍ରଭେଦ ଏତିକି ଯେ ଏହା ଯୁଗୋଚିତ ଆଧୁନିକ ରୁଚିସମ୍ପନ୍ନ ହୋଇଅଛି । ଦରିଦ୍ରତା ଆମ୍ଭମାନଙ୍କର ଅସ୍ଥିମଜ୍ଜା ଗ୍ରାସ କରିଅଛି । ଭାରତର ଶତକରା ୩୦ ଜଣ ହୃଷ୍ଟପୁଷ୍ଟ, ୪୧ ଜଣ ଅର୍ଦ୍ଧପୁଷ୍ଟ ଓ ୨୯ ଜଣ ଅପୁଷ୍ଟ; ମୋଟ ଉପରେ ଶତକରା ୭୦ ଅପୁଷ୍ଟ । ଏହି ଅପୁଷ୍ଟ ଅବସ୍ଥାରୁ ଓ ଅଶାନ୍ତିରେ ରହିବାରୁ ଭାବୀମାତା ନାନାରୋଗଗ୍ରସ୍ତ ହେବାରୁ ଗର୍ଭସ୍ରାବ, ମୃତ ଶିଶୁ ଜନ୍ମ ଶିଶୁର ଅକାଳ ମୃତ୍ୟୁ ଘଟୁଅଛି । ରକ୍ତହୀନତା, ଦୂଷିତ ଜ୍ୱର eclempsia ସଂଜ୍ଞାହୀନତା, ହୃଦ୍‌ରୋଗ ଯକ୍ଷ୍ମା, ମୂତ୍ରବ୍ୟଥା Albuminoria ଯୋଗୁଁ ମାତା ଓ ସନ୍ତାନ ଉଭୟଙ୍କୁ କାଳ ଗ୍ରାସ କରୁଅଛି । କିନ୍ତୁ ସାମାନ୍ୟ ସମୟୋଚିତ ସତର୍କତାରେ ଉଭୟଙ୍କର ଜୀବନ ରକ୍ଷା ହୋଇ ପାରନ୍ତା, ଏହା କେବଳ ଚିକିତ୍ସକଙ୍କର ପରାମର୍ଶ ଓ ଚିକିତ୍ସା କିମ୍ବା ଗୃହିଣୀକୁ ସୂତିକା ଗୃହକୁ ଆନୟନ ଦ୍ୱାରା ହୋଇପାରେ । ଏତଦ୍ଦ୍ୱାରା ଅନେକ ସନ୍ତାନ ଓ ମାତାର ଜୀବନ-ରକ୍ଷା ହୁଏ । ଯେଉଁ ଭାବୀମାତା-ମାନଙ୍କର ହସପିଟାଲରେ ରହିବାର ଅସୁବିଧା ହେବ ସେମାନେ ବିନା ବ୍ୟୟରେ ଅବାଧରେ ଲେଡ଼ି ଡାକ୍ତରଙ୍କ ପରାମର୍ଶ ନେଇ ପାରନ୍ତି । ଏତଦ୍‌ବ୍ୟତୀତ ଧାତ୍ରୀମାନେ ଆବଶ୍ୟକ ସ୍ଥାନରେ ଉପସ୍ଥିତ ହୋଇ କାର୍ଯ୍ୟ କରିବାର ବନ୍ଦୋବସ୍ତ ହେଉଅଛି । ସାଧାରଣତଃ ଦରିଦ୍ରତା, ଅଜ୍ଞତା ଓ କୁସଂସ୍କାରହେତୁ ଏହି ଶ୍ରେଣୀର ପ୍ରସୂତିଙ୍କୁ ଉପଯୁକ୍ତ ସମୟରେ ଆଣନ୍ତି ନାହିଁ । ଶେଷରେ ଅନନ୍ୟୋପାୟ ହୋଇ, ଏପରି ଅବସ୍ଥାରେ ଆଣନ୍ତି ଯେ ସେ ସମୟରେ କୌଣସି ପ୍ରତିକାର କରିହୁଏ ନାହିଁ, ମୃତ୍ୟୁହିଁ ସାର ହୁଏ । ଦରିଦ୍ରତା ହେତୁ କେହି କେହି ଅଶିକ୍ଷିତା ଧାଈକୁ ଡାକନ୍ତି । ସେ ଅପରିଚ୍ଛନ୍ନ ବସନରେ ମଳବିଶିଷ୍ଟ ବୃହତ୍ ନଖରେ ପାନଗୁଞ୍ଜିତ ପାଟିରେ, ଦୁର୍ଗନ୍ଧ ଶରୀରରେ, ଅପରିଷ୍କୃତ ଓ ଅସ୍ୱାସ୍ଥ୍ୟକର ଅନ୍ଧକାର ଓ ଧୂମ୍ରମୟ ବାୟୁ ସଞ୍ଚାଳନ ଅପରିଷ୍କୃତ ଗୃହରେ ସାକ୍ଷାତ ଯମ ରୂପେ ଉପସ୍ଥିତ ହୁଏ, ଅପରିଷ୍କୃତ ହସ୍ତ ଓ ଛୁରିକାରେ ନାଭି ଛେଦନ ପରେ ଟିଟାନସ ରୋଗ ଓ ଧନୁଷ୍ଟଙ୍କାରରେ ଶିଶୁର ଓ ସୂତିକା ଜ୍ୱରରେ ମାତାର ପ୍ରାଣ ନିଏ । ଏହି ଧାତ୍ରୀ ସମ୍ବନ୍ଧରେ ମଧ୍ୟ ଆୟୁର୍ବେଦରେ ଲିଖିତ ଅଛି ।

ଚତସ୍ରୋହ ଶଙ୍କନୀୟାସ୍ତ ସ୍ରାବଣେ କୁଶଳା ହିତାଃ ।
ବୃଦ୍ଧାଃ ପରିଚରେୟୁସ୍ତାଃ ସମ୍ୟକ୍‌ଛିନ୍ନ ନଖାଃ ସ୍ତ୍ରୀୟଃ ।

ପ୍ରସବଉତ୍ତାରୁ ମଧ୍ୟ ବିଶେଷ ସାବଧାନତା ସହିତ ରହିବା ଆବଶ୍ୟକ । ଆଲୁଅ ଓ ବାୟୁ ବିଶିଷ୍ଟ ପରିଷ୍କୃତ, ପରିଚ୍ଛନ୍ନ, ସ୍ୱାସ୍ଥ୍ୟକର ସ୍ଥାନରେ ରହି ସୁପଥ୍ୟ ଖାଇ ବିଶୁଦ୍ଧ କୌପୁନି (Diaper) ଓ ବସନରେ ଶଯ୍ୟା ଉପରେ ଦେଢ଼ ମାସ କାଳ ପୂର୍ଣ୍ଣ ବିଶ୍ରାମ କରିବେ । କୀଟାଣୁ ନାଶକ "ଲୋସନ"ରେ ପ୍ରସବ-ପଥ ପରିଷ୍କାର କରି ଧୋଇ ୧୦ ଦିନ କାଳ Abdominal Binder ଦେବାକୁ ହେବ । ମାତ୍ର

Digitized by srujanika@gmail.com

ହେଲାବଶତଃ କାହାର କାହାର ଉଦର ମାଂସପେଶୀ ଦୁର୍ବଳ ଥିବାରୁ ଜରାୟୁ ଓ ହୃତପିଣ୍ଡ ଦୁର୍ବଳ ହୁଏ, ସୁତରାଂ ପ୍ରସବ କଷ୍ଟକର ହେବାରୁ ମୃତ୍ୟୁ ଘଟିଥାଏ କିମ୍ବା ରକ୍ତସ୍ରାବ ହୁଏ, ପରେ ସୂତିକାଜ୍ୱର ହୋଇ ମୃତ୍ୟୁ ଘଟେ । କିନ୍ତୁ ଉପଯୁକ୍ତ ଚିକିତ୍ସାରେ ରହିଲେ ଏଥିରୁ ମଧ୍ୟ ମୁକ୍ତି ମିଳିପାରେ ।

ସନ୍ତାନ-ଜନ୍ମ ପରେ ପ୍ରସୂତିର ଯତ୍ନ ନେବା ସଙ୍ଗେ ସଙ୍ଗେ ସନ୍ତାନର ଯତ୍ନ ନେବା ଏକାନ୍ତ କର୍ତ୍ତବ୍ୟ । ସନ୍ତାନ-ପ୍ରସବ ପୂର୍ବରୁ ଶେ ଧୃତ ସୂତା, କଇଞ୍ଚି, ବେଣ୍ଡେଜ ଇତ୍ୟାଦି, ହିଂଗୃଳ ଆଇଡନ ଓ ବୋରିକ ପାଉଡ଼ର ଇତ୍ୟାଦି ଉପକରଣ ଅଗରୁ ସଂଗୃହୀତ ଥିବ । ଜନ୍ମ ପରେ ନାଡ଼ୀ-ସ୍ପନ୍ଦନ ବନ୍ଦ ହେଲା ଉତ୍ତାରୁ ନାଭିମଣ୍ଡଳରୁ ୩ ଇଞ୍ଚ ଛାଡ଼ି ଯଥାବିଧି ନାଡ଼ୀ କାଟି ବାନ୍ଧିବା ଉଚିତ । ଏହାପରେ ଈଷତ୍ ଉଷ୍ଣ ଜଳରେ ପରିଷ୍କାର କରି ଗାଧୋଇବା ଦରକାର । ଜନ୍ମ ପରେ ଶରୀରରୁ ରକ୍ତର ପରିବର୍ତ୍ତନ ଯୋଗୁଁ ବହୁରୂପା ପରି ଏହାର ଦେହର ରଙ୍ଗ ପରିବର୍ତ୍ତିତ ହୁଏ—ଲୋକେ ଏହାକୁ "ରଙ୍ଗ" ବୋଲି କହନ୍ତି ଓ ନାନା ପ୍ରକାର ଚିକିତ୍ସା କରନ୍ତି । ପ୍ରକୃତରେ ଏହା ଶିଶୁର କିଛି କ୍ଷତି କରେ ନାହିଁ । ଚିକିତ୍ସା କଲେ ବରଂ କ୍ଷତି ହୋଇଥାଏ । ମାତ୍ର ଦେହରେ ଗରମି ଧାତୁ ହେତୁ ଓ ଅନ୍ୟ କାରଣରୁ ଚର୍ମରୋଗ ହେଲେ ତାର ଚିକିତ୍ସା କରିବାର ଆବଶ୍ୟକ ହୁଏ ।

ଜନ୍ମ ହେଲାକ୍ଷଣି ଛୁଆକୁ ଦୁଧ ଦେବା ପାଇଁ ପ୍ରାୟ ସମସ୍ତେ ବ୍ୟସ୍ତ ହୋଇ ପଡ଼ନ୍ତି ଓ ଯେତେ କାନ୍ଦେ—ଭୋକରେ କାନ୍ଦୁଛି ଭାବି—ସେତେ ଦୁଧ ଦିଅନ୍ତି । ମାତ୍ର ୪୮ ଘଣ୍ଟା ପର୍ଯ୍ୟନ୍ତ ତାର ଖାଇବାର ଦରକାର ହୁଏ ନାହିଁ । ମଧ୍ୟେ ମଧ୍ୟେ ଛୁଆକୁ ମା'ର ସ୍ତନ-ବୋଣ୍ଟ ଦେଲେ ଯଥେଷ୍ଟ । ଏହା ଦ୍ୱାରା ଛୁଆ ଗଜର ଦୁଧ (**Colostrum milk**) ଖାଇବାରୁ ତାର ଉପକାର ହୁଏ । ସନ୍ତାନକୁ ଶୀତଳ ସିଦ୍ଧ ଜଳ ପ୍ରଚୁର ପରିମାଣରେ ଦେବା ଦରକାର । ସାମାନ୍ୟ ମଧୁ ଥରେ କିମ୍ବା ଦୁଇଥର ଦିଆ ଯାଇ-ପାରେ । ହସ୍ତ ଓ ସ୍ତନ୍ୟ ଉଷ୍ଣ ଜଳରେ ଧୋଇବା ପରେ ୫ ମିନିଟ ପର୍ଯ୍ୟନ୍ତ ଦୁଧ ଦେବା ଉଚିତ । ପ୍ରଥମ ଦିନ ପ୍ରତି ୬ ଘଣ୍ଟା, ଦ୍ୱିତୀୟ ଦିନ ୪ ଘଣ୍ଟା ଓ ତୃତୀୟ ଦିନଠାରୁ ୩ ଘଣ୍ଟା ଲେଖାଏଁ ଦୁଧ ଦେବା ଉଚିତ । ରାତି ୧୦ଟାଠାରୁ ସକାଳ ୬ଟା ପର୍ଯ୍ୟନ୍ତ ଥରେ ମାତ୍ର ଦୁଧ ଦିଆ ଯାଇପାରେ । ଛୁଆ କାନ୍ଦିଲା କ୍ଷଣି ଯେ ଦୁଧ ଦେବା ଦରକାର ତାହା ନୁହେଁ । ଛୁଆ କାନ୍ଦିଲେ ଦୁଧ ନ ଦେଲେ ଶାଶୁ, ଶ୍ୱଶୁରଣଶୁ ପାଖରୁ ମାକୁ ଗଞ୍ଜଣା ସହିବାକୁ ହୁଏ । କିନ୍ତୁ ଛୁଆ ଭୋକରେ ନ କାନ୍ଦି ଅଜୀର୍ଣ୍ଣ ହେତୁ ପେଟ ବଥାରେ କାନ୍ଦେ । ଏଣେ କିନ୍ତୁ ସେଥିପ୍ରତି ଯତ୍ନବାନ ନ ହୋଇ ତାହା ଡାହାଣି, ଭୂତ, ପ୍ରେତର କ୍ରିୟା ମନେ କରି ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ନାନା ପ୍ରକାର ଆୟୋଜନ କରାଯାଏ । ଏହି ଅଜୀର୍ଣ୍ଣ ଯୋଗୁଁ ପେଟରେ ବାୟୁ ସଞ୍ଚିତ ହୁଏ । ପେଟବ୍ୟଥା, ଝାଡ଼ାବାନ୍ତି ପ୍ରଭୃତି ରୋଗ ଜନ୍ମେ । ଖାଇବା, ପିଇବା, ଶୋଇବା ଓ ମଳମୂତ୍ର ତ୍ୟାଗ ସମ୍ବନ୍ଧରେ ନିୟମାନୁବର୍ତ୍ତୀ ହେବା ଭଲ । ଏହି ଅଭ୍ୟାସରୁ ଭବିଷ୍ୟତ ଜୀବନ ଗଠିତ ହେବ । ଶିଶୁର କ୍ରନ୍ଦନ ବନ୍ଦ ପାଇଁ ଓ ନିଦ୍ରା କରାଇବା ପାଇଁ କେହି କେହି ଅଫିମ ଦିଅନ୍ତି, ଜଙ୍ଘ ଓ ପିଠି ପ୍ରଭୃତିରେ ହାତ ଦେଇ ହଲାନ୍ତି, ଏସମସ୍ତ କରିବା ଅନୁଚିତ । କାରଣ ଏସମସ୍ତ ସ୍ଥାନ କାମୋଦ୍ଦୀପକ ଓ ଅଫିମଦ୍ୱାରା ମସ୍ତିଷ୍କ ବିକାର ଓ ସ୍ୱାସ୍ଥ୍ୟ ନଷ୍ଟ ହୁଏ । ସୂର୍ଯ୍ୟକିରଣରେ ଶିଶୁକୁ ପ୍ରତିଦିନ କିଛି ସମୟ ରଖିବା ଉଚିତ, କାରଣ ଏତଦ୍ୱାରା ହାଡ଼, ମାଂସ ଶକ୍ତ ହୁଏ । ସମଜଷ୍ଣ ଘରେ ଶିଶୁକୁ ରଖିବା ଭଲ ଓ ସେ ଘରକୁ ସମସ୍ତଙ୍କୁ ଯିବାକୁ ଦେବା ନିଷିଦ୍ଧ । ଏତଦ୍ୱାରା ଦର୍ଶକମାନଙ୍କଠାରୁ ରୋଗ ସଂକ୍ରମିତ ହୋଇପାରେ । ନିର୍ଦ୍ଧାରିତ ସମୟରେ ମଧ୍ୟେ ମଧ୍ୟେ ଶିଶୁର ଓଜନ ନେବା ଉଚିତ । ଏତଦ୍ୱାରା ଶରୀରର ଉନ୍ନତି ବା ଅବନତି ଜଣାଯାଏ । ଜନ୍ମ ସମୟରେ ଶିଶୁର ଓଜନ ପ୍ରାୟ ତିନି ଗୃହ ସେର ବା ୫½ରୁ ୭ ପାଉଣ୍ଡ ପର୍ଯ୍ୟନ୍ତ ହୁଏ । ପ୍ରଥମ ସପ୍ତାହରେ ଶରୀରର ଓଜନ ବୃଦ୍ଧି ହୁଏ ନାହିଁ । ପ୍ରଥମ ୬ ମାସରେ ପ୍ରତି ସପ୍ତାହରେ ଦୁଇ ଛଟାଙ୍କି, ଦ୍ୱିତୀୟ ୬ ମାସରେ ତାହା ଅପେକ୍ଷା କିଞ୍ଚିତ କମ୍ ବୃଦ୍ଧି ପାଏ । ଦ୍ୱିତୀୟ ବର୍ଷ ଶରୀର ଓଜନ ୩ ସେର ହୁଏ । ଦ୍ୱିତୀୟ ମାସରେ ମୁଣ୍ଡର ପଛପାଖ ଅସ୍ଥିର ଫାଙ୍କ ବା ଦୁକ୍-ଦୁକ ବନ୍ଦ ହୁଏ ଓ ଦେଢ଼ ବର୍ଷ ପରେ ମଥାର ସମ୍ମୁଖ ଭାଗ ଫାଙ୍କ ବନ୍ଦ ହୋଇଯାଏ । ଏହା ନ ହେଲେ ରିକେଟ୍ ବା କେଲସିୟମ ଅଭାବ ବୋଲି ଜଣାଯାଏ । ଅନେକ ସ୍ଥଳରେ ମାର ଦୁଧ ନ ହେବାରୁ ଛୁଆକୁ କୃତ୍ରିମ ଦୁଧ ଦିଅନ୍ତି । ଏଥିପାଇଁ ଗାଈ କିମ୍ବା ଛେଳି ଦୁଧହିଁ ପ୍ରଧାନ ! ଆୟୁର୍ବେଦରେ ମଧ୍ୟ ଅଛି—

" କ୍ଷୀର ସାତ୍ମ୍ୟତୟା କ୍ଷୀରମାଜଂ ଗବ୍ୟମଥାପିବା
ଦଦ୍ୟାଦାସ୍ତନ୍ୟ ପର୍ଯ୍ୟାପ୍ତେର୍ବାଲେଭ୍ୟୋ ବୀକ୍ଷ୍ୟମାତ୍ରୟା "

ମାତ୍ର ଛେଳି କିମ୍ବା ଗାଈ ଦୁଧ ମା'ର ଦୁଧ ସଙ୍ଗେ ସମାନ ନୁହେଁ । ସୁତରାଂ ଏହାକୁ ସମାନ କରିବାକୁ ହେବ । ତଳେ ଏସବୁ ଦୁଧର ବିଶ୍ଳେଷଣ କରାଗଲା ।

	ଜଳ	ପ୍ରୋଟିନ	ଚର୍ବି	କାର୍ବୋ-ହାଇଡ୍ରେଟ	ଲୁଣ
ମା ଦୁଧ (କ୍ଷାର ଯୁକ୍ତ)	୮୭·୭୫	୨	୪	୭	୦·୨୫
ଗାଈ ଦୁଧ (ଅମ୍ଳ ଯୁକ୍ତ)	୮୬·୫	୪	୪	୦·୭୫	୦·୭୫
ଛେଳି ଦୁଧ (ଅମ୍ଳ ଯୁକ୍ତ)	୮୬·୮୫	୩·୭୬	୪·୩୪	୩·୭୮	୦·୭୫

ଏଥିରୁ ଦେଖା ଯାଉଅଛି ଗାଈ ଓ ଛେଳି ଦୁଧରେ ଚର୍ବି ଓ ପ୍ରୋଟିନ ଅଂଶ ବେଶୀ ଅଛି ଓ କାର୍ବୋହାଇଡ୍ରେଟ କମ । ଏହାକୁ ମା ଦୁଧ ସଙ୍ଗେ ସମାନ କରିବାକୁ ହେଲେ ସମ-ପରିମାଣରେ ଫୁଟା ପାଣି ମିଶାଇବାକୁ ହେବ ଓ ତହିଁ ସଙ୍ଗେ ଚିନି ବଦଳରେ ଗ୍ଲୋକୋଜ 'ଡ଼ି' ଖଜୁରି ଗୁଡ଼, ଗୁଆ ଲକ୍ଷ୍ମୀ କିମ୍ବା **Cord liver oil** ଦେବାକୁ ହେବ । ମା ଦୁଧରେ କୌଣସି ପ୍ରକାର ରୋଗର ଜୀବାଣୁ ନ ଥାଏ । ମାତ୍ର ଗାଈ କିମ୍ବା ଛେଳି ଦୁଧରେ ତାହା ଥିବା ସମ୍ଭବ । ଏହାକୁ ଗରମ କଲେ ଜୀବାଣୁ ନଷ୍ଟ ହୁଅନ୍ତି ସତ୍ୟ କିନ୍ତୁ ତହିଁ ସଙ୍ଗେ ଭିଟାମିନ ମଧ୍ୟ ନଷ୍ଟ ହୋଇଯାଏ, ସେଥିପାଇଁ ଏକଫୁଟା ଦୁଧ ଖାଇବାକୁ ଦେବା ଉଚିତ । ସୁସ୍ଥ ସବଳ ନୀରୋଗ ଗାଈର

Digitized by srujanika@gmail.com

ଦୁଧ ଭଲ ଓ ତାହାର ପର ଗରମ ପାଣିରେ ଧୋଇ ଦୁଧ ଦୁହିଁବା ଉଚିତ । ଠିକ୍ ପରିମାଣରେ ଖାଇବାକୁ ଦେବା ହିତକାରୀ । ଶିଶୁ ଯେତେ ପାଉଣ୍ଡ ଓଜନ ହେବ ତାର ଦେଢ଼ ଗୁଣ ଆଉନ୍ସ ଦୁଧ ଦେବା ଉଚିତ । ଶିଶୁର ଓଜନ ଦଶ ପାଉଣ୍ଡ ହେଲେ ଦୈନିକ ୧୫ ଆଉନ୍ସ ଦୁଧ ଦେବା ଉଚିତ ! ଦୈନିକ ଅଧ ଛଟାକିରୁ ଏକ ଛଟାକି ଫଳରସ ଓ ଯଥେଷ୍ଟ ଫୁଟା ଥଣ୍ଡା ପାଣି ପିଇବାକୁ ଦେବ । ଗ୍ଲାସ, ବୋତଲ ଇତ୍ୟାଦି ଜିନିଷ ଗରମ ଓ ପରିଷ୍କାର ରଖିବା ଉଚିତ ଓ ନିପଲ୍ ବେଣ୍ଟା ଇତ୍ୟାଦି ଦେବ ନାହିଁ । ଏ ସମସ୍ତ ଅପରିଷ୍କୃତ ଥିଲେ, ଝାଡ଼ା, ପେଟକଟା, ଆମାଶୟ ଉପଥିସି ପ୍ରଭୃତି ରୋଗ ହୁଏ ।

ସର୍ବଶେଷରେ ଆନନ୍ଦର ସହିତ ଜଣାଉଅଛୁଁ ଯେ ଏହି ଅଳ୍ପ ସମୟ ମଧ୍ୟରେ ଜେନାନା ହସ୍ପିଟେଲକୁ ମୟୂରଭଞ୍ଜର ଅଭ୍ୟନ୍ତର ସ୍ଥାନରୁ ଓ ମୟୂରଭଞ୍ଜ ବାହାରୁ ଦୂର ସ୍ଥାନମାନଙ୍କରୁ ପ୍ରସୂତିମାନଙ୍କ ସଙ୍ଗେ ସଙ୍ଗେ ସକଳ ପ୍ରକାର ଦୁରାରୋଗ୍ୟ ରୋଗିଣୀମାନେ ମଧ୍ୟ ଆସିବାକୁ ଆରମ୍ଭ କଲେଣି । ସେମାନଙ୍କ ମଧ୍ୟରୁ ଅନେକଙ୍କ ପେଟ ଚିରି ଜରାୟୁ ଓ ରକ୍ତକୋଷ ବାହାର କରିବାରୁ ସେମାନେ ଆରୋଗ୍ୟ ଲାଭ କଲେଣି । ଗର୍ଭରେ ଅସ୍ୱାଭାବିକ ଅବସ୍ଥାନ ଯୋଗୁଁ ଯନ୍ତ୍ର ସାହାଯ୍ୟରେ ପ୍ରସବ କରାଇବାରୁ ଅନେକ ସନ୍ତାନ ଓ ମାତା ଆସନ୍ନ ମୃତ୍ୟୁରୁ ରକ୍ଷା ପାଇଲେଣି । ଆମ୍ଭେମାନେ ଆଶାକରୁଁ ଶିକ୍ଷିତ ନର ଓ ନାରୀ ସାଧାରଣ ଅନୁଗ୍ରହ କରି ରୋଗିଣୀ ଓ ତାଙ୍କ ଅଭିଭାବକମାନଙ୍କୁ ପ୍ରବର୍ତ୍ତାଇଲେ ବହୁ ସଂଖ୍ୟକ ରୋଗିଣୀ ହସ୍ପିଟେଲକୁ ଆସନ୍ତେ । ତଦ୍ଦ୍ୱାରା ଜେନାନା ହସ୍ପିଟେଲର ଉଦ୍ଦେଶ୍ୟ ସାଧିତ ହୁଅନ୍ତା ।

ଓଡ଼ିଆ ପାଠ୍ୟ ପୁସ୍ତକ ସମସ୍ୟା

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

ନବ ଉତ୍କଳ ପ୍ରଦେଶ ଗଠିତ ହେବା ସଙ୍ଗେ ସଙ୍ଗେ ଯେତେ ଗୁଡ଼ିଏ ଗୁରୁତର ସମସ୍ୟା ସମାଧାନ ପାଇଁ ଉତ୍ଥାପିତ ହୋଇଅଛି ଓଡ଼ିଆ-ପାଠ୍ୟପୁସ୍ତକ-ସମସ୍ୟା ସେଥି ମଧ୍ୟରୁ ଏକତମ । ଅବଶ୍ୟ ବହୁକାଳ ଧରି ଓଡ଼ିଆ ପାଠ୍ୟପୁସ୍ତକାବଳୀର ନାନା ଦୋଷତ୍ରୁଟି ସାଧାରଣଙ୍କର ସମାଲୋଚନାର ବିଷୟ ହୋଇ ଆସୁଥିଲା । ମାତ୍ର ବର୍ତ୍ତମାନ ଉଚ୍ଚ ଇଂରାଜୀ ସ୍କୁଲମାନଙ୍କରେ ମଧ୍ୟ ଓଡ଼ିଆରେ ପ୍ରାୟ ସବୁ ବିଷୟରେ ପାଠ୍ୟ ପୁସ୍ତକ ଚଳିବାର ବ୍ୟବସ୍ଥା ହେବାରୁ ସେ ପ୍ରଶ୍ନ ଅଧିକତର ଦୃଷ୍ଟି ଆକର୍ଷଣ କରିଅଛି । ବାସ୍ତବିକ ପାଠ୍ୟପୁସ୍ତକ-ସମସ୍ୟା ସ୍ଥୂଳ ଦୃଷ୍ଟିରେ ସାହିତ୍ୟର ବା ସମାଜର ଗୋଟିଏ ପ୍ରଧାନ ଆବଶ୍ୟକ ବିଷୟ ବୋଲି ବୋଧ ନହେଲେହେଁ ଦେଶର ମେରୁଦଣ୍ଡ ତରୁଣମାନଙ୍କର ଜୀବନ-ଗଠନ ଦିଗରେ ଏହି ପାଠ୍ୟପୁସ୍ତକମାନଙ୍କର କାର୍ଯ୍ୟ ସମ୍ୟକ୍ ଉପଲବ୍ଧି କଲେ ଏହା ସମସ୍ତେ ସ୍ୱୀକାର କରିବେ ଯେ ସ୍ୱଦେଶର ବିଦ୍ୟାଳୟମାନଙ୍କରେ ଉପଯୁକ୍ତ-ପାଠ-ପୁସ୍ତକ-ନିର୍ବାଚନ ପ୍ରତି ସ୍ଥିର ଦୃଷ୍ଟି ଦେବା ପ୍ରତି ଦେଶହିତକାମୀର ଏକ ପ୍ରଧାନ କର୍ତ୍ତବ୍ୟ । ବିଶେଷତଃ ଗତ କେତେକ ବର୍ଷ ହେଲା ଏହି ପାଠ୍ୟପୁସ୍ତକ-ନିର୍ବାଚନ-ବିଭ୍ରାଟରୁ ଦେଶର ତରୁଣମାନଙ୍କ ହସ୍ତରେ ପାଠ୍ୟପୁସ୍ତକ ନାମରେ ଯେଉଁ ସବୁ ଆବର୍ଜନା ବହୁପରିମାଣରେ ପ୍ରଦତ୍ତ ହୋଇଅଛି, ତାହା ଦେଖିଲେ ସେଥିରେ କାହାକୁ ଅଧିକ ଦୋଷୀ ସାବ୍ୟସ୍ତ କରିବାକୁ ହେବ ଠିକ୍ କରି ହୁଏ ନାହିଁ । ଏକ୍ଷେତ୍ରରେ ଏକ ଯଥେଚ୍ଛାଚାରର ଶାସନ ଚଳି ଆସୁଅଛି । ଅର୍ଥଲୋଭରେ ଦଳେ କିଛି କିଛି ଶିକ୍ଷାଲାଭ କରିଥିବା ବ୍ୟକ୍ତି ପାଠ୍ୟପୁସ୍ତକ ନାମରେ ଯାହା ତାହା ଲେଖି ଦେଶର ଆଶାଭରସାର ସ୍ଥଳ ତରୁଣମାନଙ୍କର ସର୍ବନାଶ କରିଆସୁଅଛନ୍ତି । ସାହିତ୍ୟର 'ସ' ଅକ୍ଷର ସହିତ ଯେଉଁମାନଙ୍କର ସମ୍ପର୍କ ନଥିଲା ସେହି ଶ୍ରେଣୀର ବେଶି ସଂଖ୍ୟକ ବ୍ୟକ୍ତି ଏ ଦଳର ପୁରୋଭାଗରେ ରହି ନୀଚପୃଷ୍ଠପୋଷକତାବଳରେ ବହୁସଂଖ୍ୟାରେ ପାଠ୍ୟପୁସ୍ତକର ଗ୍ରନ୍ଥକାର ବୋଲି ପରିଚିତ ହୋଇଅଛନ୍ତି । ସେ ସବୁ ପୁସ୍ତକର ଭାଷା, ଭାବ ବା ରଚନାପ୍ରଣାଳୀ ଦେଖିଲେ ମନେ ହୁଏ ଅଧିକାଂଶ ଲେଖକଙ୍କର ସେ ସବୁ ପୁସ୍ତକ ଲେଖିବାରେ ଅର୍ଥଲାଭ ଛଡ଼ା ଅନ୍ୟ କିଛି ଲକ୍ଷ୍ୟ ନାହିଁ । ଏହି ଗ୍ରନ୍ଥକାର ଦଳ କେତେ ଗୁଡ଼ିଏ ପ୍ରକାଶକ ମଣ୍ଡଳୀଙ୍କୁ ଧରି ଏବଂ ଏହି ପ୍ରକାଶକମଣ୍ଡଳୀ ପୁସ୍ତକ-ନିର୍ବାଚନ-କର୍ତ୍ତାମାନଙ୍କୁ ବା ଶିକ୍ଷାବିଭାଗର କର୍ଣ୍ଣଧାରମାନଙ୍କୁ କରାୟତ୍ତ କରି ପାଠ୍ୟପୁସ୍ତକ ରୂପଧାନ ଦେଶରେ ବୁଣିବା ପରିବର୍ତ୍ତିରେ ଗୁଡ଼ାଏ ଅଗାଡ଼ି ବୁଣି ଦେଇ ଏ ଦେଶର ତରୁଣମାନସପଟକୁ କର୍ଦ୍ଦମାକ୍ତ କରି ଦେଇ ଅଛନ୍ତି । ଏ ଗ୍ରନ୍ଥକାରମଣ୍ଡଳୀରେ ବହୁସଂଖ୍ୟକ ଶିକ୍ଷାବିଭାଗୀୟ କର୍ଣ୍ଣଧାର ମଧ୍ୟ ଅଛନ୍ତି । କୌଣସି କୌଣସି ଶିକ୍ଷାବିଭାଗୀୟ କର୍ଣ୍ଣଧାରଙ୍କର ସାରା ଜୀବନରେ ସାହିତ୍ୟ ସଙ୍ଗେ କେବେ ହେଲେ ସମ୍ବନ୍ଧ ନ ଥିବା ସତ୍ତ୍ୱେ ସେମାନଙ୍କ ଶ୍ରୀକର-ଲିଖିତ ଗଦ୍ୟପଦ୍ୟ-ସମ୍ବଳିତ ଅପୂର୍ବ ପାଠ୍ୟପୁସ୍ତକରେ ଭାଷା, ଭାବ ବା ରଚନାଭଙ୍ଗୀ ପ୍ରଭୃତି ଦେଖିଲେ କେବଳ ଯେ ହାସ୍ୟ ସମ୍ବରଣ କରି ହୁଏ ନାହିଁ ତାହା ନୁହେ, ଶିକ୍ଷାବିଭାଗର ସେହି ଗ୍ରନ୍ଥକାରମାନଙ୍କର ସ୍ୱଭାବ ଚରିତ୍ର ପ୍ରତି ନ୍ୟାୟବାନ ବ୍ୟକ୍ତିର ଘୃଣାର ଉଦ୍ରେକ ହେବା ସହଜ ଓ ସ୍ୱାଭାବିକ । ଏ ଦେଶରେ ସମୟ ଥିଲା, ଯେତେବେଳେ ଶିକ୍ଷାବିଭାଗୀୟ କର୍ଣ୍ଣଧାରମାନେ ସାହିତ୍ୟର କର୍ଣ୍ଣଧାର ଥିଲେ । ସେ ସମୟରେ ସେମାନଙ୍କଦ୍ୱାରା ସ୍ୱତନ୍ତ୍ରରୁ ପାଠ୍ୟ ପୁସ୍ତକ ଲିଖିତ

Digitized by srujanika@gmail.com

ହେବା ସମ୍ଭବପର ଥିଲା । ମାତ୍ର ଯେ ଶିକ୍ଷା-ବିଭାଗରେ ବେତନ ପାଇବ ସେ ସାହିତ୍ୟ-ପୀଠର ପୁରୋଧା ବୋଲି ସମାଦର ଲାଭ କରିବ ଏବଂ ପାଠ୍ୟ ପୁସ୍ତକମାନ ଲେଖି ବିଦ୍ୟାଳୟମାନଙ୍କରେ ପ୍ରଚଳିତ କରିବାକୁ ଆପଣାକୁ ଉପଯୁକ୍ତ ମନେକରିବ ଏପରି ଭାବ ଆଧୁନିକ ଉତ୍କଳର ଶିକ୍ଷା-ବିଭାଗରେ କେତେକ ସ୍ଥଳରେ ଦେଖି ବିବେକବାନ୍ ବ୍ୟକ୍ତିମାନେ ସେମାନଙ୍କର ଶିକ୍ଷାଦୀକ୍ଷାକୁ ଦୂରରୁ ଜୁହାର କରୁଅଛନ୍ତି । ଏହିରୂପ ଅପଦାର୍ଥ ଗ୍ରନ୍ଥକାରମାନଙ୍କର ଆବିର୍ଭାବରେ କେବଳ ଯେ ଦେଶ ବିହୁ ମୂଲ୍ୟହୀନ ଗ୍ରନ୍ଥରାଜିରେ ପୂର୍ଣ୍ଣ ହେଲା ତାହା ନୁହେ, ଯେଉଁ କେତେଜଣ ସୁଲେଖକ ଗ୍ରନ୍ଥକାରଙ୍କର ଗ୍ରନ୍ଥମାନ ପ୍ରଚଳିତ ଥିଲା ସେସବୁ କ୍ରମେ କ୍ରମେ ଶିକ୍ଷା-ବିଭାଗରୁ ବିଦାୟ ଗ୍ରହଣ କଲା । ଏ ଦୁରବସ୍ଥାର ସମ୍ୟକ ଆଲୋଚନା ହୋଇ ତାହାର ସୁବ୍ୟବସ୍ଥା ହେବା ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପକ୍ଷରେ ପରମ ମଙ୍ଗଳଜନକ । ମାତ୍ର ଏସବୁ କରୁଛି କିଏ ବା କାହାର ସେ ଯୋଗ୍ୟତା ବା ଅଧିକାର ଅଛି ? ପାଠ୍ୟ-ପୁସ୍ତକ-ନିର୍ବାଚନ-କ୍ଷମତା ଯେଉଁମାନଙ୍କ ହାତରେ ଅଛି ସେହିମାନେ ବିଚକ୍ଷଣତାର ସହିତ କାର୍ଯ୍ୟ କଲେ ଏ ଦୋଷ ଦେଶରୁ ଦୂର ହୁଅନ୍ତା ଏବଂ ଦେଶର ଏକ ମହା ଅମଙ୍ଗଳକର ପଥରେ ବାଧା ଦିଆ ହୁଅନ୍ତା, ମାତ୍ର ବ୍ୟଙ୍ଗବିଦ୍ରୂପ ପରିହାସ ଛାଡ଼ି ସତ୍ୟର ଆଶ୍ରୟ ନେଲେ ମଧ୍ୟ ଏ କଥା ସମସ୍ତେ ଏକ ବାକ୍ୟରେ ସ୍ୱୀକାର କରିବେ ଯେ ପାଠ୍ୟପୁସ୍ତକ-ନିର୍ବାଚନ-ଭାର ଯେଉଁମାନଙ୍କ ହାତରେ ଅଛି ବାଲ୍ୟକାଳରେ ପାଠ୍ୟ ପୁସ୍ତକ ପଢ଼ିବା ଛଡ଼ା ଉତ୍ତର ଜୀବନରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଏସବୁ ବିଷୟ ସଙ୍ଗେ ସମ୍ବନ୍ଧ ରଖିବାର ସୁଯୋଗ ଲାଭ କରିନାହାନ୍ତି । ଏହା କିଛି ସେମାନଙ୍କ ପ୍ରତି ଅପମାନର କଥା ନୁହେ । ସମସ୍ତଙ୍କର ସବୁ ବିଷୟରେ ସମାନ ପାରଦର୍ଶିତା ବା ସୁବିଧା ନ ଥାଏ । ପ୍ରତ୍ୟେକ ବ୍ୟକ୍ତି ପ୍ରତି ବିଷୟରେ ବିଶେଷଜ୍ଞ ହୋଇ ନ ପାରେ । ଏପରି ଅବସ୍ଥାରେ ଯାହାର ଯେଉଁ ବିଷୟରେ ଦକ୍ଷତା ବା ପାରଦର୍ଶିତା ଅଛି ତାକୁ ସେହି ବିଷୟର ଭାର ଦେଲେ କାର୍ଯ୍ୟ ଶୃଙ୍ଖଳା ସହିତ ପରିଚାଳିତ ହୁଏ । ଯଦି ପୁସ୍ତକ-ନିର୍ବାଚନ କରିବାର ଭାର ଯେଉଁ-ମାନଙ୍କ ଉପରେ ଅଛି ସେମାନେ ଜୀବନରେ ସେସବୁର ଚର୍ଚ୍ଚା କରିଥିବେ ତେବେ ସେମାନେ ଦକ୍ଷତାର ସହିତ ସେ କାର୍ଯ୍ୟ କରି ପାରିବେ । ପକ୍ଷାନ୍ତରେ ଯେଉଁମାନଙ୍କର ସେ ଦକ୍ଷତା ନ ଥିବ ସେମାନେ ସେ କାର୍ଯ୍ୟ ଶୃଙ୍ଖଳାର ସହିତ କରି ପାରିବେ ନାହିଁ ଏବଂ ସେଥିଦ୍ୱାରା ସମୂହ କ୍ଷତିର ସମ୍ଭାବନା । ବର୍ତ୍ତମାନ ଓଡ଼ିଶାର ଉଚ୍ଚ ନିମ୍ନ ପ୍ରଭୃତି ସମସ୍ତ ବିଦ୍ୟାଳୟମାନଙ୍କରେ ଓଡ଼ିଆ ପାଠ୍ୟପୁସ୍ତକର ବହୁଳ ପ୍ରଚଳନ ହେବାର ଆଭାସ ପାଇ ଦଳେ ବ୍ୟବସାୟୀ ଗ୍ରନ୍ଥକାର ସେଥିପ୍ରତି ଲୋଲୁପ ଦୃଷ୍ଟି ପକାଇ ଅଛନ୍ତି । ଉପଯୁକ୍ତ ପୁସ୍ତକ ପ୍ରଣୟନ କରି ପାଠ୍ୟ ପୁସ୍ତକରୂପେ ଚଳାଇବାର ଆକାଂକ୍ଷା ରଖିଲେ କାହାର କିଛି ଆପତ୍ତି ହୁଅନ୍ତା ନାହିଁ । ଏସବୁ ଗ୍ରନ୍ଥକାର ଓ ପ୍ରକାଶକଙ୍କର ଉତ୍ପାତରୁ ଏ ଉତ୍କଳଖଣ୍ଡର ଶିଶୁ-ମସ୍ତିଷ୍କ କ୍ରମେ କ୍ରମେ ବିକୃତ ହେବାକୁ ବସିଲଣି ଏବଂ ଅଳ୍ପସମ୍ମାନ ଥିବା ଶିକ୍ଷିତ ବ୍ୟକ୍ତିମାନେ ଏ ହଟ୍ଟଗୋଳ ଭିତରେ ପାଠ୍ୟପୁସ୍ତକ ଲେଖିବାର ପ୍ରୟାସ କରିବାକୁ କୁଣ୍ଠିତ ହେଲେଣି । ଏହାର ଏହାହିଁ ଫଳ ହେଉଅଛି ଯେ ଏ ଦେଶର ତରୁଣମାନଙ୍କ ହସ୍ତରେ ପାଠ୍ୟପୁସ୍ତକର ଯାହା ତାହା ଲେଖା ସ୍ଥାନ ପାଉଅଛି ଏବଂ ତଦ୍ଦ୍ୱାରା ସେମାନଙ୍କର ମାନସିକ ଶକ୍ତିର ବିକାଶ ହେବା ଦୂରେ ଥାଉ ବରଂ ସେମାନଙ୍କର ମସ୍ତିଷ୍କ ଅଯଥାରୂପେ ଭାରାକ୍ରାନ୍ତ ଓ ପିଷ୍ଟ ହେଉଅଛି ।

ଯାହା ବର୍ଣ୍ଣନା କରାଗଲା ତାହା ଓଡ଼ିଆ ସ୍କୁଲ ପାଠ୍ୟପୁସ୍ତକର ସାଧାରଣ ଅବସ୍ଥା ମାତ୍ର । ସେଥି ମଧ୍ୟରେ ଯେ ଆଲୋକର ଚିହ୍ନ ନାହିଁ ତାହା ଆମ୍ଭେମାନେ କହୁନାହୁଁ । ଶିକ୍ଷା-ବିଭାଗର ଲୋକମାନଙ୍କ ମଧ୍ୟରୁ ଏବଂ ବାହାରର ଶିକ୍ଷିତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ପାଠ୍ୟ ପୁସ୍ତକକୁ ସୁଖପାଠ୍ୟ ଓ ସ୍ୱାସ୍ଥ୍ୟକର କରିବାର ପୂର୍ଣ୍ଣ ଉଦ୍ୟମ କରୁଅଛନ୍ତି । ମାତ୍ର ଦୁଃଖର ସହିତ କହିବାକୁ ହେଉଅଛି ଯେ ସେପରି ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ । ଶିକ୍ଷକ ଗ୍ରନ୍ଥକାରମାନଙ୍କ ମଧ୍ୟରେ ଯୁବକ ଗ୍ରନ୍ଥକାର ଶ୍ରୀଯୁକ୍ତ ରାମକୃଷ୍ଣ ନନ୍ଦ, ବି.ଏ, ସ୍କୁଲ ପାଠ୍ୟ ପୁସ୍ତକ ଲେଖିବାରେ ଏବଂ ବାହାରର ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ଶ୍ରୀଯୁକ୍ତ ଚନ୍ଦ୍ରଧର ମହାପାତ୍ର, ବି.ଏଲ. ଶିଶୁରଞ୍ଜନ ପୁସ୍ତକ ପ୍ରଣୟନରେ ଯେଉଁ ନବୋଦ୍ୟମ କରିଅଛନ୍ତି ଅଧ୍ୟବସାୟର ସହିତ ପରିଚାଳିତ ହେଲେ ତାହାର ଭବିଷ୍ୟତ ଯେ ସମୁଜ୍ଜ୍ୱଳ ଏହା ଅନେକଙ୍କ ମନରେ ଆଶାର ଉଦ୍ରେକ କରିଅଛି । ତେବେ ଏ ଶ୍ରେଣୀୟ ଦାୟିତ୍ୱଜ୍ଞାନ-ସମ୍ପନ୍ନ ପାଠ୍ୟପୁସ୍ତକ-ପ୍ରଣେତାଙ୍କର ସଂଖ୍ୟା ବେଶି ନୁହେ ବୋଲି ଆମ୍ଭମାନଙ୍କର ବିଶ୍ୱାସ । ବଡ଼ ବଡ଼ ଇଟା ପଥରର କୋଠା ଘର ବିଦ୍ୟାଳୟମାନଙ୍କ ନିମିତ୍ତ ନିର୍ମିତ ହେଲେ ଏ ଦେଶର ଶିକ୍ଷା-ପ୍ରଶ୍ନର ସମାଧାନ ହେବ ନାହିଁ । ଉପଯୁକ୍ତ ଶିକ୍ଷକ, ବିଜ୍ଞାନସମ୍ମତ ଶିକ୍ଷାପଦ୍ଧତି, ଏ ଦେଶର ତରୁଣ-କୁଳର ଉପଯୋଗୀ ପାଠ୍ୟ ପୁସ୍ତକ ବିଦ୍ୟା-ମନ୍ଦିରମାନଙ୍କରେ ସ୍ଥାନ ପାଇଲେ ଏ ଦେଶର ଶିକ୍ଷାପ୍ରଶ୍ନର ଜଟିଳତା ଦୂରୀଭୂତ ହେବ ।

ଯେଉଁମାନେ ଓଡ଼ିଶାର ଗତ ୨୫।୩୦ ବର୍ଷ ଶିଶୁ-ଶିକ୍ଷା-ପଦ୍ଧତି ଓ ସ୍କୁଲ ପାଠ୍ୟ ପୁସ୍ତକମାନଙ୍କର ରୀତିମତ ଆଲୋଚନା କରିବେ ସେମାନେ ଦେଖି ପାରିବେ ଯେ ଆମ ଦେଶରେ ଏସବୁ ବିଷୟରେ କିଛି ସ୍ଥିର ସିଦ୍ଧାନ୍ତ ହୋଇନାହିଁ । ଅନ୍ଧ-ଅନୁକରଣ-ପ୍ରବୃତ୍ତିହିଁ ଆମ ଦେଶର ଶିକ୍ଷା-ପଦ୍ଧତିର ନିୟାମକ ହୋଇ ଆସିଅଛି । ଶିକ୍ଷା ବିଷୟରେ ସୁମୀମାଂସାରେ ଉପସ୍ଥିତ ନ ହେବା ଏବଂ ସେହି ଦଗରେ ଉପଯୁକ୍ତ ପାଠ୍ୟପୁସ୍ତକ-ପ୍ରଣୟନର ସୁବିଧା ନ କରିବା ଦେଶର ଜାତୀୟତାମୂଳରେ କୁଠାରାଘାତ କରିବାର ନାମାନ୍ତର ମାତ୍ର । ଅନୁକରଣ-ମୋହ ବା ରାଜନୀତିକ ଉତ୍ତେଜନାଦ୍ୱାରା ଶିକ୍ଷାର ମାର୍ଗ ବା ପଦ୍ଧତି ନିରୂପଣ କରିବାକୁ ବସିବା ଦେଶ ବା ସମାଜ ପକ୍ଷରେ ମହା ଅନିଷ୍ଟକର ବିଷୟ । ପୃଥିବୀର ଶିକ୍ଷାବିଷୟକ ବିଶେଷଜ୍ଞମାନଙ୍କର ପରାମର୍ଶରେ ନିଜ ଦେଶର ଅଭାବ ଅସୁବିଧା ଓ ପରିସ୍ଥିତି ବା ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ସମ୍ୟକ ଦୃଷ୍ଟି ଦେଇ ଶିକ୍ଷା-ପଦ୍ଧତି କିଛି କାଳ ପାଇଁ ଗଢ଼ିନେବା ଦୂରଦୃଷ୍ଟିର ପରିଚାୟକ । ତାହା ନ କରି ପ୍ରତି ତିନିବର୍ଷରେ ପାଞ୍ଚବର୍ଷରେ ଶିଶୁ-ଶିକ୍ଷା ବା

Digitized by srujanika@gmail.com

ଯୁବକ ଯୁବତୀଙ୍କ ଶିକ୍ଷା-ପନ୍ଥାର ପରିବର୍ତ୍ତନ କଲେ ସେପରି ଶିକ୍ଷା-ପଦ୍ଧତି ଦ୍ୱାରା ଦେଶର ସମୂହ କ୍ଷତି ହେବାର ପୂର୍ଣ୍ଣ ସମ୍ଭାବନା । ଦେଶର ଶିକ୍ଷା ଦେଶର ଜାତୀୟତା ଓ ସଂସ୍କୃତି ଉପରେ ପୂର୍ଣ୍ଣରୂପେ ପ୍ରତିଷ୍ଠିତ ହେବା ସର୍ବତୋଭାବରେ ବିଧେୟ । ଦେଶର ଭୂତ, ଭବିଷ୍ୟତ ଓ ବର୍ତ୍ତମାନକୁ ଦୃଷ୍ଟି ଦେଇ ସେଥି ସଙ୍ଗରେ ଜଗତର ଗତିବିଧିକୁ ଲକ୍ଷ୍ୟ କରି ଶିକ୍ଷାର ବ୍ୟବସ୍ଥା ନ କଲେ ସେ ଶିକ୍ଷା ଦେଶର ବା ସମାଜର ସମୟୋପଯୋଗୀ ଶିକ୍ଷାରୂପେ ଗୃହୀତ ହୋଇ ପାରିବ ନାହିଁ ।

ଏହି ଦୂରଦୃଷ୍ଟିଦ୍ୱାରା ଶିକ୍ଷାକୁ ନିୟନ୍ତ୍ରିତ ନ କଲେ ଦେଶର ଆଶା ଭରସାର ସ୍ଥଳ ତରୁଣମାନଙ୍କର ମସ୍ତିଷ୍କର ଅପବ୍ୟବହାର କରିବା ଦ୍ୱାରା ଦେଶର ସର୍ବନାଶର ପଥ ଉନ୍ମୁକ୍ତ କରିଦେବାକୁ ହେବ । ଆମ୍ଭମାନଙ୍କର ଏହି ଉତ୍କଳ ପ୍ରଦେଶରେ ଆଜିକାଲି ପ୍ରତିନିଧିମୂଳକ ଶାସନ-ପ୍ରଣାଳୀ ପ୍ରବର୍ତ୍ତିତ ଥିବା ଅବସ୍ଥାରେ ଯଦି ଦେଶର ଶିକ୍ଷାପଦ୍ଧତି ଓ ସେଥି ସଙ୍ଗେ ସଙ୍ଗେ ପାଠ୍ୟ ପୁସ୍ତକ ସମସ୍ୟାର ସମାଧାନ ନ ହୁଏ ତେବେ ଭାବିବାକୁ ହେବ ଯେ ଏ ଦେଶର ଦୁର୍ଦ୍ଦଶା ଅବସାନ ହେବାର ସମୟ ଉପସ୍ଥିତ ହୋଇ ନାହିଁ । ଦେଶରେ ଯେଉଁମାନେ ସାହିତ୍ୟ-କ୍ଷେତ୍ରରେ ସୁପରିଚିତ ସେଉଁ-ମାନଙ୍କ ହାତରେ କଲମ ବୋଲି ମାନେ ସେହିମାନେ ସରସ ସୁନ୍ଦର ସୁଖପାଠ୍ୟ ପଦ୍ୟ ଗଦ୍ୟ ପୁସ୍ତକମାନ ଲେଖିଲେ ତାହା ତରୁଣ-ମାନଙ୍କ ମଧ୍ୟରେ ଏକାଧାରରେ ଆନନ୍ଦ ଓ ଶିକ୍ଷା ବିତରଣ କରି ପାରିବ । ଯେଉଁ ଶିକ୍ଷକମାନେ ବିଜ୍ଞାନ, ଗଣିତ ପ୍ରଭୃତି ବିଷୟରେ ଧୁରନ୍ଧର ସେହିମାନେ ଉପଯୁକ୍ତ ଭାବରେ ବିଷୟମାନ ଆଲୋଚନା କରି ପାଠ୍ୟପୁସ୍ତକମାନ ପ୍ରଣୟନ କଲେ ଏ ଦେଶରୁ ପାଠ୍ୟପୁସ୍ତକ ଅବର୍ଜନା ଦୂର ହେବ । ଉପଯୁକ୍ତ ଶକ୍ତିଶାଳୀ ଲେଖକମାନଙ୍କୁ ଏ କ୍ଷେତ୍ରକୁ ଆହ୍ୱାନ କରିବା ଉଦ୍ଦେଶ୍ୟରେ ଉପଯୁକ୍ତ ପାରିତୋଷିକ ଘୋଷଣା କରାଗଲେ ଏ ଦିଗରେ ସୁଫଳପ୍ରାପ୍ତିର ସମ୍ଭାବନା । କେବଳ ପାଠ୍ୟପୁସ୍ତକ-କ୍ଷେତ୍ର କାହିଁକି ଏ ଦେଶର ସାହିତ୍ୟର ବିଭିନ୍ନ ବିଭାଗ ଯେପରି ଅପୂର୍ଣ୍ଣ ଓ ଅଭାବଗ୍ରସ୍ତ ସେଥିରେ ଦେଶର ସରକାର ଉପଯୁକ୍ତ ପୁରସ୍କାର ଘୋଷଣା କରି ଲେଖକମାନଙ୍କର ସହଯୋଗିତା ଆହ୍ୱାନ କଲେ ଅଳ୍ପ କାଳ ମଧ୍ୟରେ ଏ ଦେଶର ସାହିତ୍ୟ ବିଭିନ୍ନ ବିଭାଗରେ କିୟତ୍ ପରିମାଣରେ ଶ୍ରୀସମ୍ପନ୍ନ ହୋଇପାରନ୍ତା । ଦେଶର ଶିକ୍ଷାସଂସ୍କୃତିର ବିଭାଗ ଯେଉଁମାନଙ୍କ ହସ୍ତରେ ନ୍ୟସ୍ତ, ଆମ୍ଭେମାନେ ଏ ଦିଗରେ ସେମାନଙ୍କର ସହାନୁଭୂତିପୂର୍ଣ୍ଣ ଶୁଭ ଦୃଷ୍ଟି ଆକର୍ଷଣ କରୁଅଛୁଁ । ଦେଶର ସାହିତ୍ୟର ଅଭିବୃଦ୍ଧିଉପରେ ଦେଶର ମଙ୍ଗଳ ବହୁ ପରିମାଣରେ ନିର୍ଭର କରେ । ସାହିତ୍ୟର ବିଭିନ୍ନ ବିଭାଗ ଯେତେ ଶୀଘ୍ର ଉନ୍ନତ ହେବ ଏ ଦେଶର ଶିକ୍ଷା-ପ୍ରସାର ତେତେ କ୍ଷିପ୍ରଗତିରେ ଅଗ୍ରସର ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସାହିତ୍ୟ ଓ ସମାଜ ଅଚ୍ଛେଦ୍ୟ ବନ୍ଧନରେ ଚିରକାଳ ଆବଦ୍ଧ ।

'ସରସ୍ୱତୀବିଳାସ' ଓ ତଦୀୟ ପ୍ରଣେତା ଗଜପତି ପ୍ରତାପରୁଦ୍ର ଦେବ

(୧୪୯୭–୧୫୪୧ ଖ୍ରୀ:)

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ସ୍ୱାଧୀନ ଓଡ଼ିଶାର ଅଭ୍ୟନ୍ତରୀଣ ଶାସନତନ୍ତ୍ର ଯେପରି ଭାବରେ ଗୃହୀତ ହୋଇଥିଲା ତାହାର ଶ୍ରେଷ୍ଠ ନିଦର୍ଶନ ଗ୍ରନ୍ଥ 'ସରସ୍ୱତୀବିଳାସ' । ଏହି ଗ୍ରନ୍ଥକୁ ଆଧୁନିକ ଐତିହାସିକମାନଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଉପଯୋଗୀ କହିଲେ ଚଳେ । ମୋଟ କଥା 'ସରସ୍ୱତୀବିଳାସ' ଗ୍ରନ୍ଥଟି ଆଧୁନିକ ଦଣ୍ଡନୀତି ଓ ବିଚାର-ପଦ୍ଧତିର ସମଷ୍ଟି ମାତ୍ର । ପ୍ରାଚୀନ କାଳର ବିଧିବ୍ୟବସ୍ଥା ଗୁଡ଼ିକ ସୂକ୍ଷ୍ମଭାବରେ ଆଲୋଚିତ ହୋଇ ଏଥିରେ ସ୍ଥାନ ପାଇଅଛି । ବାସ୍ତବିକ ଏହି ଗ୍ରନ୍ଥଟି ଏହାର ପ୍ରଣେତା ପ୍ରତାପରୁଦ୍ର ଦେବଙ୍କ ସଦ୍‌ଗୁଣ ଉଜ୍ଜ୍ୱଳର ଗୋଟିଏ ଶ୍ରେଷ୍ଠ ନିଦର୍ଶନ ।

ହିନ୍ଦୁ ଆଇନ ସଙ୍କଳୟିତା ୟୁରୋପୀୟ ପଣ୍ଡିତମାନେ 'ସରସ୍ୱତୀ-ବିଳାସ'ର ଭୂୟସୀ ପ୍ରଶଂସା କରିଅଛନ୍ତି, Sir Thomas Strange ଶତବର୍ଷ ପୂର୍ବେ ୧୮୩୦ ରେ ଲେଖିଥିଲେ:—

The Saraswati Vilas, a general digest, attributed to Prataprudra deva Maharaja, * * * became the standard law-book of his dominion. Sir Charles Grey ଗୋଟିଏ ପ୍ରବନ୍ଧରେ କହିଥିଲେ "In Andhra Country, the smriti-chadrica and Saraswati Vilasam are chiefly esteemed; in Dravida the Saraswati Vilasam and Varadarajiyam; and in the Curnatica, the Madhaviyam and Saraswati Vilasam." ଏମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଅନେକେ ବୈଦେଶିକ ପଣ୍ଡିତ ସରସ୍ୱତୀ ବିଳାସର ପ୍ରଶଂସା କରିଥିବାର କଥା Rev. Thomas Foulkes ତାଙ୍କର Hindu Law of inheritance according to Saraswati Vilasa" ନାମକ ପୁସ୍ତକରେ ଉଲ୍ଲେଖ କରିଅଛନ୍ତି । ଏହି ପୁସ୍ତକଟି ୧୮୮୧ରେ ଖ୍ରୀଷ୍ଟାବ୍ଦରେ Triibner & Co କର୍ତ୍ତୃକ ଲଣ୍ଡନରେ ମୁଦ୍ରିତ ହୋଇ-ଥିଲା । Rev. Foulkes ଗୋଟିଏ ସୁନ୍ଦର ମୁଖବନ୍ଧସହ ସରସ୍ୱତୀ-ବିଳାସର କେବଳ "ଦାୟଭାଗ" ଖଣ୍ଡ ଇଂରାଜୀରେ ଅନୁବାଦ କରି ମୁଦ୍ରିତ କରିଥିଲେ । ଏହି ପୁସ୍ତକର "ଦାୟଭାଗ" ଅଂଶଟି

Digitized by srujanika@gmail.com

ନାଗରାକ୍ଷରରେ ମଧ୍ୟ ମୁଦ୍ରିତ ହୋଇଅଛି । ମୁଖବନ୍ଧଟି ବାଙ୍ଗାଲୋର ଠାରେ ୧୮୮୧ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସରେ ଲିଖିତ ହୋଇଥିଲା ।

ସରସ୍ୱତୀବିଳାସର ପ୍ରଣେତା ଗଣପତି ପ୍ରତାପରୁଦ୍ର ବା ଗଜପତି ପ୍ରତାପରୁଦ୍ର ଏ ବିଷୟରେ ମତଭେଦ ଥିଲା । Rev. Foulkes ପ୍ରମାଣିତ କରିଅଛନ୍ତି ଯେ ଓ୍ୱାରଙ୍ଗଲର ଗଣପତି ପ୍ରତାପରୁଦ୍ର ସରସ୍ୱତୀବିଳାସ ରଚିତ ହେବାର ପ୍ରାୟ ଦୁଇ ଶତ ପୂର୍ବେ ଇହଲୀଳା ସାଙ୍ଗ କରିଥିଲେ । ତେଣୁ ସରସ୍ୱତୀବିଳାସର ପ୍ରକୃତ ପ୍ରଣେତା ଓଡ଼ିଶାର ଗଜପତି ପ୍ରତାପରୁଦ୍ର ଦେବ । ୧୮୨୮ରେ ମୁଦ୍ରିତ ମେକେଞ୍ଜି ମେନୁସ୍କ୍ରିପ୍ଟରେ (Mackenzei manuscript) ପରିଷ୍କାରରୂପେ ଲେଖାଅଛି ଯେ ସରସ୍ୱତୀବିଳାସର ପ୍ରଣେତା ଗଜପତି ପ୍ରତାପରୁଦ୍ର ଦେବ । ଗ୍ରନ୍ଥର ପ୍ରଥମ ଉଲ୍ଲାସରେ ପ୍ରଦତ୍ତ ପ୍ରଣେତାଙ୍କର ବଂଶାଖ୍ୟାନରୁ ଏହା ମଧ୍ୟ ପ୍ରମାଣିତ ହୁଏ । ମାନ୍ଦ ମହୀଶୂର ବିଶ୍ୱବିଦ୍ୟାଳୟର ଖ୍ୟାତନାମା ପଣ୍ଡିତ ଅର୍ଥଶାସ୍ତ୍ରବିଶାରଦ ବିଦ୍ୟାଲଙ୍କାର ଡାକ୍ତର ଆର୍. ଶର୍ମାଶାସ୍ତ୍ରୀ, ବି. ଏ. ପିଏଇଚ. ଡ଼ିକ୍. ସମ୍ପୂର୍ଣ୍ଣ ସରସ୍ୱତୀବିଳାସ ଗ୍ରନ୍ଥର "ଉପୋଦ୍ଘାତ"ରେ ଦେଖାଯାଏ ଯେ ସେ ଗ୍ରନ୍ଥପ୍ରଣେତାଙ୍କୁ ଓଡ଼ିଶାର ଗଜପତି ପ୍ରତାପରୁଦ୍ର ବୋଲି ସ୍ୱୀକାର କରିବାକୁ କୁଣ୍ଠିତ । ସେ ଲେଖିଅଛନ୍ତି "ସରସ୍ୱତୀ-ବିଳାସ-ପ୍ରଣେତା ପ୍ରତାପରୁଦ୍ରାଖ୍ୟୋଽୟଂ ମହାରାଜ କଦାକୁତ୍ର ବା ରାଜ୍ୟଂ ଚକାରେତ୍ୟେତଦପି ନ ନିରଣାୟି," ଅର୍ଥାତ ସରସ୍ୱତୀବିଳାସ-ପ୍ରଣେତା ପ୍ରତାପରୁଦ୍ର ନାମକ ମହାରାଜା କେଉଁ ସମୟରେ ବା କେଉଁ ସ୍ଥାନରେ ରାଜତ୍ୱ କରିଥିଲେ, ତାହା ନିର୍ଣ୍ଣିତ ହୋଇନାହିଁ । ତତ୍ପରେ ସେ ଲେଖିଅଛନ୍ତି—

"ମହାନଦୀ-ସ୍ରୋତୋ-ବାତପୂତାଂ କଟକ-ନଗରୀଂ କପିଳେନ୍ଦ୍ରୋ ନାମ ସୂର୍ଯ୍ୟବଂଶଜୋ ରାଜା କ୍ରିସ୍ତାବ୍ଦାନାଂ ପଞ୍ଚଦଶ-ଶତକ ସ୍ୟାର୍ଦ୍ଧ-ଭାଗେଽଧିବସତ୍ । ତସ୍ୟ ପୁତ୍ରଃ ପୁରୁଷୋତ୍ତମୋ ନାମ ରାଜା ସମାସୀତ୍ । ତସ୍ୟ ଚ ପୁତ୍ରଃ ଶ୍ରୀ ବୀରରୁଦ୍ର ଦେବଃ ବୀର ପ୍ରତାପରୁଦ୍ର ଦେବ ଇତ୍ୟାପି ବିଖ୍ୟାତୋ ରାଜାଽଭବତ୍ । ସୋଽୟଂ ରାଜା ଗ୍ରନ୍ଥସ୍ୟାସ୍ୟ ପ୍ରଣେତେତି ଅବତରଣିକାୟାଂ ପ୍ରତ୍ୟୁତ୍ପ୍ରୋମାନୋ ଦୃଶ୍ୟତେ । ତଥାଚ କାଲତୀୟ-ବଂଶ୍ୟା ଦେବଗିରି ନଗରାଧିପତେଃ ପ୍ରତାପରୁଦ୍ର ଦେବାଦନ୍ୟ ଏବାୟଂ ବୀର ରୁଦ୍ରଦେବ ଇତି ସ୍ପଷ୍ଟ ମବ ଗମ୍ୟତେ ।" ଗଜପତି ପ୍ରତାପରୁଦ୍ରଙ୍କ ସମ୍ବନ୍ଧେ କେବଳ ଦୃଶ୍ୟତେ ଓ ଗଣପତି ପ୍ରତାପରୁଦ୍ରଙ୍କ ସମ୍ବନ୍ଧେ 'ସ୍ପଷ୍ଟମବଗମ୍ୟତେ' ଲେଖାରୁ ସ୍ପଷ୍ଟ ଜଣା ଯାଉଅଛି ଯେ ପଣ୍ଡିତ ଶାମା ଶାସ୍ତ୍ରୀ ଗ୍ରନ୍ଥ-ପ୍ରଣେତାଙ୍କୁ ଓଡ଼ିଆ ବୋଲି ଗ୍ରହଣ କରିବାକୁ କୁଣ୍ଠିତ । ପକ୍ଷାନ୍ତରେ Rev. Foulkes ଗ୍ରନ୍ଥ-ପ୍ରଣେତାଙ୍କୁ ଓଡ଼ିଆ ବୋଲି ପ୍ରମାଣିତ କରିଥିବା ସତ୍ତ୍ୱେ ପଣ୍ଡିତ ଶାମା ଶାସ୍ତ୍ରୀଙ୍କର ମତ-ପରିବର୍ତ୍ତନ ନ ହେବା ବିଚିତ୍ର ବ୍ୟାପାର ନୁହେ କି? Foulkes ସାହେବଙ୍କର ବହି ପଢ଼ି ସୁଦ୍ଧା ପଣ୍ଡିତ ଶାମା ଶାସ୍ତ୍ରୀ ଗ୍ରନ୍ଥ-ପ୍ରଣେତାଙ୍କୁ ଓଡ଼ିଶାର ରାଜା ବୋଲି କିପରି ସନ୍ଦେହ କଲେ ତାହା ମଧ୍ୟ ବୁଝାଯାଉ ନାହିଁ । Foulkes ସାହେବ ପ୍ରଣେତାଙ୍କ ସମ୍ବନ୍ଧେ ନାନା କଥା ଲେଖି ଶେଷ ସିଦ୍ଧାନ୍ତରେ ନିମ୍ନୋକ୍ତ ଭାବରେ ଉପନୀତ ହୋଇଅଛନ୍ତି—

"The work itself furnishes precise and abundant evidence of its authorship. That it could not be the work of Pratap Rudra Ganapati is sufficiently evident from the circumstances.........Pratap Rudra Deva, the Ganapati king of Warangal, was carried prisoner to Delhi in A. D. 1322 when his capital was captured by the Mahamedans."

ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ସରସ୍ୱତୀବିଳାସ ପ୍ରଣେତା ଓଡ଼ିଶାର ଗଜପତି ମହାରାଜା ପ୍ରତାପରୁଦ୍ର ଅଟନ୍ତି । ଗ୍ରନ୍ଥର ପାଞ୍ଚଟି ଉଲ୍ଲାସର ପ୍ରତ୍ୟେକଟି ଶେଷରେ ମଧ୍ୟ ଗ୍ରନ୍ଥଟି ଗଜପତି ପ୍ରତାପରୁଦ୍ର ଦେବଙ୍କ ଦ୍ୱାରା ବିରଚିତ ବୋଲି ନିମ୍ନଲିଖିତ ଭାବେ ଉଲ୍ଲେଖିତ ଅଛି ।

ଇତି ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟକଲ୍ଲୋଳ ବର୍ଗେଶ୍ୱର ଶରଣାଗତ ଯମୁନାପୁରାଧୀଶ୍ୱର ହୁଶନସାହି ସୁରତାଣ ଶରଣରକ୍ଷକ ଶ୍ରୀଦୁର୍ଗାବରପୁତ୍ର ପରମପବିତ୍ର ରାଜାଧିରାଜ-ରାଜପରମେଶ୍ୱର ଶ୍ରୀ ପ୍ରତାପରୁଦ୍ର ଦେବ ମହାରାଜା ବିରଚିତେ ସ୍ମୃତିସଂଗ୍ରହେ ସରସ୍ୱତୀବିଳାସେ ପ୍ରବନ୍ଧବଂଶାବତରଣଂ ନାମ ପ୍ରଥମ ବିଳାସ ।

(୨) ବ୍ୟବହାରକାଣ୍ଡେ ଶାସ୍ତ୍ରମୁଖ ସ୍ୱରୂପ ନିରୂପଣଂ ନାମଂ ଦ୍ୱିତୀୟୋଲ୍ଲାସ ।

(୩) ବ୍ୟବହାରକାଣ୍ଡେ ଇତି କର୍ତ୍ତବ୍ୟତା-ନିରୂପଣ ନାମ ତୃତୀୟୋଲ୍ଲାସ ।

(୪) ବ୍ୟବହାରକାଣ୍ଡେ ପ୍ରମାଣନିର୍ଣ୍ଣୟୋନାମ ଚତୁର୍ଥୋ ବିଳାସ ।

(୫) ବ୍ୟବହାରକାଣ୍ଡେ ଅଷ୍ଟାଦଶ ବିବାଦ ପଦନିର୍ଣ୍ଣୟୋ ନାମ ପଞ୍ଚମୋଲ୍ଲାସ ଇତି ଇତ୍ୟାଦି ।

ଏହାଛଡ଼ା ଗ୍ରନ୍ଥର ଅବତରଣିକାରେ ପ୍ରଣେତା ସୂର୍ଯ୍ୟବଂଶୀୟ ଥିବାର ଲିଖିତ ଅଛି । ସମସାମୟିକ ଲିପିରୁ ମଧ୍ୟ ଏହି ବଂଶ ସୂର୍ଯ୍ୟ-ବଂଶୀୟ ଥିବାର ପ୍ରମାଣ ମିଳେ । କପିଳେନ୍ଦ୍ର, ପୁରୁଷୋତ୍ତମ ଓ ପ୍ରତାପରୁଦ୍ର ଦେବଙ୍କର କାର୍ଯ୍ୟାବଳୀ ଯେପରି ବିସ୍ତୃତ ଭାବରେ ସରସ୍ୱତୀ ବିଳାସରେ ବର୍ଣ୍ଣିତ ଅଛି ତାହାର ମଧ୍ୟ ସମସାମୟିକ ଲିପି ସହିତ ସାମଞ୍ଜସ୍ୟ ଥିବାର ଦେଖାଯାଏ ।

Digitized by srujanika@gmail.com

ବାତାୟନ

ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ

(୧)

ଏହି ବାତାୟନ ପାଶେ ବସି ମୁଁ
ଦେଖେଁ ଏହି ବାଟେ କେତେ ଥର ସେ,
ଯାଏ ସୁନାଗୋଟି ନବ-ଚଇଲା,
ମଧୁ ଯଉବନ-ମଦେ ଉଲ୍ଲସେ !

(୨)

ପୁରି ଅଠରଟି ମଧୁ ଫଗୁଣ
ତାର ସଜାଇଛି ତନୁ-ସୁଷମା;
ସିନା ଚାଲିଟିକି ଏକା ତାହାର
ସତ କେଳିମରାଳୀର ଉପମା !

(୩)

ତାର ସାନ ସାନ ପାଦ ଯୋଡ଼କ
ଯେବେ ଚାଲେ ସେ ପକାଇ ଭୂଇଁରେ,
ଗୋଟି ଗୋଟି କରି ଫୁଟି ଉଠଇ
ସୁନା-ସରସିଜ ପଥ-ଧୂଳିରେ !

(୪)

ତାର ନବନୀତ-ତନୁ-ସୁବାସ
ଅବା କରିବାକୁ ଚୋର ପବନ,
କରେ ଟଣାଟଣି କେତେ ଛଳରେ
ତାର ଫିକା ହଳଦିଆ ବସନ ।

(୫)

ଦିଏ ମଥାଲୁଗା ତାର ଖସାଇ
କ୍ଷଣେ ଦେଖାଇ ଚିକୁର-ମାଧୁରୀ;
ତାର ଛିଟଲୁଗା ଧରି ଟାଣିଲେ,
ହସି ଉଡ଼ରଖେ ତାକୁ ଚତୁରୀ ।

(୬)

ମୋର ପରିଚୟ ତାହା ସହିତ
କେବେ ହୋଇନାହିଁ କଥାଭାଷାରେ;
ତାର ମନ କଥା ମୋର ମରମ
ବୁଝେଁ କଣବଦ ଆଖି-କଥାରେ ।

(୭)

ପ୍ରତି ପ୍ରଭାତେ ପ୍ରଦୋଷେ ଥରେ ସେ
ତାର ଅନୁପମ ଶିରୀ ଦେଖାଇ,
ଯାଏ ଜାଗରିତ ମୋର ନୟନେ
ମଧୁ ସ୍ୱପନଟି ସମ ଉଭାଇ ।

(୮)

ତାର ସେ ଅତୁଳନୀୟ ରୂପକୁ
ନିତି ଆରତି କରେ ମୋ' ନୟନ,
ସେ ଯେ ପାଖେ ଥାଇ ରହେ ସୁଦୂରେ
ଚିର ଦୁର୍ଲଭ, ଚିର ନୂତନ !

Digitized by srujanika@gmail.com

ଦେଶୀୟ ରାଜ୍ୟ ସମାଚାର

ତ୍ରିବାଙ୍କୁଡ଼

ନୂତନ ଆଦର୍ଶ ଉପନିବେଶ

ତ୍ରିବାଙ୍କୁଡ଼ ରାଜସରକାର ଉତ୍ତର ତ୍ରିବାଙ୍କୁଡ଼ର କୁରୁଚିଠାରେ ଗୋଟିଏ ଆଦର୍ଶ ଉପନିବେଶ ସ୍ଥାପନ କରିଅଛନ୍ତି । ଅନୁନ୍ନତ ଜାତିର ଉନ୍ନତି ନିମନ୍ତେ ଉପନିବେଶଟି ସ୍ଥାପିତ । ଏହି ଉପନିବେଶଟିର ମୋଟ ଜମି ୧୨୦ ଏକର । ଏହା ୪୦ ଟି ପ୍ଲଟରେ ବିଭକ୍ତ । ପ୍ରତ୍ୟେକ ପ୍ଲଟରେ ଗୋଟିଏ ଲେଖାଏଁ କ୍ଷୁଦ୍ର ଗୃହ ନିର୍ମିତ ହୋଇଅଛି । ଅନୁନ୍ନତ ସମ୍ପ୍ରଦାୟ ମଧ୍ୟରୁ ନିର୍ବାଚିତ ପରିବାରମାନେ ଗୃହମାନଙ୍କରେ ବାସ କରିବେ । ଉପନିବେଶ-ବାସୀମାନେ ଏକତ୍ର ହେବା ନିମନ୍ତେ ଗୋଟିଏ ସାଧାରଣ ମିଳନ-ଗୃହ ନିର୍ମିତ ହୋଇଅଛି । ଉପନିବେଶବାସୀମାନଙ୍କ ମଧ୍ୟରେ ହିନ୍ଦୁ ଓ ଖ୍ରୀଷ୍ଟିଆନ ଉଭୟ ଧର୍ମର ଲୋକ ଅଛନ୍ତି । ପ୍ରତ୍ୟେକ ଉପନିବେଶ-ବାସୀଙ୍କୁ କୃଷି ନିମନ୍ତେ ସ୍ୱତନ୍ତ୍ର ଭୂମି ଦିଆଯାଇଅଛି । ପୁଣି ୧୦୦ ଏକର ଜମି ସମସ୍ତେ ଏକତ୍ର ଚଷିବାର ବନ୍ଦୋବସ୍ତ କରାଯାଇଅଛି । ରାଜ-ସରକାର ଗୃହର ସରଞ୍ଜାମମାନ ଯୋଗାଇବେ । ଗୃହ-ନିର୍ମାଣ ପାଇଁ ସରକାର ଦଶ ହଜାର ଟଙ୍କା ଖରଚ କରିଅଛନ୍ତି ।

ବେତାର

ତ୍ରିବାଙ୍କୁଡ଼ ସରକାର ଗୋଟିଏ ବେତାର-ଷ୍ଟେସନ ସ୍ଥାପନ କରୁଅଛନ୍ତି । ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବକ୍ତୃତାମାନ ବେତାର ସାହାଯ୍ୟରେ ଦେଶର ଚତୁର୍ଦ୍ଦିଗରେ ପ୍ରଚାରିତ ହେବ । ଆଉ ମଧ୍ୟ ବେତାର-ବିଭାଗ ପୁରପଲ୍ଲୀର ଅଧିବାସୀମାନଙ୍କୁ ଆମୋଦପ୍ରମୋଦ ଦେବ । ଆସନ୍ତା ବର୍ଷ ମଧ୍ୟରେ ଏ ଯୋଜନା ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିବ ।

ବଡ଼ଲାଟଙ୍କର ଗସ୍ତ

ଜାନୁୟାରୀ ୯ ତାରିଖରେ ବଡ଼ଲାଟ ଓ ଲେଡ଼ି ଲିନ୍‌ଲିଥଗୋ ତ୍ରିବାଙ୍କୁଡ଼ ରାଜ୍ୟରେ ପଦାର୍ପଣ କଲେ । ରାଜଧାନୀ ତ୍ରିବେନ୍ଦ୍ରମଠାରେ ତ୍ରିବାଙ୍କୁଡ଼ର ଶ୍ରୀମନ୍ ମହାରାଜା ମହୋଦୟ, ଦେୱାନ ସାର୍ ସି. ପି. ରାମସ୍ୱାମୀ ଅୟାର ଓ ମାନ୍ଦ୍ରାଜ ଷ୍ଟେଟ୍‌ସର ରେସିଡେଣ୍ଟ ସି. ପି. ସ୍କ୍ରାଇନ ସେମାନଙ୍କୁ ଅଭ୍ୟର୍ଥନା କରିଥିଲେ । ସେହି ଦିନ ବଡ଼ଲାଟ ଏବଂ ଲେଡ଼ି ଲିନ୍‌ଲିଥଗୋ ରଙ୍ଗବିଳାସ କଳାଭବନ ପରିଦର୍ଶନ କରିଥିଲେ । ଉକ୍ତ କଳାଭବନରେ ଅନେକ ସୁନ୍ଦର ସୁନ୍ଦର ଶିଳ୍ପ-କର୍ମ ରହିଅଛି । କେରଳର କଥାକାଳୀ ନାଚ ଦେଖି ଲାଟଦମ୍ପତି ବିଶେଷ ପ୍ରୀତ ହୋଇଥିଲେ । ଲେଡ଼ି ଲିନ୍‌ଲିଥଗୋ ମାତୃମଙ୍ଗଳ ଓ ଶିଶୁ-ମଙ୍ଗଳ ଡାକ୍ତରଖାନା ପରିଦର୍ଶନ କରିଥିଲେ ।

ତ୍ରିବାଙ୍କୁଡ଼ର ମହାରାଜା ମହୋଦୟ ବଡ଼ଲାଟ-ଦମ୍ପତିଙ୍କ ସମ୍ମାନାର୍ଥେ ଗୋଟିଏ ଭୋଜିର ଆୟୋଜନ କରିଥିଲେ । ଉକ୍ତ ଭୋଜିରେ ମହାରାଜା ମହୋଦୟ ଗଲା କେତେ ବର୍ଷ ମଧ୍ୟରେ ତ୍ରିବାଙ୍କୁଡ଼ ରାଜ୍ୟରେ କାହିଁ ଉନ୍ନତି ହୋଇଅଛି, ସେ ସମସ୍ତ ବର୍ଣ୍ଣନା କରି ଗୋଟିଏ ବକ୍ତୃତା କରିଥିଲେ । ମହାରାଜା କହିଥିଲେ ଯେ ଷ୍ଟେଟରେ ଗୋଟିଏ ବ୍ୟବସ୍ଥାପକ ସଭା ଅଛି । ଉକ୍ତ ବ୍ୟବସ୍ଥାପକ ସଭାର ବଜେଟ ପାଶ୍ କରିବା ଏବଂ ବିଲ୍ ପାଶ୍ କରିବା ବିଷୟରେ ଯଥେଷ୍ଟ କ୍ଷମତା ରହିଛି । ନିମ୍ନ ଏବଂ ମଧ୍ୟମ ଶ୍ରେଣୀର ଚାକିରୀ ପାଇଁ ଲୋକ ବାଛିବା ନିମନ୍ତେ ଷ୍ଟେଟରେ ପବ୍ଲିକ ସର୍ଭିସ୍ କମିସନ୍ ଅଛି । ଆଶ୍ରୟହୀନ ଏବଂ ଅସମର୍ଥ ଲୋକମାନଙ୍କର ଅବସ୍ଥାନ ଏବଂ ସାହାଯ୍ୟ ନିମନ୍ତେ ଗୋଟିଏ ଭବନ ସ୍ଥାପିତ ହୋଇଅଛି । କୃଷି ଏବଂ ଶିଳ୍ପର ଉନ୍ନତି ନିମନ୍ତେ ଗୋଟିଏ ବ୍ୟାଙ୍କ ସ୍ଥାପିତ ହୋଇଅଛି । ଜଳସ୍ରୋତରୁ ବୈଦ୍ୟୁତିକ ଶକ୍ତି ଉତ୍ପାଦନ କରିବା ନିମନ୍ତେ ଗୋଟିଏ ଯୋଜନା ହୋଇଅଛି ଏବଂ ତାହା ବର୍ତ୍ତମାନ କାର୍ଯ୍ୟକାରୀ ହେଉଅଛି । ତ୍ରିବାଙ୍କୁଡ଼ର ଶିକ୍ଷା-ବିଭାଗ ସମ୍ବନ୍ଧରେ ମହାରାଜା କହିଥିଲେ "ତ୍ରିବାଙ୍କୁଡ଼ ସମସ୍ତ ଆୟର ଏକ-ପଞ୍ଚମାଂଶ ଶିକ୍ଷାରେ ବ୍ୟୟ କରେ । ଏଠାରେ ଶତକରା ୪୧ ଜଣ ପୁରୁଷ ଏବଂ ୧୭ ଜଣ ସ୍ତ୍ରୀ ଲେଖାପଢ଼ି ଜାଣନ୍ତି । ଅଥଚ ସମଗ୍ର ଭାରତବର୍ଷରେ ଲେଖାପଢ଼ି ଜାଣିଥିବା ପୁରୁଷ ଏବଂ ସ୍ତ୍ରୀଙ୍କ ସଂଖ୍ୟା ୧୬ ଓ ୩ ।" ବଡ଼ଲାଟ ଉତ୍ତରରେ କହିଥିଲେ 'ଆପଣ ରାଜ୍ୟର ଯେଉଁ ସମସ୍ତ ଉନ୍ନତିର କଥା ଉଲ୍ଲେଖ କରିଅଛନ୍ତି, ତହିଁରେ ଯେ କୌଣସି ରାଜା ଗର୍ବ କରିବାର କଥା । ଆପଣଙ୍କର ଏ ସମସ୍ତ ପ୍ରଜାହିତକର କର୍ମ ନିମନ୍ତେ ମୁଁ ଆପଣଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଅଛି ।'

Digitized by srujanika@gmail.com

ମହୀଶୂର

ମହୀଶୂର ବିଶ୍ୱବିଦ୍ୟାଳୟର କାର୍ଯ୍ୟ

ମହୀଶୂର ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୋଟିଏ ସେବା-ସଂଘ ଗଠିତ ହୋଇଅଛି । ଛାତ୍ରମାନଙ୍କ ପାଇଁ ବିଭିନ୍ନ ବ୍ୟବସାୟର ପଥ ଉଦ୍‌ଭାବନ କରିବା ନିମନ୍ତେ ଗୋଟିଏ ବିଭାଗ ସ୍ଥାପିତ ହୋଇଅଛି । କୃଷି, ପଶୁ-ଚିକିତ୍ସା ବିଜ୍ଞାନ ଓ ଇଞ୍ଜିନିଅରିଙ୍ଗ ପ୍ରଭୃତି କଲେଜରେ ପଢ଼ାଯିବାର ବନ୍ଦୋବସ୍ତ କରାଯାଇଅଛି ।

ବିଶ୍ୱବିଦ୍ୟାଳୟର ବାଳଚରମାନେ ଗ୍ରାମୋନ୍ନତି-କର୍ମରେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ ମହୀଶୂରରେ ପ୍ରଚଳିତ ଥିବା ବିଭିନ୍ନ ଭାଷାମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଉଅଛି ।

ବଡ଼ଲାଟଙ୍କର ଗସ୍ତ

ମହାମାନ୍ୟବର ବଡ଼ଲାଟ ଏବଂ ଲେଡ଼ି ଲିନ୍‌ଲିଥ୍‌ଗୋ ଜାନୁଆରୀ ୧୩ ଓ ୧୪ ତାରିଖ ମହୀଶୂରରେ କଟାଇଥିଲେ । ସେମାନେ ପ୍ରଥମେ ମହୀଶୂର ରାଜ୍ୟସ୍ଥ ବାଙ୍ଗାଲୋରର ବିଭିନ୍ନ ଅନୁଷ୍ଠାନମାନ ପରିଦର୍ଶନ କଲେ । ଉପରେ ସେମାନେ ରାଜଧାନୀକୁ ଯାତ୍ରା କରିଥିଲେ । ମାନ୍ୟବର ମହୀଶୂରର ମହାରାଜା ମହୋଦୟ ସେମାନଙ୍କୁ ରାଜଧାନୀରେ ସସମ୍ମାନ ଅଭ୍ୟର୍ଥନା କରିଥିଲେ । ମହାରାଜା ବଡ଼ଲାଟ ଏବଂ ଲେଡ଼ି ଲିନ୍‌ଲିଥ୍‌ଗୋଙ୍କ ନିମନ୍ତେ ଗୋଟିଏ ଭୋଜିର ଆୟୋଜନ କରିଥିଲେ । ଉକ୍ତ ଭୋଜିରେ ମହାରାଜା ସ୍ୱୀୟ ବକ୍ତୃତା ମଧ୍ୟରେ ଆଧୁନିକ ଆନ୍ତର୍ଜାତିକ ଅଶାନ୍ତ ବିଷୟ ଆଲୋଚନା କରିଥିଲେ । ମହାରାଜା କହିଥିଲେ ମହାମାନ୍ୟବର ବଡ଼ଲାଟଙ୍କର ପରିକଳ୍ପନା-ଫଳରେ ଭାରତରେ ଯେଉଁ ନୂତନ ଧରଣର ଶାସନ-ପ୍ରଣାଳୀ ଚଳିବ ତଦ୍ୱାରା ଭାରତ ବ୍ରିଟିଶ ସାମ୍ରାଜ୍ୟ ମଧ୍ୟରେ ଗୋଟିଏ ସମୃଦ୍ଧିଶାଳୀ ଏବଂ ସମ୍ମିଳିତ ଜାତି ହୋଇ ପାରିବ ବୋଲି ତାଙ୍କର ବିଶ୍ୱାସ । ବଡ଼ଲାଟ ଉତ୍ତରରେ ରାଜ୍ୟର ଉନ୍ନତି ନିମନ୍ତେ ବିଶେଷତଃ କୃଷି ଓ ଶିଳ୍ପର ଅଭିବୃଦ୍ଧି ନିମନ୍ତେ ମହାରାଜାଙ୍କର ଚେଷ୍ଟାକୁ ବିଶେଷ ପ୍ରଶଂସା କରିଥିଲେ ।

ଗ୍ରାମ୍ୟ-ସଂଗଠନ

ମହୀଶୂର ରାଜ-ସରକାର ଗତ ୧୯୩୬ ଖ୍ରୀଷ୍ଟାବ୍ଦର ମେ ମାସରେ କେତେକ ନିର୍ଦ୍ଦିଷ୍ଟ ଗ୍ରାମରେ ସଂଗଠନ ଓ ପ୍ରଚାର କର୍ମ କରିବାର ସ୍ଥିର କରିଥିଲେ । ସରକାରଙ୍କର ବିଭିନ୍ନ ବିଭାଗମାନଙ୍କୁ ସେହି ଗ୍ରାମମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେବା ନିମନ୍ତେ ଉପଦେଶ ଦିଆଯାଇଥିଲା । ୧୯୧ ଟି ଗ୍ରାମରେ ଏହି ନୂତନ ଯୋଜନା କାର୍ଯ୍ୟକାରୀ ହୋଇଅଛି । ଗ୍ରାମୀୟ ଅବସ୍ଥା ଏବଂ ଅର୍ଥ ପ୍ରତି ଦୃଷ୍ଟି ରଖି ପ୍ରତ୍ୟେକ ଗ୍ରାମ ନିମନ୍ତେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର କାର୍ଯ୍ୟ-ପନ୍ଥା ନିର୍ଦ୍ଦିଷ୍ଟ ହୋଇଥିଲା ।

ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଗ୍ରାମରେ ଭଲ ପିଇବା ପାଣିର ବନ୍ଦୋବସ୍ତ କରାଯାଇଅଛି । ହରିଜନମାନଙ୍କ ନିମନ୍ତେ ସ୍ୱତନ୍ତ୍ର କୂଅ ଖୋଳାଯାଇଅଛି । ଶିକ୍ଷାର ସୁବନ୍ଦୋବସ୍ତ ହୋଇଅଛି । ଦରିଦ୍ର ବାଳକମାନଙ୍କୁ ବିଦ୍ୟାଳୟରେ ଖାଇବାକୁ ଦିଆଯାଏ । ବୟସ୍କ-ଲୋକମାନଙ୍କ ପାଇଁ ନୈଶବିଦ୍ୟାଳୟମାନ ସ୍ଥାପିତ ହୋଇଅଛି । ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଟିକା ଦିଆଯିବାର ବ୍ୟବସ୍ଥା ହୋଇଅଛି, ମାତୃ-ମଙ୍ଗଳ-ଅନୁଷ୍ଠାନମାନ ସ୍ଥାପିତ ହୋଇଅଛି, ପ୍ରତ୍ୟେକ ଗ୍ରାମରେ ଜଣେ ଲେଖାଏଁ ଧାତ୍ରୀ ରହିବାର ବନ୍ଦୋବସ୍ତ ହେଉଅଛି ଏବଂ କେତେକ ଡାକ୍ତର ଗ୍ରାମେ ଗ୍ରାମେ ବୁଲି ଲୋକମାନଙ୍କର ଚିକିତ୍ସା କରୁଅଛନ୍ତି । କୃଷିବିଭାଗ ଉନ୍ନତ ଧରଣର କୃଷି ଲୋକମାନଙ୍କ ମଧ୍ୟରେ ପ୍ରଚାର କରୁଅଛନ୍ତି ଏବଂ ଉନ୍ନତ ଧରଣର ବୀଜ ଲୋକମାନଙ୍କ ମଧ୍ୟରେ ବିତରଣ କରୁଅଛନ୍ତି । ଶିଳ୍ପବିଭାଗ ପକ୍ଷରୁ ଲୋକମାନଙ୍କ ମଧ୍ୟରେ ଉନ୍ନତ ଧରଣର ଲୁଗାବୁଣା ପ୍ରଚଳିତ ହେଉଅଛି । ସମବାୟ ବିଭାଗ ପକ୍ଷରୁ ସମବାୟ ସମିତିମାନ ସ୍ଥାପିତ ହେଉଅଛି । ଅଳ୍ପ ସୁଧରେ ଲୋକମାନଙ୍କୁ ଟଙ୍କା କରଜ ଦେବା ଏବଂ ସମବାୟ କୃଷିର ବନ୍ଦୋବସ୍ତ କରିବା ସମବାୟ ବିଭାଗର ଅନ୍ୟତମ କର୍ମ ।

ବରୋଦା

ଜାତୀୟ-ଯୋଜନା (National planning) କମିଟି ସହିତ ସହଯୋଗ

ବରୋଦା ରାଜସରକାର ନିଖିଳ ଭାରତ ଜାତୀୟ ଯୋଜନା କମିଟି ସହିତ ସହଯୋଗ କରିବାକୁ ସ୍ଥିର କରିଅଛନ୍ତି । ଦରକାର ହେଲେ ସରକାର ତାଙ୍କ ଅଧୀନସ୍ଥ ଯେ କୌଣସି କର୍ମଚାରୀଙ୍କୁ ଉକ୍ତ କମିଟିର କର୍ମ ନିମନ୍ତେ ପଠାଇବାକୁ ପ୍ରସ୍ତୁତ ଅଛନ୍ତି ।

ଋଣ-ମୀମାଂସା ଆଇନ

ବରୋଦା ରାଜସରକାର ଶ୍ରେଣୀ-ସଂଘର୍ଷ ନ ଜନ୍ମାଇ କୃଷୀମାନଙ୍କର ଋଣଭାର ଲାଘବ କରିବା ନିମନ୍ତେ ଚେଷ୍ଟା କରୁଅଛନ୍ତି । ୧୯୩୬-୩୭ରେ ଋଣୀ-ମୀମାଂସା ଆଇନ ପାଶ୍ ହୋଇଅଛି । କୃଷୀମାନଙ୍କର ଋଣମାନ ପଞ୍ଚାୟତ-ସାହାଯ୍ୟରେ ଆପୋଷରେ ନିଷ୍ପତ୍ତି କରିବା ଏହି ଆଇନର ଉଦ୍ଦେଶ୍ୟ । ଏ ପର୍ଯ୍ୟନ୍ତ ଗୃବେଟି ପଞ୍ଚାୟତ ସ୍ଥାପିତ ହୋଇଅଛି ଏବଂ ସେମାନେ ଭଲ କାମ କରୁଅଛନ୍ତି । ଏଥିମଧ୍ୟରେ ପଞ୍ଚାୟତମାନେ ଅନେକ ଋଣର ସୁମୀମାଂସା କରିଅଛନ୍ତି । ତଦ୍ୱାରା ମହାଜନମାନେ ଦାବୀ କରିଥିବା ଟଙ୍କାଠାରୁ ଅନେକ କମ ଟଙ୍କା ନେଇ ଫୋ କରିବାକୁ ରାଜି ହୋଇଅଛନ୍ତି ।

କୃଷକମାନଙ୍କୁ ସାହାଯ୍ୟ

କୃଷିଜାତ ଦ୍ରବ୍ୟମାନଙ୍କର ମୂଲ୍ୟ କମିଯିବା ଫଳରେ ବରୋଦାର ମହାରାଜା ଟଙ୍କାରେ ଦୁଇଅଣାଠାରୁ ଚାରିଅଣା ପର୍ଯ୍ୟନ୍ତ ଖଜଣା କମ

Digitized by srujanika@gmail.com

କରି ଦେଇଅଛନ୍ତି । ମହାରାଜା ଆଦେଶ କରିଅଛନ୍ତି ଯେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଏହି କମ ରେଟରେ ଖଜଣା ଆଦାୟ କରାଯିବ । ଏଥିମଧ୍ୟରେ ପଦାର୍ଥମାନଙ୍କର ଦର ବଢ଼ିଲେ ମଧ୍ୟ ଖଜଣାର ହାର ବଢ଼ିବ ନାହିଁ । ପାଞ୍ଚ ବର୍ଷ ପରେ କୃଷିଜାତ ଦ୍ରବ୍ୟର ଦର ଅନୁଯାୟୀ ଖଜଣା ହାର ପରିବର୍ତ୍ତନର କଥା ବିଚାର କରାଯିବ । ଏହି ସୁବିଧା ଦେବା ଫଳରେ ଷ୍ଟେଟର ମୋଟ ୨୧ ଲକ୍ଷ ଟଙ୍କା କ୍ଷତି ହେବ ।

ଗ୍ୱାଲିଅର

ଶିଳ୍ପର ଉନ୍ନତି

ଗ୍ୱାଲିଅର ସରକାରଙ୍କର ଶିଳ୍ପ ବିଭାଗର ଗତ ବର୍ଷର ରିପୋର୍ଟ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ଗତ ବର୍ଷ ବାଣିଜ୍ୟର ବିଶେଷ ଉନ୍ନତି ହୋଇଅଛି । ନୂତନ ଶିଳ୍ପମାନଙ୍କର ଉନ୍ନତି ନିମନ୍ତେ ରାଜସରକାର ବରାବର ସାହାଯ୍ୟ ଦେଇ ଆସୁଅଛନ୍ତି । ଗ୍ୱାଲିଅର ନଗର ଏବଂ ଅନ୍ୟାନ୍ୟ ସହରମାନଙ୍କରେ ବିଜୁଳିବତୀ ଯୋଗାଇବା ନିମନ୍ତେ ରାଜ୍ୟର ବ୍ୟବସାୟୀମାନଙ୍କୁ ଲାଇସେନ୍ସ ଦିଆ ଯାଇଅଛି । ଗତ ବର୍ଷ ରାଜ୍ୟରେ ୧୦ଟି ନୂଆ କମ୍ପାନୀ ସ୍ଥାପିତ ହୋଇଅଛି । ବର୍ତ୍ତମାନ ରାଜ୍ୟର ମୋଟ କମ୍ପାନୀ-ସଂଖ୍ୟା ୪୯ ।

ତ୍ରିପୁରା

ଶାସନ ରିପୋର୍ଟ

ତ୍ରିପୁରା ଷ୍ଟେଟର ଗତ ବର୍ଷର ଶାସନ-ରିପୋର୍ଟ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ରାଜ୍ୟର ଆୟ ତଥା ବ୍ୟୟ ବଢ଼ିଅଛି । ଅନେକ ଗୁଡ଼ିଏ ନଳ-କୂଅ ଖୋଳା ହୋଇଅଛି । ରାଜଧାନୀ ତ୍ରିପୁରାରେ ବିଜୁଳିବତୀ ଯୋଗାଇବା ପାଇଁ ଗୋଟିଏ କମ୍ପାନୀ ଗଠିତ ହୋଇଅଛି । ରାସ୍ତା-ନିର୍ମାଣ ପ୍ରଭୃତି ଲୋକ-ହିତକର କର୍ମମାନ କରିବା ନିମନ୍ତେ ବିଭିନ୍ନ ଉନ୍ନତିକାରୀ କମିଟିମାନ ସ୍ଥାପିତ ହୋଇଅଛି । ବିଦ୍ୟାଳୟରେ ପଢ଼ୁଥିବା ଛାତ୍ରମାନଙ୍କ ସଂଖ୍ୟା ବଢ଼ିଅଛି । ଷ୍ଟେଟରେ ମୋଟ ୧୯ଟି ଡାକ୍ତରଖାନା ଅଛି । ଦୈନିକ ପ୍ରାୟ ୮୦୦ ରୋଗୀ ଡାକ୍ତରଖାନାମାନଙ୍କରେ ଚିକିତ୍ସିତ ହୋଇଥାନ୍ତି । ଷ୍ଟେଟର ମୋଟ ସ୍କୁଲ ସଂଖ୍ୟା ୧୮୧ । ତହିଁରେ ମୋଟ ୮୭୬୬ ଜଣ ଛାତ୍ର ପଢ଼ନ୍ତି । ଷ୍ଟେଟରେ ୫ଟି ହାଇ ସ୍କୁଲ ଏବଂ ଗୋଟିଏ ଶାଖା ହାଇ ସ୍କୁଲ ଅଛି । ଉକ୍ତ ସ୍କୁଲଗୁଡ଼ିକ କଲିକତା ବିଶ୍ୱବିଦ୍ୟାଳୟର ଅଧୀନ ।

ଆଉନ୍ଧ

ଶାସନ-ସଂସ୍କାର

ଆଉନ୍ଧର ରାଜାସାହେବ ରାଜ୍ୟରେ ପୂର୍ଣ୍ଣ ସ୍ୱାୟତ୍ତ-ଶାସନ ଚଳାଇବାକୁ ସ୍ଥିର କରିଅଛନ୍ତି । ଗ୍ରାମ୍ୟ ପଞ୍ଚାୟତମାନଙ୍କୁ ଶାସନ-ସମ୍ପର୍କରେ ବିଶେଷ କ୍ଷମତା ଦିଆଯିବ । ଷ୍ଟେଟର ଅର୍ଦ୍ଧେ ଆୟର ଖର୍ଚ୍ଚ ସେମାନଙ୍କ ହାତରେ ରହିବ । ଗ୍ରାମ୍ୟ ପଞ୍ଚାୟତ ଓ ସହର କାଉନ୍‌ସିଲର ପ୍ରେସିଡେଣ୍ଟମାନଙ୍କୁ ନେଇ ବ୍ୟବସ୍ଥାପକ ସଭା ଗଠିତ ହେବ । ଶିଳ୍ପୀ ଓ ବଣିକମାନଙ୍କ ପକ୍ଷରୁ କେତେକ ପ୍ରତିନିଧି ମଧ୍ୟ ବ୍ୟବସ୍ଥାପକ ସଭାମାନଙ୍କରେ ରହିବେ । ରାଜା ବ୍ୟବସ୍ଥାପକ ସଭାର ପ୍ରସ୍ତାବକୁ ନାମଞ୍ଜୁର କରିପାରନ୍ତି; ମାତ୍ର ଯଦି କୌଣସି ପ୍ରସ୍ତାବ ଧାରାବାହିକ ଭାବରେ ତିନିଥର ବ୍ୟବସ୍ଥାପକ ସଭାରେ ମଞ୍ଜୁର ହୋଇଯାଏ, ତାହାହେଲେ ରାଜା ଆଉ ସେ ପ୍ରସ୍ତାବକୁ ନାମଞ୍ଜୁର କରି ପାରିବେ ନାହିଁ । ଯେଉଁ କାର୍ଯ୍ୟ ରାଜା ବ୍ରିଟିଶ ସରକାରଙ୍କର ବିନାନୁମତିରେ କରି ନ ପାରନ୍ତି, ବ୍ୟବସ୍ଥାପକ ସଭାର ସେ କାର୍ଯ୍ୟ କରିବାର ଅଧିକାର ରହିବ ନାହିଁ ।

ନୀଳଗିରି

ଶାସନ-ସଂସ୍କାର

ନୀଳଗିରିର ରାଜା ପ୍ରଜାମଣ୍ଡଳର ନିବେଦନ-ଫଳରେ ନିକଟରେ ପ୍ରଜାମାନଙ୍କୁ ଅନେକ ଗୁଡ଼ିଏ ସୁବିଧା ଦେଇଅଛନ୍ତି । ବାକି ଖଜଣା ପାଇଁ ଏଣିକି ଶତକଡ଼ା ୨୫ ଟଙ୍କା ପରିବର୍ତ୍ତେ ଶତକଡ଼ା ୫ ଟଙ୍କା ସୁଧ ନିଆଯିବ; ଧାନ ଏବଂ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟର ବ୍ୟବସାୟରେ କୌଣସି ନିଷେଧ କରାଯିବ ନାହିଁ; ଆଇନ ସବୁ ବିଧିବଦ୍ଧଭାବରେ ଲିଖିତ ହେବ; ପ୍ରଜାମାନଙ୍କୁ ନାଗରିକ ସ୍ୱାଧୀନତା ଦିଆଯିବ; ରାଜ୍ୟ ମଧ୍ୟରେ ପ୍ରାଥମିକ ଶିକ୍ଷା ଏବଂ ଚିକିତ୍ସାର ସୁବନ୍ଦୋବସ୍ତ ହେବ; ବେଠି ଓ ପଞ୍ଚ-ପ୍ରଥା ଉଠିଯିବ; ଜମିରୁ ଫଳ ଅମଦାନି କଲେ ଯେଉଁ କର ଦେବାକୁ ପଡ଼ୁଥିଲା ତାହା ଉଠିଯିବ; ବାହାର ଲୋକଙ୍କୁ ଗୋରୁ ବିକିଲେ ଯେଉଁ କର ଦେବାକୁ ହେଉଥିଲା ତାହାକୁ ମଧ୍ୟ ଉଠାଇ ଦିଆଯିବ ।

କେନ୍ଦୁଝର

ଶାସନ-ସଂସ୍କାର

ରାଜାଙ୍କର ଜନ୍ମଦିବସୋପଲକ୍ଷେ ଯେଉଁ ଦରବାର ହୋଇଥିଲା ତହିଁରେ ପ୍ରଜାମାନଙ୍କୁ ଅନେକ ବିଷୟରେ ସୁବିଧା ଦିଆଯିବ ବୋଲି ଘୋଷଣା କରାଯାଇଅଛି । ରାଜ୍ୟର ପ୍ରତ୍ୟେକ ସବ୍-ଡିଭିଜନରେ ପ୍ରତିନିଧିମୂଳକ—ଅନୁଷ୍ଠାନ—ସ୍ଥାପନ ତନ୍ମଧ୍ୟରୁ ଏକତମ । ଦରବାର ଯେଉଁ ଘୋଷଣା-ପତ୍ର ପ୍ରଚାର କରିଅଛନ୍ତି, ତହିଁରୁ ଜଣାଯାଏ ଶୀକାର ବେଠି ଉଠିଯିବ; ପିତା ବା ଆତ୍ମୀୟଙ୍କର ମୃତ୍ୟୁପରେ ଜମି ଉତ୍ତରାଧିକାରୀ ଭାବରେ ପାଇଲେ ଆଉ ଫିସ ଦେବାକୁ ପଡ଼ିବ ନାହିଁ । ଚଳିତ ବର୍ଷ ବର୍ଷାର ଅଳ୍ପତା ହେତୁରୁ କି ପରିମାଣରେ ଖଜଣା ମାଫ ଦିଆଯିବ ସେ ବିଷୟର ଅନୁସନ୍ଧାନ ହେବ । ପ୍ରଜାମାନଙ୍କ ସହିତ ଘନିଷ୍ଠ ସମ୍ପର୍କରେ ରହିବା ନିମନ୍ତେ ଏବଂ ଶାସନ-ସମ୍ପର୍କରେ ସେମାନଙ୍କର ମତ ଜାଣିବା ନିମନ୍ତେ ପ୍ରତ୍ୟେକ

Digitized by srujanika@gmail.com

ସବ୍-ଡିଭିଜନରେ ଗୋଟିଏ ଲେଖାଏଁ ପ୍ରଜା-ସମିତି ରହିବ । ଉକ୍ତ ପ୍ରଜା-ସମିତିର ଅଧିକାଂଶ ସଭ୍ୟ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେବେ ।

ହିନ୍ଦୋଳ

ଶାସନ-ସଂସ୍କାର

ହିନ୍ଦୋଳର ରାଜା ଅଳ୍ପ ଦିନ ତଳେ ରାଜଧାନୀର ଆଠ ମାଇଲ ଦୂରରେ ଅବସ୍ଥିତ ରସୋଲ ଗ୍ରାମରେ ହୋଇଥିବା ଗୋଟିଏ ସଭାରେ ଘୋଷଣା କରିଅଛନ୍ତି ଯେ ରାଜ୍ୟରେ ପୂର୍ଣ୍ଣ ସ୍ୱାୟତ୍ତ-ଶାସନ-ସ୍ଥାପନ ତାଙ୍କର ଶାସନର ଚରମ ଉଦ୍ଦେଶ୍ୟ ଏବଂ ଉକ୍ତ ଉଦ୍ଦେଶ୍ୟର ସଂସାଧନ ନିମନ୍ତେ ପ୍ରଜାମାନଙ୍କୁ ସଙ୍ଗେ ସଙ୍ଗେ କେତେକ ଅଧିକାର ଦେବା ଉଚିତ । ରାଜ୍ୟର ପ୍ରଜାମାନେ ଏଣିକି ପୂର୍ଣ୍ଣ ନାଗରିକ ଅଧିକାର ଭୋଗ କରିବେ । ଗୋଟିଏ ପ୍ରତିନିଧି-ମୂଳକ ବ୍ୟବସ୍ଥାପକ ସଭା ସ୍ଥାପିତ ହେବ । ତାହାର ନାମ ହେବ ପ୍ରଜାପରିଷଦ । ପରିଷଦରେ ନିର୍ଦ୍ଦିଷ୍ଟ ସଂଖ୍ୟକ ନିର୍ବାଚିତ ସଭ୍ୟ ରହିବେ । ମନୋନୀତ ସଭ୍ୟମାନଙ୍କର ସଂଖ୍ୟା ନିର୍ବାଚିତ-ସଭ୍ୟ-ସଂଖ୍ୟାଠାରୁ ବେଶୀ ହେବ ନାହିଁ । ପରିଷଦର ସଭାପତି ଦରବାରଦ୍ୱାରା ନିଯୁକ୍ତ ହେବେ । ପ୍ରତି ତିନି ବର୍ଷରେ ଥରେ ପରିଷଦର ନିର୍ବାଚନ ହେବ । ବର୍ଷ ମଧ୍ୟରେ ପରିଷଦର ଅନ୍ତତଃ ଦୁଇଟି ବୈଠକ ହେବ । ଯଦି ପରିଷଦକୁ ତିନି ବର୍ଷ ପୂରିବା ପୂର୍ବରୁ ଭାଙ୍ଗି ଦିଆଯାଏ, ତାହାହେଲେ ତାହା ଛ ମାସ ମଧ୍ୟରେ ପୁନର୍ଗଠିତ ହେବ । ପ୍ରାଥମିକ ଶିକ୍ଷା, ପୟଃପ୍ରଣାଳୀ ଗ୍ରାମ୍ୟ ରାସ୍ତା ଏବଂ ସ୍ୱାସ୍ଥ୍ୟ ନିମନ୍ତେ ପ୍ରଜାପରିଷଦ ବଜେଟ ଟଙ୍କା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଖର୍ଚ୍ଚ କରିପାରନ୍ତି ଏବଂ ଉକ୍ତ ବିଷୟମାନଙ୍କ ସମ୍ବନ୍ଧରେ ପ୍ରଜାପରିଷଦର ମତ ଚୂଡ଼ାନ୍ତ ହେବ । ପ୍ରଜାପରିଷଦର ବିସ୍ତୃତ ନିୟମାବଳୀ-ପ୍ରଣୟନ ବିଷୟରେ ରାଜାଙ୍କୁ ପରାମର୍ଶ ଦେବା ନିମନ୍ତେ ଷ୍ଟେଟ କର୍ମଗୃସ୍ଥ ଷ୍ଟେଟ ପ୍ରଜାମଣ୍ଡଳର ପ୍ରତିନିଧି ଏବଂ ବାହାରର ଜଣେ ବା ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ନିକଟରେ ଗୋଟିଏ କମିଟି ଗଠିତ ହେବ ।

ଖିଚିଙ୍ଗ

ଶ୍ରୀ ଚିନ୍ତେଶ ଚନ୍ଦ୍ର ପାଣିଗ୍ରାହୀ

(ପୂର୍ବାନୁବୃତ୍ତି)

ଅସାର-ସଂସାର ଡେକିଣ ସରବେ
ଯଥାକାଳେ ଲୁପ୍ତ ହେଲେ କାଳଗର୍ଭେ । ୧୭୫ ।
ଏ ରହିଲ ଏକା ଝୁରି ମରିବାକୁ
କେ ଦେବ ସାନ୍ତ୍ୱନା ଏ ବିଷାଦେ ତାକୁ । ୧୭୬ ।
କେ ବୁଝିବ ତାର ମରମ ବେଦନା
ହୋଇଅଛି ଏ ତ ବନ୍ଧ୍ୟ ବିଡ଼ମ୍ବନା । ୧୭୭ ।
ନଗରୀ ରୈଦିଗ ଶୂନ୍ୟେ ଝାଇଁ ଝାଇଁ
କାନ୍ଦେ କେବା ଲୁପ୍ତ ବିଭବର ପାଇଁ । ୧୭୮ ।
ତା ସଙ୍ଗେ ଭୈରବୀ-କରୁଣ-ରାଗିଣୀ
ବାନ୍ଧି କେଉଁ ଦୁଃଖେ କାନ୍ଦଇ ଦୁଃଖୀନୀ । ୧୭୯ ।
ଦୁଃଖୀ ବିନା କାନ୍ଦେ ବସି ଦୁଃଖୀ ପାଶେ
ତା ହୃଦ-ବେଦନା ଜଣାଇବା ଆଶେ । ୧୮୦ ।
ଏ ଦେଖେ ତା ଦୁଃଖ ସେ ଦେଖେ ଏହାର
ଏ କାନ୍ଦଇ ଯେବେ ସେ କାନ୍ଦେ ଅପାର । ୧୮୧ ।
ଆଜ ଶୁଣିବ କେ ଦୁଃଖୀର କାହାଣୀ
ତାହା ଦୁଃଖେ କାହା ବକ୍ଷ ହେବ ହାଣି । ୧୮୨ ।
ନ କାନ୍ଦ ଗୋ ମୋର ଅରଣ୍ୟରୂପିଣୀ
ହେ ନଗର ! ବାନ୍ଧି ବିଷାଦ ରାଗିଣୀ । ୧୮୩ ।
ତୁମ୍ଭ ଦୁଃଖେ ଦେଖ କାନ୍ଦନ୍ତି ସକଳେ
ବଟବୃକ୍ଷେ ଅଶ୍ରୁ ଢାଳିଣ ଓହଳେ । ୧୮୪ ।
ନ କାନ୍ଦ ନ କାନ୍ଦ ବୋଲି ବୃକ୍ଷ ଯତ
ବାତ ଛଳେ ପୁଣି ହଲାନ୍ତି ଟି ହସ୍ତ । ୧୮୫ ।
ତୁମ୍ଭେ କାନ୍ଦୁଁ ସେହି ମରମର ଛଳେ
ଶେଷେ ନିଜେ କାନ୍ଦି ପକାନ୍ତି ସକଳେ । ୧୮୬ ।
ଏକ ପାଶେ ଆଜି ଏକ ଜଳେ ଶୋକ
ଧୈର୍ଯ୍ୟଧର ରହି ନ ପାରନ୍ତି ଲୋକ । ୧୮୭ ।
ଜନ୍ତୁ ଦେଖ ଏକା ଅଶ୍ୱତ୍ଥ-ବିଟପୀ
ତୁମ୍ଭ ଶୋକ ପଥ ଯାଉଅଛି ଚପି । ୧୮୮ ।
କରେ ଅଟ୍ଟହାସ ହୋଇ ସଳସଳ
ତୁମ୍ଭ ଦୁଃଖେ କେବେ ନ ହୁଏ ବିକଳ । ୧୮୯ ।
ଜାଣିଛି ସଂସାର-ନଶ୍ୱରତା ସେହି
ରହି ନାହିଁ କେହି ନ ରହିବେ କେହି । ୧୯୦ ।

Digitized by srujanika@gmail.com

ସମ୍ବାଦ ଓ ସଙ୍କେତ

ସନ୍ଧି-ଦିବସ

ନଭେମ୍ବର ୧୧ ତାରିଖ ଦିନ ସନ୍ଧି-ଦିବସ ମୟୂରଭଞ୍ଜର ରାଜଧାନୀ ବାରିପଦାଠାରେ ଅନ୍ୟାନ୍ୟ ବର୍ଷ ପରି ଯଥାରୀତି ପ୍ରତିପାଳିତ ହୋଇଥିଲା। ଗତ ମହାଯୁଦ୍ଧର ଅବସାନ ପରେ ୧୯୧୮ ଖ୍ରୀଷ୍ଟାବ୍ଦ ନଭେମ୍ବର ୧୧ ତାରିଖରେ ଯେଉଁ ସନ୍ଧି ହୋଇ-ଥିଲା ତାହାର ସ୍ମୃତି ନିମନ୍ତେ ଏହି ସନ୍ଧି-ଦିବସ ସମଗ୍ର ବ୍ରିଟିଶ ସାମ୍ରାଜ୍ୟରେ ପ୍ରତି ବର୍ଷ ପାଳିତ ହୋଇ ଆସୁଅଛି। ବାରିପଦାର ପୁଲିସ ପଡ଼ିଆରେ ସ୍ଥାନୀୟ ଅଫିସରମାନେ ସେ ଦିନ ପୂର୍ବାହ୍ଣ ୧୧ଟା ପୂର୍ବରୁ ଉପସ୍ଥିତ ହୋଇଥିଲେ। ପ୍ରଥମେ ସେଠାରେ ବ୍ରିଟିଶ ପତାକା ଉତ୍ତୋଳନ କରି ଯାଇଥିଲା। ଠିକ୍ ୧୧ଟାରେ ଗୋଟିଏ ବନ୍ଧୁକ ଶବ୍ଦ ହେଲା ଏବଂ ସମସ୍ତେ ଦଣ୍ଡାୟମାନ ହୋଇ ନୀରବ ରହିଥିଲେ। ୨ ମିନିଟ ପରେ ଆଉ ଗୋଟିଏ ବନ୍ଧୁକ ଶବ୍ଦ ହୋଇ ନୀରବତା-ଭଙ୍ଗର ସୂଚନା ଦେଇଥିଲା। ତତ୍ପରେ ଷ୍ଟେଟ୍ ପୁଲିସ ପତାକା ନିକଟରେ ପରେଡ୍ କରିଥିଲେ ଏବଂ ବ୍ୟାଣ୍ଡ ବାଦ୍ୟ ବାଜିଥିଲା।

ରାଜନ୍ୟମଣ୍ଡଳୀର ସଂସ୍କାର

ମୟୂରଭଞ୍ଜର ଦେୱାନ ଶ୍ରୀଯୁକ୍ତ କ୍ଷିତୀଶଚନ୍ଦ୍ର ନିୟୋଗୀ ନଭେମ୍ବର ଶେଷ ସପ୍ତାହରେ ବମ୍ବେରେ ଅନୁଷ୍ଠିତ ହୋଇଥିବା ଭାରତର ରାଜନ୍ୟ ଏବଂ ମନ୍ତ୍ରୀମାନଙ୍କର ଗୋଟିଏ ଅଧିବେଶନରେ ଯୋଗ ଦେଇଥିଲେ। ରାଜନ୍ୟମଣ୍ଡଳୀର ସଂସ୍କାର ନିମନ୍ତେ ଗୋଟିଏ ସଂସ୍କାର କମିଟି କେତେକ ଦିନ ତଳେ ଗଠିତ ହୋଇଥିଲା। ବିକାନିରର ମହାରାଜା ସେହି କମିଟିର ସଭାପତି। ଉକ୍ତ କମିଟିର ରିପୋର୍ଟ ଆଲୋଚନା କରିବା ନିମନ୍ତେ ରାଜନ୍ୟମଣ୍ଡଳୀର ଚାନ୍ସେଲର ଏହି ଅଧିବେଶନ ଆହ୍ୱାନ କରିଥିଲେ। ମୟୂରଭଞ୍ଜର ମହାରାଜା ଉକ୍ତ ସଂସ୍କାର କମିଟିର ଜଣେ ସଭ୍ୟ ଥିଲେ। କମିଟି ସଂସ୍କାର ସମ୍ବନ୍ଧରେ ଯେଉଁ ଯୋଜନା ଦେଇଅଛନ୍ତି, ତହିଁରେ କ୍ଷୁଦ୍ର ରାଜ୍ୟମାନ ରାଜନ୍ୟମଣ୍ଡଳୀରେ ଯୋଗ ଦେବାର ବ୍ୟବସ୍ଥା କରି ଯାଇଅଛି। ସଂସ୍କାର କମିଟି ଦୁଇଟି କାର୍ଯ୍ୟକାରୀ କମିଟି (Standing



ମୟୂରଭଞ୍ଜର ପୋଲିସ ଫୌଜ

Committee) ଗଠିତ ହେବାର ସୁପାରିଶ କରିଅଛନ୍ତି। ଗୋଟିଏ ରାଜାମାନଙ୍କର କାର୍ଯ୍ୟକାରୀ କମିଟି, ଅପରଟି ମନ୍ତ୍ରୀମାନଙ୍କର କାର୍ଯ୍ୟକାରୀ କମିଟି। ପ୍ରତ୍ୟେକ କାର୍ଯ୍ୟକାରୀ କମିଟିରେ ଭାରତର ବିଭିନ୍ନ ଅଞ୍ଚଳର ଦେଶୀୟ ରାଜ୍ୟମାନଙ୍କର ପ୍ରତିନିଧି ରହିବେ। କ୍ଷୁଦ୍ର ଦେଶୀୟ ରାଜ୍ୟମାନ କେଉଁ ସର୍ତ୍ତରେ ରାଜନ୍ୟମଣ୍ଡଳୀରେ ଯୋଗ ଦେବେ, ତାହାର ସବିସ୍ତୃତ ଆଲୋଚନା ନିମନ୍ତେ ଗୋଟିଏ କ୍ରାଇଟେରିଆ (Criteria) ବା ମାନଦଣ୍ଡ କମିଟି ମଧ୍ୟ ଗଠିତ ହୋଇଥିଲା। ଶ୍ରୀଯୁକ୍ତ ନିୟୋଗୀ ଉକ୍ତ କମିଟିର ଜଣେ ସଭ୍ୟ ଥିଲେ। ଉକ୍ତ କମିଟିର ସୁପାରିଶ ମଧ୍ୟ ବମ୍ବେ ଅଧିବେଶନରେ ଉପସ୍ଥାପିତ ହୋଇଥିଲା। ବମ୍ବେ ଅଧିବେଶନରେ ସମସ୍ତ ବିଷୟ ଆଲୋଚିତ

ଜ

ହୋଇଥିଲେ ଏଥି କିଛି ସିଦ୍ଧାନ୍ତ ହୋଇନାହିଁ । ଆସନ୍ତା ମାର୍ଚ୍ଚ ମାସରେ ଦିଲ୍ଲୀଠାରେ ରାଜନ୍ୟମଣ୍ଡଳୀର ଯେଉଁ ଅଧିବେଶନ ହେବ, ତହିଁରେ ସମସ୍ତ ବିଷୟର ସିଦ୍ଧାନ୍ତ ହେବ ।

ପୁଷ୍ୟାଭିଷେକ

ଜାନୁୟାରୀ ୬ ତାରିଖ ଦିନ ମହାରାଜାଙ୍କର ପୁଷ୍ୟାଭିଷେକ ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଥିଲା । ପୌଷ ମାସ ପୂର୍ଣ୍ଣିମାରେ ଏହି ଉତ୍ସବ ଅନୁଷ୍ଠିତ ହେଉଥିବାରୁ ଏହାର ଏପରି ନାମକରଣ ହୋଇଅଛି ଓ ହିନ୍ଦୁଶାସ୍ତ୍ରାନୁଯାୟୀ ଏହା ଗୋଟିଏ ଶୁଭଦିନ



ବାରିପଦା ରାଜଭବନସ୍ଥ ଦରବାର ହଲର ବାହାର ଦୃଶ୍ୟ

ସ୍ୱରୂପରେ ପ୍ରତିପାଳିତ ହୁଏ । ଶ୍ରୀମନ୍ ମହାରାଜା ସାହେବ କୌଳିକ ପ୍ରଥାନୁଯାୟୀ ସମସ୍ତ ପୂଜାରେ ସ୍ୱୟଂ ଯୋଗ ଦେଇଥିଲେ । ସନ୍ଧ୍ୟାରେ ଷ୍ଟେଟର ରାଜକର୍ମଚାରୀ ଏବଂ ବିଶିଷ୍ଟ ଭଦ୍ରବ୍ୟକ୍ତିମାନେ ରାଜପ୍ରାସାଦରେ ଏକ ଭୋଜିକୁ ନିମନ୍ତ୍ରିତ ହୋଇଥିଲେ ।

ମେଜର ବାଜାଲଗେଟଙ୍କର ମୃତ୍ୟୁ

ଓଡ଼ିଶା ଷ୍ଟେଟମାନଙ୍କର ପଲିଟିକାଲ ଏଜେଣ୍ଟ ମେଜର ବାଜାଲଗେଟ ଆଉ ଇହଜଗତରେ ନାହାନ୍ତି । ଗତ ଜାନୁୟାରୀ ୬ ତାରିଖ ଦିନ ରଣପୁରଠାରେ ତାଙ୍କର ମୃତ୍ୟୁ ହୋଇଅଛି । ଉତ୍ତ୍ୟକ୍ତ ଜନତାର ବାତୁଳତା ଓ କ୍ରୋଧାନ୍ଧତା ଫଳରେ ତାଙ୍କର କିପରି ଜୀବନ-କ୍ଷୟ ହେଲା ତାହା ପାଠକମାନଙ୍କୁ ସୁବିଦିତ । ଉକ୍ତ ଘଟନାର ପୁନରାବୃତ୍ତି ନିଷ୍ପ୍ରୟୋଜନ । ଦେଶର ଜନସାଧାରଣ ଜନତାର ଏ ପ୍ରକାର ଘୃଣ୍ୟକର୍ମରେ ଯଥାର୍ଥତଃ ତୀବ୍ର ନିନ୍ଦାବାଦ କରିଅଛନ୍ତି । ଆମ୍ଭେମାନେ ମିସେସ୍ ବାଜାଲଗେଟଙ୍କୁ ତାଙ୍କର ଦାରୁଣ ଦୁଃଖରେ ସମବେଦନା ଜ୍ଞାପନ କରୁଅଛୁଁ ।

ମେଜର ବାଜାଲଗେଟ ୧୯୦୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ୧୯୧୯ ଖ୍ରୀଷ୍ଟାବ୍ଦରେ ସେ ସୈନ୍ୟ-ବିଭାଗରେ ପ୍ରବେଶ କଲେ । ୧୯୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଉକ୍ତ ବିଭାଗରେ ନିଯୁକ୍ତ ଥିଲେ । ସେହି ବର୍ଷ ଜୁନ ମାସରେ ସେ ସୈନ୍ୟ-ବିଭାଗରୁ ରାଜନୈତିକ ବିଭାଗକୁ ବଦଳି ହୋଇ କାଶ୍ମୀର ରାଜ୍ୟର ରେସିଡେଣ୍ଟଙ୍କର ଆସିଷ୍ଟାଣ୍ଟ ସ୍ୱରୂପ ନିଯୁକ୍ତ ହୋଇଥିଲେ । ତତ୍ପରେ ସେ ରାଜନୈତିକ ବିଭାଗର ବିଭିନ୍ନ ରାଜକର୍ମରେ କାର୍ଯ୍ୟ କରିଥିଲେ । ୧୯୩୭ ଖ୍ରୀଷ୍ଟାବ୍ଦରେ ସେ ଓଡ଼ିଶାର ପଲିଟିକାଲ ଏଜେଣ୍ଟ କାର୍ଯ୍ୟଭାର ଗ୍ରହଣ କଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ଉକ୍ତ କର୍ମରେ ନିଯୁକ୍ତ ଥିଲେ ।

Digitized by srujanika@gmail.com

ବାରିପଦା ଆୟୁର୍ବେଦ ଔଷଧାଳୟ

ବାରିପଦା ଆୟୁର୍ବେଦ ଔଷଧାଳୟ କ୍ରମେ ଲୋକପ୍ରିୟ ହେଉଅଛି । ଏଥିମଧ୍ୟରେ ଔଷଧାଳୟରେ ଚିକିତ୍ସିତ ରୋଗୀସଂଖ୍ୟା ବିଶେଷ ଭାବରେ ବଢ଼ିଅଛି । ଅଳ୍ପ ଦିନ ହେଲା ଔଷଧାଳୟ ନିମନ୍ତେ ଗୋଟିଏ ନୂତନ ପକ୍କାଗୃହ ନିର୍ମିତ ହୋଇଅଛି । ଏହି ଗୃହ ବାରିପଦା ସଂସ୍କୃତ ଟୋଲ ନିକଟରେ ଅବସ୍ଥିତ । ସଂସ୍କୃତ ଟୋଲରେ ଆୟୁର୍ବେଦ ପଢ଼ାଇବାର ବ୍ୟବସ୍ଥା ହୋଇଅଛି । ଆୟୁର୍ବେଦ ଶ୍ରେଣୀର ଛାତ୍ରମାନେ ଔଷଧାଳୟରେ ବ୍ୟାବହାରିକ ଶିକ୍ଷା ପାଇବାର ବନ୍ଦୋବସ୍ତ ଅଛି ।



ଆୟୁର୍ବେଦ ଔଷଧାଳୟ

ମୟୂରଭଞ୍ଜ ପ୍ରଜାସଭା ଆଦେଶ

ଗତ ନଭେମ୍ବର ୨୩ ତାରିଖରେ ପ୍ରକାଶିତ ମୟୂରଭଞ୍ଜ ଷ୍ଟେଟ ଗେଜେଟରେ ଗୋଟିଏ ବିଶେଷ ସଂଖ୍ୟାରେ ରାଜ୍ୟ ମଧ୍ୟରେ ପ୍ରଜାସଭାମାନ ସ୍ଥାପିତ ହେବ ବୋଲି ଘୋଷିତ ହୋଇଅଛି । ତହିଁରେ ଲିଖିତ ହୋଇଅଛି 'ମୟୂରଭଞ୍ଜର ପ୍ରଜାମାନଙ୍କୁ କ୍ରମଶଃ ଷ୍ଟେଟ ଶାସନତନ୍ତ୍ରର ଘନିଷ୍ଠ ସମ୍ପର୍କରେ ଆଣିବା ଶ୍ରୀମନ୍ ମହାରାଜା ମହୋଦୟଙ୍କର ଅଭିପ୍ରାୟ ଏବଂ ଲୋକହିତକର ଉଦ୍ୟମରେ ଜନମତ ସଂଗ୍ରହ କରିବା ଓ ସେହି ମତ ଷ୍ଟେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପିତ କରିବା ନିମିତ୍ତ ବିଧିବଦ୍ଧ ପ୍ରତିନିଧିମୂଳକ ଅନୁଷ୍ଠାନର ସଂଗଠନ ଅବଶ୍ୟକ ।'

ଏହି ଉଦ୍ଦେଶ୍ୟର ସଂସାଧନ ନିମନ୍ତେ ରାଜ୍ୟ ମଧ୍ୟରେ ପାଞ୍ଚୋଟି ପ୍ରଜାସଭା ଗଠିତ ହେବ । ବ୍ରାହ୍ମଣଘାଟୀ, ପାଞ୍ଚପୀଢ଼, କପ୍ତିପଦା ଓ ସଦର ସବ୍-ଡିଭିଜନରେ (ବାରିପଦା ସହର ବ୍ୟତୀତ) ଗୋଟିଏ ପ୍ରଜାସଭା ଓ ବାରିପଦା ସହରରେ ଗୋଟିଏ ପ୍ରଜାସଭା ସ୍ଥାପିତ ହେବ । ପ୍ରତ୍ୟେକ ପ୍ରଜାସଭାରେ ଷ୍ଟେଟ୍ କର୍ତ୍ତୃପକ୍ଷଙ୍କ ସିଦ୍ଧାନ୍ତାନୁଯାୟୀ ନିର୍ଦ୍ଦିଷ୍ଟ ସଂଖ୍ୟକ ନିର୍ବାଚିତ ସଭ୍ୟ ରହିବେ । ରାଜ୍ୟର ସମସ୍ତ ପୂର୍ଣ୍ଣ-ବୟସ୍କ ବ୍ୟକ୍ତିଙ୍କର ପ୍ରତିନିଧି ନିର୍ବାଚନ କରିବାର ଅଧିକାର ରହିବ । ନିର୍ବାଚିତ ସଭ୍ୟସଂଖ୍ୟାର ଅର୍ଦ୍ଧେକ ବା ତାହାଠାରୁ କମ ସଂଖ୍ୟକ ସଭ୍ୟ ଦେୱାନଙ୍କ ଦ୍ୱାରା ମନୋନୀତ ହେବେ । ସଦର ସବ୍-ଡିଭିଜନରେ ଲାଣ୍ଡ ରେଭିନ୍ୟୁ ଅଫିସର, ବ୍ରାହ୍ମଣଘାଟୀ, ପାଞ୍ଚପୀଢ଼ ଓ କପ୍ତିପଦାରେ ସ୍ଥାନୀୟ ସବ୍-ଡିଭିଜନ ଅଫିସରମାନେ ଏବଂ ବାରିପଦା ଟାଉନରେ ସଦର ସବ୍-ଡିଭିଜନ ଅଫିସର ପ୍ରଜାସଭାମାନଙ୍କର ଚେୟାରମ୍ୟାନ ବା ସଭାପତିର କାମ କରିବେ । ପ୍ରତ୍ୟେକ ପ୍ରଜାସଭା ସ୍ଥାପିତ ହେବା ସମୟଠାରୁ ତିନି ବର୍ଷ କାର୍ଯ୍ୟକାରୀ ହେବ । ମାତ୍ର ଦେୱାନ ଯେ କୌଣସି ସମୟରେ ପ୍ରଜାସଭାକୁ ଭାଙ୍ଗି ଦେଇପାରନ୍ତି ଓ ଗୋଟିଏ ବର୍ଷ ପର୍ଯ୍ୟନ୍ତ ତାହାର କାର୍ଯ୍ୟକାଳ ବଢ଼ାଇ ଦେଇପାରନ୍ତି । ପ୍ରଜାସଭାର କାର୍ଯ୍ୟକାଳ ଶେଷ ହେବାଠାରୁ ଛମାସ ମଧ୍ୟରେ ଏହା ପୁନର୍ଗଠିତ ହେବ । ପ୍ରଜାସଭା ବର୍ଷରେ ଅନ୍ୟୂନ ଦୁଇ ଥର ବସିବ । ସଭାର ସ୍ଥାନ ଓ ସମୟ ସଭାପତି ନୋଟିସଦ୍ୱାରା ଅବଗତ କରାଇବେ । ମାତ୍ର କୌଣସି ବିଶିଷ୍ଟ ବିଷୟର ଆଲୋଚନା ଆବଶ୍ୟକ ହେଲେ ସମୁଦାୟ ସଭ୍ୟସଂଖ୍ୟାର ଅନ୍ୟୂନ ଏକ-ତୃତୀୟାଂଶ ସଭ୍ୟଙ୍କ ଲିଖିତ ଆବେଦନରେ ସଭାପତି ଉକ୍ତ ବିଷୟର ଆଲୋଚନା ନିମନ୍ତେ ପ୍ରଜା-ସଭା ଆହ୍ୱାନ କରିବେ । ଯଥାଯଥଭାବରେ ଆହୂତ ପ୍ରଜାସଭାରେ ସାଧାରଣ ହିତକର ସମସ୍ତ ବିଷୟ ଆଲୋଚିତ ହୋଇପାରିବ; ଯଥା:—ଶିକ୍ଷା, ସ୍ୱାସ୍ଥ୍ୟ ଓ ଚିକିତ୍ସା, ଜଳ-ସରବରାହ, କୃଷି, ରାସ୍ତାଘାଟ, ଷ୍ଟେଟ କର୍ତ୍ତୃପକ୍ଷଙ୍କର ବିଗୃହୀତ ଉପଯୋଗୀ ସାଧାରଣ ଅଭାବ ଓ ଅଭିଯୋଗାଦି ।

ଜାନୁୟାରୀ ୨୦ ତାରିଖର ଗୋଟିଏ ଆଦେଶରେ ପ୍ରତ୍ୟେକ ପ୍ରଜାସଭାର ନିର୍ବାଚନମଣ୍ଡଳର ନାମ ଏବଂ କେଉଁ ନିର୍ବାଚନମଣ୍ଡଳରୁ କେତେ ସଭ୍ୟ ନିର୍ବାଚିତ ହେବେ ତାହା ପ୍ରକାଶିତ ହୋଇଅଛି । ବାରିପଦା ପ୍ରଜାସଭା ନିମନ୍ତେ ବ୍ରିଟିଶଭାରତରେ ପ୍ରଚଳିତ ପ୍ରଥାନୁରୂପ ବାକ୍ସ ମଧ୍ୟରେ ଭୋଟ କାଗଜ ପକାଇ ଭୋଟ ଦେବାର ବ୍ୟବସ୍ଥା

Digitized by srujanika@gmail.com

ହୋଇଅଛି । ଅନ୍ୟ ପ୍ରଜାସଭାମାନଙ୍କ ନିମନ୍ତେ ନିମ୍ନଲିଖିତ ପ୍ରକାରେ ଭୋଟ ନେବାର ବ୍ୟବସ୍ଥା ହୋଇଅଛି । ଭୋଟ ନେବାର ଦିନ ଓ ସମୟ ଆଗରୁ ନିର୍ଦ୍ଦିଷ୍ଟ ହେବ । ନିର୍ବାଚନ-କର୍ମଚାରୀ ନିର୍ଦ୍ଦିଷ୍ଟ ସମୟରେ ନିର୍ବାଚନ-କେନ୍ଦ୍ରରେ ଉପସ୍ଥିତ ହେବେ । ଯଦି ସେ ଆସିଥିବା ଭୋଟଦାତାମାନଙ୍କର ସଂଖ୍ୟା ସନ୍ତୋଷଜନକ ନ ଥିବାର ଦେଖନ୍ତି ତାହାହେଲେ ଆବଶ୍ୟକତା ଦୃଷ୍ଟିରେ ସମୟ ଦେଇପାରନ୍ତି ଏବଂ ଉକ୍ତ ଦିନ ନିର୍ବାଚନ ହେବ ବୋଲି ସମ୍ପୃକ୍ତ ଲୋକମାନଙ୍କୁ ଖବର ଦେଇ ଜଣାଇ ଦେବାର ଯଥାସମ୍ଭବ ବ୍ୟବସ୍ଥା କରିପାରନ୍ତି । ନିରୂପିତ ସମୟରେ କିମ୍ବା ନିର୍ବାଚନ-କର୍ମଚାରୀ ଦେଇଥିବା ଅତିରିକ୍ତ ସମୟ ଉତ୍ତୀର୍ଣ୍ଣ ହେଲା ପରେ ସେ ନିର୍ବାଚନର ଉଦ୍ଦେଶ୍ୟ ଲୋକମାନଙ୍କୁ ବୁଝାଇଦେବେ ଓ କାଏମ ହୋଇଥିବା ପ୍ରାର୍ଥୀ-ତାଲିକା ପଢ଼ି ଶୁଣାଇଦେବେ । ତତ୍ପରେ ସେ ଉପସ୍ଥିତ ପୂର୍ଣ୍ଣ-ବୟସ୍କ ପୁରୁଷମାନଙ୍କୁ ଉକ୍ତ ତାଲିକା ମଧ୍ୟରୁ ନିର୍ଦ୍ଦିଷ୍ଟ ସଂଖ୍ୟକ ସଭ୍ୟ ନିର୍ବାଚନ କରିବାକୁ କହିବେ । ନିର୍ବାଚନମଣ୍ଡଳ ବା ନିର୍ବାଚନ-ଶାଖାରୁ ଯେତେ ସଂଖ୍ୟକ ସଭ୍ୟ ନିର୍ବାଚିତ ହେବାର କଥା, ଲୋକମାନେ ଆପଣା ଆପଣା ମଧ୍ୟରେ ବିଚାର କରି ଯଦି କେବଳ ସେତିକି ସଂଖ୍ୟକ ପ୍ରାର୍ଥୀଙ୍କର ନାମ ବାଛି ପ୍ରକାଶ କରନ୍ତି, ତେବେ ସେହି ପ୍ରାର୍ଥୀମାନେ ଯଥାବିଧି ନିର୍ବାଚିତ ହେଲେ ବୋଲି ନିର୍ବାଚନ-କର୍ମଚାରୀ ଘୋଷଣା କରିବେ । ଯଦି ଉପସ୍ଥିତ ଲୋକମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏ ବିଷୟରେ ଏକମତ ହୋଇ ନ ପାରନ୍ତି, ତାହାହେଲେ ନିର୍ବାଚନ-କର୍ମଚାରୀ ଭିନ୍ନ ଭିନ୍ନ ନିର୍ବାଚନ-ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା ଲୋକଙ୍କୁ ଭିନ୍ନ ଭିନ୍ନ ଦଳରେ ଠିଆ ହେବାକୁ କହିବେ । ତତ୍ପରେ ନିର୍ବାଚନ-କର୍ମଚାରୀ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା ଦଳର ଭୋଟଦାତାଙ୍କର ସଂଖ୍ୟା ଗଣି ପ୍ରକାଶ କରିବେ ଏବଂ ଯେଉଁମାନେ ଅଧିକ ସଂଖ୍ୟକ ଭୋଟଦ୍ୱାରା ଯଥାବିଧି ନିର୍ବାଚିତ ହେଲେ, ସେମାନଙ୍କର ନାମ ଜଣାଇଦେବେ । ଯେବେ ଦୁଇ ବା ତତୋଽଧିକ ବ୍ୟକ୍ତି ସମାନ ଭୋଟ ପାଇଥିବାର ଦେଖାଯିବ, ମାତ୍ର ସେମାନଙ୍କ ମଧ୍ୟରୁ କେବଳ ଜଣେ ନିର୍ବାଚିତ ହେବାର କଥା, ତାହାହେଲେ ନିର୍ବାଚନ-କର୍ମଚାରୀ ଉକ୍ତ ନିର୍ବାଚନର ଫଳ ସ୍ଥିର କରିବା ପାଇଁ ସୁଠିର ବ୍ୟବସ୍ଥା କରିବେ ।

ମୟୂରଭଞ୍ଜ ଷ୍ଟେଟ ପ୍ରେସରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

Digitized by srujanika@gmail.com

ଭଞ୍ଜପ୍ରଭାତ

ବାରିପଦା, ଚୈତ୍ର ୧୩୪୭



PHONE 2492 CAL.

GRAM "LAVATORY"

SANITATION

PLUMBING
DRAINAGE
& WATER-WORKS.

CONSULT.

S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

Yearly Subscription	Rs. 3
Single Copy	As. 12

Postage Extra.

Manager—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

PRINTING & STATIONERY GOODS

Please ask for Price List.

Bhanja Pradeepa

It is an illustrated Oriya quarterly quite independent of the English Edition of the Mayurbhanj Chronicle.

SUBSCRIPTION

Annual -	*Rs.* 0-12-0	(*post free*)	
,,	,,	1-4-0	(*with postage*)
Price per copy ,,	0-3-0	(*post free*)	
	,,	0-5-0	(*with postage*)

Manager—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com

M·B·SIRKAR & SONS

Son and grandsons of Late **B. SIRKAR.**

MANUFACTURING JEWELLERS

DEALERS IN GUINEA (22 CT.) GOLD ONLY.

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.



PHONE:-B.B.1761. **TEL:-BRILLIANTS.**

ସାଧନା ଔଷଧାଳୟ—ଢାକା (ବଙ୍ଗ)

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।

ଶାଖା ଅଫିସମାନ:—(ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ) । (୨) ୨୯କ, ବଡ଼ବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲା, ଚଟ୍ଟଗ୍ରାମ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୭୭/୪ ଷ୍ଟ୍ରାଣ୍ଡରୋଡ଼, ବଡ଼ବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟାଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

ମକରଧ୍ୱଜ (ସ୍ୱର୍ଣ୍ଣସିନ୍ଦୁର) ଏକ ତୋଲାକୁ—ଟ୪ଟଙ୍କା

ଏହା ସର୍ବରୋଗନାଶକ, ବଲକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

ସାରିବାଦି ସାଲସା ଏକ ସେରକୁ—ଟ ୨୷ ଅଣା

ଏହା ଚର୍ମରୋଗନାଶକ, ରସାୟନକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।

Digitized by srujanika@gmail.com

ଭଞ୍ଜପ୍ରଦୀପ

ଅଷ୍ଟମ ଭାଗ　　　　୩ୟ ସଂଖ୍ୟା

ସୂଚୀ-ପତ୍ର

		ପୃଷ୍ଠା
୧ । ଅଭିଭାଷଣ	ଶ୍ରୀ ଗିରିଜାଶଙ୍କର ରାୟ, ଏମ୍. ଏ.	୧
୨ । କାବ୍ୟ-ବିଶ୍ଳେଷଣ (ପୂର୍ବାନୁବୃତ୍ତି)	ଶ୍ରୀ ଈଶ୍ୱର ଗୁପ୍ତ	୭
୩ । ସମ୍ବର୍ଦ୍ଧନା	ଶ୍ରୀ ରାଧାଗୋବିନ୍ଦ ଦାସ, ଏମ୍. ଏ., ବି. ଏଲ୍.	୧୩
୪ । କବି ଓ କାବ୍ୟ	ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ	୧୬
୫ । ମାଟିର ଉପହାସ (କବିତା)	ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ, ଏମ୍. ଏ., ବି. ଇଡ.	୧୯
୬ । ଶ୍ରୀମନ୍ ମହାରାଜାଙ୍କର ଜନ୍ମୋତ୍ସବ ଓ ମୟୂରଭଞ୍ଜ କୃଷିଶିଳ୍ପ-ପ୍ରଦର୍ଶନୀ		୨୦
୭ । ସନ୍ଧ୍ୟା-ମାୟା (କବିତା)	ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ	୨୬
୮ । ଦେଶୀୟ-ରାଜ୍ୟ-ସମାଚାର		୨୮
୯ । ସମ୍ବାଦ ଓ ସଙ୍କେତ		୩୧

ଚିତ୍ର-ସୂଚୀ

୧ । ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନ	ପ୍ରଚ୍ଛଦପଟ
୨ । ମୟୂରଭଞ୍ଜର ମହାରାଜା ସାର୍ ଶ୍ରୀ ପ୍ରତାପଚନ୍ଦ୍ର ଭଞ୍ଜ ଦେଓ କେ. ସି. ଆଇ.ଇ	ପ୍ରଥମ ପୃଷ୍ଠାର ସମ୍ମୁଖ
୩ । ଜନ୍ମଦିବସୋପଲକ୍ଷେ କାଙ୍ଗାଳି-ଭୋଜନ	୨୦
୪ । ମୟୂରଭଞ୍ଜ କୃଷି ଓ ଶିଳ୍ପ-ପ୍ରଦର୍ଶନୀର ଫାଟକ ସମ୍ମୁଖର ଦୃଶ୍ୟ	୨୧
୫ । ବାରିପଦା ହାଇସ୍କୁଲ କ୍ରୀଡ଼ା-ପ୍ରତିଯୋଗିତା ଦେଖିବା ପାଇଁ ଉପସ୍ଥିତ ଭଦ୍ରବ୍ୟକ୍ତିବୃନ୍ଦ	୨୨
୬ । ଶିଶୁ-ସମ୍ମିଳନୀ	୨୩
୭ । ପ୍ରଦର୍ଶନୀରେ କୃଷି ବିଭାଗର ଗୋଟିଏ ଅଂଶ	୨୩
୮ । କୃଷି ବିଭାଗର ଆଦର୍ଶ ଫାର୍ମମାନଙ୍କର ଫସଲ	୨୪
୯ । ପ୍ରଦର୍ଶନୀରେ ବନଜାତ ଦ୍ରବ୍ୟର ବିଭାଗ	୨୪
୧୦ । ପ୍ରଦର୍ଶନୀ ହତାଭିତରେ ସମ୍ମୁଖ ଦୃଶ୍ୟ	୨୬
୧୧ । ମହାରାଜା ଓ ଦେବାନଙ୍କସହ ଗଭର୍ଣ୍ଣର ଓ ଲେଡି ହାବକ୍	୩୨

Digitized by srujanika@gmail.com

ମୟୁରଭଞ୍ଜର ମହାରାଜା ସାର୍ ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓ,   କେ. ସି. ଆଇ. ଇ.

Digitized by srujanika@gmail.com

ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ   ଅବୈତନିକ ସହକାରୀ ସମ୍ପାଦକ—ଶ୍ରୀ ହରିହର ମହାପାତ୍ର

ଚୈତ୍ର ସଂଖ୍ୟା

ଅଷ୍ଟମ ଭାଗ | ଚୈତ୍ର, ସନ ୧୩୪୭ ସାଲ | ୩ୟ ସଂଖ୍ୟା

ଅଭିଭାଷଣ *

ଶ୍ରୀ ଗିରିଜାଶଙ୍କର ରାୟ

ସମବେତ ସାହିତ୍ୟରସିକ ଭଦ୍ରମଣ୍ଡଳୀ !

ଆପଣମାନେ ମୋତେ ଏହି ବାର୍ଷିକ ଅଧିବେଶନରେ ସଭାପତିପଦ ଗ୍ରହଣ କରିବାକୁ ଆହ୍ୱାନ କରିଥିବାରୁ ମୁଁ ଆପଣମାନଙ୍କଠାରେ କୃତଜ୍ଞ ଓ ବିଭିନ୍ନ ଅଞ୍ଚଳବାସୀ ଏତେ ଗୁଡ଼ିଏ ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନଙ୍କର ସାନ୍ନିଧ୍ୟ ଓ ସାହଚର୍ଯ୍ୟ ଲାଭକରି ମୁଁ ନିଜକୁ କୃତକୃତାର୍ଥ ମନେ କରୁଅଛି । ମୋର ଆଶା ଆପଣମାନେ ମୋର ବକ୍ତବ୍ୟ ମଧ୍ୟରେ ଯାହା ଦୂଷଣୀୟ ଦେଖିବେ ତାହା ନିଜର ସାହିତ୍ୟିକସୁଲଭ ଉଦାରତା ଗୁଣରୁ ମାର୍ଜନା କରିବେ ଓ ମୋର ଅକ୍ଷମତା ଓ ଅପାରଗତାପ୍ରସୂତ ସମସ୍ତ ତ୍ରୁଟିକୁ କ୍ଷମା କରିବେ । ମୋର ମତବାଦ ଦ୍ୱାରା କେହି କ୍ଷୁଣ୍ଣ ହେଲେ ମୁଁ ବିନୀତଭାବରେ ତାଙ୍କର କ୍ଷମାଭିକ୍ଷା କରୁଅଛି ।

କଟକରେ କେତେକ ମାସ ତଳେ ଯେଉଁ ସାହିତ୍ୟ-ସମ୍ମେଳନ ହୋଇଥିଲା ସେଥିରେ ମୁଁ ଗୋଟିଏ ଭିତ୍ତିପ୍ରସ୍ତାବ ଲକ୍ଷ୍ୟ କରିଥିଲି । ସଭାରେ ଭାଷାର ବ୍ୟତିକ୍ରମ ବିଷୟରେ ସମସ୍ତେ ସନ୍ତ୍ରସ୍ତ ଭାବରେ କଥାବାର୍ତ୍ତା କରୁଥିଲେ ଓ ଅନ୍ୟ ପ୍ରାଦେଶିକ ଭାଷାର ପ୍ରଭାବ ଓଡ଼ିଆ ଭାଷା ଉପରେ ପଡ଼ୁଥିବାରୁ ତାହାଦ୍ୱାରା ଓଡ଼ିଆ ଭାଷାର ସମୂହ ବିପତ୍ତି ଘଟିଅଛି ଓ ଓଡ଼ିଆ ସାହିତ୍ୟ କଳଙ୍କିତ ହେଉଅଛି ଏହିପରି ସମବେତ ସାହିତ୍ୟିକମାନଙ୍କର ଧାରଣା ଥିଲା । ବାସ୍ତବରେ ଭାଷାର ବ୍ୟତିକ୍ରମ ବା ଭାବର ପରାନୁବର୍ତ୍ତିତା କୌଣସି ସାହିତ୍ୟ ପକ୍ଷରେ ସ୍ୱାସ୍ଥ୍ୟକର ନୁହେଁ । ସାହିତ୍ୟରେ ଯଦି ଏପ୍ରକାର ବ୍ୟତିକ୍ରମ ପ୍ରବେଶ ଲାଭ କରେ, ତେବେ କ୍ରମଶଃ ରସସୃଷ୍ଟିରେ ବାଧା ଜାତ ହେବ; ସାହିତ୍ୟର ଗତି ମନ୍ଦୀଭୂତ ଓ ଜୀବନ ନିସ୍ତେଜ ହୋଇ ପଡ଼ିବ । ଏହି ବ୍ୟତିକ୍ରମ ବିଷୟରେ ଏତିକିମାତ୍ର ଆମ୍ଭମାନଙ୍କୁ ଲକ୍ଷ୍ୟ ରଖିବାକୁ ହେବ ଯେ ଅନ୍ୟ ପ୍ରଦେଶର ବା ଦେଶର ଭାଷାମାନଙ୍କରୁ ଶବ୍ଦଚୟନ କରି ଆମ୍ଭମାନଙ୍କର ଭାଷାକୁ ସମୃଦ୍ଧି, ବଳଶାଳୀ ଓ ସୁପୁଷ୍ଟ କରିବାରେ ବାସ୍ତବରେ କିଛି ବାଧା ନାହିଁ; ଅନ୍ୟ ଦେଶ ଜୟ କରି ନିଜର ରାଜ୍ୟବୃଦ୍ଧି କରିବା ଯେପରି ଗୌରବର ବିଷୟ ସେହିପରି ଅନ୍ୟ ଭାଷାରୁ ଶବ୍ଦମାନଙ୍କୁ

* ବାରିପଦା ସାହିତ୍ୟ-ସମାଜର ପଞ୍ଚମ ବାର୍ଷିକ ଅଧିବେଶନରେ ସଭାପତିଙ୍କ ଅଭିଭାଷଣ

Digitized by srujanika@gmail.com

ଆବଶ୍ୟକମତେ ଗ୍ରହଣ କରି ସେମାନଙ୍କୁ ନିଜସ୍ୱ କରି ତାହାଦ୍ୱାରା ନିଜର ଭାଷାର ସୌଷ୍ଠବ ବୃଦ୍ଧି କରିବା ମଧ୍ୟ ସେହିପରି ଗୌରବର ବିଷୟ ଓ ଅନ୍ଧପରାନୁବର୍ତ୍ତିତା ଲଜ୍ଜାଜନକ ହେଲେହେଁ ଭାଷାର ଶବ୍ଦ-ସାମର୍ଥ୍ୟ ଓ ଶବ୍ଦସମ୍ପଦ ବୃଦ୍ଧି କରିବା ନିମନ୍ତେ ଅନ୍ୟ ଭାଷାର ଶବ୍ଦକୁ ଆହରଣ କରିବାରେ ଲଜ୍ଜାର କଥା କିଛି ନାହିଁ । ଇଂରାଜି ପ୍ରଭୃତି ଅନ୍ୟ ଭାଷା ଏହିପରି ଅନ୍ୟାନ୍ୟ ଭାଷାରୁ ନାନା ଶବ୍ଦ ଗ୍ରହଣ କରି ସମୃଦ୍ଧ ହୋଇଅଛନ୍ତି ଓ ଆମ୍ଭମାନଙ୍କର ଓଡ଼ିଆ ଭାଷାରେ ମଧ୍ୟ ଏହିପରି ସହସ୍ର ସହସ୍ର ବିଦେଶୀ ଶବ୍ଦ ସ୍ଥାନ ଲାଭ କରିଅଛି । କବିସୂର୍ଯ୍ୟଙ୍କର ଛନ୍ଦମାନଙ୍କରେ ଯେଉଁ ପାରସିକ ଶବ୍ଦ ନିଚୟ ଲକ୍ଷିତ ହୁଏ ତାହାଦ୍ୱାରା ଭାଷାର ଲାଳିତ୍ୟ ଆଦୌ କ୍ଷୁଣ୍ଣ ନ ହୋଇ ବରଂ ବୃଦ୍ଧି ପ୍ରାପ୍ତ ହୋଇଅଛି ଏବଂ କୌଣସି ଶକ୍ତିଶାଳୀ ଲେଖକ ଯଦି ଏହିପରି ଅନ୍ୟ ଭାଷାରୁ ଶବ୍ଦମାନଙ୍କୁ ନିଜସ୍ୱ କରି ସୁଷ୍ଠୁ ବ୍ୟବହାର କରି ପାରନ୍ତି, ତେବେ ତାହାଦ୍ୱାରା ଆମ୍ଭମାନଙ୍କର ଭାଷା କେବେହେଁ ଦୁଷ୍ଟ ବା କଳଙ୍କିତ ହେବ ନାହିଁ । ଓଡ଼ିଆରେ ଗୋଟିଏ ଗୋଟିଏ ଶବ୍ଦର ନାନାଭାବ ପ୍ରକାଶ କରିବାର ଯେଉଁ ଶକ୍ତି ଅଛି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ; ଆପଣମାନେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଏହାର ଭୂରି ଭୂରି ଉଦାହରଣ ପାଇ ପାରିବେ ଓ କେତେକଦିନ ତଳେ ମୁଁ 'ନବଭାରତ'ରେ ଏ ବିଷୟରେ କିଞ୍ଚିତ୍ ଆଲୋଚନା କରିବାର ସୁଯୋଗ ପାଇଥିଲି । ଓଡ଼ିଆ ଭାଷାରେ ଶୈଳୀ, ବ୍ୟବହାର-ଭଙ୍ଗୀ ବା ଶବ୍ଦସାମର୍ଥ୍ୟ ନ ଜାଣି ଅନ୍ୟ ଭାଷାରୁ ଯଦି କେବଳ ଉଚ୍ଛୃଙ୍ଖଳ କରି କେତେକ ଶବ୍ଦକୁ ସାହିତ୍ୟରେ ପ୍ରବିଷ୍ଟ କରାଯାଏ, ତେବେ ସେ ଶବ୍ଦମାନ ସହଜରେ ଦୃଷ୍ଟିକଟୁ ହେବ ଓ ସେହିପରି ସାହିତ୍ୟ କେବେହେଁ ଲୋକପ୍ରିୟ ହୋଇ ପାରିବ ନାହିଁ । ମାତ୍ର କୌଣସି କୌଶଳୀ ସାହିତ୍ୟିକ ଅନ୍ୟ ଭାଷାର ଶବ୍ଦମାନଙ୍କୁ ନିଜ ଭାଷାରେ ଅନୁପ୍ରବିଷ୍ଟ କରାଇ ପାରିଲେ, ତାହାଦ୍ୱାରା ଭାଷାର ବ୍ୟାକରଣଜନିତ ଅପକୃଷ୍ଟତା କେବେହେଁ ଘଟି ନ ପାରେ ଓ ସାହିତ୍ୟିକ ସୌନ୍ଦର୍ଯ୍ୟ ମଧ୍ୟରେ ଏହି ଶବ୍ଦମାନଙ୍କର ନୂତନତ୍ୱ ଲୋକଙ୍କ ମନରେ କୌଣସି ଆଘାତ ଜାତ କରିବାକୁ ସକ୍ଷମ ହେବ ନାହିଁ । ନିତ୍ୟନୂତନ ଆବେଷ୍ଟନୀ ଓ ପରିସ୍ଥିତି ମଧ୍ୟରେ ନାନା ନୂତନ ଶବ୍ଦ ଆମ୍ଭମାନଙ୍କ ମଧ୍ୟରେ ପ୍ରଚଳିତ ହେଉଅଛି । ନାନା ଶବ୍ଦର ନୂତନ ଅର୍ଥ ପ୍ରକାଶ କରିବାର କ୍ଷମତା ଜାତ ହେଉଅଛି । ନାନା ନୂତନ ବ୍ୟବହାରବିଧିଦ୍ୱାରା ସାହିତ୍ୟ ପୁଷ୍ଟ ଓ ରସାଳ ହେଉଅଛି । ଏଣୁ ଏ ବିଷୟରେ ସଙ୍କୀର୍ଣ୍ଣତା ସାହିତ୍ୟ ପକ୍ଷରେ ମଙ୍ଗଳଜନକ ନୁହେଁ । ଯାହା କେବଳ ପରାନୁବର୍ତ୍ତିତା, ଯାହା ଓଡ଼ିଆ ଭାଷାର ଶୈଳୀର ବିପରୀତ, ଯାହା ସାହିତ୍ୟିକର ଅକ୍ଷମତା ଓ ଅପାରଗତାର ଚିହ୍ନ, ଯାହା ବିଚାରବିବେଚନାହୀନ ନିଜ ପ୍ରଦେଶୀୟ ଭାଷା ପ୍ରତି ଆସକ୍ତି ଓ ଯାହା କେବଳ ଲେଖକର ବିଦେଶୀ ଭାଷା ପ୍ରତି ଅନ୍ଧମୋହ ଓ ନିଜ ଭାଷା ପ୍ରତି ଅକାରଣ ବିରାଗପ୍ରସୂତ, ତାହା କେବେହେଁ ସାହିତ୍ୟ ସୃଷ୍ଟିରେ ଅନୁକୂଳ ନୁହେଁ ଓ ଏପରି ଶବ୍ଦମାନଙ୍କର ବ୍ୟବହାର ଲୋକ ଚକ୍ଷୁରେ ହେୟ ଓ ଘୃଣ୍ୟ ବୋଲି ସହଜରେ ପ୍ରତିପାଦିତ ହୋଇ ଲୋକସାଧାରଣଙ୍କର ବିଦ୍ରୂପବାଣ ଦ୍ୱାରା ଜର୍ଜରିତ ହୋଇ ଶୀଘ୍ର ଅନ୍ତର୍ହିତ ହେବ; ମାତ୍ର ଶକ୍ତିଶାଳୀ ଲେଖକ ଯେଉଁ ଶବ୍ଦମାନଙ୍କୁ ଆୟତ୍ତ କରି ନିଜର ପ୍ରୟୋଜନାନୁସାରେ ଭାଷା ମଧ୍ୟରେ ସ୍ଥାନ ଦିଏ, ତାହାଦ୍ୱାରା ଭାଷାର କିଛି କ୍ଷତି ହେବା ସମ୍ଭବ ନୁହେଁ ଓ ଏପରି କ୍ଷେତ୍ରରେ ସନ୍ତ୍ରାସର ଯଥେଷ୍ଟ କାରଣ ନାହିଁ । ବାସ୍ତବରେ ବ୍ୟାକରଣର ବିଭୀଷିକା ସାହିତ୍ୟ ଦୃଷ୍ଟିରେ ଅପାରଗତା ଓ ଲେଖକର ଅକ୍ଷମତାହିଁ ନିର୍ଦ୍ଦେଶ କରୁଅଛି ଓ ସାହିତ୍ୟରେ ସଜୀବତା ଆସିଲେ କ୍ରମଶଃ ଏହି ନିସ୍ତ୍ରଭାବ ଲୁପ୍ତ ହୋଇଯିବ ବୋଲି ମୋର ସମ୍ପୂର୍ଣ୍ଣ ବିଶ୍ୱାସ ।

ମାତ୍ର ଭାଷାର ବ୍ୟାକରଣ ବିଷୟରେ ସନ୍ତ୍ରାସର କୌଣସି ବିଶେଷ କାରଣ ନ ଥିଲେହେଁ ଆଜିକାଲି ଯେଉଁ ଭାବର ବିକୃତତା ସାହିତ୍ୟରେ ପ୍ରବେଶ ଲାଭ କରିଅଛି ସେଥିରେ ବିଶେଷ ଭୟର କାରଣ ରହିଅଛି, କାରଣ ଏହା ସାହିତ୍ୟ ସୃଷ୍ଟିର ଅନୁକୂଳ ନୁହେଁ । ସାହିତ୍ୟ ଜାତିର ଜୀବନର ପ୍ରତୀକ, ଜାତି ମଧ୍ୟରେ ପ୍ରଚଳିତ ଭାବଧାରା ସାହିତ୍ୟମଧ୍ୟରେ ପ୍ରତିଫଳିତ ହୋଇଥାଏ । ଜାତିର ହୃଦୟର ସ୍ପନ୍ଦନ ସାହିତ୍ୟମଧ୍ୟରେ ଯଥାଯଥରୂପେ ଅନୁଭୂତ ହୋଇଥାଏ । ଏଣୁ କୌଣସି ସାହିତ୍ୟରେ ଭାବର ବିକୃତତା ପ୍ରଚଳିତ ହେବା ଦେଖାଗଲେ ଜାତିର ଶିକ୍ଷା ଓ ଧୃଷ୍ଟି ବିଷୟରେ ସନ୍ଦେହ ଜନ୍ମେ ଓ କ୍ରମଶଃ ଅତ୍ୟନ୍ତ ଦୂଷଣୀୟ ଭାବନିଚୟର ନିରନ୍ତର ଅନୁଭୂତି ଓ ଆଦର ଦ୍ୱାରା ସାହିତ୍ୟ ଓ ଜାତୀୟ ଜୀବନ କଳଙ୍କିତ ଏବଂ ଅସ୍ୱାସ୍ଥ୍ୟକର ହୋଇପଡ଼େ । ଆଜିକାଲି ଆଧୁନିକତାର ଦୋହି ଦେଇ ଏପରି ଅନେକ ଭାବ ସାହିତ୍ୟରେ ପ୍ରବେଶ ଲାଭ କରୁଅଛି, ଯାହା ଜାତିର ବା ସାହିତ୍ୟର ଉନ୍ନତିର ପରିଚାୟକ ନୁହେଁ କିମ୍ବା ସାହିତ୍ୟ କ୍ଷେତ୍ରରେ ଶୋଭନୀୟ ମଧ୍ୟ ନୁହେଁ । ଅବଶ୍ୟ ସ୍ୱାଧୀନ ଚିନ୍ତା କରିବାର ଅଧିକାର ସମସ୍ତଙ୍କର ଅଛି ଓ ଏହି ଚିନ୍ତାଧାରାକୁ ପ୍ରକାଶିତ କରିବାର ଓ ଜନସମାଜରେ ବିସର୍ପିତ କରିବାର ଅଧିକାର ମଧ୍ୟ ସମସ୍ତଙ୍କର ଅଛି, ମାତ୍ର ଏହି ଭାବଧାରାକୁ ଯଥାଯଥ ଭାବରେ ନିୟନ୍ତ୍ରଣ କରିବା ସମାଜ ପକ୍ଷରେ ଶ୍ରେୟସ୍କର ଓ ତାହା କରି ନ ପାରିଲେ ସମାଜର ଅଧୋଗତି ଅବଶ୍ୟମ୍ଭାବୀ । ଆଧୁନିକତାରେ କିଛି ଦୋଷ ନାହିଁ, ପ୍ରଗତିରେ ଭୟ କରିବାର କିଛି ନାହିଁ, ଅନ୍ୟାନ୍ୟ ଜାତିର ଭାବଧାରା ସଙ୍ଗେ ସହଯୋଗ ରଖିବା ଓ ନିଜର ଜାତୀୟ ଜୀବନର ଅଗ୍ରଗତିରେ ସାହାଯ୍ୟ କରିବା ସମସ୍ତଙ୍କର ଏକାନ୍ତ କାମ୍ୟ; ମାତ୍ର ଏହି ସବୁ ଉଦ୍ଦେଶ୍ୟରେ ବିକୃତତାକୁ ପ୍ରଶ୍ରୟ ଦେଇ ଅସୁନ୍ଦରକୁ ସୁନ୍ଦରର ଆସନରେ ପ୍ରତିଷ୍ଠିତ କରିବା କେବେହେଁ ମାର୍ଜନୀୟ ହୋଇ ନ ପାରେ । ଆଧୁନିକ ସାହିତ୍ୟ ବୋଲି ଯାହା ସଚରାଚର ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ ହେଉଅଛି, ସେଥିରେ କେତେକ ଗୁଡ଼ିଏ ବିଷୟ ସାଧାରଣତଃ ଦେଖା ଯାଇଥାଏ । ସେଥିରେ ଆମ୍ଭେମାନେ ଦେଖୁଁ ଭାଷା ଓ ଭାବର ଉଦାମତା, ସାମାଜିକ ସମସ୍ତ ଶୃଙ୍ଖଳା ପ୍ରତି ଘୃଣା ଓ ନାରୀର ସ୍ୱୈରାଚାରକୁ ପ୍ରଶଂସା, ସମାଜରେ ଯାହା ଘୃଣ୍ୟ ବା ହେୟ ଓ ଅବହେଳିତ ତାକୁ ଉଚ୍ଚ କରି ସାହିତ୍ୟ-

Digitized by srujanika@gmail.com

ରଚନାର ପ୍ରୟାସ ଓ ସମସ୍ତ ନିୟମ ଓ ସଂଯମକୁ ଧ୍ୱଂସ କରି ବିଦ୍ରୋହକୁ ବରଣ କରିବାର ପ୍ରେରଣା । ଆଧୁନିକ ସାହିତ୍ୟର ଲକ୍ଷଣ—ଶୃଙ୍ଖଳା ମାନିବାକୁ ଅସମ୍ମତି, ସଂଯତ ହେବାକୁ ଅକ୍ଷମତା ଓ ନୂତନତ୍ୱର ଅନ୍ଧଉପାସନା । ନୂତନସୃଷ୍ଟିପ୍ରୟାସରେ କିଛି ଦୋଷ ନାହିଁ, ନୂତନ ଭାବରାଜିକୁ ଲୋକସମକ୍ଷରେ ପ୍ରଚାର କରିବାରେ ମଧ୍ୟ କୌଣସି ବାଧା ନାହିଁ; କିନ୍ତୁ ବାସ୍ତବ ସାହିତ୍ୟ ଆକାରରେ ନଗ୍ନ ବୀଭତ୍ସତାର ଛବି ଲୋକ ସମକ୍ଷରେ ସ୍ଥାପନ କରିବା ଅତ୍ୟନ୍ତ ଅସୁନ୍ଦର ବ୍ୟାପାର । ଉଦ୍ଦାମ ଗତିବେଗ ସାହିତ୍ୟରେ ସର୍ବଦା ସ୍ପୃହଣୀୟ ନୁହେଁ ଓ ଯୌନସମ୍ପର୍କୀୟ ନଗ୍ନଚିତ୍ର ମଧ୍ୟ ସୌନ୍ଦର୍ଯ୍ୟ ପିପାସୁର ଏକମାତ୍ର କାମ୍ୟ ବସ୍ତୁ ନୁହେଁ । ଅସଂଯତ ଲେଖାର ପ୍ରେରଣା ନେଇ ଏବଂ ଶ୍ରେୟ ଓ ପ୍ରେୟର ସମ୍ୟକ୍ ବିଚାର ନ କରି ସାହିତ୍ୟ ସାଧନାରେ ଅଗ୍ରସର ହେବା ସାହିତ୍ୟପକ୍ଷରେ ଅହିତକର । ଧ୍ୱଂସର ଲେଲିହାନ ବହ୍ନିରେ ସମସ୍ତ ସାମାଜିକ ବନ୍ଧନକୁ ଭସ୍ମୀଭୂତ କରିବାର ଚେଷ୍ଟା କଲେ ତାହା ଦ୍ୱାରା ଜାତୀୟ ଅନିଷ୍ଟ ମଧ୍ୟ ସାଧିତ ହୋଇ ପାରେ । କେବଳ ଅବିଶ୍ୱାସ, କେବଳ ଅସ୍ୱୀକାର, କେବଳ ତାଣ୍ଡବଧ୍ୱଂସପ୍ରଚେଷ୍ଟା ମଧ୍ୟରେ ସୌନ୍ଦର୍ଯ୍ୟର କଳ୍ପନା ଅସମ୍ଭବ ଏବଂ ଅଧୀର ଆବେଗମୟ ଅଶାନ୍ତ ହୃଦୟର ଅଜ୍ଞାତ ବୁଭୁକ୍ଷା ଓ ଅସରନ୍ତି ବିପ୍ଳବବାଦର ସଦା-ଚଞ୍ଚଳ ଭିତ୍ତି ଉପରେ ସାହିତ୍ୟ-ମନ୍ଦିରର ପ୍ରତିଷ୍ଠା ଅସମ୍ଭବ ।

ଅନ୍ୟାନ୍ୟ ଜ୍ଞାନଗମ୍ୟ ନୂତନ ସୃଷ୍ଟିଠାରୁ ସାହିତ୍ୟ ଅନେକାଂଶରେ ପୃଥକ୍ । ବିଜ୍ଞାନରେ ପଦାର୍ଥକୁ ଯଥାଯଥଭାବରେ ବିଶ୍ଳେଷଣ କରିବାର ପ୍ରଚେଷ୍ଟା ଅଛି । ରାଜନୀତିରେ ମନୁଷ୍ୟର ମନକୁ ଆକୃଷ୍ଟ କରି ଭଲ ନୂତନତଥ୍ୟ ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥାଏ । ମାତ୍ର କଲକାରଖାନାର କର୍ଣ୍ଣପଟହବେଦୀ ଶବ୍ଦ ଯେପରି ବଂଶୀର କଳ ସ୍ୱନରୁ ପୃଥକ୍, ସେହିପରି ରାଜନୀତି କ୍ଷେତ୍ରରେ ପରିଚିତ propaganda ଗଳାବାଜି ମଧ୍ୟ ସାହିତ୍ୟଠାରୁ ପୃଥକ୍ । Propaganda ଗଳାବାଜି ଦୂଷଣୀୟ ନୁହେଁ; ମାତ୍ର ତାହାର ପୃଥକ୍ କ୍ଷେତ୍ର ଅଛି । କଳ୍ପନାର ମାଧୁର୍ଯ୍ୟ ବା ରସସୃଷ୍ଟିର ସୌନ୍ଦର୍ଯ୍ୟ ସେଥିରେ ଅନୁଭୂତ ହୋଇ ନପାରେ । ବଂଶୀର ତାନଲୟ ମଧ୍ୟରେ ବାଷ୍ପୀୟ ଯାନର ଉତ୍କଟ ଶବ୍ଦ ଯେପରି ସ୍ଥାନ ପାଇ ନ ପାରେ ସେହିପରି ସାହିତ୍ୟ ମଧ୍ୟରେ ଉଗ୍ରମତବାଦର ତୀବ୍ର ଅଭିବ୍ୟକ୍ତି ମଧ୍ୟ ସ୍ଥାନ ପାଇ ନ ପାରେ । ଅନ୍ୟାନ୍ୟ ଦେଶରେ ଯେଉଁ ଆଧୁନିକ ସାହିତ୍ୟ ଗଢି ଉଠିଅଛି ସେଥିରେ ନାନା ପ୍ରକାରର ରସସୃଷ୍ଟି ଆମ୍ଭମାନଙ୍କୁ ଆନନ୍ଦ ଦେଇଥାଏ । ଇଂରାଜୀରେ ଏକଦିଗରେ Yeatsଙ୍କର ପରାପଦାର୍ଥବାଦ (Mysticism), ଅନ୍ୟ ଦିଗରେ Shawଙ୍କର ଶ୍ଳେଷ ସାହିତ୍ୟ; ଏକଦିଗରେ ବିସ୍ତୁତାଲ୍ଲିକତା ଓ ଭୋଗର ଆବାହନ, ଅନ୍ୟଦିଗରେ ପରମାର୍ଥବାଦ ଓ ଦୁଃଖା-ନୁଭୂତିର ପରାକାଷ୍ଠା; ଏକ ଦିଗରେ ସୁମିଷ୍ଟ ସ୍ୱଦେଶ ପ୍ରୀତି; ଅନ୍ୟ ଦିଗରେ ବିଦେଶୀ ସାହିତ୍ୟର ମଣିକାଞ୍ଚନ ସଞ୍ଚୟନର ଅକ୍ଳାନ୍ତ ପ୍ରୟାସ; ଏହିପରି ନାନା ବିଭବର ଏକତ୍ର ସମାବେଶ ଥିବାରୁ ଇଂରାଜୀ ସାହିତ୍ୟ ଆଜିକାଲି କ୍ରମଶଃ ଉନ୍ନତିର ଚରମ ସୀମାରେ ପହଞ୍ଚି ପାରିଅଛି । ମାତ୍ର ଆମ୍ଭେମାନେ ତାହା ଅସମ୍ପୃକ୍ତ ଭାବରେ ଚର୍ଚ୍ଚା କରି କେବଳ କେତେକ ସହଜସାଧ୍ୟ ଉଦ୍ଦାମଭାବ ଓ ଭାଷାର ଅନୁକରଣ ଦ୍ୱାରା ଅନ୍ୟକୁ ଚମତ୍କୃତ କରିବା ମାନସରେ ବୀଭତ୍ସତାର ପ୍ରଶ୍ରୟ ଦେଉଅଛୁଁ ଓ ରସ ସୃଷ୍ଟିର ଅନ୍ତର୍ନିହିତ ଉପାଦାନମାନ ଭୁଲିଯାଇ ମୋହାନ୍ଧକାରର ସୃଷ୍ଟି କରୁଅଛୁଁ । ଆଜିକାଲି ଏହି ଉଦ୍ଦାମ ବୀଭତ୍ସତାର ଅନୁସରଣ କରିବାରେ ମତ୍ତ ହୋଇ ଉତ୍କଳର ସାହିତ୍ୟିକମାନେ ନାଟକ-ରଚନା ଏକାବେଳକେ ପରିହାର କରି-ଅଛନ୍ତି । ପ୍ରକୃତିର ମନୋମୁଗ୍ଧକର ଶ୍ୟାମଳମୂର୍ତ୍ତି ସେମାନଙ୍କୁ ମୁଗ୍ଧ କରି ପାରୁନାହିଁ । ଚିରରହସ୍ୟମୟୀ ପ୍ରକୃତିର ଲୀଳା ସେମାନଙ୍କୁ ବିମୋହିତ କରି ନୂତନ ରସସୃଷ୍ଟି ନିମନ୍ତେ ଉଦ୍ବୁଦ୍ଧ କରୁନାହିଁ ଓ ମନୁଷ୍ୟ ଜୀବନର ନାନା ବୈଚିତ୍ର୍ୟଦ୍ୱାରା ସେମାନଙ୍କର ହୃଦୟ ଓ ମନ ଆକୃଷ୍ଟ ହେଉନାହିଁ । କେବଳ ଝଞ୍ଜାର ଅକ୍ଳାନ୍ତଗତି, ବହ୍ନିର ଅନନ୍ତ ଧ୍ୱଂସ ପ୍ରଚେଷ୍ଟା, ନାରୀର ନଗ୍ନକାମ ପ୍ରବୃତ୍ତି ଓ ତାରୁଣ୍ୟର ଅପ୍ରତିହତଲାଳସା ଦ୍ୱାରା କୌଣସି ସାହିତ୍ୟ ପୁଷ୍ଟ ହୋଇ ପାରେ ନାହିଁ, ଏହାହିଁ ମୋର ବିଶ୍ୱାସ ।

ଅବଶ୍ୟ ପୁରାତନ ରୀତିନୀତିଦ୍ୱାରା ସବୁବେଳେ ସାହିତ୍ୟକୁ ନିୟମିତ କରିବା ଉଚିତ ନୁହେଁ । ମାତ୍ର ସାହିତ୍ୟର ପରିକଳ୍ପନା ମଧ୍ୟରେ ପୂର୍ବବର୍ତ୍ତୀ ସମାଲୋଚକମାନେ ଯେଉଁ ସତ୍ୟଶିବସୁନ୍ଦର ରସମୟ ବିଷୟ ବସ୍ତୁର ଅବତାରଣା କରିଥିଲେ, ତାହା ବର୍ତ୍ତମାନ ମଧ୍ୟ ଲୋକସମାଜରେ ସୁପ୍ରତିଷ୍ଠିତ ରହିବା ଉଚିତ । ସାହିତ୍ୟିକ ସତ୍ୟ ଅନ୍ୟାନ୍ୟ ସତ୍ୟଠାରୁ ଭିନ୍ନ, ଏହା କେବଳ ବାସ୍ତବ ସତ୍ୟ ଅଥବା ବର୍ତ୍ତମାନ ପରିସ୍ଥିତିରେ ପର୍ଯ୍ୟବସିତ ନୁହେଁ । ସାହିତ୍ୟିକ ସତ୍ୟ ଅନନ୍ତ ସତ୍ୟର ଆଭାସ ଦେବାକୁ ସର୍ବଦା ସଚେଷ୍ଟ । ଏହି ସତ୍ୟର ଅନୁଭୂତି ବିଶ୍ୱବ୍ରହ୍ମାଣ୍ଡବ୍ୟାପୀ ଅନନ୍ତ ଜୀବନର କ୍ଷୁଦ୍ର କଥାମାନଙ୍କୁ ନାନାଭାବରେ ରଞ୍ଜିତକରି ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ପ୍ରୟାସ କରେ, ଏହି ସତ୍ୟର ଅନୁସରଣ ଅନନ୍ତ କାଳର ବ୍ୟବଧାନକୁ ଅତିକ୍ରମ କରି ଅତୀତ ଓ ଭବିଷ୍ୟତ ସହିତ ବର୍ତ୍ତମାନର ସଂଯୋଗ ପ୍ରତିଷ୍ଠିତ କରେ ଓ ପ୍ରତ୍ୟେକ ବିଷୟ-ବସ୍ତୁକୁ ନାନାଦିଗରୁ ଅନୁଶୀଳନ କରି ତାର ଅନ୍ତର୍ନିହିତ ରୂପକୁ ଉଦ୍ଘାଟିତ କରିବାକୁ ସଚେଷ୍ଟ ହୁଏ । ନାରୀର ନାରୀତ୍ୱ ମଧ୍ୟରେ ତାହାର କାମିନୀତ୍ୱ, ତାହାର ରମଣୀତ୍ୱ, ତାହାର ମାତୃତ୍ୱ, ତାହାର ସହଧର୍ମିଣୀତ୍ୱ ସମ୍ୟକ୍ ଉପଲବ୍ଧି କରି ସେ ସମସ୍ତ ମଧ୍ୟରୁ ସୌନ୍ଦର୍ଯ୍ୟ ସୃଷ୍ଟିର ଉପାଦାନ ବା ରସବସ୍ତୁର ସନ୍ଧାନ ସଂଗ୍ରହ କରିବା ନିମନ୍ତେ ଯଦି ଅଶକ୍ତ ହୁଏ, ତେବେ ସେହି କବି ସାହିତ୍ୟକ୍ଷେତ୍ରରେ କେବେହେଁ ପ୍ରତିଷ୍ଠା ଲାଭ କରିବା ନିମନ୍ତେ ସକ୍ଷମ ହେବ ନାହିଁ । ଆମ୍ଭମାନଙ୍କ ସାହିତ୍ୟରେ ଏଥି ସକାଶେ ନାନା ସମୟରେ ନାନା ଭାବଧାରା ସ୍ଥାନ ପାଇଅଛି । ଆମ୍ଭେମାନେ ସାହିତ୍ୟ ମଧ୍ୟରେ ନାରୀର ଅନ୍ନପୂର୍ଣ୍ଣାମୂର୍ତ୍ତି ଦେଖିବାକୁ ଯେପରି ଅଭ୍ୟସ୍ତ, ଲୋଲରସନା, ନୃମୁଣ୍ଡମାଳିନୀ, ଦିଗମ୍ବରୀ, ଯୋଗିନୀପରିବୃତା, ଯୁଦ୍ଧନିରତା, କରାଳବଦନା ଶ୍ୟାମା ମୂର୍ତ୍ତି ମଧ୍ୟ ସେହିପରି ଭାବରେ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ ହେବାର ଯୋଗ୍ୟ; କାରଣ

Digitized by srujanika@gmail.com

ଉଭୟେ ଏକ ବିରାଟ ସତ୍ୟର ବିଭିନ୍ନ ଅଭିମୁଖର ବିକାଶ ମାତ୍ର । ସାହିତ୍ୟରେ ପାର୍ବତୀର ହୃଦୟରେ ଅନ୍ତର୍ନିହିତ କୋମଳ ବୃତ୍ତିଚୟର କଳ୍ପନା କରାଯାଇଥାଏ, କାରଣ ଏହି ଚରିତ୍ରରେ ସତ୍ୟର ଓ ସୌନ୍ଦର୍ଯ୍ୟର ଆଭାସ ରହିଅଛି । ଏହିପରି ନାରୀର ଅଭିମାନ ମଧ୍ୟରେ ମାଧୁର୍ଯ୍ୟର ପରିକଳ୍ପନା, ଧ୍ୱଂସର ଲେଲିହାନ ବହ୍ନି ମଧ୍ୟରେ ସୃଷ୍ଟିର ପ୍ରତିଷ୍ଠାନ ମଧ୍ୟ ସାହିତ୍ୟରେ ସ୍ୱୀକୃତ ହୁଏ; କାରଣ ଏହା ମଧ୍ୟରେ ସଂପୃକ୍ତ ସୌନ୍ଦର୍ଯ୍ୟବୋଧ ଅନ୍ତର୍ନିହିତ ରହିଅଛି । ମନୁଷ୍ୟର କଳ୍ପନା ଯେଉଁ ବିଷୟବସ୍ତୁମାନଙ୍କରୁ ରସଗ୍ରହଣ କରିବାକୁ ସମର୍ଥ ହୁଏ, ମନୁଷ୍ୟର ମନୋରାଜ୍ୟରେ ଯେତେ ପ୍ରକାର ଭାବ ନାନା ଅବେଷ୍ଟନୀ ମଧ୍ୟରେ ଉଦ୍ଭୂତ ଓ ବିଳୟ ପ୍ରାପ୍ତ ହୁଏ, ସେ ସମସ୍ତ ସାହିତ୍ୟର ଉପାଦାନ; ସେ ସମସ୍ତ ସାହିତ୍ୟିକ ସତ୍ୟ ଓ ସାହିତ୍ୟର ବିଷୟବସ୍ତୁ ଏବଂ ପ୍ରତ୍ୟେକ ସାହିତ୍ୟିକ ଏ ସମସ୍ତ ବିଷୟବସ୍ତୁକୁ ଗ୍ରହଣ କରି ନୂତନ ସୃଷ୍ଟି କରିବାରେ ଅଧିକାରୀ । ସାହିତ୍ୟିକ ସତ୍ୟ ସଂକୀର୍ଣ୍ଣ ସତ୍ୟ ନୁହେଁ । ଏହି ସତ୍ୟ ଅନନ୍ତ ଅସୀମ କଳ୍ପନାଗ୍ରାହ୍ୟ ପଦାର୍ଥ ଓ ଚିରନ୍ତନ ବସ୍ତୁର ଅକଳନ୍ତ ରୂପର ଅସୀମ ପ୍ରକାଶ ମଧ୍ୟରେ ଏହା ପର୍ଯ୍ୟବସିତ ।

ମାତ୍ର ଏହି ସତ୍ୟକୁ ଅନଂ ଦୁଇ ଗୋଟି ଅନୁଭୂତି ମଧ୍ୟରେ ଧାରଣ କରି ନ ପାରିଲେ ଏହାର ସାହିତ୍ୟିକ ରୂପ ସହଜରେ ପ୍ରତିଭାତ ହୁଏ ନାହିଁ । ଏହି ଦୁଇଗୋଟି ଅନୁଭୂତି ସୌନ୍ଦର୍ଯ୍ୟର ଓ କଲ୍ୟାଣର ଅନୁଭୂତି । ଯାହା ସମାଜର କଲ୍ୟାଣକର ନୁହେଁ, ଯେଉଁଥିରେ ପାପବାସନାମାନ ମନ ମଧ୍ୟରେ ଉଦ୍ରିକ୍ତ ହୋଇ ମନକୁ କଳୁଷିତ କରିପାରେ, ଯାହାଦ୍ୱାରା ଆପାତ ଆନନ୍ଦ ଲାଭ ହେଲେହେଁ ଜୀବନର ଭବିଷ୍ୟତ୍ ମାଧୁର୍ଯ୍ୟ ଓ ଶାନ୍ତ ଶ୍ରୀ ନଷ୍ଟ ହୋଇଯିବ ଓ ମନ ମଧ୍ୟରେ ଗ୍ଳାନି ଜାତ ହୋଇ ମନୁଷ୍ୟର ଜୀବନକୁ ବିପର୍ଯ୍ୟସ୍ତ କରିଦେବ, ସେ ସମସ୍ତ ସତ୍ୟ ସାହିତ୍ୟିକ ସତ୍ୟ ବୋଲି ଗ୍ରହଣୀୟ ହୋଇ ନ ପାରେ । ସାହିତ୍ୟିକ କେବଳ ନିଜର ଉଦ୍ଦାମ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଉଦ୍ବେଳିତ ହୃଦୟର ଅନ୍ତରତମ ବାସନାକୁ ଲୋକ ସମକ୍ଷରେ ପ୍ରକାଶ କରେ ନାହିଁ । ତାହାର ଉଦ୍ଦେଶ୍ୟ ରସସୃଷ୍ଟି ଦ୍ୱାରା ନିଜର ଜୀବନକୁ ମଧୁମୟ କରି ପାଠକମାନଙ୍କ ମନରେ ମାଧୁର୍ଯ୍ୟ ବିତରଣ କରିବା, ଶାନ୍ତ ଆନନ୍ଦକୁ ଅନୁଭବ କରି ଅନ୍ୟର ପ୍ରାଣରେ ମଧୁରଆନନ୍ଦସମ୍ଭୋଗର ପ୍ରେରଣା ଜାଗରୂକ କରିବା । ଆମ୍ଭମାନଙ୍କର ଜୀବନ ଏପରି ଭାବରେ ଗଠିତ ଯେ କେବଳ ଭୋଗଦ୍ୱାରା, ଅନାବିଳସୁଖସମ୍ଭୋଗଦ୍ୱାରା ବା ନିୟତ ବିଳାସବାସନାର ପରିତୃପ୍ତିଦ୍ୱାରା ଜୀବନରେ ପ୍ରଗାଢ଼ ଆନନ୍ଦ ପାଇବା ଅସମ୍ଭବ; କାରଣ ଏହି ଆନନ୍ଦ ଲାଭ କରିବାକୁ ହେଲେ ଦୁଃଖ ଦୈନ୍ୟ କ୍ଳେଶକୁ ବରଣ କରିନେବାକୁ ହୁଏ, ସଂଯତ—ଭାବାବେଗ ଦ୍ୱାରା ଜୀବନକୁ ନିୟନ୍ତ୍ରିତ କରିବାକୁ ହୁଏ, ଅନନ୍ତର ଆସ୍ୱାଦଲାଭ କରି ନିଜର କ୍ଷୁଦ୍ରତାକୁ ବିସ୍ମୃତ ହେବାକୁ ହୁଏ ଓ ତ୍ୟାଗର ବିରାଟ ମହିମାଦ୍ୱାରା ନିଜର ଜୀବନକୁ ଭାସ୍ୱର କରିବାକୁ ହୁଏ । ସଂସାରର, ସମାଜର ମଙ୍ଗଳକର ଭାବନାଚୟ ଭୋଗର ପ୍ରେରଣା ମଧ୍ୟରେ ମିଳିବା ସମ୍ଭବ ନୁହେଁ ଓ ସମାଜର ଯାହା କଲ୍ୟାଣକର ତାହା କେବଳ ଅଶାନ୍ତ ଆବେଗ ବା ଅସଂଯତୋଚ୍ଛ୍ୱାସ ମଧ୍ୟରେ ପାଇବା ସହଜ ନୁହେଁ । ଏଣୁ ଯଦି କେବଳ ଧ୍ୱଂସର ମୋହମଧ୍ୟରେ, ତାରୁଣ୍ୟର ସଂଯମପରାଙ୍ମୁଖତାମଧ୍ୟରେ ବା କାମନାର ବହ୍ନିମଧ୍ୟରେ ଆମ୍ଭେମାନେ ସାହିତ୍ୟର ଉପାଦାନ ଖୋଜିବୁଁ, ତେବେ ତାହା କେବେହେଁ ସଫଳ ହେବ ନାହିଁ । ଆମ୍ଭମାନଙ୍କର ସାହିତ୍ୟରେ ଶିବଙ୍କର ଯେଉଁ ପରିକଳ୍ପନା, ସେଥି ମଧ୍ୟରେ ବିରାଟ ଯୋଗସ୍ତବ୍ଧ ସୌମ୍ୟମୁଖାରବିନ୍ଦର ଚିତ୍ର ରହିଅଛି, ସ୍ନିଗ୍ଧ ଗଙ୍ଗାଧାରା ତାଙ୍କର ଜଟା ଦେଶରୁ ପ୍ରବାହିତ ହୋଇ ଜଗତକୁ ଶାନ୍ତିବାରି ପ୍ରଦାନ କରି ଦୁଃଖତାପ ହରଣ କରୁଅଛି, ଭାଲରେ ଶୀତଳାଂଶୁଚନ୍ଦ୍ର ପ୍ରତିଭାତ ହୋଇ ସଂସାରକୁ ଉଦ୍ଭାସିତ କରି ମୋହର ଅନ୍ଧକାର ଅପନୋଦନ କରୁଅଛି; ମାତ୍ର ଅନ୍ୟ ଦିଗରେ ଧ୍ୱଂସବ୍ୟାପୃତ ନଟରାଜଙ୍କ ତାଣ୍ଡବଲୀଳା ଓ ପ୍ରଳୟଙ୍କର ଡମ୍ବରୁଧ୍ୱନିର ଆଭାସ ମଧ୍ୟ ଅଛି । ସଂସାରରେ, ସମାଜରେ ଉଭୟବିଧ କଳ୍ପନାର ଏକତ୍ର ସମାବେଶ ପ୍ରୟୋଜନ ଅଛି; ଉଭୟ ପ୍ରକାରର ବିଷୟବସ୍ତୁ ଯଥାଯଥ ଭାବରେ ସାହିତ୍ୟର ଉପାଦାନସ୍ୱରୂପ ବ୍ୟବହୃତ ହୋଇପାରେ । ମାତ୍ର ଭୋଗେଚ୍ଛା ପ୍ରବଳଥିବା ସ୍ଥଳେ ଓ ସ୍ୱତଃ ଲୋକମାନେ ତାହାଦ୍ୱାରା ଆକୃଷ୍ଟ ହେଉଥିବା ସ୍ଥଳେ ତ୍ୟାଗର, ସଂଯମର ମହିମା ପ୍ରଚାର କରିବା ସାହିତ୍ୟିକର ପ୍ରଧାନ କର୍ତ୍ତବ୍ୟ ହୋଇଥାଏ । ଯେତେବେଳେ ଗୌରୀ ଶିବଙ୍କୁ ଲାଭ କରିବା ନିମନ୍ତେ ବ୍ୟଗ୍ର ହେଲେ, ତେତେବେଳେ ନିଜର ରୂପ-ଐଶ୍ୱର୍ଯ୍ୟଦ୍ୱାରା ତାଙ୍କୁ ମୁଗ୍ଧ କରିବାକୁ ସକ୍ଷମ ହେଲେ ନାହିଁ; ମାତ୍ର ଯେତେବେଳେ ତପଃକୃଶା, ଶୀର୍ଣ୍ଣାଙ୍ଗୀ, ମ୍ଳାନମୁଖଶ୍ରୀ ଗୌରୀ ଶିବଙ୍କ ନୟନ-ପଥରେ ପଡ଼ିଲେ, ତେତେବେଳେ ସେ ଶିବଙ୍କର ପ୍ରୀତି ଆକୃଷ୍ଟ କରିବାକୁ ସମର୍ଥ ହୋଇଥିଲେ । ଆଜିକାଲି ସମସ୍ତ ସାମାଜିକ-ବନ୍ଧନ-ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ପଙ୍କତିଳକ ପିନ୍ଧିବା ଏକ ପ୍ରକାର ରୀତି ହୋଇଅଛି; ମାତ୍ର ଏହା କେବଳ ରାଜନୀତିକ ପ୍ରଚାରର ଅଂଶ ବିଶେଷ, ଏହା ସାହିତ୍ୟ ନୁହେଁ । ଏଥିରେ ସମାଜର ମଙ୍ଗଳ ନାହିଁ; କାରଣ ସମାଜ ବନ୍ଧନ ଓ ସଂଯମ ଉପରେ ପ୍ରତିଷ୍ଠିତ; ମାତ୍ର ଆଧୁନିକ ତରୁଣ-ପରିକଳ୍ପନା ବନ୍ଧନ ଓ ସଂଯମ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ନିମନ୍ତେ ଉନ୍ମୁଖ । ଆଜିକାଲି ସାହିତ୍ୟରେ ନିଜର ବ୍ୟକ୍ତିତ୍ୱ ଦେଖାଇବାର ଯେଉଁ ପ୍ରଚେଷ୍ଟା, ନଗ୍ନ ବାସ୍ତବତାର ରୂପକୁ ଅହରହଃ ଅନୁଶୀଳନ କରିବା ନିମନ୍ତେ ଯେଉଁ ଆଗ୍ରହ, ସଂସ୍କାର ବିରୁଦ୍ଧରେ ଯେଉଁ ବିଦ୍ରୋହ ସାହିତ୍ୟରେ ବିଭ୍ରାନ୍ତତାର ପ୍ରଶ୍ରୟ ଦେଉଅଛି, ସେ ସମସ୍ତ ବିରୁଦ୍ଧରେ ସ୍ପଷ୍ଟ ଭାବରେ ସାହିତ୍ୟିକମାନଙ୍କର ମତ ବ୍ୟକ୍ତ ହେବା ପ୍ରୟୋଜନ ।

ସାହିତ୍ୟର ଏକମାତ୍ର ଉଦ୍ଦେଶ୍ୟ ସୌନ୍ଦର୍ଯ୍ୟ ଓ ରସସୃଷ୍ଟି । ନାନା ବର୍ଣ୍ଣର ଏକତ୍ର ସଂଯତସମାବେଶଦ୍ୱାରା ନାନାଭାବର ସୁପ୍ରତିପାଦିତ ବିଭବଦ୍ୱାରା, ନାନା ଅଲଙ୍କାରମୁଖର ଭାଷାର ମାଧୁର୍ଯ୍ୟଦ୍ୱାରା କବି ଏହି ସୌନ୍ଦର୍ଯ୍ୟ ସୃଷ୍ଟି କରିପାରେ । କେବଳ ରକ୍ତଚ୍ଛଟାର ନିରାଲମ୍ବ ବିଭୀଷିକା ଦ୍ୱାରା, କେବଳ ବିକଟ ଗର୍ଜ୍ଜନର

Digitized by srujanika@gmail.com

ଘୋର ଆରାବ ଦ୍ୱାରା କେବଳ ଉଦ୍ଦାମ ଆବେଗମୟ ଗତି-ପ୍ରକ୍ରିୟା ଦ୍ୱାରା କେବେହେଁ ସୌନ୍ଦର୍ଯ୍ୟ-ସୃଷ୍ଟି ହୋଇ ନ ପାରେ । ମେଘ ସୁନ୍ଦର, କାରଣ ତାହା ସୂର୍ଯ୍ୟର ପ୍ରଖର ଆଲୋକର ଯବନିକାସ୍ୱରୂପ ଆମ୍ଭମାନଙ୍କ ସମ୍ମୁଖରେ ପ୍ରତିଭାତ. ତାହା ମଧ୍ୟରେ ପୃଥିବୀର ସନ୍ତାପହାରିଣୀ ଜଳବିନ୍ଦୁ ବର୍ତ୍ତମାନ, ତାହାର ମସୀବର୍ଣ୍ଣ ଦେହ ବିଦ୍ୟୁତର ଆଲୋକ-ସମ୍ପାତରେ ଉଦ୍ଭାସିତ ହୋଇଉଠେ । ତାହାର ବକ୍ଷ ସୂର୍ଯ୍ୟଚନ୍ଦ୍ରତାରକା ପ୍ରଭୃତି ନୈସର୍ଗିକ ଓ ବଳାକା ପ୍ରଭୃତି ପାର୍ଥିବ ପଦାର୍ଥମାନଙ୍କର ଲୀଳାକ୍ରୀଡ଼ା ଦ୍ୱାରା ନିତ୍ୟ ରହସ୍ୟମୟ ହୋଇଥାଏ । ଏହି ସବୁ ନାନା ବିଚିତ୍ର ରୂପଚ୍ଛଟା, ରସ-ସମାବେଶ ନ ଥିଲେ ମେଘର ସୌନ୍ଦର୍ଯ୍ୟ ଆମ୍ଭମାନଙ୍କର ହୃଦୟଙ୍ଗମ ହୁଅନ୍ତା ନାହିଁ ଓ ତାହାଦ୍ୱାରା ସାହିତ୍ୟିକ ରସସୃଷ୍ଟି ମଧ୍ୟ ସମ୍ଭବ ହୁଅନ୍ତା ନାହିଁ । ନୂପୁରର କଳକିଙ୍କଣ, ବଂଶୀର ହୃଦୟଗ୍ରାହୀ ସୁମଧୁର ଧ୍ୱନି, ପ୍ରକୃତିର ଚିରନବୀନ ଶ୍ୟାମରୂପଶ୍ରୀ, ପ୍ରେମର ଅନନ୍ତ ଅଭିବ୍ୟକ୍ତି ଏ ସମସ୍ତ ମଧ୍ୟରେ ସୌନ୍ଦର୍ଯ୍ୟ ଅଛି; କାରଣ ଏ ସମସ୍ତଙ୍କୁ ନାନା ରୂପ, ରସ ଓ ଭାବ ନିଚୟର ଯବନିକା-ରୂପେ କଳ୍ପନା କରି ଯାଇପାରେ । ସୌନ୍ଦର୍ଯ୍ୟ ଏକଦେଶଦର୍ଶୀ ନୁହେଁ; କିମ୍ବା କେବଳ ଉଚ୍ଛ୍ୱାସ ମଧ୍ୟରେ ପର୍ଯ୍ୟବସିତ ନୁହେଁ । ପଙ୍କିଳପୂତିଗନ୍ଧମୟ ପଦାର୍ଥମାନଙ୍କର ଅସଂଯତ ବ୍ୟବହାରଦ୍ୱାରା ମନମଧ୍ୟରେ ସୌନ୍ଦର୍ଯ୍ୟର ଆଭାସ ସ୍ଥିର ହୋଇ ରହି ପାରେନାହିଁ । ଏହା ଯଦି କୌଣସି ସାହିତ୍ୟିକ ବୁଝି ନ ପାରେ, ତେବେ ତାହାର ସୃଷ୍ଟି ସାହିତ୍ୟ କେବେହେଁ ସ୍ଥାୟୀ ଆସନ ଲାଭ କରି ପାରିବ ନାହିଁ ।

ଧ୍ୱଂସର ପ୍ରଚେଷ୍ଟାରେ ଆନନ୍ଦ ବା ସୌନ୍ଦର୍ଯ୍ୟ ନାହିଁ, ସୃଷ୍ଟିର ପ୍ରୟାସରେ ସୌନ୍ଦର୍ଯ୍ୟ ନିହିତ ଅଛି; ଏହା ପ୍ରଥମେ ଅନୁଭବ କରିବା ପ୍ରୟୋଜନ । ମନୁଷ୍ୟ ସାମାନ୍ୟ ଅସ୍ଥିଚର୍ମସାର ଆବେଗମୟ ଜୀବନ ନୁହେଁ, ବିରାଟ ପରମପୁରୁଷ ପରମାତ୍ମାଙ୍କ ସହିତ ତାହାର ହୃଦୟର ପ୍ରେମସଂଯୋଗ ରହିଅଛି । କ୍ରମଶଃ ମାନବ ଅନନ୍ତ ଜୀବନର ଅଧିକାରୀ ହୋଇ ଅସୀମ ଆନନ୍ଦ ଉପଭୋଗ କରିପାରିବ, ଏହି ସବୁ କଳ୍ପନା ଦ୍ୱାରା ମନୁଷ୍ୟ ତୃପ୍ତିପାଏ ଓ ଆନନ୍ଦ ଲାଭ କରେ । ଏଣୁ ଏହିପରି କଳ୍ପନାମାନ ସାହିତ୍ୟର ଉପାଦାନ । ପ୍ରକୃତିର ଲୀଳା ମଧ୍ୟରେ ଅନନ୍ତ ସୌନ୍ଦର୍ଯ୍ୟର କଣାମାନ ଉପଲବ୍ଧି କରି ଆନନ୍ଦ ଲାଭ କରି ଯାଇପାରେ । ମନୁଷ୍ୟ-ଜୀବନର ନାନାବିଧ ବିକାଶର ଯବନିକାସ୍ୱରୂପ ପ୍ରକୃତିକୁ ଅନୁଭବ କରି ଯାଇପାରେ । ମନୁଷ୍ୟ ଜୀବନର ଦୁଃଖ ଆନନ୍ଦ କ୍ଲେଶ ପ୍ରେମ ପ୍ରଭୃତି ନାନା ଅବସ୍ଥା ସହିତ ପ୍ରକୃତିର ସହାନୁଭୂତି ଚିତ୍ରିତ ହୋଇପାରେ । ଏଣୁ ପ୍ରକୃତିର ନିତ୍ୟ ନୂତନ ମନୋହର ବେଶନିଚୟ ସାହିତ୍ୟର 'ଉପାଦାନସ୍ୱରୂପ ବ୍ୟବହୃତ ହୋଇଥାଏ । ଯାହା ଆମ୍ଭମାନଙ୍କର ମନକୁ ଆନନ୍ଦ-ରସରେ ଆପ୍ଳୁତ କରିପାରେ, ଯାହା ଆମ୍ଭମାନଙ୍କର ଜୀବନକୁ ମଧୁର ଓ ଶାନ୍ତିମୟ କରିପାରେ, ଯାହା ଆମ୍ଭମାନଙ୍କର ହୃଦୟ ସହିତ ପ୍ରକୃତି ଓ ପରମାତ୍ମାଙ୍କର ଯୋଗାଯୋଗ ଦେଖାଇ ଆମ୍ଭ-ମାନଙ୍କର ଜୀବନର କ୍ଷୁଦ୍ରତାକୁ ଭୁଲାଇ ଦେଇପାରେ, ତାହାହିଁ ସାହିତ୍ୟ । ଏହିପରି ସାହିତ୍ୟର ପ୍ରୟୋଜନ ସଦା ସର୍ବଦା ଆମ୍ଭେ-ମାନେ ଅନୁଭବ କରିଥାଉଁ ଓ ଏହିପରି ସାହିତ୍ୟ ଆମ୍ଭମାନଙ୍କର କାମ୍ୟ । ରାଜନୀତି ବା ଅର୍ଥନୀତିକ ମତବାଦ-ପ୍ରସୂତ ଯେଉଁ ଅଶ୍ଳୀଳତାପୂର୍ଣ୍ଣ ଲେଖା ଆମ୍ଭମାନଙ୍କର ସୁରୁଚିକୁ ଆହତ କରୁଅଛି ଓ ବିଦ୍ରୋହର ବହ୍ନି ସୃଷ୍ଟି କରି ଆମ୍ଭମାନଙ୍କର ଅନ୍ତରକୁ କ୍ଷୁବ୍ଧ କରୁଅଛି ଓ ମର୍ମପୀଡ଼ା ଜାତ କରୁଅଛି ଅଥବା କେବଳ କାମର ଉତ୍କଟ ସ୍ୱୈରାଚାରଦ୍ୱାରା ଆମ୍ଭମାନଙ୍କର ନୀଚ ମନୋଭାବମାନଙ୍କୁ ଉଦ୍ରିକ୍ତ କରୁଅଛି, ତାହା ମଧ୍ୟରେ ସାହିତ୍ୟିକ ସୌନ୍ଦର୍ଯ୍ୟର ଅବକାଶ ନାହିଁ ।

ଅବଶ୍ୟ ପାପର ଛାୟା ମଧ୍ୟରେ ସୌନ୍ଦର୍ଯ୍ୟ ଅନୁଭୂତ ହୋଇ ପାରେ । ପାପୀର ବାହ୍ୟକାଳିମାର ଅନ୍ତରାଳରେ ତାହାର ଅନ୍ତର୍ନିହିତ ମାନବିକତା ପ୍ରତିଷ୍ଠିତ ରହିଅଛି ଓ ପାପର କରାଳଛାୟା ସାହିତ୍ୟିକର ହୃଦୟରେ ବିଦ୍ୱେଷିକାର ସୃଷ୍ଟି ନ କରି ତାହାର ମନକୁ ସହାନୁଭୂତି ଓ ସ୍ନେହରସ ଦ୍ୱାରା ମଧୁର କରିପାରେ । ମାତ୍ର ପାପର ବିରାଟ ବା ମହତ୍ତ୍ୱ ସାହିତ୍ୟରେ ଚିତ୍ରିତ ହୋଇ ନ ପାରେ; କାରଣ ତାହାଦ୍ୱାରା ମାନବିକତାର ଅପମାନ ଘଟିଥାଏ । ମନୁଷ୍ୟର ଅକ୍ଷମତା, ଅପାରଗତାକୁ ଅତିକ୍ରମ କରି ସାହିତ୍ୟିକ ବିରାଟ ମାନବିକତା ପ୍ରତିଷ୍ଠିତ କରିଥାଏ । ଜରାମୃତ୍ୟୁର ମର୍ମନ୍ତୁଦ ଦୁଃଖ ମଧ୍ୟରେ ସାହିତ୍ୟିକ ଅନନ୍ତ ଆନନ୍ଦ-ରସର କଳ୍ପନା କରିଥାଏ । ଶୋକତପ୍ତ ପ୍ରାଣକୁ ପ୍ରେମରସ ଦ୍ୱାରା ଅଭିସିଞ୍ଚିତ କରିଥାଏ । ନିର୍ଝରର ଲୀଳାୟିତ ଗତି ଯେପରି କୌଣସି ସ୍ଥଳରେ କଳନାଦ-ମୁଖର, କୌଣସି ସ୍ଥାନରେ ସ୍ଥିର ଗମ୍ଭୀର ଅଚଞ୍ଚଳ, କୌଣସି ସ୍ଥାନରେ ସୌମ୍ୟରବିଚ୍ଛଟାରେ ଭାସ୍ୱର, କୌଣସି ସ୍ଥାନରେ ପୁଣି ଧ୍ୱଂସଲୀଳାରେ ପ୍ରବୃତ୍ତ ସର୍ବଗ୍ରାସୀ ବାଧାହୀନ ପ୍ରଖର ଗତିଶୀଳ, ସାହିତ୍ୟ ସେହିପରି ନାନା । ଭାବଧାରାଦ୍ୱାରା ଅନୁପ୍ରାଣିତ ଓ ନିତ୍ୟ ନୂତନ ଅଳଙ୍କାରଦ୍ୱାରା ବିଭୂଷିତ ହୋଇ ନାନା ସୃଷ୍ଟି ପ୍ରୟାସଦ୍ୱାରା ଆମ୍ଭମାନଙ୍କର ଜୀବନକୁ ମଧୁର ଓ ଉଦ୍ଦୀପିତ କରି ପାରେ ଓ ସେହି କାରଣରୁ ଆମ୍ଭମାନଙ୍କ ସାହିତ୍ୟରେ ଧ୍ୱଂସବିଳାସୀ ମୁକ୍ତିକାମୀ ଭାବଧାରା ବା ଉଦ୍ଦୀପନାମୟୀ ଶବ୍ଦ-ସମାବେଶରେ ଭୟର କାରଣ କିଛି ନାହିଁ; ମାତ୍ର ସାହିତ୍ୟ ଯଦି ସେତିକିରେ ପର୍ଯ୍ୟବସିତ ହୁଏ ତେବେ ତାହାଦ୍ୱାରା ରସ ସୃଷ୍ଟିରେ ବାଧାଜାତ ହେବ ଓ ସେପରି ଲେଖା ସାହିତ୍ୟ ନାମର ଅଯୋଗ୍ୟ ହେବ । ସଂସାରର ହାହାକାର ଯାହାର ହୃଦୟକୁ ସ୍ପର୍ଶ କରିନାହିଁ, ସଂସାରର ଦୁଃଖ ବିରୁଦ୍ଧରେ ସଂଗ୍ରାମ କରିବାକୁ ଯେଉଁ ଲୋକ ଉଦ୍ୟତ ହୋଇନାହିଁ ତାହା ପକ୍ଷରେ ସାହିତ୍ୟିକ ହେବା ଅସମ୍ଭବ । ମାତ୍ର ପ୍ରେମର ଅମିୟଧାରାଦ୍ୱାରା ମାନସିକ ବହ୍ନିକୁ ନିର୍ବାପିତ କରିବାରେ ସାହାଯ୍ୟ ନ କରି ଯେଉଁ ଲୋକ ବିପ୍ଳବର ବାତ୍ୟା-ବିକ୍ଷୋଭ ଦ୍ୱାରା ଅନ୍ତରର ଧୂମାୟମାନ ବୁଭୁକ୍ଷାକୁ ଲେଲିହାନ କରେ ତାହାଦ୍ୱାରା ମଧ୍ୟ ଶାନ୍ତ ମଧୁର ଉଚ୍ଚାଙ୍ଗର ସାହିତ୍ୟ ସୃଷ୍ଟି ଅସମ୍ଭବ ।

ଏହି ସାହିତ୍ୟ-ସୃଷ୍ଟି ସାଧନାର ବସ୍ତୁ, ଅନ୍ତରର ପ୍ରେରଣାଦ୍ୱାରା ଏହାର ସୃଷ୍ଟି ସମ୍ଭବ । ନିଜର ଶିକ୍ଷାଦ୍ୱାରା, ସୌନ୍ଦର୍ଯ୍ୟ ଅନୁଭୂତ

Digitized by srujanika@gmail.com

କରିବାର ଶକ୍ତିଦ୍ୱାରା, ମାନସିକ ବୃତ୍ତିମାନଙ୍କର ବିକାଶଦ୍ୱାରା, ହୃଦୟର ଉଦାରତାଦ୍ୱାରା, ଭଗବାନଙ୍କଠାରେ ଆତ୍ମଦାନ କରିବାର ପ୍ରବୃତ୍ତି ଦ୍ୱାରା ଓ ପ୍ରକୃତିର ଶାନ୍ତ ଗମ୍ଭୀର ମଧୁର ରୂପ ଦ୍ୱାରା ଅନୁପ୍ରାଣିତ ହେବାର ଶକ୍ତିଦ୍ୱାରା ସାହିତ୍ୟିକ ନୂତନ ସୃଷ୍ଟି କରିପାରେ ଓ ସମାଲୋଚନାର ତୀବ୍ର କଶାଘାତ ତାଙ୍କୁ ସର୍ବଦା ସତ୍ପଥରେ ଚାଳିତ କରି ନୂତନସାହିତ୍ୟସୃଷ୍ଟିରେ ସାହାଯ୍ୟ କରେ । ବର୍ତ୍ତମାନ ଓଡ଼ିଆ ସାହିତ୍ୟର ନାନା ବିଭାଗରେ ଯେଉଁ ଅବସାଦ ଦେଖା ଯାଉଅଛି ତାହା ଏହି ପରାନୁବର୍ତ୍ତୀ ଆଧୁନିକତାର ଫଳ । ଅବାସ୍ତବ ଭାବବିଳାସ ଓ ଭାଷାର ଉଦାମଗତିକୁ ଆଶ୍ରୟ କରି ବର୍ତ୍ତମାନ ଓଡ଼ିଆ ସାହିତ୍ୟରେ ଯାହା ଗଢ଼ି ଉଠୁଅଛି, ସେଥିର ଧଙ୍କିଳ ଆବର୍ତ୍ତରେ ସ୍ଥିରଗମ୍ଭୀର କଳ୍ପନାମଧୁର ସାହିତ୍ୟ ଲୋପ ପାଇବାକୁ ବସିଅଛି । ନାଟକ ଆଜିକାଲି ସାହିତ୍ୟରଚନା କ୍ଷେତ୍ରରୁ ବିଦାୟ ଗ୍ରହଣ କରିଅଛି, ଉପନ୍ୟାସ ମଧ୍ୟରେ କେବଳ ସ୍ୱୈରାଚାରର ସ୍ଥାନ ପାଉଅଛି, କାବ୍ୟ ଚର୍ଚ୍ଚାରେ କେବଳ ଅଶାନ୍ତ ହୃଦୟର ଉଦାମ ଗତିବେଗ ଅନୁଭୂତ ହେଉଅଛି । କେହି ଭାଷାର ପ୍ରହେଳିକା ରଚନା କରିବାରେ ବ୍ୟସ୍ତ, କେହି ଅନ୍ୟ ଭାଷାର ଗଳ୍ପକୁ ନିଜସ୍ୱ କରି ପ୍ରଚାରିତ କରିବାରେ ତତ୍ପର, କେହି ବିକ୍ଷିପ୍ତ ଚିନ୍ତାରେ ତନ୍ମୟ ଓ କେହି କେବଳ ପୁରାସାହିତ୍ୟର ମାଧୁର୍ଯ୍ୟରେ ଭୋଳ । ସମାଲୋଚନା ପ୍ରାୟ ନାହିଁ । ସାହିତ୍ୟ ସମାଜମାନଙ୍କରେ ଜୀବନର ସ୍ପନ୍ଦନ ନାହିଁ ଓ ସାହିତ୍ୟରସିକମାନଙ୍କର ମଧୁର ତନ୍ମୟତା ରସର ଆସ୍ୱାଦନ ମଧ୍ୟ ନାହିଁ । ସବୁଆଡ଼େ କେବଳ କ୍ଷୁଦ୍ର ଲାଭର ମୋହ, କ୍ଷଣିକ ଉଚ୍ଛ୍ୱାସନର ଲୋଭ ଓ ସାମୟିକ ଭାବବିଳାସ ଓ ଭାଷାର ବ୍ୟଭିଚାର । ଏହି ଅବସାଦଗ୍ରସ୍ତ ସାହିତ୍ୟ-ସୃଷ୍ଟି ମଧ୍ୟରେ ଯେଉଁମାନେ ଭାଷାକୁ ସବଳ କରିବା ନିମନ୍ତେ ତତ୍ପର, କୋଷଗ୍ରନ୍ଥ ରଚନା କରି ଭାଷାର ଶବ୍ଦ-ସାମର୍ଥ୍ୟ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ସକ୍ଷମ, ଗଦ୍ୟର ଭାଷାକୁ ନିୟନ୍ତ୍ରିତ କରି ଦାର୍ଶନିକ ଭାବନାଚୟକୁ ପ୍ରକାଶ କରିବା ଦ୍ୱାରା ସାହିତ୍ୟରେ ନୂତନ ଚିନ୍ତା ଭାଷାରେ ନୂତନ ଶୈଳୀ, ଆଣିବାରେ ଉନ୍ମୁଖ, ଐତିହାସିକ-ତଥ୍ୟ-ପୂର୍ଣ୍ଣ ମୁକ୍ତିବିଚାର-ଯୁକ୍ତ ପ୍ରବନ୍ଧାଦିଦ୍ୱାରା ମାତୃଭାଷାକୁ ଅଳଙ୍କୃତ କରିବାରେ ତତ୍ପର, ବାସ୍ତବତାର ପ୍ରତିଷ୍ଠାଦ୍ୱାରା ଜୀବନକୁ ବିଶ୍ଳେଷଣ କରିବାକୁ ସଦା ସଚେଷ୍ଟ ଓ ମଧୁର ସୁରଲହରୀଦ୍ୱାରା ଭାଷାର ବିଭବକୁ ବଢ଼ାଇବାରେ ବ୍ୟସ୍ତ, ସେମାନେ ସମସ୍ତେ ଆମ୍ଭମାନଙ୍କର ନମସ୍ୟ ଓ ସେମାନଙ୍କଠାରେ କୃତଜ୍ଞ ଥାଇ ନୂତନସାହିତ୍ୟସୃଷ୍ଟିପ୍ରଚେଷ୍ଟାଦ୍ୱାରା ଆମ୍ଭମାନଙ୍କର ମାତୃଭାଷାକୁ ଧନଶ୍ରିତ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ଓ ଏହି କର୍ତ୍ତବ୍ୟକୁ ସ୍ମରଣ କରି କାର୍ଯ୍ୟରେ ଅଗ୍ରସର ହେବାହିଁ ଏପ୍ରକାର ସାହିତ୍ୟିକ ସମ୍ମିଳନୀର ଏକମାତ୍ର ଲକ୍ଷ୍ୟ ।

ଆମ୍ଭମାନଙ୍କ ସମ୍ମୁଖରେ ନାନା କର୍ତ୍ତବ୍ୟ ବିଦ୍ୟମାନ । ପୁରାକାଳରୁ ସାହିତ୍ୟିକମାନେ ମାନବର ଅକ୍ଷମତା ଓ ଅପାରଗତାର ଆବରଣ ମଧ୍ୟରେ ଜରା ରୋଗ ଓ ମୃତ୍ୟୁର ବିଭୀଷିକା ମଧ୍ୟରେ, ପାପ ଓ ମନର ସଙ୍ଘ ମଧ୍ୟରେ ସୌନ୍ଦର୍ଯ୍ୟର ଉପାଦାନ ଖୋଜି ବୁଲୁଅଛନ୍ତି । ଆଧୁନିକ କବିମାନଙ୍କ ମଧ୍ୟରେ ରବୀନ୍ଦ୍ରନାଥ ଉପନିଷଦର ଜ୍ଞାନତତ୍ତ୍ୱ ଓ ବୈଷ୍ଣବ ଧର୍ମର ପ୍ରେମତତ୍ତ୍ୱ ଦ୍ୱାରା ଅନୁପ୍ରାଣିତ ହୋଇ ବଙ୍ଗସାହିତ୍ୟକୁ ନୂତନ ଭାବଧାରା ଦାନ କରି ଧନ୍ୟ ହୋଇଅଛନ୍ତି । ଏଠାରେ ସମବେତ ସାହିତ୍ୟିକମାନେ ବଙ୍ଗସାହିତ୍ୟର ଅନୁଶୀଳନ କରି ନୂତନ ଅଳଂକାର ଓ ଭାବନାଚୟ ଦ୍ୱାରା ସାହିତ୍ୟକୁ ସମୃଦ୍ଧ କରି ନିଜର ଗୌରବ ପ୍ରତିଷ୍ଠା କରିବା ଦିଗରେ ଯତ୍ନ କରିପାରନ୍ତି । ସାହିତ୍ୟ ବାସ୍ତବତାକୁ ଆଶ୍ରୟ କରି ଗଢି ଉଠିବ; ମାତ୍ର ସେଥିରେ କେବଳ ମନୁଷ୍ୟର କ୍ଷୁଦ୍ରତାର ପ୍ରତିଛବି ନ ଥାଇ ମହତ୍ ଉଦାର ମାନବିକତାର ନିର୍ଦ୍ଦେଶ ଥିବ, ସାହିତ୍ୟରେ କଳାର ଆବରଣ ଥିବ, ମାତ୍ର ସେହି ଆବରଣ ଭାବର ଲାବଣ୍ୟକୁ ଉତ୍ତରୋତ୍ତର ବୃଦ୍ଧି କରିବାକୁ ସମର୍ଥ ହେବ । ସାହିତ୍ୟରେ ପ୍ରେମର ଆଦର ଥିବ, ମାତ୍ର ଉଚ୍ଛୃଙ୍ଖଳ ଲାଳସାପ୍ରତି ଲୋକର ମନ ଯେପରି ଆକୃଷ୍ଟ ନ ହୁଏ ତାହାର ଚେଷ୍ଟା ମଧ୍ୟ ଥିବ । କାରଣ ମନୁଷ୍ୟ ଅମୃତ ପଥର ଯାତ୍ରୀ, ଅନନ୍ତ ଜ୍ଞାନ ଅନନ୍ତ ପ୍ରେମ ଅନନ୍ତ ଶକ୍ତିଲାଭ କରିବା ନିମନ୍ତେ ପ୍ରୟାସୀ ଓ ଏହି ପ୍ରୟାସ ମଧ୍ୟରେ ସାମୟିକ ସାମାଜିକ ଲାଞ୍ଛନା ତାହାର ପୁଣ୍ୟକୁ ଉଦ୍ଭାସିତ ଓ ବରେଣ୍ୟ କରି ଦିଏ । ଆପଣମାନେ ଏହା ମନେରଖି ଯଦି ସାହିତ୍ୟ-କ୍ଷେତ୍ରରେ ଅଗ୍ରସର ହୁଅନ୍ତି, ତେବେ ଆପଣମାନଙ୍କ ଦ୍ୱାରା ନୂତନ ସାହିତ୍ୟର ପ୍ରତିଷ୍ଠା ହୋଇପାରେ । ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ନୂତନ ସୃଷ୍ଟିବିଭବଦ୍ୱାରା ସାହିତ୍ୟକୁ ରସାଳ କରିବାକୁ ଅପାରଗ, ସେମାନେ ଓଡ଼ିଆ-ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ, ଓଡ଼ିଆ ଭାଷାର ସମ୍ପୂର୍ଣ୍ଣ ଇତିହାସ ଓ ସମାଲୋଚନା ପ୍ରଭୃତିରେ ବ୍ୟାପୃତ ରହିବା ଉଚିତ । ଏ ଗୁଡ଼ିକ ଜଣେ ଦୁଇଜଣଙ୍କ କାର୍ଯ୍ୟ ନୁହେଁ । ଅନେକ ସାହିତ୍ୟରସିକଙ୍କର ଅକ୍ଲାନ୍ତ ପରିଶ୍ରମଦ୍ୱାରା ଏସବୁ ପୁସ୍ତକ ରଚିତ ହେବା ସମ୍ଭବ । ଓଡ଼ିଶାରେ ଏ କ୍ଷେତ୍ରରେ ଏକମାତ୍ର ଗୌରବ କରିବାର ପୁସ୍ତକ ପ୍ରହରାଜଙ୍କ ଭାଷାକୋଷ ଏବଂ ଏହି ମୟୂରଭଞ୍ଜ ରାଜ୍ୟରୁ ତାହାର ଉତ୍ପତ୍ତି ଓ ମୟୂରଭଞ୍ଜର ମୃତ ସ୍ୱନାମଧନ୍ୟ ନରପତିଙ୍କ ପବିତ୍ର ନାମ ସଙ୍ଗେ ତାହା ସମ୍ପୃକ୍ତ । ସାମାନ୍ୟ ଦଶ ସହସ୍ର ଟଙ୍କାର ସଂସ୍ଥାନ ହେଲେ ଉତ୍କଳ ଭାଷା ଓ ସାହିତ୍ୟର ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇ ପାରନ୍ତା ଓ ଓଡ଼ିଆ ଭାଷାର ବ୍ୟାକରଣ ମଧ୍ୟ ଲିଖିତ ହୋଇ ପାରନ୍ତା ଓ ଆଠ ଦଶ ଜଣ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ଏ ଦିଗରେ ଯତ୍ନ କଲେ ଓ ଅର୍ଥାନୁକୂଲ୍ୟ ପାଇଲେ ଏକବର୍ଷ ମଧ୍ୟରେ ଏ କାର୍ଯ୍ୟମାନ ସୁସମାହିତ ହୋଇ ପାରନ୍ତା । ଏହି ସାହିତ୍ୟ-ସମାଜର ବାର୍ଷିକ ଅଧିବେଶନରେ ଯଦି ଏ କାର୍ଯ୍ୟମାନଙ୍କର ଯୋଜନା ପ୍ରସ୍ତୁତ ହୋଇ କେହି କେହି ଏ କାର୍ଯ୍ୟରେ ବ୍ରତୀ ହୋଇ ଅଗ୍ରସର ହୋଇ ପାରନ୍ତେ, ତେବେ ସାହିତ୍ୟ-ସମାଜ ସ୍ଥାୟୀ କୀର୍ତ୍ତି ଅର୍ଜ୍ଜନ କରି ପାରନ୍ତା ଓ ସାର୍ଥକ ହୁଅନ୍ତା ।

ସମବେତ ସାହିତ୍ୟରସିକବୃନ୍ଦ ! ଆପଣମାନେ ସାହିତ୍ୟର ନିତ୍ୟାନନ୍ଦମୟ ରସାଳ କ୍ଷେତ୍ରରେ ନିତ୍ୟ ବିଚରଣ କରିବାରେ ବ୍ରତୀ, ସାହିତ୍ୟର ମାଧୁର୍ଯ୍ୟ ଆସ୍ୱାଦନ କରି ଆପଣମାନଙ୍କର ଜୀବନ ସରସ ଓ ଧନ୍ୟ, ମାତ୍ର ମୋର ଏତିକି ପ୍ରାର୍ଥନା ଯେ ମାତୃଭାଷାର

Digitized by srujanika@gmail.com

ଉନ୍ନତରେ ବ୍ରତୀ ହୋଇ କୃଚ୍ଛ୍ରସାଧନ ଧନ୍ୟ କର୍ମମୟ ସାହିତ୍ୟିକ ଜୀବନଯାପନ କର, ସଂସାରର ଭୋଗୋନ୍ମୁଖତାକୁ ଅତିକ୍ରମ କର ମାନବ ଜୀବନର ଉଚ୍ଚ ଆଦର୍ଶମାନଙ୍କର ଅମର ଜ୍ୟୋତିରେ ଆପଣମାନଙ୍କର ଜୀବନ ଭାସ୍ୱର ଓ ଉଦ୍ଭାସିତ ହୋଇ ଉଠୁ, ସାହିତ୍ୟ-ସାଧନାର କଲ୍ୟାଣମୟ ବ୍ରତ ଆପଣମାନଙ୍କ ମନରେ ସଦା ଜାଗରୂକ ରହୁ ଓ ଏହାଦ୍ୱାରା ଆମ୍ଭମାନଙ୍କର ମାତୃଭୂମି ଓ ମାତୃଭାଷାର ସମ୍ୟକ୍ ଓ ସମୃଦ୍ଧ ଉନ୍ନତି ସାଧିତ ହେବା ସମ୍ଭବପର ହେଉ ।

କାବ୍ୟ-ବିଶ୍ଳେଷଣ *

ସ୍ଥବିର ଗୁପ୍ତ

(ପୂର୍ବାନୁବୃତ୍ତ)

ଶିଳ୍ପୀର ପୃଷ୍ଠଭୂମି

(ବହିର୍ଜଗତରୁ ଆହୃତ ବିଷୟକୁ ବା ତାହାର ସ୍ମୃତିକୁ କବିଚିତ୍ତ କି ଦୃଷ୍ଟିରେ ଦେଖେ ତାହାହିଁ ଆମର ଆଜିକାର ଆଲୋଚ୍ୟ ।)

ଉତ୍କଳପ୍ରଦୀପରେ ଗତ ସଂଖ୍ୟାରେ ପ୍ରକାଶିତ ଗୋଟିଏ କବିତାକୁ ନେଇ ଆଲୋଚନାର ସୂତ୍ର ଧରିବି । କବିତାଟିର ନାମ "କ୍ଷଣିକତା" । ଧରଣୀର ରଙ୍ଗଭୂମିରେ କ୍ଷଣିକ ସୁଷମାର ନିତ୍ୟ ନବ ଅଭିନୟ ଚାଲିଛି,—କବି ତାର ଦର୍ଶକ । ତାଙ୍କର "ପଲାତକା ତାର ଚପଲ ରାଗିଣୀ ସଙ୍ଗୀତ ରଚେ ମନେ ।

ଯହିଁ ପଡ଼େ ଆଖି, ତହିଁ ଦେଖେଁ ଗତି
ବିରାମ ବିହୀନ ଉଦ୍ଦାମ ଅତି
ଅଣୁ ପରମାଣୁ ନୃତ୍ୟ ପାଗଲ ଗତିର ମଦିରା ପିଇ ।
କ୍ଷଣିକର ନାଟ ଦେଖେଁ ସବୁଠାରେ
ବିଜୁଳିଟି ତାର ଲୀଳା ହୁନଆରେ
କ୍ଷଣିକ ଜୀବନ ଫୁଟୁଛି, ଝଡ଼ୁଛି,—ଉଠୁଅଛି ପୁଣି ଜୀଇ ।"

କ୍ଷଣିକତାର ଏ ବିଜୁଳିଟି ଲୀଳା କବିଙ୍କୁ ଉଲ୍ଲସିତ କରୁଛି । ସେ ଶାଶ୍ୱତକୁ ପଚାରୁଛନ୍ତି,—

କାହିଁ ହେ ନିତ୍ୟ, ଶାଶ୍ୱତ, ଧ୍ରୁବ, କାହିଁ ତମ ରୂପ କାହିଁ ?
ପରିବର୍ତ୍ତନମୟ ଏ ନିଖିଳେ ତୁମକୁ ତ ଦେଖେଁ ନାହିଁ !

*   *   *   *

ସୁନ୍ଦର ସିନା ହସୁ ନ ହସୁଣୁ ପୁଣି ଚାଲି ଯାଏ ବୋଲି
ପଲ୍ଲୀବାଳାର ଚପଲ ଚାହାଣି ଓଢ଼ଣା ଅଳପ—ଖୋଲି ।
ଅସ୍ଥିର ବୋଲି ସିନା ମନୋଲୋଭା, ଲାଜରକ୍ତିମ ଗଣ୍ଡର ଶୋଭା
ଅଥବା ପ୍ରଥମ ମଧୁ-ମିଳନର ଲଜ୍ଜାଳୁ ଚୁମ୍ବନ,
ସୁନ୍ଦର ସିନା ଅସ୍ଥିର ବୋଲି, ସୁନା ତୁଳିଟିକୁ କୁଙ୍କୁମେ ବୋଳି
ସୁନ୍ଦରୀ ଉଷା ପ୍ରାଚୀ-ନଭେ ଯେବେ କରେ ଛବି ଅଙ୍କନ ।

କବି-ଚିତ୍ତରେ ପ୍ରଥମ ଭାବୋନ୍ମେଷ ମାତ୍ରକେ ଯେ ଏ କଥା ଲୁହା ଯାଇ ପାରେ ନା, ତାହା ସମସ୍ତେ ସ୍ୱୀକାର କରିବେ, ଆଶା କରେଁ । ପଲ୍ଲୀବାଳାର ଚପଲ ଚାହାଣି, କିମ୍ବା ଲାଜରକ୍ତିମ ଗଣ୍ଡର ଶୋଭା ଅଥବା ପ୍ରାଚୀପଟରେ ସୁନ୍ଦରୀ ଉଷାର ଅଙ୍କିତ ଛବି,—ଏମାନଙ୍କର ପ୍ରଥମ ଦର୍ଶନ ମନକୁ ମୁଗ୍ଧ କରି ପାରେ । କିନ୍ତୁ ଏ ଗୁଡ଼ିକ ଯେ କ୍ଷଣିକ ବୋଲି ସୁନ୍ଦର—ଏ ଦାର୍ଶନିକତା ପରବର୍ତ୍ତୀ ଚିନ୍ତାରୁ ପ୍ରସୂତ ।

ବର୍ତ୍ତମାନ ବାହ୍ୟ ଜଗତରୁ ଆହୃତ ଏହି ଭାବୋନ୍ମେଷର କାରଣ ଗୁଡ଼ିକର ସୂତ୍ର ଧରି ଯଦି ଆମେ କବିତାଟିର ବିକାଶ ପର୍ଯ୍ୟନ୍ତ କବି ଚିତ୍ତର ଅନୁସରଣ କରୁଁ, ତେବେ ସମ୍ଭବତଃ ଏହିପରି ଦେଖିବା ।

କବିଚିତ୍ତ ବିଭିନ୍ନ ସମୟରେ ବିଭିନ୍ନ ବସ୍ତୁର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଛି । ସେ ସମୟରେ ସୌନ୍ଦର୍ଯ୍ୟର କ୍ଷଣିକତା ବା ଅସ୍ଥିରତାର ପ୍ରଶ୍ନ ଉଠିବା ସମ୍ଭବ ନୁହେଁ—ସେ ପ୍ରଶ୍ନ ଉଠି ନାହିଁ ମଧ୍ୟ । ସେ ସମୟର ସାମୟିକ ଭାବୋଚ୍ଛ୍ୱାସ ଚାଲିଗଲା,—କିନ୍ତୁ କବି-ଚିତ୍ତରେ ରହିଗଲା ତାର ସ୍ମୃତି । ଏହି ଭାବ-ସ୍ମୃତିକୁ ଆଲଙ୍କାରିକ କହିଛନ୍ତି "ବାସନା" । ଏ ବାସନା ସମ୍ଭବତଃ ଭାବ-ବିହ୍ୱଳତାର ମଧୁର ମୁହୂର୍ତ୍ତିଟିକୁ ପୁନରୁଜ୍ଜୀବିତ କରିବାର ବାସନା, ସେହି ମାଧୁର୍ଯ୍ୟର କାରଣିକୁ ଉପଭୋଗ୍ୟ କରି ପୁଣି ସୃଷ୍ଟି କରିବାର ବାସନା ।

"ତୁମି ଆମାର ନିଭୃତ ସାଧନା
ଆମି ଆପନ ମନେର ମାଧୁରୀ ମିଶାଏ ତୋମାରେ କରେଛି ରଚନା ।
ମମ ହୃଦୟ ରକ୍ତ-ରଞ୍ଜନେ ତବ ଚରଣ ଦିଆଛି ରାଙ୍ଗିୟା ।
ତବ ଅଧର ଗଡ଼େଛି ସୁଧା-ବିଷେ ମିଶେ ମମ ସୁଖ-ଦୁଖ ଭାଙ୍ଗିୟା ।
ମମ ମୋହେର ସ୍ୱପନ ଅଞ୍ଜନ ତବ ନୟନେ ଦିୟାଛି ପରାୟେ
ମମ ସଙ୍ଗୀତ ତବ ଅଙ୍ଗେ ଅଙ୍ଗେ ଦିୟାଛି ଜଡ଼ାୟେ ଜଡ଼ାୟେ

* ବାଙ୍ଗଲା ସାହିତ୍ୟ ସମାଜର ସାଧାରଣ ଅଧିବେଶନରେ ପଠିତ ।

ତୁମି ଆମାର, ତୁମି ଆମାର
ମମ ମୋହନ ସ୍ୱପନ ବିହାରୀ ।"

ଉଦ୍ଧୃତ କବିତା ମାନସୀ ପ୍ରତିମାର ସମ୍ମୁଖରେ ବାସନାର ଅଭୁ-ପ୍ରକାଶ ।

କ୍ଷଣିକ ସୁଷମା ଦେଖି ମୋହମୁଗ୍ଧ କବିଚିତ୍ତଙ୍କୁ ସମ୍ଭବତଃ ତାଙ୍କର ବୋଧଯୁକ୍ତ ଦୃଷ୍ଟି ପରମୁହୂର୍ତ୍ତରେ ଉଦ୍‌ବୁଦ୍ଧ କରିଛି । ବୁଦ୍ଧି ଭାବବିହ୍ୱଳତାକୁ ପ୍ରଶ୍ରୟ ଦେବାକୁ ନାରାଜ । ସେ ବୁଝାଇଛି,—ଏ ଗୁଡ଼ିକରେ ମୁଗ୍ଧ ହେବାର ଅଛି କଣ ? ଏସବୁ ତ କ୍ଷଣିକ, ଅଚିରସ୍ଥାୟୀ,—ଜଳର ବୁଦ୍‌ବୁଦ ପରି ଏମାନଙ୍କର ଅସ୍ତିତ୍ୱ ଶୂନ୍ୟଗର୍ଭ । ଇନ୍ଦ୍ରଧନୁର ବର୍ଣ୍ଣବିଭା ପରି ଏମାନେ ଅନ୍ତଃସାର ହୀନ,—ଛାୟା ମାତ୍ର । ଏମାନଙ୍କଠାରେ ନିତ୍ୟ ବସ୍ତୁ ନାହିଁ । ଏମାନେ କ୍ଷଣେ ଦେଖା ଦେଇ କ୍ଷଣକେ ଲୟ ପ୍ରାପ୍ତ ହୁଅନ୍ତି ।

ସଙ୍ଗେ ସଙ୍ଗେ କବିଚିତ୍ତ କୋଡ଼ ଦେଇଛି,—ଏମାନେ ରଙ୍ଗମଞ୍ଚର ନଟ ନଟୀ ପରି ନିତ୍ୟ ନୂତନ ଅଭିନୟ କରି ଚାଲିଛନ୍ତି । କବିଙ୍କର ମାନସ-ଦୃଷ୍ଟି ସମ୍ମୁଖରେ ଜାଗି ଉଠିଛି ଏକ ଅଲୋକୋଦ୍ଭାସିତ ରଙ୍ଗଭୂମି,—ନବ ନବ ରୂପ, ରସ, ଗନ୍ଧ, ସ୍ପର୍ଶର ମଧୁର ସମାବେଶରେ ସୁନ୍ଦର । କବିଚିତ୍ତ ତାଳ ମାରି ଦେଇ କହୁଛି,—କି ସୁନ୍ଦର, କି ସୁନ୍ଦର । କି ହେବ ମୋର ନିତ୍ୟ ଶାଶ୍ୱତକୁ ନେଇ । ସେତ ଗତିହୀନ ଜଡ଼ ମାତ୍ର । ଯାହାର ଗତି ଅଛି, ଯେ ଅସ୍ଥିର, ଯାହାକୁ ହରାଇବାର ଭୟ ଅଛି ସେହି ସିନା ଏକା ସୁନ୍ଦର । ଯାହାର ପ୍ରାଣ ନାହିଁ, ସେଥିରେ ସୌନ୍ଦର୍ଯ୍ୟ କାହିଁ ? ମୃତ୍ୟୁ ଅଛି ବୋଲି ତ ଜୀବନର ମୂଲ୍ୟ ଅଛି । ଅମର ହୋଇ ବଞ୍ଚିବାରେ ଉନ୍ମାଦନାର କାରଣ କାହିଁ ?

ପ୍ରଥମ ଦର୍ଶନରେ ଯାହା ମନରେ ବିଭ୍ରମ ଜନ୍ମାଇଲା, ତାହାର ସ୍ମୃତି କବି ହୃଦୟକୁ ବିହ୍ୱଳ,—ଚିତ୍ତରେ ତାକୁ ପୁଣି ଉପଭୋଗ କରିବାର ବାସନା ଜାଗ୍ରତ ହେଲା । ଏହି ଅବସ୍ଥାରେ ବୁଦ୍ଧି ଦେଲା ବାଧା,—ସେ ବିଷୟଟିର ଅନିତ୍ୟତା ପ୍ରତିପନ୍ନ କରି ତାକୁ ତୁଚ୍ଛ କରିବାକୁ ଚାହିଁଲା । ଅବିବେକୀ ଏହିଠାରେ ନିରସ୍ତ ହୋଇଥାନ୍ତା । କିନ୍ତୁ କବିଚିତ୍ତ ଏହି ଅନିତ୍ୟତାକୁ ସୁଦ୍ଧା ସୁନ୍ଦର କରି ଦେଖିଲା,—ଦେଖିଲା ତାକୁ ଅଲୋକୋଜ୍ଜ୍ୱଳ ରଙ୍ଗମଞ୍ଚର ଚପଳଚରଣା ନର୍ତ୍ତକୀ ରୂପରେ । କବି ନ ଜାଣେ ଅଭିନୟ ଅଭିନୟ ମାତ୍ର,—ମିଥ୍ୟା ସେ, ସତ୍ୟ ନୁହେ । ତଥାପି ଅଭିନୟ ଉପଭୋଗ୍ୟ ନୁହେଁ ବୋଲି କିଏ କହିବ !

ବର୍ତ୍ତମାନ କ୍ଷେତ୍ରରେ କବିଙ୍କର ଏ ଦୃଷ୍ଟିକୁ ଯଥାର୍ଥ ରସଦୃଷ୍ଟି କହି ହେବ ନାହିଁ । ଏତିକି ମାତ୍ର କହିବ ଯେ ଏ କ୍ଷେତ୍ରରେ କବିଚିତ୍ତ ବୋଧଦୃଷ୍ଟି ଓ ରସଦୃଷ୍ଟି ମଧ୍ୟରେ ଗୋଟିଏ ସୁନ୍ଦର ସମନ୍ୱୟ ସାଧନ କରି ପାରିଛନ୍ତି । ଏ ଦୃଷ୍ଟିକୁ ଅଲଙ୍କାରିକ କହନ୍ତି ପ୍ରଜ୍ଞାଦୃଷ୍ଟି । ପ୍ରଜ୍ଞାଦୃଷ୍ଟିକୁ ବ୍ୟାଖ୍ୟା କରିବାକୁ ହେଲେ କହିବ ଯେ ତାହା ଗୋଟିଏ ଉଚ୍ଚଭୂମିରେ ରସଦୃଷ୍ଟି ସହିତ ବୋଧଦୃଷ୍ଟିର ସମନ୍ୱୟ । ରସଦୃଷ୍ଟିର ଉଚ୍ଚ ଭୂମିରୁ ଟିକିଏ ତଳକୁ ଖସିଲେ କିମ୍ବା ବୋଧ-ଦୃଷ୍ଟିର ଭୂମି ଟିକିଏ ଉପରକୁ ହେଲେ ଏ ଦୃଷ୍ଟିର ଭୂମି ମିଳିବ ।

ଆମେ ସାଧାରଣତଃ ସୃଷ୍ଟିକୁ ବୋଧଦୃଷ୍ଟିରେ ଦେଖିବାରେ ଅଭ୍ୟସ୍ତ । ଏ ଦୃଷ୍ଟିକୁ ନିମ୍ନ ଶ୍ରେଣୀର ବୈଜ୍ଞାନିକ ଦୃଷ୍ଟି କହିଲେ ଚଳେ । ଏ ଦୃଷ୍ଟି ଆମକୁ ବେଦନା ଦିଏ, ଆନନ୍ଦ ବି ଦିଏ. କିନ୍ତୁ ଏ ଆନନ୍ଦ ଓ ଶିଳ୍ପୀର ସୃଜନର ଆନନ୍ଦ ଏକ ନୁହେଁ । ବୋଧାନନ୍ଦ ସମସ୍ୟା ସମାଧାନର ଆନନ୍ଦ,—"ଇଉରେକାର" ଆନନ୍ଦ । ରସାନନ୍ଦ ଏଥିରୁ ପୃଥକ୍ । କିନ୍ତୁ ପାଠକ ସାଧାରଣ ସମ୍ଭବତଃ ବୋଧାନନ୍ଦକୁ ହିଁ ରସାନନ୍ଦ ବୋଲି ଭୁଲ କରିବାରେ ଅଭ୍ୟସ୍ତ । ଲେଖକମାନେ ମଧ୍ୟ ଏ ଭୁଲ ଅନେକ ସମୟରେ କରନ୍ତି । କୌଣସି ରଚନାର ଗୋଟିଏ ଗଭୀର ଅର୍ଥ ଆବିଷ୍କାର କରି ପାରିଲେ କିମ୍ବା ଗୋଟିଏ ଉଚ୍ଚ idea ମନକୁ ଆସିଲେ ଏ ଭୁଲ ହେବାର ସମ୍ଭାବନା ।

ବୋଧାନନ୍ଦ ଫଳରେ ମଧ୍ୟ ତଥାକଥିତ କବିତାର ଜନ୍ମ ହୋଇପାରେ । ଗୋଟିଏ ଉଦାହରଣ ଦେଖାଯାଉ,—

ଖୁସି ହୁଏ ଦେଖି ଏ ଜଗତ, ଆକାଶ ସାଗର ଗିରିଭୂଇଁ
ସକଳର କେନ୍ଦ୍ର ରୂପେ କିନ୍ତୁ ଏ ଦେହକୁ ଭଲ ପାଏଁ ମୁହିଁ ।
ଏ ଦେହକୁ ଭଲ ପାଏଁ ମୁହିଁ ଭଲ ପାଏଁ ପ୍ରତି ଅବୟବ,
ସବୁ ମାୟା ଅଚିର ଭବରେ, ସତ୍ୟ ସେ ଯେ କେବଳ ସମ୍ଭବ ।
ଧନ ମାନ ଯଶ ଦେଖେଁ ଯେତେ ସବୁ ମୂଳେ ପ୍ରଥମ କାରଣ,
ନରନାରୀ ରୂପ ଲେଖେଁ ଯେତେ ତା ତହୁଁ ଯେ ଅଧମ ପାରଣ ।
ଧରଣୀର ନବ ନବ ଶୋଭା, ମଣିଷର ଶତ କାରୁ କର୍ମ
ଚର୍ମର ଲାଲସା ଲାଗି ସବୁ ଏହି ଚର୍ମ, ଏହି ଗୁରୁ ଚର୍ମ ।
ଏ ଦେହକୁ ବେଢ଼ି ନାହିଁ ଖାଲି ବେଢ଼ିଛି ସେ ଚଉଦ ଭୁବନ
ଚୁଲ ଯହିଁ ସବୁ ଅନୁଭୂତ, ଚୁମ୍ବନ ପରଶ ଆଲିଙ୍ଗନ ।
ଏ ଦେହକୁ ରଖିବାକୁ ଧରି ଲୋଡ଼ା ଯାହା ସେ ମୋର ଧରମ
ତାହା ବିନେ ଅଛି କେଉଁ ଆତ୍ମା, ଆଉ କେଉଁ ଦେବତା ପରମ ?

କବି ଗୋଟିଏ ବିଚିତ୍ର ତଥ୍ୟ ଆବିଷ୍କାର କରି ପାରିଛନ୍ତି ବୋଲି ଆନନ୍ଦିତ । କିନ୍ତୁ କବି ଦେହକୁ ଯେଉଁ ଦୃଷ୍ଟିରେ ଦେଖୁଛନ୍ତି ତାହା ରସଦୃଷ୍ଟି ନୁହେଁ । ଦେହକୁ ରସଦୃଷ୍ଟିରେ ଦେଖିବାର ପ୍ରୟାସ ଗୋଟିଏ ଅଛି. କିନ୍ତୁ ବୋଧଦୃଷ୍ଟି ପ୍ରବଳ ହେବାରୁ ସେ ରସଦୃଷ୍ଟି ସ୍ତିମିତ ହୋଇ ଯାଇଛି,—ଫୁଟି ପାରୁ ନାହିଁ । ବସ୍ତୁତଃ ଏହା କବିତା ନୁହେ, ଗୋଟିଏ ତଥ୍ୟର ଛନ୍ଦୋବଦ୍ଧ ବିବୃତି ମାତ୍ର । କବିତା ଯେ ନୁହେଁ ତାହା ଲେଖକଙ୍କର ଅବଚେତନ ମନ ସ୍ୱୀକାର କରୁଛି, ନୋହିଲେ ଏ challenge ଆସିଲା କାହିଁ ?—

ହେ ଶିଳ୍ପୀ ! ହେ କବି ! ଧାର୍ମିକ ! ଦେଖ ପରି ସବୁ ସୁଖ ବ୍ୟଥା ?
ଦେହ ଛାଡ଼ି କି ଅଛି ଜଗତେ ? ସତ କହ ରଖି ବାଜେ କଥା ।
କହ କହ ଆଘାତ ପରଶ ପାଇଅଛ ଯେତେ ଯହିଁ ତୁମେ,
ମାଟିର ଏ ଦେହ ବିନେ ଜଳ ମିଳେ ଆଉ କେଉଁ ସ୍ୱର୍ଗଭୂମେ ?
ପୁଲକ ବେପଥୁ ଅଙ୍କ ଯେତେ ସୃଷ୍ଟି କଲା ଶିଳ୍ପ ସାହିତ୍ୟର
ନୁହଇ କି ଏ ଦେହର ଗୁଣ, ଧର୍ମ, କର୍ମ ଅହେ ବିଜ୍ଞ ନର ?

Digitized by srujanika@gmail.com

ଯାହାର ପୁଲକ ବେପଥୁ କିନ୍ତୁ ସାହୃଦ୍ୟର ସୃଷ୍ଟି କରୁଛି ସେହି ଦେହ ସୁନ୍ଦର, ଅତଏବ ତାକୁ ମୁଁ ଭଲ ପାଏଁ । କିନ୍ତୁ ସେ ସୌନ୍ଦର୍ଯ୍ୟର ପ୍ରକାଶ ଅଲୋଚ୍ୟ ରଚନାରେ କାହିଁ ? ରସଦୃଷ୍ଟିର ଚଶମା କବିଙ୍କର ଆଖିରେ ଲାଗୁ ଲାଗୁ ଖସି ପଡ଼ୁଛି । ରଚନାର କୌଣସି ସ୍ଥଳରେ ତାଙ୍କର ରସାପ୍ଳୁତ ଦୃଷ୍ଟିର ଦ୍ୟୋତନା ନାହିଁ । ଅଛି କେବଳ ଦୁଇଟି ତତ୍ତ୍ୱ,—ସଂସାରରେ ଏହି ଦେହଟି ମାତ୍ର ପ୍ରତ୍ୟକ୍ଷ ସତ୍ୟ, ଅତଏବ ସେ ମୋର ପ୍ରିୟ । ଏହି ଦୁଇଟି କଥା ଶିକ୍ଷା ଦେବାର ପ୍ରୟାସ ରଚନାର ସର୍ବାଙ୍ଗ ପ୍ରକଟ ।

ପୂଜା ପଙ୍କ ଶତ୍ରିତ ବିଶ୍ୱର ବାଛି ସବୁ ଯେତିକି ଗଣି ଗଣି
ଅଗ୍ନିର ନିୟମ ନାଡ଼ି ଯେତେ, କାହା ପାଇଁ କହ ସନାତନୀ ?
ଅତୀତର ଧର୍ମ ଅଭିଯାନ, ମନ୍ଦିରେ ମନ୍ଦିରେ ପରକାଶ,
ମଣିଷ ଦେହର କୀର୍ତ୍ତିଗାଥା ନୁହେ କି ସେ ଦେହ-ଇତିହାସ ?
ଦେହ ଛଡ଼ା କି ରହେ ଭୁବନେ କହିବ କି ସେହି ଦେହ ଛୁଇଁ ?
ନାହିଁ, ନାହିଁ ନ ପାରିବ; ତେଣୁ ଏ ଦେହକୁ ଭଲ ପାଏଁ ମୁହିଁ ।

ଏହା ଯୁକ୍ତିତର୍କ କରି ଦେହକୁ ଭଲ ପାଇବାର ପ୍ରୟାସ ମାତ୍ର । ପ୍ରୀତିର ଲକ୍ଷଣ ଏଥିରେ ନାହିଁ; ପ୍ରିୟକୁ ଉପଭୋଗ୍ୟ କରି ସୃଷ୍ଟି କରିବାର ଚେଷ୍ଟା ମଧ୍ୟ ନାହିଁ । କେବଳ ଗୋଟିଏ ସ୍ଥଳରେ ସେ ଚେଷ୍ଟାର ସାମାନ୍ୟ ଇଙ୍ଗିତ ମିଳେ,—ଏହି ଗୋରୁ ଚର୍ମ,—ଏ ଦେହକୁ ବେଢ଼ି ନାହିଁ ଖାଲି, ବେଢ଼ିଛି ସେ ଚଉଦ ଭୁବନ । କିନ୍ତୁ ତା ପରେ ସେ ଚର୍ମ ସଙ୍କୁଚିତ ହୋଇ ଯାଇଛି । କବିଚିତ୍ତ ବୋଧଦୃଷ୍ଟି ସହିତ ଯୁକ୍ତିତର୍କ କରି ପୁଣି ତାକୁ ଟାଣି ଓଟାରି ବଡ଼ କରିବାର ଚେଷ୍ଟା କରୁଛି ।

ଆପଣମାନେ ମନେ ରଖିବେ ବର୍ତ୍ତମାନ କାବ୍ୟ ବା କବିର ଦୋଷଗୁଣର ବିଚାର ଆମର ଉଦ୍ଦେଶ୍ୟ ନୁହେଁ । ଅମେ କବି-ଚିତ୍ତର ଅନୁସରଣ କରୁଛୁଁ ମାତ୍ର । କି ଅବସ୍ଥାରେ କବିଚିତ୍ତ କି ଭାବରେ ରସଭୂମିରେ ଉତ୍ତୀର୍ଣ୍ଣ ହୋଇଛି, ଅଥବା ବାଧା ପାଇ ମଧ୍ୟ ପଥରେ ତାର ଗତିରୁଦ୍ଧ ହୋଇଛି, ଅଥବା ସେ ଅବାନ୍ତର ବିଷୟର ଅଧୀନ ହୋଇପଡ଼ିଛି କେବଳ ତାହାର ଅଲୋଚନା ମୁଁ କରିବାକୁ ଚାହେଁ । ଉକ୍ତ କବିଙ୍କର ଗୋଟିଏ ସୁପରିଚିତ କବିତା ନେଇ ଦେଖାଯାଉ,—

ରେ ଅଜ୍ଞାନ ! ନିଦ୍ରା ପରିହରି
ଫେଡ଼ି ଚିନ୍ତାର ଲୋଚନ କରି କରି ନିରୀକ୍ଷଣ
ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି
ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ ।

କବି କାଳସ୍ରୋତର ଗତିମୟ-ବିରାଟରୂପ ଦେଖି ସମ୍ବିତ । କାଳରୂପୀ ମହାନଦୀର ଖର ପ୍ରବାହ···ଧ୍ୱଂସ ସାଗର ମୁଖକୁ ଧାଇଁଛି,—ଅତି ପ୍ରବଳ, ଅତି ବିରାଟ ସେ,—ବିପୁଳ ତାର ବେଗ । ସମସ୍ତେ ସେଥିରେ ଆକୃଷ୍ଟ ହେଉଛନ୍ତି—ମୃଦୁ ନିର୍ଝରିଣୀ, ମହା-ବେଗା ସ୍ରୋତସ୍ୱତୀ, ସୁଦୀନ ମନୁଷ୍ୟ, ମହାଯଶା ମହୀପତି, ଯୁବତୀର ରକ୍ତାଧର, ଗୋରୁ ପଦ୍ମାନନ, ଯୁବକର ତେଜୋବୀର୍ଯ୍ୟବଳ, ପ୍ରୌଢ଼ର ଚତୁର ଜ୍ଞାନ ପ୍ରଭୃତି କିଛି ବାଦ ପଡ଼ୁନାହିଁ । ସେ ସ୍ରୋତୋମୁଖରେ ପଡ଼ି କେତେ ଆଶାର ତରୀ, ମନୁଷ୍ୟର କେତେ ସୁଖ ଦୁଃଖ, କେତେ କାମନା ଚୂର୍ଣ୍ଣ ହୋଇ ଯାଉଛି । କବି ଏହି ଚିତ୍ରର ଦ୍ରଷ୍ଟା ।

ଏ ଦୃଷ୍ଟି ବୋଧଯୁକ୍ତ ହେଲେ ସୁଦ୍ଧା ନୀରସ ନୁହେଁ । କାଳ-ସ୍ରୋତର ବିପୁଳ ପ୍ରଖର ଗତିବେଗ କବିଚିତ୍ତକୁ ଆକୁଳ କରୁଛି । ତଥାପି ବୋଧଦୃଷ୍ଟି ଓ ରସଦୃଷ୍ଟିର ସାମଞ୍ଜସ୍ୟ ସାଧିତ ହୋଇ ପାରି ନାହିଁ । ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ନୁହେଁ । ଫଳରେ ଦେଖାଯିବ ଯେ ବୋଧଦୃଷ୍ଟି ରସଦୃଷ୍ଟିକୁ ରୁଦ୍ଧ କରି ପ୍ରବଳ ହୋଇ ଉଠିଛି । କବିଙ୍କର ସ୍ୱଭାବସିଦ୍ଧ ଦାର୍ଶନିକତା ତାଙ୍କୁ ମାନବ-ଜୀବନର ପରିଣାମ ଚିନ୍ତାରେ କାତର କରି ଦେଇଛି ।

ଆହା ! ରାଜ୍ୟେ ସେ ଭୀମ ବିପ୍ଳବେ
ଧର୍ମର ପୁଣ୍ୟ ରାଜନ୍, ପ୍ରଜ୍ଞାର ମହତ ତତ୍ତ୍ୱ
ହୁଏ ପରାହତ, ପାପ ଗର୍ଜଇ ଭୈରବେ,
ପଳାୟନ କରେ ଶାନ୍ତି ସେହି ଉପଦ୍ରବେ ।

ମୂଳରୁ ଏ ପର୍ଯ୍ୟନ୍ତ ସମ୍ଭବତଃ ରସଦୃଷ୍ଟିର ଅଭାବ ଘଟି ନାହିଁ । ତଥାପି ଲକ୍ଷ୍ୟ କରିବାକୁ ହେବ ଯେ ପ୍ରଥମ ଦର୍ଶନର ସେ ବିସ୍ମୟ ଆଉ ନାହିଁ । କ୍ରମେ କ୍ରମେ ଭୟ, ତହିଁରୁ ପରିଣାମ ଚିନ୍ତା ଆସି କବିଙ୍କର ଚିତ୍ତ ଅଧିକାର କରୁଛି । ରସଦୃଷ୍ଟି ମଧ୍ୟ ପଥରେ ରୁଦ୍ଧ ହୋଇ ଯାଇଛି ।

ମୁକୁଟ ମଣ୍ଡିତ ରାଜଶିର
ନୁହଇ ଶାନ୍ତି ଆସ୍ପଦ, ଆଶଙ୍କା ଭୟ ବିପଦ
ଅବିରତ ରାଜମନ କରଇ ଅସ୍ଥିର ।
ଆଜ ଯେ ରାଜେନ୍ଦ୍ରାସନେ, କାଲି ସେ ଫକିର ।

ଏଟି ଗୋଟିଏ ବଡ଼ ବାର୍ତ୍ତା,—ଦାର୍ଶନିକ ତଥ୍ୟପୂର୍ଣ୍ଣ ଗୋଟିଏ sermon. ମାତ୍ର ଆରମ୍ଭରେ ଯେଉଁ କବିତ୍ୱ ପ୍ରକାଶ ପାଇଥିଲା ତାହା ଏଥିରେ ନାହିଁ । ରସସୃଷ୍ଟି ଦିଗରୁ ଦେଖିଲେ "ଜୀବନଚିନ୍ତା" ସାର୍ଥକ କବିତା ନୁହେଁ । "ଅକାଶ-ପ୍ରତି" ଓ "ଜୀବନ-ଚିନ୍ତା" ଏଇ ଦୁଇଟି କବିତା ତୁଳନା କଲେ ମୋର ବକ୍ତବ୍ୟ ବୁଝି ପାରିବେ ।

ଏଠାରେ ଜଣେ ବଡ଼ ଲେଖକଙ୍କର ଉକ୍ତି ଉଦ୍ଧାର କରିବାର ଲୋଭ ସମ୍ବରଣ କରି ପାରୁନାହିଁ ।

"While I am experiencing an work of art, I am aware of no connexion between that experience and my own conduct or the conduct of any one. If a work of art is good to me, its goodness is not moral but æsthetic, something perceived immediately and valued for its own sake, without relation to any kind of conduct. But great artists like Beethoven have not seen this; he said that Don Giovani was immoral, though, if he had recalled his

Digitized by srujanika@gmail.com

actual experience of it, he would have known that in that experience there was nothing conducive to any kind of conduct whatever.

This is what both interests and baffles us in art; for there is something in our minds which expects all experience to have a direct effect on our conduct. Whatever happens to us is, we assume, a command or a stimulus to do something; we connect it with our future, and judge it by its effect on that future. So those who are more labouriously on their guard against valuing art in moral terms, are still apt to praise a work of art because it " tells the truth about life;" but this talk about truth in art is as much an error and a delusion as the talk about morals. People call a work of art true to life, when they mean it is an work of art; *true* is simply a wrong term of praise they give to it, because, in their thought, they are still forgetting their actual experience of the work and considering its effect on the future; they think they have learnt something from it, and they proceed to praise it for that reason. But if, as may happen, we do learn something from a work of art, that is an accident. It is not the reason why we value it, nor, in fact are we disappointed if we learn nothing from a work of art. It is only as an afterthought that we connect our experience with our future at all.

But more than that, it is the very essence of æsthetic experience that we disconnect it from our future. During it we look neither before nor after; only the now exists for us, freed from all that has been or will be. And we recognize a work of art by its power of giving us this freedom. Art is infinielty diverse in content and in medium; the work of art may be, considered in other terms, a trifle like *Cosi fan tutte,* or a terror like King Lear; in reference to actual experience it may be matter for laughter or tears, or neither; it may be the solution of a practical problem, like archetecture, or of a problem almost geometrical like some music and painting, but behind all these diversitis, its essential quality for us is that it frees us from the chain of events which in other experience binds us to our past and future."

[*What is Art—Clutton Brock*]

ଆମ୍ଭର ବୋଧଦୃଷ୍ଟି ରସସର୍ଜନାର ପରିପନ୍ଥୀ । (ସେ looks before and after and pines for what is not.) ମନ ଯଦି କୌଣସି ବିଷୟକୁ ଉପଭୋଗ କରିବାକୁ ଚାହେଁ ତେବେ ବୋଧଦୃଷ୍ଟି ଆସି ସେ ବିଷୟର ଅନ୍ତସ୍ତଳ ଉଦ୍‌ଘାଟନ କରିବାକୁ ବସେ । ତାହାର ଉପାଦାନ ଓ ଉପକରଣ ଦେଖିବାକୁ ଚାହେଁ, ତାର ମୂଲ୍ୟମର୍ଯ୍ୟାଦା, ସ୍ଥାୟିତ୍ୱ ଓ ସାରବତ୍ତାର ପରିମାଣ ହିସାବ କରିବାକୁ ଯାଏ । ସେ ଅବସ୍ଥାରେ ଉପଭୋଗ୍ୟ ଆଉ ଉପଭୋଗ୍ୟ ହୋଇ ରହି ପାରେ ନା ।

ଲତାଟିଏ ବୃକ୍ଷକୁ ଜଡ଼ି ଧରିଛି । ସେଠାରେ କବିର ରସ-ଦୃଷ୍ଟି ଦେଖିବ ନରନାରୀର ଆଦିମ ପ୍ରଣୟର ଗୋଟିଏ ସୁନ୍ଦର ଛବି । ବୈଜ୍ଞାନିକର ବୋଧଦୃଷ୍ଟି କହିବ ଏଥିରେ ସୌନ୍ଦର୍ଯ୍ୟ କାହିଁ, କିଏ କହିଲା ବୃକ୍ଷ ଓ ଲତା ମଧ୍ୟରେ ପ୍ରଣୟ ଅଛି ବୋଲି । ଲତା ବୃକ୍ଷକୁ ଅବଲମ୍ବନ କରି ସୂର୍ଯ୍ୟାଲୋକ ପାଇବା ଆଶାରେ ଉପରକୁ ଉଠିଛି । ବୃକ୍ଷ ତାର ଉଦ୍ଦେଶ୍ୟ-ସିଦ୍ଧିର ଗୋଟିଏ ଉପାୟ ମାତ୍ର । ପ୍ରଣୟ କାହିଁ, ଏତ ଆଲୋକ ପାଇଁ ବୃକ୍ଷ ଲତା ମଧ୍ୟରେ ଗୋଟାଏ ସଂଗ୍ରାମ ଚାଲିଛି । ଏହାର ମୂଳରେ ଅଛି ବୁଭୁକ୍ଷାର ତାଡ଼ନା । ଏ ମନୋଭାବ ନେଇ କାବ୍ୟ-ସୃଷ୍ଟି ଅସମ୍ଭବ । ତେଣୁ ପ୍ରଜ୍ଞାଦୃଷ୍ଟି ଆସିବ ମୀମାଂସା କରିବାକୁ,—କହିବ ଦେଖିତ ଆଲୋକ ପାଇଁ, ଜୀବନ ପାଇଁ କି ବ୍ୟାକୁଳତା । ତ୍ରିବିଧ ଦୃଷ୍ଟିଭୂମି ମଧ୍ୟରେ ପାର୍ଥକ୍ୟ ଏହିପରି ।

ସାଧାରଣତଃ ଆମର ବୋଧଦୃଷ୍ଟି ପ୍ରବଳ ହୁଏ ବୋଲି ଆମେ କୌଣସି ବିଷୟକୁ ସମ୍ପୂର୍ଣ୍ଣ ରସଦୃଷ୍ଟିରେ ଦେଖି ପାରୁ ନାହିଁ । ବଡ଼ ଜୋର ପ୍ରଜ୍ଞାଦୃଷ୍ଟିର ମଧ୍ୟସ୍ଥତାରେ ଗୋଟାଏ ମୀମାଂସା କରିଥାଉଁ । ସାଧାରଣ ଚକ୍ଷୁରେ ବୋଧଦୃଷ୍ଟି ସ୍ୱାଭାବିକ ଓ ସହଜ ମନେ ହେବ । ରସଦୃଷ୍ଟିକୁ ଅକବି-ଚିତ୍ତ ମନେ କରେ କ୍ଲିଷ୍ଟ କଳ୍ପନା । କବି କିନ୍ତୁ ଦେଖନ୍ତି ଯେ ବିଶ୍ୱ-ପ୍ରକୃତି ମନୁଷ୍ୟ ସହିତ ଗୋଟାଏ ରହସ୍ୟ କରି ଚାଲିଛି । ତାହାର ଅନ୍ତରର ଗୋପନ ତତ୍ତ୍ୱ ସେ ଦିବାଲୋକରେ

Digitized by srujanika@gmail.com

ଉଦ୍‌ଘାଟିତ କରିବାକୁ ନାରାଜ । ତାହାର କାରଣ କବିଙ୍କ ଭାଷାରେ ବର୍ଣ୍ଣନା କରୁଛି । ଦେଖାଯିବ ଏ ତତ୍ତ୍ୱାନ୍ୱେଷଣ ବୈଜ୍ଞାନିକ ଅନୁସନ୍ଧିତ୍ସାରୁ ସମ୍ପୂର୍ଣ୍ଣ ପୃଥକ୍ ।

ସବୁ ତ ଥିଲା, ଲତା ତରୁକୁ ବେଢ଼ି ଥିଲା, ଭ୍ରମର ମାଧବୀ କୁଞ୍ଜରେ ବୁଲୁ ଥିଲା, ଚନ୍ଦ୍ରକୁ ଚାହିଁ ଚକୋରୀ ଉଡ଼ୁଥିଲା, ମେଘ କୋଳରେ ବିଜୁଳି ଖେଳୁଥିଲା,—କିନ୍ତୁ

"ଏତ ଯେ ଗୋପନ ମନେର ମିଲନ ଭୁବନେ ଭୁବନେ ଆଛେ
ସେ-କଥା କେମନେ ହଇଲ ପ୍ରକାଶ ପ୍ରଥମେ କାହାର କାଛେ ?"

ଯାହା ନିକଟରେ ପ୍ରଥମ ପ୍ରକାଶ ହେଲା, ସେ କବି । କିନ୍ତୁ ପ୍ରଥମେ କେହି ତାଙ୍କୁ ଗ୍ରାହ୍ୟ କରୁ ନ ଥିଲେ । ସେ ସ୍ୱପ୍ନବୋଲା ବିହ୍ୱଳ ଦୃଷ୍ଟିରେ ଚାହିଁଥାଏ, ଫୁଲ ପରି ନୀରବରେ ଅନାଇ ବସି ଥାଏ ।

ବିଶ୍ୱ-ପ୍ରକୃତି ତାର କାଛେ ତାଇ ଛଲନାକୋ ସାବଧାନେ
ଘନ ଘନ ତାର ଘୋମଟା ଖସିତ ଭାବେ ଇଙ୍ଗିତେ ଗାନେ ।

*   *   *   *

ଶର୍ବରୀ ଯବେ ନିଜ ନୟନେ ନୟନେ ଜ୍ୟୋତ୍ସ୍ନାର ଭାଲୋବାସା
ଏ ରେ ଦେଖି ହେସେ ଭାବିତ ଏ ଲୋକ ଜାନେ ନା
ପ୍ରେମେର ଭାଷା ।
ନଳିନୀ ଯଖନ ଖୁଲିତ ପରାଣ ଚାହି ତପନେର ପାନେ
ଭାବିତ ଏ ଜନ ଫୁଲ ଗନ୍ଧେର ଅର୍ଥ କିଛୁ ନା ଜାନେ ।
ତଡ଼ିତ୍ ଯଖନ ଚକିତ ନିମେଷେ ପାଲାତୋ ଚୁମିଆ ମେଘେ,
ଭାବିତ ଏ ଖ୍ୟାପା କେମନେ ବୁଝିବେ କି ଆଛେ ଅଗ୍ନିବେଗେ ।

*   *   *   *

କିନ୍ତୁ ଦିନେ,

କବି ଗାହିଆ ଉଠିଲ ନରନାରୀ ଶୁଣି ସବେ
କତକାଲ ଧରି କି ଯେ ରହସ୍ୟ ଘଟିଛେ ନିଖିଲ ଭବେ ।
ଏ କଥା କେ କବେ ସ୍ୱପନେ ଜାନିତ,—ଆକାଶେର ଚାଁଦ ଚାହି
ପାଣ୍ଡୁ-କପୋଲ କୁମୁଦୀର ଚୋଖେ ସାରା ରାତ ନିଦ ନାହି ।
ଉଦୟ-ଅଚଳେ ଅରୁଣ ଉଠିଲେ କମଲ ଫୁଟେ ଯେ ଜଲେ
ଏତ କାଲ ଧରେ ତାହାର ତତ୍ତ୍ୱ ଛାପା ଛିଲ କୋନ ଛଲେ ।

*   *   *   *

ଶୁନିୟା ତପନ ଅସ୍ତେ ନାମିଲ ସରମେ ଗଗନ ଭରି
ଶୁନିୟା ଚନ୍ଦ୍ର ଥମକି ରହିଲ ବନେର ଆଡ଼ାଲ ଧରି ।

ସମସ୍ତେ ଲଜ୍ଜାରେ ସଢ଼ି ଗଲେ, ଭାବିଲେ ଛି ଛି, ଏତେ କାଳ ଯାଏଁ ଆମେ ବୋକା ଭାବି ନିଶ୍ଚିନ୍ତ ଥିଲୁଁ । ଏ ଲୋକଟା ସବୁ ଦେଖିଛି, ସବୁ ବୁଝିଛି । ଏଣିକି ଆମ ନାମରେ ଆଉ କି ରଚାଇ ବୁଲିବ କିଏ ଜାଣେ ।

ହାୟ କବି ହାୟ ସେ ହତେ ପ୍ରକୃତି ହୟେ ଗେଛେ ସାବଧାନୀ,—
ମାଥାଟି ଘେରିୟା ବୁକେର ଉପର ଆଁଚଲ ଦିଆଛେ ଟାନି ।
ଯତ ଛଲେ ଆଜ ଯତ ଘୁରେ ମରି ଜଗତେର ପିଛୁ ପିଛୁ,
କୋନୋ ଦିନ କୋନେ ଗୋପନ ଖବର ନୂତନ ମେଲେ ନା କିଛୁ ।

*   *   *   *

ମନେ ହୟ ଯେନ ଆଲୋତେ ଛାୟାତେ ରୟେଛେ କି ଭାବ ଭରା,—
ହାୟ କବି ହାୟ, ହାତେ ହାତେ ଆର କିଛୁଇ ପଡ଼େ ନା ଧରା ।

ସାଧାରଣତଃ ବୋଧଦୃଷ୍ଟିରେ ଦେଖିବାହିଁ ଆମର ସ୍ୱଭାବ । ତଥାପି ଆମର ଅବଚେତନ ମନ କବିଭାବାପନ୍ନ । ଉଦାହରଣ ସ୍ୱରୂପ ଦେଖାଯାଉ,—ଆମର ବିଳାସର ପ୍ରତ୍ୟେକ ସାମଗ୍ରୀ ଜୀବଜନ୍ତୁ ବା ବୃକ୍ଷଲତାର ଶ୍ମଶାନରୁ ଆହୃତ । ଶଙ୍ଖ-କଙ୍କାଳର ଆର୍ତ୍ତରବ ଆମର ଉତ୍ସବ ପ୍ରାଙ୍ଗଣରେ ମଙ୍ଗଳ ଧ୍ୱନିତ କରେ । ଆମର କୌଷେୟ ବାସ କୀଟ ବିଶେଷର ଜୀବନ-ତନ୍ତୁରେ ଗ୍ରଥିତ । ଗଜଦନ୍ତ ଓ ବୃକ୍ଷର ଶବ ଦେହରେ ନିର୍ମିତ ପାଲଙ୍କ ଆମର ବିଳାସ-ଶଯ୍ୟା, ଲକ୍ଷାକୀଟର ହୃଦୟ-ଶୋଣିତରେ ଆମେ ପ୍ରେୟସୀର ଚରଣ ରଞ୍ଜିତ କରୁଁ । ତାର ଅଧରର ତାମ୍ବୁଳ ରାଗ, ତାର କଣ୍ଠର ମୁକ୍ତା-ପ୍ରବାଳରେ ଗ୍ରଥିତ ହାର, ଏ ଗୁଡ଼ିକ ସବୁ ତ ଜୀବର ଦେହାବଶେଷରୁ ମିଳିଛି । ଆମର ମାଙ୍ଗଳିକ, ଆମର ପୂଜୋପକରଣ, ଆମର ଦେବଭୋଗ୍ୟ ସର୍ବ ସାମଗ୍ରୀ, ଆମର ସର୍ବବିଧ ବିଳାସୋପକରଣ ଶ୍ମଶାନର ଦାନ ବିନା ଆଉ କଣ ? ଅଧିକ କହିବା ନିଷ୍ପ୍ରୟୋଜନ,—ଆମର କଳ୍ପନାର ଚିରସୁନ୍ଦର ଶ୍ୟାମସୁନ୍ଦରଙ୍କର ମୋହନ ଚୂଡ଼ାଟି ମୃତ୍ୟୁ ଶିଖି-ପୁଚ୍ଛରେ ଛାଇଛି । କିନ୍ତୁ ଏ କଥା ଯଦି ଆମର ବୋଧଦୃଷ୍ଟି ବରାବର ଦେଖାଇ ଦେଉଥାଏ, ତେବେ ଏମାନଙ୍କର ମାଧୁର୍ଯ୍ୟ, ଏମାନଙ୍କର ଉପଭୋଗ୍ୟତା ରହିବ କାହିଁ ?

ଏ ବୋଧକୁ ପ୍ରଜ୍ଞାଦୃଷ୍ଟିର ଫଳ ମନେ କଲେ ଭୁଲ ହେବ । ଏହା ବୋଧଦୃଷ୍ଟିର ଫଳ । ବୋଧଦୃଷ୍ଟି ଇନ୍ଦ୍ରିୟାତୀତ ନୁହେଁ, ଇନ୍ଦ୍ରିୟାତୀତ ହେଲେ ତାହା ପ୍ରଜ୍ଞାଦୃଷ୍ଟିରେ ପରିଣତ ହୁଏ ।

ପ୍ରଜ୍ଞାଦୃଷ୍ଟି କବିଙ୍କର ନିଜସ୍ୱ ନ ହେଲେ ମଧ କ୍ଷତି ନାହିଁ । ଅପରର ପ୍ରଜ୍ଞାଦୃଷ୍ଟିଲବ୍ଧ ଫଳକୁ ସେ ସମ୍ପୂର୍ଣ୍ଣ ରସାପ୍ଳୁତ ଦୃଷ୍ଟିରେ ଦେଖି ଶିଳ୍ପସୃଷ୍ଟି କରି ପାରନ୍ତି । ଯାହାକୁ ନୂତନ idea ମନେ କରି ପାଠକ ସାଧାରଣ ମୁଗ୍ଧ ହୁଅନ୍ତି ତାହା ସମ୍ଭବତଃ ସେ ideaର ପ୍ରକାଶ ଭଙ୍ଗୀର ନୂତନତ୍ୱ,—ତାହା ଶିଳ୍ପୀଙ୍କର ସୃଷ୍ଟିର ନବ-ରୂପରେ ପ୍ରକାଶ । ନୂତନ idea କହିବାର କୌଣସି ଅର୍ଥ ନାହିଁ । idea ସବୁ ପୁରାତନ । ଶିଳ୍ପୀ ତାହାକୁ ନୂତନ ରୂପରେ ସୃଷ୍ଟି କରନ୍ତି । କବିଗୁରୁ ରବୀନ୍ଦ୍ରନାଥଙ୍କର କାବ୍ୟ କବିତାର ଉପାଦାନ ଉପନିଷଦ୍ କିମ୍ବା ପ୍ରାଚୀନ ବୈଷ୍ଣବ ସାହିତ୍ୟରୁ ସଂଗୃହୀତ । ତାଙ୍କର ରସଦୃଷ୍ଟି ସେ ideaକୁ ରମଣୀୟ କରି ନବରୂପରେ ପ୍ରକାଶ କରିଛି ।

ଗୋଟିଏ ଉଦାହରଣ ଦେଖାଯାଉ,—

ରୁଦ୍ର, ମମ ସୁନ୍ଦର ହେ, କେ କହେ ଭୟଙ୍କର ?
କର-କରୋଟି ଅମୃତ-ରସେ
ରଖିଛ ପୂରି, ଦୁର୍ଲଭ ସେ
ଶଂକର ମୋ ଶଂକାକୁ ସହର ।

କେ କହେ ଚିର ଉଦାସୀ ତୁମେ ? କେ କହେ ବଇରାଗୀ ?
ଭସ୍ମ ତେବେ ଅଙ୍ଗ ଭରି ବୋଳିଲ କିସ ଲାଗି ?
ଜଡ଼ାଇ ଅହି ରଖିଲ ଦେହେ
ପ୍ରେତଙ୍କୁ ସାଥୀ କରିଲ ସ୍ନେହେ,
କାଳକୂଟର କାଳିମା ନିଜ କଣ୍ଠେ ଦେଲ ଦାଗି !
ଦିଗମ୍ବର, ତଥାପି ନେଲ କୃତ୍ତିପଟ ମାଗି !
ଧୂତୁରା କଲ କର୍ଣ୍ଣଭୂଷା,— ଶ୍ମଶାନେ ବାସ କିପାଁ
ଅକ୍ଷମାଳା ଦୋହୋଲେ ଗଳେ କି ଲାଗି ନିଶି ଦିବା ?
ବିଶ୍ୱପତି ଆଖ୍ୟା ଯାର
ସେ କିପାଁ କଲା ଭିକ୍ଷାସାର ?
ଧୂର୍ଜଟୀ ସେ କିପାଇଁ, ଶଶୀ ଯାହାର ଶିରୋବିଭା ?
ବୈରାଗୀ ହେ, ଉଦାସୀ ଯଦି, ତେଜିଲ କହ କିବା ?
ବିଶ୍ୱ କଲା ତୁଚ୍ଛ ଯାକୁ ମଣିଲା ଅସୁନ୍ଦର,
ଯାହାକୁ ଡରେ ଦୂରିବା ଲାଗି ନିଖିଳ ତତପର,
ଅସୀମ ପ୍ରେମେ ବିଶ୍ୱନାଥ
ତାହାକୁ ଦେଲ ବଢ଼ାଇ ହାତ,
ଡାକିଲ ସାଥେ, ରଖିଲ ମାଥେ କଲ ଯେ ଅନୁଚର,
କେ କହେ ତୁମେ ଉଦାସୀନ ହେ, କେ କହେ ଭୟଙ୍କର?
ତବ ନୃତ୍ୟ ନେତ୍ର-ଜ୍ୱାଳା ଦଗ୍ଧ କରୁ ମୋରେ,
ଜାଣେ ମୋ ଦାହ ଶୀତଳ ଦେବ ଜାହ୍ନବୀ-ନିର୍ଝରେ ।
ବିଶ୍ୱରୁ ମୁଁ ବିଶ୍ୱନାଥେ
ନାରୀ ହେବ ଭସ୍ମସାଥେ
ମରଣ ଜୟୀ ପରଶ ଲଭି ଜୀଇବି ପୁଣି ଥରେ,
ରୁଦ୍ର ! ମମ ସୁନ୍ଦର ହେ, ମିଥ୍ୟା ମୁହିଁ ଡରେଁ ।

ଏଥିରେ ideaର ନୂତନତ୍ୱ ବୋଲି କିଛି ନାହିଁ । ପୁରାତନ ideaକୁ ନୂତନ ରୂପରେ ସୃଷ୍ଟି କରିବାର ପ୍ରୟାସ ଅଛି । ଏ ରଚନା ପ୍ରଜ୍ଞାଦୃଷ୍ଟିର ଫଳ । କିନ୍ତୁ ସେ ପ୍ରଜ୍ଞାଦୃଷ୍ଟି ଲେଖକଙ୍କର ନିଜସ୍ୱ ନୁହେଁ । ପୁରାଣରୁ ଆହୃତ । ଏ କବିତାରେ ଅଛି ମୃତ୍ୟୁର ରୁଦ୍ର ରୂପକୁ ସୁନ୍ଦର ଉପଭୋଗ୍ୟ କରି ସୃଷ୍ଟି କରିବାର ପ୍ରୟାସ, ରୁଦ୍ର ଓ ଭୟଙ୍କରକୁ ରସାପ୍ଳୁତ ଦୃଷ୍ଟିରେ ଦେଖିବାର ଚେଷ୍ଟା ।

ରସିକ କବିଚିତ୍ତ ଯେ ବୋଧହୀନ ତାହା ନୁହେଁ । କିନ୍ତୁ ବୋଧଦୃଷ୍ଟି ପ୍ରବଳ ହେଲେ ରସହାନି ହୁଏ ବୋଲି, କବିଚିତ୍ତ ବୋଧଦୃଷ୍ଟିକୁ ଯଥାସମ୍ଭବ ସଂଯତ କରିବାର ପ୍ରୟାସୀ । ବୋଧଦୃଷ୍ଟିକୁ ସମ୍ପୂର୍ଣ୍ଣ ରୂପରେ ରୁଦ୍ଧ ନ କରି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଖେଳାଇ ପାରିଲେ ଉଚ୍ଚ ଶ୍ରେଣୀର ରସସୃଷ୍ଟି ସମ୍ଭବ ହୋଇ ପାରେ । ପଙ୍କଜ ଯେ ସ୍ୱୟଂ ସମ୍ପୂର୍ଣ୍ଣ ତାହା ନୁହେଁ । ବୋଧଦୃଷ୍ଟି ଯଦି ପଙ୍କଜ ଅତିକ୍ରମ କରି ମୃଣାଳରେ ଆବଦ୍ଧ ରହେ ତେବେ କ୍ଷତି ନାହିଁ, ବରଂ ଲାଭ । କାରଣ ସେ ପର୍ଯ୍ୟନ୍ତ ରସଦୃଷ୍ଟି ସହିତ ସେ ମୈତ୍ରୀ ମାନି ଚଳି ପାରେ । କିନ୍ତୁ ବୋଧଦୃଷ୍ଟି ତଦଧିକ ପ୍ରସାରିତ ହେଲେ ସେ ମୈତ୍ରୀ ରହିବା ସମ୍ଭବ ନୁହେଁ ।

ପ୍ରଜ୍ଞାଦୃଷ୍ଟି ନ ଥାଇ ମଧ୍ୟ କବିଚିତ୍ତ ଏ ମୈତ୍ରୀ ଅବ୍ୟାହତ ରଖି ପାରେ,—

କ୍ରମେ ଜନ୍ମ କନ୍ଦରେ, ଅଦଭୂତ ଛନ୍ଦରେ
ପଶିଲା ଡାକ ଜଗତର
ଭାଙ୍ଗିଲା ତୋ ସ୍ୱପନ, ମେଲିଲୁ ତୁ ନୟନ
ଦେଖିଲୁ ଦିବ୍ୟ ରବି-କର ।
ନିକଷେ ସ୍ୱର୍ଣ୍ଣ-ରେଖା ସମ
ପତିତ ବକ୍ଷରେ ତୋହର
ସେ କର ଦରଶନେ ଥର ଥର କମ୍ପନେ
ଥରିଲୁ ବେଗେ ଝର ଝର ।

ଏଠାରେ ରସଦୃଷ୍ଟି ଅବିମିଶ୍ର ନୁହେଁ, ବୋଧଯୁକ୍ତ । ସୂର୍ଯ୍ୟ କିରଣ ସଙ୍ଗେ ଝରଣାର ବୈଜ୍ଞାନିକ ସମ୍ବନ୍ଧଟିକୁ କବି ରସଦୃଷ୍ଟିରେ ଦେଖୁଛନ୍ତି । କିନ୍ତୁ ସେ ରବିକର ପ୍ରଭାତର ରବିରଶ୍ମି ପରି ଜାଗରଣର ଦ୍ୟୋତକ । ତାର ଉତ୍ତାପ ଯଦି ତୁଷାରକୁ ତରଳିବାର ଚେଷ୍ଟା କରନ୍ତା ତେବେ ରସହାନି ଘଟାଇଥାନ୍ତା ।

ମେଘମନ୍ଦ୍ର ଅବିର ଧ୍ୱନିଲା ଆକାଶର
ତୋ ପ୍ରାଣ ଆବେଗ ବଢ଼ାଇ
ତା’ ସଙ୍ଗେ ବର୍ଷା ବାରି ସୁମଧୁରେ ଝଙ୍କାରି
ପଡ଼ିଲା ତୋର ବକ୍ଷେ ଯାଇ ।
ତୋ ହୃଦ ନୋହିଲା ସମ୍ଭାଳ,
ବୋଇଲୁ ହୃଦ ଦେବି ଢାଳ,
ବାରିବ କିଏ ମୋତେ ? ଯିବି ମୁଁ ବୋହି ସ୍ରୋତେ
ମୋ ଦିନ ଗଲା ଭାଳି ଭାଳି ।
ସଙ୍କଳ୍ପ ଅନୁସରି ତେଜିଲୁ ଗିରିଦରୀ
ଉଚ୍ଛୁଳି ପଡ଼ିଲୁ ବାହାରେ ।
ବିଶାଳ ଶିଳାରାଶି ଭେଟିଲୁ ବାଟେ ଆସି
ରୁଦ୍ଧ ତୋ ପଥ ସେ ବାଧାରେ ।

ଏଥିରେ ବୋଧ ଦୃଷ୍ଟିର କ୍ରିୟା ସୁସ୍ପଷ୍ଟ । ଏହା ବୈଜ୍ଞାନିକ ସତ୍ୟର ସରସ ବିବୃତି,— ବସ୍ତୁତଃ ବୋଧଦୃଷ୍ଟି ଏଠାରେ ରସଦୃଷ୍ଟିକୁ ଅତିକ୍ରମ କରିବାକୁ ଚାହୁଁଛି । କିନ୍ତୁ ଉଚ୍ଚ କବିପ୍ରତିଭା ତାକୁ ତଥାପି ଅଧୀନ କରି ରଖିଛି । ଅବିମିଶ୍ର ରସଦୃଷ୍ଟିର ପରିଚୟ ଆମେ ଏ କବିତାର ଅନ୍ୟତ୍ର ଦେଖି ପାରିବା,—

ପୁଣି ବ୍ୟୋମବିହାରୀ ବିହଙ୍ଗମେ ବାହାରୁ
ଗଗନେ ଗାଇଲେ କି ଗୀତ
ତୋର ହୃଦ କନ୍ଦର ଭେଦିଲା ସେହି ସ୍ୱର
ହେଲା ତୋ ପ୍ରାଣ ଆକୁଳିତ ।
ବୋଇଲୁ ହୋଇ ଛନ ଛନ, କେ ମୋତେ ଡାକଇ ଏସନ;
କେ ଢାଳିଲା ଶ୍ରବଣେ ଅମୃତ ନିମନ୍ତ୍ରଣେ
କରି ମୋ ମନ ଉଚ୍ଚାଟନ ।

Digitized by srujanika@gmail.com

ଅଥବା, ହୃଦୟ ଅନୁରାଗେ ଧାଇଁଲୁ ଯେତେ ଆଗେ
ଆପଣା ପଥ ଆପେ ଗଢ଼ି
ବାଧା ବ୍ୟାଘାତ ରାଶି ଗର୍ଭେ ଯାଆନ୍ତେ ଭାସି
ଆନନ୍ଦ ତୋର ଗଲା ବଢ଼ି ।
ଆନନ୍ଦେ ତରଳ ବିହ୍ୱଳ ତୋ ମୂର୍ତ୍ତି ଦଶିଲା ଉଜ୍ଜ୍ୱଳ
କଳ କଳ ନାଦରେ ତୋ କଣ୍ଠୁଁ ହର୍ଷଭରେ
ଝରଲା ଗୀତ ଅନର୍ଗଳ ।

ରସଦୃଷ୍ଟିର ପ୍ରମାଣ ସ୍ୱରୂପ ସମଗ୍ର କବିତାଟିରେ ନଦୀର ଗୋଟିଏ ମନୋରମ ପ୍ରତିମା ଗଠନର ଚେଷ୍ଟା ପରିଷ୍ଫୁଟ । ସେ ପ୍ରତିମା କ୍ରମେ ସୁସମ୍ପୂର୍ଣ୍ଣ ରୂପ ମଧ୍ୟ ଲାଭ କରିଛି ।

(ଆଗାମୀ ଥର ଶିଳ୍ପୀର ଦୃଷ୍ଟିର ଅବେଦନ କବିତା ବାହାରିବ)

ସମ୍ବର୍ଦ୍ଧନା *

ଶ୍ରୀ ରାଧାଗୋବିନ୍ଦ ଦାସ

ବାରିପଦା ସାହିତ୍ୟ-ସମାଜର ଆଜି ଏହି ପଞ୍ଚମ ବାର୍ଷିକ ଅଧିବେଶନର ପୁରୋଧା ଶ୍ରୀଯୁକ୍ତ ଗିରିଜାଶଙ୍କର ରାୟ ମହାଶୟଙ୍କୁ ମୁଁ ସମାଜ ତରଫରୁ ସାଦର ଅଭିବାଦନ ଜଣାଉଅଛି । ଏ ମହାଶୟଙ୍କର ବିଶେଷ ପରିଚୟ ଦେବା ମୋ ପକ୍ଷରେ ଏକାନ୍ତ ଅନାବଶ୍ୟକ । ତାଙ୍କର ପିତା ୰ ରାମଶଙ୍କର ଓ ଜ୍ୟେଷ୍ଠ ତାତ ୰ ଗୌରୀଶଙ୍କର ଉତ୍କଳର ଶିକ୍ଷିତ ସୁଧୀ ସମାଜରେ ସୁପରିଚିତ । ବ୍ରିଟିଶ ଶାସନର ପ୍ରାରମ୍ଭରେ ପ୍ରତିପତ୍ତିଶାଳୀ ନବାଗତ ବଙ୍ଗଭ୍ରାତାମାନେ ଓଡ଼ିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଦାବି କରି ଯେତେବେଳେ ଆମ୍ଭମାନଙ୍କ ମାତୃଭାଷାକୁ ସମୂଳେ ଲୋପ କରିବାକୁ ଦୃଢ଼ପରିକର ହୋଇଥିଲେ, ସେତେବେଳେ ଯେଉଁ କେତେଜଣ ସତ୍ୟନିଷ୍ଠ, ଦେଶପ୍ରେମୀ ଜନନେତା ସେମାନଙ୍କର ଏହି ଦୁରଭିସନ୍ଧି ବିରୁଦ୍ଧରେ ଦଣ୍ଡାୟମାନ ହୋଇ ଉକ୍ତ ପ୍ରୟାସକୁ ପଣ୍ଡ କରିଥିଲେ, ପ୍ରାତଃସ୍ମରଣୀୟ ୰ ଗୌରୀଶଙ୍କର ସେମାନଙ୍କର ଅଗ୍ରଣୀ ଥିଲେ ଏହା କହିବା ବାହୁଲ୍ୟ ମାତ୍ର । କଟକର 'ଷ୍ଟାଣ୍ଡାର୍ଡ଼ ହଲ' ସେହି ମହାତ୍ମା ଦେଶକୁ ଦାନ କରି ଯାଇଛନ୍ତି ଓ ଉତ୍କଳର ପ୍ରଥମ ସାପ୍ତାହିକ ପତ୍ର 'ଉତ୍କଳ-ଦୀପିକା' ତାଙ୍କର ଉଦ୍ୟମରେ ପ୍ରଥମେ ପ୍ରକାଶିତ ହୋଇଥିଲା । ଶ୍ରୀଯୁକ୍ତ ଗିରିଜାଶଙ୍କର ସେହି ବଂଶର ସୁଯୋଗ୍ୟ କୃତୀସନ୍ତାନ ଓ ଆଜି ତାଙ୍କୁ ଏହି ଉତ୍ସବର ପୁରୋଧା ରୂପରେ ପାଇ ଆମ୍ଭେମାନେ କୃତାର୍ଥ ହୋଇଅଛୁଁ । ଆମ୍ଭମାନଙ୍କର ଆଶା ଯେ ଉତ୍କଳ ଦେଶର ଓ ଭାଷାର ବର୍ତ୍ତମାନ ଏହି ସଙ୍କଟସ୍ଥଳରେ ସେ ଗୋଟିଏ ଉତ୍କୃଷ୍ଟ ପଥ ଦେଖାଇ ନୂତନ ଆଦର୍ଶରେ ଆମ୍ଭମାନଙ୍କୁ ଅନୁପ୍ରାଣିତ କରିବେ ।

ମୁଁ ସାହିତ୍ୟର ପୂଜାରୀ ନୁହେଁ କିମ୍ବା ମୋର ସାହିତ୍ୟ-କ୍ଷେତ୍ରରେ କୌଣସି ଗବେଷଣା ନାହିଁ । ଆପଣମାନଙ୍କ ଭଳି ବିଜ୍ଞ ସାହିତ୍ୟିକମାନଙ୍କ ସମାଜରେ ସାହିତ୍ୟ ସମ୍ବନ୍ଧରେ କୌଣସି ଭାଷଣ ଦେବା ମୋ ପକ୍ଷରେ ଧୃଷ୍ଟତା ମାତ୍ର । ତେବେ କର୍ତ୍ତବ୍ୟର ଆଦେଶରେ ସାଧାରଣ ଲୋକଙ୍କ ସାହିତ୍ୟ ସହିତ ଯେଉଁ ଟିକିଏ ସମ୍ବନ୍ଧ ସେହି ଦୃଷ୍ଟିରୁ ଦୁଇ ଚାରି ପଦ ମାତ୍ର କହିବାକୁ ପ୍ରୟାସ କରିବି । ଆଧୁନିକ ସାହିତ୍ୟ ସହିତ ହିଁ ସାଧାରଣ ଲୋକଙ୍କ ସମ୍ବନ୍ଧ । ସେହି ଆଧୁନିକ ଉତ୍କଳ ସାହିତ୍ୟ ବିଷୟ ଆଲୋଚନା କଲେ ତାହାର ନାନା ଅଭାବ ଅସୁବିଧା ଆଗେ ନଜରରେ ପଡ଼େ । ଚଳିତ ବର୍ଷଠାରୁ ପାଟନା ବିଶ୍ୱବିଦ୍ୟାଳୟ ମ୍ୟାଟ୍ରିକୁଲେଶନ ପର୍ଯ୍ୟନ୍ତ ମାତୃ-ଭାଷାରେ ଶିକ୍ଷା ପ୍ରଦାନ କରିବାର ନୀତି ଗ୍ରହଣ କରିଥିବାରୁ ସେହି ସବୁ ଅଭାବ ଅସୁବିଧା ପ୍ରତି ସର୍ବସାଧାରଣଙ୍କର ଦୃଷ୍ଟି ବିଶେଷ ଭାବରେ ଆକୃଷ୍ଟ ହୋଇଅଛି । ଜାତୀୟ ସାହିତ୍ୟ ଜାତୀୟ ଉନ୍ନତିର ବିଶିଷ୍ଟ ସହାୟକ ଓ ପରିଚାୟକ । ଜାତୀୟ ସାହିତ୍ୟର ଉନ୍ନତି ବ୍ୟତୀରେକେ କୌଣସି ଜାତି କେବେ ଉନ୍ନତି କରିବାକୁ ସକ୍ଷମ ହୋଇନାହିଁ । ଏହି ଜାତୀୟ ସାହିତ୍ୟର ଉନ୍ନତି କଲେ ଲୋଡ଼ା ସାଧନା ଓ ଅଧ୍ୟବସାୟ । ଏହା ବଳରେ ପୃଥିବୀର ଉନ୍ନତ ସାହିତ୍ୟମାନଙ୍କରୁ ସଙ୍କଳନ ଓ ଅନୁବାଦ ଦ୍ୱାରା ନିଜ ଜାତୀୟ ସାହିତ୍ୟ-ସମ୍ପଦର ସମ୍ୟକ୍ ଅଭିବୃଦ୍ଧି କରି ଯାଇପାରିବ । ସାହିତ୍ୟ-କ୍ଷେତ୍ରରେ କଳାସୃଷ୍ଟି ସକାଶେ ମେଧା ଓ ମୌଳିକତାର ଆବଶ୍ୟକ ହୋଇଥାଏ; କିନ୍ତୁ ଏହି ଗଣତାନ୍ତ୍ରିକ ଯୁଗରେ ଗଣ ସାହିତ୍ୟର ଆବଶ୍ୟକତା ଖୁବ୍ ବେଶି । ଉପଯୁକ୍ତ ଗଣ ସାହିତ୍ୟର ସୃଷ୍ଟି ଉତ୍କଳରେ ଏ ପର୍ଯ୍ୟନ୍ତ ହୋଇ ନାହିଁ କହିଲେ ଚଳେ । ଦେଶ ବିଦେଶର ଇତିହାସ, ଶିଶୁ ସାହିତ୍ୟ, ରାଜନୀତି ଶାସ୍ତ୍ର, ଅର୍ଥଶାସ୍ତ୍ର, ଶିଳ୍ପ ଶାସ୍ତ୍ର, ଚିକିତ୍ସା ବିଜ୍ଞାନ, ପଶୁପାଳନ ଓ ଚିକିତ୍ସା, ସମବାୟ ଓ ଗ୍ରାମୋନ୍ନତି ପ୍ରଭୃତି ବିଷୟରେ କିମ୍ବା ବିଭିନ୍ନ ବିଜ୍ଞାନ କ୍ଷେତ୍ରରେ ଯଥା ଉଦ୍ଭିଦ ବିଜ୍ଞାନ, ଯନ୍ତ୍ର ବିଜ୍ଞାନ, ରସାୟନ ବିଦ୍ୟା, ପଦାର୍ଥ ବିଦ୍ୟା, ସ୍ଥପତି ବିଦ୍ୟା ଇତ୍ୟାଦି ବିଷୟରେ ମୌଳିକତା ବା ନୂତନ ସୃଷ୍ଟିର ଆବଶ୍ୟକତା ଅତି ଅଳ୍ପ । ଏହି ସବୁ ବିଦ୍ୟା ବା ବିଜ୍ଞାନ ବର୍ତ୍ତମାନ ଏତେଦୂର ଅଗ୍ରସର ହୋଇଛି ଯେ କେବଳ ସଙ୍କଳନ ଦ୍ୱାରା ସେହି ସେହି ବିଷୟରେ ଆମ ସାହିତ୍ୟ-ଭଣ୍ଡାରକୁ ସହଜରେ

* ବାରିପଦା ସାହିତ୍ୟ-ସମାଜର ପଞ୍ଚମ ବାର୍ଷିକ ଅଧିବେଶନରେ ପଠିତ ।

ପୂର୍ଣ୍ଣ କରି ପାରିବା । ତା ବୋଲି ଯେ ମେଧା ଓ ମୌଳିକତାର ଆବଶ୍ୟକତା ନାହିଁ ତା କହୁନାହିଁ । ଏହା ବ୍ୟତୀତରେକେ ସାହିତ୍ୟ କେବେ ପୂର୍ଣ୍ଣାଙ୍ଗ ହୋଇ ପାରିବ ନାହିଁ । ସାହିତ୍ୟ କ୍ଷେତ୍ରରେ ଯୁଗାନ୍ତର ଆଣିବା ପାଇଁ ଯୁଗାବତାରର ଏକାନ୍ତ ଆବଶ୍ୟକ । ବିଭିନ୍ନ ସାହିତ୍ୟ ଆଲୋଚନା କଲେ ଦେଖାଯାଏ ଯେ ଏହି ଯୁଗାବତାରମାନେ ହିଁ ଜାତୀୟ ସାହିତ୍ୟର ପ୍ରକୃତ ପ୍ରାଣ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥାନ୍ତି । ଏମାନେ କିନ୍ତୁ ଯେତେବେଳେ ଯେଉଁଠି ପାରି ସେଠି ଜନ୍ମଗ୍ରହଣ କରନ୍ତି ନାହିଁ, କିମ୍ବା କେବଳ ମନ କଲେ ଏମାନଙ୍କୁ ମିଳେ ନାହିଁ । ଯେଉଁ ଯେଉଁ ଦେଶରେ ବା ଜାତିରେ ଉପଯୁକ୍ତ ସାଧନା ଥାଏ ଯୁଗାବତାରମାନେ ସେହି ସେହି ଦେଶ ବା ଜାତିରେ ଜନ୍ମ ଗ୍ରହଣ କରି ଦେଶ ବା ଜାତିର ସାଧନାକୁ ସିଦ୍ଧିର ପଥରେ ନେଇଯାଆନ୍ତି । ଆମ୍ଭମାନଙ୍କ ଜାତୀୟ ସାହିତ୍ୟର ଏହି ଦୁର୍ଗତି ଦିନରେ ଘରେ ବସି କେବଳ ଉନ୍ନତି କାମନା କଲେ କିଛି ହେବ ନାହିଁ । ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କୁ ଏହି ଦିଗରେ ଯତ୍ନବାନ ହୋଇ କୌଣସି ଗୋଟିଏ କାର୍ଯ୍ୟ-ପନ୍ଥା ଅନୁସରଣ କରିବାକୁ ହେବ । ନିଷ୍ଠା ଓ ସାଧନା ଥିଲେ ମେଧା ବା ମୌଳିକତାର ଅଭାବ ଆମ୍ଭମାନଙ୍କ ଅଗ୍ରଗତିରେ କୌଣସି ବାଧା ଜନ୍ମାଇ ପାରିବ ନାହିଁ । ସେହି ଉପେନ୍ଦ୍ରଭଞ୍ଜ, ଗୋପାଳକୃଷ୍ଣ, ଦୀନକୃଷ୍ଣ, ସାରଳା ଦାସ ଆଦିଙ୍କୁ ନେଇ ଓଡ଼ିଆ ଜାତି ଆଉ କେତେ ଦିନ ବଞ୍ଚି ପାରିବ ? ଏ ନବ ଯୁଗରେ ଯୁଗୋଚିତ ସାହିତ୍ୟ ସୃଷ୍ଟି କରିବା ପାଇଁ ନିଷ୍ଠାପର ସାଧକ-ମାନଙ୍କର ବହୁ ପରିମାଣରେ ଲୋଡ଼ା ।

ଏତ ଗଲା ସାହିତ୍ୟ-ସୃଷ୍ଟିର କଥା । କିନ୍ତୁ ସାହିତ୍ୟର ଉନ୍ନତି ପାଇଁ ସୃଷ୍ଟି ଯେପରି ଆବଶ୍ୟକ ପ୍ରଚାର ମଧ୍ୟ ସେହିପରି ଆବଶ୍ୟକ । ପ୍ରଚାର ବିନା ସାହିତ୍ୟ-ସୃଷ୍ଟି ମଧ୍ୟ ସ୍ଥାୟୀ ହୋଇ ପାରିବ ନାହିଁ । କେବଳ ଭଲ ଚାଷ କରି କ୍ଷେତରୁ ବେଶୀ ଧାନ ଅମଦାନୀ କଲେ ଚାଷୀ ତାର ଆର୍ଥିକ ଉନ୍ନତି ସାଧନ କରି ପାରେ ନାହିଁ । ସେ ଧାନକୁ ଭଲ ଭାବରେ ବିକ୍ରୟ କରି ପାରିଲେ ଯାଇ ତାର ଉଦ୍ଦେଶ୍ୟ-ସାଧନ ହୁଏ । କ୍ରମାଗତ ଭଲ ଲାଭ ନ ପାଇଲେ ଭଲରୂପେ ଚାଷ କରିବା ପାଇଁ ଆଗ୍ରହ ରହିବ ନାହିଁ ଓ ଫଳରେ ଫସଲର ଅମଦାନୀ ମଧ୍ୟ କମିଯିବ । ବରଂ ଆଜି କାଲି ଜଗତରେ ଉତ୍ପାଦନଠାରୁ ବିକ୍ରୟ ବେଶୀ କଷ୍ଟକର ହୋଇଛି । ସାହିତ୍ୟ-କ୍ଷେତ୍ରରେ ମଧ୍ୟ ସମ୍ୟକ୍ ପ୍ରଚାର ଗୋଟିଏ ଜଟିଳ ସମସ୍ୟା । ସେଥିପାଇଁ ସଙ୍ଘବଦ୍ଧ କାର୍ଯ୍ୟପନ୍ଥା ଆବଶ୍ୟକ । ବର୍ତ୍ତମାନ ଆମ୍ଭ ଦେଶରେ ଯେଉଁ ଭାବରେ ସାହିତ୍ୟ-ପ୍ରଚାର ହେଉଛି ତାହା ସାହିତ୍ୟ-ସୃଷ୍ଟି ପକ୍ଷରେ ଆଦୌ ସହାୟକ ନୁହେଁ । ଆମ୍ଭମାନଙ୍କୁ ସର୍ବଦା ମନେ ରଖିବାକୁ ହେବ ଯେ ଉତ୍କଳ ଗୋଟିଏ କ୍ଷୁଦ୍ର ଦେଶ ଓ ଉତ୍କଳ ଭାଷା ଅଳ୍ପସଂଖ୍ୟକ ଲୋକଙ୍କ ମଧ୍ୟରେ ପ୍ରଚଳିତ । ଅତଏବ ଏ ଭାଷାର ସ୍ୱାତନ୍ତ୍ର୍ୟ ବଜାୟ ରଖି ଏହାର ଉତ୍ତରୋତ୍ତର ଶ୍ରୀବୃଦ୍ଧି କରିବାକୁ ହେଲେ ଅଧିକ ସାଧନା ଓ ସ୍ୱାର୍ଥତ୍ୟାଗ ଆବଶ୍ୟକ । ସମୃଦ୍ଧିଶାଳୀ ପଡ଼ୋଶୀ ବଙ୍ଗ ବା ହିନ୍ଦି ଭାଷାର ପୁସ୍ତକ-ପ୍ରଣେତା, ପ୍ରକାଶକ ଓ ମାସିକ ପତ୍ରାଦିର ସମ୍ପାଦକମାନେ ଯେପରି ପ୍ରଚୁର ଲାଭବାନ୍ ହେଉଅଛନ୍ତି, ସେପରି ଲାଭର ଆଶା ରଖି ଏ ଦେଶରେ ସାହିତ୍ୟ ସେବା କଲେ ଅଚିରେ ହତାଶ ହେବାକୁ ହେବ । ତେବେ ଏହା ମଧ୍ୟ ଭୁଲିଲେ ଚଳିବ ନାହିଁ ଯେ କେବଳ ସାହିତ୍ୟ-ସେବାରେ ଉଦର-ପୂରଣ ହୁଏ ନାହିଁ ଓ ଯେଉଁମାନେ ସାହିତ୍ୟ-ସେବାରେ ନିଜ ନିଜର ଜୀବନ ଉତ୍ସର୍ଗ କରିଅଛନ୍ତି ସେମାନଙ୍କର ଭରଣ-ପୋଷଣ ଓ ସାଧାରଣ ସ୍ୱାଚ୍ଛନ୍ଦ୍ୟ ପାଇଁ ସମାଜ ଦାୟୀ । କଥାରେ ଅଛି, କବିତା, ବନିତା, ଲତା ବିନା ଆଶ୍ରୟରେ ବଢ଼ି ପାରନ୍ତି ନାହିଁ । ଏହି ବିଂଶ ଶତାବ୍ଦୀରେ ବନିତାଙ୍କ ସମ୍ବନ୍ଧରେ ଏ କଥା ସମ୍ପୂର୍ଣ୍ଣରୂପେ ପ୍ରଯୁଜ୍ୟ ନ ହୋଇ ପାରେ କିନ୍ତୁ କବିତା ଓ ଲତା ସମ୍ବନ୍ଧରେ ଏହାର ସତ୍ୟତା ପୂର୍ବେ ଯେପରି ଥିଲା ବର୍ତ୍ତମାନ ଯୁଗରେ ମଧ୍ୟ ଠିକ୍ ସେହିପରି ରହିଛି । ଭାରତବର୍ଷର ଅନ୍ୟାନ୍ୟ ସମୃଦ୍ଧ ପ୍ରଦେଶମାନଙ୍କ ପରି ନ ହେଲେ ମଧ୍ୟ ଉତ୍କଳରେ ସାହିତ୍ୟ-ସାଧନା ସକାଶେ ଏପରି ଆଶ୍ରୟ ଏବେ ମଧ୍ୟ ମିଳୁଛି । ସୁକବି ଓ ସୁଲେଖକମାନଙ୍କ ମଧ୍ୟରୁ ଅନେକେ ଏ ଦେଶର ରାଜା ମହାରାଜାମାନଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇଛନ୍ତି ଓ ପାଉଛନ୍ତି ଓ ଉତ୍କଳର ଅଧିକାଂଶ ପ୍ରଧାନ ଗ୍ରନ୍ଥ ଏହି ରାଜା ମହାରାଜାଙ୍କ ଦାନଦ୍ୱାରା ମୁଦ୍ରିତ ହୋଇଅଛି । କିନ୍ତୁ ଦୁଃଖର ବିଷୟ ଏ ସବୁ ଦାନର ଯଥୋଚିତ ସଦ୍‌ବ୍ୟବହାର ହେଉନାହିଁ ।

ମୋର ମନେହୁଏ ଏପରି ଗୋଟିଏ ଜାତୀୟ ଅନୁଷ୍ଠାନର ବୀଜ କଟକ ଉତ୍କଳସାହିତ୍ୟସମାଜ ମଧ୍ୟରେ ନିହିତ ରହିଅଛି । ଏହି ସାହିତ୍ୟ-ସମାଜର ପରିସର ବଢ଼ାଇ ଏହାକୁ ସମଗ୍ର ଉତ୍କଳଭାଷୀ ଅଞ୍ଚଳର ପ୍ରତିନିଧି ସମାଜରୂପେ ପୁନର୍ଗଠନ କରିବାକୁ ହେବ । ତାହାହେଲେ ଯାଇ ଏହି ସମାଜ ସର୍ବସାଧାରଣଙ୍କ ବିଶ୍ୱାସଭାଜନ ହୋଇ ପାରିବ । ଏପରି ଅନୁଷ୍ଠାନ ମଧ୍ୟରେ କୌଣସି ବ୍ୟକ୍ତି ବା ଗୋଷ୍ଠୀର ପ୍ରତିପତ୍ତି ରହିଲେ ଚଳିବ ନାହିଁ । ତ୍ୟାଗ ଓ ସେବା ମନ୍ତ୍ରରେ ଦୀକ୍ଷିତ ହୋଇ ସାହିତ୍ୟର ଉନ୍ନତି କଳ୍ପେ ଯେଉଁ-ମାନେ ଜୀବନ ଉତ୍ସର୍ଗ କରିଥିବେ, ସେହିମାନେହିଁ କେବଳ ଏହି ଅନୁଷ୍ଠାନରେ କର୍ଣ୍ଣଧାର ହୋଇ ଏହାର ସୁପରିଚାଳନା କରି-ପାରିବେ । ଧର୍ମଚର୍ଚ୍ଚା ଓ ଧର୍ମୋନ୍ନତି ସକାଶେ ଉତ୍ସୃଷ୍ଟ ପୁରାକାଳର ମଠମନ୍ଦିରମାନଙ୍କ ପରିଚାଳନାରେ କ୍ରମେ ସାମ୍ପ୍ରଦାୟିକ ଓ ବ୍ୟକ୍ତିଗତ ପ୍ରଭାବ ବିସ୍ତୃତ ହୋଇ ବର୍ତ୍ତମାନ ସେ ଗୁଡ଼ିକର ଯେପରି ଅଧୋଗତି ହୋଇଛି, ତାହା ନ ଭୁଲି ଆମ୍ଭମାନଙ୍କ କଳ୍ପିତ ବାଣୀ-ମନ୍ଦିର ଯେପରି ସେ ପଥ ଅନୁସରଣ ନ କରେ ସେଥିପ୍ରତି ସର୍ବଦା ସତର୍କ ରହିବାକୁ ହେବ ।

ଅନେକ ସ୍ଥଳରେ ଏହି ସବୁ ଦାନ ବା ବୃତ୍ତିରୁ ଲବ୍ଧଧନ ପରିଣାମରେ ଗ୍ରହୀତାଙ୍କର ଅଯୋଗ୍ୟ ସନ୍ତାନସନ୍ତତିଙ୍କ ବିଳାସ-ବ୍ୟସନରେ ବ୍ୟୟିତ ହେଉଛି । ଉତ୍କଳ ପରି ଧନହୀନ ପ୍ରଦେଶରେ ଯେଉଁ କିଛିକ ଦାନ ମିଳୁଛି ତାହାର ଏପରି ଅପଚୟ ନ ହୋଇ କଡ଼ାକାନ୍ତି ପର୍ଯ୍ୟନ୍ତ କେବଳ ଜାତୀୟ ସାହିତ୍ୟର ଉନ୍ନତି କଳ୍ପେ ବ୍ୟୟିତ ହେବା ଆବଶ୍ୟକ । ଏହା କରିବାକୁ ହେଲେ ଗୋଟିଏ

Digitized by srujanika@gmail.com

ସମ୍ବର୍ଦ୍ଧନା

ସୁଦୃଢ଼ ଜାତୀୟ ଅନୁଷ୍ଠାନ ଗଢ଼ିବା ସର୍ବାଦୌ ଆବଶ୍ୟକ । ଏହି ଅନୁଷ୍ଠାନ ସମଗ୍ର ସାହିତ୍ୟ-ସମ୍ପଦକୁ କୌଣସି ବ୍ୟକ୍ତି ବା ଗୋଷ୍ଠୀର ଆୟତ୍ତରେ ନ ରଖି ଜାତୀୟ ସମ୍ପଦରୂପରେ ପରିଚାଳନା କରିବ । ସାହିତ୍ୟ-ଉନ୍ନତି ଉଦ୍ଦେଶ୍ୟରେ ସମସ୍ତ ଦାନ କେବଳ ଏହି ଅନୁଷ୍ଠାନ ଗ୍ରହଣ କରି ପାରିବ ଓ ସମସ୍ତ ଉପାଦେୟ ଗ୍ରନ୍ଥ କେବଳ ଏହି ଅନୁଷ୍ଠାନ ପ୍ରକାଶ ଓ ପ୍ରଚାର କରିପାରିବ । ତାହାହେଲେ ଏହି ସବୁ ଦାନ ଦ୍ୱାରା ମୁଦ୍ରିତ ପୁସ୍ତକାବଳୀର ବିକ୍ରୟଲବ୍ଧ ଧନ ଓ ପ୍ରତିଷ୍ଠିତ ମୁଦ୍ରଣାଳୟମାନଙ୍କର ଲାଭ ଅନ୍ୟ କୌଣସି ପ୍ରକାରେ ବ୍ୟୟିତ ନ ହୋଇ ବାରମ୍ବାର ଜାତୀୟ ସାହିତ୍ୟର ଉନ୍ନତି କଳ୍ପେ ଲାଗି ପାରିବ । କେବଳ ଏତିକି ନୁହେଁ, କବି ବା ସାହିତ୍ୟିକ କେବଳ ରାଜା ମହାରାଜା ବା ଧନଶାଳୀ ଲୋକଙ୍କ ଦ୍ୱାରସ୍ଥ ହୋଇ ପାରୁଛନ୍ତି; କିନ୍ତୁ କଳ୍ପିତ ଅନୁଷ୍ଠାନ ଧନୀ ଓ ମଧ୍ୟବିତ୍ତ ଉଭୟ ସମ୍ପ୍ରଦାୟର ଲୋକଙ୍କଠାରୁ ଧନ ସଂଗ୍ରହ କରି ଜାତୀୟ ସାହିତ୍ୟ ପାଣ୍ଠିକୁ ପରିପୁଷ୍ଟ କରି ପାରିବ । ଅନ୍ୟ ଦିଗରେ ଏହି ଅନୁଷ୍ଠାନକୁ ବହୁ ପରିମାଣରେ ସତ୍ ସାହିତ୍ୟ ସୃଷ୍ଟି ପାଇଁ ଯତ୍ନବାନ ହେବାକୁ ହେବ ଏବଂ ସମସ୍ତ ନିଃସ୍ୱ ଓ ଅଭାବଗ୍ରସ୍ତ ସୁଲେଖକ ଓ ସୁକବିମାନଙ୍କ ପାଇଁ ସାଧାରଣ ସ୍ୱାଚ୍ଛନ୍ଦ୍ୟ ଓ ଆବଶ୍ୟକ ହେଲେ ସମ୍ପୂର୍ଣ୍ଣ ଭରଣ ପୋଷଣର ଦାୟିତ୍ୱ ମଧ୍ୟ ବହନ କରିବାକୁ ହେବ । ଏପରି କଠିକଣା ଧନୀ ପ୍ରଦେଶମାନଙ୍କରେ ଆବଶ୍ୟକ ହୋଇ ନ ପାରେ; କିନ୍ତୁ ଦୁର୍ବଳର ବଳ ଏକତା । ଆମ୍ଭେମାନେ ଉପରୋକ୍ତ ପ୍ରକାରେ କିମ୍ବା ଅନ୍ୟ କୌଣସି ଉତ୍କୃଷ୍ଟ କାର୍ଯ୍ୟପନ୍ଥା ଅବଲମ୍ବନ କରି ସଂଘବଦ୍ଧ ଭାବରେ ଜାତୀୟ ସାହିତ୍ୟର ଉତ୍କର୍ଷ ସାଧନରେ ବ୍ରତୀ ନ ହେଲେ ଉତ୍କଳ ସାହିତ୍ୟକୁ ପଡ଼ୋଶୀ ଉନ୍ନତ ସାହିତ୍ୟ-ସମାଜରେ ଆସନ ଦେଇ ପାରିବା ନାହିଁ ।

କେବଳ ଏତିକି ନୁହେଁ, ଉପାଦେୟ ପୁସ୍ତକମାନଙ୍କ ବହୁଳ ପ୍ରଚାର ପାଇଁ ଶିକ୍ଷା-ପ୍ରସାର ଦିଗରେ ଯତ୍ନବାନ ହେବାକୁ ହେବ ଓ ସରକାରୀ ଓ ବେସରକାରୀ ଯେଉଁସବୁ ଅନୁଷ୍ଠାନ ଏ ଦିଗରେ କାର୍ଯ୍ୟ କରୁଛନ୍ତି ବା କରିବେ ସେମାନଙ୍କ ସହିତ ସହଯୋଗ କରିବାକୁ ହେବ । ଶିକ୍ଷିତ ସମାଜରେ ସାହିତ୍ୟାନୁରାଗ ବଢ଼ାଇବାକୁ ହେବ ଓ ଜନସାଧାରଣଙ୍କର ରୁଚି ପରିବର୍ତ୍ତନ ପାଇଁ ଦେଶବ୍ୟାପୀ ଆନ୍ଦୋଳନ ଚଳାଇବାକୁ ହେବ । ଶାଶୁ ବୋହୂ କଳି, କେମିତି ଦେଇ କାନ, ନିଷ୍ଠୁରେ ଶିରି ପ୍ରଭୃତି ଧରଣର ଆବର୍ଜନା ପରିବର୍ତ୍ତରେ ଆଧୁନିକ ରୁଚିସଙ୍ଗତ ଉପାଦେୟ ପୁସ୍ତକମାନ ଯେପରି ଜନସାଧାରଣରେ ଆଦୃତ ହୁଏ ସେ ଦିଗରେ ସମୂହ ଚେଷ୍ଟା କରିବାକୁ ହେବ ।

ଓଡ଼ିଶା ସରକାରଙ୍କର ମଧ୍ୟ ଏ ଦିଗରେ ଗୋଟିଏ ଗୁରୁତର କର୍ତ୍ତବ୍ୟ ରହିଅଛି । ଅନ୍ୟାନ୍ୟ ପ୍ରଦେଶ ପରି ଓଡ଼ିଶାରେ ଭିନ୍ନ ଧର୍ମ ଓ ଭିନ୍ନ ଭାଷାର ସଂଘର୍ଷ ନାହିଁ । ସମଗ୍ର ଓଡ଼ିଶା ଦେଶରେ ଗୋଟିଏ ମାତୃଭାଷାର ପ୍ରଚଳନ ଥିବାରୁ ଓଡ଼ିଶା ସରକାରଙ୍କର ଏହି ଭାଷାର ଉନ୍ନତି ସାଧନ କରାଇବା ପାଇଁ ଅନେକ ସୁବିଧା ଓ ସୁଯୋଗ ଅଛି । ଜାତୀୟ ଉନ୍ନତି ସାଧନ ପାଇଁ ସରକାର ନାନା ଦିଗରେ କାର୍ଯ୍ୟ କରୁଅଛନ୍ତି; କିନ୍ତୁ ଜାତୀୟ ସାହିତ୍ୟର ଉନ୍ନତି ବ୍ୟତିରେକେ ସମୂହ ଜାତୀୟ ଉନ୍ନତି ଅସମ୍ଭବ । ଅତଏବ ସର୍ବାଦୌ ଜାତୀୟ ସାହିତ୍ୟର ଉନ୍ନତି-ସାଧନ ଆବଶ୍ୟକ । ନାନା ଅଭାବ ମଧ୍ୟରେ ଜାତିର ସାହିତ୍ୟର ଉନ୍ନତି କଳ୍ପେ ଏ ବର୍ଷ ଦଶ ସହସ୍ର ମୁଦ୍ରା ଦାନ କରି ସରକାର ଏହି ଗୁରୁତର କର୍ତ୍ତବ୍ୟ ଉପଲବ୍ଧି କରି ଥିବାର ସୂଚନା ଦେଇଅଛନ୍ତି । ଉତ୍କଳଭାଷୀ ଅଞ୍ଚଳ ପାଇଁ ଗୋଟିଏ ଅଲଗା ବିଶ୍ୱବିଦ୍ୟାଳୟ-ସ୍ଥାପନ-ମୂଳରେ ଯେ ଏହି ମନୋଭାବ ରହିଛି ଏହା ମଧ୍ୟ ପ୍ରକାଶ୍ୟରେ ପ୍ରଚାରିତ ହୋଇଛି । କିନ୍ତୁ ବିଷୟଟି ଏତେ ଗୁରୁତର ଓ ଏତେ ଜରୁରୀ ଯେ ଏହା ପାଇଁ ଗୋଟିଏ ସୁଚିନ୍ତିତ କର୍ମ-ଯୋଜନା ପ୍ରସ୍ତୁତ କରି ଶୀଘ୍ର ତାକୁ କାର୍ଯ୍ୟରେ ପରିଣତ କରିବା ଆବଶ୍ୟକ । ଉତ୍କଳର ଶିକ୍ଷିତ ସମାଜ ସରକାରଙ୍କୁ ଏ ଦିଗରେ ସମ୍ପୂର୍ଣ୍ଣ ସହଯୋଗ ଓ ପ୍ରେରଣା ଦେବା ଆବଶ୍ୟକ । ତା ନ ହେଲେ ପଡ଼ୋଶୀ ସାହିତ୍ୟମାନେ ଉନ୍ନତି ଓ ଆଲୋକର ପଥରେ ଦ୍ରୁତ ଗତିରେ ଅଗ୍ରସର ହୋଇ ଚାଲିବେ ଓ ଦୀନ ଉତ୍କଳ ସାହିତ୍ୟ ଯେଉଁ ତିମିରେ ସେହି ତିମିରେ ପଡ଼ିରହି ସଢ଼ୁଥିବ । ଉତ୍କଳୀୟ ପ୍ରାଣରେ ଏହା ଯଦି ସହ୍ୟ ହୁଏ ଓ ଜାତୀୟ ଭାଷାର ଏହି ସଙ୍କଟ-ସ୍ଥଳରେ ଆତ୍ମରକ୍ଷା କରିବାକୁ ସେ ଯଦି ବଦ୍ଧପରିକର ହୋଇ ନ ପାରେ ତେବେ ତାର ସ୍ୱତନ୍ତ୍ର ଜାତୀୟତା ଓ ସ୍ୱତନ୍ତ୍ର ଭାଷା ରକ୍ଷା କରିବାର ଅଧିକାର ନାହିଁ ।

ମୁଁ ଆପଣମାନଙ୍କର ମୂଲ୍ୟବାନ ସମୟ ଆଉ ନେବି ନାହିଁ । ଅସାହିତ୍ୟିକର ଅନଧିକାର ଚର୍ଚ୍ଚାରେ ଯେଉଁସବୁ ଦୋଷତ୍ରୁଟି ଘଟିଥିବ ତାହା ଆପଣମାନେ ନିଜ ଗୁଣରେ କ୍ଷମା କରିବେ ବୋଲି ମୋର ଆଶା । ଆପଣମାନେ ଯେପରି ଧୀର ସ୍ଥିର ଭାବରେ ମୋର ବକ୍ତବ୍ୟଟିକିକ ଗ୍ରହଣ କରିଛନ୍ତି ସେଥିପାଇଁ ମୁଁ ଆପଣମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି ।

Digitized by srujanika@gmail.com

କବି ଓ କାବ୍ୟ*

ଶ୍ରୀ ବୃନ୍ଦାବନଚନ୍ଦ୍ର ଦାଶ

କଳ୍ପନା-ରସିକ ମାନେହିଁ କବି ପଦର ଯୋଗ୍ୟ ନୁହନ୍ତି । ଭାବୁକ ବା ରସିକମାନଙ୍କର କଳ୍ପନା ଅଛି ସତ୍ୟ, ମାତ୍ର ସେ କଳ୍ପନା ବନ୍ଧ୍ୟା, ଭାବୁକର ମନ ମଧ୍ୟରେ ରୁଦ୍ଧ । ଯେଉଁ ଦୈବୀ ପ୍ରେରଣାର ସାହାଯ୍ୟରେ ସେହି କଳ୍ପନା କାବ୍ୟ-ଲୋକରେ ରୂପମୟୀ ହୋଇ ଉଠେ, ସେ ପ୍ରେରଣା ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ । ଯାହା ଭାଗ୍ୟରେ ଘଟେ ସେହି ଭାଗ୍ୟବାନ ହିଁ ବାଣୀଙ୍କର ବରପୁତ୍ର —ସେ କବି ।

ପୁନଶ୍ଚ ଯେଉଁ ଭାଗ୍ୟବାନର ଜୀବନରେ ଏହି ଦୈବୀ ପ୍ରେରଣାର ଲୀଳା ଦେଖିବାକୁ ମିଳେ ସେ ମନୁଷ୍ୟଟିର ସାଧାରଣ ମନୁଷ୍ୟ ଜୀବନ ଗୋଟିଏ ପ୍ରକାର—ତାଙ୍କର କବି-ଜୀବନ ଅନ୍ୟ ପ୍ରକାର । କବି-ଜୀବନରେ ଏହି 'ଦ୍ୱୈତ' ଅଛି । କାବ୍ୟ-ମଧ୍ୟରେ ଯାହାକୁ ଆମ୍ଭେମାନେ ପାଉଁ ତାହାର ମୂର୍ତ୍ତି, ପୁଣି ସମାଜରେ ସଂସାରର କର୍ମକ୍ଷେତ୍ରରେ ଯାହାକୁ ପାଉଁ ତାହାର ମୂର୍ତ୍ତି ଏକ ନୁହେଁ । ଏପରିକି କାବ୍ୟମଧ୍ୟରେ ଯାହା ସହଜ ପରିଚୟ ଘଟେ, ତାହା ଭିତରେ ଆମ୍ଭମାନଙ୍କ ସାଧାରଣ ଧାରଣାର ଅନୁଯାୟୀ କୌଣସି ବ୍ୟକ୍ତିତ୍ୱ ଖୋଜିଲେ ହତାଶ ହେବାକୁ ପଡ଼େ । ତାହା ହିଁ କବିର ବ୍ୟକ୍ତିତ୍ୱ ।

କାବ୍ୟର ଗୌରବ ଅଛି ଯାହା କିଛି ହେଉ ତହିଁରେ ସାଧାରଣ ମାନବ-ଧର୍ମର ପରିଚୟ ନାହିଁ । କାବ୍ୟମଧ୍ୟରୁ ମନୀଷାର ପରିଚୟ ମିଳେ ନାହିଁ । ଚିନ୍ତା-ଶକ୍ତିର ଉତ୍କର୍ଷ-ସାଧନକୁ କବି-ପ୍ରତିଭା ବୋଲାଯାଏ ନାହିଁ । କାରଣ ଯାହାକୁ ଆମ୍ଭେମାନେ ଚିନ୍ତାବୃତ୍ତି ବୋଲି କହୁଁ କାବ୍ୟ ସେ ଚିନ୍ତାବୃତ୍ତିର ଫଳ ନୁହେ । କାବ୍ୟ ମଧ୍ୟରେ କବିଙ୍କର ଯେଉଁ ସହୃଦୟତାର ପରିଚୟ ମିଳେ, ଯେଉଁ ସହାନୁଭୂତିକୁ ଜଗତ କବିଧର୍ମ ବୋଲି କହେ ତାହା ଲୌକିକ ହୃଦୟ-ବୃତ୍ତି ନୁହେଁ । ତେଣୁ ଯାହା ଯେକି ସାଧାରଣ ମନୁଷ୍ୟର ବୃତ୍ତି, ତାହାର ଅନୁରୂପ ଲକ୍ଷଣ କାବ୍ୟମଧ୍ୟରେ ଖୋଜିଲେ ମିଳିବ ନାହିଁ । କାବ୍ୟ ଦ୍ୱାରା କାବ୍ୟକାରର ବାସ୍ତବ ଚରିତ୍ରର କୌଣସି ଧାରଣା ମଧ୍ୟ ପରିସ୍ଫୁଟ ହୁଏ ନାହିଁ ।

ସାଧାରଣ ପାଠକ କାବ୍ୟ ପାଠ କରି ନିଜର ରସବୋଧ ଶକ୍ତି ଅନୁଯାୟୀ କାବ୍ୟ ମଧ୍ୟରୁ ରସ ଗ୍ରହଣ କରନ୍ତି । ମାତ୍ର ଏହି ରସ-ଗ୍ରହଣ ପରିବର୍ତ୍ତରେ ଯେଉଁମାନେ କ୍ଷୁଦ୍ର ମକ୍ଷିକା ପରି ବ୍ରଣ ଖୋଜି ବୁଲୁଥାନ୍ତି, ସେମାନେ କବିଙ୍କର ଗୋଟିଏ ଅବାନ୍ତର ପରିଚୟ କାବ୍ୟ ମଧ୍ୟରୁ ବାହାର କରି କବି ଓ କାବ୍ୟ ଉଭୟର ମର୍ଯ୍ୟାଦା-ହାନି ଘଟାନ୍ତି ।

କବିର ଜୀବନ ସଙ୍ଗେ କାବ୍ୟର ଗୋଟିଏ ଯୋଗ ନିଶ୍ଚୟ ରହିଥିବ । ଦୈନନ୍ଦିନ ଜୀବନର କାର୍ଯ୍ୟ-କ୍ଷେତ୍ରରେ, ମନୁଷ୍ୟର କାର୍ଯ୍ୟ ଓ ସ୍ୱଭାବ ମଧ୍ୟରେ ଯେ ଗୋଟିଏ ସଙ୍ଗତି ଲକ୍ଷିତ ହୁଏ, ମନୁଷ୍ୟର ମତାମତ ଓ ସାମାଜିକ ଆଚରଣ ମଧ୍ୟରେ ଯେଉଁ ସାମ୍ୟ ନ ଥିଲେ ତାହାକୁ ମିଥ୍ୟାଚାରୀ କପଟୀ ହେବାକୁ ପଡ଼େ—କବିର କବିଜୀବନ ଓ କାବ୍ୟ ମଧ୍ୟରେ ସେହିପରି ଗୋଟିଏ ସାମ୍ୟ ଥିବା ସମ୍ଭବ । କାବ୍ୟର କବି-ମାନସ କବିର ବ୍ୟକ୍ତିଗତ ଚରିତ୍ର ଠାରୁ ସ୍ୱତନ୍ତ୍ର । ଉତ୍କୃଷ୍ଟ ନାଟକ ଉତ୍କୃଷ୍ଟ କବି-ପ୍ରତିଭାର ନିଦର୍ଶନ । ସେଠାରେ କବିର ବ୍ୟକ୍ତିଗତ ଚରିତ୍ରର ସତ୍ତା କାହିଁ ? ବରଂ ତାହା ସେଠାରେ ଲୋପ ପାଏ ବୋଲି ନାଟକର ଉତ୍କର୍ଷତା ସମ୍ପାଦିତ ହୁଏ । କଥା-କାବ୍ୟ ଗୁଡ଼ିକର ଆଖ୍ୟାୟିକା-ନିର୍ବାଚନରେ ବା ବର୍ଣ୍ଣନା-ଭଙ୍ଗୀରେ କବିର ଯେଉଁ ଅଭିପ୍ରାୟ ବ୍ୟକ୍ତ ହୁଏ ତାହା କବିର ବାସ୍ତବ ଜୀବନର ବାସ୍ତବ ଅଭିପ୍ରାୟ ସଙ୍ଗେ ଖାପ ଖାଇବାର କୌଣସି ସମ୍ଭାବନା ଥାଏ ନାହିଁ । ଲିରିକ ମଧ୍ୟରେ କବିର ଯେଉଁ ଆତ୍ମଗତ ଉଚ୍ଛ୍ୱାସ ଥାଏ, ତହିଁରେ ଯେଉଁ ଅନ୍ତରଙ୍ଗ ଅଭିମାନ ପ୍ରକାଶ ପାଏ, ତାହା ମଧ୍ୟ ଗୋଟିଏ ଆଦର୍ଶ-କଳ୍ପନାର ଆବେଗ । କବି-ଚରିତ୍ରର ପ୍ରକୃତ ପରିଚୟ ତାହା ମଧ୍ୟରେ ନ ଥାଏ ।

ଅତଏବ କବି-ଧର୍ମ ଓ ସାଧାରଣବ୍ୟକ୍ତି-ଧର୍ମ ମଧ୍ୟରେ ପାର୍ଥକ୍ୟ ଯଥେଷ୍ଟ । କାରଣ କବି କାବ୍ୟ ରଚନା କଲାବେଳେ ଆଉ ସାଧାରଣ ମନୁଷ୍ୟ ହୋଇ ନ ଥାଏ—ସେତେବେଳେ ଗୋଟିଏ ବିରାଟ ଚେତନାର ଆବେଶରେ, ପ୍ରାଣର ଅବାଧ ସ୍ଫୂର୍ତ୍ତି ଓ କଳ୍ପନାର ଦିବ୍ୟୋନ୍ମାଦ ଘଟେ । କବି ସେତେବେଳେ ସାଧାରଣ ମନୁଷ୍ୟର ସ୍ତରରୁ ଊର୍ଦ୍ଧ୍ୱତର ଗୋଟିଏ ସ୍ତରରେ ବିଚରଣ କରୁଥାନ୍ତି—ଏହି ଭାବାବସ୍ଥା ହିଁ କାବ୍ୟ-ଜନନୀ । କାବ୍ୟ ରଚନା କଲାବେଳେ କବି ଯେତେବେଳେ ପ୍ରୋକ୍ତ ଭାବାବସ୍ଥାରେ ଉପସ୍ଥିତ ହୁଅନ୍ତି—ସେତେବେଳେ ତାଙ୍କର ଜୀବନ ଏହି କର୍ମ-ବନ୍ଧନ ମଧ୍ୟରୁ ମୁକ୍ତି ଲାଭ କରେ, ଲୌକିକତାର ସକଳ ସଂସ୍କାର ଦୂରୀଭୂତ ହୁଏ, କ୍ଷୁଦ୍ର ବ୍ୟକ୍ତି-ଜୀବନ ଗୋଟିଏ ମହତ୍ତର ସତ୍ତା ମଧ୍ୟରେ ଲୀନ ହୋଇଯାଏ, ସେତେବେଳେ କବିଙ୍କର ନବଜନ୍ମ ବା ଦ୍ୱିଜତ୍ୱ ଲାଭ ହୁଏ । ଏହି ଅବସ୍ଥାରେ କବି ନିଜର ମହିମାରେ ବିରାଜ କରୁଥାନ୍ତି । ଏହି ଉଲ୍ଲାସ ମଧ୍ୟରେ ସକଳ ଅହଂଭାବ ବିଲୁପ୍ତ ହୁଏ । ଏହି ଅହଂଜ୍ଞାନହିଁ ସକଳ ପ୍ରକାର ଶକ୍ତିହୀନତା ଓ ଅଜ୍ଞତାର ମୂଳ । ଏହାରି ଫଳରେ ମନୁଷ୍ୟର ସାଧନା ଓ ସିଦ୍ଧି,

* ବାଢ଼ପଡ଼ା ସାହିତ୍ୟ ସମାଜର ପଞ୍ଚମ ବାର୍ଷିକ ଅଧିବେଶନରେ ପଠିତ ।

Digitized by srujanika@gmail.com

ଜ୍ଞାନ ଓ ପ୍ରବୃତ୍ତି ମଧ୍ୟରେ ନିତ୍ୟ ବିରୋଧ ଘଟେ ଏବଂ ସାରା ଜୀବନ ମନୁଷ୍ୟକୁ ଆତ୍ମ-ସଂଗ୍ରାମ କରିବାକୁ ହୁଏ । ତାହାର ଇଚ୍ଛାଶକ୍ତି ସୃଷ୍ଟି-ପ୍ରକ୍ରିୟାର ପ୍ରତ୍ୟେକ ପଦରେ ବାଧା ପାଏ ଏବଂ ତାହାର ମୁକ୍ତ, ଶୁଦ୍ଧ, ଅପାପବିଦ୍ଧ ଆତ୍ମାକୁ ପୀଡ଼ିତ କରି ତାହା ଉପରେ କ୍ଷୁଦ୍ର ବ୍ୟକ୍ତିତ୍ୱର ଆରୋପ କରେ । କାବ୍ୟ-ରଚନା କଲାବେଳେ ଏହି ଅହଂ-ମୁକ୍ତି ଘଟେ ବୋଲି କବି ସମ୍ବନ୍ଧରେ କୌଣସି ଚରିତ୍ର-ବିଚାର ଖଟେ ନାହିଁ । ବାସ୍ତବ ଜୀବନରେ କବିର କର୍ମବୃତ୍ତି ସାଧାରଣ ମନୁଷ୍ୟ ପରି ଅବସ୍ଥା ଓ ଚରିତ୍ର ଘେନି ନାନା ପ୍ରକାର ହୋଇପାରେ । କିଏ ଯୋଦ୍ଧା, କିଏ ରାଜ-ସଭାସଦ୍, କିଏ ଜମିଦାର, କିଏ ସନ୍ନ୍ୟାସୀ, କିଏ ବା ସେକ୍ସପିଅରଙ୍କ ସଦୃଶ ସାଧାରଣ ବିଷୟୀ ଲୋକ, କିଏ ଅତ୍ୟନ୍ତ ଧର୍ମବିଶ୍ୱାସୀ, ପୁଣି କିଏ ବା ଗେଟେ ଓ ରବୀନ୍ଦ୍ରନାଥଙ୍କ ସଦୃଶ ଜାତି ଓ ସ୍ୱଦେଶଅଭିମାନବର୍ଜିତ ବିଶ୍ୱପ୍ରେମିକ । କିନ୍ତୁ ହୃଦୟମଧ୍ୟରେ କାବ୍ୟପ୍ରେରଣା ଜାଗି ଉଠିଲେ, ସେହି ବୃହତ୍ତର ଚେତନାର ଆବେଶ ହେଲେ ବାହାରର ସକଳ ସାଜ-ସଜ୍ଜା ଉଭେଇ ଯାଏ । ବିଷୟ ବୁଦ୍ଧି, ମନୁଷ୍ୟ ପ୍ରତି ଅବଜ୍ଞା ଓ ଅବିଶ୍ୱାସ, ସ୍ୱାର୍ଥସାଧନ ଇତ୍ୟାଦି ସମସ୍ତ କୁଆଡ଼େ ଭାସିଯାଏ । ସେତେବେଳେ କବିର ଚିତ୍ତ ଶିଶୁ ପରି ସରଳ, ବିଶ୍ୱାସପ୍ରବଣ ଓ ଆନନ୍ଦମୟ ହୋଇ ଉଠେ ।

କବିର ଏହି ଅବସ୍ଥାର ସଙ୍କେତ, ଏହି ନବ ଜନ୍ମର ପରିଚୟ ଆମ୍ଭେମାନେ କାବ୍ୟମଧ୍ୟରେ ପାଉଁ । ଦେଶ, କାଳ ଓ ପାତ୍ରର ସୀମା ଭୁଲି ସକଳ ସଙ୍କୀର୍ଣ୍ଣତାର ଗଣ୍ଡି ଭେଦ କରି କାବ୍ୟ-ଲକ୍ଷ୍ମୀ ବିଚରଣ କରନ୍ତି । ବିଶ୍ୱ ବିଧାନର ସକଳ ପ୍ରକାର ବୈଚିତ୍ର୍ୟକୁ ଗୋଟାଏ ଦିବ୍ୟଜ୍ଞାନ ଓ ଆନନ୍ଦର ଐକ୍ୟ ସୂତ୍ରରେ ଗ୍ରନ୍ଥି ଯୁକ୍ତି-ବିରୋଧ, ନୀତିବିରୋଧ, ନ୍ୟାୟବିରୋଧ—ସକଳ ଅସ୍ୱୀକାର କରି କବି ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ସର୍ବତ୍ର ନିଜର 'ମୁଁ'କୁ ପ୍ରସାରିତ କରି ଗୋଟାଏ ଅପୂର୍ବ ମୂର୍ତ୍ତି, ଗୋଟାଏ ମହାନ ଉଲ୍ଲାସ ପ୍ରକଟିତ କରନ୍ତି । ନିଜେ ପ୍ରଜାପତି ହୋଇ ଫୁଲରୁ ଫୁଲକୁ ଉଡ଼ି ବୁଲନ୍ତି, ମେଘ ହୋଇ ଆକାଶରେ ବିଚରଣ କରନ୍ତି । ନିଜେ ଏକାଧାରରେ ଘାତକର ଉଲ୍ଲାସ ଓ ଆହତର ମର୍ମନ୍ତୁଦ ଯନ୍ତ୍ରଣା ଭୋଗ କରନ୍ତି ।

କବି ତାଙ୍କର କବିତାରେ ଯେଉଁ ସତ୍ୟ ପ୍ରକଟିତ କରନ୍ତି, ନିଜ ଜୀବନରେ ତାହା ଆଚରଣ କରନ୍ତି କିମ୍ବା ନାହିଁ, କବି-ଜୀବନର ଯେଉଁ ମାନସିକ ଅନୁଭୂତି କାବ୍ୟମଧ୍ୟରେ ଜ୍ୱଳନ୍ତ ହୋଇ ଉଠେ, ତାଙ୍କର ବ୍ୟକ୍ତିଗତ ଜୀବନଯାତ୍ରାମଧ୍ୟରେ ତାହାର ସତ୍ୟତା କେତେଦୂର ପ୍ରତିପାଦିତ ହୁଏ, ସେ ପ୍ରମାଣ ଖୋଜି ବସିଲେ ଆମ୍ଭମାନଙ୍କର ହତାଶ ହେବା ଆଶ୍ଚର୍ଯ୍ୟ ନୁହେଁ । ଏହା ସର୍ବଦା ମନେ ରଖିବା ଉଚିତ ଯେ କାବ୍ୟ-ଜଗତ ସ୍ୱତନ୍ତ୍ର ଜଗତ୍ । ସେଠାରେ ବାସ୍ତବର କଠିନ ଶାସନ ଅଗ୍ରାହ୍ୟ କରି ଚଳି ହୁଏ ବୋଲି କବି-ଶକ୍ତିକୁ ପୂର୍ଣ୍ଣ ମାନବତାର ଲୀଳା ବୋଲାଯାଏ । ବାସ୍ତବ ଜୀବନର ସମସ୍ତ ଅକ୍ଷମତା, ଅଜ୍ଞାନ ଓ ଶକ୍ତିହୀନତାର ପ୍ରଭାବ ଏଡ଼ି ଦେଇ କବି କାବ୍ୟ-ଲୋକରେ ବିଚରଣ କରନ୍ତି । ଏହି ସୃଷ୍ଟିର ଅନ୍ତରାଳରେ ଯେଉଁ ଜ୍ଞାନ, ଆନନ୍ଦ ଓ ଶକ୍ତି ଏକାଧାରରେ ପ୍ରବାହିତ ତାହାର ପୂର୍ଣ୍ଣ ଚେତନାରେ କବି ସେତେବେଳେ ଲୀଳାମୟ । ସେତେବେଳେ କବିଙ୍କର ଆନନ୍ଦ ସୀମା ଭୁଲି ଯାଏ । ଏହି ଅବସ୍ଥାରେ ଥିବା ପର୍ଯ୍ୟନ୍ତ ସେ କବି । ପୁଣି ଯେତେବେଳେ ପ୍ରାତ୍ୟହିକ ଜୀବନ ଯାତ୍ରାକୁ ଓହ୍ଲାଇ ଆସନ୍ତି ସେତେବେଳେ ସେ ସାଧାରଣ ମନୁଷ୍ୟ । ସାଧାରଣ ମନୁଷ୍ୟର କର୍ମନୀତି ଓ ଦୁର୍ବଳତା ଇତ୍ୟାଦି ପୁନରାୟ ତାଙ୍କୁ ଆଚ୍ଛନ୍ନ କରି ପକାଏ । ଅତଏବ ବ୍ୟକ୍ତି ଜୀବନର କର୍ମ-ନୀତି ମଧ୍ୟରେ କବି ସେହି ଶ୍ରେଷ୍ଠ ସତ୍ତାର ପ୍ରଭାବ ରକ୍ଷା କରି ପାରନ୍ତି ନାହିଁ ବୋଲି ଯଦି ହତାଶ ହେବାକୁ ପଡ଼େ, ତାହାହେଲେ ସେ ଯେତେବେଳେ କାବ୍ୟଲୋକରେ ବିଚରଣ କରୁଥାନ୍ତି, ସେତେ-ବେଳେ ସେ ନିଜ ଜୀବନର ସକଳ ତ୍ରୁଟି, ଅକ୍ଷମତା ଓ ସଙ୍କୀର୍ଣ୍ଣତା ସେଠାକୁ ମଧ୍ୟ ଘେନି ଯାଆନ୍ତି ନାହିଁ ବୋଲି ତାଙ୍କ ପ୍ରତି ଦୋଷାରୋପ କରାଯାଇ ପାରେ । ମାତ୍ର ତାହା ସମୀଚୀନ ନୁହେ । କାରଣ କବି-ଜୀବନ ଓ ବ୍ୟକ୍ତି-ଜୀବନ ଏକ ନୁହେ ।

କବି-ଜୀବନରେ ବାସ୍ତବ ମୁକ୍ତି ମିଳେ । ଜୀବନରେ ଯେଉଁ ବାଧା, କବି-ସ୍ୱର୍ଗରେ ସେ ବାଧା ନାହିଁ । ସେଠାରେ କବି ଏକେଶ୍ୱର, ସେଠାରେ ସେ ନିଜେ ସ୍ରଷ୍ଟା, ଷଡ଼ୈଶ୍ୱର୍ଯ୍ୟଶାଳୀ ସ୍ୱୟଂ ଭଗବାନ୍ । ସେ ସ୍ୱର୍ଗ ତାଙ୍କର ଆକାଂକ୍ଷାର ଅନୁରୂପ—କୌଣସି ଠାରେ ତାଙ୍କର ଇଚ୍ଛାଶକ୍ତିର ବାଧା ବା ବନ୍ଧନ ନ ଥାଏ । ସେଠାରେ କବି ଯାହା ଇଚ୍ଛା କରନ୍ତି ତାହାହିଁ ଘଟେ ।

ଏ ଅଧିକାର କବିଙ୍କର ଚିରନ୍ତନ । କାବ୍ୟ ଶକ୍ତିର ଗୌରବ ଓ ବିଶେଷତ୍ୱ ଏହି ଯେ ପାଠକକୁ ମଧ୍ୟ କବି ଏହି ଅଧିକାର ଦେଇ ପାରନ୍ତି । କବି ଜୀବନର ଏହି ମୁକ୍ତି ପାଠକର ମନରେ ସଙ୍କ୍ରମିତ ହୁଏ । ଆବିଷ୍ଟ ଚିତ୍ତରେ କବିତା ପଢ଼ିବା ସମୟରେ ବା ଗୀତ ଗାଇବା ସମୟରେ ଆମ୍ଭେମାନେ ମଧ୍ୟ ଏହି ଚେତନାଲୋକରେ ବିହାର କରି ପାରୁଁ; ଆମ୍ଭେମାନେ ମଧ୍ୟ ଏହି ବିରାଟ ସତ୍ତାର କିୟଦଂଶ ଉପଲବ୍ଧି କରୁଁ । ଏହାହିଁ କବିଙ୍କର କୃତିତ୍ୱ ଏବଂ ଏଥିପାଇଁ ଆମ୍ଭେମାନେ କବିଙ୍କ ଠାରେ ଋଣୀ । କାବ୍ୟ ବା କବିତା ଭିତର ଦେଇ କବିଙ୍କ ସହିତ ଯେଉଁ ପରିଚୟ ଆମର ହୁଏ, ତାହାକୁ କେତେକ ପରିମାଣରେ ଆତ୍ମ ପରିଚୟ ବୋଲି ଯାଇ ପାରେ । କାରଣ କବି ତାଙ୍କର କାବ୍ୟ ସାହାଯ୍ୟରେ ଆମର ଅନ୍ତରର ରସବୋଧ ଶକ୍ତିକୁ ଉଦ୍ବୁଦ୍ଧ କରନ୍ତି ଏବଂ ଏହି ରସ-ବୋଧ ଶକ୍ତିର ଭିତର ଦେଇ ଆମ୍ଭମାନଙ୍କର ଆତ୍ମ ପରିଚୟ ହୁଏ । ଆମ୍ଭମାନଙ୍କ ପ୍ରାଣର ଅବାଧ ସ୍ଫୂର୍ତ୍ତି ଓ ଚିତ୍ତର ଚମତ୍କାର ବିଧାନ କରି, ଆମର ଭିତରେ ଯେଉଁ ଆତ୍ମା ଅବରୁଦ୍ଧ ଅଛି, କବି ତାକୁ ମୁକ୍ତ କରି ଦିଅନ୍ତି । ଏହି ଆତ୍ମୋପଲବ୍ଧିହିଁ କାବ୍ୟର ପ୍ରଧାନ ଅଭିପ୍ରାୟ । କବିଙ୍କର personality ଅର୍ଥାତ୍ କବିଙ୍କର ବ୍ୟକ୍ତିଗତ ବୈଶିଷ୍ଟ୍ୟ କାବ୍ୟ ମଧ୍ୟରେ ନ ଫୁଟିବାର କଥା; ତାଙ୍କର କ୍ଷୁଦ୍ର ବ୍ୟକ୍ତି-ଜୀବନର ପରିଚୟ ନ ଥିବାହିଁ ସଙ୍ଗତ । ଏହି ବ୍ୟକ୍ତି-

Digitized by srujanika@gmail.com

ଜୀବନର ସଙ୍କୀର୍ଣ୍ଣତା ଥାଏ ନାହିଁ ବୋଲି ଜଗତ ଓ ଜୀବନର ଅସଲ ରୂପଟି ସେ ଦେଖି ପାରନ୍ତି । ଏହି ଦୃଷ୍ଟିହିଁ କବିଙ୍କର ସତ୍ୟ ଦୃଷ୍ଟି । କାବ୍ୟ ଉପନ୍ୟାସ ଇତ୍ୟାଦିରେ ଆମ୍ଭେମାନେ ଜୀବନର ଯେଉଁ ଚିତ୍ର ପାଉଁ ତାହା ମଧ୍ୟରେ ଗୋଟାଏ ଅତ୍ୟନ୍ତ ସରଳ ସହଜ ଓ ତୀକ୍ଷ୍ଣ ସତ୍ୟବୋଧ ବିଦ୍ୟମାନ ଥାଏ ବୋଲି ଆମ୍ଭେମାନେ ଆନନ୍ଦ ଲାଭ କରୁଁ । ସତ୍ୟର ଏହି ରୂପଟି ଚିର ସୁନ୍ଦର । ଯେଉଁ କାବ୍ୟ ମଧ୍ୟରେ ଏହି ସତ୍ୟବୋଧର ଅଭାବ ସେ କାବ୍ୟର ପ୍ରେରଣା ଅସମ୍ପୂର୍ଣ୍ଣ ବୋଲି ବୁଝିବାକୁ ହେବ । କବିଙ୍କର ଏହି ସତ୍ୟ-ଦୃଷ୍ଟିହିଁ କାବ୍ୟର ପ୍ରାଣ ।

ବର୍ତ୍ତମାନ ପ୍ରଶ୍ନ ଉଠି ପାରେ ସତ୍ୟ କଅଣ ? ସତ୍ୟ ଆଉ ଯାହା ହେଉ ତାହା ବିଜ୍ଞାନର ଥିଓରି, ଧର୍ମଶାସ୍ତ୍ରର ଅନୁଶାସନ କିମ୍ବା ଦର୍ଶନର ମତବାଦ ନୁହେ । ସତ୍ୟ ମନୁଷ୍ୟ ହୃଦୟର ଗୋଟାଏ ଅତି ଘନିଷ୍ଠ ଅନୁଭୂତି । ସତ୍ୟର ଗୋଟାଏ ବଡ଼ ଲକ୍ଷଣ ଏହି ଯେ ତାହାକୁ ଲାଭ କଲା ପରେ କୌଣସିଠାରେ ଆଉ କୌଣସି ସଂଶୟ ରହେ ନାହିଁ ।

କାବ୍ୟକୁ ମଧ୍ୟ ଅନୁଭୂତି ବୋଲି ଯାଇପାରେ । ସ୍ପଷ୍ଟତର-ଭାଷାରେ—କବି-ଚକ୍ଷୁରେ ଯାହା ଯେପରି ଭାବରେ ଦିଶେ, କବି ତାହାକୁ ଠିକ୍ ସେହି ଭାବରେହିଁ ନିଜର କାବ୍ୟ ଭିତର ଦେଇ ଜଗତକୁ ଦେଖାଇ ଦିଅନ୍ତି ; ଏବଂ ଏହି ଦେଖିବା ଓ ଦେଖାଇବାରେ ପରିବର୍ତ୍ତନ ଘଟି ନ ଥାଏ ବୋଲି କାବ୍ୟର ପାଠକ ହୃଦୟରେ ରସ ଉଦ୍ରେକ ହୁଏ । କବିର ଆକାଂକ୍ଷା ପାଠକର ମନଶ୍ଚକ୍ଷୁ ଆଗରେ ପରିସ୍ଫୁଟ ହୋଇପାରେ ।

ଯେଉଁ ଦୃଷ୍ଟି ମଧ୍ୟରେ ନିଜ ନିଜ ବ୍ୟକ୍ତି-ଜୀବନର କ୍ଷୁଦ୍ର ଗଣ୍ଡି ଓ ନାନା ସଂସ୍କାରର ବାଧା ରହିଅଛି ସେ ଦୃଷ୍ଟି ସତ୍ୟଦୃଷ୍ଟି ନୁହେ । ସେଠାରେ ସ୍ୱାର୍ଥ ଓ ଅସ୍ମିତାମାନଙ୍କର ବିରୋଧ ଥାଏ ବୋଲି ସମସ୍ତ ବିଷୟ ଦୃଷ୍ଟିରେ ପଡ଼େ ନାହିଁ । ଯେତେବେଳେ ସମସ୍ତ ବିଷୟ ଦୃଷ୍ଟିଗୋଚର ହୁଏ ସେତେବେଳେ ସାମଞ୍ଜସ୍ୟ ବୁଝାଯାଏ, ତାର ସୌନ୍ଦର୍ଯ୍ୟରେ ପ୍ରାଣମନ ମୁଗ୍ଧ ହୁଏ । ସତ୍ୟ ସୁନ୍ଦରର ଏହି ଅଦ୍ୱୈତବାଦ ଘୋଷଣା କରି କବି କୀଟସ୍ ଲେଖି ଯାଇଛନ୍ତି—

Beauty is truth, truth is beauty, that is all Ye know on earth, and all ye need to know.

ଅର୍ଥାତ୍ ଯାହା ସୁନ୍ଦର ତାହାହିଁ ସତ୍ୟ, ସତ୍ୟହିଁ ସୁନ୍ଦର—ମନୁଷ୍ୟର ଜ୍ଞାନ ଏହାଠାରୁ ଅଧିକ ହୋଇ ପାରେ ନାହିଁ, ହେବାର ପ୍ରୟୋଜନ ମଧ୍ୟ ନାହିଁ ।

ସଂସାରରେ ଯାହା କିଛି କବିଙ୍କର ଚିତ୍ତକୁ ସ୍ପର୍ଶ କରେ, କବି ନିଜ ଅନ୍ତରର ଅନୁଭୂତି ମଧ୍ୟରେ ତାହାକୁ ଏକୀଭୂତ କରି ତାହା ଭିତରେ ସ୍ୱୀୟ ସତ୍ତା ହରାଇ ବସନ୍ତି—ତାହାର ରୂପ ଧାରଣା କରି ତନ୍ମୟ ହୋଇ ତାହାହିଁ ପ୍ରକାଶ କରନ୍ତି । ଏହାହିଁ କବିଙ୍କର ଏକମାତ୍ର ଜ୍ଞାନାନୁଭୂତି । ଏହାହିଁ ତାଙ୍କର ପ୍ରତିଭା ।

କବି କୌଣସି ବସ୍ତୁର ବ୍ୟାଖ୍ୟା ବା ବର୍ଣ୍ଣନା ଦିଅନ୍ତି ନାହିଁ । ତାହାକୁ ଆତ୍ମସ୍ଥ କରି ତାହାର ସତ୍ତା ଭିତରେ ନିଜର ସତ୍ତା ବୁଡ଼ାଇ ଦେଇ ତନ୍ମୟ ହୋଇ ଯାଆନ୍ତି ଏବଂ ସେହି ତନ୍ମୟ ଅବସ୍ଥାରେ ଯାହା ଦେଖନ୍ତି କାବ୍ୟ ମଧ୍ୟରେ ତାହାର ପ୍ରତିଛବି ଆମ୍ଭେମାନେ ଦେଖିବାକୁ ପାଉଁ । ଏହି ଭାବରେ ଆତ୍ମବିସ୍ମୃତ ହେବାକୁ—ଏହିପରି ତନ୍ମୟ ହେବାର ଆନନ୍ଦକୁ ସ୍ମରଣ କରି, ଏହି ଉପଲବ୍ଧିକୁ ରୂପ ଦେବାର ପ୍ରୟାସ କରି ଆମ୍ଭମାନଙ୍କର ଜଣେ କବି ଗାଇଛନ୍ତି—

"ବିଶ୍ୱ ତନ୍ତ୍ରୁ ଏକଇ ଛନ୍ଦ
ଏକଇ ପୁଲକ ପ୍ରୀତି ଆନନ୍ଦ
ଶୁଣ ଶୁଣ କବି ମୂର୍ଖ ଅନ୍ଧ
ଏକଇ ପାଗଲ ଦିଶେ
କାହାର କ୍ଷିପ୍ର ସ୍ନିଗ୍ଧ ସ୍ୱରଟି
ଯାଉ୍ର ବାଦଲେ ମିଶେ ।"

କବି ଏଠାରେ ଆତ୍ମ-ବିସ୍ମୃତର ଅବସ୍ଥାକୁ କେତେକ ପରିମାଣରେ ଧାରଣା କରିବାର ଚେଷ୍ଟା କରିଛନ୍ତି, ନିଜେ ବୁଝିବାକୁ ଓ ଜଗତ ବୁଝାଇବାକୁ ପ୍ରୟାସ କରିଛନ୍ତି । ମନେ ରଖିବାକୁ ହେବ ଯେ କବି ଏହି ଭକ୍ତି ମଧ୍ୟରେ ଏକ ଅଖଣ୍ଡ ଜ୍ଞାନର ଯେଉଁ ଆନନ୍ଦ ତାହାର ଇଙ୍ଗିତ ମାତ୍ର ଦେଇଛନ୍ତି—ରସଗ୍ରାହୀ ମାନେ ଏହା ଉପଲବ୍ଧି କରି ପାରିବେ । ସେହି କବି ଆତ୍ମାର ଶାନ୍ତି-ନିକେତନର ସନ୍ଧାନ ପାଇ ଅନ୍ୟତ୍ର ଗାଇଛନ୍ତି:—

"ଚାଲରେ ଚାଲ ମନ ନିତ୍ୟ ବୃନ୍ଦାବନ ଦେଖିବୁ ପ୍ରିୟବାସ
ଅଦୂରେ ଗୋଲକରେ
ଅଦୂର ପଥେ ଆଜ ମିଳନ ତାର ସାଥେ ବିଜୟ ରଥେ ତୋର
ଜୀବନ ଆଲୋକରେ
ଯାତ୍ରା ପଥ ତୋର ପଲକେ ହେବ ଶେଷ
ଶେଷରେ ସନ୍ଦେହ ସକଳ ତୋର କ୍ଲେଶ
ଧନ୍ୟ ହେବୁ ଆଜ ପୁଣ୍ୟ ଦରଶନେ କ୍ଷୁଣ୍ଣ ସବୁ ପାପ
ଦୁଷ୍କୃତର ରାହୁ
ଜୀବନ-ଦେବତା ମୋ ଜୀବନ ପଥେ ବିଜେ-ତରଣୀ ମୋର ତାର
ସାଗରେ ବହି ଯାଉ ।… …"

ସୃଷ୍ଟିର ମର୍ମସ୍ଥାନରେ, ଯେଉଁଠାରେ ପହଞ୍ଚିଲେ ଶ୍ରାନ୍ତସନ୍ତପ୍ତ ଆତ୍ମାର ଯାତ୍ରାପଥ ଶେଷ ହୁଏ, ଜୀବନ ଦେବତାର ପୁଣ୍ୟ ଦର୍ଶନ ଫଳରେ ସକଳ ପାପ ଓ ଦୁଷ୍କୃତର ରାହୁ କ୍ଷୁଣ୍ଣ ହୋଇ ସମସ୍ତ ବିରୋଧ, ସମସ୍ତ ବୈଚିତ୍ର୍ୟ ଲୁପ୍ତ ହୋଇଯାଏ, ସେଠାରେ କୌଣସି ବନ୍ଧନ ନାହିଁ—କୌଣସି ବାଧା ନାହିଁ—ସେଠାରେ କବି ତନ୍ମୟ—ଆତ୍ମହରା ।

କବି କୀଟସ୍ ଏହି ତନ୍ମୟତାର ଗୋଟାଏ ଚମତ୍କାର ଉଦାହରଣ ଗୋଟାଏ ଜାଗାରେ ଦେଇଛନ୍ତି । ଗୋଟାଏ ସ୍ଥାନରେ ସେ କହିଛନ୍ତି—"ମୋ ଚକ୍ଷୁ ସମ୍ମୁଖରେ ଏହି ଯେଉଁ ପକ୍ଷୀଗୁଡ଼ିକ

Digitized by srujanika@gmail.com

ଖାଦ୍ୟ ସଂଗ୍ରହ କରି ବୁଲୁଅଛନ୍ତି, ସେମାନଙ୍କ ଅଡ଼ୁଆକୁ ଅନାଇଲା ବେଳେ ମୁଁ ଯେପରି ମୋ ନିଜ କଥା ଭୁଲିଯାଏଁ, ମୁଁ ଯେପରି ସେମାନଙ୍କ ସହିତ ତେଣିକି ତେଣିକି ସେମାନଙ୍କ ସଦୃଶ ଖାଦ୍ୟ ସଂଗ୍ରହ କରି ଘୁରି ବୁଲେଁ ? କବି ପକ୍ଷୀ ଦେଖୁଁ ଦେଖୁଁ ପକ୍ଷୀ ହୋଇ ଯାଇ ପାରନ୍ତି । ଏହି ଐନ୍ଦ୍ରଜାଳିକ ଶକ୍ତି କବିଙ୍କର ଥାଏ ବୋଲି ତାଙ୍କର ଅନ୍ତର୍ଦୃଷ୍ଟି ଏଡ଼େ ତୀକ୍ଷ୍ଣ ଏବଂ ଜଗତକୁ ସେ ସମସ୍ତ ବିଷୟ ନିଜେ ଦେଖିଥିଲା ପରି ଦେଖାଇବାରେ ଏଡ଼େ ପଟୁ । ମହାକବି ସେକ୍‌ପିଅରଙ୍କର ଏହି କ୍ଷମତା ପୂର୍ଣ୍ଣମାତ୍ରାରେ ଥିଲା ବୋଲି, ତାଙ୍କର ତୀକ୍ଷ୍ଣ ଦୃଷ୍ଟି ଅତି ଅକ୍ଳେଶରେ ଅପରର ହୃଦୟ ଭେଦ କରୁଥିଲା ବୋଲି, ଏବଂ ସକଳ ପ୍ରକାର ଚରିତ୍ର ମଧ୍ୟରେ ସେ ନିଜକୁ ବୁଡ଼ାଇ ଦେଇ ପାରୁଥିଲେ ବୋଲି ମନୁଷ୍ୟର ସମଗ୍ର ମନୁଷ୍ୟତାକୁ ଏଡ଼େ ଅବିକଳ ଭାବରେ ପ୍ରକଟିତ କରି ପାରୁଥିଲେ । ଏ ଶକ୍ତି, ବିଜ୍ଞାନ କିମ୍ବା ଦର୍ଶନ କାହାର ନାହିଁ ଏହା ପ୍ରକୃତ ରସାନୁଭୂତିର ଅବସ୍ଥା । ଏ ଅବସ୍ଥାରେ ସକଳ ବିରୋଧ ଭୁଟି ଯାଏ—ସକଳ ସମସ୍ୟାର ସମାଧାନ ହୋଇଯାଏ । "ବିଶ୍ୱ-ଚନ୍ଦ୍ର ଏକଇ ଛନ୍ଦ, ଏକଇ ପୁଲକ ପ୍ରୀତ ଅନନ୍ଦ......" ଏ ଅବସ୍ଥାରେ ଜ୍ଞାତା ଓ ଜ୍ଞେୟ (Subject and Object) ଏ ଉଭୟର ଭେଦ ଆଉ ଥାଏ ନାହିଁ । ଯେଉଁମାନେ ପ୍ରକୃତ ରସଜ୍ଞ, ଯେଉଁମାନେ ଏହାର ଆସ୍ୱାଦ ଲାଭ କରିଅଛନ୍ତି, ସେମାନେ ବୁଝି ପାରିବେ ଆତ୍ମାରେ ଏହା କି ପରିମାଣରେ ଆନନ୍ଦ ସଞ୍ଚାର କରେ । କିନ୍ତୁ ଯେଉଁମାନେ ଏହାର ରସାସ୍ୱାଦନ ପାଇଁ ଅକ୍ଷମ, ଯେଉଁମାନେ କାବ୍ୟ-ଜଗତକୁ ବ୍ୟବହାରିକ ଜଗତଠାରୁ ପୃଥକ୍ ଭାବରେ ଦେଖନ୍ତି, କାବ୍ୟ ପାଠ କରି ସାରିଲା ପରେ ସେମାନେ କହନ୍ତି—'କେବଳ କଳ୍ପନାର ଗୁଡ଼ୁସି ! ଏଥିରେ କୌଣସି ସମସ୍ୟାର ମୀମାଂସା ହୁଏ ନାହିଁ । ଏହାଦ୍ୱାରା ସମାଜର କୌଣସି ବାସ୍ତବ ଉପକାର ହୁଏ ନାହିଁ ......ଇତ୍ୟାଦି । କିନ୍ତୁ ଜ୍ଞାନକୁ ଯେଉଁମାନେ ଆନନ୍ଦ ରୂପରେ, ଜୀବନର ଉପଭୋଗ ନିମିତ୍ତ ଲାଭ କରିବାକୁ ପ୍ରୟାର୍ଶୀ, ଯେଉଁମାନେ ସତ୍ୟ ସୁନ୍ଦରର ମୂଳ ରହସ୍ୟଟି ଧରିବାକୁ ଉତ୍ସୁକ, ସେମାନେ କାବ୍ୟ ବା କବିତା ପାଠକରି କବିଙ୍କ ସହିତ ଏହିପରି ତନ୍ମୟ ହୋଇ ପାରିବାର ସୌଭାଗ୍ୟକୁ ଜୀବନର ଶ୍ରେଷ୍ଠ ଲାଭ ବୋଲି ଜ୍ଞାନ କରନ୍ତି । ଏ ଜ୍ଞାନ କାବ୍ୟ ବ୍ୟତୀତ ଅନ୍ୟ କୌଣସିଠାରେ ମିଳେ ନାହିଁ ।

ମାଟିର ଉପହାସ

ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକ

ତୋଳୁଥିଲି ବାସ ତାଳ ସକଳ ନୈପୁଣ୍ୟ
ପଡ଼ି ନାହିଁ ଛାତ, ଜମା ପାଶେ ଇଟା ଚୂନ !
କେତେ ସୁଖ କଳପନା ଯାଉଥିଲି ଗଣି
କାହିଁ ଉପବନ କାହିଁ ସ୍ଥାପିବି ଧରଣୀ ।
ଉଜ୍ଜ୍ୱଳ ବସିବ ପୁରେ ପ୍ରିୟାକାଶ ହାସେ
ଅପୂର୍ବ ଆନନ୍ଦ ପୁଣି ଶିଶୁକଣ୍ଠଭାଷେ ।
ମାଟିରେ ଉଠିବ ଗଢ଼ି ସ୍ୱର୍ଣ୍ଣ ସିଂହାସନ
ମାଟିର କୁଟୀର ହେବ ଦେବତା-ଭବନ ।

ତାଳ ତାର ମନ ପ୍ରାଣ ଅପୂର୍ବ କୌଶଳ
ଭାଳିଥିଲି ଫୁଟାଇବି ମରୁରେ କମଳ ।
ଶେଷ ହେଲା କ୍ଷଣେ ସବୁ ତା ଫିକର ଫନ୍ଦ,
ଆସିଲା ସେ ପାରୁ ଡାକ !
　　　　ଷଣେ ହେଲା ଧନ୍ଦ—
ଶିଶୁ ସମ !
　　　　ଇଟା ଚୂନ ହସେ ଅବକାରେ !
ଶୁଭେ "ରାମ ନାମ ସତ୍ୟ" ନିର୍ଜନ ଜଣାରେ ।

Digitized by srujanika@gmail.com

ଶ୍ରୀମନ୍ ମହାରାଜାଙ୍କର ଜନ୍ମୋତ୍ସବ

ଓ

ମୟୂରଭଞ୍ଜ କୃଷିଶିଳ୍ପ-ପ୍ରଦର୍ଶନୀ

ଏ ବର୍ଷ ଫେବୃୟାରୀ ୨୧ ତାରିଖ ଦିନ ଶ୍ରୀମନ୍ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓଙ୍କର ଜନ୍ମନକ୍ଷତ୍ର ଦିବସ ମହାସମାରୋହରେ ରାଜ୍ୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସେଦିନ ଷ୍ଟେଟ୍‌ର ସମସ୍ତ ସ୍କୁଲ, କଚେରୀ ପ୍ରଭୃତି ବନ୍ଦ ଥିଲା ।

ଉକ୍ତ ଦିବସ ସକାଳ ୭ଟା ସମୟରେ ରାଜଧାନୀ ବାରିପଦାର ଜନ-ସାଧାରଣ ପୋଲିଶ ମଇଦାନରେ ଏକତ୍ର ହୋଇଥିଲେ । ପ୍ରଥମେ ଷ୍ଟେଟ୍ ପତାକା ଉତ୍ତୋଳନ କରାଯାଇଥିଲା । ସମବେତ ଜନତା ଦଣ୍ଡାୟମାନ ହୋଇ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ । ତତ୍ପରେ ୨୦ଟି ତୋପ ସଲାମି ଦିଆ ଯାଇଥିଲା ଏବଂ ସମସ୍ତେ ଯେଝା ସ୍ଥାନରେ ବସିଥିଲେ । ବାରିପଦା ମ୍ୟୁନିସିପାଲିଟିର ଭାଇସ୍ ଚେୟାରମ୍ୟାନ୍ ଶ୍ରୀଯୁକ୍ତ ତ୍ରିଲୋଚନ ଦାସଙ୍କ ସଭାପତିତ୍ୱରେ ଗୋଟିଏ ସାଧାରଣ ସଭା ଅନୁଷ୍ଠିତ ହେଲା । ସ୍ଥାନୀୟ ହାଇସ୍କୁଲର ହେଡ଼ ପଣ୍ଡିତ ଶ୍ରୀଯୁକ୍ତ ଭଗବାନ ପଣ୍ଡା ବୈଦିକମନ୍ତ୍ରୋଚ୍ଚାରଣପୂର୍ବକ ମହାରାଜାଙ୍କ ଜନ୍ମଦିବସୋପଲକ୍ଷେ ରଚିତ ଗୋଟିଏ ଶ୍ଳୋକ ଆବୃତ୍ତି କରିଥିଲେ । ଶ୍ରୀଯୁକ୍ତ ମହେଶ୍ୱର ପତି ମହାରାଜାଙ୍କର ଅଷ୍ଟତ୍ରିଂଶ ଜନ୍ମଦିବସୋପଲକ୍ଷେ ତାହାଙ୍କୁ ଆନ୍ତରିକ ଭକ୍ତି ଜ୍ଞାପନପୂର୍ବକ ତାହାଙ୍କର ଦୀର୍ଘଜୀବନ ଓ ଉତ୍ତରୋତ୍ତର ଉନ୍ନତି ନିମନ୍ତେ ପ୍ରାର୍ଥନା କରି ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ । ଉକ୍ତ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା । ତତ୍ପରେ ଷ୍ଟେଟ୍‌ର ବ୍ୟାଣ୍ଡ ବାଦ୍ୟ ସାହାଯ୍ୟରେ ଜାତୀୟ ସଙ୍ଗୀତ ବୋଲା ଯାଇ ସଭାଭଙ୍ଗ ହେଲା ।



ଜନ୍ମଦିବସୋପଲକ୍ଷେ କାଙ୍ଗାଳି—ଭୋଜନ

ଦିନ ଦଶଟା ସମୟରେ ସମସ୍ତେ ରାଜପ୍ରାସାଦରେ ଉପସ୍ଥିତ ହୋଇ ମହାରାଜାଙ୍କ ସହିତ ସାକ୍ଷାତ୍ କରିଥିଲେ ଏବଂ ତାଙ୍କର ଶୁଭ-କାମନା କରିଥିଲେ । ମହାରାଜା ସାହେବ ସ୍ୱଭାବସୁଲଭ ସରଳତା ତଥା ପ୍ରଫୁଲ୍ଲତାର ସହିତ ସମସ୍ତଙ୍କର ଭକ୍ତି ଓ ଅଭିବାଦନ ଗ୍ରହଣ କରିଥିଲେ । ତତ୍ପରେ ପ୍ରାସାଦମଧ୍ୟସ୍ଥ କୀଚକେଶ୍ୱରୀ ମନ୍ଦିରରେ ଜନ୍ମନକ୍ଷତ୍ର ଦିବସର କୌଳିକ କର୍ମ ଯଥାବିଧି ଅନୁଷ୍ଠିତ

Digitized by srujanika@gmail.com

ହୋଇଥିଲା ଏବଂ ସ୍ୱୟଂ ମହାରାଜା ମହୋଦୟ ଉକ୍ତ କର୍ମରେ ଯୋଗ ଦେଇଥିଲେ ।

ଅପରାହ୍ନ ଦୁଇ ଘଣ୍ଟିକା ଠାରୁ ପ୍ରାୟ ସନ୍ଧ୍ୟା ପର୍ଯ୍ୟନ୍ତ କଚେରୀ ପାଖ ମ୍ୟୁନିସିପାଲ୍ ପଡ଼ିଆରେ କାଙ୍ଗାଳ-ଭୋଜନର ବ୍ୟବସ୍ଥା ହୋଇଥିଲା ଏବଂ ଶହ ଶହ ଦୁଃଖୀରଙ୍କି ଆହାର କରି ଖୁସି ମନରେ ମହାରାଜାଙ୍କର ଜୟ ଜୟ କରିଥିଲେ ।

ସେଦିନ ୩ଟା ସମୟରେ ପୋଲିସ ମଇଦାନରେ ପୋଲିସ ପରେଡ଼ ହୋଇଥିଲା । ଶ୍ରୀମନ୍ ମହାରାଜା ମହୋଦୟ, କାଶୀପୁରର ରାଜା ମହୋଦୟ, ରାଜବଂଶୀୟମାନେ ଏବଂ ଷ୍ଟେଟ୍‌ର ରାଜ-କର୍ମଚାରୀ ତଥା ବିଶିଷ୍ଟ ଭଦ୍ରବ୍ୟକ୍ତିବୃନ୍ଦ ଏ ଉତ୍ସବରେ ଯୋଗ ଦେଇଥିଲେ । କୃତିତ୍ୱ ଅର୍ଜନ କରିଥିବା ପୋଲିସ କର୍ମଚାରୀ-ମାନଙ୍କୁ ପୁରସ୍କାର ବିତରିତ ହୋଇଥିଲା । ପୋଲିସ ପରେଡ଼ ପରେ ପୋଲିସ ବିଭାଗର କର୍ମଚାରୀମାନେ ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ପାଇଁ ଜଳଯୋଗର ବ୍ୟବସ୍ଥା କରିଥିଲେ ।

ସନ୍ଧ୍ୟା ସମୟରେ ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ମନ୍ଦିରସ୍ଥ ବିରାଟ ପ୍ରାଙ୍ଗଣ ମଧ୍ୟରେ ପ୍ରମୋଦ ଉଦ୍ୟାନ ଏବଂ ମୟୂରଭଞ୍ଜ କୃଷି-ଶିଳ୍ପ-ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା । କାଶୀପୁରର ରାଜା ମହୋଦୟ ଏହି ଉଦ୍‌ଘାଟନ-ଉତ୍ସବର ପୁରୋଧା ହୋଇଥିଲେ । ଶ୍ରୀମନ୍ ମହାରାଜା ମହୋଦୟ,

ମୟୂରଭଞ୍ଜ କୃଷି ଓ ଶିଳ୍ପ ପ୍ରଦର୍ଶନୀର ପାଟକ ସମ୍ମୁଖର ଦୃଶ୍ୟ

ରାଜବଂଶୀୟମାନେ, ଷ୍ଟେଟ୍ କର୍ମଚାରୀବୃନ୍ଦ ଏବଂ ବାରିପଦା ତଥା ବାରିପଦା ବାହାରର ବହୁ ପ୍ରଜା ଏହି ଉତ୍ସବରେ ଯୋଗଦାନ କରିଥିଲେ । କାଶୀପୁରର ରାଜା ମହୋଦୟ ମୟୂରଭଞ୍ଜ ରାଜ୍ୟର ଉନ୍ନତିକୁ ପ୍ରଶଂସା କରି ଗୋଟିଏ ଭାଷଣ ପ୍ରଦାନ କରିଥିଲେ ଏବଂ ପ୍ରଦର୍ଶନୀ ଉଦ୍‌ଘାଟିତ ହେଲା ବୋଲି ଘୋଷଣା କଲେ । ତପରେ ସମସ୍ତେ ପ୍ରଦର୍ଶନୀ ଏବଂ ପ୍ରମୋଦ ଉଦ୍ୟାନ ପରିଦର୍ଶନ କରିଥିଲେ ।

ସନ୍ଧ୍ୟା ହେବା ସଙ୍ଗେ ସଙ୍ଗେ ସହରର ସମସ୍ତ ଗୃହ ଆଲୋକ-ମାଳାରେ ଭୂଷିତ ହୋଇଥିଲା । ଧନୀ-ଦରିଦ୍ର-ନିର୍ବିଶେଷରେ ସମସ୍ତେ ଦିପାଳି ବସାଇ ମହାରାଜାଙ୍କ ଜନ୍ମୋତ୍ସବକୁ ଗୋଟିଏ ପୁଣ୍ୟ ଉତ୍ସବ ରୂପେ ମହା ଆନନ୍ଦରେ ପାଳନ କରିଥିଲେ । ଚାରିଆଡ଼େ ନଗର-ସଂକୀର୍ତ୍ତନ କରା ଯାଇଥିଲା ଏବଂ ରାତିତମାମ ସାନ୍ତାଲ ନାଚର ବିରାମ ନ ଥିଲା । ରାତିରେ ରାଜକର୍ମଚାରୀ ତଥା ଅନ୍ୟାନ୍ୟ ଭଦ୍ରବ୍ୟକ୍ତିବୃନ୍ଦ ରାଜପ୍ରାସାଦରେ ଭୋଜୀକୁ ନିମନ୍ତ୍ରିତ ହୋଇଥିଲେ ।

ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ ମଧ୍ୟ ଏହି ଉତ୍ସବ ଯଥାବିଧି ପ୍ରତିପାଳିତ ହୋଇଥିଲା । ସେଦିନ କରଞ୍ଜିଆରେ ସକାଳ ୭ଟା ସମୟରେ ପାଞ୍ଚପୀଢ଼ ସବ୍-ଡିଭିଜନର ବହୁ ଲୋକ କଚେରୀ ପଡ଼ିଆରେ ରୁଣ୍ଡ ହୋଇଥିଲେ । ରାଜପତାକା ଉତ୍ତୋଳିତ ହେବା ପରେ ବାରିପଦା ପରି ସେଠାରେ ମଧ୍ୟ ପୋଲିସ ଫୌଜ ସାମରିକ ରୀତିରେ ଉକ୍ତ ପତାକାକୁ ସମ୍ମାନ ଦେଖାଇଥିଲେ । ଜନତା ଦଣ୍ଡାୟମାନ ହୋଇ ଶ୍ରୀମନ୍ ମହାରାଜା ମହୋଦୟଙ୍କର ଦୀର୍ଘଜୀବନ କାମନା କରି ପତାକା ପ୍ରତି ଭକ୍ତି ପ୍ରଦର୍ଶନ କରିଥିଲେ । ଶ୍ରୀ ଶ୍ରୀ ପୂର୍ଣ୍ଣେଶ୍ୱରଙ୍କର ମନ୍ଦିର-ହତାରେ ଦିନ ୪ଟା ବେଳେ କାଙ୍ଗାଳ ଭୋଜନର ବନ୍ଦୋବସ୍ତ କରା ଯାଇଥିଲା । ଭୋଜନ ପରେ କାଙ୍ଗାଳମାନେ ଶ୍ରୀମନ୍ ମହାରାଜା ମହୋଦୟଙ୍କର ଜୟଜୟକାର କରିଥିଲେ ।

ଏହି ଉତ୍ସବ ଏକ ସପ୍ତାହ ପର୍ଯ୍ୟନ୍ତ ଚାଲିଥିଲା । ଫେବୃଆରୀ ୨୨ ଓ ୨୩ ତାରିଖ ଦିନ ସ୍ଥାନୀୟ କର୍ମଚାରୀ ଓ ସାଧାରଣ ଲୋକ ମିଳି ଭିକ୍ଟୋରିଆ ଡାଏମଣ୍ଡ ଇନଷ୍ଟିଚିଉଟ୍ ହତା ମଧ୍ୟରେ 'ବିଦ୍ରୁ ବାହାନ' ନାଟକର ଅଭିନୟ କରିଥିଲେ । ପ୍ରଥମ ଦିନ ନାଟକଟି କେବଳ ସ୍ତ୍ରୀଲୋକମାନଙ୍କ ନିମନ୍ତେ ଅଭିନୀତ ହୋଇଥିଲା । ଦ୍ୱିତୀୟଦିନ ପୁରୁଷମାନେ ନାଟକ ଅଭିନୟ ଦେଖିଥିଲେ । ନାଟକ ଅଭିନୟ ନିମନ୍ତେ ଗୋଟିଏ ରଙ୍ଗମଞ୍ଚ ଆଗରୁ ନିର୍ମିତ ହୋଇ-ଥିଲା । ନାଟକ ଅଭିନୟ ପରେ ପ୍ରତ୍ୟହ ସନ୍ଧ୍ୟାରେ ଦୁଇ ଥର ଲେଖାଏଁ କଥାଲୁହା ବାୟୋସ୍କୋପ ଉକ୍ତ ରଙ୍ଗମଞ୍ଚରେ ପ୍ରଦର୍ଶିତ ହୋଇଥିଲା ଏବଂ ମଫସଲ ଓ ନିକଟବର୍ତ୍ତୀ ମୋଗଲବନ୍ଦୀ ଜିଲ୍ଲାମାନଙ୍କରୁ ମଧ୍ୟ ଲୋକେ ତାହା ଦେଖିବାକୁ ଆସୁଥିଲେ ।

ଫେବୃଆରୀ ୨୫ ତାରିଖ ଦିନ ସ୍ଥାନୀୟ ହାଇସ୍କୁଲ ଛାତ୍ର-ମାନଙ୍କର କ୍ରୀଡ଼ା-ପ୍ରତିଯୋଗିତା ହୋଇଥିଲା । ଶ୍ରୀମନ୍ ମହାରାଜା ମହୋଦୟ ଏବଂ ସ୍ଥାନୀୟ ଭଦ୍ରବ୍ୟକ୍ତିବୃନ୍ଦ ଉପସ୍ଥିତ ହୋଇ ଏ ପ୍ରତିଯୋଗିତା ଦେଖିଥିଲେ । ପ୍ରତିଯୋଗିତା ଶେଷରେ ମହାରାଜା ମହୋଦୟ ପୁରସ୍କାର ବିତରଣ କରିଥିଲେ ।

Digitized by srujanika@gmail.com

ଏହି ଜନ୍ମୋତ୍ସବ ଉପଲକ୍ଷେ ବାରିପଦା ଫ୍ରେଣ୍ଡସ୍ ରିକ୍ରିଏସନ୍ କ୍ଲବ ଫେବୃୟାରୀ ୧୬ ତାରିଖ ଦିନ ଗୋଟିଏ ସନ୍ତରଣ-ପ୍ରତିଯୋଗିତାର ଆୟୋଜନ କରିଥିଲେ। ସହରର ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତି ଏବଂ ଜନ-ସାଧାରଣ ଗୃପଲ ପୁଷ୍କରିଣୀର ଚତୁଃପାର୍ଶ୍ୱରେ ସମବେତ ହୋଇ ଏହି ପ୍ରତିଯୋଗିତା ଦେଖିଥିଲେ। ବୟସ ଅନୁସାରେ ପ୍ରତିଯୋଗୀମାନଙ୍କୁ ଦୁଇଟି ବିଭାଗରେ ବିଭକ୍ତ କରି ଯାଇଥିଲା। ପ୍ରତ୍ୟେକ ବିଭାଗର ପ୍ରଥମ ଏବଂ ଦ୍ୱିତୀୟ ବ୍ୟକ୍ତିଙ୍କୁ ପୁରସ୍କାର ଦିଆ ଯାଇଥିଲା।



ବାରିପଦା ହାଇସ୍କୁଲ କ୍ରୀଡ଼ା-ପ୍ରତିଯୋଗିତା ଦେଖିବା ପାଇଁ ଉପସ୍ଥିତ ଭଦ୍ରବ୍ୟକ୍ତି ବୃନ୍ଦ

ଫ୍ରେଣ୍ଡସ୍ ରିକ୍ରିଏସନ୍ କ୍ଲବ ଯତ୍ନରେ ସେହି ଦିନ ଗୋଟିଏ ଶିଶୁ-ସମ୍ମିଳନୀ ହୋଇଥିଲା। ସହରର ବହୁସଂଖ୍ୟକ ଶିଶୁ ପିତାମାତାଙ୍କ ସହିତ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟ, ବୁଦ୍ଧି ପ୍ରଭୃତି ଦିଗରୁ ଯେଉଁ ଶିଶୁମାନଙ୍କୁ ସର୍ବୋତ୍କୃଷ୍ଟ ବିବେଚନା କରାଗଲା ସେମାନଙ୍କୁ ପୁରସ୍କାର ଦିଆ ଯାଇଥିଲା। ଏତଦ୍‌ବ୍ୟତୀତ ସମସ୍ତ ଶିଶୁଙ୍କୁ ଖାଇବାକୁ ଦିଆ ଯାଇଥିଲା ଏବଂ ସେମାନଙ୍କ ମଧ୍ୟରେ ଖେଳନା ମଧ୍ୟ ବାଣ୍ଟି ଦିଆ ଯାଇଥିଲା।

ଉକ୍ତ ରବିବାର ଦିନ ସନ୍ଧ୍ୟା ସମୟରେ ସ୍କୁଲ ଛାତ୍ରମାନେ ଡାକ୍ତର ଶ୍ରୀଯୁକ୍ତ ମହେଶ୍ୱର ପତିଙ୍କ ରଚିତ 'ସ୍ୱର୍ଗଦୂତ' ନାମକ ଗୋଟିଏ ଅଭିନୟ କରିଥିଲେ। ଅଭିନୟଟି ଚିତ୍ତାକର୍ଷକ ହୋଇଥିଲା।

ମୟୂରଭଞ୍ଜର କୃଷି ଓ ଶିଳ୍ପ ପ୍ରଦର୍ଶନୀ ପ୍ରତ୍ୟହ ଦିନ ଦୁଇଟା-ଠାରୁ ରାତ୍ରି ଦଶଟା ପର୍ଯ୍ୟନ୍ତ ଖୋଲା ରହୁଥିଲା। ପ୍ରଦର୍ଶନୀ ୨୧ ତାରିଖରେ ଖୋଲା ହେଲା ଏବଂ ଏକ ସପ୍ତାହ ପରେ ଶେଷ ହେଲା। ରାଜ୍ୟର ସର୍ବାଞ୍ଚଳରୁ ହଜାର ହଜାର ଲୋକ ଏହି ପ୍ରଦର୍ଶନୀ ଦେଖିବା ନିମନ୍ତେ ବାରିପଦାରେ ରୁଣ୍ଡ ହୋଇଥିଲେ। ଏ ବର୍ଷ ପ୍ରଦର୍ଶନୀକୁ ଷ୍ଟେଟ୍‌ରୁ ତଥା ଷ୍ଟେଟ୍ ବାହାରୁ ଅନେକ ଭଲ ଭଲ ଜିନିଷ ଆସିଥିଲା। ପୂର୍ଣ୍ଣଚନ୍ଦ୍ର ମନ୍ଦିର, ରାଣୀବାଗ, ମଞ୍ଚାବନ୍ଧା, ଓ ତଖତପୁର ବଗିଚାର ନାନାରକମ ଫୁଲ ପ୍ରଦର୍ଶନୀର ପୁଷ୍ପବିଭାଗକୁ ସୁସଜ୍ଜିତ କରିଥିଲା। କୃଷି ବିଭାଗରେ ଷ୍ଟେଟ ଗୃହସ୍ଥମାନେ ସେମାନଙ୍କର ଜମିରେ ହେଉଥିବା ଭଲ ଭଲ ଫଳମୂଳ, ପନିପରିବା, ଧାନ, ଶୃଙ୍ଖଳ, ରବି ଫସଲ, ଗୁଡ଼, ଆଳୁ, ଚିନାବାଦାମ ଓ ଆଖୁ ପ୍ରଭୃତି ପ୍ରଦର୍ଶନ କରିଥିଲେ। ପୂର୍ଣ୍ଣଚନ୍ଦ୍ର-ଶିଳ୍ପ-ସଦନର ସିଲ୍କ ଓ ତସରର ବସ୍ତ୍ରମାନ ଶିଳ୍ପ ବିଭାଗର ବିଶେଷ ଦର୍ଶନୀୟ ବସ୍ତୁ ଥିଲା। ଏତଦ୍‌ବ୍ୟତୀତ ଷ୍ଟେଟ୍‌ର ବିଭିନ୍ନ ଅଞ୍ଚଳରୁ ଆନୀତ ତନ୍ତବୁଣା ସୂତା-ଲୁଗା ଓ ତସର ଲୁଗାମାନ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

Digitized by srujanika@gmail.com

ତଖତପୁର ଫାର୍ମର ନାନାବିଧ ସୂତାବୁଣା ଲୁଗା ବଡ଼ ସୁନ୍ଦର ହୋଇଥିଲା । ବୌଦ ସ୍କୁଲର ଫୁଲପକା ଟେବୁଲ କନା, ଟାଇଁସ



ଶିଶୁ-ସମ୍ମିଳନୀ : ଶିଶୁମାନଙ୍କ ପାଇଁ ଖାଇବା ଜିନିଷ ଗୃହଅଛେ ବଣ୍ଟିତ୍ର ହୋଇଅଛି ଏବଂ ସେମାନେ ତାହା ଅଣ୍ଡାଳି ଅଛନ୍ତି

ଚଉକିଅ ଓ ଉଚ୍ଚ ଧରଣର ପଶମ ଗାଲିଚ୍ ଏବଂ ପାଟନା ସ୍କୁଲ୍‌ର ଟେବୁଲ୍ କନା, ପର୍ଦ୍ଦା ଓ ରର୍ଗାନ ଫୁଲପକା ଦରି ବିଶେଷ ଭାବରେ ଦର୍ଶକମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ବାରିପଦା ସେଣ୍ଟ୍ରାଲ ଜେଲଦ୍ୱାରା ପ୍ରଦର୍ଶିତ ଦ୍ରବ୍ୟମାନଙ୍କ ମଧ୍ୟରେ ବେତ-ନିର୍ମିତ ସୁନ୍ଦର ଚୌକି, ଟେବୁଲ ପ୍ରଭୃତି ବିଶେଷ ଉଲ୍ଲେଖଯୋଗ୍ୟ । ଶ୍ରୀଯୁକ୍ତ କ୍ଷେତ୍ରମୋହନ ଦାସଙ୍କର ସ୍ୱହସ୍ତନିର୍ମିତ ସିତାର, ହାରମୋନିୟମ ଏବଂ ତାଙ୍କ କାରଖାନାର ଅନ୍ୟାନ୍ୟ କାଠ କାମଗୁଡ଼ିକ ବଡ଼ ପ୍ରଶଂସନୀୟ ହୋଇଥିଲା । ମୟୂରଭଞ୍ଜ ଫରେଷ୍ଟ ଡ଼ିପାର୍ଟମେଣ୍ଟ ନାନା ବନ୍ୟଜାତ ଦ୍ରବ୍ୟ ଏବଂ ପଥୁରି-ତିଆରି ଉତ୍କୃଷ୍ଟ ଜିନିଷମାନ ପ୍ରଦର୍ଶନ କରିଥିଲେ । ଅଗ୍ନି-ପ୍ରଣାଳୀରେ ମଜ୍‌ବୁତ ହୋଇଥିବା କାଠମାନ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ନାରୀ-ବିଭାଗରେ ଭଲ ଛୁଞ୍ଚି କାମମାନ ରହିଥିଲା । ବାରିପଦା ଲେଡ଼ି ଫ୍ରେଜର ବିଦ୍ୟାଳୟର ଚମଡ଼ା

ପ୍ରଦର୍ଶନୀରେ କୃଷି-ବିଭାଗର ଗୋଟିଏ ଅଂଶ

ଥଳୀଗୁଡ଼ିକ ବଡ଼ ସୁନ୍ଦର ହୋଇଥିଲା । ସ୍କୁଲ ବିଭାଗରେ ଅନେକ ଦର୍ଶନୀୟ ବସ୍ତୁ ଥିଲା । ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟର ଜଣେ ଛାତ୍ର ଗୋଟିଏ ହସ୍ତାଙ୍କିତ ଭାରତର ମାନଚିତ୍ର ପ୍ରଦର୍ଶନ କରିଥିଲେ ଏବଂ ତାହା ଛପା ମାନଚିତ୍ର ଧର ସର୍ବଦା ଭ୍ରମ ହେଉଥାଏ । ଆଉ ଜଣେ ଛାତ୍ର ସ୍ୱହସ୍ତନିର୍ମିତ ବାଦ୍ୟଯନ୍ତ୍ର ପ୍ରଦର୍ଶନ କରିଥିଲେ ।

ଏତଦ୍‌ବ୍ୟତୀତ ପ୍ରଦର୍ଶନୀକୁ ଶିକ୍ଷଣୀୟ କରିବା ପାଇଁ କୃଷି ଓ ଶିଳ୍ପ ଉଭୟ ବିଭାଗରେ ଅନେକ ଗୁଡ଼ିଏ କାମ ଦେଖାଇ ଦିଆ ଯାଇଥିଲା । ଗୃହ ତାର ଖତକୁ କିପରି ରଖିଲେ ଭଲ ଫସଲ ପାଇବ, ନାନାପ୍ରକାର ଜଙ୍ଗଲି ଗଛ ପତ୍ରରୁ କିପରି ଭଲ ଖତ ହୁଏ, ଗୋରୁ ଗାଈ ପ୍ରଭୃତିଙ୍କ ପାଇଁ କିପରି ଭାବରେ ଘାସ ଅନେକ ଦିନ ପର୍ଯ୍ୟନ୍ତ ଗାତ ଭିତରେ ଢାଙ୍କି ରଖା ଯାଇ-ପାରେ, ଆଖୁରୁ ଗୁଡ଼ କିପରି ତିଆରି କରାହୁଏ, ଅଜିକାଲି ଗୁଡ଼ରନ୍ଧା କିପରି ସହଜ ତାହା ଦେଖାଇ ଦିଆ ଯାଇଥିଲା ଓ ଲୋକମାନଙ୍କୁ ପରିଷ୍କାର ଭାବରେ ବୁଝାଇ ଦିଆ ହୋଇଥିଲା ।

ଛାତ୍ରମାନେ ପୁରୁଣା ତନ୍ତ ଛାଡ଼ି ଠକ୍‌ଠକ ତନ୍ତ ଧରିଲେ ଅଳ୍ପ ସମୟ ମଧ୍ୟରେ କିପରି ବେଶି କାମ ହେବ ଓ କିପରି ବେଶି ଦିପଇସା ପାଇ ସୁରୁଖୁରୁରେ ଚଳିବେ, ତାର ସାହାଯ୍ୟରେ ଲୁଗା

Digitized by srujanika@gmail.com

ଧଡ଼ିରେ କପଡ଼ ଶୀଘ୍ର ଫୁଲ ପକାଇ ହୁଏ ତାହା ଦେଖାଇ ଓ ବୁଝାଇ ଦିଆ ଯାଇଥିଲା ।

୨୭ ତାରିଖ ଦିନ ପ୍ରଦର୍ଶନୀ ଶେଷ ହେଲା । ସେହି ଦିନ ଅପରାହ୍ନ ୪ ଘଣ୍ଟା ସମୟରେ ପ୍ରଦର୍ଶନୀ ମଣ୍ଡପରେ ଶ୍ରୀମନ୍ ମହାରାଜା ମହୋଦୟଙ୍କର ସଭାପତିତ୍ୱରେ ଗୋଟିଏ ସଭା ହୋଇଥିଲା । ସ୍ଥାନୀୟ ଭଦ୍ରବ୍ୟକ୍ତିବୃନ୍ଦ ଏବଂ ମଫସଲର ଅନେକ କୃଷି ଓ କାରିଗର ଏହି ସଭାରେ ଯୋଗ ଦେଇଥିଲେ । ଡେଭଲପ୍‌ମେଣ୍ଟ ବିଭାଗର ଡିରେକ୍ଟର ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ ମୟୂରଭଞ୍ଜ ଷ୍ଟେଟ୍‌ର କୃଷିଶିଳ୍ପର ଉନ୍ନତି ସମ୍ବନ୍ଧରେ ଗୋଟିଏ ଅଭିଭାଷଣ ପାଠ କରିଥିଲେ । ଉକ୍ତ ଭାଷଣର ସାରାଂଶ ନିମ୍ନରେ ଦିଆଗଲା—

ଡିରେକ୍ଟର ମହୋଦୟ କହିଥିଲେ ଜନ୍ମଦିନର ଉତ୍ସବମୟ କାର୍ଯ୍ୟକ୍ରମରେ ଏହି ପ୍ରଦର୍ଶନୀ ବା ମେଲଟି ଗୋଟିଏ ଅଙ୍ଗ ହେଲେହେଁ ଷ୍ଟେଟ୍‌ର ଜନ-ସାଧାରଣଙ୍କର ଆର୍ଥିକ ଉନ୍ନତି-ବିଧାନ ପ୍ରଦର୍ଶନୀର ପ୍ରଧାନ ଉଦ୍ଦେଶ୍ୟ । କୃଷି ସମ୍ବନ୍ଧରେ ଡିରେକ୍ଟର ମହୋଦୟ କହିଥିଲେ ମୟୂରଭଞ୍ଜର ପ୍ରଧାନ ବ୍ୟବସାୟ କୃଷି । କିନ୍ତୁ ସେହି କୃଷିକୁ ବ୍ୟବସାୟ ଦୃଷ୍ଟିରେ ନ ଦେଖିଲେ କୃଷିର ଉନ୍ନତି କରି ହେବ ନାହିଁ । କୃଷିର ଉନ୍ନତି ପାଇଁ ଦରକାର



ପ୍ରଦର୍ଶନୀରେ ବନଜାତ ଦ୍ରବ୍ୟର ବିଭାଗ : ଆଧୁ-ପ୍ରଣାଳୀରେ ମଣ୍ଡିତ ହୋଇଥିବା ଖାଠମାନ

(୧) ଜମିର ସୁବିଧା (୨) ଜଳର ସୁବିଧା (୩) ଭଲ ଖତ ବା ସାର (୪) ଭଲ ହାଲ ଲଙ୍ଗଳଆଦି ସରଞ୍ଜାମ (୫) ସୁସ୍ଥ ସବଳ ଗୋରୁ ଓ ମଇଁଷି, ଓ (୬) ଫସଲ ବିକ୍ରୟର ସୁବିଧା । ଜମି ଏକ ଚକରେ ରହିବା ଦରକାର । ସେଥିପାଇଁ ଅନେକ ଦେଶରେ ଆଇନ-ପ୍ରଣୟନ ହୋଇଅଛି ଓ କୃଷିମାନେ ମଧ୍ୟ ନିଜ ନିଜ ମଧ୍ୟରେ -



କୃଷି ବିଭାଗର ଅଦର୍ଶ ପାନମାନଙ୍କ ଘର

ସହଯୋଗ ସମିତିମାନ ସ୍ଥାପନ କରି ଅଦଳବଦଳଦ୍ୱାରା ନିଜ ନିଜ କୃଷି ଜମିକୁ ଏକଚକିଆ କରୁଅଛନ୍ତି । ବନ୍ଧ, ପୋଖରୀ ଓ ନଦୀ ବ୍ୟତୀତ କୂଅରୁ ପାଣି ଟେକି ହଜାର ହଜାର ଲକ୍ଷ ଲକ୍ଷ ମାଣ ଜମି ଅନ୍ୟ ଦେଶରେ କୃଷି ହେଉଛି । ମୟୂରଭଞ୍ଜରେ ଏପରି ଢେର ଜମି ଅଛି, ଯେଉଁଠି କୂଅ ବା ଚୁଆ ଅଳ୍ପ ଖରଚରେ ହୋଇ ପାରିବ ଓ ତାହାର ଜଳଦ୍ୱାରା ବେଶ ଲାଭଜନକ ଫସଲ ଆମଦାନୀ ହୋଇ ପାରିବ । ଗୋବର ଏ ଦେଶର ପ୍ରଧାନ ଖତ । ମାତ୍ର ଗୋଜାତିର ଅବନତି ହେବାରୁ ଯଥେଷ୍ଟ ପରିମାଣରେ ଗୋବର କୃଷି ପାଇ ପାରୁନାହିଁ । ଆଉ ମଧ୍ୟ ଗୋବର ଉପଯୁକ୍ତ ଭାବରେ ରକ୍ଷିତ ହେଉନାହିଁ । ଗୋବରରୁ ଭଲ ଖତ ପାଇବାକୁ ହେଲେ ତାହାକୁ ଗୋଟିଏ ଗାତ ଖୋଳି ତାହା ମଧ୍ୟରେ ରଖିବାକୁ ହେବ । ସେହି ଗାତ ଉପରେ ଗୋଟିଏ ଛାମୁଣ୍ଡିଆ କରିଦେବାକୁ ହେବ ଓ ତାହା ଚାରିପାଖ ଉଚ୍ଚ କରି ଦେବାକୁ ହେବ । ପଞ୍ଜାବ ପ୍ରଭୃତି ଉନ୍ନତ ପ୍ରଦେଶମାନଙ୍କରେ ଅନେକେ ଏହି ସବୁ ଗାତ ଉପରେ ଦୁଇ ଖଣ୍ଡି ପଟା ପକାଇ ଏହି ଗାତକୁ ଘରର ପାଇଖାନା ରୂପରେ ମଧ୍ୟ ବ୍ୟବହାର କରିଥାନ୍ତି । ଜମିରେ ଯଦି ଉପଯୁକ୍ତ ହିଡ଼ ଦିଆଯାଏ, ତାହାହେଲେ ସାର ନ ହେଲେ ମଧ୍ୟ ପତ୍ର, ଲତାପତ୍ରରୁ, ପଶୁମାନଙ୍କ ମଇଳାରୁ ଏବଂ ସୂର୍ଯ୍ୟକିରଣ ଓ ବାୟୁଦ୍ୱାରା ଜମିର ଉପରଭାଗ ଖାଦ୍ୟ ସଂଗ୍ରହ କରି ଆପେ ଆପେ ଉର୍ବର ହୋଇଯାଏ ।

ମୟୂରଭଞ୍ଜର ଅସଂଖ୍ୟ ନଦୀନାଳ ଦେଇ ବର୍ଷାକାଳରେ ସିମିଳିପାଳରୁ ଯେଉଁ ଅମୂଲ୍ୟ ସାରସମ୍ପଦସବୁ ଭାସିଯାଉଛି ତାହା ଯଦି ଜମିର ଖାଦ୍ୟରୂପରେ ବ୍ୟବହାର କରାଯାଇପାରନ୍ତା, ତାହାହେଲେ ଜମିରେ ସାରର ଅଭାବ ହୁଅନ୍ତା ନାହିଁ । ସବୁ ପ୍ରକାର ନୂଆ ଯନ୍ତ୍ରପାତି ଆମ୍ଭମାନଙ୍କର ଦେଶରେ ଅବସ୍ଥା-ବିବେଚନାରେ ଚଳି-ପାରିବ ନାହିଁ; କିନ୍ତୁ ତହିଁରୁ କେତେଗୁଡିଏ ଯେ ସାଧାରଣ ଚାଷୀ ସହଜରେ କିଣି ବା ତିଆରି କରି ଢେର ଉପକାର ପାଇପାରିବ ଏଥିରେ କୌଣସି ସନ୍ଦେହ ନାହିଁ । ଗୋ-ଜାତିର ଉନ୍ନତି କରିବାକୁ ହେଲେ ଭଲ ଷଣ୍ଢ, ଭଲ ଖାଇବା ରହିବା ଓ ଭଲ ଜଳ ଆବଶ୍ୟକ; କିନ୍ତୁ ମୟୂରଭଞ୍ଜରେ ଏ ତିନୋଟି ଯାକର ଅଭାବ । ବିହନ ଭଲ ନ ହେଲେ ଫସଲ ଯେ ଭଲ ହେବ ନାହିଁ ଏହା ବୁଝିବା ବଡ଼ ସହଜ । ତଥାପି ଚାଷୀମାନଙ୍କ ମଧ୍ୟରେ ଯତ୍ନର ଏତେ ଅଭାବ ଯେ ଭଲ ବିହନ ରଖିବା ପାଇଁ କେହି ବିଶେଷ ଚେଷ୍ଟା କରନ୍ତି ନାହିଁ । ଭଲ ଧାନ ବିହନ ଧରିବାକୁ ହେଲେ ବିଲରେ ସବୁଠାରୁ ବେଶୀ ଝାଡ ହୋଇଥିବା ନିରୋଗୀ ଗଛ ଖୋଜି ସେଥିରୁ ବଡ଼ ବଡ଼ ପେନ୍ଥା କାଟି ଆଣି, ଅଲଗା ମଳି, ଭଲରୂପେ ଖରାରେ ଶୁଖାଇ କୁଣ୍ଠା ଭିତରେ ବାନ୍ଧି ରଖିବା ଦରକାର । ମାତ୍ର ମୟୂରଭଞ୍ଜର ଚାଷୀମାନେ ସେପରି ବିହନ ସଂଗ୍ରହ କରନ୍ତି ନାହିଁ । ଭଲ ଦର ପାଇବାକୁ ହେଲେ ଉତ୍କୃଷ୍ଟ ଫସଲ ଉତ୍ପାଦନ କରିବା ଆବଶ୍ୟକ । ବଜାରରେ ଯେତେ-ବେଳେ ଯେଉଁ ଫସଲର ଦର ଭଲ ଥାଏ, ସେତେବେଳେ ଯେତେଦୂର ସମ୍ଭବ ସେହି ଫସଲ ଅମଦାନି କରିବା ଦରକାର ଓ ଯେଉଁ ଫସଲର ଯେଉଁ ଜାତିକୁ ସମସ୍ତେ ଆଦର କରନ୍ତି, ସେହି ଫସଲର ସେହି ଜାତିକୁ ଚାଷ କରିବା ଆବଶ୍ୟକ । କେବଳ ସେତିକି ନୁହେଁ; ବଜାରରେ ଭଲ ଦର ପାଇବାକୁ ହେଲେ ସବୁ ଫସଲକୁ ନିର୍ମଳ ରଖିବାକୁ ହେବ ।

କେବଳ ଧାନ-ଚାଷ କରି ବସିଲେ ଆଜିକାଲି ଚଳିବ ନାହିଁ । ଧାନ ଛଡ଼ା ଅନ୍ୟାନ୍ୟ ଢେର ରକମ ଚାଷ ବିଶେଷତଃ ନାନା-ପ୍ରକାର ଫଳର ଚାଷ ମୟୂରଭଞ୍ଜରେ ବେଶ ହୋଇପାରିବ । କିନ୍ତୁ ଶିକ୍ଷା ଅଭାବରୁ ଏବଂ ସ୍ୱାଭାବିକ ଆଳସ୍ୟ ହେତୁରୁ ଚାଷୀ ସେ ଦିଗରେ ଯତ୍ନ କରୁନାହିଁ । ଗଲା ଚାରି ପାଞ୍ଚ ବର୍ଷ ହେଲା କୃଷିବିଭାଗର ଉଦ୍ୟମରେ ସ୍ଥାନେ ସ୍ଥାନେ ନୂଆ ଫସଲର ଚାଷ ହେଉଅଛି । ଫଳରେ କେତେକ ଚାଷୀ ଚିନା ବାଦାମ, ଆଖୁ, ଗୋଲ ଆଳୁ, ମକା ଆଦି ଲାଭଜନକ ଫସଲ ଚାଷ କରି ବେଶ ଦୁଇ ପଇସା ରୋଜଗାର କରିପାରନ୍ତି ।

ଆଜିକାଲି ଜନସାଧାରଣଙ୍କର ପ୍ରୟୋଜନ ଏତେ ବଢ଼ି ଯାଇଅଛି ଯେ କେବଳ ଚାଷ-ଆୟରୁ ସବୁ ପ୍ରକାର ଖରଚ ତୁଲାଇ ହେଉନାହିଁ । ଶିଳ୍ପ ଓ ବାଣିଜ୍ୟଦ୍ୱାରା ଲୋକେ ଆୟ ବଢ଼ାଇବାକୁ ଚେଷ୍ଟା କରିବା ଆବଶ୍ୟକ । ଯେଉଁ ଯେଉଁ ଗ୍ରାମ୍ୟଶିଳ୍ପ ଚାଷୀ ଓ ସାଧାରଣ ଲୋକଙ୍କ ପକ୍ଷରେ କରିବା ସମ୍ଭବ ଏବଂ ସୁବିଧାଜନକ ତାହା ସବୁ ପ୍ରତିଷ୍ଠା କରିବାକୁ ହେବ । ମୟୂରଭଞ୍ଜର ଚାଷୀ ତାହାର ନିଜ ବ୍ୟବସାୟ ସହିତ ଯେଉଁ ସମସ୍ତ ବ୍ୟବସାୟ ଘରେ ବସି ସହଜରେ କରିପାରେ, ତାହାମଧ୍ୟରେ ଲାହାଚାଷ, ତସର ଓ ଏଣ୍ଡି ଚାଷ, ନାନାପ୍ରକାର ବନ୍ୟପଦାର୍ଥ ସଂଗ୍ରହ, ସୂତାକଟା, ଲୁଗାବୁଣା ଓ ରଙ୍ଗକରା, କାଠକାମ, ଲୁହାକାମ, ଗୋ-ପାଳନ, ଛେଳିମେଣ୍ଢା ପୋଷିବା, କୁକୁଡ଼ା ପୋଷିବା, ମହୁ-ଚାଷ ପ୍ରଭୃତି ପ୍ରଧାନ ।

ଲାହା ଚାଷରେ ପରିଶ୍ରମ ଅଳ୍ପ । ଟିକିଏ ଉଦ୍‌ଯୋଗ କଲେ ବର୍ଷରେ ଲକ୍ଷାଧିକ ଟଙ୍କା ଚାଷୀମାନେ ଏଥିରୁ ପାଇନ୍ତି; ତସର ଚାଷରେ ପରିଶ୍ରମ ଟିକିଏ ବେଶୀ ହେଲେ ମଧ୍ୟ ଯେଉଁଠାରେ ଅସନ ଗଛ ବେଶୀ ଅଛି, ସେଠାରେ ଏହି ଚାଷଦ୍ୱାରା ଲୋକେ ବେଶ ଦୁଇ ପଇସା ରୋଜଗାର କରିପାରନ୍ତି । ଯେଉଁ ଯେଉଁ ଜାଗାରେ ଜଡ଼ା-ଚାଷ ପ୍ରଚୁର ପରିମାଣରେ ହୁଏ, ସେଠାରେ ସୌଖିନ ଏଣ୍ଡି ଚାଷ କରି ଲାଭ କରିବା କଷ୍ଟକର ନୁହେ । ନାନା ପ୍ରକାର ଆବଶ୍ୟକୀୟ ଫଳମୂଳ ଓ ଲତାପତ୍ର ମୟୂରଭଞ୍ଜର ବଣ ଜଙ୍ଗଲରେ ମିଳେ । ସେ ସବୁ ସଂଗ୍ରହ କରି କେତେ ଲୋକ ଚଳୁଛନ୍ତି ଏବଂ ବିକ୍ରୟର ସୁବିଧା କରିପାରିଲେ ଏଥିରୁ ମଧ୍ୟ ଗୋଟିଏ ଭଲ ଲାଭ-ଜନକ ବ୍ୟବସାୟ ଗଢ଼ି ଉଠିବ । ଗତ ବର୍ଷ ପୂର୍ବେ ମୟୂରଭଞ୍ଜର ତନ୍ତିମାନେ ଗାମୁଛାଠାରୁ ଭଲ ସୂତା ଲୁଗା ବୁଣି ପାରୁ ନ ଥିଲେ । କିନ୍ତୁ ଶିଳ୍ପ ବିଭାଗ ଯତ୍ନରୁ ମୟୂରଭଞ୍ଜର ସୂତା ଲୁଗା ସମଗ୍ର ଓଡ଼ିଶାରେ ନାମ କରି ପାରିଛି । ମୟୂରଭଞ୍ଜର ବଣ ପାହାଡ଼ରେ ନାନା ପ୍ରକାର କାଠ ଓ ବହୁ ପରିମାଣରେ ଲୁହା ମିଳେ । କିନ୍ତୁ ଉଦ୍ୟମ ଅଭାବରୁ ଏ ସମସ୍ତ ଅମୂଲ୍ୟ ସମ୍ପଦର କୌଣସି ସଦ୍-ବ୍ୟବହାର ହୋଇ ପାରୁ ନାହିଁ । ଗୋ-ପାଳନ ଦିଗରେ ଚାଷୀ-ମାନଙ୍କର କୌଣସି ପ୍ରକାର ଯତ୍ନ ଥିବାର ଦେଖାଯାଏ ନାହିଁ । ଦୁଧ, ଦହି ଓ ଘିଅ ମୟୂରଭଞ୍ଜରେ ସ୍ୱପ୍ନ କହିଲେ ଚଳେ । ତା ଛଡ଼ା ପ୍ରତି ବର୍ଷ ହଜାର ହଜାର ଟଙ୍କାର ଗୋରୁ ବାହାରୁ ଆମଦାନି ହୋଇ ଏଠାରେ ବିକ୍ରି ହେଉଅଛି ଓ ଗରିବ ଚାଷୀର ହଜାର ହଜାର କଞ୍ଚାକଞ୍ଚା ଟଙ୍କା ବାହାରକୁ ବୋହି ଯାଉଛି । ସିନ୍ଧୁ ପ୍ରଦେଶ ପରି ମରୁଭୂମିରେ ଗୋ-ପାଳନ ସମ୍ଭବପର ହୋଇ ପାରିଥିବା ସ୍ଥଳରେ ମୟୂରଭଞ୍ଜରେ ଚରାର ଅଭାବ ହେତୁରୁ ଗୋପାଳନ ହୋଇ ପାରିବ ନାହିଁ ବୋଲି ମନେ କରିବା ଠିକ୍ ନୁହେ । ମୟୂରଭଞ୍ଜରେ ଲକ୍ଷ ଲକ୍ଷ ମାଣ ବଣ ଓ ପଡ଼ିଆ ପଡ଼ା ପଡ଼ିଛି । ସେଥିରେ ଛେଳି ଓ ମେଣ୍ଢା ବେଶ ଭଲ ଭାବରେ ପୋଷା ଯାଇ ପାରନ୍ତେ । କୁକୁଡ଼ା ପୋଷିବା ଗୋଟିଏ ଲାଭଜନକ ବ୍ୟବସାୟ ଓ ତା ପାଇଁ ବିସ୍ତର ସୁବିଧା ମୟୂରଭଞ୍ଜରେ ଅଛି । ମୟୂରଭଞ୍ଜର ଅଧିକାଂଶ ଚାଷୀ ଅନାର୍ଯ୍ୟ ବା ଅନ୍ତ୍ୟଜ ଜାତିର ଲୋକ ହୋଇଥିବାରୁ କୁକୁଡ଼ା ପୋଷିବା ପାଇଁ ଜାତିଗତ ବାଧା ଏଠାରେ ଆଦୌ ନାହିଁ । ସମବାୟ ବିଭାଗ ପକ୍ଷରୁ କୁକୁଡ଼ା ପୋଷିବା ଦିଗରେ ଉଦ୍ୟମ ହେଉଅଛି । ମୟୂରଭଞ୍ଜର ବଣ-

ଛ

Digitized by srujanika@gmail.com

ପାହାଡ଼ରେ ବର୍ଷାଦିନେ ଅସଂଖ୍ୟ ମହୁବସା ଆପେ ଆପେ ହେଉଅଛି; କିନ୍ତୁ ସବୁ ବସାରୁ ମହୁ ଅମଦାନି କରି ହେଉନାହିଁ । ଯେଉଁଠାରୁ ବା ହେଉଅଛି ସେଠାରେ ମହୁପୋକର ବଂଶନାଶ କରି ଦେଉଅଛି ଓ ଯାହା ମିଳୁଛି ତାହାମଧ୍ୟ ନିର୍ମଳ ନୁହେଁ । ଗାଁ ଗାଁରେ ଅଳ୍ପ ଆୟାସରେ ମହୁଗୃହ ହୋଇ ପାରିବ ଏବଂ ଗୋଟିଏ ପୋକ ନ ମାରି ମହୁ-ସଂଗ୍ରହ କରି ଯାଇପାରେ ।

କୃଷି, ଶିଳ୍ପ ବା ବାଣିଜ୍ୟର ଉନ୍ନତି କରିବା ଜନ-ସାଧାରଣଙ୍କ ହାତରେ । ସରକାର କେବଳ ଉପଦେଶ ଦେଇପାରନ୍ତି ଓ ସ୍ଥଳବିଶେଷରେ କିଛି ଅର୍ଥ-ସାହାଯ୍ୟ କରିପାରନ୍ତି । ମାତ୍ର ଜନ-ସାଧାରଣଙ୍କ ମଧ୍ୟରେ ଉନ୍ନତିକର କାର୍ଯ୍ୟ କରିବାପାଇଁ ପ୍ରେରଣା କ୍ୱଚିତ୍ ଦେଖାଯାଇଥାଏ । ବାହାର ପ୍ରେରଣାରେ କାର୍ଯ୍ୟ ଆରମ୍ଭ କଲେ ଲୋକେ ସାହାଯ୍ୟ ସହଯୋଗ କରିବା ତ ଦୂରର କଥା,



ପ୍ରଦର୍ଶନୀ ହତା ଭିତରେ ସମ୍ମୁଖ ଦୃଶ୍ୟ

ଅଜ୍ଞତା ହେତୁରୁ ଏ ସମସ୍ତ କାର୍ଯ୍ୟକୁ ସନ୍ଦେହଦୃଷ୍ଟିରେ ଦେଖିଥାନ୍ତି ଏବଂ ବେଳେ ବେଳେ ପ୍ରତିରୋଧ ମଧ୍ୟ କରିଥାନ୍ତି । ଯେଉଁଠାରେ ବା ଲୋକେ କିଛି ବୁଝନ୍ତି ସେଠାରେ ମଧ୍ୟ ଭଲ କାମ କରିବାକୁ ହେଲେ ଯେଉଁ ଧୈର୍ଯ୍ୟ ଓ ପରିଶ୍ରମ ଦରକାର, ତାହା ଅଭାବରୁ କୁଣ୍ଠିତ ହୋଇ ପଛଘୁଞ୍ଚା ଦିଅନ୍ତି । ଶିକ୍ଷାର ଅଭାବ, ସ୍ୱାଭାବିକ ଆଲସ୍ୟ ଓ ଉଚ୍ଚ ଆଦର୍ଶ ଓ ଆକାଂକ୍ଷାର ଅଭାବ ଏହି ତିନୋଟି ଜନ-ସାଧାରଣଙ୍କର ପ୍ରଧାନ ଶତ୍ରୁ ।

ଏହି ସବୁ ଦୁର୍ଗତିରୁ ମୁକ୍ତ ପାଇବାପାଇଁ ଗାଁ ଗହଳରେ ଶିକ୍ଷା ଓ ସଂଗଠନ ଆବଶ୍ୟକ । ଏହି ସବୁ ଶିକ୍ଷା ଓ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେବ ଗାଁ ଗହଳରେ ଲୋକମାନଙ୍କର ମଧ୍ୟରେ ମହତ୍ତର ଜୀବନ-ଯାପନ ପାଇଁ ଆଶା ଓ ଆକାଂକ୍ଷା ଜାଗ୍ରତ କରିବା । ଯେତେ ଦିନ ପର୍ଯ୍ୟନ୍ତ ଲୋକଙ୍କ ମଧ୍ୟରେ ଏହି ଆଶା ଓ ଆକାଂକ୍ଷା ଜାଗ୍ରତ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଯେତେ ସହଜସାଧ୍ୟ ଓ ଯେତେ ସୁବିଧାଜନକ ହେଉ ବା କାହିଁକି ଲୋକେ କୌଣସି ଉନ୍ନତିକର କାର୍ଯ୍ୟ କରିବାକୁ ଅଗ୍ରସର ହେବେ ନାହିଁ । ଏହି ଶିକ୍ଷା ଓ ସଂଗଠନ କାର୍ଯ୍ୟ ଏପରି ବ୍ୟାପକ ଯେ କୌଣସି ମୁଷ୍ଟିମେୟ ଲୋକ ବା ଗୋଟିଏ ଦୁଇଟି ସରକାରୀ ବିଭାଗ ପକ୍ଷରେ ଏହା ଚଳାଇବା ସମ୍ଭବପର ନୁହେଁ । ସରକାରୀ ପ୍ରତ୍ୟେକ ବିଭାଗ ମଧ୍ୟରେ ଏଥିପାଇଁ ପୂର୍ଣ୍ଣ ସହଯୋଗ ଆବଶ୍ୟକ । ପ୍ରତ୍ୟେକ ଦେଶପ୍ରେମୀ ଜନପ୍ରାଣ ନେତାଙ୍କର ମଧ୍ୟ ଏ ବିଷୟରେ ସରକାରଙ୍କ ସହିତ ପୂର୍ଣ୍ଣ ସହଯୋଗ ଲୋଡ଼ା । ଗ୍ରାମର ଉନ୍ନତି ନିମନ୍ତେ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଏଁ ଅନୁଷ୍ଠାନ ସ୍ଥାପିତ ହେବା ସର୍ବାଦୌ ବାଞ୍ଛନୀୟ ।

ଡିରେକ୍ଟରଙ୍କ ବକ୍ତୃତା ପରେ ଯେଉଁମାନେ ପ୍ରଦର୍ଶନୀକୁ ଭଲ ଜିନିଷ ଆଣିଥିଲେ ସେମାନଙ୍କୁ ମହାରାଜା ସ୍ୱହସ୍ତରେ ପଦକ, ନଗଦ ଟଙ୍କା ଓ ପ୍ରଶଂସା-ପତ୍ର ପ୍ରଦାନ କରିଥିଲେ । ପାଟନାଗଡ଼ ଓ ବୌଦ ଷ୍ଟେଟ୍‌କୁ ଦୁଇଟି ସ୍ୱର୍ଣ୍ଣପଦକ ଦିଆଯିବାର ଘୋଷଣା କରାଗଲା । ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କର ବକ୍ତବ୍ୟ ପରେ ମହାରାଜା ମହୋଦୟ ନିମ୍ନଲିଖିତ ଅଭିଭାଷଣ ପାଠ କରିଥିଲେ ।

"ଆଜଠାରୁ ଏ ପ୍ରଦର୍ଶନୀଟି ଶେଷ ହେବ ଓ ସେହି ଉପଲକ୍ଷରେ ଅମ୍ଭେମାନେ ସମସ୍ତେ ଏଠାରେ ସମବେତ । ତେଣୁ ଏହି ସୁଯୋଗ ପାଇ ମୁଁ ବିଶେଷ ଆନନ୍ଦିତ ।

ଏ ବର୍ଷ ପ୍ରଦର୍ଶନୀର ସ୍ଥାନ ପରିବର୍ତ୍ତନ ହୋଇଥିଲେ ମଧ୍ୟ ପୂର୍ବ ବର୍ଷ ପରି ଲୋକ ସମାଗମ ବେଶ ହୋଇଅଛି । ଏଥିରୁ ବୁଝା ଯାଉଅଛି ଯେ ପ୍ରଦର୍ଶନୀ ପ୍ରତି ଲୋକମାନଙ୍କର ସହାନୁଭୂତି ବଢ଼ୁଅଛି ।

ବିଶେଷ ଆନନ୍ଦର କଥା ଯେ, ଏ ବର୍ଷ କେତେକ ପଡ଼ୋଶୀ ରାଜ୍ୟମାନଙ୍କରୁ ଜିନିଷ ପତ୍ର ଏଠାକୁ ଆସିଅଛି । ସେଥିପାଇଁ ମୟୂରଭଞ୍ଜ ଲୋକମାନଙ୍କ ତରଫରୁ ଓ ମୋର ତରଫରୁ ପଡ଼ୋଶୀ ରାଜ୍ୟମାନଙ୍କୁ ଧନ୍ୟବାଦ ଦେଉଅଛି । ଭବିଷ୍ୟତରେ ଆଶା କରି ଯାଏ ଯେ ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟମାନଙ୍କରୁ ଏହିପରି ସହଯୋଗ ମିଳିବ ।

ମୋ ମତରେ ପ୍ରଦର୍ଶନୀଗୁଡ଼ିକ ଦେଶର ଲୋକମାନଙ୍କର ପରିଶ୍ରମ ଓ ନିପୁଣତାର ଦର୍ପଣ ସ୍ୱରୂପ । ଏହି ପ୍ରଦର୍ଶନୀରୁ ଜଣାପଡ଼େ ଯେ ଆମର ବର୍ଷଟି କିପରି ଭାବରେ କଟିଅଛି ; ଆମେ କେତେ ପରିଶ୍ରମ କରିଅଛୁଁ । ଏହି ସବୁ ପ୍ରଦର୍ଶିତ ସାମଗ୍ରୀ ଆଗରେ ଠିଆ ହେଲେ ମନେହୁଏ ଯେ ଏହାଠୁଁ ବେଶୀ କରିବାର ଶକ୍ତି କି ଆମ୍ଭମାନଙ୍କର ନାହିଁ ? ଆମର ସବୁ ଶକ୍ତିରେ ଯାହା କରିବାର କଥା, ତାହା କି ଆମେ କରିପାରିଅଛୁଁ ? ଅଳ୍ପ ଟିକିଏ ଉଦ୍ୟମ-

Digitized by srujanika@gmail.com

ବା ପରିଶ୍ରମରେ ଏହାଠାରୁଁ ଭଲ ଜିନିଷ ଯେ ନ ହୋଇ ପାରିବ, ଏହା ବା କିଏ କହିପାରେ ? ଏହି ସବୁ ପ୍ରଶ୍ନର ଉତ୍ତର ଦେବା ସହଜ ନୁହେଁ। ସବୁ କଥା ଆମ୍ଭମାନଙ୍କର ଉଦ୍ୟମ ଉପରେ ନିର୍ଭର କରେ ।

ଆପଣମାନେ ସମସ୍ତେ ଅନୁଭବ କରି ପାରୁଥିବେ ଯେ ଗଲା ବର୍ଷର ଏହି ସମୟ ଅପେକ୍ଷା ଏ ବର୍ଷରେ ଜଗତ୍ କେତେ ଆଗେଇ ଯାଇଅଛି । ୟୁରୋପରେ ବର୍ଷକ ଭିତରେ ଏତେ ରାଜନୈତିକ ପରିବର୍ତ୍ତନ ଘଟିଅଛି ଯେ ତାହାର ଫଳରେ ସେ ଦେଶର ମାନଚିତ୍ର ବଦଳି ଯାଇଅଛି ଓ ଅର୍ଥନୀତି ଓ ଶିଳ୍ପନୀତି ସମ୍ବନ୍ଧରେ ଲୋକଙ୍କର ଧାରଣା ସମ୍ପୂର୍ଣ୍ଣ ନୂତନ ହୋଇଅଛି । ଜଗତର ଏହି ପରିବର୍ତ୍ତନରେ ଭାରତ ଆଜି ନିଶ୍ଚିନ୍ତ ରହି ପାରୁନାହିଁ । କ୍ରମଶଃ ଝାଣି ହୋଇ ସେହି ପରିବର୍ତ୍ତନ ସ୍ରୋତର ମଝିକୁ ଚାଲି ଯାଉଅଛି । ଏଥିଲାଗି ଆମ୍ଭେମାନେ ପୂର୍ବାପେକ୍ଷା ଆହୁରି ଅଧିକ ନିଜ ଉପରେହିଁ ନିର୍ଭର କରିବାକୁ ବାଧ ହେଉଅଛୁଁ ।

କଠୋର ଜୀବନ ସଂଗ୍ରାମରେ ଦୁର୍ବଳର ସ୍ଥାନ ନାହିଁ । ଯଦି ଆପଣାକୁ ବଞ୍ଚାଇବାର ବା ରକ୍ଷା କରିବାର ଉଦ୍ଦେଶ୍ୟ ଥାଏ, ତାହାହେଲେ କେବଳ ପରିଶ୍ରମହିଁ ତାର ମୂଳମନ୍ତ୍ର । ଅନ୍ୟାନ୍ୟ ଦେଶରେ କଳକାରଖାନା ଓ ବିଜ୍ଞାନ ସାହାଯ୍ୟରେ ସେମାନେ ଯେଉଁ ଉନ୍ନତି କରୁଅଛନ୍ତି, ତାହାର ସମକକ୍ଷ ହୋଇ ଏ ଦେଶରେ ଠିଆ ହେବାକୁ ହେଲେ ଅକ୍ଳାନ୍ତ ପରିଶ୍ରମ ଆବଶ୍ୟକ । ଯଦି ମନରେ ହୁଏ ଯେ ଏହା ଅସମ୍ଭବ, ତେବେ ମୋର ଏତିକି କହିବାର ଅଛି ଯେ ପୃଥିବୀର ପ୍ରସିଦ୍ଧ ଶିଳ୍ପ ବା କାରୁକାର୍ଯ୍ୟ ମନୁଷ୍ୟ ତାହାର ହାତରେହିଁ କରିଅଛି । ଏଣୁ ମନେହୁଏ ମନପ୍ରାଣ ଲଗାଇ ପରିଶ୍ରମ କଲେ ଏହି ପ୍ରତିଯୋଗିତାରେ ଆମ୍ଭେମାନେ ଭଲ ଭାବରେ ଠିଆ ହୋଇ ପାରିବା; ନଚେତ୍ ପରିଶ୍ରମ ଅଭାବରେ ଦିନେ ଆମର ଅସ୍ତିତ୍ୱ-ଲୋପ ହେବାର ଅସମ୍ଭବ ନୁହେଁ ।

ସେହି ହେତୁରୁ ମୋର ଅନୁରୋଧ ଯେ ଅକ୍ଳାନ୍ତ ପରିଶ୍ରମ କରି ରାଜ୍ୟର ତଥା କୁଟୁମ୍ବର ଉନ୍ନତି କରିବାରେ ସମସ୍ତେ ବ୍ରତୀ ହୁଅନ୍ତୁ ଓ ମନକୁ ଦୃଢ଼କରି ପରିଶ୍ରମର ଉତ୍କୃଷ୍ଟ ଫଳଦ୍ୱାରା ଉଭୟର ଉନ୍ନତି ସର୍ବତୋଭାବରେ ସାଧନ କରନ୍ତୁ ।"

ମହାରାଜାଙ୍କ ଜନ୍ମଦିବସୋପଲକ୍ଷେ ବାରିପଦା ସାହିତ୍ୟ-ସମାଜର ବାର୍ଷିକ ଅଧିବେଶନ ଅଧ୍ୟାପକ ଶ୍ରୀ ଗିରିଜାଶଙ୍କର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ତାହାର ବିବରଣୀ ଅନ୍ୟତ୍ର ଦିଆ ଯାଇଅଛି ।

ସନ୍ଧ୍ୟା-ମାୟା

ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାଶ

ବିଜନ ପ୍ରାନ୍ତର ପରେ ଅବଶେଷରେ ସନ୍ଧ୍ୟା ଯେବେ ଉଠାଇଲା ଶିରେ,
ଦଶ ଦିଗ ଯାଏ ମିଶି ଅବସନ୍ନ ତନ୍ଦ୍ରାମୁଗ୍ଧ ଅନନ୍ତ ତିମିରେ;
ପଶ୍ଚିମ ଗଗନ କୋଣେ ପ୍ରଭାହୀନ ନିଶାପତି ଧୀରେ ପଡ଼େ ଢଳି,
କ୍ଷଣକେ ଅନ୍ଧାର ସାଥେ ନୀରବତା ଆସେ ମାତି ଧରା ବକ୍ଷ ଭରି,
ଭୁବନମୋହିନୀ ନିଶା ରଙ୍ଗିଣୀ ମାୟା ଜାଲ ମେଲି ଦେଇ ଆସେ,
ଧରଣୀର ଜୀବଗ୍ରାମ ନୀରବେ ରହିଲା ଧରା ସେ ମୋହନ ପାଶେ ।

ସେହି ନୀରବତା ମଧ୍ୟେ ସେ ମାୟାବୀ ଅନ୍ଧକାରେ ଗାଇଲା କେ ଗୀତ?
ନିମିଷକେ ଅବସାଦ ଛାଡ଼ିଗଲା ଧରଣୀରୁ—ପ୍ରାଣ ପୁଲକିତ ।
ଦେଖିଲି ଆକାଶ ପଥେ—ପୂର୍ଣ୍ଣଚନ୍ଦ୍ର ଧୀରେ ଧୀରେ ଉଠେ ଊର୍ଦ୍ଧ୍ୱାକାଶେ,
ଶୁଣିଲି ଶ୍ରବଣ ଡେରି—ସୃଜନ ସଙ୍ଗୀତଛନ୍ଦ କାହୁଁ ଭାସି ଆସେ ।
କେ ରଚିଲା କାମନାର କଳାଧୂସ ଅଭିନବ ମଣି-ଆଭରଣ?
ମାୟାର ଝୁଲଣା ଛୁଇଁ ଅନ୍ଧାରର ବିଭୀଷିକା କେ କଲା ହରଣ?

ସେହି ସନ୍ଧ୍ୟାଲୋକ କୋଳେ ଧୀରେ ଯେବେ ଦିବସର ହେଲା ଅବସାନ,
ଧରଣୀ ମଳିନ ମୁଖେ ଅନ୍ଧାର-ରଜନୀ-ତଟେ ଶେଷ କ୍ଳାନ୍ତ ଗାନ,
ଅବସନ୍ନ କଣ୍ଠେ ଗାଇ ବୁଡ଼ିଗଲା ଧୀରେ ଧୀରେ ଅନ୍ଧକାର କୋଳେ,
ବିମ୍ଳାନ ଅଶ୍ରୁ ଝାଳୁଁ ଦୂର ଦିଗନ୍ତର ସୀମା ନ ଦିଶିଲା ତୋଳେ,
ନିଶାର ପ୍ରଥମ ଯାମ, ପଡ଼ିଲା ବିଣ ପହୁଡ଼, ଢ଼ାଳିଲା ଚାମର,
ମୃଦୁଳ ମଳୟାନିଳ, ତିମିର-ତନ୍ଦ୍ରାଜଡ଼ିତ ନୟନ ବିଶ୍ୱର ।

ଅଭିନବ-ମାୟା-ପାଶେ ଜଡ଼ିତ ଧରଣୀ-ଅଙ୍ଗ ମଣ୍ଡିତ ଆକାଶ,
ତରଙ୍ଗେ ତରଙ୍ଗେ ଆସିଯିବ ଅବା ଧରାସ୍ପର୍ଶୀ ସ୍ୱରର ଆଭାସ !
ନକ୍ଷତ୍ର ଚନ୍ଦ୍ରମା କରେ ନିର୍ଗାଥ ଗଗନ ତଳେ ନୀରବ ପ୍ରାନ୍ତରେ,
ଦୂରର ସେ କ୍ଷୀଣ ସ୍ୱର ଥରି ଥରି ଧୀରେ ଧୀରେ ପଶିଲା ଅନ୍ତରେ ।
ସିନ୍ଧୁର ଉଚ୍ଛ୍ୱାସ ସମ ପଶିଲା ଶ୍ରବଣେ ଯେବେ ସେ କି ହୁଏ ଭୁଲି?
ସେ ଯେ ଦେଲା ଜୀବନର ଅବରୁଦ୍ଧ ରହସ୍ୟର ସବୁ ଦ୍ୱାର ଖୋଲି ।

କି ସଙ୍ଗୀତ? କିଏ ଗାଏ? ଜାଣିବାର ଲାଗି କେବେ କରନି ପ୍ରୟାସ;
ନିତି ମୋ ଶ୍ରବଣ ପାଶେ ରଣରଣି ଉଠେ କିନ୍ତୁ ତାହାର ଆଭାସ ।
ଶାଶ୍ୱତ ସ୍ୱରଟି ତାର ଅବ୍ୟକ୍ତ ପରିଣମୟ କରିଛି ଆଘାତ;
ଶରତ ଶେଫାଳି ସମ ଶତ ଶୁଭ୍ର ଅଶ୍ରୁକଣା ଲଭିଛି ପ୍ରଭାତ;
କି ଦୁଃଖେ କେ ଗାଇଯାଏ ଏସନ କରୁଣ ସ୍ୱରେ ବିଜନ ସନ୍ଧ୍ୟାରେ;
ସମବ୍ୟଥା ଯେନ ତାର ପ୍ରତିଧ୍ୱନି ଗୁମରଇ ଅନନ୍ତ ଅନ୍ଧାରେ ।

Digitized by srujanika@gmail.com

ଦେଶୀୟ ରାଜ୍ୟ ସମାଚାର

କାଶ୍ମୀର

ଜୀବନ-ବୀମା

କାଶ୍ମୀର ରାଜସରକାର ରାଜକର୍ମଚାରୀମାନଙ୍କର ଉପକାର ନିମନ୍ତେ ଗୋଟିଏ ଜୀବନ-ବୀମାର ଯୋଜନା କରିଅଛନ୍ତି । ଏ ଷ୍ଟେଟ ଜୀବନ-ବୀମା ବା ଇନସ୍ୟୁରାନ୍ସ କମ୍ପାନୀରେ ବାହାରର କମ୍ପାନୀମାନଙ୍କ ତୁଳନାରେ କମ ହାରରେ ପ୍ରିମିୟମ୍ ଦେବାକୁ ପଡ଼ିବ । ଅନେକ ରାଜକର୍ମଚାରୀ ଷ୍ଟେଟ କମ୍ପାନୀରେ ଜୀବନ-ବୀମା କରୁଅଛନ୍ତି । କମ୍ପାନୀଟି ଷ୍ଟେଟ ମଧ୍ୟରେ ଅବସ୍ଥିତ ଥିବାରୁ ଏହି କମ୍ପାନୀରେ ଜୀବନ-ବୀମା କରିଥିବା ଲୋକର ମୃତ୍ୟୁ ହୋଇଗଲେ ଉତ୍ତରାଧିକାରୀ ସହଜରେ ପ୍ରାପ୍ୟ ଟଙ୍କା ପାଇ ପାରିବ । ମୃତ କର୍ମଚାରୀ ଉପରେ ରାଜସରକାରଙ୍କର ଯଦି କିଛି ପ୍ରାପ୍ୟ ଥାଏ, ତାହା ସେ ଜୀବନ-ବୀମା ଟଙ୍କାରୁ କାଟି ନେଇ ପାରିବେ ନାହିଁ ।

ବରୋଦା

ସ୍ଥାନୀୟ ସ୍ୱାୟତ୍ତ-ଶାସନ ଅନୁଷ୍ଠାନମାନଙ୍କୁ କ୍ଷମତା

ବରୋଦା ରାଜସରକାର ସମସ୍ତ ଜିଲ୍ଲା ବୋର୍ଡମାନଙ୍କୁ, ଏଗାରଟି ପ୍ରଥମ ଶ୍ରେଣୀର ମ୍ୟୁନିସିପାଲିଟିକୁ ଏବଂ ବରୋଦା ନଗର କର୍ପୋରେସନ୍‌କୁ ସଭାପତି ନିର୍ବାଚନ କରି ପାରିବାର ଅଧିକାର ଦେଇଛନ୍ତି ।

କ୍ଷୁଦ୍ର ଶିଳ୍ପମାନଙ୍କୁ ସାହାଯ୍ୟ

ବରୋଦାରେ କ୍ଷୁଦ୍ର ଶିଳ୍ପମାନଙ୍କୁ କମ ଦରରେ ବୈଦ୍ୟୁତିକ ଶକ୍ତି ଦିଆଯିବାର ବ୍ୟବସ୍ଥା ହୋଇଅଛି । ଗ୍ରାମବାସୀମାନଙ୍କୁ କୁଟୀର-ଶିଳ୍ପ ଶିକ୍ଷା ଦେବା ନିମନ୍ତେ ୧୨୫ଟି ବୃତ୍ତି ମଞ୍ଜୁର ହୋଇ-ଅଛି । ଏଥିରେ ଦଶ ହଜାର ଟଙ୍କା ଖରଚ ହେବ । ଯେଉଁମାନେ ବିଦ୍ୟାଳୟର ପଢ଼ା ଶେଷ କରି କୌଣସି ଶିଳ୍ପକର୍ମ କରିବାକୁ ଇଚ୍ଛା କରିବେ, ସେମାନଙ୍କୁ ଋଣ ଦିଆଯିବ ବୋଲି ସରକାର ବ୍ୟବସ୍ଥା କରିଅଛନ୍ତି ।

କୃଷି ଉନ୍ନତିର ଯୋଜନା

ବରୋଦା ରାଜସରକାର କୃଷିର ଉନ୍ନତି ନିମନ୍ତେ ବାର୍ଷିକ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ସ୍ଥିର କରିଅଛନ୍ତି । ଆଗେ ଏ ଦିଗରେ ମୋଟେ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା । କୃଷି ସମ୍ବନ୍ଧରେ ଗବେଷଣା ହେଉଅଛି । ବିଭିନ୍ନ ସ୍ଥାନରେ ପରୀକ୍ଷା ସ୍ୱରୂପ ନୂତନ ଫସଲ କରା ଯାଉଅଛି । କୃଷି ସମ୍ବନ୍ଧରେ ବ୍ୟବହାରିକ ଶିକ୍ଷାଲାଭ କରିବା ନିମନ୍ତେ ୧୬୬ଟି ବୃତ୍ତିର ବ୍ୟବସ୍ଥା ହୋଇଅଛି । ଫଳ-ଚାଷ ସମ୍ବନ୍ଧରେ ଶିକ୍ଷା ଲାଭ କରିବା ପାଇଁ ରାଜସରକାର ତିନୋଟି ବୃତ୍ତି ଦେବେ ବୋଲି ସ୍ଥିର କରିଛନ୍ତି । ସରକାର ପକ୍ଷରୁ ସ୍ଥାନେ ସ୍ଥାନେ ନଳକୂଅମାନ ବସାଇବାର ବ୍ୟବସ୍ଥା ହେଉଅଛି । ଏତଦ୍ଦ୍ୱାରା କୃଷି-କ୍ଷେତ୍ରମାନଙ୍କୁ ଜଳ ଯୋଗାଇବାର ସୁବିଧା ହେବ ।

ଶାସନ-ସଂସ୍କାର

ବରୋଦାର ନୂତନ ଗାଇକୋବାଡ଼ ଶାସନ-ସଂସ୍କାର କମିଟିର ସୁପାରିଶ ଅନୁସାରେ ଲୋକ-ପ୍ରତିନିଧିମାନଙ୍କୁ ଶାସନ-ସମ୍ପର୍କରେ କେତେକ ଅଧିକାର ଦେଇଅଛନ୍ତି । ରାଜ୍ୟରେ 'ଧାରାସଭା' ନାମକ ଯେଉଁ ବ୍ୟବସ୍ଥାପକ ସଭା ଥିଲା ତାହାର ସଭ୍ୟ-ସଂଖ୍ୟା ବଢାଇ ଦିଆଯାଇଅଛି ଏବଂ ତାହାର ଅର୍ଦ୍ଧାଧିକ ସଭ୍ୟ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ ହେବେ ବୋଲି ସ୍ଥିର ହୋଇଅଛି । ଧାରାସଭାର ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରୁ ଜଣକୁ ଶାସନ-ବିଭାଗର ସଦସ୍ୟ କରାଯିବ । ତାଙ୍କ ଉପରେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୋନ୍ନତି, ସ୍ଥାନୀୟ ସ୍ୱାୟତ୍ତଶାସନ, ସହଯୋଗ ପ୍ରଭୃତି ଲୋକହିତକର ବିଭାଗ-ମାନଙ୍କର ଭାର ନ୍ୟସ୍ତ ରହିବ ।

ଖୈରାଗଡ଼

ଶାସନ-ସଂସ୍କାର

ଖୈରାଗଡ଼ର ମହାରାଜା ନିକଟରେ ଘୋଷଣା କରିଅଛନ୍ତି ଯେ ରାଜ୍ୟରେ ବିନା ବେତନରେ ପ୍ରାଥମିକ ଶିକ୍ଷା ଦିଆଯିବ । କୃଷକମାନେ ଉନ୍ନତ ଧରଣର ଚାଷ-ପ୍ରଣାଳୀ ଏବଂ ଉନ୍ନତ ଧରଣର ହତିଆର ବ୍ୟବହାର କରିବା ସମ୍ବନ୍ଧରେ ଶିକ୍ଷା ପାଇବେ । ମହାରାଜା କେତେକ କର ଏଥିମଧ୍ୟରେ ଉଠାଇ ଦେଇଅଛନ୍ତି । ଜଙ୍ଗଲ ବିଭାଗର କଡ଼ା ନିୟମଗୁଡ଼ିକ କୋହଳ କରି ଦିଆ ଯାଇ-ଅଛି । ଗ୍ରାମୋନ୍ନତି ନିମନ୍ତେ ଅନେକ ଟଙ୍କା ଖର୍ଚ୍ଚ କରାଯିବ । ନିକଟରେ ଗ୍ରାମ୍ୟ ପଞ୍ଚାୟତମାନ ସ୍ଥାପିତ ହେବ । ଉକ୍ତ ପଞ୍ଚାୟତ-ମାନଙ୍କର ସଭ୍ୟମାନେ ଗ୍ରାମବାସୀମାନଙ୍କଦ୍ୱାରା ନିର୍ବାଚିତ ହେବେ । ସମଗ୍ର ଷ୍ଟେଟ ପାଇଁ ଗୋଟିଏ ବ୍ୟବସ୍ଥାପକ ସଭା ସ୍ଥାପନ କରିବା ବିଷୟ ମହାରାଜା ବିଚାର କରୁଅଛନ୍ତି ।

Digitized by srujanika@gmail.com

ରାୟଗଡ

ଶାସନ-ସଂସ୍କାର

ରାୟଗଡର ରାଜା ନିକଟରେ ରାଜ୍ୟରେ ଅନେକଗୁଡ଼ିଏ ସଂସ୍କାର କରିଅଛନ୍ତି । ରାଜ୍ୟର ଗ୍ରାମ୍ୟ ଅଞ୍ଚଳମାନଙ୍କ ନିମନ୍ତେ ଗୋଟିଏ ଡିଷ୍ଟ୍ରିକ୍ଟ କାଉନ୍ସିଲ ଗଠିତ ହୋଇଅଛି । ଷ୍ଟେଟ କର୍ମ ନିମନ୍ତେ କର୍ମଚାରୀ ନିଯୁକ୍ତ କରିବା ପାଇଁ ଗୋଟିଏ ପବ୍ଲିକ ସରଭିସ କମିଶନ ସ୍ଥାପିତ ହୋଇଅଛି । ଡିଷ୍ଟ୍ରିକ୍ଟ କାଉନ୍ସିଲର ନିର୍ବାଚିତ ସଭ୍ୟ ଏବଂ ରାଜ୍ୟସ୍ଥ ମ୍ୟୁନିସିପାଲିଟି ଦୁଇଟିର ନିର୍ବାଚିତ ସଭ୍ୟମାନଙ୍କୁ ନେଇ ଅତି ଶୀଘ୍ର ଗୋଟିଏ ପ୍ରଜାପରିଷଦ ଗଠିତ ହେବ । ଏହି ପ୍ରଜାପରିଷଦ ଡିଷ୍ଟ୍ରିକ୍ଟ କଉନ୍ସିଲ ତଥା ମ୍ୟୁନିସିପାଲିଟିମାନଙ୍କର କାର୍ଯ୍ୟ ଦେଖିବ ଏବଂ ରାଜାଙ୍କୁ ଶାସନ ସମ୍ପର୍କରେ ପରାମର୍ଶ ଦେବ । ଷ୍ଟେଟ ବଜେଟରେ ଅନେକ ସଂସ୍କାର କରା ଯାଇଅଛି । ରାଜାଙ୍କର ବ୍ୟକ୍ତିଗତ ଖର୍ଚ୍ଚ ଅନେକ କମାଇ ଦିଆ ଯାଇଅଛି । ରାଜା ହାଇକୋର୍ଟ-କ୍ଷମତା ଦେୱାନଙ୍କ ହସ୍ତରେ ନ୍ୟସ୍ତ କରିଅଛନ୍ତି । ଗୋଟିଏ ସ୍ୱତନ୍ତ୍ର ହାଇକୋର୍ଟ ସ୍ଥାପିତ ହେବାର ମଧ୍ୟ ସମ୍ଭାବନା ଅଛି । ଶାସନ-କାର୍ଯ୍ୟର ପରିଚାଳନା ନିମନ୍ତେ ରାଜା ଗୋଟିଏ ମନ୍ତ୍ରୀ-ସଭା ଗଢିଅଛନ୍ତି । ତାହାର ନାମ ଶାସନ-ପରିଷଦ । ଏହି ଶାସନ-ପରିଷଦ ପ୍ରଜା-ପରିଷଦର ପରାମର୍ଶାନୁଯାୟୀ ଶାସନ କାର୍ଯ୍ୟ ଚଳାଇବ ।

ମହୀଶୂର

ପମ୍ପ୍‌ପ୍ରଣାଳୀ ଯୋଜନା

କୋଲାର ଜିଲ୍ଲାର ଅଧିବାସୀମାନଙ୍କୁ ପାଣି ଯୋଗାଇବାର ସୁବିଧା କରିବା ନିମନ୍ତେ ମହୀଶୂର ରାଜସରକାର ମାର୍କଣ୍ଡେୟ ନଦୀ ମଧ୍ୟରେ ଗୋଟିଏ ଟାଙ୍କି କରିବାର ବ୍ୟବସ୍ଥା କରିଅଛନ୍ତି । ଏହି ଯୋଜନାରେ ଟ ୩୬୦୦୦୦ ଖର୍ଚ୍ଚ ହେବ । ଏହି ଟାଙ୍କିରେ ୪୬୫ ୟୁନିଟ ପାଣି ଧରିବ । ଏହି ଯୋଜନା ଫଳରେ ୬୦୦ ଏକର ଜମି ପାଣି ପାଇବ ।

ଆଉନ୍ଧ

ଶାସନ-ସଂସ୍କାର

ଆଉନ୍ଧ ରାଜ୍ୟର ନୂତନ ଶାସନ ଖସଡ଼ା ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ରାଜା ଗତ ନଭେମ୍ବର ୧ ତାରିଖ ଦିନ ଯେଉଁ ସବୁ ଅଧିକାର ଦିଆଯିବ ବୋଲି ଘୋଷଣା କରିଥିଲେ ତାହାଠାରୁ ବେଶୀ ଅଧିକାର ଦିଆ ଯାଇଅଛି ।

ଶାସନ ଖସଡ଼ାଟି ସରଳ ହୋଇଅଛି । ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଏଁ ପଞ୍ଚାୟତ ରହିବ । ଏହି ପଞ୍ଚାୟତ ଗ୍ରାମବାସୀ-ମାନଙ୍କଦ୍ୱାରା ନିର୍ବାଚିତ ହେବ । ଲେଖାପଢ଼ା ଜାଣିଥିବା ସମସ୍ତ ବୟସ୍କ ବ୍ୟକ୍ତି ପଞ୍ଚାୟତ ନିର୍ବାଚନରେ ଭୋଟ ଦେଇ ପାରିବେ । ଗୋଟିଏ ତାଲୁକରେ ଥିବା ସମସ୍ତ ପଞ୍ଚାୟତର ସଭାପତିମାନଙ୍କୁ ନେଇ ତାଲୁକ କାଉନ୍ସିଲ ଗଢ଼ାଯିବ । ଏହି ତାଲୁକ କାଉନ୍ସିଲକୁ ତାଲୁକ ରାଜସ୍ୱର ଅଧେ ଦିଆଯିବ । ତାଲୁକ କାଉନ୍ସିଲ ତାହାକୁ ପଞ୍ଚାୟତମାନଙ୍କ ମଧ୍ୟରେ ବାଣ୍ଟି ଦେବେ । ଷ୍ଟେଟ ମଧ୍ୟରେ ପାଞ୍ଚୋଟି ତାଲୁକ କାଉନ୍ସିଲ ରହିବ । ପ୍ରତ୍ୟେକ ତାଲୁକ କାଉନ୍ସିଲର ସଭାପତି ଷ୍ଟେଟ କାଉନ୍ସିଲର ସଭ୍ୟ ହେବେ । ଏହି ପାଞ୍ଚଜଣ ସଭ୍ୟଙ୍କ ବ୍ୟତୀତ ପ୍ରତ୍ୟେକ ତାଲୁକ କାଉନ୍ସିଲ ଷ୍ଟେଟ ସଭାକୁ ଆଉ ଦୁଇ ଜଣ ଲେଖାଏଁ ସଭ୍ୟ ନିର୍ବାଚନ କରିବେ । ଷ୍ଟେଟ ସଭାରେ ଏହି ପ୍ରକାରେ ମୋଟ ପନ୍ଦର ଜଣ ସଭ୍ୟ ରହିବେ । ତାହାର ନାମ ହେବ ଷ୍ଟେଟ ଲେଜିସ୍‌ଲେଟିଭ୍ ଅସେମ୍ବ୍ଲି ।

ଏହି ଷ୍ଟେଟ ଅସେମ୍ବ୍ଲି ଷ୍ଟେଟର ପ୍ରଧାନତମ ଶାସନ-କେନ୍ଦ୍ର ହେବ । ରାଜା ଷ୍ଟେଟ ଅସେମ୍ବ୍ଲିରେ ପାଶ ହୋଇଥିବା କୌଣସି ବିଷୟକୁ ତିନି ଥର ପୁନର୍ବିଚାର ପାଇଁ ପଠାଇ ପାରନ୍ତି । ପୁନର୍ବିଚାରଦ୍ୱାରା ଷ୍ଟେଟ ଅସେମ୍ବ୍ଲି କୌଣସି ପରିବର୍ତ୍ତନ ନ କଲେ ରାଜା ସେ ବିଷୟରେ ମଞ୍ଜୁର ଦେବାକୁ ବାଧ୍ୟ । ବ୍ରିଟିଶ ସରକାର ସହିତ ରାଜା ଯେଉଁ ବିଷୟମାନଙ୍କରେ ସମ୍ପୃକ୍ତ, ସେ ବିଷୟ ଗୁଡ଼ିକ ରାଜା ନିଜେ ବୁଝିବେ । ଦରକାର ପଡ଼ିଲେ ରାଜା ଷ୍ଟେଟ ଅସେମ୍ବ୍ଲିର ବିଶେଷ ଅଧିବେଶନ ଡ଼ାକି ପାରନ୍ତି । ଆହୁର ମଧ୍ୟ ଗୁରୁତର କାରଣ ଦେଖିଲେ ରାଜା ଅସେମ୍ବ୍ଲି ଭାଙ୍ଗି ଦେଇ ନୂତନ ନିର୍ବାଚନ କରାଇ ପାରନ୍ତି ।

ଶାସନ କାର୍ଯ୍ୟରେ ରାଜାଙ୍କୁ ସାହାଯ୍ୟ କରିବା ନିମନ୍ତେ ଜଣେ ପ୍ରଧାନ ମନ୍ତ୍ରୀ ଏବଂ ଅନ୍ୟ ଜଣେ ବା ଦୁଇ ଜଣ ମନ୍ତ୍ରୀ ରହିବେ । ଏହି ମନ୍ତ୍ରୀମାନେ ଷ୍ଟେଟ୍ ଅସେମ୍ବ୍ଲିର ସଭ୍ୟମାନଙ୍କ ମଧ୍ୟରୁ ନିର୍ବାଚିତ ହେବେ । ସେମାନେ ଶାସନ କାର୍ଯ୍ୟ ନିମନ୍ତେ ଷ୍ଟେଟ୍ ଅସେମ୍ବ୍ଲି ନିକଟରେ ଦାୟୀ ରହିବେ ।

ରାଜ୍ୟର ସମସ୍ତ ରାଜସ୍ୱ ଦୁଇ ଭାଗରେ ବିଭକ୍ତ ହେବ । ଏକ ଭାଗ ରାଜ୍ୟର ପଞ୍ଚାୟତମାନଙ୍କ ମଧ୍ୟରେ ବାଣ୍ଟି ଦିଆଯିବ ଏବଂ ଅନ୍ୟ ଏକ ଭାଗ ଷ୍ଟେଟ ଅସେମ୍ବ୍ଲିର ନିର୍ଦ୍ଦେଶାନୁଯାୟୀ ଖର୍ଚ୍ଚ ହେବ । ରାଜାଙ୍କ ନିଜ ଖର୍ଚ୍ଚ କେତେ ହେବ ତାହା ମଧ୍ୟ ଷ୍ଟେଟ ଅସେମ୍ବ୍ଲି ସ୍ଥିର କରିବେ । ମାତ୍ର ପ୍ରଥମ ପାଞ୍ଚବର୍ଷ ରାଜାଙ୍କର ନିଜ ଖର୍ଚ୍ଚ ବାର୍ଷିକ ୩୬ ହଜାର ଟଙ୍କା ହେବ ବୋଲି ଧାର୍ଯ୍ୟ ହୋଇଅଛି ।

ମୌଳିକ ଶିକ୍ଷା ବାଧ୍ୟତାମୂଳକ କରା ଯାଇଅଛି । ପ୍ରଜାମାନଙ୍କୁ ଉଚ୍ଚ-ଶିକ୍ଷା ଦେବା ନିମନ୍ତେ ଷ୍ଟେଟ କୌଣସି ଦାୟିତ୍ୱ ଗ୍ରହଣ କରିନାହିଁ । କେବଳ ଷ୍ଟେଟର ଚାକିରି ନିମନ୍ତେ କେତେକଙ୍କୁ ଉଚ୍ଚ-ଶିକ୍ଷା ଦିଆଯିବ । ନିରକ୍ଷରତା-ଦୂରୀକରଣ ନିମନ୍ତେ ପ୍ରବଳ ଉଦ୍ୟମ ଚାଲିଅଛି । କାରଣ ସାକ୍ଷର ନ ହେଲେ ଲୋକ ଭୋଟ ଦେବାର ଅଧିକାର ପାଇ ପାରିବ ନାହିଁ । ଏକ ବର୍ଷ ମଧ୍ୟରେ ଷ୍ଟେଟରୁ ନିରକ୍ଷରତା ଏକାବେଳକେ ଦୂରୀଭୂତ ହୋଇ ପାରିବ ବୋଲି ଉଦ୍‌ଯୋକ୍ତାମାନଙ୍କର ବିଶ୍ୱାସ ।

ବିଚାର-ପ୍ରଣାଳୀ ଅତ୍ୟନ୍ତ ସରଳ ହୋଇଅଛି । ଅଧିକାଂଶ ମକଦମାର ବିଚାର ଗ୍ରାମର ପଞ୍ଚାୟତମାନେ କରିବେ । ଜଣେ ହାଇକୋର୍ଟ ଜଜ୍ ପଞ୍ଚାୟତମାନଙ୍କର କାମ ପର୍ଯ୍ୟବେକ୍ଷଣ କରିବେ ଏବଂ ପଞ୍ଚାୟତର କ୍ଷମତାବହିର୍ଭୂତ ମକଦମାମାନ ବିଚାର କରିବେ । ପଞ୍ଚାୟତ ମକଦମା ବିଚାର କରିବା ପାଇଁ କୋର୍ଟ ଫିସ୍ ବା ଅନ୍ୟ

Digitized by srujanika@gmail.com

କୌଣସି ପ୍ରକାର ଫିସ୍ ନେବେ ନାହିଁ । ଅଭିଯୁକ୍ତ ବ୍ୟକ୍ତିମାନଙ୍କ ପାଇଁ ଷ୍ଟେଟ ପକ୍ଷରୁ ମାଗଣା ଓକିଲ ଯୋଗାଇ ଦିଆଯିବ ।

ପ୍ରଥମ ପାଞ୍ଚ ବର୍ଷ ରାଜା ଜଣେ ଲେଖାଁଏ ସଭ୍ୟ ମନୋନୀତ କରିପାରିବେ ।

ପାଟନା

ପ୍ରଦର୍ଶନୀ

ମହାରାଜାଙ୍କ ଜନ୍ମଦିବସୋପଲକ୍ଷେ ପାଟନାରେ ଗୋଟିଏ କୃଷି-ଶିଳ୍ପ ପ୍ରଦର୍ଶନୀ ହୋଇଥିଲା । ପ୍ରଦର୍ଶନୀ ଶେଷରେ ଭଲ ଜିନିଷ ଆଣିଥିବା ନିମନ୍ତେ ଅନେକ ମେଡାଲ ଓ ସାର୍ଟିଫିକେଟ ବିତରିତ ହୋଇଥିଲା । ଉପର ନିମନ୍ତେ ମୟୂରଭଞ୍ଜ ଷ୍ଟେଟକୁ ଗୋଟିଏ ସୁନାର ମେଡାଲ ଦିଆଗଲା । ମହୁମାଛି ପୋଷିବା ପାଇଁ ବୌଦ ଷ୍ଟେଟ ଗୋଟିଏ ସୁନାର ମେଡାଲ ପାଇଥିଲା । ସରେଇକଲା ଷ୍ଟେଟକୁ ଭଲ ଖଣିଜ ଦ୍ରବ୍ୟ ନିମନ୍ତେ ଗୋଟିଏ ସାର୍ଟିଫିକେଟ ଦିଆଯାଇଥିଲା । ପାଟନା ମହାରାଣୀଙ୍କର ସୂଚିକର୍ମ ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିଲା ।

ଶାସନ-ସଂସ୍କାର

ମହାରାଜାଙ୍କର ଜନ୍ମଦିବସୋପଲକ୍ଷେ ଗୋଟିଏ ଦରବାର ହୋଇଥିଲା । ସେହି ଦରବାରରେ ମହାରାଜା ଘୋଷଣା କରିଅଛନ୍ତି ଯେ ଷ୍ଟେଟରେ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଁଏ ଗ୍ରାମ୍ୟ ପଞ୍ଚାୟତ ଏବଂ ତିନି ସବ୍-ଡିଭିଜନରେ ତିନୋଟି ପ୍ରଜାସଭା ସ୍ଥାପିତ ହେବ । ପ୍ରଜାସଭାମାନ ଷ୍ଟେଟ କର୍ତ୍ତୃପକ୍ଷମାନଙ୍କୁ ଶାସନ ସମ୍ପର୍କରେ ପରାମର୍ଶ ଦେବେ । ବିଶେଷତଃ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗୋ-ପାଳନ, ଗ୍ରାମ୍ୟ ସଂସ୍କାର, ରାସ୍ତା-ନିର୍ମାଣ, ଜଳ-ସରବରାହ ପ୍ରଭୃତି ଲୋକହିତକର ବିଷୟମାନଙ୍କରେ ପ୍ରଜାସଭାର ପରାମର୍ଶ ନିଆଯିବ ।

ଇଦର

ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା

ଇଦର ରାଜସରକାର ରାଜ୍ୟରେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରଚଳନ କରିବାର ସ୍ଥିର କରିଅଛନ୍ତି । ଇଦର ଷ୍ଟେଟ ଏସେମ୍ବ୍ଲିର ଆଗାମୀ ଅଧିବେଶନରେ ଏ ବିଷୟରେ ଗୋଟିଏ ବିଲ ଆଗତ କରାଯିବ । ଏଥିମଧ୍ୟରେ ରାଜ୍ୟର ମୋଟ ବାଳକ ବାଳିକା କେତେ ଏବଂ ଏହି ନୂତନ ଯୋଜନାରେ ରାଜସରକାରଙ୍କୁ କେତେ ଟଙ୍କା ବ୍ୟୟ କରିବାକୁ ପଡ଼ିବ ଏ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଅଛି ।

କପୁରଥାଲା

ବ୍ୟବସ୍ଥାପକ ସଭା

କପୁରଥାଲାର ମହାରାଜା ମହୋଦୟ ସରକାରୀ ଏବଂ ବେସରକାରୀ ଲୋକମାନଙ୍କୁ ନେଇ ଗୋଟିଏ କମିଟି ବସାଇ ଅଛନ୍ତି । ରାଜ୍ୟରେ ଯେଉଁ ବ୍ୟବସ୍ଥାପକ ସଭା ସ୍ଥାପିତ ହେବାର ସ୍ଥିର ହୋଇଅଛି ତାହାକୁ ବର୍ତ୍ତମାନ କି ଅଧିକାର ଦିଆଯିବ, ଏହି ବ୍ୟବସ୍ଥାପକ ସଭାର ନିର୍ବାଚନମଣ୍ଡଳମାନ କିପରି ଭାବରେ ଗଠିତ ହେବ ଏବଂ ସଭ୍ୟମାନଙ୍କର ଓ ଭୋଟରମାନଙ୍କର ଯୋଗ୍ୟତା କଅଣ ହେବ ଏହି ବିଷୟ ଗୁଡ଼ିକ କମିଟିରେ ଠିକ୍ କରାଯିବ ।

କଚ

ପ୍ରଜାମାନଙ୍କ ଅଧିକାର

କଚର ମହାରାଜା ମହୋଦୟ ରାଜପ୍ରସାଦରେ ଅନୁଷ୍ଠିତ ହୋଇଥିବା ଗୋଟିଏ ପ୍ରଜା-ସଭାରେ ପ୍ରଜାମାନଙ୍କୁ କେତେକ ନୂତନ ଅଧିକାର ଦିଆଯିବ ବୋଲି ଘୋଷଣା କରିଅଛନ୍ତି । ପ୍ରାୟ ୧୫୦୦୦ ପ୍ରଜା ଏହି ଅଧିବେଶନରେ ଯୋଗ ଦେଇଥିଲେ ।

କଚର ସାତୋଟି ପ୍ରଧାନ ନଗରର ମ୍ୟୁନିସିପାଲିଟିମାନଙ୍କୁ ଏଣିକି ସଭ୍ୟ ନିର୍ବାଚନ କରିବାର ଅଧିକାର ଦିଆଯିବ । ଆଗେ ଷ୍ଟେଟ୍ ପାଇଁ ଗାଡ଼ି ଭଡ଼ା କଲେ ଷ୍ଟେଟ୍‌ନିର୍ଦ୍ଧାରିତ ଭଡ଼ା ଦିଆଯାଉଥିଲା । ଏଣିକି ସେ ପ୍ରଥା ଉଠିଯିବ ଏବଂ ସାଧାରଣ ଲୋକେ ଯେଉଁ ରେଟ୍‌ରେ ଗାଡ଼ି-ଭଡ଼ା ଦିଅନ୍ତି, ଷ୍ଟେଟ୍ ସେହି ରେଟ୍‌ରେ ଗାଡ଼ି-ଭଡ଼ା ଦେବ । ଦୁର୍ଭିକ୍ଷ ସମୟରେ ପ୍ରଜାମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଗୋଟିଏ ସ୍ଥାୟୀ ଦୁର୍ଭିକ୍ଷ ସାହାଯ୍ୟ କମିଟି ସ୍ଥାପିତ ହେବ । ନିଶାନିବାରଣ-କର୍ମ ଷ୍ଟେଟ୍‌ରେ କେତେଦୂର କୃତକାର୍ଯ୍ୟ ହୋଇ ପାରିବ, ସେ ବିଷୟର ଅନୁସନ୍ଧାନ କରିବା ନିମନ୍ତେ ଗୋଟିଏ କମିଟି ବସିବ । ମହାରାଜା ଅଧିକନ୍ତୁ ମଧ୍ୟ ଜଣାଇ ଅଛନ୍ତି ଯେ ସେ ରାଜ୍ୟର ସର୍ବଅଞ୍ଚଳର ପ୍ରଜାମାନଙ୍କୁ ଆହ୍ୱାନ କରି ଆଉ ଗୋଟିଏ ପ୍ରଜାସଭା କରିବେ ଏବଂ ତହିଁରେ ପ୍ରଜାମାନଙ୍କର ଅଭାବ ଅସୁବିଧା ନିଜେ ଶୁଣିବେ ।

ବନସ୍ୱର

ବନସ୍ୱର ରାଜପୁତାନାର ଗୋଟିଏ ଉନ୍ନତ ରାଜ୍ୟ । ବନସ୍ୱରର ମହାରାଜା ମହୋଦୟ ନିକଟରେ ଗୋଟିଏ ବ୍ୟବସ୍ଥାପକ ସଭା ସ୍ଥାପନ କରିଅଛନ୍ତି । ଏହି ବ୍ୟବସ୍ଥାପକ ସଭାର ମୋଟ ସଭ୍ୟ-ସଂଖ୍ୟା ୨୪ ହେବେ । ତହିଁରୁ ୧୭ ଜଣ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେବେ; ବାକି ସାତ ଜଣ ରାଜସରକାରଙ୍କ ଦ୍ୱାରା ମନୋନୀତ ହେବେ । ଏହି ବ୍ୟବସ୍ଥାପକ ସଭା ମହାରାଜାଙ୍କ ଅନୁମୋଦନସହ ରାଜ୍ୟ ପାଇଁ ଆଇନ ପ୍ରଣୟନ କରିବ ଏବଂ ଆୟ-ବ୍ୟୟ (ବଜେଟ) ସ୍ଥିର କରିବ । ଷ୍ଟେଟ୍ ଦେୱାନ ଏହି ବ୍ୟବସ୍ଥାପକ ସଭାର ସଭାପତି ହେବେ ।

ଗୋୟାଲିୟର

ପ୍ରାଚୀନ ଚିତ୍ରର ଆବିଷ୍କାର

କାନ୍ଥ ଉପରେ ଅଙ୍କା ହୋଇଥିବା କେତେଗୁଡ଼ିଏ ସୁନ୍ଦର ପ୍ରାଚୀନ କାଳର ଚିତ୍ର ନିକଟରେ ଗ୍ୱାଲିଅର ଷ୍ଟେଟ୍‌ର ବାଘ ଗୁମ୍ଫାରେ ଆବିଷ୍କୃତ ହୋଇଅଛି । ଚିତ୍ରଗୁଡ଼ିକ ବୁଦ୍ଧ ଏବଂ ବୁଦ୍ଧିସତ୍ତ୍ୱମାନଙ୍କର ଚିତ୍ର ଏବଂ ପଞ୍ଚମ ଶତାବ୍ଦୀରେ ଅଙ୍କିତ । ଏହି ଚିତ୍ରଗୁଡ଼ିକ ଆବିଷ୍କୃତ ହେବା ଫଳରେ ବାଘ ଗୁମ୍ଫାର ପ୍ରାଧାନ୍ୟ ବଢ଼ି ଯାଇଅଛି ।

ସମ୍ବାଦ ଓ ସଙ୍କେତ

ଶ୍ରୀମନ୍ ମହାରାଜା ମହୋଦୟଙ୍କର ଜନ୍ମୋତ୍ସବ

ଶ୍ରୀମନ୍ ମହାରାଜା ମହୋଦୟଙ୍କର ଅଷ୍ଟତ୍ରିଂଶ ବାର୍ଷିକ ଜନ୍ମୋତ୍ସବ ଗତ ଫେବୃୟାରୀ ୨୧ ତାରିଖଠାରୁ ଏକ ସପ୍ତାହ ପର୍ଯ୍ୟନ୍ତ ସମଗ୍ର ମୟୂରଭଞ୍ଜ ଷ୍ଟେଟ୍‌ରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଉତ୍ସବର ବିଶେଷ ବିବରଣ ଅନ୍ୟତ୍ର ପ୍ରକାଶିତ ହୋଇଅଛି ।

ବାରିପଦା ସାହିତ୍ୟ-ସମାଜ

ବାରିପଦା ସାହିତ୍ୟ-ସମାଜର ପଞ୍ଚମ ବାର୍ଷିକ ଅଧିବେଶନ ଗତ ଫେବୃୟାରୀ ୧୮ ଓ ୧୯ ତାରିଖରେ ସ୍ଥାନୀୟ ହାଇସ୍କୁଲ୍ ହଲରେ ଅନୁଷ୍ଠିତ ହୋଇଥିଲା । କଟକ ରେଭେନ୍ସା କଲେଜର ଅଧ୍ୟାପକ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ଶ୍ରୀଯୁକ୍ତ ଗିରିଜାଶଙ୍କର ରାୟ ଏହି ଅଧିବେଶନର ପୁରୋଧା ହୋଇଥିଲେ । ଶ୍ରୀମନ୍ ରାଜ୍ୟତରାୟ ସାହେବ, ସ୍ଥାନୀୟ ଭଦ୍ର ବ୍ୟକ୍ତିବୃନ୍ଦ ଏବଂ ବହୁ ସଂଖ୍ୟକ ଛାତ୍ର ଅଧିବେଶନରେ ଯୋଗ ଦେଇଥିଲେ । ସମାଜର ସଭାପତି ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ, ଅଧିବେଶନର ସଭାପତି ତଥା ଉପସ୍ଥିତ ଭଦ୍ର ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା କରି ଗୋଟିଏ ସୁଚିନ୍ତିତ ଭାଷଣ ପାଠ କଲେ । ଉକ୍ତ ଭାଷଣ ଏବଂ ସଭାପତି ମହୋଦୟଙ୍କ ଅଭିଭାଷଣ ଅନ୍ୟତ୍ର ପ୍ରକାଶିତ ହୋଇଅଛି । ସମ୍ପାଦକଙ୍କ ବାର୍ଷିକ ରିପୋର୍ଟରୁ ଜଣାଗଲା ଗତ ବର୍ଷ ସମାଜର ମୋଟ ୧୬ଟି ଅଧିବେଶନ ହୋଇ ଥିଲା । ଶ୍ରୀଯୁକ୍ତ ଜଗତ୍ ମୋହନ ସେନ, ବୃନ୍ଦାବନ ଚନ୍ଦ୍ର ଦାଶ, ଶ୍ରୀଗୋବିନ୍ଦ ଚନ୍ଦ୍ର ପାଲ, ନବକିଶୋର ଶର୍ମା ପ୍ରମୁଖ ଭଦ୍ର ବ୍ୟକ୍ତିବୃନ୍ଦ ଭିନ୍ନ ଭିନ୍ନ ବିଷୟରେ ପ୍ରବନ୍ଧମାନ ପାଠ କରିଥିଲେ । ଶ୍ରୀଯୁକ୍ତ ଶରଚ୍ଚନ୍ଦ୍ର ନାଥ ଦାସ, ବାସୁଦେବ ମହାପାତ୍ର ଓ ମଧୁସୂଦନ ମହାନ୍ତି ଉତ୍କଳ ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ ସମ୍ବନ୍ଧରେ ଆଲୋଚନା କରି ବକ୍ତୃତା କରିଥିଲେ । ସଭାପତିଙ୍କ ଅଭିଭାଷଣଟି ବଡ଼ ଉପାଦେୟ ହୋଇଥିଲା ।

ସହଯୋଗ ସମ୍ମିଳନୀ

ଶ୍ରୀମନ୍ ମହାରାଜା ମହୋଦୟଙ୍କର ଜନ୍ମୋତ୍ସବ ସମୟରେ ମୟୂରଭଞ୍ଜ ସହଯୋଗ ବିଭାଗର ଉଦ୍ୟମରେ ସମଗ୍ର ମୟୂରଭଞ୍ଜ ଷ୍ଟେଟର ସହଯୋଗସମିତି ସଭ୍ୟମାନଙ୍କର ଗୋଟିଏ ସମ୍ମିଳନୀ ହୋଇ-ଥିଲା । ମୟୂରଭଞ୍ଜ ହାଇକୋର୍ଟର ଜଜ୍ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ଦାସ ଏହି ସମ୍ମିଳନୀର ସଭାପତି ହୋଇଥିଲେ । ଦେୱାନ ଶ୍ରୀଯୁକ୍ତ କ୍ଷିତୀଶ ଚନ୍ଦ୍ର ନିୟୋଗୀ, କୋ-ଅପରେଟିଭ ଡିପାର୍ଟମେଣ୍ଟର ରେଜିଷ୍ଟ୍ରାର ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ ପ୍ରମୁଖ ବିଶିଷ୍ଟ ଭଦ୍ର ବ୍ୟକ୍ତି-ବୃନ୍ଦ ଏବଂ ବହୁ ସଂଖ୍ୟକ ସହଯୋଗ-ସମିତି ସଭ୍ୟ ଏହି ଅଧିବେଶନରେ ଯୋଗ ଦେଇଥିଲେ । କୋ-ଅପରେଟିଭ ଡିପାର୍ଟମେଣ୍ଟର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଶ୍ରୀଯୁକ୍ତ ମହେଶ୍ୱର ନାୟକ ଉପସ୍ଥିତ ଭଦ୍ର ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ ଏବଂ ସହଯୋଗ ବିଭାଗର ନୀତି ଓ ମୟୂରଭଞ୍ଜ ସହଯୋଗ ବିଭାଗର ଲୋକହିତକର କାର୍ଯ୍ୟାବଳୀ ବର୍ଣ୍ଣନା କରି ଗୋଟିଏ ଭାଷଣ ପାଠ କରିଥିଲେ । ତତ୍ପରେ ବିଭିନ୍ନ ସହଯୋଗ ସମିତିର ସଭ୍ୟମାନେ ସେମାନଙ୍କର ସହଯୋଗ ସମିତିମାନ ଏଥିମଧ୍ୟରେ କି କି ଲୋକହିତକର କର୍ମ କରିଅଛନ୍ତି, ସେ ସମସ୍ତ ବର୍ଣ୍ଣନା କରିଥିଲେ । ରେଜିଷ୍ଟ୍ରାର ଶ୍ରୀଯୁକ୍ତ ରାଧାଗୋବିନ୍ଦ ଦାସ ମଧ୍ୟ ସହଯୋଗ ସମ୍ବନ୍ଧରେ ନିଜର ବକ୍ତବ୍ୟ ପ୍ରକାଶ କରିଥିଲେ । ଶେଷରେ ସଭାପତି ମହୋଦୟ ସ୍ୱୀୟ ବକ୍ତବ୍ୟରେ ମୟୂରଭଞ୍ଜ ସହଯୋଗ ବିଭାଗ ଲୋକହିତକର କର୍ମମାନଙ୍କରେ ବ୍ରତୀ ହୋଇ ଥିବାର ଦେଖି ଆନନ୍ଦ ପ୍ରକାଶ କରିଥିଲେ ଏବଂ ବିଭାଗର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

ଓଡ଼ିଶା ଗଭର୍ଣ୍ଣରଙ୍କର ବାରିପଦା ଆଗମନ

ଓଡ଼ିଶାର ଗଭର୍ଣ୍ଣର ମାନ୍ୟବର ସାର୍ ଜନ୍ ଅଷ୍ଟିନ୍ ହାବକ୍ ଗତ ଫେବୃୟାରୀ ୪ ତାରିଖ ଦିନ ଭ୍ରମଣୋଦ୍ଦେଶ୍ୟରେ ବାରିପଦା ଆସିଥିଲେ । ଲେଡ଼ି ହାବକ୍ ଏବଂ ଗଭର୍ଣ୍ଣରଙ୍କ ପ୍ରାଇଭେଟ ସେକ୍ରେଟେରୀ ବାଉଷ୍ଟେଡ୍ ମଧ୍ୟ ଗଭର୍ଣ୍ଣରଙ୍କସହ ଆସିଥିଲେ ।

ମାନ୍ୟବର ଗଭର୍ଣ୍ଣର ମହୋଦୟ ଏବଂ ଅନ୍ୟାନ୍ୟ ଆଗନ୍ତୁକଗଣ ମହାରାଜା ଓ ଦେୱାନଙ୍କସହ ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନ, ଡାକ୍ତରଖାନା, ନବସ୍ଥାପିତ ରୌପ୍ୟଜୟନ୍ତୀ ଜନାନା ହସପିଟାଲ୍, ମ୍ୟୁଜିଅମ, ଭିକ୍ଟୋରିଆ ଡାଏମଣ୍ଡ ଜୁବିଲି ଲାଇବ୍ରେରୀ, ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କ, କାଉନ୍‌ସିଲ ସ୍କୁଲ ଏବଂ ସେକ୍ରେଟେରିଏଟ୍ ପରିଦର୍ଶନ କରିଥିଲେ ।

Digitized by srujanika@gmail.com

ମଧ୍ୟାହ୍ନ-ଭୋଜନ ପରେ ଗଭର୍ଣ୍ଣର ଏବଂ ଲେଡ଼ି ହାବର୍ଟ ଷ୍ଟେଟ୍ ଏରୋଡ୍ରାମକୁ ଯାଇଥିଲେ ଏବଂ କିଛି ସମୟ ଷ୍ଟେଟ୍ ଏରୋପ୍ଲେନରେ ଚଢ଼ି ବୁଲିଥିଲେ । ସନ୍ଧ୍ୟା ସମୟରେ ମହାରାଜା ଗଭର୍ଣ୍ଣରଙ୍କ ସମ୍ମାନାର୍ଥେ ଗୋଟିଏ ସାନ୍ଧ୍ୟ ଭୋଜିର ଆୟୋଜନ କରିଥିଲେ । ଗଭର୍ଣ୍ଣର, ଲେଡ଼ି ହାବର୍ଟ, ମହାରାଜା ଓ ଦେୱାନଙ୍କ ବ୍ୟତୀତ ଓଡ଼ିଶା ଷ୍ଟେଟ୍‌ମାନଙ୍କ ଭୂତପୂର୍ବ ପଲିଟିକାଲ ଏଜେଣ୍ଟ ଫିଲିପ୍ ସାହେବ ଏବଂ ଷ୍ଟେଟ୍‌ର ବିଶିଷ୍ଟ କର୍ମଚାରୀବୃନ୍ଦ ଉକ୍ତ ଭୋଜିରେ ଯୋଗ ଦେଇଥିଲେ ।

ଗଭର୍ଣ୍ଣର ତତ୍ପରେ ବାଲେଶ୍ୱର ଫେରି ଯାଇଥିଲେ ।

ମର୍ଲି ଶ୍ରୀଯୁକ୍ତ ନିତ୍ୟାନନ୍ଦ କାନୁନଗୋ, ପୁରୀର ରାଜା ସାହେବ, ଖଲ୍ଲିକୋଟର ରାଜା ବାହାଦୁର, ମୟୂରଭଞ୍ଜର ଦେୱାନ ଶ୍ରୀଯୁକ୍ତ କ୍ଷିତୀଶଚନ୍ଦ୍ର ନିୟୋଗୀ, ପୁରୀ ଏମାର ମଠର ମହନ୍ତ, ପୁରୀର ଜିଲ୍ଲା ମାଜିଷ୍ଟ୍ରେଟ ପ୍ରମୁଖ ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତି ଏହି ଉତ୍ସବରେ ଯୋଗ ଦେଇଥିଲେ ।

ଏମାର ମଠର ମହନ୍ତ ମହାରାଜ ପ୍ରଥମେ ସଭାପତିଙ୍କୁ ପୁଷ୍ପମାଳା ପ୍ରଦାନ କରି ପ୍ରାରମ୍ଭିକ ଶ୍ଳୋକାବୃତ୍ତି କରିଥିଲେ । ତତ୍ପରେ ଭାରତୀୟ କେନ୍ଦ୍ର ବ୍ୟବସ୍ଥାପକ ସଭାର ସଦସ୍ୟ ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ ମୟୂରଭଞ୍ଜର ମହାରାଜା ମହୋଦୟଙ୍କୁ ସମ୍ବର୍ଦ୍ଧନା କରି



ମହାରାଜା ଓ ଦେୱାନଙ୍କ ସହ ଗଭର୍ଣ୍ଣର ଓ ଲେଡି ହାବର୍ଟ

ପୁରୀ ଇଲେକ୍ଟ୍ରିକ କମ୍ପାନି

ପୁରୀ ଇଲେକ୍ଟ୍ରିକ କାରଖାନା-ଗୃହର ମୂଳଭିତ୍ତି-ସ୍ଥାପନ-ଉତ୍ସବ ଗତ ମାର୍ଚ୍ଚ ୭ ତାରିଖ ଦିନ ପୁରୀଠାରେ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜର ମହାରାଜା ମହୋଦୟ ଉକ୍ତ ଉତ୍ସବର ପୁରୋଧା ହୋଇଥିଲେ । ଓଡ଼ିଶା ସରକାରଙ୍କର ରାଜସ୍ୱ-ବିଭାଗର କହିଥିଲେ ଯେ ଇଲେକ୍ଟ୍ରିକ ସପ୍ଲାଇ କମ୍ପାନିର ମୋଟ ଏକ ଲକ୍ଷ ସତୁରି ହଜାର ଟଙ୍କାର ଅଂଶ ମଧ୍ୟରୁ କେବଳ ମୟୂରଭଞ୍ଜର ମହାରାଜା ମହୋଦୟ ପଚିଶ ହଜାର ଟଙ୍କାର ଅଂଶ ଖରିଦ କରିଅଛନ୍ତି । ମହାରାଜା ମହୋଦୟ ସ୍ୱୀୟ ବକ୍ତୃତାରେ ଆଶା ପ୍ରକାଶ କରିଥିଲେ ଯେ ପୁରୀ ଇଲେକ୍ଟ୍ରିକ ସପ୍ଲାଇ କମ୍ପାନି ପରି ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଏଣିକି ଓଡ଼ିଶାରେ ବହୁପରିମାଣରେ ସ୍ଥାପିତ ହେବ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

Digitized by srujanika@gmail.com

ଭଞ୍ଜପ୍ରଦୀପ

ବାରିପଦା, ଆଷାଢ଼ ୧୩୪୭



PHONE 2492 CAL. GRAM "LAVATORY"

SANITATION

PLUMBING
DRAINAGE
& WATER-WORKS.

CONSULT.

S. K. CHAKRAVARTI LTD.

MISSION ROW — SANITARY ENGINEERS — CALCUTTA

Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

Yearly Subscription	Rs. 3
Single Copy	As. 12

Postage Extra.

Manager—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

PRINTING & STATIONERY GOODS

Please ask for Price List.

Bhanja Pradeepa

It is an illustrated Oriya quarterly quite independent of the English Edition of the Mayurbhanj Chronicle.

SUBSCRIPTION

Annual -	*Rs. 0-12-0*	*(post free)*
	1-4-0	*(with postage)*
Price per copy ,,	*0-3-0*	*(post free)*
	0-5-0	*(with postage)*

Manager—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com

M·B·SIRKAR & SONS

Son and grandsons of Late **B. SIRKAR.**

MANUFACTURING JEWELLERS

DEALERS IN GUINEA (22 CT.) GOLD ONLY.

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale ana are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.



PHONE:-B.B.1761. **TEL:-BRILLIANTS.**

ସାଧନା ଔଷଧାଳୟ—ଢାକା (ବଙ୍ଗ)

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।

ଶାଖା ଅଫିସମାନ:—(ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ) । (୨) ୧୯୩, ବଉବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟ୍ଟଗାଙ୍ଗ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୬୨/୪ ଷ୍ଟ୍ରାଣ୍ଡରୋଡ଼, ବଡ଼ବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣୀ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

ମକରଧ୍ୱଜ (ସ୍ୱର୍ଣ୍ଣସିନ୍ଦୂର) ଏକ ତୋଳାକୁ—ଟ ୪୯ଙ୍କା

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

ସାରିବାଦି ସାଲସା ଏକ ସେରକୁ—ଟ ୬୷ ଅଣା

ଏହା ଚର୍ମରୋଗନାଶକ, ରାସାୟନିକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।

Digitized by srujanika@gmail.com

ଭଞ୍ଜ ପ୍ରଦୀପ

ଅଷ୍ଟମ ଭାଗ ୪ର୍ଥ ସଂଖ୍ୟା

ସୂଚୀ-ପତ୍ର

			ପୃଷ୍ଠା
୧ ।	ସାହିତ୍ୟ ଓ ସମାଜ	ଶ୍ରୀ ନବକିଶୋର ଦାସ, ବି. ଏ.	୧
୨ ।	ଭାରତୀୟ ଶିଳ୍ପ-ବିସ୍ତରର ଭୂମିକା	ଶ୍ରୀ ଜଗତ୍‌ମୋହନ ସେନ୍, ବି. ଏସ୍. ସି., ଡି. ଇଡ୍.	୫
୩ ।	ଅମା-ଗୃହିଣୀ (କବିତା)	ଶ୍ରୀ ଷିତୀଶ ଚନ୍ଦ୍ର ଦେ, ଏମ୍. ଏ., ଡି. ଇଡ୍.	୧୦
୪ ।	ଝଙ୍କାଧରଙ୍କ ହେପ (ଗଟେଞ୍ଜଇ)	ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ, ଏଲ୍. ଏମ୍. ପି.	୧୧
୫ ।	କୁହୁକ ବାଙ୍କ	ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି, ବି. ଏ., ଡି. ଇଡ୍.	୧୩
୬ ।	ପ୍ରତୀକ (କବିତା)	ଶ୍ରୀ କୁବେର ଦଲାଇ	୧୬
୭ ।	ପୁରୀ ଅଭି ଦୂରଗଡ଼ ବାହାରେ	ଶ୍ରୀ ନିତ୍ୟାନନ୍ଦ ମହାପାତ୍ର	୧୬
୮ ।	ଆସିବା ଓ ଯିବାର ପଥ	ଶ୍ରୀ ଶଶିଭୂଷଣ ରାୟ	୨୦
୯ ।	ଫଲ୍ଗୁ-ଧାରା	ଶ୍ରୀ ମହେଶ୍ୱର ନାୟକ, ବି. ଏ.	୨୩
୧୦ ।	ଦେଶୀୟ-ରାଜ୍ୟ-ସମାଚାର		୨୫
୧୧ ।	ସମ୍ବାଦ ଓ ସଙ୍କେତ		୨୯
୧୨ ।	ପୁସ୍ତକ-ପରିଚୟ		୩୨

ଚିତ୍ର-ସୂଚୀ

୧ ।	ନବନିର୍ମିତ ବାରିପଦା ଡାକବଙ୍ଗଲାର ଦୃଶ୍ୟ (ବ୍ରେଥେଥ ବନ୍ଦ କମ୍ପାନୀଙ୍କ ସୌଜନ୍ୟରୁ ପ୍ରାପ୍ତ)	ପ୍ରଚ୍ଛଦପଟ
୨ ।	ମହାଭାରତ ବର୍ଣ୍ଣିତ ଅର୍ଜୁନ ଓ ନିବାତକବଚଙ୍କ ମଧ୍ୟରେ ଯୁଦ୍ଧର ଏକ ଦୃଶ୍ୟ	୩୦
୩ ।	ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କର ସ୍ମୃତି ମନ୍ଦିର	୩୧

Digitized by srujanika@gmail.com

ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ | ସହକାରୀ ସମ୍ପାଦକ—ଶ୍ରୀ ହରିହର ମହାପାତ୍ର

ରଥଯାତ୍ରା ସଂଖ୍ୟା

ଅଷ୍ଟମ ଭାଗ | ଆଷାଢ଼, ସନ ୧୩୪୭ ସାଲ | ୪ର୍ଥ ସଂଖ୍ୟା

ସାହିତ୍ୟ ଓ ସମାଜ *

ଶ୍ରୀ ନବକିଶୋର ଦାସ

ମାନବ-ଆତ୍ମା ପ୍ରକାଶ-ଇଚ୍ଛୁକ । ମାନବ-ଅନ୍ତରରେ ଯେପରି ବିଶ୍ୱର ଶ୍ରେଷ୍ଠ ଶକ୍ତି ପ୍ରକାଶିତ, ସେହିପରି ମାନବ ତାହାର ବିଭିନ୍ନ କର୍ମ-ସ୍ରୋତରେ ନିଜ ଅନ୍ତରର ରଙ୍ଗ ବୋଳି ଦେବାକୁ ସତତ ଉଦ୍ୟତ । ଆତ୍ମା-ପ୍ରକାଶ ହିଁ ସୃଷ୍ଟି । ପ୍ରକାଶ ମଧ୍ୟରେହିଁ ଉପଲବ୍ଧି । ଯେ ନିଜକୁ ବିଶ୍ୱ-ପ୍ରବାହରେ ମିଶାଇ ପାରେ; ସେହି ହିଁ ପ୍ରକୃତରେ ନିଜକୁ ବିଶ୍ୱ-ପ୍ରବାହର ଚିର ଗତିଶୀଳ ସ୍ରୋତ ମଧ୍ୟରେ ପାଇବାର ସମ୍ଭାବନା । ଏହି କାର୍ଯ୍ୟ ସୃଷ୍ଟିର ପ୍ରାରମ୍ଭରୁ ଲାଗି ଆସିଅଛି । ମାନବ ଏହି ଯୁଗର ନୁହେଁ । ସୃତି ମାନବର ସୃଷ୍ଟିରେ ସମ୍ବଳ । ଯାହା ମାନବକୁ ଯୁଗାହ୍ୱାନ ବାର୍ତ୍ତା ଶୁଣାଇ ଆସି ଅଛି ଓ ତାହାକୁ ନାନା ଯୁଗରେ ନାନା ଭାବରେ ଅମୃତ-ବାର୍ତ୍ତା ପ୍ରଦାନ କରିଅଛି; ତାହା ନିଶ୍ଚୟ ଶୁଭପ୍ରଦ । ଏହା ସତ୍ୟ, ଶିବ ଓ ସୁନ୍ଦର । ସେଥିପାଇଁ କଳା-ଭୂମିରେ ମାନବ ଏହି ନୈବିଧ ଗୁଣକୁ ପରିତ୍ୟାଗ କରି ପାରିନାହିଁ ।

ସୃଷ୍ଟିରେ ମାନବ-ଅନ୍ତର ନାନା ଭାବରେ ସ୍ପନ୍ଦିତ ହୋଇଅଛି । ମାନବ ମାନସ-ପୁତ୍ର । ଏହି ସ୍ପନ୍ଦନର ଧାରା ଆମ୍ଭେମାନେ ସାହିତ୍ୟରେ ପାଉଁ । କେବଳ ସାହିତ୍ୟ ନୁହେଁ; କଳା କହିବା ସର୍ବତ୍ରେ ନ । ସାହିତ୍ୟଠାରୁ କଳା ବ୍ୟାପକ । କଳା-ମୂଳରେ ଏହି ଅତ୍ମ-ପ୍ରକାଶ ଇଚ୍ଛା । ଏହି ସହଜାତ ଗୁଣକୁ ଅମ୍ଭେମାନେ ଏଡ଼ାଇ ପାରିବା ନାହିଁ । ଏଥିପାଇଁ ବିଶ୍ୱ-ଗତିର ନାନା ପରିବର୍ତ୍ତନ, ବିବର୍ତ୍ତନ, ସଂଘର୍ଷ, ସଂଗ୍ରାମ ମଧ୍ୟରେ ମାନବ ଏକ ଅପରିବର୍ତ୍ତନୀୟ ଜୟ-ଧ୍ୱଜା ଉଡ଼ାଇ ଜୀବନ-ମନ୍ଦିରର କୀର୍ତ୍ତି-ଗାଥା ଗାଇ ଆସିଅଛି । ଏଥିରେ ମନୁଷ୍ୟ, ଗର୍ବ କେବଳ ନୁହେଁ, ଆଶା, ଆକାଂକ୍ଷା ମଧ୍ୟ ଲାଭ କରିଅଛି । ଏହା ତାହାକୁ ଗଭୀର ଆନନ୍ଦ ଦେବାକୁ ସକ୍ଷମ ହୋଇଅଛି ।

ଆନନ୍ଦ-ଉପଲବ୍ଧି ମୂଳରେ ସ୍ୱାର୍ଥ ନୁହେଁ; ନିଃସ୍ୱାର୍ଥ ହିଁ ଚିର ବିଦ୍ୟମାନ । ମନୁଷ୍ୟ ଯେତେ କ୍ଷୁଦ୍ର ବେଷ୍ଟନୀରେ ଭ୍ରମଣ କଲେ ମଧ୍ୟ ସେ କେବଳ ନିଜ ମଧ୍ୟରେ ନିଜକୁ ଅବଦ୍ଧ କରି ପାରିବ ନାହିଁ । ନିଜ ପରିବାରରେ କେହି ଆନନ୍ଦ ପାଏ; କାହାର ଏହି ପରିବାର ପରିକଳ୍ପନା ଦେଶବ୍ୟାପୀ, ପୁଣି ବିଶ୍ୱବ୍ୟାପୀ ହୁଏ । ହେଲେହେଁ ସ୍ୱାର୍ଥ ନୁହେଁ ନିଃସ୍ୱାର୍ଥ ହିଁ ସୃଷ୍ଟିର ଶ୍ରେଷ୍ଠ ବାଣୀ । ଏହି ମୂଳ ଗୁଣକୁ ଆଶ୍ରା କରି ମନୁଷ୍ୟର ସାମାଜିକତା ଗଢ଼ି ଉଠିଅଛି । ସେହି ଭାବରେ ସାହିତ୍ୟ ମନୁଷ୍ୟକୁ ପ୍ରଚୁର ପ୍ରେମର ସ୍ପନ୍ଦନ ଦେଇ

* ବାରିପଦା ସାହିତ୍ୟ-ସମାଜର ପ୍ରଥମ ବାର୍ଷିକ ଅଧିବେଶନରେ ପଠିତ ।

Digitized by srujanika@gmail.com

ପାଉଅଛୁ । ପ୍ରେମ ବା ମୈତ୍ରୀର ମୂଳମନ୍ତ୍ର କଅଣ ? ଏହା ଆତ୍ମ-ତ୍ୟାଗରେ ପ୍ରତିଷ୍ଠିତ । ପ୍ରେମିକ ସମ୍ମୁଖରେ ପ୍ରେମିକ ନୁହେଁ; ପ୍ରେମିକାର ସ୍ୱାର୍ଥହିଁ ପ୍ରଥମ ଓ ପ୍ରଧାନ ଚିନ୍ତାବସ୍ତୁ । ବନ୍ଧୁତାରେ ସେହି ଭାବ । ଏହି ପରସ୍ପର ସ୍ନେହ, ସୁହାଗ ବନ୍ଧନରେ ବିଶ୍ୱ ମଧୁର ଓ ଆନନ୍ଦମୟ ।

ତେଣୁ ବିଶ୍ୱ-ପୀଠରେ ବହୁଯୁଗରୁ ମନୁଷ୍ୟ ଏହି ସାମାଜିକତାର ସ୍ମାରକ ରୂପେ ସାହିତ୍ୟକୁ ଗ୍ରହଣ କରିଅଛି । ମନୁଷ୍ୟ ମନୁଷ୍ୟର ଦୁଃଖରେ, ସୁଖରେ, ଅନୁରାଗରେ, ଆନନ୍ଦରେ ସ୍ପନ୍ଦିତ ହେବା ସ୍ୱାଭାବିକ । ଏହି ସ୍ପନ୍ଦନର ବାହକ ରୂପେ ଆମ୍ଭେମାନେ ସାହିତ୍ୟକୁ ଗ୍ରହଣ କରିଅଛୁଁ । ତେବେ ସାହିତ୍ୟ କଅଣ କେବଳ ମାନବିକ ଚିନ୍ତାଧାରାର ଏକ ପ୍ରତିଚ୍ଛବି ? ଏତିକି ? ସାହିତ୍ୟର କାର୍ଯ୍ୟ କଅଣ କେବଳ ମାନବିକ ଗଭୀର ଅନୁଭୂତିର ପ୍ରକାଶ-କ୍ଷେତ୍ର ମାତ୍ର ? ଏଥିରେ ସମାଜ ଲାଗି ଆଉ କିଛି ଉଚ୍ଚତମ, ଶୁଭପ୍ରଦ ବାଣୀ ନାହିଁ ? ଏହି ପ୍ରସଙ୍ଗ ଅତି ଗଭୀର ଭାବରେ ବିଚାରିବା ଉଚିତ ।

ମାନବ ଜୀବନ ଆଦର୍ଶ-ଅଭିମୁଖୀ । ସତ୍ୟ ଉପଲବ୍ଧି ହିଁ ଜୀବନର ଲକ୍ଷ୍ୟ । ସତ୍ୟ-ସାଧନା ହିଁ ଜୀବନର ବ୍ରତ । ଏହାକୁ ଅସ୍ୱୀକାର କରି ହେବ ନାହିଁ । ସତ୍ୟର ପ୍ରକାଶ ସୃଷ୍ଟିରେ ନାନା ଭାବରେ ହୋଇ ପାରେ; ଏହାର ଉପଲବ୍ଧି ମଧ୍ୟ ନାନା ଦିଗ ଦେଇ ସମ୍ଭବପର । ରୂପ, ରସ, ଗନ୍ଧ ଯାହା କିଛି ମନୁଷ୍ୟ ତାହା ଜ୍ଞାନ-ଇନ୍ଦ୍ରିୟମାନଙ୍କ ଦ୍ୱାରା ସୃଷ୍ଟିର ସମ୍ମୁଖୀନ ହେବ । କିନ୍ତୁ ଏହାଠାରୁ ଆଉ ଏକ ଗଭୀର ପ୍ରତ୍ୟକ୍ଷ ଅନୁଭୂତିର ବାର୍ତ୍ତା ଅଛି । ତାହା ପ୍ରଜ୍ଞାନନ୍ଦ (Joy of Intuition) । ତାହାକୁ ଆମ୍ଭେମାନେ ତ୍ୟାଗ କରି ପାରିବା ନାହିଁ । ନୀଳସିନ୍ଧୁ ଗଭୀର; ମହାନ୍ । ଏହା ଆମ୍ଭମାନଙ୍କ ପ୍ରାଣରେ ସୃଷ୍ଟିର ଗୋଟିଏ ଦିଗ ଜାଗ୍ରତ କରିବାରେ ସାହାଯ୍ୟ କରେ । ପ୍ରସ୍ଫୁଟିତ ପୁଷ୍ପ; ତାରକାଖଚିତ ନୈଶ ଆକାଶ, ଶିଶୁର ହସ ହସ ମୁଖମଣ୍ଡଳ, ଯୁବତୀର ଆରକ୍ତ ଅଧର; ବୃଦ୍ଧ ବୃଦ୍ଧାର ପକ୍ୱକେଶ କିମ୍ବା ଶବର ଶୋଭା ଯାତ୍ରା ମନୁଷ୍ୟ ମନରେ ନାନା ଭାବ, ଚିନ୍ତା ଜାଗ୍ରତ କରେ । ମନୁଷ୍ୟ ସେହି ସେହି ଦୃଶ୍ୟାବଳୀ ଦର୍ଶନରେ; ବିଭିନ୍ନ ଭାବରେ ଅନୁପ୍ରାଣିତ ଓ ସ୍ପନ୍ଦିତ ହୁଏ । ଏହା ହେବା ସ୍ୱାଭାବିକ, ତେଣୁ ସାହିତ୍ୟ ବୈଚିତ୍ର୍ୟର ବାର୍ତ୍ତା-ବାହକ । କିନ୍ତୁ ବୈଚିତ୍ର୍ୟ ମଧ୍ୟରେ କେବଳ ବିଭିନ୍ନତାର ବାଣୀ ଶୁଣାଇବା ଆଦର୍ଶ ସାହିତ୍ୟର ମୁଖ୍ୟ କର୍ତ୍ତବ୍ୟ ନୁହେଁ ।

ମାନବ କେବଳ ବିଶ୍ୱର ବୈଚିତ୍ର୍ୟକୁ ବହୁ ବିଭିନ୍ନତାର ସ୍ମାରକ ବୋଲି ଭାବି ଆନନ୍ଦ ପାଏ ନାହିଁ । ମନୁଷ୍ୟର ଆନନ୍ଦ ବୃଦ୍ଧି ପାଏ, ଯେତେବେଳେ ବିଶ୍ୱର ସକଳ ବୈଚିତ୍ର୍ୟ-ପୁଷ୍ପ ଏକ ସାମ୍ୟ-ମାଳା-ବଦ୍ଧ ହୁଅନ୍ତି । ପୁଷ୍ପର ସାର୍ଥକତା ଏହି ମାଳାକାରରେ ପରିଣତ ହେବା । ଯେତେବେଳେ ଗୀତାକାର ସ୍ୱପ୍ନ ଦେଖନ୍ତି ଯେ ମଣିମାଳାରେ ସୂତା ଭଳି ସବୁଠି ସେହି ଶକ୍ତି ରହିଛନ୍ତି ; ସେତେବେଳେ ମନୁଷ୍ୟ ଆନନ୍ଦରେ ବିହ୍ୱଳ ହୁଏ । ଆନନ୍ଦ ଏହି ମିଳନରେ; ବିଚ୍ଛେଦରେ ନୁହେଁ । ତେଣୁ ସାହିତ୍ୟ-ସୃଷ୍ଟିର ପଶ୍ଚାତ୍‌ରେ ଏପରି ଏକ ଅମୃତ ଆଦର୍ଶ ରହିଅଛି ଓ ରହିବା ସ୍ୱାଭାବିକ । ଆଦର୍ଶକୁ ଏଡ଼ାଇବା ସମ୍ଭବପର ନୁହେଁ । ତେଣୁ ସାହିତ୍ୟରେ ବାସ୍ତବତା ଶରୀରର କାର୍ଯ୍ୟ କଲେ, ଆଦର୍ଶ ଆତ୍ମାର କାର୍ଯ୍ୟ କରିବା ବାଞ୍ଛନୀୟ । ତାହାହେଲେ ସାହିତ୍ୟ ସମାଜର କିଛି ମଙ୍ଗଳ କରିବା ସମ୍ଭବପର ହେବ ।

ଆମ୍ଭେମାନେ ଦୃଷ୍ଟାନ୍ତ ସ୍ୱରୂପ ବହୁ ବିଶ୍ୱ-ବିଖ୍ୟାତ ସାହିତ୍ୟିକଙ୍କ ଲେଖାବଳୀ ଦେଖିପାରୁଁ । 'ନୀଳ ଚଢ଼େଇ' ବା Blue bird ରେ ମେଟରଲିଙ୍କ ବିଶ୍ୱ-ସୌନ୍ଦର୍ଯ୍ୟ ପଛରେ ପ୍ରଧାବିତ । 'ମାନସରାଜ୍ୟ' ବା 'The land of Hearts' desire' ରେ କବି ୟିଟ୍‌ସ୍ ଆନନ୍ଦ-ପକ୍ଷୀ ପାଇଁ ପାଗଳ; 'ଡାକଘର'ରେ ମଧ୍ୟ ରବୀନ୍ଦ୍ରନାଥ ମାନବ ସମ୍ମୁଖରେ ଏହି ଆନନ୍ଦ-ପ୍ରକୃତି-ରାଜ୍ୟର ବାର୍ତ୍ତା ଜଣାଇ ଅଛନ୍ତି । ଓନେଲ ମଧ୍ୟ "ଡାଇନାମୋ" (Dynamo) ନାଟକରେ ଏହି ପ୍ରେମର ଏକ ଆଦର୍ଶ-ଦିଗ ଚିତ୍ରଣ କରିଅଛନ୍ତି । ଦେହରେ ପ୍ରେମ ଆବଦ୍ଧ ନାହିଁ । ଦେହ ଚେତନା ପ୍ରେମ ନୁହେଁ । କେବଳ ନାଟକ ନୁହେଁ, ନାନା କବିତାରେ ମଧ୍ୟ ଏହି ଆଦର୍ଶ-ବାଣୀ ପ୍ରଚାରିତ ହୋଇଅଛି । ରବୀନ୍ଦ୍ରନାଥଙ୍କ ଗୀତାଞ୍ଜଳିରେ ଏହି ଅସୀମ-ସନ୍ଧାନ ଓ ଅସୀମ-ଅନୁରାଗ ହିଁ ଜୀବନର ଶ୍ରେଷ୍ଠ କର୍ମ ରୂପେ ପରିଗଣିତ । ଅସୀମ ପୂଜାରେ ଯେପରି ମଣିଷର ସାର୍ଥକତା ! ମଣିଷ କେବଳ ଦୃଶ୍ୟମାନ ସୀମାରେ ଆବଦ୍ଧ ହେବାକୁ ଅନିଚ୍ଛୁକ । ମହାକାଶ (Space) ଓ ମହାକାଳ (Time)ର ସକଳ ବନ୍ଧନ ମଧ୍ୟରେ ମନୁଷ୍ୟ ଯେପରି ଏକ ଅସୀମ 'କୁହୁକ ବଇଁଶୀ'ର ରହସ୍ୟ-ଝଙ୍କାର ଶୁଣିବାକୁ ଉଦ୍ୟତ । ଏହାକୁ ମଣିଷ ଏଡ଼ାଇ ପାରିନାହିଁ । ଏହି ଅସୀମ-ଅନୁସନ୍ଧାନ; ଏହି ଅସୀମ, ଅରୂପ ପ୍ରୀତି ସାହିତ୍ୟ ଦିଗରେ ଏକ ଅପରିବର୍ତ୍ତନୀୟ ବାର୍ତ୍ତା ଦେଇଅଛି ଏବଂ ମନୁଷ୍ୟ ଏହାକୁ ଆଶ୍ରା କରି ଜୀବନକୁ ବୃହତ୍ତର ବେଦୀରେ ବଳି ଦେବାକୁ ପ୍ରସ୍ତୁତ କରି ଆସିଅଛି । ଆଦର୍ଶ ସର୍ବଦା ଅସୀମ ଓ ଅରୂପ । ଏହାର ଏକ ସମ୍ପୂର୍ଣ୍ଣ ରୂପ ଓ ସୀମା ସମ୍ଭବପର ହୋଇ ପାରିଲେ; ଏହା ଆଉ ଆଦର୍ଶ ହୋଇ ପାରିବ ନାହିଁ ।

ପୁଣି ସାହିତ୍ୟ-ଭୂମିରେ ଆମ୍ଭେମାନେ ଆଉ ଏକ ବାଣୀ ଶୁଣୁ; ତାହା ନଗ୍ନ ବାସ୍ତବତାର ଡାକ । ଗର୍କିଙ୍କ ଉପନ୍ୟାସରେ, କିମ୍ବା ଟଲଷ୍ଟୟଙ୍କ କଥା-ସାହିତ୍ୟରେ ଏହି ବାସ୍ତବତାର ଚିତ୍ର । ରୋଲାଁଙ୍କ 'କ୍ରିଷ୍ଟୋଫର' ସେନ୍‌କେୟାରଙ୍କ 'ମେନ୍‌ଷ୍ଟ୍ରିଟ'; 'ବ୍ୟାବିଟ', 'ମାର୍ଟିନ ଆରୋସ୍ମିଥ', ପର୍ଲବକ୍‌ଙ୍କ 'ଗୁଡ଼ ଅର୍ଥ' (good earth) କିମ୍ବା ନୁଟହାମସେନଙ୍କ 'ହଙ୍ଗର', ଅନାତଲେ ଫ୍ରାନ୍‌ସଙ୍କ 'ଥେୟାସ' (Thias)ରେ ଆମ୍ଭେମାନେ ଅନ୍ୟ ଏକ ପ୍ରକାର ଚିତ୍ର ଦେଖୁ । କବି ଯେପରି ଜୀବନର ସୁବର୍ଣ୍ଣ-ଧାରାର ବାଣୀ ଶୁଣେ ଓ ଅନ୍ୟକୁ ଶୁଣାଏ; ଔପନ୍ୟାସିକ ସେହିପରି ଏହି ଦୁଃଖ-ସୁଖ, ଆନନ୍ଦ-ବେଦନା, ଧର୍ମ-ଅଧର୍ମ, ସତ୍ୟ-ମିଥ୍ୟା ପ୍ରଭୃତି ବ୍ୟାବହାରିକ ଜଗତର ଚିତ୍ର ଦେଖେ ଓ ଅନ୍ୟଙ୍କୁ ଦେଖାଏ । କବି ଯେପରି ଦ୍ରଷ୍ଟା; ଲେଖକ ସେହିପରି ଦ୍ରଷ୍ଟା । ଏହି ସୃଷ୍ଟି ପଶ୍ଚାତ୍‌ରେ ମଣିଷ ଅନ୍ତରର ବା

ଜୀବନର ନଗ୍ନ ଚିତ୍ର, ଅନୁଭୂତ ଥାଏ ବୋଲି ଏହା ଆମକୁ ସ୍ପର୍ଶ କରେ; ଆମ ଜୀବନକୁ ପ୍ରଭାବିତ କରେ ଓ ଆମକୁ ସୁପଥ ବତାଏ । କିନ୍ତୁ ଏହି ବାସ୍ତବ ଚିତ୍ରଣରେ ମଧ୍ୟ 'ଆଦର୍ଶ-ବାଦ'କୁ ଔପନ୍ୟାସିକ ବାଦ ଦେଇ ପାରି ନାହିଁ । ସିନ୍କୁଇଚଙ୍କ ବିଶ୍ୱ-ବିଖ୍ୟାତ ଉପନ୍ୟାସ "କେଉଁଆଡ଼େ ଯାଉଛ ?" (Quo vadis)ରେ ଆମ୍ଭେମାନେ କିଅଣ ଦେଖୁଁ ? ବେରୋଙ୍କର ସକଳ ଅତ୍ୟାଚାର; ଦଗ୍ଧ ରୋମନଗରୀର ସମସ୍ତ ମର୍ମଭେଦୀ କରୁଣ ଚିତ୍କାର ମଧ୍ୟରେ ଆମ୍ଭେମାନେ ଦେଖୁଁ ଦୁଇଟି ବିଶିଷ୍ଟ ମାନବ-ଚରିତ୍ରଙ୍କୁ । ସେ ହେଉଛନ୍ତି:—ଭିନସିୟସ ଓ ଲିଗିୟା । ଭିନସିୟସ ଆଦର୍ଶ ପ୍ରେମିକ ଓ ଲିଗିୟା ଆଦର୍ଶ-ପ୍ରେମିକା । ଲିଗିୟାଙ୍କ ପାଇଁ ଭିନସିୟସ ତାହାଙ୍କର ସମସ୍ତ ସୁଖ, ସ୍ୱାଚ୍ଛନ୍ଦ୍ୟ ଏପରି କି ଜୀବନ ବଳି ଦେବାକୁ ପ୍ରସ୍ତୁତ ହୋଇଅଛନ୍ତି—ଆଉ ଲିଗିୟା ଶୁଭ୍ର ପଦ୍ମ ଭଳି ସର୍ବଦା ଭିନସିୟସଙ୍କ ପ୍ରାଣର ପ୍ରଣୟ ରଶ୍ମିକୁ ଚାହିଁ ରହିଛନ୍ତି । ଏହି ଚାହିଁବାରେ ହିଁ ନାରୀର—ପ୍ରେମିକାର ଆନନ୍ଦ ! 'କୋ ଭାଡ଼ିସ' ବହିରେ ଗୋଟିଏ ଆଡ଼େ ଯେପରି ନଗ୍ନ ବାସ୍ତବତାର ଛବି; ଅନ୍ୟ ଆଡ଼େ ସେହିପରି ଆଦର୍ଶ ପ୍ରେମର ଚିତ୍ର । ମନୁଷ୍ୟ ପଶୁ ନ ହୋଇ କିପରି ପ୍ରେମ ପାଇଁ ଦେବତା ହୋଇ ପାରେ; ତାହାର ଏକ ନିଖୁଣ ଚିତ୍ର ସିନ୍କୁଇଚ ବୃଦ୍ଧ ବୟସରେ ବିଶ୍ୱ-ସାହିତ୍ୟକୁ ଦେଇ ଚାଲିଗଲେ । 'ଜନକ୍ରିଷ୍ଟୋଫର'ରେ ପୁଣି ଜୀବନ-ଝଙ୍କାର ଆଉ ପାଖ । 'ଥେୟାସ'ର ଲେଖକ ଭଳି ରୋଲାଁ ଦେଖାଇବାକୁ ଚାହିଁଛନ୍ତି ମାନବ-ଚରିତ୍ରର ଦୁର୍ବଳତା ଟିକକୁ । କିନ୍ତୁ ତାହାର ମଧ୍ୟରେ ମେଘରେ ବିଦ୍ୟୁତ ଭଳି ଆଦର୍ଶବାଦ ଝଲସି ଉଠିଛି । ପିତା ମରି ଯାଉଛି—ରୋଲାଁ କ୍ରିଷ୍ଟୋଫର ମୁହଁରେ ଲୁହାଇ ଅଛନ୍ତି ।

"Go unto death, you who must die. Go and suffer; you who must suffer ! You do not live to be happy, you live to fulfil my law. Suffer, die but be what you must be—a Man." ଅର୍ଥାତ 'ମୃତ୍ୟୁ ଅଭିମୁଖୀ ହୁଅ; ତୁମ୍ଭେ ହିଁ ମରିବ । ଯାଅ, ଯନ୍ତ୍ରଣା ଭୋଗ କର; ତୁମ୍ଭେ ହିଁ ଯନ୍ତ୍ରଣା ଭୋଗ କରିବ । କେବଳ ଆନନ୍ଦ ଉପଭୋଗ କରିବାକୁ ଜନ୍ମ ହୋଇ ନାହିଁ; ମୋର (ଭଗବାନଙ୍କର) ନିୟମ ପରିପୂରଣ କରିବାକୁ ହେବ । ଯନ୍ତ୍ରଣା ଭୋଗ କର; ମୃତ୍ୟୁ ବରଣ କର; କିନ୍ତୁ ମଣିଷ ହୁଅ ।' ଏହାହିଁ ପ୍ରକୃତ ସାହିତ୍ୟିକର ବାଣୀ । ସାହିତ୍ୟର ସକଳ ବାସ୍ତବତା ମଧ୍ୟରେ ଏହି ଆଦର୍ଶ ବାଣୀ ଥିବା ବାଞ୍ଛନୀୟ ।

ତେଣୁ ବାସ୍ତବତାର ସକଳ ରୁକ୍ଷତା ମଧ୍ୟରେ ଆମକୁ ନିଶ୍ଚିତ ଆଦର୍ଶ-ବର୍ତ୍ତିକା ଜାଳି ରଖିବାକୁ ହେବ । ଯଦି ସାହିତ୍ୟ ଜୀବନକୁ ଉନ୍ନତ ନ କଲା; ଜୀବନରେ ଅମୃତ ଆନନ୍ଦ ବାର୍ତ୍ତା ନ ଦେଲା; ଜୀବନକୁ ଗଭୀର ଭାବରେ ପ୍ରଭାବିତ ନ କଲା; ସେ କି ସାହିତ୍ୟ ? ସମାଜରେ ଏହିଠାରେ ସାହିତ୍ୟ ଓ ସାହିତ୍ୟିକଙ୍କର ଏକ ଗଭୀର ଦାୟିତ୍ୱ ଓ ବିଶିଷ୍ଟତା ଅଛି । ଯେଉଁଠି ସାହିତ୍ୟିକ ଏହି ଦାୟିତ୍ୱ ବୁଝି ନାହାନ୍ତି; ସେଠାରେ ସାହିତ୍ୟ ପଙ୍ଗୁ—ସମାଜ ଉପରେ ଏହାର କୌଣସି ଶୁଭ-ପ୍ରଭାବ ପରିଲକ୍ଷିତ ହୁଏ ନାହିଁ ।

ସମାଜରେ ସାହିତ୍ୟ-ସୃଷ୍ଟି ସମ୍ପର୍କରେ ଆଉ କେତେକ ସମସ୍ୟା ବିଶେଷ ଭାବରେ ଚିନ୍ତା କରିବାର ଅଛି । ମାନବର ପ୍ରଧାନ ଅଧ୍ୟୟନ-ବସ୍ତୁ ମାନବ । ଯେଉଁଠି ସାହିତ୍ୟ ଏହା ନ କରୁଛି ତାହା ଅନ୍ୟ କିଛି ସୃଷ୍ଟି ହୋଇ ପାରେ, ସାହିତ୍ୟ ନୁହେଁ । ସେକ୍ସପିୟର ଆଜି କାହିଁକି ଯୁଗହୀନ କବି ଓ ନାଟ୍ୟକାର ରୂପେ ପୂଜିତ ହେଉ-ଅଛନ୍ତି ? ମାନବ-ଚରିତ୍ରକୁ ସେକ୍ସପିୟର ଏପରି ବିଶ୍ଳେଷଣ କରି ପାରିଛନ୍ତି ଯେ; ଯେଉଁ କାରଣରୁ ସେ ଆଜି ବିଶ୍ୱ-ବନ୍ଦନୀୟ କବି ଓ ନାଟ୍ୟକାର । ତେଣୁ ସାହିତ୍ୟର ପ୍ରତିଷ୍ଠା କେନ୍ଦ୍ର ଏହି ମାନବ ଜୀବନ । କେବଳ ବ୍ୟକ୍ତିଗତ ସ୍ୱପ୍ନ, ସ୍ପନ୍ଦନ ହେଲେ ଚଳିବ ନାହିଁ । ବ୍ୟଷ୍ଟିର ଝଂକାର ଯଦି ସମଷ୍ଟି ବା ଗୋଷ୍ଠୀ ପ୍ରାଣରେ ଝଂକୃତ ନ ହେଲା; ତେବେ ବ୍ୟଷ୍ଟିର ସୃଷ୍ଟିର ସାର୍ଥକତା କେଉଁଠାରେ ? ଏହି ଗୀତି-କବିତା ଯୁଗରେ ଏଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବା ବାଞ୍ଛନୀୟ ।

ମାନବ ସର୍ବଦା ବିଶ୍ୱ-ମାନବ । ଦେଶ, କାଳ ଆବଦ୍ଧ ହେଲେ ମଧ୍ୟ ମନୁଷ୍ୟ 'ପାତ୍ର' ଭାବରେ ବିଶ୍ୱବ୍ୟାପୀ । ପତ୍ନୀ-ପ୍ରେମ ଯେପରି ଭାରତରେ ସମ୍ଭବପର; ସେହିପରି ନରୱେ, ସୁଇଡ଼େନରେ ସମ୍ଭବପର । କୃପଣ ଲୋଭୀ 'ସାଇଲକ' କେବଳ ଜ୍ୟୁ ଜାତିରେ ନାହାନ୍ତି; ଓଡ଼ିଆ ଜାତିରେ ମଧ୍ୟ ସମ୍ଭବପର । ତେଣୁ ମାନବିକ-ଚରିତ୍ର-ଚିତ୍ରଣରେ ସାହିତ୍ୟିକଙ୍କର ଏହି ଚରିତ୍ର-ଅଧ୍ୟୟନ ପ୍ରତି ଦୃଷ୍ଟିଥିବା ବାଞ୍ଛନୀୟ । ଯେଉଁ ସାହିତ୍ୟିକ ଯେତେ ନିଖୁଣ ଭାବରେ ଏହି ମାନବ-ଚରିତ୍ର ଅଧ୍ୟୟନ କରି ପାରିବେ ଓ ତାହାର ନଗ୍ନ ମୂର୍ତ୍ତି ଦେଇ ପାରିବେ; ସେତେ ସେ ଆଦୃତ ହେବେ । ସାହିତ୍ୟ ଏକ ବିଶ୍ୱ-ମାନବ-ଅନ୍ତରର ପ୍ରତିବିମ୍ବ । ଯେପରି ମୁକୁର ସମ୍ମୁଖରେ ମାନବ ତାହାର ମୁଖ-ମଣ୍ଡଳର ଛବି ସମସ୍ତ ଦେଖେ; ସେହିପରି ସାହିତ୍ୟ ଯୁଗ-ମାନବର ପୂର୍ଣ୍ଣ ପ୍ରତିବିମ୍ବ ହେବା ଉଚିତ । ତାହାହେଲେ ସମାଜ ତାହାର ସ୍ୱ-ପ୍ରତିବିମ୍ବ ସାହିତ୍ୟରେ ଦେଖି ନିଜକୁ ଉପଲବ୍ଧି କରିବ ବା ପ୍ରକୃତରେ ଚିହ୍ନିବ । କଳଙ୍କଚିତ୍ର ସାହିତ୍ୟରେ ଦେଖି କେହି ବିସ୍ମିତ ହେବା ଅନୁଚିତ, କିନ୍ତୁ ସମାଜ ଯେ କଳଙ୍କକୁ ଦୂର କରି ପୁଣି ସୁନ୍ଦର ହୋଇ ପାରିବ ଏହି ବାର୍ତ୍ତା ସୁସ୍ପଷ୍ଟ ହୋଇ ଥିବା ଲୋଡ଼ା । କୌଣସି ଯୁଗର ଶ୍ରେଷ୍ଠ ସାହିତ୍ୟିକ ହେବାକୁ ହେଲେ ସାହିତ୍ୟିକର ଯେପରି ବଳିଷ୍ଠ ଚିନ୍ତା, ପ୍ରାଣର ପ୍ରସାରତା ଓ ତୀକ୍ଷ୍ଣ ଦ୍ରଷ୍ଟାତ୍ୱ ଥିବା ବାଞ୍ଛନୀୟ; ସେହିପରି ଯୁଗ-ଜୀବନ-ଅଧ୍ୟୟନରେ ତାହାର ତୀବ୍ର ଅଧ୍ୟବସାୟ ଥିବା ଲୋଡ଼ା । ସହରର ଏକ କୋଠରୀରେ ବସି ଗ୍ରାମ-ଜୀବନର ଚିତ୍ର ଆଙ୍କିବା ଯେପରି କଠିନ, ସେହିପରି କୃତ୍ରିମତାପୂର୍ଣ୍ଣ । ତେଣୁ ସାହିତ୍ୟିକ ନିଜ ଦେଶ, କାଳ ଓ ପାତ୍ରକୁ ଭଲ ଭାବରେ ଚିହ୍ନିବା ଦରକାର । ଏଥିପାଇଁ ଦେଶ-ଭ୍ରମଣ ନିହାତି ପ୍ରୟୋଜନ ।

କିନ୍ତୁ ସାହିତ୍ୟରେ ଆଉ ଏକ ବାଣୀ ଏ ଯୁଗରେ ସୁସ୍ପଷ୍ଟ ହେବା ଉଚିତ । ତାହା ସ୍ୱାଦେଶିକତା ବା ଦେଶାତ୍ମବୋଧର ବାଣୀ ।

Digitized by srujanika@gmail.com

କିନ୍ତୁ ବିଶ୍ୱ-ବିଚ୍ଛିନ୍ନ ଦେଶର ଆଧୁନିକ ଜଗତରେ ସ୍ଥାନ ନାହିଁ । ଆତ୍ମରକ୍ଷା ସଙ୍ଗେ ସଙ୍ଗେ ବିଶ୍ୱ-ରକ୍ଷା ବର୍ତ୍ତମାନ ଯୁଗର ବାର୍ତ୍ତା । ତେଣୁ ଦେଶ-ବୋଧ ସଙ୍ଗେ ସଙ୍ଗେ ଏହି ବିଶ୍ୱ-ବୋଧ ବାଣୀ ସାହିତ୍ୟରେ ଗମ୍ଭୀର ହେବା ବାଞ୍ଛନୀୟ । କୌଣସି ସାହିତ୍ୟ ଦ୍ୱାରା ଯେପରି ବିଭିନ୍ନ ଦେଶ ମଧ୍ୟରେ କଳହ ନ ବଢ଼େ, ଏଥିପ୍ରତି ଗମ୍ଭୀର ଦୃଷ୍ଟି ଦେବା ଲୋଡ଼ା । କେବଳ ଦେଶ ନୁହେଁ ଜାତି ଓ ଧର୍ମ ବିଦ୍ୱେଷ ପ୍ରକାଶର କ୍ଷେତ୍ର ଶୁଦ୍ଧ-ସାହିତ୍ୟ ନୁହେଁ ।

ଏହା ସଙ୍ଗେ ସଙ୍ଗେ ସାହିତ୍ୟର ଆଧ୍ୟାତ୍ମିକତା ବାଣୀ ସୁସ୍ପଷ୍ଟ ହେବା ଉଚିତ । ଦର୍ଶନ ମାନବିକ ଗମ୍ଭୀର ଅନୁଭୂତିର ପ୍ରତୀକ ମାତ୍ର । ଶ୍ରେଷ୍ଠ ସାହିତ୍ୟ ନୀତି, ଧର୍ମ ଓ ଦର୍ଶନକୁ ଏଡ଼ାଇ ନ ପାରେ । ମନୁଷ୍ୟ ସ୍ୱାଧୀନତା-ପ୍ରେମିକ ; କିନ୍ତୁ ଉଚ୍ଛୃଙ୍ଖଳତାର ପ୍ରଶ୍ରୟଦାତା ନୁହେଁ । କୌଣସି ସମାଜ ନୀତିହୀନ ହୋଇ ତିଷ୍ଠି ନ ପାରେ । ନୀତିର ପୁନର୍ମୂଲ୍ୟଣ କିମ୍ବା ଯୁଗର ପରିବର୍ତ୍ତନ ଦରକାର । ଏହା ବୋଲି ନୀତି-ଶୂନ୍ୟତା ଗ୍ରହଣୀୟ ନୁହେଁ । ସ୍ୱାଧୀନ-ଚିନ୍ତା ସମାଜ ପକ୍ଷରେ ମଙ୍ଗଳକର ; କିନ୍ତୁ ଚିନ୍ତାଶୂନ୍ୟତା ସ୍ପୃହଣୀୟ ନୁହେଁ । ବର୍ତ୍ତମାନ ସମାଜର ସାହିତ୍ୟ-ସ୍ରଷ୍ଟା ଓ ସୃଷ୍ଟି ଦେଖିଲାବେଳେ ଏହି କଥା ପ୍ରତି ସ୍ୱତଃ ମୋର ଆଖି ପଡ଼େ । ସାଧନା ବିନା ଶସ୍ତାନାମ ଯେଉଁଠି ଲକ୍ଷ୍ୟ ; ସେଠାରେ ଠକାମି ସ୍ୱାଭାବିକ । ମୌଳିକତା ପରିବର୍ତ୍ତରେ ମର୍କଟତା ହିଁ ଫଳ । ଅନୁକରଣ ସର୍ବଦା ପ୍ରଶଂସନୀୟ ; କିନ୍ତୁ ହନୁକରଣ ନୁହେଁ ।

ସାହିତ୍ୟର କେବଳ ଏହି ଯୁଗ-ସମାଜ ନୁହେଁ ; ଯୁଗ ଯୁଗ ଧରି ମାନବ-ସମାଜ ଉପରେ ଏକ ଶୁଭ-ପ୍ରଦ ପ୍ରଭାବ ଅଛି । ସାହିତ୍ୟିକଙ୍କର ଏହି ଯୁଗ-ସ୍ଥାନ-ମନ୍ତ୍ରରେ ପ୍ରଥମେ ମନ୍ତ୍ରିତ ହେବା ଉଚିତ । ଯେଉଁମାନେ କ୍ଷଣିକତାରେ ଅନ୍ଧ ; ସେମାନଙ୍କର ଦୃଷ୍ଟି ଅଳ୍ପ ସୀମାରେ ଆବଦ୍ଧ । ତଥାପି କ୍ଷଣିକତାକୁ ଛାଡ଼ି ଅନନ୍ତ-ଯୁଗର ପରିକଳ୍ପନା ସମ୍ଭବପର ନୁହେଁ । କ୍ଷୁଦ୍ରକୁ ଘେନି ବୃହତ୍ । ତଥାପି ଯାହା ଯୁଗସ୍ଥାନ ବା ଯାହା ବୃହତ୍ତର ତାହାର 'କ୍ଷଣିକତା' ଓ 'କ୍ଷୁଦ୍ର' ଠାରୁ ଏକ ବିଶେଷତ୍ୱ ଅଛି । ଏକ ପର୍ବଦିନ ଉପଲକ୍ଷରେ ଲିଖିତ କ୍ଷଣିକ-କବିତା ଯୁଗସ୍ଥାନ ହୋଇ ନ ପାରେ ; ଅବଶ୍ୟ ଏହା ମଧ୍ୟରେ କୌଣସି ଯୁଗସ୍ଥାନ ବାର୍ତ୍ତା ନ ଥିଲେ । ଏ ବିଷୟ ଗମ୍ଭୀର ଭାବରେ ବିଚାରିବାରେ ଅଛି । ସମ୍ୟକ୍-ଦୃଷ୍ଟି ହିଁ ଦାର୍ଶନିକର ଦୃଷ୍ଟି । ଯେଉଁ ସାହିତ୍ୟିକଙ୍କର ଏହି ସମ୍ୟକ୍ ଦୃଷ୍ଟି ଯେତେ ପ୍ରବଳ ; ସେ ସାହିତ୍ୟ-ରାଜ୍ୟରେ ସେତେ ଅମୃତ-ସ୍ଥାନ ଲାଭ କରିବାକୁ ସମର୍ଥ ହେବେ ।

କିନ୍ତୁ କେବଳ ସାହିତ୍ୟର ସୃଷ୍ଟି କଥା ଭାବିଲେ ଚଳିବ ନାହିଁ ; ସମାଜରେ ଏହାର ପ୍ରଚାର ଓ ପ୍ରସାର ମଧ୍ୟ ଆମ୍ଭମାନଙ୍କୁ ଏହି ଯୁଗରେ ସର୍ବାଦୌ ଭାବିବା ଉଚିତ । ସମାଜରେ ସାହିତ୍ୟ-ସୃଷ୍ଟି ହେଲେ ତ କେବଳ ଚଳିବ ନାହିଁ ; ଏହାର ପ୍ରଚାର, ପ୍ରସାର ପ୍ରୟୋଜନ । ଏଥିପାଇଁ ଦେଶର ସାହିତ୍ୟ-ପତ୍ରିକା ଓ ସାହିତ୍ୟ-ସମ୍ବାଦ ବା ସମାଜ ଗୁଡ଼ିକ ପନ୍ଥା ଚିନ୍ତା କରି ପାରିଲେ ; ସାହିତ୍ୟିକମାନେ ସେ ଦାରିଦ୍ର୍ୟରୁ ରକ୍ଷା ପାଆନ୍ତେ । କିନ୍ତୁ ସର୍ବଦା 'ଚତୁର ଗ୍ରାହକ' ଲୋଡ଼େ । 'ଚତୁର ଗ୍ରାହକ'ମାନେ ସାହିତ୍ୟ ଓ ସୁସାହିତ୍ୟିକଙ୍କୁ ଶ୍ରଦ୍ଧା ଓ ଭକ୍ତି ସହିତ ଗ୍ରହଣ କରି ନେଲେ ; ଆଉ ଆମ୍ଭମାନଙ୍କର ଚିନ୍ତା କରିବାର କିଛି ନ ଥାନ୍ତା । ଆମ ସ୍ୱଦେଶରେ ଗ୍ରାହକତା କମ୍ ନାହିଁ । ପ୍ରାଚୀନ ଯୁଗକୁ ଚିନ୍ତା କରନ୍ତୁ ; ଯେତେବେଳେ ଛପାଯନ୍ତ୍ରର ଆବିଷ୍କାର ହୋଇ ନ ଥିଲା, ସେତେବେଳେ ଲୋକମାନଙ୍କର କି ଜ୍ଞାନାନୁରାଗ ! ଆଜି କିଅଣ ସେହି ଜ୍ଞାନାନୁରାଗ କୌଣସି ଭାବରେ ଊଣା ପଡ଼ିଅଛି ? ନା । ତୃଷାର୍ତ୍ତ ଜଳ ବାଛେ ନାହିଁ । ଗୋଳିଆ ପାଣି ମିଳିଲେ ମଧ୍ୟ ଜୀବନ ରକ୍ଷା ପାଇଁ ତାହା ପିଇ ଯାଏ । ଆମ ସମାଜରେ ବର୍ତ୍ତମାନ ସେହି ଅବସ୍ଥା ହୋଇଅଛି । ଆଧୁନିକ ସାହିତ୍ୟ ମୁଷ୍ଟିମେୟ ଇଂରାଜି ଶିକ୍ଷିତଙ୍କ ମଧ୍ୟରେ ମାତ୍ର ଆବଦ୍ଧ । ଗ୍ରାମମାନଙ୍କର ସଂସ୍କୃତିମୂଳକ ଯୁଗ-ବାର୍ତ୍ତା କିପରି ପ୍ରଚାରିତ ହେବ ? ବାରିପଦା ସହରର ଦୃଷ୍ଟାନ୍ତ ଧରି ଯାଉ । ଏହି ସାହିତ୍ୟ-ସଭାରେ କେତେ ଜଣ ନାଗରିକ ଯୋଗ ଦେଲେ ? କେତେ ଜଣ ସାଧାରଣ ଲୋକଙ୍କ ଜୀବନକୁ ଏହି ସାହିତ୍ୟ-ସମାଜର କାର୍ଯ୍ୟାବଳୀ ସ୍ପର୍ଶ କଲା ? ତେଣୁ ଆମକୁ ନୂତନ-ପନ୍ଥା ଅବଲମ୍ବନ କରିବାକୁ ହେବ । ସାହିତ୍ୟ-ରାଜ୍ୟରେ ନୂତନ ନେତୃତ୍ୱର ପ୍ରୟୋଜନ । ଦେଶର ରାଜନୀତିକ ଆନ୍ଦୋଳନ ଭଳି ସଂସ୍କୃତିମୂଳକ ଆନ୍ଦୋଳନକୁ ପ୍ରଖର ଗତିରେ ଚଳାଇବାକୁ ହେବ । ଏହା ଏହି ଯୁଗ ଚାହେଁ ।

ଗ୍ରାମମାନଙ୍କରେ ବହି-ପ୍ରଦର୍ଶନୀ, ଆଲୋଚନା-ସଭା, ପ୍ରବନ୍ଧ-ପ୍ରତିଯୋଗିତା, ଗ୍ରନ୍ଥାଗାର-ସ୍ଥାପନ ପ୍ରଭୃତି କାମ କରିବାକୁ ହେବ । ମୁଁ ସିନ୍‌କେୟାର ଲୁଇଁଙ୍କ "ମାର୍ଟିନ ଆରୋସ୍ମିଥ" ଉପନ୍ୟାସରେ ପଢ଼ି ଥିଲି ଯେ ଆମେରିକାରେ ଛାତ୍ରମାନେ ଅବସର ସମୟରେ ଗ୍ରାମେ ଗ୍ରାମେ ବହି-ବିକ୍ରେତା କାର୍ଯ୍ୟ କରି ଧନ ଉପାର୍ଜ୍ଜନ କରନ୍ତି । ତାହିଁରୁ କିଅଣ ଓଡ଼ିଆ ଛାତ୍ରର କିଛି ଶିଖିବାର ନାହିଁ ? ଯେତେଦିନ ଯାଏ ଆମ୍ଭେମାନେ ସଂସ୍କୃତିମୂଳକ ଆନ୍ଦୋଳନକୁ ପକ୍କା କାନ୍ଥ ମଧ୍ୟରେ ଆବଦ୍ଧ କରି ଥିବୁ ; ସେତେଦିନ ଯାଏ ଏ ଦେଶର ବୃହତ୍ତର ସଂସ୍କୃତିମୂଳକ ଜୀବନ ସମ୍ଭବପର ନୁହେଁ । ଉନ୍ମୁକ୍ତ ଆକାଶ ତଳେ, ଶ୍ୟାମ-ଦୁର୍ବାଚ୍ଛାଦିତ ପ୍ରାନ୍ତର ଉପରେ ଗ୍ରାମ-ମାନଙ୍କରେ ଆମ୍ଭମାନଙ୍କର ସାହିତ୍ୟ-ସଭାର ଅଧିବେଶନ ଡାକିବାକୁ ହେବ । ଏ ଦିଗରେ ବାରିପଦା ସାହିତ୍ୟ-ସମାଜର ପ୍ରଥମରୁ ଅଗ୍ରମୁଖ୍ୟ ନେବା ଉଚିତ । ସାହିତ୍ୟ ସହିତ ସଙ୍ଗୀତର ମିଳନ ହେବା ବାଞ୍ଛନୀୟ । ତାହାହେଲେ ଏ ଦେଶର ସାହିତ୍ୟକଳାର ଗତି ପରିବର୍ତ୍ତିତ ହେବା ସମ୍ଭବପର । ଏଥିପାଇଁ ଦେଶର ସାହିତ୍ୟିକ ; ସାହିତ୍ୟଗ୍ରାହକ, ଶିକ୍ଷକ, ଅଧ୍ୟାପକ ଓ ସାଧାରଣ ଶିକ୍ଷିତବର୍ଗଙ୍କ ସହାନୁଭୂତି ଓ ସାହାଯ୍ୟ ସର୍ବଦା ଲୋଡ଼ା ।

ସାହିତ୍ୟ ଏକ ପଦ୍ମ । ଯୁଗ-ସମାଜ-ସରୋବରରେ ଏହାର ଜନ୍ମ । ତଥାପି ଏହାର ସୁବାସ ଯୁଗସ୍ଥାନ-ସୃଷ୍ଟି-ଆକାଶରେ

Digitized by srujanika@gmail.com

ଚିରଦିନ ଭାସମାନ ହୁଏ । ସମାଜକୁ ପ୍ରଭାବିତ କରିବାରେ ସାହିତ୍ୟର ଯେପରି ଗୁରୁ ଦାୟିତ୍ୱ ଅଛି, ସମାଜ ସାହିତ୍ୟକୁ ପ୍ରଭାବିତ କରିବାରେ ସେହିପରି ପାରଙ୍ଗମ । ସମାଜର ମୁଖ-ପତ୍ର ସାହିତ୍ୟରେ ସମାଜ ଲାଗି ଯଥେଷ୍ଟ ପ୍ରେରଣା, ଉଦ୍ବୋଧନ ନିହିତ । ସମାଜରୁ ମଧ୍ୟ ସେହିପରି ସାହିତ୍ୟ-ସଂଗଠନ ପାଇଁ ସାହିତ୍ୟ-ସ୍ରଷ୍ଟା ବହୁତ ଉପାଦାନ ପାଆନ୍ତି । ସମାଜର ଅନ୍ଧାର, ଅନୁନ୍ନତ ଅବସ୍ଥା, କଳଙ୍କ କାଳିମା ମଧ୍ୟକୁ ସାହିତ୍ୟିକ ସମାଜର ଦୃଷ୍ଟି ଆକର୍ଷଣ କରି; ପୁଣି ଏକ ମହତ୍ ଉଚ୍ଚ ଆଦର୍ଶ ଦିଗରେ ଗତି କରି ଯିବାକୁ ସାହିତ୍ୟ-ବାଣୀ ଶୁଣାନ୍ତି । ସାହିତ୍ୟର ସାର୍ଥକତା ଏହିଠାରେ । ଆନନ୍ଦ-ଉପଲବ୍ଧି ଓ ସମାଜରେ ଆନନ୍ଦ-ବିତରଣ ସଙ୍ଗେ ସଙ୍ଗେ ଏହି ନୀତି-ମାନଦଣ୍ଡ-ନିର୍ଦ୍ଧାରଣ ସାହିତ୍ୟର ଏକ ଗୁରୁ ଦାୟିତ୍ୱ ।

ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୁଗ-ମାନବକୁ କେବଳ ସ୍ୱଦେଶ-ସମାଜ ଗଠନ କରିବାକୁ ହେବ ନାହିଁ; ବିଶ୍ୱବ୍ୟାପୀ ମାନବ-ସମାଜ ଗଠନର ମୂଳଭିତ୍ତିକୁ ଦୃଢ଼ତର କରି ବିଶ୍ୱ-ସଂସ୍କୃତି-ସୌଧକୁ ଗଠନ କରିବାକୁ ହେବ । ବିଶ୍ୱ-ବୋଧ ଆଧ୍ୟାତ୍ମିକ ଜଗତର ଶ୍ରେଷ୍ଠବାଣୀ । ଆଜି ସଂସ୍କୃତିମୂଳକ ଜଗତରେ ମଧ୍ୟ ଏହି ବାଣୀକୁ ଆମ୍ଭେମାନେ ପୁଣି ଉଚ୍ଚାରଣ କରୁଥାଉଁ ।

ସେହି ଭାବରେ ସକଳ ରାଜନୀତିକ ପରିବର୍ତ୍ତନ, ଦ୍ୱନ୍ଦ୍ୱ, ସଂଘର୍ଷ; ସଂଗ୍ରାମ ମଧ୍ୟରେ ଆମ୍ଭମାନଙ୍କୁ ଏହି ସଂସ୍କୃତି-ଜୟ-ପତାକାକୁ ଜୀବନ-ନୀଳ-ଆକାଶରେ ଉଚ୍ଚରେ ଉଡ଼ାଇ ରଖିବାକୁ ହେବ । ଓଡ଼ିଶାର ଗଡ଼ଜାତ ଓ ଅନ୍ୟାନ୍ୟ ଅଞ୍ଚଳର ଏହି ଅମୃତ ଆଦର୍ଶରୁ ପ୍ରେରଣା ଦେବା ଲାଗି ଆଜି ଶୁଭ ମୁହୂର୍ତ୍ତ ଉପସ୍ଥିତ । ସାହିତ୍ୟ ଓ ସଂସ୍କୃତି ଏକ କ୍ଷଣିକତାର ସ୍ମାରକ ନୁହେଁ । ସେଥିପାଇଁ ହୁଏତ ଆଜି ଚୀନର ମହା ବିପଦ ବେଳେ ମଧ୍ୟ ବିଶ୍ୱ-ଭାରତୀ ସଂସ୍କୃତି-କାର୍ଯ୍ୟ କରିବାରେ ଲାଗିଅଛନ୍ତି । ଏହି ଦୃଷ୍ଟାନ୍ତରୁ କଅଣ ଆମ୍ଭମାନଙ୍କର ଶିକ୍ଷା କରିବାର କିଛି ନାହିଁ? ସକଳ ବିଚ୍ଛିନ୍ନତା; ବିଭିନ୍ନତା ସତ୍ତ୍ୱେ ଆମ୍ଭେମାନେ ଏକ । ଏହି ବୃହତ୍ତର ସ୍ୱଦେଶ ଓ ବିଶ୍ୱ-ମାନବ-ସମାଜର ସ୍ମାରକ ରୂପେ ଆମ୍ଭେମାନେ ଆଜି ସାହିତ୍ୟକୁ ସ୍ମରଣ କରିବା, ଏବଂ ସାହିତ୍ୟର ସୃଷ୍ଟି, ପ୍ରଚାର, ପ୍ରସାର ଦ୍ୱାରା ଏକ ଅପରିବର୍ତ୍ତନୀୟ ଜୟ-ଟୀକା ଜୀବନ-ବଧୂର ଶିରରେ ଚିରଦିନ ଲାଗି ଦେଇ ଯିବା । ଏହି ଶୁଭ ସମ୍ମିଳନରେ ଆଜି ବାଣୀ-ଆରାଧନା-ପୀଠରେ ଯଥାର୍ଥରେ ପୂଜିତ ହୋଇ ପାରିଲେ, ଆମ୍ଭେମାନେ ସାହିତ୍ୟ ଓ ସମାଜର ମଧୁର ସମ୍ପର୍କ ଯଥାର୍ଥ ଭାବରେ ବୁଝୁଁଛୁ ବୋଲି ପ୍ରକାଶ କରିପାରିବୁଁ ।

ଭାରତୀୟ ଶିଳ୍ପ-ବିଚାରର ଭୂମିକା*

ଶ୍ରୀ ଜଗତ୍ ମୋହନ ସେନ୍

ଉଷା-ବିକାଶର ଅନତିପୂର୍ବବର୍ତ୍ତୀ ବ୍ରାହ୍ମମୁହୂର୍ତ୍ତ । ଊର୍ଦ୍ଧ୍ୱରେ ତାରକିତ ନୀଳାକାଶ ମୁଗ୍ଧ-ନେତ୍ରରେ ଅନାଇ ରହିଛି, ପଦତଳେ ସିନ୍ଧୁ-ବେଷ୍ଟିତା ଧରଣୀ ଅର୍ଦ୍ଧ୍ୟାମର ସ୍ୱପ୍ନରେ ବିଭୋର । ସମ୍ମୁଖରେ ବାରିଧି-ବିସ୍ତାର,—ଅନ୍ତହୀନ, ସ୍ଥିର, ନିସ୍ତରଙ୍ଗ,—ଅନନ୍ତ ଆକାଶ ସଙ୍ଗେ ମିଶି ଯାଇଛି । ସମୁଦ୍ର ଓ ଆକାଶ ଏକ ଅଖଣ୍ଡ ସତ୍ତାରୂପେ ପ୍ରତିଭାତ ହେଉଛି ।

ଧୀରେ ଧୀରେ ପୂର୍ବ ଦିଗନ୍ତର ଗାଢ଼ ମସୀ-ପ୍ରଲେପ ତରଳ ହୋଇ ଆସିଲା । ବହିଲା ମୃଦୁ ପବନ । କି ଏକ ଅପୂର୍ବ ସମ୍ଭାବନାରେ ସାଗରର ବକ୍ଷ ଉଠିଲା ସ୍ଫୀତ ହୋଇ । ଧ୍ୟାନମଗ୍ନ ସାଧକର ମୁଗ୍ଧ ନେତ୍ର ସମ୍ମୁଖରେ ଫୁଟି ଉଠିଲା ଗୋଟିଏ ରକ୍ତ-କମଳ । ତାର ଯାଦୁଦଣ୍ଡର ମୋହନ ସ୍ପର୍ଶରେ ତିମିର-ଯବନିକା ନିମେଷମାତ୍ରକେ ଅପସୃତ ହେଲା, ଧରଣୀର ବିଚିତ୍ର ଶୋଭାଗାରର ଦ୍ୱାର ଗଲା ଖୋଲି । ସାଧକ ତନ୍ମୟ ହୋଇ ଏ ଦୃଶ୍ୟ ଦେଖିଲେ । ମୁଗ୍ଧ ହୋଇ ପ୍ରଣାମ କରି କହିଲେ—

ଜବାକୁସୁମ-ସଙ୍କାଶଂ କାଶ୍ୟପେୟଂ ମହାଦ୍ୟୁତିଂ
ଧ୍ୱାନ୍ତାରିଂ ସର୍ବ-ପାପଘ୍ନଂ ପ୍ରଣତୋଽସ୍ମି ଦିବାକରଂ

ମଧ୍ୟାହ୍ନରେ ଆଉ ଏକ ଦୃଶ୍ୟ । ସେହି ସୂର୍ଯ୍ୟ,—ପ୍ରଭାତର ସେହି ରକ୍ତ କମଳ । କିନ୍ତୁ ତାର ଏ ଚଣ୍ଡ-ରୂପ କାହିଁ ଆସିଲା! ଏ କି ଦେବତାର କ୍ରୋଧ? ନା, ତା ତ ନୁହେଁ । ତାର ଏ ରୁଦ୍ର ମୂର୍ତ୍ତି କେବଳ ଅନ୍ଧ ତମିସ୍ରାବରଣକୁ ଦୂର କରିବା ଲାଗି, ବିଶ୍ୱ-ପାଳନ ଲାଗି । ନୋହିଲେ ତାର ପ୍ରଚଣ୍ଡତା ଏ ସ୍ନିଗ୍ଧ ଘନଶ୍ୟାମ ଆବରଣକୁ ଆଶ୍ରୟ କଲା କାହିଁକି?

ମଧ୍ୟାହ୍ନ ସୂର୍ଯ୍ୟର ଖରଦୀପ୍ତି ମେଘମେଦୁର ଆକାଶରେ ଲୁଚି ରହିଲା । ଝରିଲା ଅଳକନନ୍ଦା । ଉତ୍ତରରେ ତୁଷାରଶୀର୍ଷ

* ବାଲେଶ୍ୱର ସାହିତ୍ୟ-ସମାଜର ପଞ୍ଚମ ବାର୍ଷିକ ଅଧିବେଶନରେ ପଠିତ ।

Digitized by srujanika@gmail.com

ରଜତଗିରିର ଯୋଗମଗ୍ନ ବିଶାଳମୂର୍ତ୍ତି,—ଶୁଭ୍ର ତୁଷାରର ସାନୁ-ପ୍ରଦେଶରେ ଗିରୀଶଙ୍କ କଣ୍ଠର ନୀଳ-ରେଖା ଉଠିଛି ଫୁଟି । ତାଙ୍କର ତରଙ୍ଗିତ ଜଟାକଲାପକୁ ଆଶ୍ରୟ କରି ଅଲକନନ୍ଦା ମର୍ତ୍ତ୍ୟଭୂମିକୁ ଅବତରଣ କଲେ, ଧରଣୀ ପବିତ୍ର ହେଲା ।

ପୁଣି ଆସିଲା ରାତ୍ରି । ସାଧକ ଦେଖିଲେ ଶଶିକଳାଭାଲଙ୍କ ଚନ୍ଦ୍ରଶେଖର ମୂର୍ତ୍ତି । ଆକାଶରେ ଅଗଣ୍ୟ ନକ୍ଷତ୍ର ଫୁଟିଲା । ସେ ଦୃଶ୍ୟ ମିଳେଇ ଗଲା । ସାଧକ ଅଗ୍ନି ଜାଳି ଅନ୍ଧାର ଦୂର କଲେ । ପୁଣି ସେହି ବିଶ୍ୱପାବନ ନୀଳକଣ୍ଠ ମୂର୍ତ୍ତି ଦେଖିଲେ ଅଗ୍ନି ଶିଖାରେ । ଏ ଶିଖା ମଧ୍ୟ ସନ୍ଧ୍ୟା ସୂର୍ଯ୍ୟପରି ମରଣରୂପୀ ଧ୍ୱଂସର ଦେବତା, ଏବଂ ସବୁ ପାପକୁ ସଙ୍ଗେ ସଙ୍ଗେ ଭସ୍ମୀଭୂତ କରି ମାନବକୁ ପବିତ୍ର କରେ । ଅଗ୍ନି-ଶିଖାରେ ଏ ନୀଳକଣ୍ଠ ଆସିଲା କାହିଁ ? ଜଗତର ସମସ୍ତ ଅମଙ୍ଗଳତାର ଗରଳକୁ ଭକ୍ଷଣ କରି ସିନା ।

ଏଇ ତ ଦେବତାଙ୍କର ତ୍ରିବିଧ ରୂପରେ ପ୍ରକାଶ । ପ୍ରଭାତରେ ବ୍ରହ୍ମା, ମଧ୍ୟାହ୍ନରେ ବିଷ୍ଣୁ, ସାୟାହ୍ନରେ ଶିବ,—ସାଧକ ସହସା ସ୍ୱପ୍ନାବେଶ ଭାଙ୍ଗି ଦେଲେ, ଏ କଣ, ଏତ ମାୟା, ସବୁ ମାୟା । ଏ ତ ତାଙ୍କର ଈପ୍ସିତ ବସ୍ତୁ ନୁହେଁ, ଏ ତାଙ୍କର ବିଭୂତି ମାତ୍ର, ତାଙ୍କର ଦୂତ ।

ସେ କହିଲେ—

ଫଜର୍ ମେ ଯବ୍ ଆୟା ମୁଲ୍‌କ ପୁଷାକ୍ ସୁନ୍‌ହେଲ୍ ତେରା
ଚମକ ଉଠ୍ ଯବ୍ ଶାଁସ୍ ଲଗାୟା ଚଢ଼୍ ଜଗାୟା ମେରା ।
ଧୂପ୍‌ମେଁ ହମ୍‌କୋ କଥା ଉଦାସା, କ୍ୟା ପାଡ଼ ଦୂର ସମାୟା
ଗାୟା ଗେରୁଆ ସୁର ମଗର ବି ମରଣସା ରୈନ ଆୟା
କାଗଜ୍ କାଲା ହରଫ୍ ଉଜାଲା କ୍ୟା ଭାବ ଖଡ଼୍ ପାୟା
ଇଓ ରୌନକ୍ କ୍ୟୋଁ ରେ ମୁଲ୍‌କ ତୁହିଁ ୟାଦ୍ ଭୁଲାୟା
ଭାର ଜନ୍‌ସା ଅଜମ୍ ଦାବତ୍ ତୁହିଁ ଇକ୍ ମେହ୍‌ମାନ୍
ଝଲ୍‌କ ଝଲ୍‌କ ମେଁ ଖଡ଼୍ ହେଁ ଫୈଲ, ମଗ୍‌ରୁର ହମ୍ ଫରମାନ ।
ପ୍ରଭାତେ ଯେ କାଳେ ଆସିଲ୍ ରେ ଦୂତ ସୁନେଲି ଜରିର ବେଶଟି ଧରି
ତୋରି ତୁରନ୍ତ ଶ୍ୱାସ ପରଶନେ ସୁପ୍ତ ହୃଦୟ ଉଠିଲ ଥରି ।
ଖରକରେ ମୋତେ ଉଦାସ କଲରେ ଦୂର ଗଗନେ ତୋ କରୁଣ ଭାତି
ଗାଇ ସନ୍ଧ୍ୟାରେ ଗେରୁଆ-ରାଗିଣୀ ଆଣିଲୁ ମରଣ ସମାନ ରାତି ।
କଳା କାଗଜରେ ଉଜଳ-ଅକ୍ଷରେ ଏକ ଲିପି କହ ଆସିଲୁ ଧରି,
ଦୂତ ହୋଇ ତୁ ତ ଏତେ ସୁନ୍ଦରରେ, ତୁହି ତ ନେଲୁ ମୋ ଧ୍ୟାନ ହରି ।
ଦୂତ କହେ, ତାଙ୍କ ବିରାଟ ସଭାରେ ଅତିଥି ଆହୂତ ତୁମେ ହେ ଏକା,
ସେଇ ଗୌରବେ ଗରବୀ ଅଟେ ମୁଁ ଲୋକେ ଲୋକେ ମେଲି
ଦେଇଛି ଲେଖା ।

କାରଣ,

ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିତ୍ ଯତତି ସିଦ୍ଧୟେ ।
ଯତତାମପି ସିଦ୍ଧାନାଂ କଶ୍ଚିତ୍ ମାଂ ବେତ୍ତି ତତ୍ତ୍ୱତଃ ॥

ତୁମେ ଭାଗ୍ୟବାନ, ଏବଂ ତୁମକୁ ନିମନ୍ତ୍ରଣ କରି ନେବାକୁ ଆସିଛି ବୋଲି ମୁଁ ମଧ୍ୟ ଭାଗ୍ୟବାନ ।

ସାଧକଙ୍କର ଅଭୀଷ୍ଟ ସିଦ୍ଧ ହେଲା । ସେ ବୁଝିଲେ,—

କ୍ଷରଂ ପ୍ରଧାନମମୃତାକ୍ଷରଂ ହରଃ
କ୍ଷରାତ୍ମାନାବୀଶତେ ଦେବ ଏକଃ ।
ତସ୍ୟାଭିଧ୍ୟାନାଦ୍ ଯୋଜନାତ୍ ତତ୍ତ୍ୱଭାବାଦ୍
ଭୂୟଶ୍ଚାନ୍ତେ ବିଶ୍ୱମାୟା ନିବୃତ୍ତିଃ ॥

ଏ ବିଶ୍ୱମାୟା, ଏହି ପ୍ରକୃତି, ପରିବର୍ତ୍ତନଶୀଳା
ଅକ୍ଷର ଏକା ସେ ହର ପରମ ପ୍ରଭୁ,
ନଶ୍ୱର ଦେହ ଆଶ୍ରୟ କରି ସେହି କରନ୍ତି ଲୀଳା
ଧ୍ୟାନେ ଯୋଗେ ତାଙ୍କ ଚରଣେ ଚିତ୍ତ ଚିର ଆଶ୍ରୟ ଲଭୁ ।

ସେ ସର୍ବଭୂତାଶ୍ରୟ, ସେ ଚକ୍ର-ନେମି ପରି,—ସର୍ବଭୂତ ତାଙ୍କ ଠାରେ ଅର ପରି ଯୁକ୍ତ, ତାଙ୍କୁ ଧ୍ୟାନ କରେଁ,—

ତମେକନେମିଂ ତ୍ରିବୃତଂ ଷୋଡ଼ଶାନ୍ତଂ
ଶତାର୍ଦ୍ଧାରଂ ବିଂଶତିଃ ପ୍ରତ୍ୟରାଭିଃ ।
ଅଷ୍ଟକୈଃ ଷଡ଼ଭିର୍ବିଶ୍ୱରୂପୈକପାଶଂ
ତ୍ରିମାର୍ଗ-ଭେଦଂ ଦ୍ୱିନିମିତ୍ତୈକ ମୋହମ୍ ॥
ସର୍ବାଜୀବେ ସର୍ବସଂସ୍ଥେ ବୃହନ୍ତେ
ତସ୍ମିନ୍ ହଂସୋ ଭ୍ରାମ୍ୟତେ ବ୍ରହ୍ମଚକ୍ରେ ।
ପୃଥଗାତ୍ମାନଂ ପ୍ରେରିତାରଞ୍ଚ ମତ୍ୱା
ଜୁଷ୍ଟସ୍ତତଃ ସ୍ତେନା ମୃତତ୍ୱମେତି ॥

ଚଞ୍ଚଳ ଜୀବ-ଆତ୍ମା ନିଜକୁ ବ୍ରହ୍ମୁଁ ପୃଥକ ମଣି
ଭ୍ରମେ ସେ ଚକ୍ର-ଆବର୍ତ୍ତେ ସଦା ପିଇ କି ବିସ୍ମରଣୀ ।
ଲଭିଲେ ତାଙ୍କ ଦୟା
ଚିର-ଅମରତା ଲଭି ଜୀବାତ୍ମା ତରଇ ମରଣ ମାୟା ।

ସେ କାଷ୍ଠର ଅନ୍ତର୍ନିହିତ ବହ୍ନି ପରି,—ବୈଜ୍ଞାନିକର potential energy ପରି ସେ,—

ବହ୍ନିର୍ଯଥା ଯୋନିଗତସ୍ୟ ମୂର୍ତ୍ତି
ର୍ନଦୃଶ୍ୟତେ ନୈବ ଚ ଲିଙ୍ଗନାଶଃ ।
ସ ଭୂୟ ଏ ବେନ୍ଧନ ଯୋନି ଗୃହ୍ୟ
ସ୍ତଦ୍ୱୋଭୟଂ ବୈ ପ୍ରଣବେନ ଦେହେ ॥

ଦେଖାଯିବ, ଏ ଦୃଷ୍ଟି ଏକାଧାରରେ ଜ୍ଞାନୀ ଓ ଶିଳ୍ପୀଙ୍କର । ସାଧକଙ୍କର ଜ୍ଞାନ ଏ ବାହ୍ୟ-ବହ୍ନିକୁ ତ୍ୟାଗ କଲା । ନେତି ନେତି କହି ଅନ୍ତର୍ନିହିତ ବହ୍ନିର ସନ୍ଧାନରେ ଗଲା । କିନ୍ତୁ ତାଙ୍କର ଶିଳ୍ପୀ-ହୃଦୟ ସେଥିରେ ମାନିଲା ନାହିଁ । ସେ ଚାହିଁଲା ତାଙ୍କୁ ରୂପ, ରସ, ଗନ୍ଧ, ସ୍ପର୍ଶମୟ କରି ଉପଭୋଗ କରିବାକୁ । ତାଙ୍କର ଏହି ଦୃଶ୍ୟମାନ ଜଡ଼ରୂପ ବାହ୍ୟ-ଇନ୍ଦ୍ରିୟର ଗୋଚର କରି ସୃଷ୍ଟି କରିବାକୁ । ଏହି ହେଲା ଏ ଦେଶର ଶିଳ୍ପୀଙ୍କର ଯଥାର୍ଥ ପରିଚୟ । ତାଙ୍କ ଦୃଷ୍ଟିରେ ପ୍ରଭାତ-ସୂର୍ଯ୍ୟ ସୁନ୍ଦର ସୁଦୃଶ୍ୟ ଅଗ୍ନି-ଗୋଲକ ମାତ୍ର ନୁହେଁ । ଯେଉଁ ଜଗତ୍-ସବିତାଙ୍କର ଜ୍ୟୋତିଃ ଧ୍ୟାନ କରି ସେ ଅଜ୍ଞାନ—ତମିର - ଗହନରେ ପଥ ଖୋଜି ବୁଲନ୍ତି, ଏ ସୂର୍ଯ୍ୟ ସେ

Digitized by srujanika@gmail.com

ସେହି ମହାସୂର୍ଯ୍ୟଙ୍କର ପ୍ରତିଚ୍ଛବି । ସେ ତ କେବଳ ମାତ୍ର ରକ୍ତବର୍ଣ୍ଣ ଅଗ୍ନି-ଗୋଲକଟିଏ ନୁହେଁ ।

ସୁତରାଂ ବିଲାତ landscapeରେ ଯେଉଁ ଦୃଶ୍ୟ ନଦୀ, ପର୍ବତ, ବୃକ୍ଷଲତା ଓ ସୁରଞ୍ଜିତ ମେଘର ସମନ୍ୱୟରେ ଗଢ଼ି ଉଠି ଥାଆନ୍ତି, କିଂବା ଗ୍ରୀକ ଭାସ୍କର୍ଯ୍ୟରେ ରଥାରୋହୀ ଏପୋଲୋ (Apollo)ଙ୍କ ମୂର୍ତ୍ତି ଧରିଥାଆନ୍ତି, ତାହା ଇଲୋରା, ଅଜନ୍ତା ଓ କୋଣାର୍କର ଭାସ୍କର ଶିଳ୍ପୀର ଛେଦନୀ ସ୍ପର୍ଶରେ ଚତୁର୍ମୁଖ ବ୍ରହ୍ମାଙ୍କର ମୂର୍ତ୍ତି ପରିଗ୍ରହ କଲା । କାରଣ ଏ ଦେଶର ଶିଳ୍ପୀଙ୍କ ଚକ୍ଷୁରେ ପ୍ରଭାତ-ସୂର୍ଯ୍ୟର କିରଣ ମେଘ ଓ ତରୁଲତାର ରଞ୍ଜନମାତ୍ରରେ ପର୍ଯ୍ୟବସିତ ନୁହେଁ । ସେ ଧ୍ୟାନ୍ତର,—ସନ୍ଧ୍ୟା ତାଙ୍କର ବଧୂ । ସେ ଚତୁର୍ମୁଖରେ ବେଦ ଗାନ କରନ୍ତି । ହଂସ (ହନ୍ ଧାତୁରୁ ନିଷ୍ପନ୍ନ,—ଯେ ଅନ୍ଧକାରକୁ ହନନ କରେ) ତାଙ୍କର ବାହନ । ସେ ସବିତା,—ସୃଷ୍ଟିକର୍ତ୍ତା । ତାଙ୍କର ହସ୍ତରେ କମଣ୍ଡଳୁ, ସେ କମଣ୍ଡଳୁରେ ଅଛି ଅନନ୍ତ ଜୀବନର ବୀଜରୂପୀ ଅମୃତ । କାରଣ ସମୁଦ୍ରଶାୟୀ ନାରାୟଣଙ୍କର ନାଭିକମଳରୁ ତାଙ୍କର ଜନ୍ମ ।

ଏଥିପାଇଁ ସ୍ୱାମୀ ବିବେକାନନ୍ଦ କହିଥିଲେ, "ଭାରତବର୍ଷ ଛିଣ୍ଡା କନାରେ କୋହିନୂର ବାନ୍ଧି ରଖେ, ଇଂରେଜ ସ୍ୱର୍ଣ୍ଣମଞ୍ଜୁଷାରେ ରଖେ କାଚଖଣ୍ଡ ।" ଭାରତୀୟ ଶିଳ୍ପକଳାର ସୌନ୍ଦର୍ଯ୍ୟ ଉପଲବ୍ଧି କରିବାକୁ ହେଲେ ଏ କଥା ମନେ ରଖିବାକୁ ହେବ ।

ଏପୋଲୋଙ୍କ ଚିତ୍ର ସହିତ କୋଣାର୍କର ସୂର୍ଯ୍ୟମୂର୍ତ୍ତିର ତୁଳନା କଲେ କଥାଟି ଆହୁରି ଟିକିଏ ସ୍ପଷ୍ଟ ହୋଇପାରେ । ଉଭୟଙ୍କୁ ବର୍ତ୍ତମାନ ଏଠାରେ ଉପସ୍ଥାପିତ କରିବାର ସମ୍ଭାବନା ନାହିଁ, ସୁତରାଂ ଚିତ୍ର ଦୁଇଟି ଯଦି ଦେଖି ଥାଆନ୍ତି, ତେବେ ଆପଣମାନଙ୍କୁ ସ୍ମରଣଶକ୍ତି ଉପରେ ନିର୍ଭର କରିବାକୁ ପଡ଼ିବ ।

ଏପୋଲୋ ସପ୍ତାଶ୍ୱ-ବାହିତ ରଥାରୋହୀ । ରୂପ ଅତି ସୁନ୍ଦର, ଅନିନ୍ଦିତ କାନ୍ତି, ତାଙ୍କର ପୌରୁଷ-ବ୍ୟଞ୍ଜକ ପେଶଳ ବଳିଷ୍ଠ ଦେହ ନର-ଦେହରେ ଯେ ପରିମାଣ ସୌନ୍ଦର୍ଯ୍ୟ ଅଭିବ୍ୟକ୍ତ ହୋଇପାରେ ତାର ଚରମ ପରିଚୟ । ତେଜସ୍ୱୀ ଅଶ୍ୱ-ବାହିତ ରଥର ସେ ସୁଯୋଗ୍ୟ ସାରଥି । ରଥ ପୂର୍ଣ୍ଣ ବେଗରେ ଧାଇଁଛି,—ରଥର ସମ୍ମୁଖରେ ପଳାୟମାନା ଉଷାର ମୂର୍ତ୍ତି । ଉଷା ମଧ୍ୟ ଅନିନ୍ଦ୍ୟ ନାରୀଦେହଧାରିଣୀ । ଏପୋଲୋ ଉଷାଙ୍କୁ ଧରିବା ଲାଗି ଆକାଶ-ମାର୍ଗ ତାଙ୍କର ଅନୁସରଣ କରୁଅଛନ୍ତି । ଚିତ୍ର ନ ଦେଖିଥିଲେ ତାର ସୌନ୍ଦର୍ଯ୍ୟ ସମ୍ପୂର୍ଣ୍ଣ ଉପଲବ୍ଧି କରିବା ଅସମ୍ଭବ । ତାର ବର୍ଣ୍ଣ—ବିଳାସ, ରେଖାର ସୁଷମା, ଶିଳ୍ପୀଙ୍କର ନରଦେହର ଜ୍ଞାନ, anatomy, perspective ପ୍ରଭୃତି ଯାହାକିଛି କହନ୍ତୁ,—ସବୁ ଅତି ସୁନ୍ଦର । ବାଛିବାକୁ ନାହିଁ କିଛି । ତାର ଅନ୍ତର୍ନିହିତ ରସ ମଧ୍ୟ ମଧୁର । ନରନାରୀର ଚିରନ୍ତନ ପ୍ରେମଲୀଳାର ଚିତ୍ର,—ଚଟୁଳା ନାରୀକୁ ଆୟତ୍ତ କରିବାପାଇଁ ପୁରୁଷର ବ୍ୟଗ୍ର ବାହୁବିସ୍ତାର ମଧୁର ଏବଂ ଉପଭୋଗ୍ୟ ନ ହେବ ବା କାହିଁକି ?

ଏବେ ଶିଳ୍ପୀଙ୍କୁ ଦେଖିବା । ଏ କଥା ଯଥାର୍ଥ ଯେ ସେ landscapeରେ ଶିଳ୍ପୀ ପରି ସୂର୍ଯ୍ୟଙ୍କୁ ଜଡ଼ପିଣ୍ଡ ମାତ୍ର କରି ଦେଖି-ନାହାନ୍ତି । ସେ ସୂର୍ଯ୍ୟରେ ଚେତନା ଆରୋପ କରିଛନ୍ତି ।— ଏ ଚେତନା ମାନବର—ଦେବତାର ନୁହେଁ । ତାଙ୍କର ମାଧୁର୍ଯ୍ୟାନୁଭୂତି ଯେ ଇନ୍ଦ୍ରିୟର ସୀମା ଅତିକ୍ରମ କରିନାହିଁ ତାହା ମଧ୍ୟ ସ୍ପଷ୍ଟ ।

ବର୍ତ୍ତମାନ କୋଣାର୍କର ସୂର୍ଯ୍ୟ ମୂର୍ତ୍ତିକୁ ଧ୍ୟାନ କରନ୍ତୁ । ତାଙ୍କର ରୂପବ୍ୟାଖ୍ୟା କରିବା ପୂର୍ବରୁ ତାଙ୍କର ହସ୍ତଧୃତ ମୁଦ୍ରିତ ପଦ୍ମକୋରକଟିର କଥା ଆପଣଙ୍କୁ ସ୍ମରଣ କରାଇ ଦେବି । କବି ଯେ ପଦ୍ମ ସହିତ ପଦ୍ମିନୀ-ବାନ୍ଧବର ପ୍ରଣୟ କଳ୍ପନା କରିଛନ୍ତି, ତାହାର ଚିହ୍ନ ଏ ନୁହେଁ । ସୂର୍ଯ୍ୟ ପୂର୍ଣ୍ଣଜ୍ଞାନସ୍ୱରୂପ । ତାଙ୍କର କରଧୃତ ପଦ୍ମକୋରକଟି ଅବିକଶିତ ମାନବ ହୃଦୟର ପ୍ରତୀକ । ଅଜ୍ଞାନ-ତମୋହା ଭାସ୍କର ତାକୁ କରଦ୍ୱାରା ବିକଶିତ କରୁଅଛନ୍ତି । ଏ ଦେଶର କବି ଯେ କେବଳ ପଦ୍ମ ସହିତ ସୂର୍ଯ୍ୟର ସମ୍ପର୍କ କଳ୍ପନା କରିଛନ୍ତି, ତାହା ନୁହେଁ । ଯଦି କାହାର ସେପରି ଧାରଣା ଥାଏ, ତେବେ ସେ କୁମାରସମ୍ଭବରେ ହିମାଳୟ-ବର୍ଣ୍ଣନା ଦେଖିବେ । ସେଠାରେ ମଧ୍ୟ ମାନସ ସରୋରୁହମାନଙ୍କୁ ସୂର୍ଯ୍ୟ ପ୍ରବୋଧିତ କରୁଅଛନ୍ତି ବୋଲି ବର୍ଣ୍ଣିତ ହୋଇଛି:—

ପ୍ରବୋଧୟତ୍ୟୂର୍ଦ୍ଧ୍ୱମୁଖୈର୍ମୟୂଖୈଃ ।

ଯେ ସ୍ୱୟଂ ପୂର୍ଣ୍ଣଜ୍ଞାନସ୍ୱରୂପ ସେ ଅବିକଶିତ ବୋଧଶକ୍ତିକୁ ଉଦ୍‌ବୋଧିତ କରୁଛି । ଏ ଚିତ୍ରର ଅନ୍ତର୍ନିହିତ ରସ କଣ ? ଏ ରସକୁ ଯଦି ମଧୁର ବୋଲି କହିବାକୁ ଆପତ୍ତି ଥାଏ, ତେବେ ମୁଁ ରବୀନ୍ଦ୍ରନାଥଙ୍କର ଗୋଟିଏ କବିତା ଉଦ୍ଧାର କରିବି.—

ହାୟ, ଗଗନ ନହିଲେ ତୋମାରେ ଧରିବେ କେବା
ଓଗୋ ତପନ ତୋମାର ସ୍ୱପନ ଦେଖି ଯେ
କରିତେ ପାରିନେ ସେବା
ଶିଶିର କହିଲ କାଁଦିଆ
ତୋମାରେ ରାଖିବ ବାଁଧିଆ
ହେ ରବି, ଆମାର ନାହିକ ଏମନ ବଲ
ତୋମା ବିନା ତାଇ କ୍ଷୁଦ୍ର ଜୀବନ କେବଲ ଅଶ୍ରୁଜଲ ।
ଆମି ବିପୁଲ କିରଣେ ଭୁବନ କରି ଯେ ଆଲୋ
ତବୁ ଶିଶିର ଟୁକୁରେ ଧରା ଦିତେ ପାରି, ବାସିତେ ପାରିଯେ ଭାଲୋ,
ଶିଶିରେର ବୁକେ ଆସିୟା
କହିଲ ତପନ ହାସିୟା
ଛୋଟ ହୟେ ଆମି ରହିବ ତୋମାରେ ଭରି
ତୋମାର କ୍ଷୁଦ୍ର ଜୀବନ ଗଡ଼ିବ ହାସିର ମତନ କରି ।

ଟିକିଏ ଗଣିତ ପ୍ରୟୋଗ କଲେ ଦେଖାଯିବ ଯେ ଏହା ମଧ୍ୟ impregration, ଅତଏବ ଏହା ମଧୁର ବା ଆଦିରସାତ୍ମକ । କିନ୍ତୁ ଏହାର ମାଧୁର୍ଯ୍ୟ ଠିକ "ବାସିତେ ପାରିତେ ଭାଲୋ" ମଧ୍ୟରେ ନାହିଁ, ଅଛି "ଛୋଟ ହୟେ ଆମି ରହିବ ତୋମାରେ ଭରି"

Digitized by srujanika@gmail.com

ମଧ୍ୟରେ । ଦୁଇଟି ସନ୍ତାନ ମଧ୍ୟରେ ଗୋଟିଏ ବିରାଟ, ଅନ୍ୟଟି କ୍ଷୁଦ୍ର । ଗୋଟିଏ ଅପରିମିତ ଐଶ୍ୱର୍ଯ୍ୟଶାଳୀ, ଅନ୍ୟଟି ଦୀନାତିଦୀନ,—ଏ ଦୁହିଙ୍କର ଏ ସମ୍ଭ୍ରାନ୍ତ ମାନବର ଦେହବୃଦ୍ଧିପ୍ରସୂତ ନୁହେଁ, ଏହା ଇଚ୍ଛାମୂର୍ତ୍ତିତ ।

ବର୍ତ୍ତମାନ ଏପୋଲୋର ଦେହକୁ ଯଦି ସୁନ୍ଦର ବା ମଧୁର ବୋଲି କହନ୍ତି, ତେବେ ସୂର୍ଯ୍ୟମୂର୍ତ୍ତିକୁ ସୁନ୍ଦରତର ବା ମଧୁରତର ବୋଲି କହିବେ ନାହିଁ କି ?

କିନ୍ତୁ ପାଶ୍ଚାତ୍ୟ ଚିତ୍ରଶିଳ୍ପୀ ଓ ଭାସ୍କର ଯାହା ଧାରଣା କରି ପାରି ନାହାନ୍ତି, ପାଶ୍ଚାତ୍ୟ କବିଙ୍କର ଧ୍ୟାନରେ ତାହା ଧରା ପଡ଼ିଛି ।

"Make me thy lyre, even as the forest is
What if my leaves are falling as its own?
The tumult of thy mighty harmonies
Will take from both a deep autumnal tone
Sweet though in sadness. Be thou, Spirit fierce,
My spirit! be thou, me, impetuous One!
Drive my dead thoughts over the universe
Like withered leaves to quicken a new birth;
And by the incantation of this verse,
Scatter, as from unextinguished hearth,
Ashes and sparks, my words among mankind.

କିନ୍ତୁ ଏତ ଗଲା ଭାବାର୍ଥ ବା ideaର କଥା । ମନୋଗତ ଭାବର ପ୍ରକାଶ-ଭଙ୍ଗୀ ସମ୍ବନ୍ଧରେ କିଛି ନ କହିଲେ ଏ ଆଲୋଚନା ସମ୍ପୂର୍ଣ୍ଣ ହେବ ନାହିଁ । ପ୍ରଥମେ ଭାବିଥିଲି ଯେ ସୂର୍ଯ୍ୟ ମୂର୍ତ୍ତିର ବ୍ୟାଖ୍ୟା କରୁ କରୁ ପ୍ରକାଶ ଭଙ୍ଗୀର ଆଲୋଚନା କରିବି । କିନ୍ତୁ ବର୍ତ୍ତମାନ ଦେଖୁଛି ସାଧାରଣ ଭାବରେ କିଛି ନ କହିଲେ ଏ ପ୍ରବନ୍ଧ ଅତ୍ୟନ୍ତ ଦୀର୍ଘ ହୋଇ ଆପଣମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟାଇ ପାରେ ।

ଏ ଦେଶର ଶିଳ୍ପଚାତୁର୍ଯ୍ୟ ବୁଝିବାକୁ ହେଲେ ମନେ ରଖିବେ ଯେ ଆମ ଦେଶ ଯାତ୍ରାର ଦେଶ, ଥିଏଟରର ନୁହେଁ । ଏ ଦେଶର ଅଭିନୟରେ ଦୃଶ୍ୟପଟର ପ୍ରୟୋଜନ ହୁଏ ନାହିଁ । ଦୃଶ୍ୟପଟ ଆସିଛି ଇଉରୋପରୁ, କିନ୍ତୁ ପୂର୍ବେ ଇଉରୋପରେ ମଧ୍ୟ ତାର ପ୍ରଚଳନ ନ ଥିଲା । ଦର୍ଶକ-ସାଧାରଣର ସୁବିଧା ପାଇଁ "Road-side Inn," "Street" ଇତ୍ୟାଦି ଲେଖା ଖଣ୍ଡେ ଖଣ୍ଡେ sign-board ଅଭିନୟ ବେଳେ ବ୍ୟବହୃତ ହେଉଥିଲା । ଅନ୍ୟ ଦେଶ କଥା କହିବି ନାହିଁ । କିନ୍ତୁ ଆମ ଦେଶରେ ଦୃଶ୍ୟପଟର ପ୍ରବର୍ତ୍ତନ ଦର୍ଶକ ପ୍ରତି ଗୋଟିଏ ଅଭିଶାପ ପରି ହୋଇଛି । ଦର୍ଶକ ଓ ପ୍ରଦର୍ଶକ ମଧ୍ୟରେ ଯେଉଁ ସହଜ ପ୍ରୀତିର ସମ୍ବନ୍ଧଟି ଥିଲା ତାହା ମଧ୍ୟରେ ଦୃଶ୍ୟପଟ ଗୋଟିଏ ବ୍ୟବଧାନର ଯବନିକା ପରି । ଦର୍ଶକର କଳ୍ପନାକୁ ସେ ପଙ୍ଗୁ କରିଦେଇଛି ।

ଶିଳ୍ପ ଓ କାବ୍ୟର ସ୍ରଷ୍ଟା ଓ ଉପଭୋକ୍ତା ସମ୍ବନ୍ଧରେ, ସଙ୍ଗୀତର ଗାୟକ ଓ ଶ୍ରୋତା ସମ୍ବନ୍ଧରେ ମଧ୍ୟ ଏ କଥା ପ୍ରଯୋଜ୍ୟ । ସ୍ରଷ୍ଟା ଓ ଦ୍ରଷ୍ଟା ଉଭୟଙ୍କର ମନ ଏକ ସୁରରେ ବନ୍ଧା ନ ଥିଲେ ଉପଭୋଗ୍ୟ ବିଷୟ ବେସୁରା ବାଜେ । ତାର ଉପାଦେୟତା ନଷ୍ଟ ହୋଇ ଯାଏ । କବିଙ୍କ ଭାଷାରେ କହିଲେ,—

ଏକାକୀ ଗାୟକେର ନହେ ତ ଗାନ ଗାହିତେ ହବେ ଦୁଇଜନେ
ଗାହିବେ ଏକଜନ ଖୁଲିୟା ଗଲା, ଆର ଏକଜନ ଗାବେ ମନେ ।
ତଟେର ବୁକେ ଲାଗେ ଜଲେର ଢେଉ ତବେ ତ କଲ ତାନ ଉଠେ,
ବାତାସେ ବନ ସଭା ଶିହରି, କାଁପେ ତବେ ତ ମର୍ମର ଫୁଟେ ।
ଜଗତେ ଯେଥା ଯତ ରୟେଛେ ଧ୍ୱନି, ଯୁଗଲ ମିଲିଆଛେ ଆଗେ,
ଯେଖାନେ ପ୍ରେମ ନାଇ, ବୋବାର ସଭା, ସେଖାନେ ଗାନ ନାହିଁ
ଜାଗେ ।

ଦୁର୍ଭାଗ୍ୟବଶତଃ ଆମ ଦେଶର ସମଝଦାରମାନଙ୍କର ଅବସ୍ଥା ଏହି "ବୋବା" ପରି । ଏହାର କାରଣ ସମ୍ଭବତଃ ପାଶ୍ଚାତ୍ୟ-ଶିଳ୍ପକଳାରେ ନିହିତ । ପାଶ୍ଚାତ୍ୟ-ଶିଳ୍ପରୁ ଆମକୁ ଯାହା ମିଳେ ତାହା ପୂର୍ବରୁ ଜୀର୍ଣ୍ଣ ହୋଇ ସରିଥାଏ । ପାଶ୍ଚାତ୍ୟ ଶିଳ୍ପୀ ତାଙ୍କ studioର କୃତ୍ରିମ ଆବେଷ୍ଟନୀ ମଧ୍ୟରେ ବସି model ସମ୍ମୁଖରେ ରଖି ଚିତ୍ର କରନ୍ତି । ବିଷୟର ବାସ୍ତବରୂପ ଯଥାଯଥ ଫୁଟାଇବାକୁ ସେ ଯଥେଷ୍ଟ ଯତ୍ନବାନ । ସୁତରାଂ ତାଙ୍କ ହାତରୁ ଆମକୁ ଯାହା ମିଳେ ତାହାକୁ ଆମର ରସଲିପ୍ସୁ ମନ ବିନାଶ୍ରମରେ ଗଳାଧଃକରଣ କରିପାରେ । କିନ୍ତୁ ବହିର୍ଜଗତରେ ଦୃଶ୍ୟମାନ ବସ୍ତୁପରମ୍ପରା ସଙ୍ଗେ ପ୍ରାଚ୍ୟ ଶିଳ୍ପୀଙ୍କର ସମ୍ବନ୍ଧ ଅତି ଅଳ୍ପ । ଏ ଦେଶର ଅନ୍ୟାନ୍ୟ ସାଧକ ପରି ଧ୍ୟାନରେ ତାଙ୍କର ଆସ୍ଥା ବେଶୀ । ସେ ଧ୍ୟାନ-ଦୃଷ୍ଟିକୁ ରୂପ ଦେବା ପାଇଁ କେତେକ ଗୁଡ଼ିଏ ଲକ୍ଷଣ ଓ ପ୍ରତୀକର ଆଶ୍ରୟ ନିଅନ୍ତି । କିନ୍ତୁ ସେ ଗୁଡ଼ିକ ବର୍ତ୍ତମାନ ମାନସିକ ଅବସ୍ଥାରେ ଆମର ଅନଧିଗମ୍ୟ କହିଲେ ଚଳେ । ଆମେମାନେ ଭୁଲି ଯାଉଁ ଯେ ପାଶ୍ଚାତ୍ୟ ଶିଳ୍ପର ଆଦର୍ଶ ଜଡ଼,— ସୁନ୍ଦର ସୁଗଠିତ ଆଦର୍ଶ ନର ଦେହ, ଦୃଶ୍ୟମାନ ନିସର୍ଗସୁଷମାର ଯଥାଯଥ ଚିତ୍ରଣ କରି ଦର୍ଶକ ମନରେ ବିଭ୍ରମ ଆଣି ପାରିଲେ ସେ ସନ୍ତୁଷ୍ଟ ହୁଅନ୍ତି । କିନ୍ତୁ ଏ ଦେଶର ଶିଳ୍ପୀ ମନୁଷ୍ୟ ଗଢ଼ନ୍ତି ନାହିଁ, ସେ ଗଢ଼ନ୍ତି ଦେବତା । ତାଙ୍କ ହାତରେ ତିଆରି ପଦ୍ମଫୁଲଟି ହୁଏତ ଠିକ ପଦ୍ମଫୁଲ ନୁହେଁ:—କାରଣ ପଦ୍ମର ସୌନ୍ଦର୍ଯ୍ୟ ସେ ପଦ୍ମରେ ଦେଖନ୍ତି ନାହିଁ, ଦେଖନ୍ତି ନିଜର ଧ୍ୟାନରେ ।

Havell ସାହେବ କହିଛନ୍ତି,—

Indian thought takes a much wider, a more profound and comprehensive view of art. The Indian artist has the whole creation and every aspect of it for his field; not merely a limited section of it, mapped out by academic professors. Beauty, says the Indian philospher, is subjective not objective. It is not inherent in form or

matter; it belongs only to spirit and can only be apprehended by spiritual vision. There is no beauty in a tree, or flower, or in man or woman as such. All are perfectly fitted to fulfil their part in the cosmos, yet the beauty does not lie in the fitness itself, but in the divine idea which is impressed upon those human minds which are turned to receive it. The more perfectly our minds are tuned to this divine harmony, the more clearly do we perceive the beauty, and the more capable we become, as artists, of revealing it to others. Beauty belongs to the human mind; there is neither ugliness nor beauty in matter alone, and for an art student to devote himself wholly to studying form and matter with the idea of extracting beauty therefrom, is as vain as cutting open a drum to see where the sound comes from.

The true aim of the artist is not to extract beauty from nature, but to reveal the life within life, the Noumenon within phenomenon, the Reality within unreality, and the Soul within matter. When that is revealed, beauty reveals itself.

ଏ ଆଧ୍ୟାତ୍ମିକତା ଯେ ପାଶ୍ଚାତ୍ୟ ଶିଳ୍ପରେ ଆଦୌ ନାହିଁ ତାହା କହିଲେ ଅନ୍ୟାୟ ହେବ । ମଧ୍ୟଯୁଗର Christian art ଏହି ଆଧ୍ୟାତ୍ମିକତା ଦ୍ୱାରା ଅନୁପ୍ରାଣିତ । ରାଫେଲଙ୍କ ମ୍ୟାଡୋନା, ମାଇକେଲ ଏଞ୍ଜେଲୋଙ୍କ ଜୁପିଟର, Descent from the cross ପ୍ରଭୃତି ଚିତ୍ର ଦେଖିଲେ ଏହା ଜଣା ପଡ଼େ । କିନ୍ତୁ ସେଥିରେ ମଧ୍ୟ ଶିଳ୍ପୀମାନେ ଜଡ଼ ପ୍ରକୃତିକୁ ସର୍ବଥା ଅତିକ୍ରମ କରି ଯାଇଅଛନ୍ତି, ତାହା ମଧ୍ୟ ନୁହେଁ । ପୁଣି ମଧ୍ୟଯୁଗର ବୌଦ୍ଧଶିଳ୍ପ ଯେ ଭାରତବର୍ଷର ବୈଦିକ ଆଦର୍ଶ ଓ ପ୍ରତୀକମାନଙ୍କୁ ଅବଲମ୍ବନ କରି ସୃଷ୍ଟ ହୋଇଥିଲା ତାହା ମଧ୍ୟ Havell କହନ୍ତି ।

କିନ୍ତୁ ଏ ପ୍ରବନ୍ଧ ଆପଣମାନଙ୍କର ଧୈର୍ଯ୍ୟଚ୍ୟୁତି ଘଟାଇଥିବ ବୋଲି ମୋତେ ଭୟ ହେଲାଣି । ଏହାର ପ୍ରଥମାଂଶରେ ମୁଁ ଉପନିଷଦରୁ ବହୁ ଗୋଟି ଶ୍ଳୋକ ଉଦ୍ଧାର କରିଥିଲି, କାରଣ ଯେଉଁ ଦାର୍ଶନିକତାକୁ ଆଶ୍ରୟ କରି ଏ ଦେଶର ଶିଳ୍ପକଳାର ଅଭ୍ୟୁତ୍ଥାନ ଘଟିଛି ବା ଘଟିଥିଲା ତାହା ସହିତ ପରିଚିତ ନ ହେଲେ ପ୍ରାଚ୍ୟଶିଳ୍ପକୁ ବୁଝିବା ଅସମ୍ଭବ । ସେହି ଶ୍ଳୋକ ଗୁଡ଼ିକୁ ଅବଲମ୍ବନ କରି କେତୋଟି ମୂର୍ତ୍ତି ବ୍ୟାଖ୍ୟା କରିବାର ଉଦ୍ଦେଶ୍ୟ ମୋର ଥିଲା । କିନ୍ତୁ ତାହା ସ୍ଥାନକାଳୋଚିତ ହେବ ନାହିଁ ବୋଲି ମୁଁ ମନେ କରୁଛି । କେବଳ ଏତିକି ମାତ୍ର କହିବି ଯେ ଭାରତୀୟ ଶିଳ୍ପସୃଷ୍ଟିରେ ଯାହା କିଛି ଆମ୍ଭେମାନେ ଦେଖୁଁ,—କ୍ଷୀଣ କଟି, ସୁଦୀର୍ଘ ଅଙ୍ଗୁଳି ବା ବାହୁ ପ୍ରଭୃତି, ଦେବତାର ବାହନ, ଅସ୍ତ୍ର ଇତ୍ୟାଦି ପ୍ରତ୍ୟେକ ବିଷୟର ଗୋଟିଏ ଗୋଟିଏ ସୁନିର୍ଦ୍ଦିଷ୍ଟ ଅର୍ଥ ଅଛି । କିନ୍ତୁ ଅନେକ ସମୟରେ ଶିଳ୍ପୀଙ୍କର ଅକ୍ଷମତା—ଦୋଷରୁ, ପୁଣି କେତେବେଳେ ବା ନିଜର ବୁଦ୍ଧି—ଦୋଷରୁ ତାହା ଆମ୍ଭମାନଙ୍କର ହୃଦୟକୁ ସ୍ପର୍ଶ କରି ପାରେ ନାହିଁ ।

ଏ ଦେଶର ଅତିମାନବ ବା ଦେବ ମୂର୍ତ୍ତିରେ କିପରି ଦୈହିକ ଆଦର୍ଶ ସୂଚିତ ହୋଇଛି ତାହା ଜାଣିବାକୁ ଆପଣମାନଙ୍କର କାହାରି କାହାରି କୌତୂହଳ ଥାଇପାରେ । ସେଥିପାଇଁ ମହାଭାରତରୁ କର୍ଣ୍ଣଙ୍କର ଦେହ ବର୍ଣ୍ଣନାଟି ତଳେ ଉଦ୍ଧାର କରୁଛି ।

ସୂର୍ଯ୍ୟଙ୍କୁ ଅବଲମ୍ବନ କରି ଏ ପ୍ରବନ୍ଧର ଆରମ୍ଭ ହୋଇଥିଲା, ବର୍ତ୍ତମାନ ସୂର୍ଯ୍ୟାତ୍ମଜଙ୍କୁ ଅବଲମ୍ବନ କରି ଶେଷ କରୁଛି, —

ଦତ୍ତାବକାଶଃ ପୁରୁଷୈର୍ବିସ୍ମୟୋତ୍ଫୁଲ୍ଲଲୋଚନୈଃ
ବିବେଶ ରଙ୍ଗଂ ବିସ୍ତୀର୍ଣ୍ଣଂ କର୍ଣ୍ଣଃ ପରପୁରଞ୍ଜୟଃ ।
ସହଜଂ କବଚଂ ବିଭ୍ରତ୍ କୁଣ୍ଡଲଦ୍ୟୋତିତାନନଃ;
ସ ଧନୁର୍ବଦ୍ଧ ନିସ୍ତ୍ରିଂଶଃ ପାଦଚାରୀବ ପର୍ବତଃ ।।
କନ୍ୟା ଗର୍ଭଃ ପୃଥୁଯଶାଃ ପୃଥାୟାଃ ପୃଥୁଲୋଚନଃ ।
ତୀକ୍ଷ୍ଣାଂଶୋ ର୍ଭାସ୍କରସ୍ୟାଂଶଃ କର୍ଣ୍ଣୋଽରିଗଣସୂଦନଃ ।
ସିଂହର୍ଷଭ ଗଜେନ୍ଦ୍ରାଣାଂ ତୁଲ୍ୟବୀର୍ଯ୍ୟପରାକ୍ରମଃ ।
ଦୀପ୍ତିକାନ୍ତି ଦ୍ୟୁତିଗୁଣୈଃ ସୂର୍ଯ୍ୟେନ୍ଦୁଜ୍ୱଲନୋପମଃ ।
ପ୍ରାଂଶୁଃ କନକତାଳାଭଃ ସିଂହ ସଂହନନୋ ଯୁବା
ଅସଂଖ୍ୟେୟଗୁଣଃ ଶ୍ରୀମାନ ଭାସ୍କରସ୍ୟାତ୍ମସମ୍ଭବଃ ।

Digitized by srujanika@gmail.com

ଅମା-ଚାନ୍ଦିନୀ

ଶ୍ରୀ କ୍ଷିତୀଶଚନ୍ଦ୍ର ଦେ

(୧)

ପୁରାତନ ଜୀର୍ଣ୍ଣ ସରୋବର,
ପାର୍ଶ୍ୱେ ବଟ, ସମ ପୁରାତନ;
ପ୍ରସାରିତ ଦୀର୍ଘଶାଖା ମେଲି
ରଖିଅଛି ଢ଼ାଙ୍କି ଅନୁକ୍ଷଣ ।

(୨)

ବୃଦ୍ଧବଟ ସବୁ ଆବର୍ଜନା
ଆପଣାର ଜୀର୍ଣ୍ଣ ଶରୀରର,
ବର୍ଷପାକ ଭାଳ ତାର ଦେଦେ
ନୀଳ ଜଳ କରେ ନୀଳତର ।

(୩)

ଘାଟଟି ବି ପଡ଼ିଲାଣି ଭାଜି
ସୋପାନର ଚିହ୍ନ ନାହିଁ ଆଉ;
ଶିଳାଟିଏ ଅଛି ଖାଲି ପଡ଼ି
ତୁଚ୍ଛ କରି ସମୟର ଦାଉ !

(୪)

ଚଉଦିଗ ତଟଭୂମି ଘେରି
କଣ୍ଟକିତ ନାଗଫେଣୀ ବଣ;
ବାକ୍ୟହୀନ ନିଶବ୍ଦ ନିଷେଧେ
ମନାକରେ ଜନ-ଆଗମନ ।

(୫)

ତଥାପି, ଏ ଜୀର୍ଣ୍ଣ ଅନ୍ଧକୂପେ,
ନିମ୍ନଗତ କଳୁଷିତ ସରେ,
ଆନନ୍ଦର ଉତ୍ସବର ବେଳ
ସାରାଦିନେ ଆସ ଖାଲି ଥରେ ।

(୬)

ପ୍ରତିଦିନ ଅତି ପ୍ରତ୍ୟୁଷରେ
ବାଜିଉଠେ ରଣି ଝିଣି ଝିଣି,
ତଟଭୂମି ମୁଖରିତ କରି
ବେନପାଦ ଝୁଣ୍ଟିଆ କଙ୍କିଣୀ ।

(୭)

ତରୁଣୀ ସେ, ନବ ବଧୂଟିଏ
ଅଦୂରର କୁଟୀରରୁ ଆସେ,
କକ୍ଷେ ଧରି ଶୂନ୍ୟ କଳସୀଟି
ସୁକୋମଳ ବାହୁଲତା-ପାଶେ ।

(୮)

ବେନପାଦ ଜଳତଳେ ରଖି
କ୍ଷଣକାଳ ବସେ ଶିଳାପରେ,
ଭସିଯାଏ କଳସୀଟି ଜଳେ
ପ୍ରଭାତର ମୃଦୁ ପବନରେ ।

(୯)

ସାନ ସାନ ଢେଉଗୁଡ଼ି ଆସି
ଭାଜିପଡ଼େ ବେନପାଦ ଛୋଇଁ,
ପୁରାତନ ଜୀର୍ଣ୍ଣ ସରୋବର
ହର୍ଷେ ଉଠେ ପୁଲକିତ ହୋଇ ।

(୧୦)

ତହୁଁ ସତେ ଭାଙ୍ଗିଯାଏ ନିଦ
ଚମକି ସେ ହୋଇଉଠେ ଠିଆ
ଲମ୍ଫଦେଇ ପଡ଼େ ଯାଇ ଜଳେ
ନାଚି ଉଠେ ସୁଖେ ତାର ହିଆ ।

(୧୧)

ଭସିବୁଲେ କ୍ଷଣକାଳ ପାଇଁ
ସର୍ପଗତି ନୀଳ ଜଳପରେ,
ପଦ୍ମପତ୍ର ଆନନଟି ତାର
ଲୀଳାସୁଖେ ମନ୍ଦା ତରଙ୍ଗରେ ।

(୧୨)

ତହୁଁ ଧୀରେ କଳସୀଟି ଧରି
ସିକ୍ତବାସେ ଉଠିଆସେ ବାଳା
ଖସିପଡ଼େ ସ୍ରସ୍ତ କବରୀରୁ
ରଜନୀର ବାସିଫୁଲ-ମାଳା ।

(୧୩)

ଝରୁଥାଏ ବିନ୍ଦୁ ବିନ୍ଦୁ ବାରି
ନିରୁପମ ନିଖିଳ ଅଙ୍ଗରୁ,
ବାହୁ, ଉରୁ କ୍ଷୀଣକଟୀ ତଟୁ
ସୁରୁଚିର ପୀନ ପୟୋଧରୁ ।

(୧୪)

ମନେହୁଏ, ମୂର୍ତ୍ତିମତୀ ଉଷା,
ଶୁଭ୍ରାଲୋକେ ଲଲାଟ ମଣ୍ଡିତା
ଧୌତ ତନୁ ଶିଶିର-ସମ୍ପାତେ
ଜ୍ୟୋତିର୍ମୟୀ ଅନବଗୁଣ୍ଠିତା ।

(୧୫)

କ୍ଷୁବ୍ଧ କ୍ଷୁଣ୍ଣ ଜୀର୍ଣ୍ଣ ସରୋବର,
ପଡ଼ିରହେ ଦୁଃଖେ ପଦତଳେ,
ସରିଯାଏ ଲହରୀର ଲୀଳା
ମୌନ ତାର ନୟନନ୍ଦ ଜଳେ ।

(୧୬)

ସିକ୍ତବାସ ଟୁପୁଡ଼ ଟୁପୁଡ଼,
ତଟେ ରଖି ସିକ୍ତ ପଦରେଖା
ଧୀରେ ଧୀରେ ଚାଲିଯାଏ ବାଳା
ଜୀର୍ଣ୍ଣ ସର ପଡ଼ିରହେ ଏକା !

Digitized by srujanika@gmail.com

ଟଙ୍କଧରଙ୍କ ଟିପ *

(ଗଷ୍ଟେଇ)

ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ

ଆପଣମାନେ ଜାଣନ୍ତି ଯେ ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ ଆଦି ସୁଖାଦ୍ୟର ସୁବନ୍ଦୋବସ୍ତ ଥିଲେ—ଏକାଦିକ୍ରମେ ଏକପ୍ରକାର ସୁସ୍ୱାଦୁ ଖାଦ୍ୟ ଖାଉଥିଲେ ଭୋଜନରେ ଅରୁଚି ଆସିଯାଏ । ସେତେବେଳେ ମୂଲ୍ୟହୀନ ଅମ୍ଳ ବା ତକ୍ରର ପ୍ରୟୋଜନ ହୁଏ—କେବଳ ରୁଚିର ପରିବର୍ତ୍ତନ ଓ ଖାଇବାର ସ୍ପୃହା ବଢ଼ାଇବା ପାଇଁ । ବର୍ତ୍ତମାନ ସେହି ଅବସ୍ଥା ପଡ଼ିଅଛି । ମୂଲ୍ୟବାନ ତତ୍ତ୍ୱପୂର୍ଣ୍ଣ ଭାବଗର୍ଭକ ଲେଖାବଳରେ ଅରୁଚି ଆସିବାର ଆଶଙ୍କା ହେଉଅଛି—ତେଣୁ ରୁଚିର ପରିବର୍ତ୍ତନ ପାଇଁ ଏହି ମୂଲ୍ୟହୀନ "ଟଙ୍କଧରଙ୍କ ଟିପ" ଖଟା ବା ପିତାର ଆୟୋଜନ ହୋଇଅଛି । ଏଥିରେ କାହାର ପ୍ରତି ବିଦ୍ରୂପ ବା ଆକ୍ରୋଶ କିଛି ନାହିଁ—କେବଳ ରୁଚି-ପରିବର୍ତ୍ତନର ଚେଷ୍ଟା ମାତ୍ର । ଆଉ ଏହି ଲେଖାରେ "ଟ" ଶବ୍ଦର ଅଭାବ ହେତୁ ସ୍ୱଭାବ ନଷ୍ଟ ହୋଇଅଛି । ସେଥିପାଇଁ କ୍ଷମା ପ୍ରାର୍ଥନା କରୁଅଛି ।

ଟାଇଁ ଟୁଇଁରେ tea—tobacco—ଟିହି ଟିହି ପାନ—ଟେଲା ଟେଲା ଅଫିମର ଟିକା ଟିପ୍ପଣୀ ଟଣାଓଟରାରେ ପଡ଼ିଛି—ଟିକ୍ କରି ସାହିତ୍ୟ-ସମାଜର ଟାଁସମାଲପାର ଟଙ୍କାର ଟାଣିଲା—ଟଣାଟଣି ହୋଇ ଟାଟି କଳ ଟୋକା ବୁଢ଼ା, ଟିପମରା ଟୋଲ ଟୋକା ଓ ଟୋକା ଟାଣୁଆ ଟାଉନ ସ: ଇ: ଟାଉନ ସ୍କୁଲରୁ ଟାଇଟ ହୋଇ ଆସିଲେ । ଟାଣପଣରେ ଟିପୁଣୀ ଦେଲେ:—Treasury of knowledge—Translator of Blue bird—ଟିକି ଟିକି ତତ୍ତ୍ୱ ଟୀକାକାରୀ—ସାହିତ୍ୟପଟୁ—ଆଜି ସାହିତ୍ୟ-ସମାଜର Treasure Trusty—କହି ଟଣକାଇଲେ; ମୁଁ ଟାଣହାତ ଟାହାଙ୍ଗିଲରୁ ଟାଣି ଆଣିଲେ । କରସମ୍ପୁଟରେ tender-hearted ଟ୍ରଷ୍ଟୀ ଗିରିଜାଶଙ୍କରଙ୍କ ସନ୍ନିକଟ ହେଲାରୁ ଉତ୍କଟ ଫକଟରୁ ଝଟପଟ୍ ପାର ହେଲି; ମାତ୍ର ନପଟ ଅପଟୁ ଟିପା—ଟ୍ରେସିଂକଲ୍ପଥରେ "ଟଙ୍କଧରଙ୍କ ଟିପ"ର true copy ଟି tenantର tenure ପରି ଟ୍ରଷ୍ଟୀଙ୍କ ନିକଟରେ ଟପକନା ପଡ଼ିଗଲା । ଟାଣ ଆଣା ତାହା tittle tattle କରି Trini Trotol' uol T. N. T. ରେ tavern ନଷ୍ଟ ହେବ—ଟଲମଟଳକାରୀ ଗଞ୍ଜିକା ବିନଷ୍ଟ ହେବ—ପୁଷ୍ଟି Tonic Tonosumbulରେ ଟାଣ ହେବୁଁ । କାରଣ ଟ୍ରଷ୍ଟୀଙ୍କ ତାତ କେଷ୍ଟ ତାତ ଟଟାରଂ mother tongue ରକ୍ଷା କରିଥିଲେ ।

ଟାହି ଟାପରକାରୀ ଗଞ୍ଜିକା ମୋଟାମୁଟି Tobolsk ହୋଇ Tasimeter Europe—ଟାଣୁଆ Persia—Temparate Asia—ତଥା Tom Todlars' ground ଭାରତ tour କଲା ଟିପାକାର Moschion ଟିପା ଖାତାରେ ଟିପ୍ପଣୀ ଟିପିଛନ୍ତି ଖ୍ରୀଷ୍ଟପୂର୍ବ ୬୦୦ ବର୍ଷରେ ଗଞ୍ଜା ଘୋଟ ବାଟିଆ (ଦୌଡ଼)ରେ ଜାହାଜ ଟଣା ହୋଇଥିଲା ।

ଟପକନବିସ Herodotus, Hesychins ଟିଟ୍କାରରେ ଟଙ୍କାରନ୍ତି Thracian ଟୁକେଲ ପଟ ପଟି ଗଞ୍ଜା ପାଟି ପତନ୍ନ ପଟା-ପଟି ଭୁଗୁଥିଲେ । Teutonic Settlers (Anglo-saxon) ମୋଟରେ ଘଟାଟୋପ ଘଟା କରି ଚଟାପଟି ଘଟାଉ ଥିଲେ । Central Europe ୧୫ ଖ୍ରୀଷ୍ଟାବ୍ଦରେ ଗଞ୍ଜିକା ପାଟି, ଜଟିଳ ଝଟପଟ ନିପଟି ଭାଟି ପରି ଟକାଟକ ଟାଉଟାରୀ କଲେ ।

ଏ ନଟକୁଟି ଧଟି triad ଗଞ୍ଜିକା oriental countryରେ time immemorial କାଳରୁ ବିଶେଷତଃ ଟଙ୍କଧରଙ୍କ timeରୁ ଭାରତରେ ତାର toxicology—taxology—texture ଓ tradeର triump ଟିମକର time ନାହିଁ କି televisionରେ ବି ଟୁଆ ମିଳୁ ନାହିଁ । କିନ୍ତୁ ଜଟାଜୁଟଧାରୀ-ବିରାଟ-ବୀକଟ-ନଷ୍ଟ-ଭ୍ରୁକୁଟି-ନୀଳକଣ୍ଠ—ନଟରାଜଙ୍କୁ, ଟହଲିଆ ନର୍ତ୍ତକୀ ଭ୍ରୁକୁଟି କଟିତଟରେ triplet ଗଞ୍ଜିକା ଟିପି ଟିପରେ ଠାସି ଟଙ୍କଧରଙ୍କ tower ହର୍ମ୍ମ୍ୟାଦ୍ରେ ଟେଣ୍ଡାଇଲେ—ଟକଟକ ଲାଲ କଟାକ୍ଷରେ ନଟରାଜ ଟାଙ୍ଗା ଛଡ଼ି ଟାହିଆ ଫିଙ୍ଗି ଟଳ ଟଳ ତାଣ୍ଡବ ନୃତ୍ୟ କଲେ ।

ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ Tien shan ତଟସ୍ଥ ଚୀନରେ ଏହାର Titbit ଟିପ୍ପଣୀ ହୋଇଛି । ଟଙ୍କଧରନାତ ଭାରତ—Teheran (Persia)—Transjordnia (Arabia)ରେ ଟଙ୍କଧରଙ୍କ ଟିପର treatment, Treadର ଟିପା ଟରଣୀମାନେ ଟର୍କ ପରି ପକାଇଲେ । Garcia d'orta ୧୫୬୩ରେ ଓ Treatise writer Berlu, Treasury of Drugରେ ୧୬୯୦ ରେ ଏହାର infatuating quality ଲେଖିଛନ୍ତି । ୧୮୦୯-୧୦ରେ De sacy ଓ Ranger ଟଲମଟଲକାରୀ ଟିମକହାର tremendous ନେପୋଲିଅନଙ୍କ ଇଜିପ୍ଟରେ Tom Tom ବଜାଇ ଟଙ୍କା ଟକର ଟାଣିବା time ରେ ଗଞ୍ଜିକା topics ପଢ଼ିଥିଲା ।

* ବାଙ୍କପଡା ସାହିତ୍ୟ-ସମାଜର ପଞ୍ଚମ ବାର୍ଷିକ ଅଧିବେଶନରେ ପଠିତ ।

Dr. O' Shaughnessy, Calcutta ରେ try କରି up to date tratise ଲେଖିଥିଲେ । ଏହାପରେ ନେହାଲ ନେକର କରି Taxila, Tripuri, Taingail, Travancore, Tamluk, Trichinpalli, Tigiria—Tentaposi—Tittagar ରେ ନମ୍ବର୍ ଦେଲା ।

ପନପନ ନାଣ ହୋନ୍ତର ପାନପଢନରେ ପେନ ପିଠି ଡାକି textile ନେକ ନେକ—ନପକା ପାନିରେ ଟାଣ tobacco ସହ ଧୂଆଁ ନାନି—Turbid ଘୋଡାଭଙ୍ଗ ନେକ—ଚନକ ଚନ୍ଦୁଲ ଚରସ ନେଣ୍ଡିଲେ—Turkeyର Hashish ନନ୍ଦି ନପି ନିକ ହୁଇଁଲା ।

ନାଙ୍ଗସମୁଣ୍ଡିଆ - ନେମ୍ଭେଇଗୋଡିଆ ଘମାଘୋନ ଭାଙ୍ଗ ଘୋଟି ଘୋଟି—ବାନେ ଘାନେ ଟାଙ୍ଗରରେ ଛେନ ଛେନ ନବ୍ କରୁଛନ୍ତି । ନପନ କପଟି—ଅପନପନ୍ତୁ ପେନ୍ତୁ ଧପନ ନପୁଡ଼ିଆଁ ମାରି --ପେନ ନୁମାନ୍ତୁମ କରି—ଭାଙ୍ଗରେ ପେନ ଫନାଇ ପକାନ୍ତି । ଦୁନନେଣା ଧୂଆଁ ଏଡେ ଟାଣ – ମନର ନାହାର ନିନ୍ଦବରେ ଠାସି-ଦେଲେ ନିନ୍ଦବ burst କରିବ—ନପକ ନବସି କରିବାକୁ ପାନି ଫିଟିବ ନାହିଁ । Tincture Canabisରେ ନୁଇଁ ନାଇଁ ହୋଇ ମୁଣ୍ଡ ନୁଙ୍ଗାର ଢାନକାରେ ଗହି toy ହେବାକୁ ହୁଏ । ନିକ ମନ୍ଥି ନିକି ଚଢ଼େଇ tuning bird ର tune କରିଏ ।

ନେଶବାଡରୁ tomato—tamarind ଓ ନେମୁରୁ (କେନ୍) ପରି time to time triple ରୂପେ ଦେଖା ଦେଇ ନୂଆ ନାନକର ନାନ ଲଗାଉଅଛି । ନବ ନନପନଲମୁଲୁନ ଟାଣକଣ୍ଠ ଲୁନକପଟିଆ tremendous tyrant ଦୁଷ୍ଟ Tampico (Mexico) ର tobacco ମିଶା Marihuna (madness Drug) ବାହାର Tain (Scotland) Trinocomoli—Tasmania ଓ ନେପସ୍ ତନସ୍ତ ଲଣ୍ଡନକୁ ନାନ୍ତ୍କାର ମାରୁଛି । Tinevelly ରୁ Tibet ଡକ Tropic of Cancer ରୁ Tropic of Capricorn ଡକ ନେରେଇ ଡାନ୍କା ଦୃଷ୍ଟି କଲାଣି ।

ଜନାଜର୍ନ ନନନର୍ନା ହୋଇ—ନୋକା ନୋକି—ନିକି ଦନ୍ତୁ ନୁଆଁ ନୁଇଁ --ନସ୍ତର ନର୍ଣ୍ଣେଲୁ ସନାବନା କରୁଛି । ନଙ୍କଧରଙ୍କ ନିପରୁ ନିପେ —ଦୁନରୁ ଦୁନେ କି Turbid ଘୋଡା ଭାଙ୍ଗ ନୁଇଲାରୁ ନୋପେ—ନନ୍ଦି ବା ପେନଲୁ ନପିଲେ ନ୍ରେମେନ୍ଡାସ୍ trains of thought ନାଲୁକକ ଗିଲ ନାହୁଲ ନାପରି କରେ । ନିଁ କରାଘ—ନେକାନେକି—ନ୍ରେସପାସ—ହୁଏ । ନେହାନେହ ହୋଇ ନୋକେଇ ନୋକେଇ ଖାଆନ୍ତି । ନୁପା ନୁପା ନୋକେଇ ଲୁଣ୍ଡେଇ ଲୁନକ ଠାପନ୍ତି । କିଏ television—teligemy—telepatty—telescope ବା telephone ର ନପ୍ପା ମାରନ୍ତି । କିଏ ନୋକିଓରେ ନୋକ, Turkeyର Attaturk ଆଉ ହିନ୍ଲରର ସାଙ୍ଗ ଦେନୋ ଦେନୋ କହି ନଦ ନଦ ଅନହାସ କରି ଗଞ୍ଜିକା ଧୂଆଁରେ ଲୁହନିକା ସୃଷ୍ଟି କରନ୍ତି ।

କେତେ ନଲନଲାୟମାନ ନାକୁଆ ମୁହାଁ—ନନ୍ଦନଦ ଆଖି ନାଙ୍ଗର ମୁଣ୍ଡ ଜମାନ ଧୂଆଁ ଭିଡ଼ ନିନ୍ଦି--Tatller ବା Totanus ଭଳି ନେଣାନନି ହୋଇ ନୁର୍ନନ୍କେ୍ୟନରେ ନାଇନବକା-ବକି ହୋଇ—twin ପଦ ନେକ ଶୁଅନ୍ତି । କେହି ନୁଙ୍ଗିରେ ନାଙ୍ଗି ହୋଇ ନଙ୍କା ବଜାଇ tune ଧରି ନଙ୍କା ନଙ୍କା କହି ନଙ୍କାରନ୍ତି;-

କେତେ କପନ ଜାଣେ ନୁରୁ ନେସନାରେ
ନିକ ନେକ ନିପିଆଖି ଠସନାରେ
ନିପରେ ନେଙ୍କେ ଦୁସିଲା ନୁଙ୍ଗିରେ ନ୍ରାଙ୍କେ ବରଲା
ଠକ ଠାକ ଭରେ ସବୁ ପେନନାରେ ।

କିଏ ପୁଣି କାମ ନିମ୍ନର୍ଣା ନଗ୍ରସମ ମୋଦକରେ ନଙ୍କାରଢ ହୋଇ Triplane ରେ Tower ନପେ । ନପୁଡ଼ିଆଁ କାର୍ମା ଗଞ୍ଜିକା ନରକା Exhilarant Deliriant ଓ Hypnotic. Tripanosomiasis ବା twilight sleep କରିଏ । କେବେ temperature ନେକହୋଇ ନଲଯାଏ । ନାଙ୍ଗିଆର intoxication ରେ ନଙ୍ଗଣ ମଙ୍ଗଣ ହୋଇ ନ୍ରେମ୍ବଲଂ ଗେନ୍ ହୁଏ—ନହଲ ନକର କରେ—tolerance ଯୋଗୁଁ ନୁଇନାଇଁ ହୋଇ ନିକଜୀବନଅ ହୁଏ --Toxin ଯୋଗୁଁ ଦେହ ନେକ ପାରେନାହିଁ । ଶିଷ୍ଟମସ୍ତିଷ ଦୁଷ୍ଟ ହୋଇ କଷ୍ଟରେ ପିଷ୍ଟହୋଇ ନଷ୍ଟ ହୁଏ—ମାଟିରେ ମିନିମାନ୍ ହୁଏ ।

କିନ୍ତୁ ନେଣ୍ଠନ କନକନ୍ ମଲକଣ୍ଡକରେ—Troublesome ପେନକନା-- ଭଳନ ହାଲୁନି ଲୁନା Dyspepsia—gastralgia —Metrogoghia Continuous Headache ରେ—Tetanus ଓ ଇନ୍ନେସ୍ନିନେଲ, ବାଲ୍ୟାଚ ଉଁଲ କନକନିରେ ଉପକାର କରେ ।

ନନ୍ନନ୍ ଗଞ୍ଜିକା ଜନାଜନ୍ଧାରୀଙ୍କ ନିପରେ ନିପି ହୋଇ—ଜମାନଧୂଆଁ --ଏଭାରେଷ୍ଟରେ ରେଷ୍ଟ ନେଇ—ଟାଣମୁହାଁଙ୍କୁ ନାହୁଲଅ କରୁଛି । Triple Alliance (ହନାଥମେଳା) କୁ Tariff Board କରି tax ନିକଏ କମ କରି ନିକଜୀବନଅଙ୍କୁ ଟାଣ କରନ୍ତୁ । ଅଜ ଏତକ talk.

Digitized by srujanika@gmail.com

କୁହୁକ ବାଜି

ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି

"କାହିଁକି ଲୋ ରାଜତଟିଆ! କାହିଁକି କାନ୍ଦୁଛୁ, କଥା କଣ ?" ଏହା କହି ମାଧବ ମହାପାତ୍ରଙ୍କ ଭାରଯା ସାଧବାଣୀ ରାଜତଟିଆ ମୁହଁକୁ ଚାହିଁ ରହିଲେ ।

ରାଜତଟିଆର ଆଖିରୁ ଲୁହ ଧାର ଧାର ହୋଇ ଭାସି ଯାଉଥାଏ । ସେ ହପଟେ ରୁପାଖଡ଼ୁ ସାଆନ୍ତାଣୀଙ୍କ ଗୋଡ଼ ତଳେ ଥୋଇଦେଇ, ସକ ସକ ହୋଇ କହିଲା – ମା ସାଆନ୍ତାଣୀ, ମରୁ ଯାଇଥିଲା, ଏତକ ଥିଲା । ଫଟା କପାଳକୁ ତା ବି ରହିଲା ନାହିଁ । ପିଲାଗୁଡ଼ାକ ଉପାସଭୋକେ ଗଡ଼ି ମରୁଥିବେ, ମୁଁ ଖଡ଼ୁ ପିନ୍ଧି ବୁଲିବି କେମିତି ମା ? ଏତକ ନେଇ ମୋତେ ଉଦ୍ଧାର କର, ଯାହା ଦେଉଛ ଦିଅ, ତୁମ ଧର୍ମ ।

ଏହା କହି ରାଜତଟିଆ ଧକେଇ ହୋଇ କାନ୍ଦିବାକୁ ଲାଗିଲା । ତା ଦେଖି ସାଧବାଣୀଙ୍କ ଆଖି ଛଳ ଛଳ ହୋଇ ଆସିଲା । ସେ କହିଲେ—କାନ୍ଦନା, ରାଜତଟିଆ କାନ୍ଦନା । ଆଜି ଲକ୍ଷ୍ମୀବାର, ସକାଳଠାରୁ ଆଖିରୁ ଲୁହ ଗଡ଼ାନା । ଏ ଖଡ଼ୁ ହପଟେ ବନ୍ଧକ ଦେଇ କିଛି ନେବାକୁ କହୁଛୁ ନା, ଝିଅ ?

ରାଜତଟିଆ କହିଲା—ଆଉ ବନ୍ଧକ କଣ ମା ? କି ସମ୍ବଳ ଅଛି ଯେ ମୁକୁଳେଇବି ? ସେ କଥା କାହିଁକି ତୁଣ୍ଡରେ ଧରୁଛ ?

ଏହା କହି ସେ ତଳକୁ ମୁହଁ ପୋତି ରହିଲା । ସାଧବାଣୀ ବି କ୍ଷଣକାଳ ଚୁପ ରହିଲେ । ତା ପରେ ସେ କହିଲେ—ରାଜତଟିଆ, ଟିକିଏ ଏଠି ବସ । ଏ ଖଡ଼ୁ ହପଟେ ତୋ ପାଖରେ ଥାଉ, ମୁଁ ଆସୁଛି ।

ସାଧବାଣୀ ଘର ଭିତରକୁ ଗଲେ । ପୁଅ ରାଜୀବଲୋଚନଙ୍କୁ ଡାକି କହିଲେ—"ରାଜୀବ, ସକାଳୁଁ ତୋ ପାଖରେ ଗୋଟାଏ ଅଳି କରିବି, ତୁ ନାସ୍ତି କରିବୁ ନାହିଁ ।"

ରାଜୀବଲୋଚନ ସାଧବାଣୀଙ୍କ ବଡ଼ ପୁଅ । ଡାକ୍ତରୀ ପାସ କରି ପାଞ୍ଚ ଛଅ ବର୍ଷ ହେଲା ଡାକ୍ତର ହୋଇଛନ୍ତି । ଆଖ ପାଖ ପଚାଶଖଣ୍ଡ ଗାଁ ଭିତରେ ନାଁ ଡାକ । ହାତ ତ ଧନ୍ୱନ୍ତରୀ ହାତ । ତା ଛଡ଼ା ରାଜୀବଲୋଚନଙ୍କ ପରି ଲୋକ ହଜାରକେ ଗୋଟିଏ ମିଳିବା କଠିନ । କେତେ ଗରିବ ମଲୁଙ୍କୁ ସେ ହାତରୁ ପଇସା ଖର୍ଚ୍ଚ କରି ଭଲ କରିଛନ୍ତି ତାର ସଂଖ୍ୟା ନାହିଁ ।

ରାଜୀବ ମା'ଙ୍କ କଥା ବୁଝି ନ ପାରି ବାଲବାଲ ହୋଇ ମୁହଁକୁ ଅନାଇ ରହିଲେ । ମା ସାଧବାଣୀଙ୍କ ଆଖି ଦୁଇଟି ସେତେବେଳ-ଯାଏ ଛଳ ଛଳ ଦେଖାଯାଉଥିଲା । ସେ କହିଲେ—ମୋ କଥା ପରା ବୁଝି ପାରିଲୁ ନାହିଁ, ରାଜୀବ । ଟଙ୍କା ପାଞ୍ଚଟା ଦେ, ମୁଁ ସବୁ ହାଲ କହୁଛି ।

ରାଜୀବ ହସି ହସି ପଚାରିଲେ—ଅଗେ ହାଲଟା କଣ ଟିକେ ଶୁଣେ ମା ।

ସାଧବାଣୀ କହିଲେ—ଅରକ୍ଷିତ ପିଲାଗୁଡ଼ିକ ଗଡ଼ିଗଲେ ରେ ରାଜୀବ !

ରାଜୀବ ଆଶ୍ଚର୍ଯ୍ୟ ହୋଇ ପଚାରିଲେ—କାହାର ?

ସାଧବାଣୀ କହିଲେ—ସେଇ ସନେଇ ପାତ୍ରର, ଆଉ କାହାର ! ଲୋକଟା କି କୁଲକ୍ଷଣରେ ଅଫିମ ଅମଲ କରିଥିଲା ରେ ରାଜୁ, ଅବସ୍ଥା କହିଲେ ନ ସରେ । ଭୂଆସୁଣୀଟା କି ହନ୍ତସନ୍ତ ହଉଚି । ପିଲାଝିଲା ଚାରିପାଞ୍ଚଟା । ମରଦଟା ଯାହା ରୋଜଗାର କଲା ସେତ ଅଫିମରେ ଗଲା । କଣ ଭୂଆସୁଣୀଟା ଘରୁ ଗୋଡ଼ କାଢ଼ି ସାଇରେ ବୁଲି ଧାନ କୁଟିଲା । ଧାନ କୁଟି ପୁଣି କେତେ ଆଣିବ ଯେ ପିଲାଝିଲାଗୁଡ଼ାକ ନେଇ ଚଳିବ ? ଘରକରଣା ଜିନିସ ଯାହାଥିଲା, ସବୁ ଗଲା । ଗହଣାଗଣ୍ଠି ହଖଣ୍ଡ ବି ହାତରେ ରହିଲା ନାହିଁ । ଆଜି ସକାଳୁ ରାଜତଟିଆ ଆସି ବାଡ଼ିହୁଅରେ ବସିଛି । ହାତରେ ହପଟେ ଖଡ଼ୁ ଥିଲା, ସେତକ ବନ୍ଧା ଦେଇ କିଛି ନେବାକୁ ଆସିଛି । ସେତକ ଗଲେ ସବୁ ସରିଲା । ରାଜୁ, ଖଡ଼ୁ ହପଟେ ମୋ ଆଗରେ ଯେତେବେଳେ ସେ ଥୋଇ ଦେଲା, ସେତେବେଳେ ତା ଆଖିରୁ ଲୁହ ଧାର ଧାର ହୋଇ ଗଡ଼ିପଡ଼ିଲା । ମୋ ହୃଦ ସହିଲା ନାହିଁ । ସେ ଖଡ଼ୁ ବନ୍ଧା ରଖିବାକୁ ମୋ ମନ ବଳିଲା ନାହିଁ । ଛି, ସେ ତ ଖଡ଼ୁ ନୁହେଁ,—ଅସହାୟ ପୁରୁଷର ତତଲା ଲୁହ । ସେଥିଲାଗି ତୋତେ କହୁଛି—ଟଙ୍କା ପାଞ୍ଚଟା ଦେ, ଗରିବଘର କୁଆପିଲାଗୁଡ଼ିକ ବଞ୍ଚିଯାଆନ୍ତୁ ।

ରାଜୀବଲୋଚନ ଟିକିଏ ଭାବି କହିଲେ—ଅଚ୍ଛା, ମା, ତୁ ଆଜି ତାକୁ ପାଞ୍ଚ ଟଙ୍କା ଦେଲେ କଣ ସେଥିରେ ଜୀବନସାରା ଚଳିବ ? ଏ ତ ଦିନ ଅଧିକର କଥା ନୁହେଁ, ସବୁଦିନକା କଥା । ସବୁଦିନେ ଯେପରି ସେମାନେ ଚଳିବେ ତାର କିନାରା କଲେ ସିନା ହେବ ।

ମା କହିଲେ ଆଉ କି କିନାରା, କହ ।

ରାଜୀବ ପଚାରିଲେ—ଆଚ୍ଛା ମା, ସନେଇ ପାତ୍ରଟା କେତେ ଅଫିମ ଖାଏ ?

ସାଧବାଣୀ ଉତ୍ତର ଦେଲେ—ଶୁଣିଥିଲି, ଅଧଲାକର ଖାଉଁ ଖାଉଁ ଆଜି ଆସି ଚାରିଅଣାରେ ପହଞ୍ଚିଲାଣି । ଦିନସାରା ଖଟି ଖଟି ମଜୁରି ପାଇବ ଚାରିଅଣା କି ପାଞ୍ଚଅଣା, ସେତକ ତ ଅଫିମ ଶୋଷି ନେଲା— କୁଟୁମ୍ବ ପୋଷିବ କେମିତି ?

ରାଜୀବ ଏହା ଶୁଣି ଅବାକ୍ ହୋଇଗଲେ । କହିଲେ—କଣ କହୁଛୁ ମା ? ଅଲକ୍ଷଣା ଚାରିଅଣାର ବିଷ ଦିନରେ ଗିଳୁଛି !

Digitized by srujanika@gmail.com

ଛି ଛି ଛି. କି ବଦ୍ ଅଭ୍ୟାସ ! ଭଗବାନ୍ କେବେ ଆମ ଜାତିକି ସୁବୁଦ୍ଧି ଦେବେ,—ଆମ ଜାତିଟା ଏ ଅଫିମ ଦାଉରୁ ରକ୍ଷା ପାଇବ ।

ଏହା କହି ସେ ମୁଣ୍ଡରେ ହାତ ଦେଲେ । ତାପରେ ମା ସାଧବାଣୀଙ୍କୁ କହିଲେ—ମା, ସନେଇ ପାଖଠାରୁ ଅଫିମ-ଅଭ୍ୟାସ ଛଡ଼ାଇବାକୁ ହେବ ।

ସାଧବାଣୀ ପଚାରିଲେ—କଣ କହୁଛୁରେ ରାଜୀବ ? ଅଫିମ ଛାଡ଼ିଲେ ଲୋକଟା ବଞ୍ଚିବ ନା ?

ରାଜୀବଲୋଚନ କହିଲେ—ଖୁବ୍ ବଞ୍ଚିବ । ସେ କଥା ମୁଁ ଲେଖି ଦେଇପାରେଁ । ତେବେ ଆଜି ରାଉତଝିଅଙ୍କୁ କିଛି ଦେଇ ବିଦା କରିଦେ । ମୁଁ ପରେ ସେ କଥାର ଗୋଟାଏ କିଛି କିନାରା କରିବି । ଏହା କହି ସେ ହାତବାକ୍ସରୁ ପାଞ୍ଚଟି ଟଙ୍କା କାଢ଼ି ସାଧବାଣୀଙ୍କ ହାତରେ ଦେଲେ । ଆଉ କହିଲେ—ରାଉତଝିଅଙ୍କୁ କହିଦେ, ମୁଁ କାଲି ସକାଳେ ସନେଇଘରକୁ ଯିବି । ସେ ଯେପରି ସେତେବେଳେ ଘରେ ଥାଏ । ତା ସାଙ୍ଗରେ ମୋର କଥାବାର୍ତ୍ତା ଅଛି ।

ମା ଟଙ୍କା ପାଞ୍ଚଟି ନେଇ ରାଉତଝିଅ ହାତରେ ଦେଲେ, ଆଉ ତାଙ୍କୁ ସବୁକଥା କହିଲେ । ସାଧବାଣୀ ଖଡ଼ୁ ଦିପଟ ରଖିଲେ ନାହିଁ, ବଳାତ୍କାର କରି ରାଉତଝିଅ ହାତରେ ପିନ୍ଧାଇଲେ । କହିଲେ—ଦେଖ୍ ରାଉତଘର ଝିଅ, ଅହିଅ ମାଇକିନା ହୋଇ ଗୁରୁବାର ପରିଦିନେ ହାତରୁ ଖଡ଼ୁ କାଢ଼ିଲେ ଲକ୍ଷ୍ମୀଠାକୁରାଣୀ ପରା ରୁଷିବେ ।

ରାଉତଝିଅ ଫିଁକରି ଗୋଟାଏ ନିଃଶ୍ୱାସ ପକାଇ ଓ ଆଖି ଛଳ ଛଳ କରି କହିଲା—ଲକ୍ଷ୍ମୀଠାକୁରାଣୀଙ୍କର ଆଉ ରୁଷିବାକୁ ବାକି ଅଛି ନା ମା ?

ଯାହାହେଉ ସାଧବାଣୀ ତାଙ୍କୁ ଅନେକ କଅଁଳ କଥା କହି, ବୁଝାଇ ସୁଝାଇ ବିଦା କରିଦେଲେ ।

ପରଦିନ ରାଜୀବଲୋଚନ ଯାଇ ସନେଇ ଘର ଦୁଆରେ ଠିଆ ହୋଇ ଡାକଦେଲେ—କିଆଡ଼େ ଗଲୁ ହୋ ପାଣେ ।

ସନେଇ ଅସ୍ତବ୍ୟସ୍ତ ହୋଇ ଘରୁ ବାହାରି ଆସିଲା ।

ବିନୟରେ କହିଲା—ସାଆନ୍ତଙ୍କ ପାଦଧୂଳି ଆଜି ମୋ ଦୁଆରେ ପଡ଼ିଲା, ମୋର କେଡ଼େ ଭାଗ୍ୟ ।

ଏହା କହି ସେ ପିଣ୍ଡାରେ ଖଣ୍ଡେ ମସିଣା ପକାଇଦେଲା । ରାଜୀବଲୋଚନ ସେଥିରେ ବସି କହିଲେ—ଆସ ସନେଇ, ମୋ ପାଖରେ ବସ, ତୋର କଥାବାର୍ତ୍ତା ଅଛି ।

ସନେଇ ପାଖରେ ନ ବସି ଖଣ୍ଡେ ଦୂର ଛଡ଼ାରେ ବସିଲା । ରାଜୀବଲୋଚନ ଅନେକ ବେଳଯାଏଁ ତା ସାଙ୍ଗରେ କଥାଭାଷା ହେଲେ । କେତେ କେତେ କଥା ପଡ଼ିଲା, ତାଭିତରେ ଅଫିମ କଥା ବି ପଡ଼ିଲା । ରାଜୀବ ଠିକ ଠିକ କରି ସବୁ ବିଷୟ ବୁଝିଲେ । ସନେଇର ଅଫିମଖିଆ କେମିତି ଆରମ୍ଭ ହେଲା, କେମିତି ବଢ଼ିଲା, କାହିଁକି ସେ ଅଫିମ ଛାଡ଼ି ଦେଉ ନାହିଁ,—ଏ ସବୁ କଥା ଆଲୋଚନା ହେଲା । ସନେଇ କୁବୁଦ୍ଧିରେ ପଡ଼ି ଅଫିମଖିଆ ଆରମ୍ଭ କରିଥିଲା । ବର୍ଷ ପାଞ୍ଚତଳେ ତାକୁ ନିତି ଟିକିଏ ଟିକିଏ ଗୁମୁରିଆ ଜ୍ୱର ହେଉଥିଲା । ହାଡ ହାଡ ଧୋଳାଇ ହେଉଥିଲା । ଧନୀ ବେହେରା ବୋଲି ତାର ଜଣେ ସାଙ୍ଗ, ସେ ଅବକାରୀ ପିଆଦା । ସେ ପ୍ରତିଦିନ ଅଫିମ ଖାଏ । ସନେଇ ଯେତେବେଳେ ତା ଆଗରେ ନିଜର ହାଲ କହିଲା, ସେ ଉପାୟ ବତାଇଲା—ସାଙ୍ଗ, ଟିକିଏ ଅଫୁ ପକାଅ ମ, ବହୁତ କାମ ଦେଖେଇବ । ଜ୍ୱର, ନିସମ, ଧୋଳା, ବିନ୍ଧା ସବୁ କୁଆଡ଼େ ଏକା ରାତିକେ ଉଡ଼ିଯିବ । ଧନୀ ବେହେରା କଥା ମାନି ସନେଇ ଅଫୁ ଧଇଲା । ଏହି ହେଲା ଆରମ୍ଭ । ତା ପରେ ଅଫୁର ମାତ୍ରା ବଢ଼ି ବଢ଼ି ଚାଲିଲା । ଟିକିକରେ ଯେତେ କାମ ଦେଖାଇବ, ଠେଲାକରେ ତା'ଠାରୁ ଢେର୍ ବେଶୀ ଦେଖାଇବ ମନେ କରି ସନେଇ ଠେଲାଏ ଠେଲାଏ ଚଳାଇଲା । ଖାଲି ସେତିକି ନୁହେଁ । ଅଫୁ ଖୋଜେ ଗୁଡ୍, କହେ ହେରୁ ଲାଡ୍ । ସନେଇ ଭଲ ଭଲ ଗୁଡ୍ ଚାଖିଲା । ବେଶ୍ ନିଶା ହେଲା ଓ ତୁଣ୍ଡ ସୁଆଦ ମେଣ୍ଟିଲା । ଅଧଲାକରୁ ଆସି ଅଫୁ ଖର୍ଚ୍ଚ ଚାରି ଅଣାରେ ଠେକିଲା । ଘର ଦ୍ୱାର ନିକାଶ ହେଲା, ଭାରିଯାର ଗହଣାଗଣ୍ଠି ବିକା ପଡ଼ିଲା,—ପୁଅ ଝିଅ ଅଭେକା ହେଲେ । କିନ୍ତୁ ଅଫିମ ଅଭ୍ୟାସ ଜବ୍ବର ହୋଇ ରହିଲା । ସନେଇର ଧାରଣା,—ଅଫିମ ଗଲେ, ପ୍ରାଣ ଯିବ ।

ରାଜୀବଲୋଚନ ସନେଇକୁ ବୁଝାଇଲେ । କହିଲେ—ଦେଖ ସନେଇ, ଲୋକ ଠକି ଶିଖେ । ଗୋଟାଏ କୁପରାମର୍ଶରେ ପଡ଼ି ମଣିଷ ବୁଦ୍ଧି ହଜେଇଥାଏ । ସତ୍ ବାଟ ଛାଡ଼ି ଅସତ୍ ବାଟ ଧରିଥାଏ । ତମେ ସେହିପରି ଜଣକର ଅସତ୍ ପରାମର୍ଶରେ ପଡ଼ି ଅଫିମ ଖାଇଲ, ତମକୁ ମନ୍ଦବୁଦ୍ଧି ହଣିଲା । ଫଳରେ ଯାହା ହେଲା ତାହା ତ ଦେଖିପାରୁଛ । ଅଫିମ ଗୋଟାଏ କମ୍ ରାକ୍ଷସ ନୁହେଁ । ସେ ମଣିଷକୁ ରସାତଳକୁ ନେଇଯାଏ । ତମର କେଡ଼େ ସୁଖର ସଂସାର ଥିଲା । ଭଗବାନ ଦୟାକରି ତମକୁ ପିଲାଝିଲା ପାଞ୍ଚଟି ଦେଇଥିଲେ । ଆଜି ଅଫିମ ପାଲରେ ନ ପଡ଼ିଥିଲେ, ତମ ଘରେ ତମେ ରାଜା ହୋଇଥାନ୍ତ, ଦି ପଇସା ଅର୍ଜ୍ଜନ କରି ଆନନ୍ଦରେ ଚଳୁଥାନ୍ତ । ପେଟପାଇଁ ବାରଦ୍ୱାର ଶୁଣିପିଣ୍ଡା ହେବାକୁ ତମ ପିଲା କବିଲାଙ୍କୁ ପଡ଼ନ୍ତା ନାହିଁ । ଯାହାହେଉ ଜୀବନରେ ତ ଗୋଟାଏ ଭୁଲ କରିଛ । ଭୁଲ ବି ଅନେକ ଲୋକ କରିଥାନ୍ତି । ମଣିଷ ହୋଇ ଭୁଲ କାହାରକୁ ଛାଡ଼ି ନାହିଁ । ତମ ଆମ କଥା କଣ କହୁଛ । ଅଚ୍ଛା ଅଚ୍ଛା ଜାଣିଲା ବୁଦ୍ଧିଆ ଲୋକ ବି ଭୁଲ୍ କରନ୍ତି । କିନ୍ତୁ ସେମାନେ ଯେତେବେଳେ ତା ଜାଣି ପାରନ୍ତି, ସେତେବେଳେ ସେ ଭୁଲ ସୁଧାରିବାକୁ ଯାଆନ୍ତି । ପୁଣି

Digitized by srujanika@gmail.com

ସେମାନଙ୍କ ଭାଗ୍ୟ ହସି ଉଠେ, ଜୀବନରେ ସୁଖ ଫୁଟେ । ତମର କି ତାହା ନ ହେବ କାହିଁକି ? ଏକା ଅଫିମ ଯୋଗେ ସିନା ଏତେ ସବୁ ହେଲା । ତାକୁ ଛାଡ଼, ମୋ ବଡ଼ପଣ କଥା ମାନ । ଦେଖିବ ତମ ଜୀବନରେ କି ଚାନ୍ଦିନୀରାତି ଆସିବ, ଅନ୍ଧାର କଟିଯିବ ।

ସନେଇ କହିଲା—ସେ କି ସହଜ କଥା ବାବୁ? ଜାଣି ଶୁଣି ହିକ୍‌ମାର ବୁଦ୍ଧିତ କରଛି । ଏବେ ତା ଛାଡ଼ିପାରୁଛି କେଉଁଠି । ଛାଡ଼ିଲେ ଯେ ଠକ୍‌ପର ପ୍ରାଣ ଯିବ ।

ରାଜୀବଲୋଚନ କହିଲେ—ତା ଯିବ ନାହିଁ ସନେଇ, ସେଥିପାଇଁ ମୁଁ ଦାୟୀ । ମୁଁ ତାର ଉପାୟ କରିବି, ତମକୁ କଣ ମାରଦେବାପାଇଁ ମୁଁ ଚାହେଁ ?

ସନେଇ କହିଲା—ସାଆନ୍ତେ ମରଯାଉଥିବା ଲୋକଙ୍କୁ ଜିଆଉଛନ୍ତି । ମୋତେ ମାରଦେବାପାଇଁ ଚାହାନ୍ତି ବୋଲି କିପରି କହିବି? ତେବେ ଅଫିମ ଚଟ୍ କରି ଛାଡଦେଲେ ଲୋକେ ମରଯାନ୍ତି ବୋଲି ମୁଁ ଶୁଣିଛି ।

ରାଜୀବ କହିଲେ—ଯାହା ଶୁଣିଛ, ଶୁଣିଥାଅ । କିନ୍ତୁ ମୁଁ ଏପରି ଔଷଧ ଦେବି, ଯେପରି କି ତମେ ଅଫିମ ଛାଡଦେଲେ ବି କିଛି କ୍ଷତି ହେବ ନାହିଁ ।

ସନେଇ ପଚାରିଲା—କାମ ଦାମକୁ ତାକତ୍ ପାଇବ ନା ବାବୁ?

ରାଜୀବ କହିଲେ—ଖୁବ୍ ପାଇବ । ସେଥିରେ ଆଉ ଏକପ୍ରକାର ଦବେଇ ମିଶେଇ ଦେଇଥିବି । ତାକୁ ଖାଇଲେ ଦେହରେ ଭାରି ବଳ ଆସିବ । ତମେ ନିଜେ ତାହା ବୁଝିପାରିବ ।

ପରଦିନଠାରୁ ସନେଇ ଅଫିମ ଛାଡିଲା । ରାଜୀବଲୋଚନ ଦବେଇ ଦେଲେ । ପହିଲେ ପହିଲେ ଦିନକୁ ତିନିପାନ କରି ତାହା ଖାଇବାକୁ ପଡ଼ିଲା । ତା ପରେ ଦି’ ପାନ, ତା ପରେ ପାନେ, ତା ପର ଅଧପାନେ, ଶେଷକୁ ଶୂନ୍ । ରାଜୀବଲୋଚନଙ୍କ କଥା ଅନୁସାରେ ସନେଇ ଏହି କ୍ରମରେ ଦବେଇ ଖାଇଲା । ପନ୍ଦର ଦିନ ଏହିପରି କଲା । ପ୍ରଥମେ ଯେବେ ରାଜୀବ ଔଷଧ ଦେଲେ, ସେତେବେଳେ କହିଥିଲେ—ଦେଖ୍ ସନେଇ, ଯେତେ ଦିନ ତିନି ପାନ ଲେଖାଏଁ ଔଷଧ ପେଟରେ ପଡୁଥିବ ସେତେ ଦିନ ଟିକିଏ ଟିକିଏ ନିଶା ହେଉଥିବ । ଦବେଇ ମାତ୍ରା କମିଲେ ନିଶାବି କମିଯିବ । ପନ୍ଦର ଦିନ ଗଲେ କିଛି ଦୋଷ ରହିବ ନାହିଁ । ଅଫିମଖିଆ ଅଭ୍ୟାସ ତ ଛାଡିଯିବ, ତା ଛଡ଼ା ଦେହରେ ଭାରି ଜୋର ଆସିବ ।

ପ୍ରଥମ ଦିନ ଦବେଇ ଖାଇବାରେ ସନେଇକୁ ଖୁବ୍ ନିଦ ହେଲା । ତହିଁ ଆର ଦିନ ରାଜୀବ ଆସି ପଚାରିଲେ—କିହୋ ସନେଇ କେମିତି ଅଛ ?

ସନେଇ କହିଲା—ସାଆନ୍ତେ, ଯାହା କହିଥିଲେ ସେଇୟା । ଅଫିମ ଖାଇବା ବେଳ ଟିକିଏ ଗଡ଼ିଗଲେ ହାତ ଉପରେ ହାଇ ଆସେ । ଗୋଡ଼ ହାତ ଖଣ୍ଡ ଖଣ୍ଡ ହୋଇପଡିଲା ପରି ଜଣାଯାଏ । କାଲି ଆଉ ହାଇ ନା ଫାଇ । ସାଆନ୍ତେ ଯେଉଁ ତିନିପାନ ଦବେଇ ଦେଇଥିଲେ, ତାକୁ ଜବୁର କରି ପକାଇଦେଲି । ତା ପରେ ତ ସାତ ତାଳ ଉଞ୍ଚରେ ନିଦ ମାଡ଼ି ଆଇଲା । ନିଘୋଡ଼ ନିଦ, ମୁଁ ତ ଶୋଇଛି । ଫୁଲସଞ୍ଜବେଳୁ ଶୋଇଛି ଯେ ଉଠିଲା ବେଳକୁ କାଉ କା-କା କରୁଛି । ବଡ଼ ଲାଏକ ଦବେଇ, ଯାହାକୁ କହନ୍ତି ଦବେଇ ତ! ରାଜୀବ ଅଳ୍ପ ଟିକିଏ ହସିଦେଇ ଚାଲିଗଲେ ।

ରାଜୀବଲୋଚନଙ୍କ ଦବେଇ ଖାଇ ସନେଇ ଅଫିମ ଛାଡିଲା । ଅଫିମ ବାବଦ୍ ରୋଜ୍ ରୋଜ୍ ଚାରିଅଣା କେଉଁଠୁ ଯାଉଥିଲା । ସେ ଚାରିଅଣା ବଞ୍ଚିଗଲା । ସନେଇ ମୂଲ ଲାଗି ପ୍ରତିଦିନ ମଜୁରି ଆଣେ । ସେ ବାବଦ ପାଞ୍ଚଅଣା ପଇସା ହାତକୁ ଚଢ଼େ । ତା ଛଡ଼ା ରାଜୀବଲୋଚନ ଆଉ ଗୋଟାଏ ଫିକର ବତେଇ-ଦେଇଥାନ୍ତି । ବାଡ଼ିରେ ସେ ଚାରି କିଆରି ଶାଗ ବୁଣି ଦେଇଥାଏ, ଆଉ ପିଆଜ ରସୁଣ କି ମନାଏ କରିଥାଏ । ଅନେକ ସମୟରେ ସେଇଥିରୁ ତରକାରି ଖର୍ଚ୍ଚ ଚଳିଯାଏ । ରାଉତାଣିଅ ଦିନବେଳେ ଶୁଖିଲା ପତର, ଝାଣ୍ଟି-କାଠି କିଛି ସଂଗ୍ରହ କରିଥାଏ । ସେ ଜାଳ-ତକକ ଚୁଲିଇ ନିଏ । ରାଜୀବଲୋଚନ ଗୋଟାଏ ଅରଟ ବନାଇ ଦେଇଥାନ୍ତି । ବସିଲା ବଖତରେ ରାଉତାଣିଅ ସେଥିରେ ସୂତା କାଟେ । ମାସକୁ ମାସ ସେ ସୂତାତକ ତନ୍ତୀ ଘରକୁ ଦେଇ ଲୁଗା ବୁଣାଇ ଆଣେ । ପାଞ୍ଚପୁଅର ସଂସାରଟି ଏହିପରି ଭାବରେ ସୁରୁଖୁରୁରେ ଚଳିଯାଏ । ଅଫିମ ଛାଡ଼ିଲା ଦିନଠାରୁ ତାର ଅବସ୍ଥା ଅନ୍ୟ ପ୍ରକାର ।

ଦିନେ ସନେଇ ମହା ଆନନ୍ଦରେ ଆପଣା ପିଣ୍ଡାରେ ବସି ପିଲାଝିଲାଙ୍କୁ ନେଇ ଖେଳାଉଛି । ଡାହାଣିଅ ଖରା ଏଠି ସେଠି ଟିକିଏ ଟିକିଏ ପଡୁଛି । ଦିନ ଉତରତ ହେଉଛି । ରାଜୁବାବୁ ବୁଲି ବୁଲି ଆସି ସେଠାରେ ପହଞ୍ଚିଗଲେ, ସନେଇର ଆଖି ତାଙ୍କ ଉପରରେ ପଡିଲା ମାତ୍ରେ ସେ ଧାଇଁଯାଇ ଦଣ୍ଡବତ ହେଲା । ରାଜୀବ ପଚାରିଲେ—କିହୋ ସନେଇ, ସବୁ ଭଲ ତ? ଆମ ବକ୍‌ସିସ୍ କାହିଁ?

ସନେଇ ଏ ଥଟ୍ଟାପଦକର ମର୍ମ ବେଶ୍ ବୁଝିପାରିଲା । କହିଲା—ସାଆନ୍ତେ, ଏ ଜୀବନଟା ତମ ହାତରେ ବକ୍‌ସିସ୍ । ଆଉ ମୁଁ କି ବକ୍‌ସିସ୍ ଦେବି ସାଆନ୍ତେ?

ରାଜୀବଲୋଚନ ପଚାରିଲେ—ଆଚ୍ଛା, ସନେଇ, ଆଉ ଅଫିମ ଖାଇବାକୁ ମନ ହେଉଛି ନା?

ସନେଇ କହିଲା—ଛି-ଛି ସାଆନ୍ତେ, ପଛେ ବିଷ କି ଜହର ଦେବେ ଖାଇବି, ସେ ହିକ୍‌ମାର ବୁଦ୍ଧି ଆଉ କରିବି ନାହିଁ । ଏତେ କଷ୍ଟରେ ଯାହାକୁ ସାଆନ୍ତେ ମହିମା ଛଡ଼ାଇଛନ୍ତି, ସେ ବିଷ ଆଉଥରେ ପୁଣି ଗିଳିବାକୁ ମନ କରିବି । ରାମ୍, ରାମ୍, ରାମ୍!

Digitized by srujanika@gmail.com

ରାଜୀବ କହିଲେ—ସନେଇ, ଔଷଧଟା ଯେ ଦେଇଥିଲି ସେଇଟା ଖୁବ୍ କାମ ଦେଖେଇଛି, ନୁହେଁ କି?

ସନେଇ ଜବାବ ଦେଲା—ତା ପୁଣି ଧନ୍ୱନ୍ତରୀ ସାଆନ୍ତେ! ସାଆନ୍ତଙ୍କ ହାତ ଦବେଇ, ସେ ତ ଆଉ କାହାର ହାତ ନୁହେଁ।

ରାଜୀବ ଠୋ ଠୋ ହୋଇ ହସି କହିଲେ—ଠିକ୍ ଠିକ୍। ପାନଡେମ୍ବ ସାଙ୍ଗକୁ ଗୁଳୁଣାହାଡପୋଖଡର ରସ। ତହିଁରେ ଅସଲ ପହିଲା ନମ୍ବର ନାଲିରଙ୍ଗ। ମହା ମହା ରୋଗ ତ ଏଥିରେ ଭସ୍ମ ହୋଇଯିବ!

ଏହା କହି ସେ ଆଗ ଅପେକ୍ଷା ଆହୁରି ଜୋରରେ ହସିଲେ। ସନେଇ ଏ କଥାର ମର୍ମ କିଛି ବୁଝିପାରିଲା ନାହିଁ। ଖାଲି ଜଳ ଜଳ ହୋଇ ଅନାଇ ରହିଲା। ରାଜୀବ ପଚାରିଲେ—କି ହୋ ପାଣେ, ବୁଝିପାରିଲ ନାହିଁକି?

ସନେଇ ଥଙ୍ଗ ଥଙ୍ଗ ହୋଇ କହିଲା—ହିଁ, ହିଁ, ନା, ନା, ଟିକିଏ ଅଜୁଆ—।

ରାଜୀବ କହିଲେ ଟିକିଏ କାହିଁକି, ଅଧିକ କରି ଅଜୁଆ ଲାଗୁଥିବ। କଥାଟା ଖୋଲସା କରି କହୁଛି, ଶୁଣ। ଏହା କହି ସେ ସବୁ କଥା ଫିଟାଇ କହିଲେ।

ସେ ବୁଝାଇଦେଲେ ଯେ ଅଫିମ ଛାଡିଲେ ମରିଯିବ ବୋଲି ସନେଇର ଭୟ ଥିଲା। ହୁଏ ତ ସେହି ଭୟ ତାର କାଳ ହୋଇଥାନ୍ତା। ଅଫିମ ଛାଡିଦେଇ କେ ଜାଣିବା ସେ ଭୟରେ ସେ ମରିଯାଇଥାନ୍ତା। ସେଥିପାଇଁ ତାଙ୍କୁ ଏ କଦର କରିବାକୁ ପଡିଲା। ଏଣୁ ତେଣୁ ଗୋଟାଏ ଦବେଇ ଦେଇ ତା ମନରେ ବିଶ୍ୱାସ ଜନ୍ମାଇବାକୁ ହେଲା। ସେଟା ଆଦୌ ଅଫିମଛଡା ଦବେଇ ନୁହେଁ।

ସନେଇ ଏହା ଶୁଣି ଅବାକ୍ ହୋଇଗଲା। ତା ପରେ ସେ କହିଲା—ତା ଯାହେଉ ପଛକେ, ମୋର ତ ସେଥିରେ ଉପକାର ହେଲା ସାଆନ୍ତେ। ମୋର ଏତେ କଥାରେ ଯାଏ ଆସେ କଣ? ମୁଁ ଜାଣେ, ତା ଦବେଇ ନୁହେଁ, ସାକ୍ଷାତ୍ ଅମୃତ।

ରାଜୀବ କହିଲେ—ବେଶ୍ ବେଶ୍, ସେହି ବିଶ୍ୱାସ ରଖିଥାଅ। ବିଶ୍ୱାସରେ ବହୁତ କାମ ହୁଏ।

ଏହା କହି ସେ ସେଠାରୁ ଚାଲିଗଲେ।

ଗୋଟାଏ କଥା ଏହି ସମ୍ପର୍କରେ କହେ। ରାଜୀବଲୋଚନଙ୍କ ଅଦ୍ଭୁତ ଦବେଇର ଯେ ଅଫିମଛଡ଼ା ଗୁଣ କେଉଁଠି ଅଛି, ତା ସମସ୍ତେ ବୁଝି ପାରୁଥିବେ। ତେବେ ପଚାରିପାର, ଏଥିରେ ଅଫିମ-ଅଭ୍ୟାସ କିପରି ଛାଡିଲା। ମୁଁ କହେଁ ବଡ ହେଉଛି ବିଶ୍ୱାସ। ସନେଇର ବିଶ୍ୱାସ ହୋଇଥିଲା ଯେ ରାଜୀବଲୋଚନଙ୍କ ଦବେଇରେ ଅଫିମଛଡା ଗୁଣ ଅଛି। ତାଙ୍କ କଥାକୁ ସେ ସତ ବୋଲି ମଣିଥିଲା। ତା ଭିତରେ ଯେ ଗୁମର ଅଛି ସେ ଜାଣି ନ ଥିଲା। ପହିଲେ-ପହିଲେ ତାକୁ ଯେଉଁ ନିଶା ହେଲା, ସେଟା ବି ସେହି ବିଶ୍ୱାସର କଥା। ରାଜୀବ ତାକୁ ଆଗରୁ କହିଥିଲେ ଯେ ତିନ ପାନ ଲେଖାଏଁ ଦବେଇ ପେଟରେ ପଡୁଥିଲାବେଳେ ଟିକିଏ ନିଶା ଘାରିବ। ସେ ତାଙ୍କ କଥାକୁ ଏପରି ବିଶ୍ୱାସ କରିଥିଲା ଏବଂ ତା ମନଉପରେ ସେ କଥା ଗୁଡିକ ଏପରି ପ୍ରଭାବ ଜାରି କରିଥିଲା ଯେ ସତକୁ ସତ ସେ ଦବେଇ ଖାଇ ଘୋର ନିଦରେ ପଡିଯାଇଥିଲା। ଦିନେ ଗୋଟାଏ କଥା ଠିକ୍ ଠିକ୍ ଘଟିଗଲେ, ଆଉ ଦିନକୁ ବିଶ୍ୱାସଟା ଆହୁରି ବଢିଯାଏ। ତହିଁ ପର ଦିନ ତାହା ତହୁଁ ବଳି ଦୃଢ ହୋଇ ଯାଏ। ଏହିପରି ତାହା ବଢିବଢି ଚାଲେ। ଯେତେ ଦିନ ଯାଉଥାଏ, ତେତେ ତାହା ବରଗଛ ପରି ତଳ ଉପର ଦି' ଆଡ଼େ ଚେର ଉଡ ମଜବୁତ୍ ହୋଇଯାଏ। ତେଣିକି ବିଶ୍ୱାସର ଫଳ କୁହୁକ ପରି ଫଳେ। ସନେଇ ପାଖର ଏହି ବିଶ୍ୱାସ ଥିବାରୁ, ଅଫିମ ନ ଖାଇ ସୁଦ୍ଧା ତାକୁ ନିଶା ହେଲା, ତାର ଅଫିମ-ଅଭ୍ୟାସ ଛାଡି ଗଲା, ତା ଦେହରେ ତାକତ ଆସିଲା। ସବୁକଥା କୁହୁକପରି ଘଟିଗଲା। ତେଣୁ ବଡ଼ ହେଉଛି ବିଶ୍ୱାସ। ମନରେ ବିଶ୍ୱାସକୁ ଠାବ ଦିଅ, ଅଫିମ ଛାଡ, ତାକୁ ଚୌରାଶି ନରକର ପଥ ବୋଲି ମନେକର, ତା ନାଁ ଶୁଣିଲେ ତମ ନାହି ତେଉଁ, ତମକୁ ବାନ୍ତିମାଡୁ। ତେବେଯାଇ ତମେ ମଣିଷ ହେବ, ସୁଖରେ ରହିବ, ସୁନାର ସଂସାର ଗଢିବ, ତମ ଭାଗ୍ୟ ଜକ୍ ଜକ୍ ହୋଇ ଜଳିଉଠିବ, ଆମଦେଶଟି ସୁନ୍ଦର ହୋଇଯିବ। ଚୀନଦେଶର ଲୋକେ ଦିନେ ଅଫିମର ପୋକ ଥିଲେ। ଅଫିମରେ ଉଚ୍ଛନ୍ନଯାଉଥିଲେ। ସେ ମନରେ ଠାଣ ଧରି, ଆଣ୍ଠୁ ବାନ୍ଧି ଅଫିମକୁ ଏକାବେଳକେ ଛାଡିଦେଲେ—ଛୁ କରିଦେଲେ। ଆଉ ଆମେ ତାହା କରିପାରିବା ନାହିଁ? ନିଶ୍ଚୟ ପାରିବା। ତେବେ ବଡ଼ ହେଉଛି—ମନର ବଳ। ଏହି ମନର ବଳ ଓଡିଆ ପୁଅର ଅଛି। ସେ ତାହା କାମରେ ଦେଖାଉ।

Digitized by srujanika@gmail.com

ପ୍ରତୀକ

ଶ୍ରୀ କୁବେର ଦଳାଇ

ଆଜି ଏ ମଧୁର ଲଗନେ
ମିଳନ ସପନ ଜାଗି ଉଠେ
ଦୂର ସୁନୀଳ ଶରତ ଗଗନେ ।
କାହିଁ ନାହିଁ ଖାଲି ଉଚ୍ଛ୍ୱାସ ଏ ଖେଳ
ଅଦେହର ଏହି ବନ୍ଧନ ମେଳ ;
ଅନ୍ତର କରେ ପାଗଳ
ବନ୍ଧୋର ମାନସ ଅଦେହ ପରଶେ ମାତଲ । ୧ ।

ଯେ ଦିନ ଦିନ୍ତଛି ଅତୀତେ
(ତାର) ସ୍ମୃତି-ମଧୁରତ ଦୀପ୍ତ ଦିବ୍ୟରେ
ଲାଗିଅଛି ମନେ ପ୍ରତୀତେ ।
ବିଜନତା କୋଳେ କେବେ ଦେଲେ ଝାସ
ସମ୍ମୁଖେ ତାର ଲାଗିଯାଏ ତ୍ରାସ
ଦେଶ କାଳ ଯାଏ ପାସୋର,
କ୍ଷଣକେ ହୁଏ ସେ ହୃଦ-ନାଲୁଙ୍କ-ଈଶ୍ୱର । ୨ ।

ବହି ଯାଉଛି ଯେ ପବନ
ବର୍ତ୍ତମାନ ତା' ଅନୁସର ପଛେ
ଆକୁଳ କରଇ ଜୀବନ ।
ବୁଡ଼ିଅଛି ଯାହା ସତ୍ୟ ମଧୁର
ସମ୍ବଳ ଅଛି ଦୀନ ହା' ହା' କାର
ନୟନ ଯୁଗଳେ ଲୋତକ
ଭର ଉଠେ ଖାଲି, ସେଇ ଏ ଜୀବନ-ପ୍ରତୀକ । ୩ ।

ସୁଖ ଆଉ ଦୁଃଖର ବାହାରେ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ବନାରସରୁ ଦର୍ଶନ ପାସ୍ କରି ଅସିବା ପରେ ମାଧବକୁ ପ୍ରକୃତରେ ଜଣେ ବିଜ୍ଞ ଦାର୍ଶନିକ କିମ୍ବା ବଦ୍ଧ ପାଗଳ ବୋଲି ନିଃସଙ୍କୋଚରେ ଏବଂ ନିଃସନ୍ଦେହରେ କହିବାର ମୁଁ କାହାରିକି କେବେ ଦେଖି ନ ଥିଲି । ମୁଁ ତାର ଅତି ଅନ୍ତରଙ୍ଗ ବନ୍ଧୁ । ଖୁବ୍ ତେଜସ୍କର ଆଲୋକ ନିକଟକୁ ଗଲେ ମଣିଷ ଯେପରି ଅନ୍ଧ ହୋଇଯାଏ, ମୁଁ ସେହିପରି ତା ସମ୍ବନ୍ଧରେ ଏକାବେଳେକେ ଅଜ୍ଞ ଥିଲି । କିନ୍ତୁ ଏତିକି ମୁଁ ବେଳେ ବେଳେ ଅନୁଭବ କରୁଥିଲି ଯେ ହୁଏ ତ ମାଧବ ଗୋଟାଏ ଅମନୁଷ୍ୟ, ନଚେତ୍ ଦେବତା । ସାଧାରଣ ମନୁଷ୍ୟ ସେ ନୁହେଁ । ଅବଶ୍ୟ ଏହା କହିବାଦ୍ୱାରା ମୁଁ ମାଧବ ସମ୍ବନ୍ଧରେ ସମସ୍ତଙ୍କଠୁ ବେଶୀ ଜାଣିଥିଲି ବା କମ୍ ଜାଣିଥିଲି ବୋଲି କେହି ଭାବିବେ ନାହିଁ । ବାସ୍ତବିକ ମାଧବ ଗୋଟାଏ ପ୍ରହେଳିକା ; ମୋ ପକ୍ଷରେ ଯେମିତି ସମସ୍ତଙ୍କ ପକ୍ଷରେ ମଧ୍ୟ ତଦ୍ରୂପ ।

ମାଧବ ପାସ୍ କରି ଅସିବା ପରେ କୌଣସି ଚାକିରି ପାଇଁ ଚେଷ୍ଟା କଲା ନାହିଁ, କହେ—"କଳିକାଳରେ ପ୍ରକୃତ ବିଦ୍ୟା ବା ଜ୍ଞାନ ପ୍ରତି ମନୁଷ୍ୟର ବୁଭୁକ୍ଷା ନାହିଁ, ତେଣୁ ଆଦର ମଧ୍ୟ ନାହିଁ । ଏ ପରିସ୍ଥିତିରେ ମୁଁ ସାମାନ୍ୟ ଗୋଟିଏ ଟୋଲ ପଣ୍ଡିତ ହୋଇ ଜୀବନ ଅତିବାହିତ କରିବାକୁ ଚାହେଁ ନାହିଁ ।"

ମାଧବ ତାର ଜୀବନଯାତ୍ରାର ଉପକରଣ ସଂଗ୍ରହ କରିଥିଲା ସହରରେ ନୁହେଁ କିମ୍ବା ମଫସଲରେ ନୁହେଁ । ସହରଠାରୁ ବହୁ ଦୂରରେ, ଗୋଟିଏ ଗ୍ରାମ ନିକଟସ୍ଥ କୌଣସି ପାହାଡ଼ ତଳଦେଶ ଜଙ୍ଗଲ ଭିତରେ କ୍ଷୀଣ ଗୋଟିଏ ନିର୍ଝରିଣୀର ତଟ ଉପରେ ଖଣ୍ଡିଏ ପରିଷ୍କୃତ ପତ୍ରକୁଡ଼ିଆ ମାଧବର ଖରାବର୍ଷାର ଆଶ୍ରୟ ।

ମୁଁ ମାଧବ ପାଖକୁ ଯାଏ ନାହିଁ । ମାଧବ ମୋ ପାଖକୁ ଅସେ । ଯେଉଁ ଦିନ ଯେତେବେଳେ ସେ ମୋ ପାଖକୁ ଅସିଛି, ସେତେବେଳେ ତାକୁ ଯେ ଦେଖିବ ସେ ଭାବିବ ଯେ ନିଶ୍ଚୟ ଗୋଟାଏ ଗୁରୁତର ବିଷୟରେ ବା ନିତାନ୍ତ କୌଣସି ଜରୁରୀ ଦରକାରୀ କାମରେ ସେ ଅସିଛି । ତା' ମୁହଁରେ ସବୁବେଳେ ଗୋଟାଏ ଯେପରି ତୀକ୍ଷ୍ଣ ଗାମ୍ଭୀର୍ଯ୍ୟ । ତାକୁ ଦେଖିଲେ ଯେମିତି ଭୟ ବୋଧହୁଏ । ସେ ଅସି ପହଞ୍ଚିଲେ ଯେତେ ଜରୁରୀ କାମ ଥାଉ ପଛେ ତାକୁ ଛାଡ଼ି, ସେ ନ କହିବା ଆଗରୁ ମୋତେ ତାକୁ

Digitized by srujanika@gmail.com

ସାଙ୍ଗରେ ନେଇ ଗୋଟିଏ ନିର୍ଜନ କୋଠରୀକୁ ଯିବାକୁ ପଡ଼େ। ସେ ଜନଗହଳକୁ ଆଦୌ ଭଲ ପାଏ ନାହିଁ। ଏହା ସେ ନିଜ ମୁହଁରେ ସହସ୍ରବାର କହିଥିବ। କିନ୍ତୁ ପ୍ରତ୍ୟେକ ଯାତ୍ରା ବା ମେଳା ଭିତରେ ମୁଁ ତାକୁ ଦେଖେଁ, ପାଗଳଙ୍କ ପରି ସେ ଗୋଟାଏ ଆଡ଼କୁ ଚାହିଁଥାଏ।

ମାଧବ ମୋର ନିତାନ୍ତ ଅନ୍ତରଙ୍ଗ ବନ୍ଧୁ। ମୋତେ ସେ ତା ଜୀବନର ପ୍ରତ୍ୟେକ ଅନୁଭୂତି କହେ। ମୁଁ ସେ ସବୁ ପ୍ରାୟ ବୁଝି ପାରେ ନାହିଁ। କାରଣ ତାର ପ୍ରକାଶ-ଭଙ୍ଗୀ ଏପରି ଜଟିଳ ଏବଂ ଅସଂଲଗ୍ନ ଯେ ସାଧାରଣ ତା ଆଲୋଚନା ଭିତରୁ ମୁଖ୍ୟ ବିଷୟଟା ବାହାର କରି ପାରିବା ଅସମ୍ଭବ। ତେବେ ବହୁ ଦିନର ବହୁ ଆଲୋଚନା ଭିତରେ ତାର କେତେଗୁଡ଼ିଏ ଉଦ୍ଭଟ ପ୍ରଶ୍ନ ଏବେ ବି ମନେ ଅଛି। ତାର ଉତ୍ତର ମୁଁ ଦେଇ ପାରି ନାହିଁ କିମ୍ବା ସେ ମଧ୍ୟ ଦେଇ ଯାଇ ନାହିଁ; ଏବଂ ବୋଧହୁଏ ସେଥିପାଇଁ ସେ ଆଜିଯାଏଁ ମନେଅଛି। ମୁଁ ଆଜିକାଲି ଅନେକ ସମୟରେ ଏକାନ୍ତରେ ସେ ପ୍ରଶ୍ନର ଜବାବ ଦେବାକୁ ଚେଷ୍ଟା କରେଁ—କିନ୍ତୁ ଯେତେ ଗଭୀର ଚିନ୍ତା କରେଁ ସେତିକି ଉପରକୁ ଭାସି ଉଠେଁ ଓ ମୋର ସବୁ ଗୋଳେଇ ହୋଇଯାଏ। ଶେଷରେ ସ୍ଥିର କରେ, ହୁଏ ତ ସେଇ ପ୍ରଶ୍ନହିଁ ତାର ଆପଣାର ଉତ୍ତର।

ଦିନେ ମୁଁ ଘରେ ଥିଲି। ସେ ହଠାତ୍ ଆସି ପହଞ୍ଚିଲା। ସେ ସବୁ ଦିନେ ସେଇମିତି ପହଞ୍ଚେ। ମୋର ସେହି ନିକାଞ୍ଚନ ଘରେ ଯାଇ ବସି ମୋତେ ସେ ଡକାଇ ପଠାଇଲା। ମୁଁ ଯେମିତି ଯାଇ ପହଞ୍ଚିଛି ସେ ମୋତେ କଠମଠ କରି ଚାହିଁଲା। ମୋର ଆସିବାରେ ସାମାନ୍ୟ ଡେରି ହୋଇ ଯାଇଥିଲା। ସେ ମୋତେ ଆଦେଶ କରିବା ଭଙ୍ଗୀରେ କହିଲା—'ବସ୍'।

ମୁଁ ବସିଲି।

ସେ ପ୍ରଶ୍ନ କଲା—'ତୁ ତୋର ସ୍ତ୍ରୀକୁ ଭଲ ପାଉ ?'

ମୁଁ ଏ ଭଳି ପ୍ରଶ୍ନ ପାଇଁ ପ୍ରସ୍ତୁତ ନ ଥିଲି। ଧୀର କଣ୍ଠରେ କହିଲି—'ହଁ।'

'ଖୁବ୍ ଭଲ ପାଉ?'

'ହଁ।'

'ତୋର ଏ ଭଲ ପାଇବାଟା ଏକମୁଖୀ ?'

'ଅର୍ଥ ?' ମୁଁ ପଚାରିଲି।

'ତୋ ସ୍ତ୍ରୀଠାରୁ ଅଧିକ ସୁନ୍ଦର ଆଉ ଅଧିକ ଗୁଣର କୌଣସି ସ୍ତ୍ରୀ ଯଦି ଆସି ତୋର ପ୍ରଣୟ ଭିକ୍ଷା କରେ ତେବେ ତୋର ସ୍ତ୍ରୀକୁ ତୁ ଭୁଲିଯିବୁ କି ନାହିଁ ?'

ତା' ପ୍ରଶ୍ନ ଯେମିତି ମୋଠୁ ଉତ୍ତର ଶୁଣିବାକୁ ଚାହୁଁଥିଲା—'ହଁ'। ମୁଁ ହଁ ଭରିଲି।

'ତା ହେଲେ ତୋ ସ୍ତ୍ରୀକୁ ତୁ ଭଲପାଉ ନାହିଁ ?' ଏତିକି କହି ସେ ଉଠିଚାଲିଗଲା। ସେ ପ୍ରଶ୍ନର ଉତ୍ତର ଆଜିଯାଏ ମଧ୍ୟ ମୁଁ ଦେଇ ପାରିନାହିଁ।

ଆଉ ଦିନେ ସେ ପ୍ରଶ୍ନ କଲା—'ତୁ ତୋର ସ୍ତ୍ରୀକୁ ଖୁବ୍ ଭଲ ପାଉ ତ?'

ମୁଁ 'ହଁ' କହିଲି।

'ତୋର ସ୍ତ୍ରୀ ମଧ ତୋତେ ଖୁବ୍ ଭଲ ପାଏ—ପ୍ରତି ବଦଳରେ ?'

'ହଁ'

'ତୋ' ସ୍ତ୍ରୀ ଯଦି ତୋତେ ଭଲ ନ ପାଏ ତୁ ତାକୁ ଭଲ ପାଇବୁ କି ?'

'ବୋଧହୁଏ, ନା'।

'ଆଦର୍ଶ କଥା ଛାଡ଼ି ଦେ, ବାସ୍ତବିକ କଥା କହ।'

'ନା'। ମୁଁ ଜୋର ଦେଇ କହିବାକୁ ବାଧ୍ୟ ହେଲି।

'ତୋ ସ୍ତ୍ରୀକୁ—ଧର ଆଉ ଜଣକୁ, ତୁ ଖୁବ୍ ଭଲ ପାଉଛୁ; ସେ କ'ଣ ତୋତେ ଭଲ ପାଇବାକୁ ବାଧ୍ୟ ?'

'ନ ହୋଇପାରେ।'

ଏତିକ ରେ ସେ ପ୍ରଶ୍ନାନ୍ତରକୁ ଗଲା।

ଆଉ ଦିନେ ସେ ମୋତେ ପଚାରିଲା—ତୁ ପିଲାଦିନେ ମା'ର ଦୁଧ ଖାଇଛୁ ?

'ହଁ'।

'ତୋର ମନେ ଅଛି ?'

'ଖୁବ୍ କ୍ଷୀଣ'।

'ସେତେବେଳେ ତୋର ଯେଉଁ ଅଙ୍ଗ ପ୍ରତ୍ୟଙ୍ଗ ଥିଲା, ବର୍ତ୍ତମାନ ସେ ସବୁ ଅଛି ତ?'

'ଅଛି'।

'ସେ ସବୁ ଅବିକୃତ ରହିଛି ତ ?'

'ହଁ'।

'ଆଚ୍ଛା ବର୍ତ୍ତମାନ ତୁ ସେଇପରି ଯାଇ ତୋ' ମାର ଦୁଧ ଖାଇ ପାରିବୁ କି ?'

ସେ ଚାଲିଗଲା। ମୁଁ ଅନେକ ବେଳଯାଏଁ ଯେଉଁଠି ବସିଥିଲି ସେଇଠି ବସି ରହିଲି।

ଦିନେ ମୁଁ ସିଗାରେଟ୍‌ରେ ନିଆଁ ଲଗାଇ ନିଆଁଟାକୁ ଲିଭାଇ ଦେବାକୁ ଯାଉଛି, ସେ ଡିଆସିଲି କାଠିଟାକୁ ମୋ ହାତରୁ ଛଡ଼ାଇ ନେଇ ପଚାରିଲା—'ଏଟା କ'ଣ ?'

ମୁଁ ଉତ୍ତର ଦେଲି—'ନିଆଁ'

ସେ ତାକୁ ଫୁଙ୍କି ଲିଭାଇ ଦେଲା।

'କ'ଣ ହେଲା ?' ପୁଣି ପଚାରିଲା।

'ଲିଭିଗଲା।'

'ଆଚ୍ଛା' ବୋଲି କହି ସେ ପୁଣି ଗୋଟିଏ ଡିଆସିଲି କାଠି ମାରି ପଚାରିଲା—'ଏଟା ?'

'ନିଆଁ।'

'ସେଇ ନିଆଁ ?'

'ହଁ, ସେଇ ନିଆଁ'।

'ସେ ଯେଉଁ ନିଅଁ ଥିଲା ଏ ଠିକ୍ ସେଇ ନିଅଁ ?-- ଭାବିଲି ।'

ମୁଁ ଭାବିଲି । ସେ ଉଠିଗଲା ।

ଦିନେ ମୁଁ ଆକ୍ଷେପ କରି ତା' ଆଗରେ କହିଲି—ଜୀବନଟା ଦୁଃଖପୂର୍ଣ୍ଣ ।

'ତୋ' ଜୀବନରେ ତୁ କେବେ ସୁଖ ଭୋଗ କରିନାହୁଁ ?'

ନିରୁତ୍ତର ରହିଲି—ମନେ ମନେ ଭାବିଲି—ସୁଖ ଭୋଗ କରିଛି ତ ?

'ହୁଏ ତ ବର୍ତ୍ତମାନ କୌଣସି ଦୁଃଖ ତାର ସ୍ମୃତି ମଧ୍ୟ ପୋଛି ଦେବାକୁ ଚେଷ୍ଟା କରୁଥିବ—ସେ ସୁଖ ତୋତେ ନିତାନ୍ତ କ୍ଷଣିକ, ଅଳୀକ ବୋଲି ମନେ ହେଉଥିବ । କିନ୍ତୁ ଏ କଥା ଅସ୍ୱୀକାର କରି ପାରିବୁ କି ଯେ ଏ ଦୁଃଖ ମଧ୍ୟ ସମୟରେ ଚାଲିଯିବ ? ସୁତରାଂ ସ୍ଥାୟୀ କେଉଁଟା ?—ସତ୍ୟ କେଉଁଟା ? ସଂସାର ପ୍ରକୃତରେ ଦୁଃଖପୂର୍ଣ୍ଣ ନା ସୁଖମୟ ?'

ଏ ସବୁ କଥାର ତାତ୍ପର୍ଯ୍ୟ ବୁଝିବା ମୋ ପକ୍ଷରେ ଯେତିକି କଷ୍ଟକର ଥିଲା ମାଧବ ପାଗଳ କିମ୍ବା ପଣ୍ଡିତ ଏ କଥା ବୁଝିବାକୁ ତାଠାରୁ କମ୍ କଠିନ ନ ଥିଲା । ବସ୍ତୁତଃ ମୁଁ ତାକୁ ବୁଝି ପାରି ନ ଥିଲି । ସେଥିପାଇଁ ମାଧବ ତାର ମାଧବତ୍ୱ ପାଇଁ ପୃଥିବୀଠାରୁ ଯେଉଁ ସମ୍ମାନ ପାଇବା ଉଚିତ ଥିଲା ତାହା ସେ କେଉଁଠୁ ପାଇ ନାହିଁ ।

ଦିନେ ଖୁବ୍ ସକାଳୁ ମାଧବ ଆସି ମୋ ପାଖରେ ହାଜର ହେଲା । ମୋତେ କହିଲା—ତୋର ବାକି କାମ ସବୁ ଶେଷ କରି ଆ' । ମୋର ଅନେକ କଥା କହିବାର ଅଛି ।

ଦୁହେଁ ଯାକ ଏହି କୋଠରୀରେ ସବୁଦିନ ପରି ଯେ ଯେଉଁଠି ବସେ ସେଇଠି ମୁହାମୁହିଁ ହୋଇ—ଆଗରେ ଗୋଟିଏ ଟେବୁଲ ଥାଏ—ବସିଲୁଁ ।

'ତୋତେ ଆଜି ମୋର ଚରମ ଏବଂ ସମ୍ଭବତଃ ଶେଷ କଥା କହିବି ।'

ଏ କଥା ଶୁଣିଲାକ୍ଷଣି ମୋ ଛାତି ଭିତରେ କ'ଣ ଗୋଟାଏ ହୋଇଗଲା । ମୋତେ ଭାରି ଡର ମାଡ଼ିଲା । ମୁଁ ତାକୁ ଅବାକ୍ ହୋଇ ଚାହିଁଥାଏଁ ।

'ମଣିଷର ସୁଖଦୁଃଖର କାରଣ କ'ଣ ?' ସେ ପଚାରିଲା ।

ମୁଁ ନିତାନ୍ତ ଅଜ୍ଞାନ । କିଛି ଉତ୍ତର ଦେଇ ପାରିଲି ନାହିଁ ।

'ମନ' ସେ ନିଜେ ନିଜେ ଉତ୍ତର ଦେଲା ।

'ମନ ଅନ୍ଧ । ସେ କାହାର ଅଧୀନ ? ପ୍ରକୃତିର । ପ୍ରକୃତି କାହାର ଅଧୀନ ? ସମୟ ଏବଂ ସ୍ଥିତିର । ତେଣୁ ସମୟ ଏବଂ ସ୍ଥିତିର ପରିବର୍ତ୍ତନ ଏବଂ ପର୍ଯ୍ୟାୟରେ ମନୁଷ୍ୟ ସୁଖଦୁଃଖର ବଶବର୍ତ୍ତୀ ହୁଏ । ମନୁଷ୍ୟ ଯଦି ଏହି ସମୟ ଆଉ ସ୍ଥିତିକୁ ଜୟ କରିପାରେ, ତେବେ ଏହି ପୃଥିବୀ ସ୍ୱର୍ଗରେ ପରିଣତ ହେବ ।'

କିଛିକ୍ଷଣ ରହି ସେ ପୁଣି କହିଲା—'ମୁଁ ଏତେଦିନ କେବଳ ସେଇଦିଗରେ ହିଁ ଚେଷ୍ଟା କରି ଆସିଛି । କାଲି ମୋର ଅନ୍ତିମ ଚେଷ୍ଟା ।'

ମୁଁ ଅଧିକ ଆଶ୍ଚର୍ଯ୍ୟ ହେଲି ।

'ସମୟ ସହିତ ମନୁଷ୍ୟ ଶରୀର ସମ୍ପର୍କ ତାର ନିଃଶ୍ୱାସ ପ୍ରଶ୍ୱାସ ଦେଇ । ସୁତରାଂ ପ୍ରାଣାୟାମ ଦ୍ୱାରା ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାକୁ ଆୟତ୍ତ କରିବା ଦ୍ୱାରା ମନୁଷ୍ୟ ସମୟ-ସ୍ରୋତର ବାହାରକୁ ଚାଲିଯାଇପାରେ ।'

ଆଉ ସ୍ଥିତି ?' ମୁଁ ପଚାରିଲି ।

ଧ୍ୟାନ ଦ୍ୱାରା । ମୁଁ ଧ୍ୟାନ ଏବଂ ପ୍ରାଣାୟାମ ଦ୍ୱାରା ମୋର ଲକ୍ଷ୍ୟ ଦିଗରେ ଅନେକ ଦୂରକୁ ଆଗେଇ ଯାଇଛି । ଆଉ ଦୂରକୁ ଯିବାକୁ ମୁଁ ସାହସ କରିପାରୁନଥିଲି । ଫଳରେ ଅନେକ ଦିନ ମୁଁ ଯେଉଁଠି ସେଇଠି ରହିବାକୁ ବାଧ୍ୟ ହେଲି । କିନ୍ତୁ ଆଉ ଅପେକ୍ଷା କରି ପାରିବିନାହିଁ । ବିଳମ୍ବ ଏଣିକି ସହ୍ୟ ହେଉ ନାହିଁ । ମୋତେ କାଲି ମୋର ଶେଷ ଚେଷ୍ଟା କରିବାକୁ ହେବ ।

ମୁଁ ଉତ୍କର୍ଣ୍ଣ ହୋଇ ଶୁଣୁ ଥାଏଁ । ସେ ଏତିକି କହି ଗୋଟାଏ ନିଃଶ୍ୱାସ ଛାଡ଼ିଲା । ତାପରେ ଧୀର କଣ୍ଠରେ ଆରମ୍ଭ କଲା—'ସୁଖ ଆଉ ଦୁଃଖ ଠିକ୍ ଶୀତଳ ଆଉ ଉଷ୍ଣ ପରି ଦୁଇଟି ଅବସ୍ଥା । ଲୁହାକୁ ଗରମ କଲେ ଗରମ ହୁଏ, ଥଣ୍ଡା କଲେ ଥଣ୍ଡା ହୋଇଯାଏ । କିନ୍ତୁ ଲୁହାର ପ୍ରକୃତ ଅବସ୍ଥା ଗରମ ନୁହେଁ କି ଥଣ୍ଡା ନୁହେଁ । ଏହି ଶୀତ ଆଉ ଉଷ୍ଣ ସୁଖ ଆଉ ଦୁଃଖର ବାହାରେ ମନୁଷ୍ୟ ତାର ପ୍ରକୃତ ଅବସ୍ଥା ଉପଲବ୍ଧି କରେ । ସେ ଅବସ୍ଥାଟା କ'ଣ ମୁଁ ଅତି ସାମାନ୍ୟ ମାତ୍ରାରେ ଅନୁଭବ କରିଛି । ତାକୁ କଥାରେ କହି ହେବନାହିଁ । ମୁଁ ସେଥିପାଇଁ ସେ ଅବସ୍ଥାକୁ ଆନନ୍ଦ ବୋଲି କହିଥାଏଁ । ଆନନ୍ଦ ଓ ସୁଖ ଭିତରେ କେଡ଼େ ବଡ଼ ବ୍ୟବଧାନ ତୁ ତା' ବର୍ତ୍ତମାନ ବୁଝି ପାରୁଥିବୁ । ଏ ଆନନ୍ଦକୁ ସୁଖ ଓ ଦୁଃଖ ଉଭୟ ଭିତରେ ମଣିଷ ଦେଖିପାରେ । ତାର ରୂପ ନାହିଁ, ବର୍ଣ୍ଣ ନାହିଁ, ଗନ୍ଧ ନାହିଁ, କିଛି ନାହିଁ—ଗୋଟାଏ ଅନାଦି ଓ ଅନନ୍ତ ସ୍ପନ୍ଦନ ।'

ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ସେହି ଅବସ୍ଥା ପ୍ରାପ୍ତ ହେବା । ବର୍ତ୍ତମାନ ତାହା ଦୁଃସାଧ୍ୟ ବୋଲି ଧରି ନିଆଯାଇଛି । ମାତ୍ର ମୁଁ ଯେଉଁ ଦିଗରୁ ପ୍ରବେଶ କରିବାକୁ ଯାଇଛି ତାହା ଯଦି ମୋତେ ଲକ୍ଷ୍ୟ ସ୍ଥାନରେ ନେଇ ପହଞ୍ଚାଏ ଏବଂ ମୁଁ ଯଦି ସଶରୀରୀ ହୁଏଁ ତେବେ ଏ ଜଗତରେ ଦୁଃଖ ରହିବ ନାହିଁ ।

ମୁଁ ପଚାରିଲି—'ତୋର ପ୍ରବେଶର ଉପାୟ ବା ପନ୍ଥା କିଣ ?'

'ଅତି ସହଜ '—ସେ ଉତ୍ତର ଦେଲା । ତାପରେ କିଛିକ୍ଷଣ ନୀରବ ରହିଲା—ଧ୍ୟାନ ମଗ୍ନ ହେଲା ପରି । ପୁଣି ହଠାତ୍ କହିଲା—'ନା—ବର୍ତ୍ତମାନ କଷ୍ଟ । କିନ୍ତୁ ମୁଁ ସେ ସ୍ଥାନ ପ୍ରାପ୍ତ ହୋଇ ଫେରି ଆସିଲେ ସହଜ ଉପାୟଟା କହି ଦେବି । ମୋର କହିବାର କଥା ହେଉଛି ଯେ ମଣିଷ ଆଜିଯାଏଁ ନିଜ ସମ୍ବନ୍ଧରେ ଗୋଟାଏ ଭୁଲ ଧାରଣା କରି ଆସିଛି । ସେଥିପାଇଁ ମଣିଷ ଆଜି ପୁନର୍ଜନ୍ମର ବିଶ୍ୱାସ କରେ—କାୟାମତ୍‌ର ବିଶ୍ୱାସ କରେ ବା last day of jud;mentକୁ ଅପେକ୍ଷା କରେ । କିନ୍ତୁ ସେ ସବୁ

କଳ୍ପନା । ଏ ଜୀବ-ଜଗତର ଶ୍ରେଷ୍ଠ ଉଦ୍ଭବ ମନୁଷ୍ୟ ହେଲା ବୋଲି ତୃଣର ଜୀବନୀ-ଶକ୍ତି ଓ ମନୁଷ୍ୟର ଜୀବନୀ-ଶକ୍ତି ଭିତରେ ପାର୍ଥକ୍ୟ ଥାଇ ନ ପାରେ । ଆକାଶରେ ବାୟୁମଣ୍ଡଳର ସ୍ତର ଥିଲା ପରି ବିଶ୍ୱ-ସୃଷ୍ଟିରେ ଜୀବନୀଶକ୍ତି ଗୋଟିଏ ସର୍ବତ୍ରବ୍ୟାପୀ ସ୍ତର । ପ୍ରତ୍ୟେକ ଜୀବ ବିଭିନ୍ନ ବାତାବରଣରେ ବିଭିନ୍ନ ଆକାର ଧରି ପୁଣି ଲୀନ ହୋଇଯାଏ । ଜୀବର ମୃତ୍ୟୁ ବା ବିନାଶ ପରେ ଜୀବର ସ୍ୱାତନ୍ତ୍ର୍ୟ ରହେ ନାହିଁ । କାରଣ ସେ ସ୍ୱତନ୍ତ୍ର ସତ୍ତା ହରାଏ । ସମଷ୍ଟିଗତ ଜୀବନ ସହିତ ଏକ ହୋଇଯାଏ । ଯେମିତି ଜଳାଶୟରୁ କୌଣସି ଗୋଟିଏ ପାତ୍ରରେ ଜଳ ଭରି ସ୍ୱତନ୍ତ୍ର କରାଯାଏ ପୁଣି ପାତ୍ରଟିକୁ ଧ୍ୱଂସ କରି ଦେଲେ ପାତ୍ରସ୍ଥ ଜଳ ଜଳାଶୟରେ ମିଶିଯାଏ—ସ୍ୱତନ୍ତ୍ରତା ତାର ରହେ ନାହିଁ, ସେହିପରି । ବର୍ତ୍ତମାନ ମୁଁ ଚାହେଁ ଜଳ ପାତ୍ରସ୍ଥ ହେବା ପରେ ଏପରି ଏକ ଆକାର ଧରିବ ଯଦ୍ଦ୍ୱାରା ସେ ନିଜର ଇଚ୍ଛା ମତେ ନିଜର ସ୍ୱାତନ୍ତ୍ର୍ୟ ରଖି ଜଳାଶୟରେ ରହି ପାରିବ ଏବଂ ପାତ୍ରରେ ମଧ୍ୟ ରହି ପାରିବ ଏବଂ ଇଚ୍ଛାନୁସାରେ ଘଟ ପରିବର୍ତ୍ତନ ମଧ୍ୟ କରି ପାରିବ । ବର୍ତ୍ତମାନ ପ୍ରଶ୍ନ ଉଠେ, ଘଟରେ ପୁନଃପ୍ରବେଶ କରିବାର ଆବଶ୍ୟକତା କେଉଁଠି ? ଜୀବନ ଆନନ୍ଦମୟ । ଅର୍ଥାତ୍ ଜୀବନହିଁ ଆନନ୍ଦ । ନିଜେ ଜୀବନ ହେବା ଦ୍ୱାରା ବା ଆନନ୍ଦ ହେବା ଦ୍ୱାରା ଆନନ୍ଦର ପ୍ରକୃତ ଉପଲବ୍ଧି ହୁଏ ନାହିଁ । ସେଥିପାଇଁ ଜୀବକୁ ଜୀବନ ଠାରୁ ସ୍ୱତନ୍ତ୍ର ରଖିବାକୁ ହୁଏ । ସେଥିପାଇଁ ଘଟର ଆବଶ୍ୟକତା ହୁଏ । କିନ୍ତୁ ଘଟଟି ସମୟ ଏବଂ ସ୍ଥିତିର ଅଧୀନ, ତେଣୁ ଜୀବ ଘଟର ଅଧୀନ ନ ହୋଇ ଘଟ ଜୀବର ଅଧୀନ ହେବା ବାଞ୍ଛନୀୟ । ଏହାହିଁ ମୋର ସାଧନା ।

ତାପରେ ଟିକିଏ ଥକା ନେଇ ସେ କହିବାକୁ ଲାଗିଲା— 'ବର୍ତ୍ତମାନ ମୋର ସମସ୍ତ କଥା ତୁ ବୁଝିପାରିଛୁ । ମୁଁ ତୋତେ ତିନୋଟି ସ୍ଫଟିକ ନିର୍ମିତ ଘଟ ଦେଉଛି । ତିନୋଟିକୁ ତିନି ବିଭିନ୍ନ ସ୍ଥାନରେ ରଖିବୁ । ତିନୋଟିଯାକ କୌଣସି ସୂତାରେ ବାନ୍ଧି ଝୁଲାଇ ଦେଇଥିବୁ ।'

'ତାପରେ—କାଲି ରାତି ବାରଟା ପରେ ତୁ ପ୍ରଥମ ଘଟ ନିକଟକୁ ଯିବୁ । ସେଠା ଉଷ୍ମ ହୋଇ ଆସିବ । ସେଠା ମୋର ସୁଖର ଅବସ୍ଥା । ତାପରେ ଦ୍ୱିତୀୟ ଘଟ ନିକଟକୁ ଯିବୁ । କ୍ରମେ ଶୀତଳ ହୋଇ ଆସିବ । ସେଠା ମୋର ଦୁଃଖର ଅନୁଭୂତି । ତାପରେ ତୃତୀୟ ଘଟ ନିକଟକୁ ଯିବୁ । ତୁ ତାକୁ ସ୍ପର୍ଶ କରି ଆଶ୍ଚର୍ଯ୍ୟ ହେବୁ । ଶୀତ ନୁହେଁ କି ଉଷ୍ମ ନୁହେଁ । ଏଭଳି ସ୍ପର୍ଶ ତୁ କେବେ-ହେଲେ ପାଇ ନ ଥିବୁ । ତାପରେ କିଛି ସମୟ ଅପେକ୍ଷା କରିବୁ । ଯଦି ଘଟ ତିନୋଟି ଅବିକଳ ସେହିପରି ରହେ, ତେବେ ଜାଣିବୁ ଯେ ମୁଁ ଆଉ ସଂସାରକୁ ମୋର ସ୍ୱତନ୍ତ୍ର ସତ୍ତା ନେଇ ଫେରି ପାରୁନାହିଁ । ତୁ ତାପରେ ଘଟ ତିନୋଟିକି ନଷ୍ଟ କରିଦେବୁ । ମୁଁ ପୁଣି ସଂଜ୍ଞା ପ୍ରାପ୍ତ ହେବି ବା ମୋ ପିଣ୍ଡରେ ପୁଣି ଜୀବନ ପ୍ରବେଶ କରିବ । ମୁଁ ଆଜିଠାରୁ ତପସ୍ୟା ଓ ପ୍ରାଣାୟାମ ଆରମ୍ଭ କରୁଛି । କାଲି ରାତି ୧୧ଟା ପରେ ମୁଁ ମୋ ଦେହରୁ ବାହାରି ଯିବି । ମୋର ଫେରି ହୁଏ, ହୁଏ ତ ଫେରି ନ ପାରେ । ଯଦି ନ ଫେରେ ତେବେ ମୋର ବିଧବା ମାକୁ ତୁ ଦେଖିବୁ । ମୁଁ ବର୍ତ୍ତମାନ ଚାଲିଲି ।'

ଏହା କହି ସେ ମୁହୂର୍ତ୍ତେ ଅପେକ୍ଷା ନ କରି ଚାଲିଗଲା ।

ତହିଁ ଆରଦିନ ରାତି ବାରଟା ପରେ ମୁଁ ପ୍ରଥମ ଘଟ ନିକଟକୁ ଯାଇ ଦେଖିଲି—ସେ ଆଉ ଉଷ୍ମ ହେଲା ନାହିଁ ।

ଦ୍ୱିତୀୟ ଘଟ ମଧ୍ୟ ଶୀତଳ ହେଲା ନାହିଁ ।

ତୃତୀୟ ଘଟ ମଧ୍ୟ ଅନ୍ୟ ତିନୋଟି ଘଟ ପରି ଝୁଲୁଥାଏ ।

କିନ୍ତୁ ମାଧବର କୁଟୀରକୁ ଯାଇ ଦେଖିଲି, ମାଧବ ପଦ୍ମାସନରେ ବସିଛି, ମାତ୍ର ପିଣ୍ଡରେ ପ୍ରାଣ ନାହିଁ ।

ମୋତେ ଏବେ ବି ମାଧବକୁ ବୁଝିବା ପାଇଁ ଚେଷ୍ଟା କରି ପରାସ୍ତ ହେବାକୁ ପଡ଼େ । ଏବେ ବି ମୋର ସେ ସନ୍ଦେହ ରହିଛି; ମାଧବ ପ୍ରକୃତରେ ଜଣେ ସାଧକ ଥିଲା କିମ୍ବା ପାଗଳ ଥିଲା ସେ ପ୍ରଶ୍ନର ଉତ୍ତର ଏବେ ବି ଦିଆଯାଇ ପାରିନାହିଁ ।

ଆସିବା ଓ ଯିବାର ପଥ

ଶ୍ରୀ ଶଶିଭୂଷଣ ରାୟ

Naked came I out of my mother's womb
and naked shall I return thither.—*Bible.*

ଅନନ୍ତ ମଧ୍ୟରେ ଯୋଡ଼ିଏ ବିନ୍ଦୁ—ଆସିବା ଏବଂ ଯିବାର ଦିନ; ସମୟ-ସାଗରର ଯୋଡ଼ିଏ ତରଙ୍ଗ—ଜନ୍ମ ଏବଂ ମୃତ୍ୟୁ । ଅନିର୍ଦ୍ଦିଷ୍ଟ ଭବସଂସାରରେ ଉତ୍ଥାନ ପତନର ଜଟିଳ ପ୍ରହେଳିକା—ଜୀବନ-ବିଜ୍ଞାନର ସାର ସତ୍ୟ—ନୀରସ, କଠୋର, କର୍କଶ । ଅକୂଳରେ କୂଳ ଅଥବା କୂଳରେ ଅକୂଳ । ଜାଣି ସୁଦ୍ଧା ଅଜ୍ଞାତ, ଭାଳି ସୁଦ୍ଧା ଅଚିନ୍ତ୍ୟ । ବୁଝେ ନାହିଁ, ଜାଣେ ନାହିଁ, ଏହି ଯୋଡ଼ିଏ କଥାହିଁ ଯେପରି ମାନବ-ଲଲାଟରେ [illegible] ରାଜଟୀକା ।

ଦିନେ ପ୍ରତ୍ୟୁଷରେ ଅକୂଳ ସାଗର ତଟରେ ଦଣ୍ଡାୟମାନ ରହି ସୂର୍ଯ୍ୟୋଦୟ ଦେଖୁଥିଲି; ଆଉ ଦିନେ ଗୋଧୂଳିରେ ସୂର୍ଯ୍ୟାସ୍ତ ଦେଖିଥିଲି । ଉଷାର ପ୍ରଦୀପ୍ତ କିରଣମାଳା ଧାଉଁ ଧାଉଁ ଏକର ଆଗମନବାର୍ତ୍ତା ଚତୁର୍ଦ୍ଦିଗରେ ବିଘୋଷିତ କରୁଥିଲା, ପ୍ରଦୋଷର ନିର୍ବାଣ-ନିମଗ୍ନୋନ୍ମୁଖ କିରଣମାଳା ଯାଉଁ ଯାଉଁ ଅନ୍ୟର ଯେପରି

ଶେଷ କାହାଣୀ ଗାଉଥିଲା । ଉଭୟହିଁ ଅସ୍ପଷ୍ଟ, ଅବ୍ୟକ୍ତ, ସ୍ନିଗ୍ଧ, ମଧୁର ଓ କୋମଳ । ଉଭୟହିଁ ସୁନ୍ଦର । ଦେଖି ଦେଖି ଆତ୍ମହରା ହୋଇଥିଲି, କିନ୍ତୁ ଅତ୍ୟଳ୍ପ ତତ୍ତ୍ୱ ବୁଝିଥିଲି ମାତ୍ର ।

ମାତୃଅଙ୍କରେ ନବଜାତ ଶିଶୁର ମଧୁର ଏବଂ କୋମଳ ହାସ୍ୟ ଦେଖିଅଛି ; ମାଙ୍କର ହାସ୍ୟରେ ହାସ୍ୟ ମିଶାଇ କେତେ ହସିଅଛି । ଶ୍ମଶାନ-ଚୁଲ୍ଲୀରେ ସେହି ଶିଶୁକୁ ସମର୍ପଣ କରି ମାତା ଗମ୍ଭୀର କ୍ରନ୍ଦନରେ ଗଗନ ପୂର୍ଣ୍ଣ କରୁଥିବାର ମଧ ଦେଖିଅଛି ଏବଂ ତପ୍ତ ଅଶ୍ରୁକଣାରେ ଅଶ୍ରୁ ମିଶାଇ କେତେ କାନ୍ଦିଅଛି । ହାସ୍ୟ ଏବଂ କ୍ରନ୍ଦନ ଉଭୟହିଁ ଆକାଶର ବାୟୁ ଗ୍ରାସ କରିଅଛି, ମାତ୍ର ପୃଥିବୀର କୌଣସି ଉପକାର ହୋଇ ନାହିଁ । ଏହାକୁହିଁ କହନ୍ତି—ଶୁଷ୍କଜୀବନପ୍ରହେଳିକା ।

ମୁଁ ମୋହର କଥା କହିବାକୁ ବ୍ୟସ୍ତ, ତୁମ୍ଭେ ତୁମ୍ଭର କଥା କହିବାକୁ ଲାଳାୟିତ । ମୁଁ, ମୁଁ, ମୁଁ ଯେନ ଜଗତ ଅସ୍ଥିର । ଅହଂ ଶବ୍ଦର ପ୍ରସାର, ଅହଂ ଶବ୍ଦର ବିସ୍ତାର, ଅହଂ ଶବ୍ଦର ପ୍ରତିଷ୍ଠା, ଏହା ବ୍ୟତୀତ ଯେପରି ଏହି ପୃଥିବୀରେ ଆଉ କିଛିହିଁ ନାହିଁ । ସେ ମୋତେ ମୂର୍ଖ ବୋଲି କହୁଅଛି, ମୁଁ ତାହାକୁ ମୂର୍ଖ ନାମରେ ସମ୍ବୋଧନ କରୁଅଛି ; ସେ ମୋତେ ପାଗଳ କହିଲା, ମୁ ତାହାକୁ ପାଗଳ କହିଲି । ସମସ୍ତେହିଁ ସ୍ୱ ସ୍ୱ ପ୍ରଧାନ । ନିଜର ମନ୍ଦଟିକ ପାଗଳ ଭାବେ ନାହିଁ, କିମ୍ବା ଚିନ୍ତାକରି ପାରେ ନାହିଁ । ସମସ୍ତେହିଁ ଭାବନ୍ତି ମୁଁ ଜଗତ ମଧ୍ୟରେ ଜ୍ଞାନ, ବୁଦ୍ଧି, ବିଦ୍ୟାରେ ଶ୍ରେଷ୍ଠ, ମୋହି ସମାନ ଆଉ କେହି ନାହାନ୍ତି । ଏହି ଅହଂଭାବର ପ୍ରତିଷ୍ଠା ଓ ପ୍ରସାର କେତେ କ୍ଷଣ ଅଥବା କେତେ ଦିନ ? ଅନନ୍ତ ମଧ୍ୟରେ ଯୋଡ଼ିଏ ବିନ୍ଦୁରେ ନିବଦ୍ଧ । ଅନନ୍ତ ତୁଳନାରେ ତାହା ମୁହୂର୍ତ୍ତ-ଠାରୁ କ୍ଷୁଦ୍ର, କ୍ଷୁଦ୍ରାଦପି କ୍ଷୁଦ୍ର । ଏହା ହେଲେହେଁ ମନୁଷ୍ୟର ଅହଙ୍କାର, ଗରିମା ଏବଂ ବାସନାର ତାଡ଼ନା । ଏହା ପ୍ରହେଳିକା ବ୍ୟତୀତ ଆଉ କଅଣ ?

ଗୋଟିଏ ବିନ୍ଦୁ ଅବଲମ୍ବନ କରି ମୁଁ ଆସିଅଛି, ଗୋଟିଏ ବିନ୍ଦୁରେ ମିଶିଯିବି । ଉଲଙ୍ଗ ହୋଇ ଆସିଅଛି, ଉଲଙ୍ଗ ହୋଇ ଚାଲିଯିବି, ପୃଥିବୀର କିଛିହିଁ ସଙ୍ଗରେ ଯିବ ନାହିଁ । ପିତାଙ୍କର ଏକ ବିନ୍ଦୁ ଶୁକ୍ର ଏବଂ ମାତାଙ୍କର ଏକ ବିନ୍ଦୁ ଶୋଣିତ ମିଶି ମୁଁ—ବିନ୍ଦୁର ସୃଷ୍ଟି ଏବଂ ସେହି ଶୁକ୍ର-ଶୋଣିତର ସମ୍ବନ୍ଧ ଛାଡ଼ ନିରାକାର ବିନ୍ଦୁରେ ମୁଁ-ବିନ୍ଦୁର ପରିସମାପ୍ତି । ସମସ୍ତଙ୍କର ହିଁ ଏହିରୂପ ଦଶା ! କିଏ ଆସେ, କିଏ ରହେ, କିଏ ଯାଏ, କିଏ ଗଣି କହି ପାରିବ କି ? ତୁମ୍ଭେ ଖୁବ୍ ବଡ଼ ପଣ୍ଡିତ, ଅହଙ୍କାରରେ ଜଗତ୍ କମ୍ପାଉଅଛ, କହ, କେଉଁଆଡ଼କୁ କେଉଁ ବାଟରେ ଚାଲିଅଛ ? ଏଠାରେ ସବୁ ଶାସ୍ତ୍ର ନିରୁତ୍ତର, ସବୁ ଜ୍ଞାନ ନିର୍ବାକ, ସବୁ ପାଣ୍ଡିତ୍ୟ ନୀରବ ! ଇଥର-ତଥ୍ୟ, ପ୍ରୋଟୋପ୍ଲାଜମ୍-ତତ୍ତ୍ୱ, ସବୁ ତତ୍ତ୍ୱ ଘାଣ୍ଟି ଠିକଣିଶେଷକୁ ମନୁଷ୍ୟ ବାଳକ ଠାରୁ ମଧ ଅଜ୍ଞାନ । ଏହା ପ୍ରହେଳିକା ନୁହେଁ କି ? ଦିନେ ଭାବୁଥିଲି ଈଶ୍ୱର ନ ଥିଲେ ମୋହର ପରିଣାମ କଅଣ ? ଈଶ୍ୱର-ତତ୍ତ୍ୱ ଅଜ୍ଞେୟ ଓ ଦୁର୍ଜ୍ଞେୟ । ମୁଁ ସସୀମ ପ୍ରାଣୀ ହୋଇ

ଏହି ତତ୍ତ୍ୱ ଭାବି ଭାବି ଅଧୀର ହୋଇଥାଏଁ, କିଛି ନିର୍ଦ୍ଧାରଣ କରି ପାରୁ ନାହିଁ । ଭାବୁଥିଲି, ଯେବେ ଈଶ୍ୱର ନ ଥିଲେ, ମୁଁ କେଉଁ ଆଡ଼ରୁ ଆସିଲି ? ଈଶ୍ୱର ନ ଥିଲେ ମୁଁ ରହିଅଛି କିପରି ? ବଞ୍ଚି ଅଛି କିପରି ? ଈଶ୍ୱର ନ ଥିଲେ ମନୁଷ୍ୟ ସଂସାର-ମମତାରେ ଜଡ଼ିତ ହୋଇ ସୁଦ୍ଧା କିପରି ସବୁ ମାୟା ବିସର୍ଜନ କରି ମୁହୂର୍ତ୍ତ ମଧ୍ୟରେ ମୃତ୍ୟୁକୁ ଆଲିଙ୍ଗନ କରିଥାଏ ? ନିୟାମକ ଏବଂ ଚାଳକ କେହି ନ ଥିଲେ ଏତେ ମାୟା ବିସର୍ଜନ କରି ମନୁଷ୍ୟ କି ଯାଇ ପାରନ୍ତା ? ଏହି ସୁଖପୂର୍ଣ୍ଣ ପୃଥିବୀକୁ ଇଚ୍ଛାରେ କି କେହି ବିସର୍ଜନ କରି ପାରନ୍ତା ? ନିଜର ଇଚ୍ଛାରେ କଅଣ ଆସିଅଛି, ନିଜର ଇଚ୍ଛାରେ କଅଣ ରହିଅଛି କିମ୍ବା ନିଜର ଇଚ୍ଛାରେ କଅଣ ଯିବ ? ତୃଣର ନିଜ ଇଚ୍ଛା ନ ଥିଲା । ଅସନ୍ନମୃତ୍ୟୁ ରୋଗୀର ନିଜ ଇଚ୍ଛା ନାହିଁ । କିଏ ଯେପରି ଆଣିଅଛି କିଏ ଯେପରି ନେଇଯିବ । ନାଟର ପିତୁଳା ପ୍ରାୟ କିଏ ଯେପରି ସୂତା ଧରି ନଚାଉଅଛି । ମନୁଷ୍ୟ କଅଣ ଇଚ୍ଛା-ବର୍ଜିତ ଜଡ଼ ପ୍ରାକୃତିକ ନୁହେ ?

ମୋହର ନିଜର ଇଚ୍ଛାଥିଲେ ମୁଁ ଏହି ଶୋକତାପପୂର୍ଣ୍ଣ ପୃଥିବୀକୁ ଆସି ନ ଥାଆନ୍ତି । ଏଠାକୁ ଆସି କଅଣ କରିଅଛି ? କେବଳ ମୁଣ୍ଡରେ ଦୁଃଖକଷ୍ଟର ବୋଝ, ହୃଦୟରେ ଶୋକତାପର ଯନ୍ତ୍ରଣା ଏବଂ ଶରୀରରେ ଇନ୍ଦ୍ରିୟର ଅତ୍ୟାଚାର ସହିଅଛି ଓ ଧାରଣ କରିଅଛି । ହାୟ ! ବାଲ୍ୟକାଳରେ ଯେଉଁମାନଙ୍କର ସ୍ନେହ ଓ ଅମିୟବୋଳା ମୁଖ ଦେଖି ସବୁ କଷ୍ଟ ପାଶୋରିଥିଲି ସେମାନେ ଆଜି କାହାନ୍ତି ? ଏହି ନିର୍ମମ ସଂସାର ପ୍ରାନ୍ତରରେ ମୋତେ ପକାଇ ଦେଇ କାହିଁ ସେହି ମାତୃମୂର୍ତ୍ତି ଏବଂ ପିତୃମୂର୍ତ୍ତି ? ମୁଁ କାହିଁକି ଏତେ ଦୁଃଖକଷ୍ଟ ସହିବାକୁ ଆସିଲି ? ମୁଁ ଅନେକ ଭାବି ଦେଖିଅଛି ମୁଁ ନିଜର ଇଚ୍ଛାରେ ଆସି ନାହିଁ । ଅନେକ ମନସ୍ୱୀ ଏବଂ ବିଦ୍ୱାନ-ମାନଙ୍କର ପୁସ୍ତକ ପଢ଼ି ଦେଖିଲି, କେହି କହି ନାହାନ୍ତି ଯେ ମନୁଷ୍ୟ ଇଚ୍ଛାପୂର୍ବକ ଏ ସଂସାରକୁ ଆସିଅଛି । ମନୁଷ୍ୟ ଜନ୍ମପୂର୍ବରୁ ଇଚ୍ଛାବର୍ଜିତ । ପୁଣି ଅନ୍ତିମକାଳରେ ଏବଂ ଜୀବନ-ପ୍ରଦୀପ-ନିର୍ବାଣ ସମୟରେ ମଧ ସେହିପରି । ନିଃଶ୍ୱାସ ବନ୍ଦ ବନ୍ଦ ଆଉ ବହିବ ନାହିଁ, ଶେଷ ସମୟରେ ଯେତେବେଳେ ସମସ୍ତ ପୃଥିବୀ ମୋହ ନିକଟରେ ନ ଥିଲା ଭଳି ହେବ, ଯେତେବେଳେ ସବୁ ପରିତ୍ୟାଗ କରିବାକୁ ହେବ, ସେହି ସମୟରେ ମଧ ମନୁଷ୍ୟ ଇଚ୍ଛାବର୍ଜିତ । ଇଚ୍ଛାବର୍ଜିତ ଅବସ୍ଥାରେ ଆସିଅଛି, ଇଚ୍ଛା ବିସର୍ଜନ ଦେଇ ଚାଲି ଯିବାକୁ ହେବ । ଯେତେ ଦିନ ଏହି ପୃଥିବୀରେ ରହିବ, ସେତିକି ଦିନ ହିଁ ଇଚ୍ଛାର କ୍ରୀଡ଼ା ।

ଜନ୍ମ ଓ ମୃତ୍ୟୁ ଦୁଇ ବିନ୍ଦୁ ମଧ୍ୟରେ କେବଳ ଜୀବନ-ଲୀଳା—ଇଚ୍ଛାର ରାଜତ୍ୱ । ଦ୍ୱୈତଭାବରେ ବିକାଶର ଅବସ୍ଥା, ସ୍ୱାଧୀନ ଇଚ୍ଛାରେ କ୍ରୀଡ଼ା, ପାପପୁଣ୍ୟବୋଧ—ଯେତେଟିକ ଦର୍ଶନର ଲୀଳା-ଚାତୁରୀ, ସମସ୍ତହିଁ ଏହି ଜୀବନ-ଲୀଳାରେ । କେହି କହନ୍ତି ମନୁଷ୍ୟ ସ୍ୱାଧୀନ, କେହି କହନ୍ତି ଅଧୀନ । କେହି କହନ୍ତି କେବଳ ଦ୍ୱୈତଭାବହିଁ ସ୍ୱାଭାବିକ, କେହି କହନ୍ତି ଅଦ୍ୱୈତ ଜ୍ଞାନହିଁ ସାର ।

Digitized by srujanika@gmail.com

କେହି କହନ୍ତି ଜୀବ ଓ ବ୍ରହ୍ମ ଏକ, କେହି କହନ୍ତି ଜୀବ ଓ ବ୍ରହ୍ମ ପୃଥକ୍ । ମାୟାବାଦ, ଜଡ଼ବାଦ ଓ ଶକ୍ତିବାଦ ପ୍ରଭୃତିର ସଂଘର୍ଷ ହିଁ ଏହି ଜୀବନ ଲୀଳାରେ । ମନୁଷ୍ୟ ଉଠୁଅଛି, ପଡୁଅଛି, ଯାଉଅଛି, ନାଚୁଅଛି । ମନୁଷ୍ୟ ମନୁଷ୍ୟଙ୍କୁ ତୃଣ ଭଳି ହେୟଜ୍ଞାନ କରୁଅଛି । କେତେ କେତେ ସୁଖ ଅନ୍ୱେଷଣ କରୁଅଛି, କେତେ କେତେ ଜଘନ୍ୟ କାର୍ଯ୍ୟ କରୁଅଛି । ବୋଧହୁଏ ଏହି ଜୀବନ କାଳ ହିଁ ମନୁଷ୍ୟର ସର୍ବନାଶର କାଳ । ମୁଁ ଯେବେ ମନୁଷ୍ୟ ହୋଇ ନ ଥାଆନ୍ତି, ମୁଁ ତୁମ୍ଭ ମନରେ ଏତେ କଷ୍ଟ ଦିଅନ୍ତି ନାହିଁ । ମୁଁ ଯେବେ ନ ଥାଆନ୍ତି, ଏତେ ପାପର ସେବା, ଏତେ ଅଧର୍ମ-ଚର୍ଚ୍ଚାରେ ଜୀବନ କଟାଇ ନ ଥାଆନ୍ତି । ଜନ୍ମ ଠାରୁ ଏ ପର୍ଯ୍ୟନ୍ତ କେତେ ଗର୍ହିତ କାର୍ଯ୍ୟ କରିଅଛି, ଭାବିଲେ ଶରୀର ରୋମାଞ୍ଚିତ ହୋଇଥାଏ । ହିଂସା ବିଷରେ ଜର୍ଜରିତ, କାମ କ୍ରୋଧରେ ଶିଥିଳ ଅଙ୍ଗ, ଅଧର୍ମର ଲୀଳା କ୍ଷେତ୍ରରେ ମୁଁ କଅଣ କରିନାହିଁ ? ଅଥଚ ଲୋକର ପ୍ରଶଂସା ପ୍ରାପ୍ତି ସକାଶେ କପଟ ଲାଳାୟିତ ହୋଇଅଛି । ମୁଁ ହେୟ ଏବଂ ଘୃଣିତ ହୋଇ ମନରେ ବାସନା ପୋଷଣ କରିଅଛି ଯେ ଲୋକେ ମୋତେ ଭଲ କହନ୍ତୁ ବଡ଼ ବୋଲି କହନ୍ତୁ । ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ, ସୂର୍ଯ୍ୟାସ୍ତ ଠାରୁ ସୂର୍ଯ୍ୟୋଦୟ, ଏହି ୨୪ ଘଣ୍ଟା ମଧ୍ୟରେ କେତେ ମୁହୂର୍ତ୍ତ, ଏହି ମୁହୂର୍ତ୍ତ ଗୁଡ଼ିକରେ କେତେ ନରକର ରଚନା କରିଅଛି । କେତେ ସହସ୍ର ପ୍ରକାର ନରକ ରଚନା କରି ସେଥିରେ ବୁଡ଼ିଅଛି । ତୁମ୍ଭେ ମୋତେ କଅଣ ପ୍ରବୋଧ ଦେବ, ଅସାରର ଅସାର ମନୁଷ୍ୟ ମୁଁ ଅତଳରେ ବୁଡ଼ିଅଛି ମୋତେ ଉଦ୍ଧାର କରିବାର ଶକ୍ତି ତୁମ୍ଭର ନାହିଁ । କେହି ଉଦ୍ଧାର କରି ପାରିବେ ନାହିଁ, କିମ୍ବା ଉଠାଇ ପାରିବେ ନାହିଁ । କାହାର ଉଠା ବାର ଇଚ୍ଛା ମଧ୍ୟ ନାହିଁ । ବୁଡ଼ାଇବାକୁ ହିଁ ସମସ୍ତଙ୍କର ଇଚ୍ଛା । ପିତୃ-ମାତୃ ବଧ, ଭ୍ରାତା-ବନ୍ଧୁ ବଧ, ସ୍ୱାମୀ-ସ୍ତ୍ରୀ ବଧ ପ୍ରଭୃତି ବଧର ଯୂପ-କାଷ୍ଠରେ ମହାଆନନ୍ଦର କଲ୍ଲୋଳ ସମୁଚ୍ଛ୍ୱସିତ । ସ୍ନେହ ଓ ପ୍ରେମରେ ଭୁଲାଇ ଭୁଲାଇ ମନୁଷ୍ୟ ମନୁଷ୍ୟଙ୍କୁ ବଧ କରିବାକୁ ଧାଇଁଅଛି । ଏହାକୁ ହିଁ ସଂସାର-ଲୀଳା କିମ୍ବା ସ୍ୱାଧୀନତାର ଯୁଗ ଅଥବା ଦ୍ୱୈତ-ଜ୍ଞାନର ଚରମ ଅବସ୍ଥା କହନ୍ତି ।

ସମସ୍ତ ଦିନଟି ଧାଇଁ ଧାଇଁ ବର୍ତ୍ତମାନ ସାୟଂ କାଳରେ ମାତୃ-କ୍ରୋଡ଼ ଅନ୍ୱେଷଣ କରୁଅଛି । କିନ୍ତୁ ମାତୃକ୍ରୋଡ଼ କାହିଁ ? ଶ୍ମଶାନ-ଅଗ୍ନିରେ ପୃଥିବୀର ଶେଷ ସ୍ନେହ-କଣା ନିର୍ବାପିତ ହୋଇଅଛି । କିନ୍ତୁ ଜଗଜ୍ଜନନୀ ପଥଭ୍ରାନ୍ତ ପିତୃମାତୃହୀନ ସନ୍ତାନଙ୍କୁ ଅବଶେଷରେ ଆହ୍ୱାନ କରୁଅଛନ୍ତି । କାହିଁକି ପଚା ଥିଲେ ଜାଣେ ନାହିଁ, ବର୍ତ୍ତମାନ କାହିଁକି କେଜାଣି କୋଳକୁ ଟାଣିନେବା ସକାଶେ ଡାକୁଅଛନ୍ତି । ଏହି ଡାକ ଶୁଣି ମୁଁ ବର୍ତ୍ତମାନ ଆତ୍ମହରା, ସଂସାରହରା, ସ୍ନେହହରା, ମମତାହରା, ଇଚ୍ଛା-ହରା ହେବାକୁ ଲୋଡ଼ୁଅଛି । ଅଦ୍ୱୈତ ଜ୍ଞାନରେ ଯେଉଁ ସୁଖଶାନ୍ତି, ଦ୍ୱୈତ ଜ୍ଞାନରେ ତାହା ପାଇ ନାହିଁ । ଯେତେବେଳେ ଶିଶୁ ଥିଲି, ସେତେବେଳେ ସମସ୍ତଙ୍କୁ ନିଜର ଭଳି ମନେ କରିଥିଲି ! କେହି ପର ନ ଥିଲେ । ମୁଁ ଇଚ୍ଛା-ବର୍ଜ୍ଜିତ ଥିଲି । ଦ୍ୱୈତ ଜ୍ଞାନରୁ ଭଲ-ମନ୍ଦ, ବିଷ୍ଠା-ଚନ୍ଦନର ଭେଦ ଯେଉଁ ଦିନଠାରୁ ବୁଝିଲି ସେହି ଦିନରୁ ମୋହର ସର୍ବନାଶର ଆରମ୍ଭ ହେଲା । କେହି ନିଜର ନୁହନ୍ତି, ସବୁ ପର, ସବୁ ଭେଦପୂର୍ଣ୍ଣ, ସବୁ ପୃଥକ୍, ସବୁ ବିଷାକ୍ତ । ବିବେକ ଆଦେଶ ପ୍ରଭୃତି ଯେଉଁ ସମସ୍ତ ଧର୍ମର କଥା ଶୁଣିଥିଲି, ସେ ସମସ୍ତ ବିମଳ ସତ୍‌ମାର୍ଗରେ, ଧର୍ମର ପବିତ୍ର ପଥରେ ମୋତେ ଧରି ରଖି ପାରିଲା ନାହିଁ । ମୁଁ ଥରେ ସେମାନଙ୍କର କଥା ଶୁଣିଲେ ଦଶ ଥର ନିଜର ଇଚ୍ଛାର କଥା ଶୁଣିଅଛି । ଶୁଣି, ସ୍ୱେଚ୍ଛାମାର୍ଗରେ ପାଦଚାରଣା କରି କରି ଏତେ ମଳିନ, ଅସାର, ଦୁର୍ବଳ, ନିସ୍ତେଜ ଓ ସ୍ଫୂର୍ତ୍ତିହୀନ ହୋଇଅଛି । ମୁଁ ଯେତେବେଳେ ଇଚ୍ଛାବର୍ଜ୍ଜିତ ଥିଲି ସେତେବେଳେ ମୋହର ମୁଖର ହାସ୍ୟ ବିମଳ ଥିଲା, ଚକ୍ଷୁ ଜ୍ୟୋତିସ୍ନିଗ୍ଧ ଥିଲା, ହାତର କାର୍ଯ୍ୟ ପବିତ୍ର ଥିଲା, ମୁଖର ଭାଷା ମିଷ୍ଟ ଥିଲା—ଶରୀରର କାନ୍ତି ଅପୂର୍ବ ଥିଲା । ଯାହା ଭଲ ସେ ସବୁ ଥିଲା । ଭାଷାର ସ୍ନିଗ୍ଧତାର ସେହି ମାଧୁର୍ଯ୍ୟ, ମୁଁ ଯୌବନ-ସୂର୍ଯ୍ୟର ତୀବ୍ର ପ୍ରାଖର୍ଯ୍ୟରେ ଭସ୍ମ କରି ଦେଇଅଛି । କଅଣ ଥିଲି, କଅଣ ହେଲି ! ଜୀବନ-ଲୀଳାର କି ତୀବ୍ର ସମ୍ମୋହ !

ଶିଶୁ ଥିଲି, ବର୍ତ୍ତମାନ ପୁଣି ଶିଶୁ ହେବାକୁ ଲୋଡ଼ୁଅଛି । ଶୈଶବର କୋମଳତା ଏବଂ ଅନ୍ତକାଳର ସ୍ନିଗ୍ଧତାରେ ମିଶି ଯିବାକୁ ଇଚ୍ଛୁକ । ଯାହା ଥିଲି ତାହା ହିଁ ପୁଣି ହେବାକୁ ଇଚ୍ଛୁକ । ହୋଇ ପାରିବି କି ନାହିଁ କିଏ ଜାଣେ ? ଉଲଗ୍ନ ହୋଇ ଆସିଥିଲି, ଉଲଗ୍ନ ହୋଇ ଫେରି ଯିବାକୁ ହେବ । ଯିବା ବେଳକୁ ସବୁ ବିଷୟରେ ଉଲଗ୍ନ ହେବାକୁ ହେବ । ରିପୁର ଉତ୍ତେଜନା, ଇନ୍ଦ୍ରିୟର ତାଡ଼ନା, କ୍ଷୁଧାତୃଷ୍ଣାର ଯାତନା ସବୁ ଭୁଲିବାକୁ ହେବ । ମାୟା-ବର୍ଜ୍ଜିତ, ଛାୟାବର୍ଜିତ, କାୟା ଓ ବାସନା ବର୍ଜ୍ଜିତ ହେବାକୁ ହେବ । କେବଳ ସ୍ୱାଧୀନତାର ଯୁଗ କହିଲେ ଚଳିବ ନାହିଁ । ସ୍ୱାଧୀନତା-ବିସର୍ଜ୍ଜନର ଯୁଗ ବୋଲି କହିବାକୁ ହେବ । ଗୋଟି ଗୋଟି ହୋଇ କେଶ ପାଚି ଯାଉଅଛି, ମୋହର କଥା ଶୁଣୁ ନାହିଁ ; ଗୋଟି ଗୋଟି ହୋଇ ଦାନ୍ତ ଖସି ପଡ଼ୁଅଛି, ମୋହର ଆହାରର ତୃପ୍ତି ବିଧାନ ସକାଶେ ଅପେକ୍ଷା କରୁ ନାହିଁ । ଗୋଟି ଗୋଟି ହୋଇ ମୋହର ସମସ୍ତ ଇନ୍ଦ୍ରିୟ ଶିଥିଳ ହୋଇ ଯାଉଅଛି; କେତେ ମିନତି ଜଣାଇ ଆଉ ଟିକିଏ ଅପେକ୍ଷା କରିବାକୁ କହୁଅଛି, ମାତ୍ର ତାହା ଶୁଣୁ ନାହାନ୍ତି । ମୋହର ଚକ୍ଷୁ ଦୃଷ୍ଟି-ଶକ୍ତି, କର୍ଣ୍ଣ ଶ୍ରବଣ-ଶକ୍ତି ଏବଂ ମସ୍ତିଷ୍କ ସ୍ମୃତି-ଶକ୍ତିରୁ ବଞ୍ଚିତ । ମୋହର ଇଚ୍ଛା କାହାକୁ ବାଧା ଦେଇ ପାରୁନାହିଁ । ଜଣ ଜଣ ହୋଇ କେତେ ପ୍ରିୟଜନ [illegible] କେତେ ସ୍ନେହପାତ୍ର ଅଦୃଶ୍ୟ ରାଜ୍ୟକୁ ପଳାୟନ କରୁଅଛନ୍ତି । ମୋହର ଇଚ୍ଛାରେ କେହି ଛିଡ଼ାହୋଇ ରହୁନାହାନ୍ତି । ମୋହର ଇଚ୍ଛାରେ ଆଉ କିଛି ହେଉ ନାହିଁ । ଟଙ୍କା ଛଡ଼ା ଯାଉ, ମୁଁ ଭଳ-କରି ଅନାଇବି; ଏ କଥା କେହି ଶୁଣନ୍ତି ନାହିଁ । କେଉଁ ଅଦୃଶ୍ୟ, ଅନନୁଭୂତ ଅପରିଜ୍ଞାତ ଶକ୍ତିର ଇଙ୍ଗିତରେ ମୋତେ ଇଚ୍ଛାଶକ୍ତିରୁ ବଞ୍ଚିତ ହେବାକୁ ହୋଇଅଛି । ମୋହର ସମସ୍ତ ଆଭରଣ ଅଳ୍ପ

Digitized by srujanika@gmail.com

ଅଳ୍ପ ହୋଇ ଖସି ପଡୁଅଛୁ । ସକଳ ବସନ ଲଜ୍ଜାକୁ ଢାଙ୍କି ଦେଇ ଅଙ୍ଗରୁ ଖସି ପଡ଼ିବା ପାଇଁ ପ୍ରସ୍ତୁତ । ମୋହର କଥାରେ ଶକ୍ତି ଅଛି ଯେ ମୁଁ ପାରିବି ଅବା କରିବି ? ମୋତେ ବାଧ୍ୟ ହୋଇ ଇଚ୍ଛା-ହତ ହେବାକୁ ହେବ । ମୃତ୍ୟୁଙ୍କୁ କିଏ ଟାଳି ପାରେ ? ଅଥଚ ସମସ୍ତଙ୍କୁ ମରିବାକୁ ହେବ । ସମସ୍ତଙ୍କର "ଯାଏଁ ଯାଏଁ" ରବରେ ମୋହର ପ୍ରାଣ ସଦା ବିହ୍ୱଳ । ଯାଏଁ ଯାଏଁ ଗଞ୍ଜଣା ଆଉ ସହି ପାରୁ ନାହିଁ—ସମସ୍ତେ ହିଁ କହନ୍ତି ଯାଏଁ, ଯାଏଁ, ଯାଏଁ । ଏତେକାଳ ଯେଉଁ ଅଙ୍ଗକୁ ଏତେ ଖୁଆଇଲି, ପିନ୍ଧାଇଲି ସଜାଇଲି ସେ ମଧ୍ୟ କହୁଛି "ଯାଏଁ ଯାଏଁ ଯାଏଁ" । ବନ୍ଧୁବାନ୍ଧବ ସମସ୍ତେ-ହିଁ କହିଲେ "ଯାଏଁ, ଯାଏଁ, ଯାଏଁ" । କେତେ ଶତ ଜନ ନିକଟରୁ ଦୂରକୁ ଅତି ଦୂରକୁ ଯାଇଅଛନ୍ତି । ଯେଉଁ ସବୁ ଦାନ୍ତ ଖସି ପଡ଼ିଅଛି, ସେ ସବୁ ଆଉ ବସିବ ନାହିଁ, ଯେଉଁ ସବୁ କେଶ ପାଚି ଯାଇଅଛି, ତାହା ଆଉ କଳା ହେବ ନାହିଁ । ଶିଥିଳ ଓ ନିସ୍ତେଜ ଅଙ୍ଗ ଆଉ ସତେଜ ହେବ ନାହିଁ । କାହାରିକୁ ଆଉ ରଖିବାର ଶକ୍ତି ନାହିଁ ଏବଂ ଉପାୟ ମଧ୍ୟ ନାହିଁ । ମହାମାୟାର ମହାଲୀଳା ଆରମ୍ଭ ।

ଜୀବନର ତରଙ୍ଗାଘାତରେ, ଜୀର୍ଣ୍ଣଶୀର୍ଣ୍ଣ ଅବସନ୍ନ ଦେହରେ; ବର୍ତ୍ତମାନ ସୂର୍ଯ୍ୟାସ୍ତ ସମୟରେ ଅକୂଳ-ସଂସାର-ସାଗର-ତଟରେ ଛିଡ଼ା ହୋଇ ନିର୍ବାଣର ଶେଷ ମୁହୂର୍ତ୍ତ ସକାଶେ ଅପେକ୍ଷା କରି ରହିବାକୁ ହେବ । ଯେ ଥିଲେ, ଅଛନ୍ତି, ରହିଥିବେ, ଯେ ଯିବଅଛନ୍ତି, ସେ ଆମ୍ଭମାନଙ୍କର ସହାୟ ହେଉନ୍ତୁ । ଆମ୍ଭେମାନେ ଲିଭୁଁ ଲିଭୁଁ ଏକା ବେଳକେ ଲିଭି ଯାଉଁ । ସେ କେବଳ ଶେଷ କାଳରେ ସହାୟ ହେଉନ୍ତୁ—ପୃଥିବୀର ସମସ୍ତ ଅସାର କାମନା ଓ ବାସନା ଧୂଳିସାତ୍ ହେଉ ।

ଫଲଗୁ-ଧାରା*

ଶ୍ରୀ ମହେଶ୍ୱର ନାୟକ

ଏମିତି ନିର୍ଜନ ନିଛାଟିଆ ସ୍ଥାନଟି, ଏଠି ପୁଣି ପ୍ରେମ-ସ୍ରୋତର ପ୍ରାଣବାନ୍ କଲତାନ ? ଅବଶ୍ୟାସ୍ୱାଏ କହିବେ ନିରାଟ ମିଛ, କବି-କଳ୍ପନା । ତଥାପି କଥାଟି ସତ ।

କ୍ଷୁଦ୍ର ବଙ୍ଗଳା ଘରଟି, ଠିକ୍ ନିମ୍ନରେ ଗୋଟାଏ ଛୋଟ ନଦୀ, ଚାରମାସୀ । ଅଧ ମାଇଲ ଭିତରେ ଗ୍ରାମ ଘର କିଛି ନାହିଁ । ବଙ୍ଗଳା-ହତା ଭିତରେ ଚୌକିଦାରର ଘରଟି ନ ଥିଲେ ହିନ ଦିପହରେ ଶ୍ମଶାନର ଝାଇଁ ବାଜନ୍ତା । ନିର୍ଜନତାକୁ ଛାଡ଼ି ଦେଲେ ସ୍ଥାନଟି ନିର୍ମଳ, ମନୋରମ । କ୍ୱଚିତ୍ କେବେ କେହି ବଙ୍ଗଳାରେ ରାତ୍ରି-ଯାପନ କରନ୍ତି ।

ଏହି ବଙ୍ଗଳାର ଗୋଟିଏ କୋଠରୀରେ ଗୋଟାଏ ଆରାମ ଚୌକିରେ ବସି ଏକାକୀ ମୁଁ ଗୋଟାଏ ଛୋଟ କାଗଜରେ କଣ ଲେଖୁଥିଲି ଓ ଭାବୁଥିଲି । ସାମନା କାନ୍ଥ ଦେହରେ ଟଙ୍ଗା ଗୋଟାଏ ବଡ଼ ଆଇନା । ଆଇନାକୁ ଆଶ୍ରୟ ଦେଇଥିବା ଦୁଇଟି ବଡ଼ ଲୁହା କଣ୍ଟା ମଧ୍ୟରୁ ଗୋଟିକରେ ବସିଛି ଗୋଟାଏ ବାଇଚଢ଼ିଆ, ଆଉ ଅନବରତ ଖୁମ୍ପୁଛି ଆଇନା-କାଚକୁ । ପ୍ରଥମେ ମୁଁ ମନେ-କଲି ଏହା ବୋଧହୁଏ ଆଇନା ଉପରେ ବସୁଥିବା ଛୋଟ ଛୋଟ ପୋକ ଗୁଡ଼ିକରେ ଚଢ଼ିଆଟିର ଉଦର-ତୃପ୍ତି-ସାଧନ । କିନ୍ତୁ ପ୍ରାଣ ଭିତରେ ଯାଇ ଆଉ ଏକ ତୀବ୍ର ଅଗ୍ନି ଜଳୁଛି, ଜାଣେ ନା ଜଠରାନଳର ତୀବ୍ରତା ସେଠି କେତେ ? କ୍ରମେ ମୋର କୌତୂହଳ ବଢ଼ାଇ ପକ୍ଷୀଟି ଯେଉଁ ଆବଭାବ ପ୍ରକାଶ କଲା, ସେ ସବୁରୁ ଅନୁମାନ କରିବାକୁ ଇଚ୍ଛା ହେଲା, କ୍ଷୁଧା-ନିବାରଣର ପନ୍ଥାଠାରୁ ଅଧିକ ବେଶୀ କିଛି ଅଛି ଏଠି । ଦେଖିଲି ପକ୍ଷୀଟି ଆଇନାକୁ ଗୁହିଁ ଗୁହିଁ ଖୁମ୍ପିବାରେ ଲାଗିଛି, ଆଉ ମଝିରେ ମଝିରେ ଝାଡ଼ି ଝାଡ଼ି ହୋଇ ନିଜ ଅଙ୍ଗ ଆଡ଼କୁ କ୍ଷଣିକ ଦୃଷ୍ଟି ଦେଇ ପୁଣି ପରେ ଆଇନା-କାଚକୁ ଖୁମ୍ପୁଛି । ଖୁମ୍ପିବାଟା ଯେପରି ତାର ମୁଖ୍ୟ ଉଦ୍ଦେଶ୍ୟ ।

ରହସ୍ୟ ! ପକ୍ଷୀ ପ୍ରାଣରେ ରହସ୍ୟ ! ଆଶ୍ଚର୍ଯ୍ୟ ଲାଗିଲା । ରହସ୍ୟ-ଭେଦ ପାଇଁ ସ୍ପୃହା ଜାଗିଲା । ଦେଖିଲି, ଆଇନା ମଧ୍ୟରେ ଚଢ଼ିଆଟିର ପ୍ରତିଫଳିତ ପ୍ରତିଛବି । ମନେକଲି ପ୍ରତିଛବିଟିକୁ ଆଉ ଏକ ପକ୍ଷୀ ମନେକରି ହୁଏ ତ ଏ ଦ୍ୱନ୍ଦ୍ୱଯୁଦ୍ଧ-ଲାଳସା । ନିର୍ବୋଧ ସେ କଣ ବୁଝନ୍ତା ? ଦୁଃଖ-ବ୍ୟଥା କେବଳ ସାର— ଆଇନା ଉପରୁ ତାକୁ ଘଉଡ଼ାଇ ଦେଇ ଆଶ୍ୱସ୍ତ ହେଲି ।

ଦଶ ବାର ମିନିଟ୍ ପରେ ପୁଣି ହତଭାଗା ଲେଉଟି ଆସି ଆପଣାର ନିର୍ବୋଧତା ଦେଖାଇ ବସିଲା, ପୁଣି କାଚକୁ ବା ତା ଜ୍ଞାନରେ ନିଜ ପ୍ରତିବିମ୍ବକୁ ଖୁମ୍ପି ଖୁମ୍ପି । ଅନ୍ତତଃ ମୁଁ ମନେକଲି ଏ ତାର ନିର୍ବୋଧତା । କିନ୍ତୁ ପରବର୍ତ୍ତୀରେ ହେଲା ଦୟା, ପୁଣି ଘଉଡ଼ାଇ ଦେଲି, ସେ ଯାଇ ବସିଲା ପଙ୍ଖା ଉପରେ । ନିର୍ବାକ୍ ବିହଙ୍ଗ; ସେ ଯାହାକୁ ପ୍ରତିଦ୍ୱନ୍ଦ୍ୱୀ ମନେକରେ ତା ପ୍ରକୃତ ପ୍ରତିଦ୍ୱନ୍ଦ୍ୱୀ ନୁହେ, ଆପଣାର ପ୍ରତିରୂପ ମାତ୍ର । ଏଇ କଥା ବୁଝାଇ ଦେବା-ପାଇଁ ମୁଁ ଯାଇ ଆଇନା ନିକଟରେ ଛିଡ଼ା ହୋଇ ଯାନିଆଁ ଧରି କେଶବିନ୍ୟାସ କଲି - ଯଦି ଏଇଟା ତାକୁ ବୁଝାଇବା ଭଲ ଉପାୟ ହୋଇପାରେ । ହା ରେ ବିଶ୍ୱରବୁଦ୍ଧିଦୃପ୍ତ ମାନବ !

କିନ୍ତୁ ନିରୀହ ବିହଙ୍ଗ ସେ ସବୁ ବୁଝିବ କାହୁଁ ? ଆଇନା ନିକଟରୁ ମୋର ଫେରିବା ସଙ୍ଗେ ସଙ୍ଗେ ତାର କଳ୍ପିତ ଯୁଦ୍ଧର ପୁନରାୟୋଜନ ।

* ବାଲେଶ୍ୱର ସାହିତ୍ୟ-ସମାଜର ସାଧାରଣ ଅଧିବେଶନରେ ପଠିତ ।

ଦ୍ୱିପ୍ରହରର ଏଇ ଅସହ୍ୟପ୍ରାୟ ନିର୍ଜନତା ଭିତରେ ସମୟ-କ୍ଷେପଣର ଏଇ ନିର୍ଦ୍ଦୋଷ ପନ୍ଥାଟି ଯେପରି ମୁଁ ନୂଆ ଆବିଷ୍କାର କରି ପାଇଲି । ଏଇ ଅଭିନୟ ଉପଭୋଗ କରୁଁ କରୁଁ କେତେବେଳେ ମୁଁ ଶୋଇ ପଡ଼ିଲି ଜାଣେ ନା । ତନ୍ଦ୍ରା ଭେଦ କରି ସୁଦ୍ଧା ପକ୍ଷୀଟିର ଚଞ୍ଚୁଘାତ ଶୁଭୁଥିଲା ଟିକ୍, ଟିକ୍, ଟିକ୍ ।

ଉଠି ଦେଖେଁ ହତଭାଗା ସେଇପରି ବ୍ୟସ୍ତ, ସେଇ ଅଭିନୟରେ । ତୃପ୍ତିର ଅବସାଦରେ ମୋର ଆସିଲା ବିରକ୍ତି । ଟେବୁଲ୍ ଉପରୁ ପାନଆଁଟା ଫିଙ୍ଗିଲି ପକ୍ଷୀ ଉଦ୍ଦେଶ୍ୟରେ । ପକ୍ଷୀଟିର ଡେଣାରେ ବାଜି ପାନଆଁଟା ପଡ଼ିଲା ତଳର ପକ୍କା ଚଟାଣ ଉପରେ । ପାନଆଁଟା ଖଟ୍ କରି ଦୁଇ ଖଣ୍ଡ ହୋଇଗଲା । ପକ୍ଷୀଟି ଉଡ଼ିଗଲା, ମୁଁ ଲକ୍ଷ୍ୟ କଲି ମାତ୍ର । କିନ୍ତୁ ତା ବେଦନାର ଯେ ଗୋପନ ଫଲ୍ଗୁ-ଧାର ତାର ସନ୍ଧାନ କଣ ମୁଁ ପାଇଲି ? ସେ ଯେ ସେହିପରି ଲୁଚି ରହିଗଲା !

ବେଳା ଗଡ଼ିଗଲା । ଚୌକିଦାର ଆସି ଘର ସଫା କରିବାରେ ବ୍ୟସ୍ତ । ଜଣେ ମାନବର ଏ ଅବସ୍ଥିତିକୁ ଲକ୍ଷ୍ୟ ନ ରଖି ପୁଣି ପକ୍ଷୀଟି ଆସିଲା ସେଇ ଆଇନା ପାଖକୁ, ଆସି ସେହିପରି ତା ପ୍ରତିବିମ୍ବକୁ ଝୁମ୍ପିବାରେ ଲାଗି ପଡ଼ିଲା । ବାରନ୍ଦାରେ ଠିଆ ହୋଇ ମୁଁ ଦେଖିଲି ତାର ସେହି ଆଚରଣ । ମୋର ଆଗ୍ରହ ବଢ଼ିଲା । ଚୌକିଦାର ନିକଟରୁ କୌଣସି ସନ୍ତୋଷଜନକ ଉତ୍ତର ପ୍ରତ୍ୟାଶା ନ କରି ସୁଦ୍ଧା ତାକୁ ପଚାରିଲି "ଚଢ଼େଇଟି କାହିଁକି ବାରମ୍ବାର ଏ ଆଇନାରେ ଝୁମ୍ପାଝୁମ୍ପି କରୁଛି କିରେ ?"

ଚୌକିଦାର ଝାଡ଼ୁ ଛାଡ଼ି ମୋ ମୁହଁକୁ ଥରେ ଚାହିଁ ପୁଣି ପକ୍ଷୀ ଆଡ଼କୁ ଦୃଷ୍ଟି ଫେରାଇଲା । କହିଲା, "ତାର ଗୋଟାଏ ଦୁଃଖ ଅଛି ବାବୁ ।"

ପକ୍ଷୀ-ଜୀବନରେ ଇତିହାସ ! ପୁଣି ଦୁଃଖର ? ମୁଁ ଅପ୍ରତ୍ୟୟ କଲା ପରି କହିଲି; "କ'ଣ କହୁଚୁ ରେ ?"

"ହଁ ବାବୁ ଶୁଣନ୍ତୁ" ସେ କହିଲା ।

ଆରାମ ଚୌକି ଖଣ୍ଡ ଟାଣି ମୁଁ ବସିଲି । ଚୌକିଦାର ପକ୍ଷୀର ଇତିହାସ ବ୍ୟାଖ୍ୟାନ କଲା । କହିଲା—

"ଏମାନେ ଥିଲେ ଦି ପ୍ରାଣୀ । ଏ ଘର ଭିତରେ ଏତେ ଯେ ଚଢ଼େଇ ଦେଖୁଛନ୍ତି—ସେମାନଙ୍କ ସଙ୍ଗେ ଏ ଦୁହିଁଙ୍କର ମୋଟେ ମିଳାମିଶା ହୁଏନା । ଯେଉଁଠିକି ଯାନ୍ତି ଦୁହେଁ, ଆହାର ଖୋଜିଲେ ଦୁହେଁ ଏକାଠି, ଚରି ବୁଲୁଥିଲେ ଦୁହେଁ, ଉଡ଼ିଗଲେ ଦୁହେଁ— ମାଣିକଯୋଡ଼ି । ବସା ବାନ୍ଧିବାକୁ ଛଣ କୁଟା ଗୋଟାନ୍ତି ଦୁହେଁ ଏକାଠି । ସବୁଠାରୁ ବଡ଼ କଥା ଥିଲା, ଦୁହେଁ ଏଆଡ଼ୁ ସେଆଡ଼ୁ ଉଡ଼ି ଆସି କେଉଁଠି ବସିଗଲେ ଥଣ୍ଟରେ ଥଣ୍ଟରେ କିମିତି ଦୁହେଁ କାମୁଡ଼ା କାମୁଡ଼ି ଲଗାନ୍ତି । ଏତେ ଚଢ଼େଇ ଥାଉଁ ଥାଉଁ ଏ ଦୁହିଁଙ୍କର ଚାଲିଚଳଣି ଦେଖି ମୁଁ ମଧ୍ୟ ଆଚମ୍ବିତ ହୋଇଯାଏଁ, ଏମିତି ମନୁଷ୍ୟଙ୍କ ଭଳି ଥିଲା ଏମାନଙ୍କ କାରବାର ।

"କେଜାଣି ବା ଏ ଦୁଇଟା ଚଢ଼େଇ ବାପୁଡ଼ାର ଭାବ ପିରତିରେ କିଛି ଥିଲା, ବିଧାତା ପୁରୁଷ ଦେହରେ ଗଲା ନାହିଁ । ଆଜିକି ମାସଟାଏ ହେବ ସୁଦ୍ଧା ପୂରିନାହିଁ ; ସେଦିନ ପାଣି ନାହିଁ, ପବନ ନାହିଁ, ଝଡ଼ ନାହିଁ, ଗୁଡ଼ିଏ ଝିଟିପିଟି ମରିଗଲେ—ଛପରଟା ତଳେ ମାଟି ଉପରେ ପଡ଼ିଲା ଏଡ଼େ ଏଡ଼େ ପଥର, ଘରୁ ପଦାକୁ ବାହାରି ହେଲା ନାହିଁ । ପଦାଟାରେ ଯେଉଁ ପଥର ପଡ଼ିଥିଲା, ତାହା ତରଳିବାକୁ କେଜାଣି ଲାଗିଗଲା ଘଡ଼ିଏ ଡିନି । ମୋ ପିଲାଏ ପଥର ଗୋଟାଇବାରେ ଲାଗିଥିଲେ । ମୁଁ ଆସି ବଙ୍ଗଳାରେ ଦେଖେଁ ଚଢ଼େଇଟା ମରି ପଡ଼ିଛି ବାରନ୍ଦାରେ, ଆଉ ଏଇ ଚଢ଼େଇ ବିଚାରୀ ତା ପାଖରେ ବସି ତାକୁ ଝୁମ୍ପି ଉଠାଇବାକୁ ଚେଷ୍ଟା କରୁଛି, କିନ୍ତୁ ବିଚାରୀ ଯେ ଆଉ ଜୀବନରେ ନାହିଁ ସେ କଥା ଚଢ଼େଇ ବାପୁଡ଼ା ବୁଝିବ କାହୁଁ ? କହିବି କ'ଣ ବାବୁ, ମୁଁ ଯେତେବେଳେ ମଲାଟାକୁ ନେଇ ଫିଙ୍ଗି ଦେବାକୁ ଯାଏଁ ଦେଖିଲି ପୁରୁଷଟିର ଆଖିରୁ ସତେ ଯେମିତି ଦର ଦର ପାଣି ବହୁଛି । ବୁଢ଼ା ହେଲି ମୁଁ, ଜନ୍ମକାଳ ଯାଇ ଚାରି କାଳ ହେଲା । ଏମିତି କେବେ ଦେଖି ନ ଥିଲି । ମୋ ଆଖିରୁ ସୁଦ୍ଧା ପାଣି ବୋହିଗଲା ।

ସେଇ ଦିନଠୁଁ ସଙ୍ଗଛଡ଼ା ଏ ବିଚାରୀ ଏଇ ଆରଶିରେ ନିଜ ଛାଇ ଦେଖି ତାକୁ ହୁଏତ ସାଥୀ ମନେ କରି ଝୁମ୍ପି ବୁଲେ । ଚଢ଼େଇ ଜନ୍ମ ହେଲେ କଣ ହେଲା, ଆମରି ପରି ଏମାନଙ୍କର ବି ଦୁଃଖଶୋକ ଅଛି କି ନା କହନ୍ତୁ ନା ଦେଖି ବାବୁ ?"

ତନ୍ମୟ ହୋଇ ମୁଁ ଶୁଣିଲି ପକ୍ଷୀ-ଜୀବନର ଏ କରୁଣ ଇତିହାସ । ଚୌକିଦାରର ଶେଷ କଥାଟା ମୋ ପ୍ରାଣରେ ସୁଦ୍ଧା କାରୁଣ୍ୟର ଲହରୀ ମେଲି ଦେଲା । କିଛିକ୍ଷଣ ଆଗରୁ ଏଇ ବିରହୀ ପ୍ରତି ମୋର ଯେଉଁ ଅଯଥା ଆକ୍ରୋଶ ତାହା ସ୍ମରଣ କରି ବ୍ୟଥିତ ହେଲି । ଦୁଇ ମାସ ପୂର୍ବେ ଏଇ ବଙ୍ଗଳାରେ ମୋର ରହଣି କଥା ଆଜି ପୁଣି ମନେ ପଡ଼ିଲା, ସେତେବେଳେ ସୁଦ୍ଧା ଏଇ ପ୍ରଣୟୀ ଯୁଗଳକୁ ମୁଁ ଦେଖିଛି, ସେଇ ଆରଶି କଣ୍ଠାରେ ବସି କିମିତି ଦୁହେଁ ପାଳି କରି ଉଡ଼ି ଆସି ପ୍ରଣୟ-ସମ୍ଭାଷଣ କରୁଥିଲେ ଚଞ୍ଚୁ-ଘାତରେ । ଆଜି ଆଉ ସେଦିନ ମଧ୍ୟରେ ତଫାତ୍ ? କ୍ରୌଞ୍ଚ-ନିଧନରେ କ୍ରୌଞ୍ଚ ବିହଙ୍ଗର ଶୋକ-ଫଳରେ ଆଦି କବିଙ୍କ ଶୋକୋଚ୍ଛ୍ୱାସ ଯାହା ଶ୍ଳୋକ ରୂପେ ସମଗ୍ର ଅବନୀକି ମୋହିଥିଲା । ଆଜି ବି ତ ସେହିପରି ଏକ ବିରହୀର ବେଦନା ଅଶିକ୍ଷିତ ବଙ୍ଗଳା ଚୌକିଦାରର ସୁପ୍ତ କବିଟିକୁ ଜାଗ୍ରତ କରିଛି, କିନ୍ତୁ କାହିଁ ସେ ଶ୍ଳୋକ ? ସେଦିନ ନିଷାଦର ପ୍ରତିଷ୍ଠା ଅଭିଶପ୍ତ ହୋଇ ସୁଦ୍ଧା ଅମର କବିଙ୍କ ହାତରେ ଅମରତ୍ୱ ପାଇଛି । କିନ୍ତୁ ଆଜି ? ଜାଗ୍ରତ କବିର ଅଭିଶାପରେ ତ ବିଧାତା ପୁରୁଷ ବା ଇନ୍ଦ୍ରଦେବତାର କିଛି ଘଟି ନାହିଁ ! ବିଡ଼ମ୍ବନା ସ୍ଥାନ କାଳର ନା ପାତ୍ରର ?

ଏ ବଙ୍ଗଳାକୁ ଆସିବାର ମୋର ଆଉ ସୁବିଧା ଘଟି ନାହିଁ । କିନ୍ତୁ ଅନ୍ୟ ଲୋକଙ୍କଠାରୁ ଶୁଣୁଛି ବିରହୀର ଏ ପର୍ଯ୍ୟନ୍ତ ସେହି ଆରଶି ଉପରେ ଚଞ୍ଚୁ ପ୍ରହାର । ହୃଦୟର ବେଦନା ଏବେ ସୁଦ୍ଧା ଅପସାରିତ ହୋଇ ନାହିଁ ? ବିରହୀ ଯକ୍ଷ ଯଦି ଜୀବିତ ଥାଏ, ତେବେ ଆଜି ହୁଏତ ସେ ଏ ଆଦ୍ୟ ଆଷାଢର ମେଘକୁ ଦୂତ ନ କରି ଗୋଟାଏ ନିର୍ଜୀବ ପ୍ରତିବିମ୍ବକୁ ସଜୀବ ମନେ କରି ତା ସଙ୍ଗରେ ପ୍ରୀତି-ସମ୍ଭାଷଣ କରୁଥିବ ।

Digitized by srujanika@gmail.com

ଦେଶୀୟ ରାଜ୍ୟ ସମାଚାର

ହାଇଦ୍ରାବାଦ

ନୂତନ ଶାସନ–ଆଇନ

ହାଇଦ୍ରାବାଦ ରାଜସରକାର ଗୋଟିଏ ନୂତନ ଶାସନ-ତନ୍ତ୍ର ପ୍ରଚଳିତ ହେବ ବୋଲି ଘୋଷଣା କରିଅଛନ୍ତି । ୧୯୩୭ ଖ୍ରୀଷ୍ଟାବ୍ଦର ସେପ୍ଟେମ୍ବର ମାସରେ ନିଜାମ ଯେଉଁ ଶାସନ-ସଂସ୍କାର କମିଟି ନିଯୁକ୍ତ କରିଥିଲେ, ଉକ୍ତ କମିଟି ଶାସନ-ତନ୍ତ୍ରର ଯୋଜନା କରିଥିଲେ । ଏହାପରେ ରାଜ୍ୟର ମନ୍ତ୍ରଣା ସଭାରେ (Executive Council) ତାହାର ବିଚାର ହେଲା । ବର୍ତ୍ତମାନ ନିଜାମ ଉକ୍ତ ଯୋଜନାକୁ ପ୍ରାୟ ପୂରା ପୂରି ଗ୍ରହଣ କରିଅଛନ୍ତି ।

ଷ୍ଟେଟ ଲେଜିସ୍‌ଲେଟିଭ୍ କାଉନ୍‌ସିଲ ବା ବ୍ୟବସ୍ଥାପକ ସଭାର ଆକାର ବଢାଇ ଦିଆଯିବ । ଏଣିକି ଉକ୍ତ ବ୍ୟବସ୍ଥାପକ ସଭାରେ ୮୫ ଜଣ ସଭ୍ୟ ରହିବେ । ତହିଁ ମଧ୍ୟରୁ ୪୨ ଜଣ ସଭ୍ୟ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେବେ । କୃଷି, ମୂଲିଆ, ବଣିକ, ଓକିଲ, ଡାକ୍ତର ପ୍ରଭୃତି ରାଜ୍ୟର ବିଭିନ୍ନ ସମ୍ପ୍ରଦାୟମାନ ସଭ୍ୟ ନିର୍ବାଚନ କରିବେ । ବ୍ୟବସ୍ଥାପକ ସଭାରେ ଅଧେ ସଭ୍ୟ ହିନ୍ଦୁ ଏବଂ ଅଧେ ମୁସଲମାନ ହେବେ ।

ବ୍ୟବସ୍ଥାପକ ସଭା ଆଇନମାନ ଚଳାଇବା ବିଷୟରେ କେବଳ ରାଜସରକାରଙ୍କୁ ସୁପାରସ କରିବେ । ରାଜସରକାର ବ୍ୟବସ୍ଥାପକ ସଭାର ସୁପାରସ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । ଦରକାର ହେଲେ ରାଜସରକାର ଛ ମାସ ପାଇଁ ଜରୁରି ଆଇନ ଚଳାଇବେ ।

ରାଜ୍ୟର ମନ୍ତ୍ରଣା ସଭାର (Executive Council) ସଭାପତି ବ୍ୟବସ୍ଥାପକ ସଭାର ସଭାପତି ହେବେ । ରାଜ-ବଂଶର ଖର୍ଚ୍ଚ, ବୈଦେଶିକ ନୀତି, ସୈନ୍ୟ-ବିଭାଗ ପ୍ରଭୃତି କେତେକ ବିଷୟରେ ଆଲୋଚନା କରିବାର ବ୍ୟବସ୍ଥାପକ ସଭାର ଅଧିକାର ରହିବ ନାହିଁ । ମାତ୍ର ଅନ୍ୟାନ୍ୟ ବିଷୟ ମାନଙ୍କରେ ବ୍ୟବସ୍ଥାପକ ସଭାକୁ ଯଥେଷ୍ଟ କ୍ଷମତା ଦିଆ ଯାଇଅଛି । ସରକାର ପ୍ରତି ବର୍ଷ ରାଜ୍ୟର ବଜେଟ ବା ଆୟ-ବ୍ୟୟ ବ୍ୟବସ୍ଥାପକ ସଭା ନିକଟରେ ଉପସ୍ଥାପନ କରିବେ । ବ୍ୟବସ୍ଥାପକ ସଭାରେ ବଜେଟର ସାଧାରଣ ଆଲୋଚନା ହେବ; ପୁଣି ଉକ୍ତ ସଭାର ସଭ୍ୟମାନେ ବଜେଟର ବିଭିନ୍ନ ଖର୍ଚ୍ଚ ସମ୍ବନ୍ଧରେ ପ୍ରସ୍ତାବ ଆଣି ପାରିବେ । ଅବଶ୍ୟ ଯେଉଁ ସମସ୍ତ ବିଷୟ ଆଲୋଚନା କରିବାର ଅଧିକାର ବ୍ୟବସ୍ଥାପକ ସଭାର ନାହିଁ, ବ୍ୟବସ୍ଥାପକ ସଭା ସେ ସମସ୍ତ ବିଷୟ ମାନଙ୍କରେ ବଜେଟ ସମ୍ବନ୍ଧରେ କୌଣସି ଆଲୋଚନା କରି ପାରିବ ନାହିଁ ।

ରାଜସରକାରଙ୍କୁ ଅର୍ଥ, ସାଧାରଣ ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ଶିକ୍ଷା, ହିନ୍ଦୁ ଦେବୋତ୍ତର ଏବଂ ମୁସଲମାନ ଧର୍ମୋତ୍ତର ବିଷୟରେ ପରାମର୍ଶ ଦେବା ନିମନ୍ତେ ଗୋଟିଏ ଲେଖାଏଁ ସ୍ଥାୟୀ ପରାମର୍ଶଦାତା ସଭା ରହିବ ।

ଷ୍ଟେଟର କର୍ମଚାରୀମାନଙ୍କ ନିମନ୍ତେ ପ୍ରାର୍ଥୀ-ନିର୍ବାଚନ ଏଣିକି ଉନ୍ନତ ଧରଣର ହେବ । ଲୋକମାନଙ୍କୁ ବେଶୀ ନାଗରିକ ସ୍ୱାଧୀନତା ଦିଆଯିବ । ଧର୍ମସମ୍ବନ୍ଧୀୟ ବିଷୟମାନଙ୍କରେ ସରକାରଙ୍କୁ ପରାମର୍ଶ ଦେବା ନିମନ୍ତେ ଗୋଟିଏ ସ୍ଥାୟୀ ସଭା ରହିବ । ତହିଁରେ ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟର ସଭ୍ୟ ରହିବେ । ଜିଲାବୋର୍ଡମାନଙ୍କର ମଧ୍ୟ ସଂସ୍କାର ହେବ । ସେଗୁଡ଼ିକରେ ଏଣିକି ଅଧିକ ସଂଖ୍ୟକ ନିର୍ବାଚିତ ସଭ୍ୟ ରହିବେ । ୧୫୦୦ ରୁ ଅଧିକ ଲୋକ ବାସ କରୁଥିବା ଗ୍ରାମମାନଙ୍କରେ ପଞ୍ଚାୟତମାନ ସ୍ଥାପିତ ହେବ ।

ରୟତମାନଙ୍କୁ ସୁବିଧା

ଗତ ବର୍ଷର ରବି ଫସଲ ଭଲ ହୋଇ ନ ଥିବାରୁ ନିଜାମଙ୍କ ସରକାର ରୟତମାନଙ୍କୁ ଅନେକ ଗୁଡ଼ିଏ ସୁବିଧା ଦେଇଅଛନ୍ତି । ରବିକିସ୍ତି ବନ୍ଦ କରି ଦିଆ ଯାଇଅଛି । ଲୋକମାନଙ୍କୁ ତକାବି ଋଣ ଦିଆ ଯାଉଅଛି । ଅଭାବଗ୍ରସ୍ତ ଲୋକମାନେ ରାଜସରକାରରୁ ସାହାଯ୍ୟ ପାଉଅଛନ୍ତି । ପ୍ରାୟ ୨୭ ଲକ୍ଷ ୮୦ ହଜାର ଟଙ୍କାର ଖଜଣା ଆଦାୟ ବନ୍ଦ ହୋଇଅଛି । ବଳଦ ଓ ମଞ୍ଜି କିଣିବା ପାଇଁ ପ୍ରଜାମାନଙ୍କୁ ପ୍ରାୟ ତିନି ଲକ୍ଷ ଟଙ୍କା ତକାବି ଋଣ ଦିଆ ଯାଇଅଛି । କୂଅ ଖୋଳାଇବା ପାଇଁ ପ୍ରାୟ ସତୁରି ହଜାର ଟଙ୍କା ମଞ୍ଜୁର ହୋଇଅଛି ।

ଶିକ୍ଷାର ସଂସ୍କାର

ନିଜାମଙ୍କର ରାଜ-ସରକାର ଷ୍ଟେଟ୍‌ରେ ଶିକ୍ଷାର ସଂସ୍କାର ସମ୍ବନ୍ଧରେ ସେକେଣ୍ଡାରୀ ଏଡୁକେଶନ ବୋର୍ଡ ଯେଉଁ ପ୍ରସ୍ତାବ କରିଥିଲେ ତାହା ଗ୍ରହଣ କରିଅଛନ୍ତି । ନିମ୍ନତମ ଶ୍ରେଣୀଠାରୁ ବି. ଏ. ପାଶ କରିବା ପର୍ଯ୍ୟନ୍ତ ଶିକ୍ଷାର ମୋଟ ସମୟ ୧୪ ବର୍ଷ କରା ଯାଇଅଛି । ପ୍ରାଥମିକ ବିଭାଗରେ ଛାତ୍ରମାନେ ଚାରି ବର୍ଷ ପଢିବେ, ତପରେ ମଧ୍ୟ ବିଭାଗରେ ଚାରି ବର୍ଷ, ହାଇସ୍କୁଲ ବିଭାଗରେ ତିନି ବର୍ଷ ଏବଂ କଲେଜରେ ତିନି ବର୍ଷ ପଢିବେ । ଶିଶୁଶ୍ରେଣୀ ପ୍ରାଥମିକ ଚାରି ବର୍ଷ ଶିକ୍ଷାର ଅନ୍ତର୍ଗତ ନୁହେଁ । ଯେଉଁମାନେ

Digitized by srujanika@gmail.com

ପ୍ରାଥମିକ ଶିକ୍ଷା ପରେ ଆଉ ପଢିବାକୁ ଇଚ୍ଛା ନ କରିବେ, ସେମାନଙ୍କୁ ପ୍ରାଥମିକ ଶ୍ରେଣୀରେ ବର୍ଷେ ଅଧିକା ପଢିବାକୁ ହେବ ।

ପ୍ରାଥମିକ ବିଭାଗ ପରେ ବାଳକମାନଙ୍କର ଶିକ୍ଷାର ଭାଷା ଉର୍ଦ୍ଦୁ ହେବ । ମାତ୍ର ବାଳକମାନେ ମଧ୍ୟ ବିଭାଗର ଶେଷ ପର୍ଯ୍ୟନ୍ତ ତେଲଗୁ, ତାମିଲ ବା କର୍ଣ୍ଣାଟୀୟ ଭାଷାରେ ଶିକ୍ଷାଲାଭ କରି ପାରିବେ ।

ପାଠ୍ୟ-ନିର୍ଘଣ୍ଟର ମଧ୍ୟ ପୁରାପୁରି ଅଦଳ ବଦଳ କରା-ଯାଇଅଛି । ପ୍ରତ୍ୟେକ ବିଭାଗର ପାଠ ଶେଷ ପରେ ଛାତ୍ରମାନେ ଇଚ୍ଛାକଲେ ବ୍ୟାବହାରିକ ଶିକ୍ଷା ପାଇ ପାରିବେ । ସେଥିପାଇଁ ସ୍ୱତନ୍ତ୍ର ବିଦ୍ୟାଳୟମାନ ସ୍ଥାପିତ ହେବ ।

ମହୀଶୂର

ଚିକିତ୍ସା-ବିଭାଗ

ମହୀଶୂର ଚିକିତ୍ସା-ବିଭାଗର ଗତବର୍ଷର ରିପୋର୍ଟ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ବର୍ତ୍ତିତ ବର୍ଷ ଷ୍ଟେଟରେ ବାରଟି ନୂତନ ଡାକ୍ତରଖାନା ସ୍ଥାପିତ ହୋଇଅଛି । ଅଧିକନ୍ତୁ ଛଅଟି ଡାକ୍ତରଖାନା ସ୍ଥାପିତ ହେବାର ପ୍ରସ୍ତାବ ସ୍ୱୀକୃତ ହୋଇ ସେଥି ନିମନ୍ତେ ଗୃହମାନ ନିର୍ମିତ ହେଉଅଛି । ସରକାରୀ ସାହାଯ୍ୟ ବ୍ୟତୀତ ଷ୍ଟେଟର ଜନ-ସାଧାରଣ ମଧ୍ୟ ଡାକ୍ତରଖାନା-ମାନଙ୍କର ଉନ୍ନତି ନିମନ୍ତେ ସାହାଯ୍ୟ କରିଥାନ୍ତି । ଗତ ବର୍ଷ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଲୋକ-ସାଧାରଣଙ୍କଠାରୁ ସାହାଯ୍ୟ ମିଳିଥିଲା । ଗ୍ରାମ୍ୟ ଅଞ୍ଚଳମାନଙ୍କରେ ଯେଉଁମାନେ ଘରୋଇ ଭାବରେ ଡାକ୍ତରୀ ବ୍ୟବସାୟ କରନ୍ତି, ସେମାନଙ୍କୁ ରାଜସରକାର ସାହାଯ୍ୟ କରିଥାନ୍ତି । ପୁଣି ଯେଉଁ ଗ୍ରାମମାନଙ୍କର ପଞ୍ଚାୟତମାନେ କିଛି ମାସିକ ଭତ୍ତା ଦିଅନ୍ତି, ସେ ଗ୍ରାମମାନଙ୍କୁ ଷ୍ଟେଟର ସବ୍ ଆସିଷ୍ଟାଣ୍ଟ ସର୍ଜନମାନେ ସପ୍ତାହରେ ଏକବାର ପରିଦର୍ଶନ ନିମନ୍ତେ ଯାଇଥାନ୍ତି । ଗତବର୍ଷ ଚିକିତ୍ସା-ବିଭାଗର ମୋଟ ଖର୍ଚ୍ଚ ପ୍ରାୟ ସାଢେ ଅଠର ଲକ୍ଷ ଟଙ୍କା ହୋଇଥିଲା । ଔଷଧ ଓ ଚିକିତ୍ସା-ଯନ୍ତ୍ରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲା । ତହିଁରୁ ପ୍ରାୟ ଅଧେ ଟଙ୍କାର ଜିନିଷ ଷ୍ଟେଟ ଲାବରେଟରୀ ଯୋଗାଇ ଥିଲା । ଷ୍ଟେଟରେ ବିଭିନ୍ନ ଔଷଧ ବୃକ୍ଷମାନ ବିସ୍ତୃତ ଭାବରେ ଚାଷ କରାଯିବା କେତେଦୂର ସମ୍ଭବପର, ଏ ବିଷୟ ଜଙ୍ଗଲ ବିଭାଗ ଓ କୃଷି ବିଭାଗ ଅନୁସନ୍ଧାନ କରୁଅଛନ୍ତି ।

ସହଯୋଗ

ସହଯୋଗ ବିଭାଗ ପକ୍ଷରୁ ସହଯୋଗ ଆନ୍ଦୋଳନର ପ୍ରଚାର ନିମନ୍ତେ ଯତ୍ନ ହେଉଅଛି । ନୂତନ ସହଯୋଗ ସମିତିମାନ ସ୍ଥାପିତ ହେଉଅଛି; ତାହା ସଙ୍ଗେ ସଙ୍ଗେ ଯେଉଁ ସହଯୋଗ ସମିତିମାନଙ୍କର କାମ ଅସନ୍ତୋଷଜନକ ସେ ଗୁଡିକ ଷ୍ଟେଟ ଉଠାଇ ଦେଉଅଛି । ଗତ ବର୍ଷ ୬୦ଟି ନୂତନ ସହଯୋଗ ସମିତି ସ୍ଥାପିତ ହୋଇଅଛି ଏବଂ ବାରଟି ସମିତି ଉଠାଇ ଦିଆ ଯାଇଅଛି । ଗତ ବର୍ଷ ଗୋଟିଏ ସହଯୋଗ ଟ୍ରେନିଙ୍ଗ ସ୍କୁଲ ସ୍ଥାପିତ ହୋଇଅଛି । ଋଣ-ସମିତି ବ୍ୟତୀତ ଅନ୍ୟାନ୍ୟ ଲୋକ-ହିତକର ସହଯୋଗ ସମିତିମାନ ସ୍ଥାପନ କରିବାରେ ସହଯୋଗ-ବିଭାଗ ଯତ୍ନଶୀଳ ଅଛନ୍ତି । ବ୍ୟବସାୟ ସମିତି, ଘରତୋଳା ସମିତି ଏବଂ ଜମିବନ୍ଧକ ସମିତିମାନଙ୍କର କ୍ରମୋନ୍ନତି ହେଉଅଛି ।

ନୂତନ ପୁଲିସ ଶିକ୍ଷା କେନ୍ଦ୍ର

ମହୀଶୂର ପୁଲିସମାନଙ୍କର ଦକ୍ଷତା ବଢାଇବା ନିମନ୍ତେ, ରାଜସରକାର ମହୀଶୂରରେ ଗୋଟିଏ ନୂତନ ପୁଲିସ ଶିକ୍ଷା-କେନ୍ଦ୍ର ଖୋଲିବାର ବ୍ୟବସ୍ଥା କରିଅଛନ୍ତି । ଏଥିପୂର୍ବେ କେବଳ ବାଙ୍ଗାଲୋରରେ ଗୋଟିଏ ଶିକ୍ଷା-କେନ୍ଦ୍ର ଥିଲା । ବାଙ୍ଗାଲୋର ପୁଲିସ ଶିକ୍ଷା-କେନ୍ଦ୍ରରେ କେବଳ ୮୦ ଜଣ ପର୍ଯ୍ୟନ୍ତ କନଷ୍ଟବଲ ଶିକ୍ଷା ପାଇବାର ବ୍ୟବସ୍ଥା ଅଛି । ଅଥଚ ଷ୍ଟେଟରେ ପ୍ରତିବର୍ଷ ପ୍ରାୟ ୬୦୦ ଜଣ ନୂତନ କନଷ୍ଟବଲ ନିଯୁକ୍ତ ହୋଇଥାନ୍ତି । ତେଣୁ ମହୀଶୂରରେ ଆଉ ଗୋଟିଏ ଶିକ୍ଷା-କେନ୍ଦ୍ର ସ୍ଥାପିତ ହେଲା ।

ବାଣିଜ୍ୟ-ସଂଘ

ମହୀଶୂର ବାଣିଜ୍ୟ-ସଙ୍ଘର ତେଇଶ ବର୍ଷ କାର୍ଯ୍ୟକାଳ ଶେଷ ହୋଇଅଛି । ପ୍ରଥମେ ବାଣିଜ୍ୟ-ସଙ୍ଘଟି ଗୋଟିଏ କ୍ଷୁଦ୍ର ଅନୁଷ୍ଠାନ ଥିଲା । ମାତ୍ର ଗତ ତେଇଶ ବର୍ଷ ମଧ୍ୟରେ ସଙ୍ଘର ବିଶେଷ ଅଭିବୃଦ୍ଧି ହୋଇଅଛି । ମହୀଶୂରରାଜ୍ୟର ବାଣିଜ୍ୟୋନ୍ନତି ସମ୍ବନ୍ଧରେ ସଙ୍ଘ ବିଶେଷ ସାହାଯ୍ୟ କରିଥାଏ ।

ସଙ୍ଘର ଗତ ବର୍ଷର ରିପୋର୍ଟରୁ ଜଣାଯାଏ ଯେ ସଙ୍ଘରେ ମୋଟ ୧୦୦ ଜଣ ସଭ୍ୟ ଥିଲେ । ମହୀଶୂର ବାଣିଜ୍ୟ-ସଙ୍ଘଟି ଭାରତୀୟ ବାଣିଜ୍ୟ-ସଙ୍ଘର ଗୋଟିଏ ଶାଖା । ରାଜ୍ୟର ବାଣିଜ୍ୟ ଉନ୍ନତି ବିଷୟରେ ମହୀଶୂର-ସଙ୍ଘ ଷ୍ଟେଟକୁ ବିଶେଷ ସାହାଯ୍ୟ କରିଅଛି । ଷ୍ଟେଟ ବ୍ୟବସ୍ଥାପକ ସଭାରେ ବାଣିଜ୍ୟ-ସଙ୍ଘ ପକ୍ଷରୁ ଜଣେ ପ୍ରତିନିଧି ଅଛନ୍ତି । ଷ୍ଟେଟର ସମ୍ପଦ-ବୃଦ୍ଧି ନିମନ୍ତେ ବ୍ୟବସ୍ଥାପକ ସଭାରେ ନୂତନ ଆଇନମାନ ପ୍ରଣୀତ ହେବାରେ ସେ ଯଥେଷ୍ଟ ସାହାଯ୍ୟ କରିଥାନ୍ତି ।

ବିଶ୍ୱବିଦ୍ୟାଳୟର କାର୍ଯ୍ୟାବଳୀ

ମହୀଶୂର ବିଶ୍ୱବିଦ୍ୟାଳୟର ଗତ ବାର୍ଷିକ ଅଧିବେଶନରେ ସ୍ଥିର ହୋଇଅଛି ଯେ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଭାରତର ବିଭିନ୍ନ ଅଞ୍ଚଳକୁ ବୁଲିଯିବେ ଏବଂ ସେଥିପାଇଁ ସେମାନଙ୍କୁ ଆର୍ଥିକ ସାହାଯ୍ୟ ଦିଆଯିବ । ବିଶ୍ୱବିଦ୍ୟାଳୟ ପକ୍ଷରୁ ବୟସ୍ଥ ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ଦିଗରେ ଆନ୍ଦୋଳନ କରାଯିବ ବୋଲି ଅଧିକନ୍ତୁ ଗୋଟିଏ ପ୍ରସ୍ତାବରେ ସ୍ଥିର ହୋଇଅଛି । ଏ କାର୍ଯ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସମ୍ପନ୍ନ ହେବ ।

ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିଳ୍ପସମ୍ବନ୍ଧୀୟ ଗବେଷଣା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ଅନୁଷ୍ଠାନ ସ୍ଥାପିତ ହେବ ବୋଲି ବିଚାର ହେଉଅଛି । ସ୍ୱର୍ଣ୍ଣଖଣିର ଖନନସମ୍ବନ୍ଧରେ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷା ଦିଆଯିବାର ଏବଂ ହର୍ଣ୍ଣା ଅଭିଏସନ୍ (aviation)

Digitized by srujanika@gmail.com

ବିଦ୍ୟାଳୟରେ ଶିକ୍ଷା ପାଇବା ନିମନ୍ତେ ଛ ଜଣ ବି. ଏ. ଉପାଧିଧାରୀ ଛାତ୍ରଙ୍କୁ ବୃତ୍ତି ଦିଆଯିବାର ପ୍ରସ୍ତାବ ହୋଇଅଛି । ବିଶ୍ୱବିଦ୍ୟାଳୟ ଆଉ ମଧ୍ୟ ସ୍ଥିର କରୁଅଛନ୍ତି ଯେ ଏଣିକି ଅଧ୍ୟାପକମାନେ ବର୍ଷ ମଧ୍ୟରେ ଯେଉଁ ସମସ୍ତ ନୂତନ ଗବେଷଣା କରିଥିବେ, ସେ ଗୁଡ଼ିକ ବକ୍ତୃତାକାରରେ ଏବଂ ସରଳ ଭାଷାରେ ସାଧାରଣଙ୍କୁ ବୁଝାଇ ଦେବେ ।

ତ୍ରିପୁରା

ଶାସନ-ସଂସ୍କାର

ଗତ ବୈଶାଖ ସଂକ୍ରାନ୍ତି ଦିନ ତ୍ରିପୁରାର ମହାରାଜା ମହୋଦୟ ରାଜ୍ୟରେ ଗୋଟିଏ ନୂତନ ଶାସନ-ପ୍ରଣାଳୀ ପ୍ରଚଳିତ ହେବ ବୋଲି ଘୋଷଣା କରିଅଛନ୍ତି । ମହାରାଜାଙ୍କୁ ଶାସନ-କାର୍ଯ୍ୟରେ ପରାମର୍ଶ ଦେବା ନିମନ୍ତେ ସରକାରୀ ଏବଂ ବେସରକାରୀ ପନ୍ଦରଜଣ ପର୍ଯ୍ୟନ୍ତ ଲୋକଙ୍କୁ ନେଇ ଗୋଟିଏ ରାଜ-ସଭା ଗଠିତ ହେବ । ଖାସ ଅଦାଲତ ବା ହାଇକୋର୍ଟର ସଂସ୍କାର ହେବ । ଶାସନ-କାର୍ଯ୍ୟର ପରିଚାଳନା ନିମନ୍ତେ ପ୍ରଧାନ ମନ୍ତ୍ରୀଙ୍କ ସହ ପାଞ୍ଚ ଜଣ ପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ନେଇ ଗୋଟିଏ ମନ୍ତ୍ରୀ-ପରିଷଦ ଗଠିତ ହେବ । ରାଜ୍ୟରେ ଗୋଟିଏ ବ୍ୟବସ୍ଥାପକ ସଭା ସ୍ଥାପିତ ହେବାର ମଧ୍ୟ ପ୍ରସ୍ତାବ ହୋଇ-ଅଛି । ଉକ୍ତ ବ୍ୟବସ୍ଥାପକ ସଭାରେ ମୋଟ ୫୪ ଜଣ ସଭ୍ୟ ରହିବେ । ତନ୍ମଧ୍ୟରୁ ୨୯ ଜଣ ସଭ୍ୟ ନିର୍ବାଚିତ ଓ ଅନ୍ୟମାନେ ରାଜସରକାରଙ୍କ ଦ୍ୱାରା ମନୋନୀତ ହେବେ । କେତେ ଗୁଡ଼ିଏ ଗ୍ରାମ ମିଶାଇ ଗୋଟିଏ ଲେଖାଏଁ ମଣ୍ଡଳୀ-ସଭା ସ୍ଥାପିତ ହେବ । କେତେକ କର ଆଦାୟ କରିବା ଏବଂ ଛୋଟ ମକଦ୍ଦମା ବିଚାର କରିବାର ଭାର ଏହି ମଣ୍ଡଳୀ-ସଭାମାନଙ୍କ ଉପରେ ନ୍ୟସ୍ତ ରହିବ । ରାଜାଙ୍କର ବ୍ୟକ୍ତିଗତ ଖର୍ଚ୍ଚ ରାଜ୍ୟର ମୋଟ ଆୟର ଏକ-ଦଶମାଂଶରୁ ବେଶୀ ହେବ ନାହିଁ ।

ପାଞ୍ଚଜଣ ମନ୍ତ୍ରୀଙ୍କୁ ନେଇ ଗୋଟିଏ ମନ୍ତ୍ରୀ-ପରିଷଦ ଏଥିମଧ୍ୟରେ ଗଠିତ ହୋଇଅଛି ।

ବରୋଦା

ନୂତନ ଗାଏକଓ୍ୱାଡ଼ଙ୍କର ରାଜ୍ୟାଭିଷେକ

ବରୋଦାର ନୂତନ ଗାଏକଓ୍ୱାଡ଼ ମହାରାଜ ପ୍ରତାପ ସିଂହଙ୍କର ଅଭିଷେକୋତ୍ସବ ୧୯୩୯ ମସିହା ଏପ୍ରିଲ ୨୬ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ସେଦିନ କୌଳିକ ପ୍ରଥାନୁଯାୟୀ ଧର୍ମ-କାର୍ଯ୍ୟମାନ କରାଗଲା ଏବଂ ଗୋଟିଏ ରାଜକୀୟ ଦରବାର ଅନୁଷ୍ଠିତ ହୋଇଥିଲା । ଉତ୍ସବ ଏକ ସପ୍ତାହ ପର୍ଯ୍ୟନ୍ତ ବ୍ୟାପିଥିଲା । ସହରଟିର ସାଜସଜା ଖୁବ ଭଲ ହୋଇଥିଲା । ରାତିରେ ଆଲୋକମାଳା ବଡ଼ ସୁନ୍ଦର ଦେଖା ଯାଉଥାଏ । ଏହି ଉତ୍ସବ ସମୟରେ ଗାଏକଓ୍ୱାଡ଼ ଅନେକ ଗୁଡ଼ିଏ ନୂତନ ଅନୁଷ୍ଠାନର ଶୁଭ ଦେଇଥିଲେ । ସେମାନଙ୍କ ମଧ୍ୟରେ ହୀରକ ଜୁବୁଲି ବେତାର ଷ୍ଟେସନ ଏବଂ ବରୋଦା ବ୍ୟାୟାମଶାଳା ପ୍ରଧାନ । ରାଜ୍ୟର ପ୍ରାୟ ଦେଢ଼ଶ ଅନୁଷ୍ଠାନ ମହାରାଜାଙ୍କୁ ଅଭିନନ୍ଦନ ପ୍ରଦାନ କରିଥିଲେ । ଅନେକ ଭୋଜି ଏବଂ ଉଦ୍ୟାନ-ମିଳନର ମଧ୍ୟ ବ୍ୟବସ୍ଥା ହୋଇଥିଲା । ଏହି ଉତ୍ସବ ସମସ୍ତ ଷ୍ଟେଟରେ ହୋଇଥିଲା । ଏହି ଅଭିଷେକ-ଉତ୍ସବ ଉପଲକ୍ଷେ ରାଜ୍ୟର ୫୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଉପାଧି ଦିଆ ଯାଇଥିଲା ।

ରାମପୁର

ଲୁଗାବୁଣା-ଶିକ୍ଷା

ରାମପୁର ଦରବାର ଲୁଗାବୁଣା ଶିଖିବା ପାଇଁ ଦୁଇ ଶତ ଯୁବକଙ୍କୁ ଅହମଦାବାଦ ପଠାଇ ଅଛନ୍ତି । ଉକ୍ତ ଯୁବକମାନଙ୍କର ଯିବା ଆସିବା ଖର୍ଚ୍ଚ ଷ୍ଟେଟ ବହନ କରିବେ । ଶିକ୍ଷା-ସମୟ ମଧ୍ୟରେ ସେମାନେ ଷ୍ଟେଟରୁ କିଛି ମାସିକ ବୃତ୍ତି ପାଇବେ । ଶିକ୍ଷା-ସମୟ ଦୁଇ ମାସରୁ ଚାରି ମାସ ପର୍ଯ୍ୟନ୍ତ ହୋଇପାରେ । ଫେରିବା ପରେ ସେମାନେ ରାଜା ଲୁଗାକଲରେ ନିଯୁକ୍ତ ହେବେ । ଗତ ଫେବ୍ରୁଆରୀ ମାସରେ ରାମପୁରର ନବାବ ସାହେବ ରାଜା ଲୁଗାକଲ ମନ୍ଦିରର ମୂଳଭିତ୍ତି ପ୍ରସ୍ତର ସ୍ଥାପନ କରିଅଛନ୍ତି । ଲୁଗାକଲର କାର୍ଯ୍ୟ ଆସନ୍ତା ବର୍ଷଠାରୁ ଆରମ୍ଭ ହେବାର ଆଶା କରାଯାଏ । ଏହି ଲୁଗାକଲ ପାଇଁ ଉନ୍ନତ ଧରଣର ସରଞ୍ଜାମମାନ ଆସୁଅଛି । ଏହି ଲୁଗାକଲରେ ମୋଟ ଦୁଇ ହଜାର ଲୋକ ନିଯୁକ୍ତ ହେବେ । କାଳକ୍ରମେ ସେମାନେ ସମସ୍ତେ ଷ୍ଟେଟ-ଅଧିବାସୀ ହେବାର ଆଶା କରାଯାଏ । ତେଣୁ ଲୁଗାକଲ ସ୍ଥାପିତ ହେବା ଦ୍ୱାରା ବହୁ ପରିମାଣରେ ବେକାର ସମସ୍ୟାର ସମାଧାନ ହୋଇ ପାରିବ ।

ବୟସ୍କ ଲୋକମାନଙ୍କର ଶିକ୍ଷା

ରାମପୁରର ନବାବ ମହୋଦୟ ବୟସ୍କ ଲୋକମାନଙ୍କ ମଧ୍ୟରେ ଶିକ୍ଷା-ପ୍ରସାର ସମ୍ପର୍କରେ ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି । କମିଟି ରାମପୁର ସହର ମଧ୍ୟରେ ଅନେକ ଗୁଡ଼ିଏ ନୈଶ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି । ଶିକ୍ଷା-ବିଭାଗର ମନ୍ତ୍ରୀ ନିମ୍ନଶ୍ରେଣୀର ଷ୍ଟେଟ ଚାକରମାନଙ୍କର ଶିକ୍ଷା ନିମନ୍ତେ ଗୋଟିଏ ଶ୍ରେଣୀ ଖୋଲି ଅଛନ୍ତି । କମିଟିଙ୍କ ମତରେ ପ୍ରତ୍ୟେକ ଲୋକ ଅନ୍ତତଃ ଆଉ ଜଣେ ଲୋକଙ୍କୁ ସାକ୍ଷର କରିବା ଉଚିତ ।

ଶାରୀରିକ ଉନ୍ନତି

ଶାରୀରିକ ଉନ୍ନତି ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିବା ନିମନ୍ତେ ଗୋଟିଏ କମିଟି ନିଯୁକ୍ତ ହୋଇଅଛି । ଅଳ୍ପଦିନ ତଳେ କମିଟି ମୁକ୍ତ ପ୍ରାନ୍ତରରେ ଖେଳ-କସରତ ପ୍ରଭୃତି ଦେଖାଇ-ବାର ବନ୍ଦୋବସ୍ତ କରିଥିଲେ । ହଜାର ହଜାର ଲୋକ ଏହି ଖେଳ କସରତ ଦେଖିବାକୁ ଆସିଥିଲେ । ପ୍ରତି ମାସରେ ଏହିପରି ଶାରୀରିକ ଉନ୍ନତି ସମ୍ବନ୍ଧୀୟ ବିଷୟ ଲୋକମାନଙ୍କ ଆଗରେ ପ୍ରଦର୍ଶିତ ହେବ । ଆସନ୍ତା ଥରକୁ ଜଣେ ସ୍ୱାମୀଜୀ ଓଜସ୍ୱୀ ଯୌଗିକ ବ୍ୟାୟାମ ଦେଖାଇବେ ।

Digitized by srujanika@gmail.com

ତେଓ୍ୱାସ୍

ଶାସନ-ସଂସ୍କାର

ବଡ ତେଓ୍ୱାସର ମହାରାଜା ରାଜ୍ୟରେ ଗୋଟିଏ ନୂତନ ଶାସନ-ତନ୍ତ୍ର ପ୍ରତିଷ୍ଠିତ ହେବାର ଘୋଷଣା କରିଅଛନ୍ତି । ରାଜ୍ୟରେ ଗୋଟିଏ ଲୋକପ୍ରତିନିଧି ସଭା ସ୍ଥାପିତ ହେବ । ତହିଁରେ ୧୬ ଜଣ ନିର୍ବାଚିତ ସଭ୍ୟ ଏବଂ ଆଠଜଣ ମନୋନୀତ ସଭ୍ୟ ରହିବେ । ମହାରାଜାଙ୍କର ସଭାପତି ଏବଂ ଉପ-ସଭାପତି ନିଯୁକ୍ତ କରିବାର ଅଧିକାର ରହିବ । ଉପ-ସଭାପତି ଜଣେ ନିର୍ବାଚିତ ସଭ୍ୟ ହୋଇଥିବା ଅବଶ୍ୟକ ହେବ ।

ରାଜ୍ୟର ଶାସନ ସପକରେ ପ୍ରଶ୍ନ ପଚାରିବା, ପ୍ରସ୍ତାବ ଆଣିବା ଏବଂ ବିଲ ପାଶ୍ କରିବାର ଅଧିକାର ଲୋକପ୍ରତିନିଧି ସଭାକୁ ଦିଆ ଯାଇଅଛି । ବଜେଟ୍ ମଧ୍ୟ ଲୋକପ୍ରତିନିଧି ସଭାରେ ଉପସ୍ଥାପିତ ହେବ ।

ମହାରାଜା ଆଜି ମଧ୍ୟ ଘୋଷଣା କରିଅଛନ୍ତି ଯେ ଷ୍ଟେଟରେ ମାଇନର ଶ୍ରେଣୀ ପର୍ଯ୍ୟନ୍ତ ଅବୈତନିକ ଶିକ୍ଷା ଦିଆଯିବ ।

ସରାଇକଲା

ସରାଇକଲା ଦରବାର ପ୍ରଜାସତ୍ତ୍ୱ ଆଇନର ପରିବର୍ତ୍ତନ କରି ରଯ଼ତମାନଙ୍କୁ କେତେକ ବିଷୟରେ ସୁବିଧା ଦେଇଅଛନ୍ତି । ସଂଶୋଧିତ ଆଇନ ରାଜାଙ୍କ ଦ୍ୱାରା ମଞ୍ଜୁର ହୋଇ ଷ୍ଟେଟରେ ଜାରି ହୋଇ ସାରିଛି । ନୂତନ ଆଇନ ରଯ଼ତମାନଙ୍କୁ ଦଖଲ ସତ୍ତ୍ୱ ଦେଇଅଛି । କୋର୍ଟର ଆଦେଶ ବିନା ଏଣିକି ରଯ଼ତଙ୍କୁ ଜମିରୁ ତଡି ଦିଆଯାଇ ପାରିବ ନାହିଁ । ବନ୍ଦୋବସ୍ତ ମିଆଦିରେ ଅର୍ଥାତ୍ ପନ୍ଦର ବର୍ଷ ମଧ୍ୟରେ ରଯ଼ତର ଖଜଣା ବଢା ଯିବନାହିଁ । ଫଳ-ବଗିଚା, ଖଳା ଏବଂ ଖଡ ରଖିବା ସ୍ଥାନ ପାଇଁ ଖଜଣା ନିଆ ଯିବନାହିଁ । ଖଜଣା ଦେଇ ନ ପାରିବା କାରଣରୁ ରଯ଼ତଙ୍କୁ ବାସ-ଜମିରୁ ତଡି ଦିଆଯାଇ ନ ପାରେ । ରଯ଼ତ କୌଣସି ଅନାବାଦ ଜମିକୁ ଆବାଦ କଲେ ପ୍ରଥମ ପାଞ୍ଚବର୍ଷ ବିନା ଖଜଣାରେ ଉକ୍ତ ଜମି ଭୋଗ କରିବ ଏବଂ ପରେ ଅଧେ ଖଜଣା ଦେଇ ଉକ୍ତ ଜମି ପରବର୍ତ୍ତୀ ବନ୍ଦୋବସ୍ତ ପର୍ଯ୍ୟନ୍ତ ଭୋଗ କରି ପାରିବ । ଷ୍ଟେଟର ନଦୀ ନାଳମାନଙ୍କରୁ ଏଣିକି ରଯ଼ତମାନେ ଅବାଧରେ ମାଛ ଧରି ପାରିବେ । କେବଳ ଯେଉଁ ନଈ-ନାଳ ଷ୍ଟେଟ ଆଗରୁ ଖାସ ଥିବାର ଜଣାଇ ଦେଇଥିବେ ତହିଁରୁ ମାଛ ଧରି ପାରିବେ ନାହିଁ ।

ହିନ୍ଦୋଳ

ଶାସନ-ସଂସ୍କାର ପାଇଁ କମିଟି-ନିଯୁକ୍ତି

ଏଥି ପୂର୍ବେ ହିନ୍ଦୋଳର ରାଜା ମହୋଦୟ ରାଜ୍ୟରେ ଦାୟିତ୍ୱ-ମୂଳକ ଶାସନ ପ୍ରତିଷ୍ଠିତ ହେବ ବୋଲି ଘୋଷଣା କରିଥିଲେ । ବର୍ତ୍ତମାନ ସେହି ନୀତିରେ ଶାସନ-ଖସଡା ପ୍ରସ୍ତୁତ କରିବା ପାଇଁ ରାଜାମହୋଦୟ ସରକାରୀ ଏବଂ ବେସରକାରୀ ଲୋକମାନଙ୍କୁ ନେଇ ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି । କମିଟିରେ ତିନିଜଣ ସରକାରୀ ସଭ୍ୟ ଏବଂ ଚାରିଜଣ ବେସରକାରୀ ସଭ୍ୟ ଅଛନ୍ତି ।

ରାଜାବାହାଦୁର ରାଜ୍ୟର ମନ୍ଦିରମାନଙ୍କ ପରିଚାଳନା ଓ ଉନ୍ନତି ସମ୍ବନ୍ଧରେ ରିପୋର୍ଟ କରିବା ପାଇଁ ଆଜି ଗୋଟିଏ କମିଟି ନିଯୁକ୍ତ କରିଅଛନ୍ତି । ଉକ୍ତ କମିଟିରେ ବାରଜଣ ବେସରକାରୀ ସଭ୍ୟ ରହିବେ ।

ବାମଣ୍ଡା

ଲୋକ-ପ୍ରତିନିଧି ସଭା

ବାମଣ୍ଡାର ରାଜା ମହୋଦୟ ରାଜ୍ୟର ଶାସନରେ ଲୋକ-ପ୍ରତିନିଧି ମାନଙ୍କର ସହଯୋଗ ନେବା ଉଦ୍ଦେଶ୍ୟରେ ଲୋକ-ପ୍ରତିନିଧି ସଭାମାନ ସ୍ଥାପନ କରିଅଛନ୍ତି । ବାମଣ୍ଡା ଷ୍ଟେଟ୍‌ରେ ଚାରୋଟି ସବଡିଭିଜନ ଅଛି । ପ୍ରତ୍ୟେକ ସବଡିଭିଜନରେ ଗୋଟିଏ ଲେଖାଏଁ ଲୋକ-ପ୍ରତିନିଧି ସଭା ସ୍ଥାପିତ ହୋଇଅଛି । ନିକଟରେ ଉକ୍ତ ସଭାମାନଙ୍କ ପାଇଁ ସଭ୍ୟ-ନିର୍ବାଚନ ହୋଇଥିଲା । ପ୍ରତ୍ୟେକ ସାବାଳକ ପୁରୁଷଙ୍କୁ ସଭ୍ୟ ନିର୍ବାଚନ କରିବାର ଅଧିକାର ଦିଆ ଯାଇଅଛି । ସବଡିଭିଜନାଲ୍ ଅଫିସରମାନେ ଉକ୍ତ ଲୋକ-ପ୍ରତିନିଧି ସଭାମାନଙ୍କର ସଭାପତି ହେବେ । ରାଜ୍ୟର ଶାସନ-ସମ୍ପର୍କରେ ଦରବାରକୁ ପରାମର୍ଶ ଦେବା ନିମନ୍ତେ ଉକ୍ତ ଲୋକ-ପ୍ରତିନିଧି ସଭାମାନଙ୍କୁ ଅଧିକାର ଦିଆ ଯାଇଅଛି ।

Digitized by srujanika@gmail.com

ସମ୍ବାଦ ଓ ସଙ୍କେତ

ମୟୂରଭଞ୍ଜ ପ୍ରଜାସଭା

୧୯୪୮ ମସିହା ମୟୂରଭଞ୍ଜ ପ୍ରଜାସଭା ଆଦେଶାନୁଯାୟୀ ମୟୂରଭଞ୍ଜ ଷ୍ଟେଟରେ ପାଞ୍ଚୋଟି ପ୍ରଜାସଭା ଏଥି ମଧ୍ୟରେ ଗଠିତ ହୋଇଅଛି । ଉକ୍ତ ପ୍ରଜା-ସଭାମାନଙ୍କ ପାଇଁ ନିର୍ବାଚନ ଗତ ମେ ମାସରେ ହୋଇଥିଲା । ବାରିପଦା ସଦର ପ୍ରଜାସଭାକୁ ୨୪ ଜଣ ସଭ୍ୟ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ । ମାତ୍ର ଅନ୍ୟାନ୍ୟ ପ୍ରଜାସଭାମାନଙ୍କର ନିର୍ବାଚନ-ମଣ୍ଡଳୀମାନଙ୍କରେ ପ୍ରତିଦ୍ୱନ୍ଦିତା ହୋଇଥିଲା । ସାମାନ୍ୟ କେତେକ ସ୍ଥଳରେ କେହି ପ୍ରାର୍ଥୀ ନ ହେବାରୁ ଖାଲିସ୍ଥାନ-ପୂରଣ ପାଇଁ ସରକାରଙ୍କ ଦ୍ୱାରା ସଭ୍ୟ ମନୋନୀତ ହୋଇଥିଲେ । ପ୍ରଜା-ସଭାର ନିର୍ବାଚନ ସମ୍ପର୍କରେ ମହାରାଜା ତାଙ୍କର ବାର୍ତ୍ତାରେ କହିଅଛନ୍ତି:—

"ପ୍ରଜା-ସଭା ପରି ପ୍ରତିନିଧି-ମୂଳକ ଅନୁଷ୍ଠାନ ମୟୂରଭଞ୍ଜରେ ଗୋଟିଏ ନୂତନ କଥା । ତେଣୁ ଏହି ଅନୁଷ୍ଠାନ ଗୁଡ଼ିକ ଗଢ଼ିବାରେ ମୋର ଯେଉଁ ଉଦ୍ଦେଶ୍ୟ, ତାହା ପ୍ରଜା-ସାଧାରଣଙ୍କୁ ବିଶଦ ଭାବରେ ବୁଝାଇଦେବାର ଉଦ୍ୟମ କରାଯାଇଥିଲେ ସୁଦ୍ଧା ଏହା ପ୍ରଥମ ନିର୍ବାଚନ ବୋଲି ଲୋକେ ଟିକଏ ଧନ୍ଦି ହେଉଥିବେ ଓ ହେବା ମଧ୍ୟ ସ୍ୱାଭାବିକ । ରାଜନୀତି-କ୍ଷେତ୍ରରେ ସାଧାରଣ ଲୋକଙ୍କର ଏହାହିଁ ପ୍ରଥମ ପ୍ରବେଶ; ମୁଁ ଆଶାକରେ ସେମାନେ ଏଥିରୁ ଯେଉଁ ଶିକ୍ଷା ଲାଭ କରିବେ, ତାହା କାଳକ୍ରମେ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇ ରାଜ୍ୟଶାସନ ସମ୍ପର୍କରେ ସେମାନଙ୍କର ସମଧିକ ଆଗ୍ରହ ଓ ବିଚକ୍ଷଣତା ଜନ୍ମାଇବାକୁ ସମର୍ଥ ହେବ । ଆବଶ୍ୟକ ସଭ୍ୟ-ସଂଖ୍ୟା ମନୋନୀତ ହୋଇଗଲା ମାତ୍ରେ ପ୍ରଜାସଭା ଗୁଡ଼ିକର ସଂଗଠନ-କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଏବଂ ମୋର ବିଶ୍ୱାସ, ନିର୍ବାଚିତ ହୁଅନ୍ତୁ ବା ମନୋନୀତ ହୁଅନ୍ତୁ ପ୍ରଜାସଭା-ଗୁଡ଼ିକର ପ୍ରତ୍ୟେକ ସଭ୍ୟ ଆଗ୍ରହ ଓ ଆନ୍ତରିକତାର ସହିତ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବେ । ଜନସାଧାରଣଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ସେମାନଙ୍କର ସମସ୍ତ ନ୍ୟାଯ୍ୟ ଉଦ୍ୟମ ପ୍ରତି ମୋର ଶୁଭ କାମନା ବରାବର ରହିବ । ଶାସନ ପରିଚାଳନାର ଉନ୍ନତି ଦିଗରେ ପ୍ରଜା-ସଭାର ଠିକ ପରବର୍ତ୍ତୀ ସୋପାନ ସ୍ୱରୂପ ମୟୂରଭଞ୍ଜରେ ଏକ କେନ୍ଦ୍ର ବ୍ୟବସ୍ଥା-ସଭାର ପ୍ରତିଷ୍ଠା କରିବା ମୋର ଅଭିଳାଷ; ସେହି ସଭାର ଉପଯୁକ୍ତ ସଂଖ୍ୟକ ସଭ୍ୟ ନିର୍ବାଚନ କରିବାର କ୍ଷମତା ଏହି ପ୍ରଜାସଭାମାନଙ୍କର ନିର୍ବାଚିତ ଲୋକ-ପ୍ରତିନିଧିମାନଙ୍କ ହାତରେ ରହିବ । ଶାସନ-ସଂସ୍କାରର ଏହି ଯେଉଁ କ୍ରମ-ବିକାଶ ତଦ୍ୱାରା ମୟୂରଭଞ୍ଜ ପ୍ରଜାକୁଳର ଆଶା ଓ ଆକାଂକ୍ଷାମାନ ରାଜସରକାରଙ୍କ ଦୃଷ୍ଟିକୁ ଆଣିବାରେ ଏବଂ ଗୁରୁତ୍ୱପୂର୍ଣ୍ଣ ସମସ୍ୟାମାନଙ୍କର ସମାଧାନ ପ୍ରଭାବିତ କରିବାରେ ଯେଉଁ ସୁଯୋଗ ଲୋକମାନଙ୍କ ହାତକୁ ଆସୁଛି, ମୋର ଆଶା ସେ ସବୁର ଦାୟିତ୍ୱ ସମ୍ପୂର୍ଣ୍ଣରୂପେ ବୁଝି ମୋ ପ୍ରଜାମାନେ ସେ ସୁଯୋଗର ସଦ୍‌ବ୍ୟବହାର କରିବେ ।"

ଏଥିମଧ୍ୟରେ ପ୍ରତ୍ୟେକ ପ୍ରଜାସଭାର ପ୍ରଥମ ଅଧିବେଶନ ଶେଷ ହୋଇ ଯାଇଅଛି । ଉକ୍ତ ଅଧିବେଶନଗୁଡ଼ିକ ଜୁନ ମାସର ପ୍ରଥମାର୍ଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶତକରା ପ୍ରାୟ ନବେ ସଭ୍ୟ ଅଧିବେଶନମାନଙ୍କରେ ଯୋଗ ଦେଇଥିଲେ । ଏତଦ୍‌ବ୍ୟତୀତ ବହୁସଂଖ୍ୟକ ଲୋକ ଦର୍ଶକ ଭାବରେ ପ୍ରଜାସଭାମାନଙ୍କରେ ଉପସ୍ଥିତ ଥିଲେ । ପ୍ରତ୍ୟେକ ପ୍ରଜା-ସଭାରେ ପ୍ରଜାସଭାମାନ ସ୍ଥାପନ କରିଥିବାରୁ ଏବଂ ଭବିଷ୍ୟତରେ ଗୋଟିଏ କେନ୍ଦ୍ର ବ୍ୟବସ୍ଥାପକ ସଭା ସ୍ଥାପନ କରିବାର ସୂଚନା ଦେଇଥିବାରୁ ମହାରାଜାଙ୍କଠାରେ ଆନ୍ତରିକ ଭକ୍ତି ଏବଂ କୃତଜ୍ଞତା ଜ୍ଞାପନ କରି ପ୍ରସ୍ତାବମାନ ଗୃହୀତ ହୋଇଥିଲା । ନିର୍ବାଚିତ ସଭ୍ୟମାନେ କେତେକ ବିଷୟ ନେଇ ଅନେକ ପ୍ରଶ୍ନ କରିଥିଲେ ଏବଂ ସରକାରଙ୍କ ତରଫରୁ ଉକ୍ତ ପ୍ରଶ୍ନମାନଙ୍କର ଉତ୍ତର ଦିଆଯାଇଥିଲା । ନିର୍ବାଚିତ ସଭ୍ୟମାନଙ୍କ ଦ୍ୱାରା ଆଗତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଚିକିତ୍ସା, କୃଷି, ଜଳସରବରାହ ଏବଂ ସାଧାରଣ ଅଭାବ ଅଭିଯୋଗ ପ୍ରଭୃତି ବହୁ ବିଷୟରେ ପ୍ରସ୍ତାବମାନ ଆଲୋଚିତ ହୋଇଥିଲା ।

ଉଚ୍ଚ-ଶିକ୍ଷାପାଇଁ ବୃତ୍ତି

ବାରିପଦା ସ୍କୁଲରୁ ଗତ ମାଟ୍ରିକୁଲେସନ ପରୀକ୍ଷାରେ ପାଶ୍ କରିଥିବା ଛାତ୍ରମାନଙ୍କ ମଧ୍ୟରୁ ସୁରେନ୍ଦ୍ର ଚନ୍ଦ୍ର ମହାନ୍ତି ଏବଂ ଗୋପାଳ ଚନ୍ଦ୍ର ବୋଷ ନାମକ ଦୁଇଜଣ ଛାତ୍ର କଟକ ରେଭେନ୍ସା କଲେଜରେ ଇଣ୍ଟରମିଡିଏଟ୍ ପଢିବା ନିମନ୍ତେ ମାସିକ ଟ୧୦୲ ବୃତ୍ତି ପାଇଛନ୍ତି । ଏହି ଦୁଇଟି ବୃତ୍ତି ମଧ୍ୟରୁ ଗୋଟିଏ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରକୁ ଏବଂ ଅନ୍ୟଟି ଷ୍ଟେଟବାସୀ ଛାତ୍ରମାନଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ରକୁ ପ୍ରଦତ୍ତ ହୁଏ । ଏତଦ୍‌ବ୍ୟତୀତ ଗଲା ଦୁଇବର୍ଷ ହେଲା ଷ୍ଟେଟ ଆଦିମ ଅଧିବାସୀ ଛାତ୍ରମାନଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନ

Digitized by srujanika@gmail.com

ଅଧିକାର କରିଥିବା ଛାତ୍ରଙ୍କୁ ଆଇ. ଏ. ବା ଆଇ. ଏସ. ସି. ପଢ଼ିବା ନିମନ୍ତେ ମାସିକ ଟ ୨୦୯ ଗୋଟିଏ ସ୍ୱତନ୍ତ୍ର ବୃତ୍ତି ଦେଇ ଆସୁଅଛନ୍ତି । ଏବର୍ଷ ଚନ୍ଦ୍ରମୋହନ ସିଂହ ସେ ବୃତ୍ତି ପାଇଲେ ।

କଟକ ରେଭେନ୍ସା କଲେଜର ଇଣ୍ଟରମିଡିଏଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ମୟୂରଭଞ୍ଜବାସୀ ଛାତ୍ରମାନଙ୍କ ମଧ୍ୟରେ ସବୁଠାରୁ ବେଶୀ ନମ୍ବର ରଖି ଶରତ୍‌ଚନ୍ଦ୍ର ପାଲ ବି. ଏ. ପଢ଼ିବା ପାଇଁ ମାସିକ ଟ ୨୦୯ ବୃତ୍ତି ପାଇଲେ । ପୁଣି ଆଦିମ ଅଧିବାସୀ ଜଣେ ଛାତ୍ରଙ୍କୁ ପ୍ରତିବର୍ଷ ବି. ଏ. ପଢ଼ିବା ପାଇଁ ମାସିକ ଟ ୨୦୯ର ଗୋଟିଏ ସ୍ୱତନ୍ତ୍ର ବୃତ୍ତି ଦିଆଯିବାର ବ୍ୟବସ୍ଥା ଅଛି । ଏ ବର୍ଷ ସେ ବୃତ୍ତି ଦୁବରାଜ ନାୟକ ପାଇଅଛନ୍ତି ।

ଚୈତ୍ର-ପର୍ବ ଓ ଛଉନାଚ

ଏ ବର୍ଷ ଚୈତ୍ର-ପର୍ବ ଉପଲକ୍ଷେ ଉଲ୍ଲାପର୍ବ, ଜୁଡ଼ାପାଠ, କଣ୍ଟାପାଠ, ଛଉନାଚ ପ୍ରଭୃତି ଉତ୍ସବମାନ ବାରିପଦାରେ ଯଥାବିଧି ପ୍ରତିପାଳିତ ହୋଇଥିଲା । ଉକ୍ତ ଉତ୍ସବମାନଙ୍କ ମଧ୍ୟରେ ମୟୂରଭଞ୍ଜର ବିଖ୍ୟାତ ଛଉନାଚ ପ୍ରଧାନ । ଗତ ବର୍ଷ ଏପ୍ରିଲ ୧୧, ୧୨, ୧୩, ତିନି ଦିନ ଉକ୍ତ ନାଚ ରାଜପ୍ରାସାଦରେ ଅନୁଷ୍ଠିତ ହୋଇଥିଲା । ଷ୍ଟେଟ୍‌ର ସର୍ବାଞ୍ଚଳରୁ ଏବଂ ନିକଟବର୍ତ୍ତୀ ବ୍ରିଟିଶ ଜିଲ୍ଲାମାନଙ୍କରୁ ବହୁ ସଂଖ୍ୟକ ଲୋକ ଛଉନାଚ ଦେଖିବା ପାଇଁ ଉକ୍ତ ତିନି ଦିନ ରାଜନଗରରେ ରୁଣ୍ଡ ହୋଇଥିଲେ । ପୁଣି, ତାଲଚେର, ନୀଳଗିରି, ଖଣ୍ଡପଡ଼ା, କାଶୀପୁରର ରାଜା, କନିକାର ରାଜକୁମାର ପ୍ରଭୃତି ବାହାରୁ ବହୁ ବିଶିଷ୍ଟ ରାଜା, ଅମ୍ଭମାନଙ୍କର ଶ୍ରୀମନ୍ ମହାରାଜାଙ୍କର ନିମନ୍ତ୍ରଣକ୍ରମେ ଏହି ଉତ୍ସବ ଦେଖିବା ନିମନ୍ତେ ବାରିପଦା ଆସିଥିଲେ । ମହାରାଜା ମହୋଦୟ ଅତିଥି ଏବଂ ରାଜବଂଶୀୟମାନଙ୍କ ସହିତ ପ୍ରତି ଦିନ ଉତ୍ସବର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥାନ୍ତି ।

ରଙ୍ଗମଞ୍ଚ ପ୍ରଭୃତିର ସାଜସଜ୍ଜା, ଆଲୋକ-ସମାବେଶ, ବେଶ-ପରିପାଟୀ, ସୁମଧୁର ବାଦ୍ୟତାନ, ନାଚର ସ୍ୱାଭାବିକ ବୈଶିଷ୍ଟ୍ୟ ଏବଂ ବହୁ ଜନ-ସମାଗମ ଉତ୍ସବଟିକୁ ବିଶେଷ ଚିତ୍ତାକର୍ଷକ କରିଥିଲା । ପୂର୍ବପ୍ରଚଳିତ ପ୍ରଥାନୁଯାୟୀ ଦକ୍ଷିଣସାହି ଓ ଉତ୍ତର-ସାହି ନାମକ ଦୁଇଟି ଦଳ ହୋଇଥିଲେ । ଉଭୟ ଦଳ ଏବର୍ଷ କେତେକ ନୂତନ ଚିତ୍ତାକର୍ଷକ ବିଷୟର ନାଚ ଦେଖାଇଥିଲେ । ଦକ୍ଷିଣସାହି ଦଳ ଏବର୍ଷ ଛଉ-ନାଚରେ ଜୟୀ ହୋଇ ତାଲଚେର ରାଜାସାହେବଙ୍କ ପ୍ରଦତ୍ତ ଶିଲ୍ଡ ଉପହାର ପାଇଥିଲେ ।

ମୟୂରଭଞ୍ଜରେ ରଥଯାତ୍ରା

ଗତ ବର୍ଷ ରଥ-ଯାତ୍ରା ମହାସମାରୋହରେ ପାଳିତ ହୋଇଥିଲା । ମୟୂରଭଞ୍ଜ ଷ୍ଟେଟର ସର୍ବାଞ୍ଚଳରୁ ଏବଂ ନିକଟବର୍ତ୍ତୀ ବାଲେଶ୍ୱର, ମେଦିନୀପୁର ଏବଂ ସିଂହଭୂମ ଜିଲ୍ଲାରୁ ବହୁସଂଖ୍ୟକ ଯାତ୍ରୀ ଯାତ୍ରା-ସମୟରେ ବାରିପଦାରେ ରୁଣ୍ଡ ହୋଇଥିଲେ । ମୋଟ ଯାତ୍ରୀ-ସଂଖ୍ୟା ପ୍ରାୟ କୋଡ଼ିଏ ହଜାର ହେବ । ଜୁନ ୨୦ ଓ ୨୧ ତାରିଖ ଦିନ ସ୍ଥାନୀୟ ପ୍ରଥାନୁଯାୟୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ଟଣା ଯାଇଥିଲା । ବାହୁଡ଼ା ରଥ-ଟଣା ଜୁନ ୨୭ ଓ ୨୮ ତାରିଖ ଦିନ ହୋଇଥିଲା ।

ମହାଭାରତବର୍ଣ୍ଣିତ ଅର୍ଜୁନ ଓ ନିବାତକବଚଙ୍କ ମଧ୍ୟରେ ଯୁଦ୍ଧର ଏକ ଦୃଶ୍ୟ ।

ଶ୍ରୀମନ୍ ମହାରାଜା ମହୋଦୟ ଯାତ୍ରା-ସମୟରେ ଗଡ଼ରେ ଉପସ୍ଥିତ ଥିଲେ ଏବଂ କୌଳିକ ପ୍ରଥାନୁଯାୟୀ ରାଜ-ବଂଶୀୟମାନଙ୍କର ସମଭିବ୍ୟାହାରରେ ସୁସଜ୍ଜିତ ହସ୍ତୀପୃଷ୍ଠରେ ଆରୋହଣ କରି ରଥ-ଟଣାରେ ଯୋଗ ଦେଇଥିଲେ ।

ବାରିପଦା ମ୍ୟୁନିସିପାଲିଟି ଷ୍ଟେଟର ସ୍ୱାସ୍ଥ୍ୟ-ବିଭାଗର ସାହାଯ୍ୟ ନେଇ ଯାତ୍ରାସମୟରେ ସହରରେ ସଂକ୍ରାମକ ରୋଗର ନିବାରଣ ନିମନ୍ତେ ବ୍ୟବସ୍ଥା କରିଥିଲେ । ଯାତ୍ରୀ-ମାନଙ୍କୁ କଲେରା ଇଂଜେକ୍‌ସନ୍ ଦିଆ ଯାଇଥିଲା । ବଜାରରେ ପଚା ସଡ଼ା ଜିନିଷ ଯେପରି ବିକ୍ରି ନ ହୁଏ ଏବଂ ଜଳବାୟୁ ଯେପରି ଦୂଷିତ ନ ହୁଏ ତାହାର ବିଶେଷ ବ୍ୟବସ୍ଥା କରାଯାଇଥିଲା ।

Digitized by srujanika@gmail.com

ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କର ଶ୍ରାଦ୍ଧ-ଦିବସ

ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ରଙ୍କର ସାମ୍ବତ୍ସରିକ ଶ୍ରାଦ୍ଧ ଗତ ଏପ୍ରିଲ ୨୧ ତାରିଖ ଦିନ ଯଥାବିଧି ଅନୁଷ୍ଠିତ ହୋଇଥିଲା । ସେଦିନ ଷ୍ଟେଟର ସମସ୍ତ ଅନୁଷ୍ଠାନ ବନ୍ଦ ଥିଲା । ପୂର୍ଣ୍ଣଚନ୍ଦ୍ର ମନ୍ଦିରଟି ନାନାରଙ୍ଗର ପୁଷ୍ପରେ ସୁସଜ୍ଜିତ ହୋଇ ଏକ ଅପୂର୍ବ ଶୋଭା ଧାରଣ



ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ସ୍ମୃତି-ମନ୍ଦିର ।

କରିଥିଲା । ସମସ୍ତ ଦିନ ପୂଜା ଓ ପ୍ରାର୍ଥନା ଚାଲିଥାଏ । ସନ୍ଧ୍ୟା ସମୟରେ ହଜାର ହଜାର ଦରିଦ୍ର ଲୋକଙ୍କୁ ଭୋଜନ ଦିଆଯାଇଥିଲା । ମୃତପତ୍ନିକା ମହାରାଣୀ ମହୋଦୟା ଉପବାସ କରି ପୂଜା ଓ ପ୍ରାର୍ଥନାରେ ଯୋଗ ଦେଇଥିଲେ । ସ୍ଥାନୀୟ ଅଫିସର ଏବଂ ଭଦ୍ରବ୍ୟକ୍ତିମାନେ ସନ୍ଧ୍ୟା ସମୟରେ ଉପସ୍ଥିତ ରହି ପୁଣ୍ୟଶ୍ଳୋକ ମହାରାଜାଙ୍କର ସ୍ମୃତିକୁ ସମ୍ମାନ ପ୍ରଦର୍ଶନ କରିଥିଲେ ।

ଶିଳ୍ପ-ଶିକ୍ଷାପାଇଁ ବୃତ୍ତି

ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନରେ ଶିଳ୍ପ-ଶିକ୍ଷା କରିବା ପାଇଁ ଚଳିତ ବର୍ଷ ଷ୍ଟେଟ୍ ପକ୍ଷରୁ ଅନେକଗୁଡ଼ିଏ ବୃତ୍ତି ଦିଆ ଯାଇଅଛି । ଦଶ ଜଣ ଛାତ୍ର ଲୁଗାବୁଣା ଶିଖିବା ପାଇଁ ମାସିକ ଟ ୬୲ ହିସାବରେ ଏକ ବର୍ଷ ପାଇଁ ବୃତ୍ତି ପାଇଅଛନ୍ତି । ରଙ୍ଗକରା ଏବଂ ଛାପଦିଆ ଶିକ୍ଷା କରିବା ନିମନ୍ତେ ଜଣେ ଛାତ୍ରଙ୍କୁ ମାସିକ ଟ ୮୲ ହିସାବରେ ଦୁଇ ବର୍ଷ ନିମନ୍ତେ ବୃତ୍ତି ଦିଆ ଯାଇଅଛି । କାଠକାମ ଶିଖିବା ପାଇଁ ଚାରିଜଣ ଛାତ୍ର ମାସିକ ଟ ୪୲ରୁ ଟ ୮୲ ପର୍ଯ୍ୟନ୍ତ ବୃତ୍ତି ପାଇଅଛନ୍ତି । ଏତଦ୍‌ବ୍ୟତୀତ ଚଉଦ ଜଣ ଛାତ୍ରଙ୍କୁ ନାନାବିଧ ଶିଳ୍ପ-ଶିକ୍ଷା ନିମନ୍ତେ ମାସିକ ଟ ୪୲ରୁ ଟ ୮୲ ପର୍ଯ୍ୟନ୍ତ ବୃତ୍ତି ଦିଆ ଯାଇଅଛି ।

ରରୁଆଁ ମଧ୍ୟଇଂରାଜୀ ବିଦ୍ୟାଳୟର ଦ୍ୱାରୋଦ୍‌ଘାଟନ

ଗତ ଏପ୍ରିଲ ମାସଠାରୁ ପାଞ୍ଚପୀଢ଼ ସବଡିଭିଜନସ୍ଥ ରରୁଆଁ ଉ: ପ୍ରା: ବିଦ୍ୟାଳୟଟିକୁ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପରିଣତ କରାଗଲା । ସ୍କୁଲପାଇଁ ଗୋଟିଏ ନୂତନ ଗୃହ ସ୍ଥାନୀୟ ଡାକବଙ୍ଗଳାର ନିକଟବର୍ତ୍ତୀ ବିସ୍ତୃତ ପ୍ରାନ୍ତରରେ ନିର୍ମିତ ହୋଇଅଛି ।

ଏହି ନବସ୍ଥାପିତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଦ୍ୱାରୋଦ୍‌ଘାଟନ କାର୍ଯ୍ୟ ଗତ ମେ ମାସ ୨ ତାରିଖ ମଙ୍ଗଳବାର ଅପରାହ୍ଣରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ଷ୍ଟେଟର ଦେୱାନ ଶ୍ରୀଯୁକ୍ତ କ୍ଷୀରୋଦଚନ୍ଦ୍ର ନିୟୋଗୀ ଉକ୍ତ ଉତ୍ସବର ପୁରୋଧା ହୋଇଥିଲେ । ସ୍ଥାନୀୟ ସର୍ଦ୍ଦାର, ପଧାନ ଏବଂ ରରୁଆଁ ଓ ତନ୍ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମର ଲୋକସାଧାରଣ ବହୁ ସଂଖ୍ୟାରେ ଏହି ଉତ୍ସବରେ ଯୋଗ ଦେଇଥିଲେ । ନିକଟବର୍ତ୍ତୀ ଅନ୍ୟାନ୍ୟ ଉଚ୍ଚପ୍ରାଥମିକ ଏବଂ ନିମ୍ନପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ । ପାଞ୍ଚପୀଢ଼ର ସବଡିଭିଜନ ଅଫିସର, ଶିକ୍ଷାବିଭାଗର ସୁପରିଣ୍ଟେଣ୍ଡେଣ୍ଟ୍ ଏବଂ ସ୍ଥାନୀୟ ଷ୍ଟେଟ କର୍ମଚାରୀମାନେ ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ବିଦ୍ୟାଳୟର ସଂକ୍ଷିପ୍ତ ଇତିହାସ, ତାହାର କ୍ରମୋନ୍ନତି ଏବଂ ଲୋକ-ସାଧାରଣଙ୍କର ଉଚ୍ଚ ଶିକ୍ଷାପ୍ରତି ଆଗ୍ରହ ପ୍ରଭୃତି ବିଷୟରେ ଗୋଟିଏ ସଂକ୍ଷିପ୍ତ ବିବରଣୀ ପାଠ କଲେ । ଉକ୍ତ ବିବରଣୀରୁ ଜଣାଗଲା ଉ: ପ୍ର: ସ୍କୁଲର ବର୍ତ୍ତମାନ ଛାତ୍ରସଂଖ୍ୟା ୨୫୧ । ନୂତନ ବିଦ୍ୟାଳୟ ନିର୍ମାଣର ପ୍ରାୟ ଦୁଇ-ତୃତୀୟାଂଶ ଖର୍ଚ୍ଚ ଗ୍ରାମବାସୀମାନେ ଚାନ୍ଦା କରି ଦେଇଥିଲେ । ଅବଶିଷ୍ଟ ଏକ-ତୃତୀୟାଂଶ ଖର୍ଚ୍ଚ ଷ୍ଟେଟକୁ ବହନ କରିବାକୁ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କର ଅଭିନୟଗୁଡ଼ିକ ଚିତ୍ତାକର୍ଷକ ହୋଇଥିଲା ।

Digitized by srujanika@gmail.com

ସଭାପତି ମହୋଦୟ ସ୍ୱୀୟ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ରାଜ୍ୟରେ ଶିକ୍ଷାର ପ୍ରସାର ଦିଗରେ ଲୋକ-ସାଧାରଣଙ୍କର ସହାନୁଭୂତି, ସହଯୋଗ ଏବଂ ଆଗ୍ରହ ଏକାନ୍ତ ଆବଶ୍ୟକ । ନବସ୍ଥାପିତ ବିଦ୍ୟାଳୟଟି ଉକ୍ତ ଅଧିବାସୀମାନଙ୍କର ସହାନୁଭୂତି ଓ ଆଗ୍ରହର ଫଳ । ସେ ଆଶା କରିଥିଲେ ପ୍ରଜାସଭାମାନଙ୍କ ସାହାଯ୍ୟରେ ଶିକ୍ଷା ଏବଂ ଅନ୍ୟାନ୍ୟ ଲୋକହିତକର ବିଷୟର ଅଭାବମାନ ଦୂରୀଭୂତ ହୋଇପାରିବ ।

ପୁସ୍ତକ-ପରିଚୟ

କୁଷ୍ମାଣ୍ଡ:—ମୂଲ୍ୟ ପାଞ୍ଚ ପଇସା, ଲେଖକ ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ, ଏଲ୍. ଏମ୍. ପି. ।

ଗୋଟିଏ କ୍ଷୁଦ୍ର ଐତିହାସିକ ଗଳ୍ପ ଅବଲମ୍ବନ କରି ଏହି କବିତାସମ୍ବଳିତ ପୁସ୍ତିକାଟି ଲିଖିତ । ଆମ ଜାତୀୟ ସାହିତ୍ୟରେ ସୁପରିଚିତ ଏବଂ ସର୍ବଜନାଦୃତ କୋଇଲି ଛନ୍ଦରେ କବିତାଟି ରଚିତ । ଯଥା:—

କୋଇଲି
ଅନୁପମା ଭାରତମାତାର
ଅଙ୍କେ ଶୋଭିଥିଲେ କେତେ ସୁସନ୍ତାନ ତାର
ଲୋ କୋଇଲି ।

ଅ ଠାରୁ କ୍ଷ ପର୍ଯ୍ୟନ୍ତ ଅକ୍ଷରଗୁଡ଼ିକର କ୍ରମ ଛନ୍ଦମାନଙ୍କର ପ୍ରଥମ ବର୍ଣ୍ଣମାନଙ୍କରେ ଅନୁସୃତ ହୋଇଅଛି । କବିତାଟି ପ୍ରାୟ ତିରିଶ ବର୍ଷ ତଳେ ଲେଖକଙ୍କ ଛାତ୍ରାବସ୍ଥାରେ ରଚିତ । ତଥାପି ଏଥିରେ ନିପୁଣ ଲେଖନୀର ସ୍ପଷ୍ଟ ପରିଚୟ ମିଳେ । ସ୍ୱର୍ଗୀୟ ବ୍ୟାସ କବି ଫକୀରମୋହନ ୧୯୧୫ ସାଲରେ ପାଣ୍ଡୁଲିପି ପଢ଼ି ଲେଖିଥିଲେ 'ଗୋଟିଏ ନବ ଯୁବକର ପ୍ରଥମ-ସାଧନା-ସାଫଲ୍ୟ ନିଶ୍ଚୟ ଆଶାନୁରୂପ ଲବ୍ଧ ହୋଇଅଛି ବୋଲି ଯାଇପାରେ ।'

ପୁସ୍ତିକାଟି ବାଳକ ବାଳିକାମାନଙ୍କର ସୁଖପାଠ୍ୟ । ଶିକ୍ଷା ବିଭାଗର ପ୍ରା଼ଇଜ ଓ ଲାଇବ୍ରେରୀ ନିମନ୍ତେ ଉପଯୁକ୍ତ ହୋଇଅଛି ।

ଭଞ୍ଜ-ପ୍ରଦୀପର ପାଠକମାନଙ୍କ ନିକଟରେ କ୍ଷୀରୋଦ ବାବୁ ସୁପରିଚିତ । ତାଙ୍କର 'କଲାକୃଷ୍ଣ କ୍ରିୟା-କଳାପ' 'ଗୃହ-ଗୃହିଣୀ' 'ତମାଖୁ-ତର୍ଜମା' 'ପାନ-ପ୍ରସଙ୍ଗ' ଲେଖାମାନଙ୍କର ବୈଶିଷ୍ଟ୍ୟ ପାଠକମାନେ ଅବଗତ ଥିବେ । ଗତ ସଂଖ୍ୟାରେ 'ଟଙ୍କଧରଙ୍କ ଟିପ' ଶୀର୍ଷକ ତାଙ୍କର ସେହି ଧରଣର ଆଉ ଗୋଟିଏ ଲେଖା ମଧ୍ୟ ପ୍ରକାଶିତ ହୋଇଅଛି । ଫଳରେ ତାଙ୍କର ପ୍ରସ୍ତାବିତ କ, ଚ, ଟ, ତ, ପ ର ଲେଖା ଶେଷ ହେଲା । ଡାକ୍ତରୀ ବ୍ୟବସାୟର ଦୈନନ୍ଦିନ ଧନ୍ଦା ମଧ୍ୟରେ କ୍ଷୀରୋଦ ବାବୁଙ୍କର ସାହିତ୍ୟ-ସେବା ଅକ୍ଷୁଣ୍ଣ ରହିଅଛି । 'କୁଷ୍ମାଣ୍ଡ' 'ବାଣୀକୁଞ୍ଜ-ବର୍ତ୍ତୀ-ବୀଥି'ର 'ପ୍ରଥମବର୍ତ୍ତୀ' । ଆମ୍ଭମାନଙ୍କର ଦୃଢ଼ବିଶ୍ୱାସ ପରବର୍ତ୍ତୀ ବର୍ତ୍ତୀଗୁଡ଼ିକ ଯଥା ସମୟରେ ବାଣୀକୁଞ୍ଜକୁ ମଣ୍ଡନ କରିବ ।

ନବସଂହିତା:—ଶ୍ରୀମତ୍ ଆଚାର୍ଯ୍ୟ କେଶବଚନ୍ଦ୍ର ସେନଙ୍କ ଦ୍ୱାରା ଇଂରାଜୀ ଭାଷାରେ ପ୍ରଣୀତ ନବବିଧାନସ୍ଥ ଆର୍ଯ୍ୟମାନଙ୍କ ନିମିତ୍ତ ପବିତ୍ର ବିଧିନିଚୟର ଉତ୍କଳାନୁବାଦ । ପୁସ୍ତକଟି ଧର୍ମପ୍ରାଣ ୬ଜଗନ୍ନାଥ ରାଉଙ୍କର ପୁତ୍ରୀ ଶ୍ରୀମତୀ ସରସ୍ୱତୀ ଦେବୀଙ୍କ ଦ୍ୱାରା ଅନୁବାଦିତ ହୋଇ ୧୯୦୦ ଖ୍ରୀଷ୍ଟାବ୍ଦରେ ଉତ୍କଳଭାଷାରେ ପ୍ରକାଶିତ ହୋଇଥିଲା । ଅଣଚାଳିଶ ବର୍ଷ ପରେ ବାରିପଦା ନବବିଧାନ ବ୍ରାହ୍ମସମାଜର ଆଚାର୍ଯ୍ୟ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କ ଦ୍ୱାରା ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହୋଇଅଛି । ଧର୍ମ-ପୁସ୍ତକ ହିସାବରେ ପୁସ୍ତକଟି ଉଚ୍ଚସ୍ଥାନ ଅଧିକାର କରିଅଛି । ବାସଭବନ, ଅଧ୍ୟୟନ, ଦାତବ୍ୟ, ସ୍ୱଜନବର୍ଗ, ଦେବାଳୟରେ ଉପାସନା, ନୈମିତ୍ତିକ କ୍ରିୟାକଳାପ, ବିବାହ ପ୍ରଭୃତି ଲୋକସାଧାରଣଙ୍କର ଦୈନନ୍ଦିନ ଜୀବନ ସହିତ ସଂପୃକ୍ତ ବିଷୟମାନଙ୍କରେ ମହାତ୍ମା କେଶବଚନ୍ଦ୍ରଙ୍କର ସାରଗର୍ଭକ ଉପଦେଶ ସମ୍ବଳିତ ପୁସ୍ତକଟି ଉତ୍କଳର ପ୍ରତ୍ୟେକ ଗୃହସ୍ଥର ପାଠ୍ୟ ହେବା ଆବଶ୍ୟକ । ୧୬୦ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ (ପ୍ରକାଶକ ଲେଖିଛନ୍ତି ସାହାଯ୍ୟ) ଚାରିଅଣା ମାତ୍ର ରଖାଯାଇଅଛି । ଦେଶର ଚତୁର୍ଦ୍ଦିଗରେ ପୁସ୍ତକର ବହୁଳ ପ୍ରଚାର ବାଞ୍ଛନୀୟ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

Digitized by srujanika@gmail.com